# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ଜାନୁୟାରୀ ୨୫/୨୦୨୦ (୨୦ ପୃଷ୍ଠା+ପିଲାଙ୍କ ଧରିତ୍ରୀ) | Bhubaneswar, Saturday, January 25/2020 | ★★★★★★

୪୬ଶ ଭାଗ ୬୩ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୪/-






*Stores only at*

**BHUBANESWAR** 621, Saheed Nagar Janpath | **BHUBANESWAR** 309, District Centre Chandrashekharpur | **BERHAMPUR** Venkataraju Arcade Sano Bazar | **CUTTACK** 558/834, Cantonment Road | **ROURKELA** Kesar Bhavan Main Road

**Open on Sundays** | Toll Free **1800 3131 777** | Follow us on



ଭାରତର ମୁଖ୍ୟ ନିର୍ବାଚନ କମିଶନର (ସିଇସି) ସୁନିଲ ଆରୋରା ଶୁକ୍ରବାର ଫୋରମ୍ ଅଫ୍ ଦି ଇଲେକ୍ଶନ ମ୍ୟାନେଜମେଣ୍ଟ ବଡିଜ୍ ଅଫ୍ ସାଉଥ୍ ଏସିଆ (ଏଫ୍ଇଏମ୍ବିଓଏସ୍ଏ)ର ନୂଆ ଅଧକ୍ଷ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ସାର୍କ ରାଷ୍ଟ୍ରଗୁଡ଼ିକର ନିର୍ବାଚନ ପରିଚାଳନା ସଂସ୍ଥାର ବାର୍ଷିକ ବୈଠକ ଅବସରରେ ଆରୋରାଙ୍କୁ ଚଳିତ ବର୍ଷ ପାଇଁ ଏହି ଦାୟିତ୍ୱ ପ୍ରଦାନ କରାଯାଇଛି। ସେ ବାଂଲାଦେଶର କେ.ଏମ୍. ନୁରୁଲ ହୁଡାଙ୍କ ଠାରୁ ଅଧକ୍ଷ ଦାୟିତ୍ୱ ଗ୍ରହଣ କରିଛନ୍ତି।

# କରୋନା ନେଲାଣି ୨୬ ମୁଣ୍ଡ

ବେଜିଂ,୨୪।୧(ପି.ଟି.)

ଚାଇନାରେ କରୋନା ଭୂତାଣୁ ନେଲାଣି ୨୬ ଜୀବନ। ସେଠାରେ ସ୍ଥିତି ଅଣାୟତ୍ତ ହୋଇପଡ଼ିଛି। ୮୩୦ରୁ ଊର୍ଦ୍ଧ୍ୱ ଏହି ଭୂତାଣୁ ଦ୍ୱାରା ଆକ୍ରାନ୍ତ ହୋଇଛନ୍ତି। ସଂକ୍ରମଣକୁ ନିୟନ୍ତ୍ରଣ କରିବା ଲାଗି ଚାଇନା ସରକାର ଗୋଟିଏ ପରେ ଗୋଟିଏ ପଦକ୍ଷେପ ଗ୍ରହଣ କରୁଛନ୍ତି। ଏହି ମାରାତ୍ମକ ଭୂତାଣୁର କେନ୍ଦ୍ରସ୍ଥଳ କୁହାଯାଉଥିବା ୟୁହାନ ସମେତ ୧୩ଟି ସହରକୁ ଗମନାଗମନ ବନ୍ଦ କରିଦିଆଯିବା ସହ ଏହି ସହରଗୁଡ଼ିକୁ ବାହ୍ୟଜଗତରୁ ଏକପ୍ରକାର ବିଚ୍ଛିନ୍ନ କରିଦିଆଯାଇଛି। ଫଳରେ ୪୧ ନିୟୁତ ଲୋକ ପ୍ରଭାବିତ ହୋଇଛନ୍ତି। ୟୁହାନକୁ କେହି ନ ଯିବା ପାଇଁ ପୂର୍ବରୁ ସରକାର ଆଡଭାଇଜରି ଜାରି କରିଥିଲେ। କରୋନା ସଂକ୍ରମିତ ରୋଗୀଙ୍କ ଚିକିତ୍ସା ପାଇଁ ୟୁହାନରେ ହଜାର ଶଯ୍ୟା ବିଶିଷ୍ଟ ହସ୍ପିଟାଲ ନିର୍ମାଣ କରାଯାଉଛି। ୬ ଦିନରେ ହସ୍ପିଟାଲ ନିର୍ମାଣ ସମ୍ପୂର୍ଣ୍ଣ ହେବ। କେନ୍ଦ୍ରୀୟ ହୁବେଇ ପ୍ରଦେଶର ଜିଆନିଆଙ୍ଗ, ଜିଆଓଗାନ, ଇନ୍ଶି, ଝିଜିଆଙ୍ଗ ସହରକୁ ବସ୍ ଓ ଟ୍ରେନ୍ ଚଳାଚଳ ସମେତ ସାଧାରଣ ପରିବହନ ସେବା ବନ୍ଦ କରିଦିଆଯାଇଛି। ସାର୍ସ (ସିଭିୟର ଆକ୍ୟୁଟ୍ ରେସ୍ପିରେଟୋରି ସିଣ୍ଡ୍ରୋମ୍) ସହ ଏହି ଭାଇରସ୍‌ର ସାମଞ୍ଜସ୍ୟ ରହିଥିବାରୁ ଏହାକୁ ନେଇ ଆତଙ୍କ ଖେଳିଯାଇଛି। ୨୦୦୨-୦୩ରେ ସାର୍ସ ସଂକ୍ରମଣ ଯୋଗୁ ଚାଇନା ଓ ହଂକଂରେ ୬୫୦ ଲୋକଙ୍କ ମୃତ୍ୟୁ ଘଟିଥିଲା। ପ୍ରତିକାର ବ୍ୟବସ୍ଥା ସ୍ୱରୂପ ଝିଜିଆଙ୍ଗ, ଇନ୍ଶି ସହ ସମସ୍ତ ବ୍ୟବସାୟ କାରବାର ବନ୍ଦ ରଖିଛି। ସେହିପରି ଜିଙ୍ଗଝୋଉ ସହରରୁ ରେଳସେବା ବନ୍ଦ ରଖାଯାଇଛି। ହୁଆଙ୍ଗଶି ଶୁକ୍ରବାର ସ୍ଥଳପଥ ସହ ଜଳପଥ ପରିବହନ ରୁଟ୍‌କୁ ବନ୍ଦ କରିଛି।

କରୋନା ଭୂତାଣୁ ସଂକ୍ରମଣକୁ ନେଇ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍ଓ) ଉଦ୍‌ବେଗ ପ୍ରକାଶ କରିବା ସହ ଚାଇନା ପାଇଁ ଜରୁରୀ ପରିସ୍ଥିତି ଜାରି କରିଛି। ଫଳରେ ଚାଇନା କର୍ତ୍ତୃପକ୍ଷ ଚାନ୍ଦ୍ର ନବବର୍ଷରେ ବିଭିନ୍ନ ମନ୍ଦିରକୁ ବନ୍ଦ ରଖିଛନ୍ତି। ଏପରିକି ଫର୍‌ବିଡିନ୍ ସିଟି ଓ ଗ୍ରେଟ୍ ୱାଲ୍‌ର କିଛି ଅଂଶକୁ ମଧ ବନ୍ଦ କରିଦିଆଯାଇଛି। ନବବର୍ଷ ଛୁଟି ଆରମ୍ଭ ହୋଇଥିବାବେଳେ ଭୂତାଣୁ ସଂକ୍ରମଣ ଭୟ ବୃଦ୍ଧି ପାଇଛି। ଲୋକମାନଙ୍କୁ ବାହାରକୁ ନ ଯିବା ଲାଗି ପରାମର୍ଶ ଦିଆଯାଇଛି। ଦକ୍ଷିଣ କୋରିଆ, ଥାଇଲାଣ୍ଡ, ଭିଏତ୍‌ନାମ, ସିଙ୍ଗାପୁର, ଜାପାନ, ଭାରତ, ତାଇୱାନ, ବ୍ରିଟେନ୍ ଓ ଆମେରିକାରେ ମଧ ଏହି ଭୂତାଣୁ ଚିହ୍ନଟ ହେଲେଣି।

ୟୁହାନରେ ଗତମାସଠାରୁ ଆରମ୍ଭ ହୋଇଥିବା ଏହି ଭୂତାଣୁ ସଂକ୍ରମଣ ଯୋଗୁ ଫାର୍ମାସିଗୁଡ଼ିକରେ ଯୋଗାଣ ସଙ୍କଟ ଦେଖାଯାଇଛି। ଭୟଭୀତ ଲୋକମାନେ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ବହୁସଂଖ୍ୟାରେ ହସ୍ପିଟାଲ ଆସୁଥିବା ଦେଖାଯାଇଛି। ପ୍ରଥମେ ପ୍ରାଣୀ ଶରୀରରୁ ଏହି ଭୂତାଣୁ ମଣିଷ ଦେହକୁ ସଂକ୍ରମିତ ହୋଇଥିଲା। ପରେ ଏହା ଜଣକଠାରୁ ଅନ୍ୟ ଜଣକୁ ବ୍ୟାପୁଥିବାରୁ ସଂକ୍ରମିତ ବ୍ୟକ୍ତିଙ୍କଠାରୁ ଦୂରେଇ ରହିବାକୁ ପରାମର୍ଶ ଦିଆଯାଇଛି। ୧୧ ନିୟୁତ ଜନସଂଖ୍ୟା ବିଶିଷ୍ଟ ୟୁହାନ ଏବଂ ୭ ନିୟୁତ ଲୋକ ରହୁଥିବା ହୁଆଙ୍ଗଗାଙ୍ଗ ସହରକୁ ସମ୍ପୂର୍ଣ୍ଣ ବନ୍ଦ କରିଦିଆଯାଇଛି।



ନୂଆ ଚାନ୍ଦ୍ରବର୍ଷ ପାଳନବେଳେ ହଂକଂରେ ସଂକ୍ରମଣ ଭୟରେ ମାସ୍କ ପିନ୍ଧି ରାସ୍ତାକୁ ଓହ୍ଲାଇଛନ୍ତି ଲୋକେ।

**ଚାଇନା ସ୍ଥିତି ଅଣାୟତ୍ତ**

- ୧୩ ସହରକୁ ପରିବହନ ସେବା ବନ୍ଦ
- ୪୧ ନିୟୁତ ପ୍ରଭାବିତ
- ବନ୍ଦ ରହିଲା ଗ୍ରେଟ୍ ୱାଲ୍
- ଚାଇନା ପାଇଁ ଜରୁରୀ ସ୍ଥିତି ଜାରି କଲା ଡବ୍ଲ୍ୟୁଏଚ୍ଓ

## ଦିଲ୍ଲୀରେ ବ୍ରାଜିଲ ରାଷ୍ଟ୍ରପତି

ନୂଆଦିଲ୍ଲୀ,୨୪।୧(ପି.ଟି.)

ବ୍ରାଜିଲ ରାଷ୍ଟ୍ରପତି ଜୈର୍ ବୋଲ୍‌ସୋନାରୋ ୪ଦିନିଆ ଭାରତ ଗସ୍ତରେ ଆସି ଶୁକ୍ରବାର ନୂଆଦିଲ୍ଲୀରେ ପହଞ୍ଚିଛନ୍ତି। ତାଙ୍କର ଏହି ଗସ୍ତ ଦୁଇଦେଶ ମଧ୍ୟରେ ସାମରିକ ସହଯୋଗ ବୃଦ୍ଧିରେ ସହାୟକ ହେବ ବୋଲି କୁହାଯାଉଛି। ଭାରତର ୭୧ତମ ସାଧାରଣତନ୍ତ୍ର ଦିବସରେ ବୋଲ୍‌ସୋନାରୋ ମୁଖ୍ୟ ଅତିଥି ହେବେ। ଏଥିସହିତ ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ସହ ଆଲୋଚନା କରିବେ। ବୋଲ୍‌ସୋନାରୋଙ୍କ ସହ ୮ ମନ୍ତ୍ରୀ, ୪ ପାର୍ଲାମେଣ୍ଟ ସଦସ୍ୟ, ବରିଷ୍ଠ ଅଧିକାରୀ ଓ ବ୍ୟବସାୟ ପ୍ରତିନିଧି ଆସିଛନ୍ତି।



## ଆଇନ ହେଲା ବ୍ରେକ୍‌ଜିଟ ଚୁକ୍ତି

ଲଣ୍ଡନ,୨୪।୧(ଆଇଏଏନ୍ଏସ୍)

ବ୍ରିଟିଶ୍ ପ୍ରଧାନମନ୍ତ୍ରୀ ବୋରିସ୍ ଜନ୍‌ସନଙ୍କ ବ୍ରେକ୍‌ଜିଟ ଚୁକ୍ତି ସମସ୍ତ ପାର୍ଲାମେଣ୍ଟାରୀ ପ୍ରତିବନ୍ଧକ ଅତିକ୍ରମ କରି ରାଣୀଙ୍କ ମଞ୍ଜୁରୀ ପାଇବା ପରେ ଆଇନରେ ପରିଣତ ହୋଇଛି। ଫଳରେ ୟୁରୋପୀୟ ସଂଘ (ଇୟୁ)ରୁ ବ୍ରିଟେନ ବାହାରିଯିବା ପାଇଁ ପଥ ପରିଷ୍କାର ହୋଇଯାଇଛି। ଏନେଇ ଉପବାଚସ୍ପତି ନିଗେଲ ଏଭାନ ଘୋଷଣା କରିବା ପରେ ଏମ୍‌ପିମାନେ ଖୁସି ବ୍ୟକ୍ତ କରିଥିଲେ। ଦୀର୍ଘ ୩ ବର୍ଷର ବିବାଦ ପରେ ବୁଧବାର ରାତିରେ ପାର୍ଲାମେଣ୍ଟ ବିଲ୍‌କୁ ଚୂଡ଼ାନ୍ତ ଅନୁମୋଦନ କରିଥିଲା। ବ୍ରେକ୍‌ଜିଟ ଆଇନକୁ ୟୁରୋପୀୟ ସଂଘ ମଞ୍ଜୁରୀ ଦେବା ପରେ ଯୋଜନା ମୁତାବକ ୩୧ ତାରିଖ ରାତି ୧୧ରେ ବ୍ରିଟେନ ଇୟୁରୁ ବାହାରିଯିବ।

## ନୂଆ ଭାରତ ନିର୍ମାଣ ଲାଗି କର୍ତ୍ତବ୍ୟକୁ ଗୁରୁତ୍ୱ ଦିଅ



**ପିଲାଙ୍କୁ ପ୍ରଧାନମନ୍ତ୍ରୀଙ୍କ ପରାମର୍ଶ**

ନୂଆଦିଲ୍ଲୀ,୨୪।୧(ପି.ଟି.)

ଦେଶ ପାଇଁ କର୍ତ୍ତବ୍ୟ କରି ଉଦାହରଣ ସୃଷ୍ଟି କରିବା ସହ ନୂଆ ଭାରତ ନିର୍ମାଣ କାର୍ଯ୍ୟକୁ ଆଗେଇ ନେବାରେ ସହାୟକ ହେବାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁକ୍ରବାର ଯୁବପିଢ଼ିଙ୍କୁ ପରାମର୍ଶ ଦେଇଛନ୍ତି। ସାଧାରଣତନ୍ତ୍ର ଦିବସ ପରେଡ୍‌ରେ ଭାଗନେବାକୁ ଥିବା ପିଲାମାନଙ୍କୁ ଉଦ୍‌ବୋଧନ ଦେଇ ପ୍ରଧାନମନ୍ତ୍ରୀ କହିଥିଲେ, ଭୌଗୋଳିକ ଓ ସାମାଜିକ ବିଭିନ୍ନତା ଭାରତୀୟ ମହାନତାରେ ବିଶେଷତ୍ୱ। ତେଣୁ ଦେଶର କୌଣସି ବ୍ୟକ୍ତି ଓ ଅଞ୍ଚଳ ଯେପରି ପଛରେ ପଡ଼ି ନ ଯାଏ, ତାହା ଆମକୁ ସୁନିଶ୍ଚିତ କରିବାକୁ ହେବ। ଏହା ହେଉଛି ସାଧାରଣତନ୍ତ୍ର ଦିବସ ପରେଡ୍ ପଛର ଉଦ୍ଦେଶ୍ୟ। ବିଭିନ୍ନ ଚିନ୍ତାଧାରା ଓ ମୂଲ୍ୟବୋଧକୁ ନେଇ ଭାରତ ଏକ ଜୀବନଶକ୍ତି ବୋଲି ମୋଦି କହିଥିଲେ।

ରାଷ୍ଟ୍ରୀୟ ବାଲ୍ ପୁରସ୍କାର ପାଇଥିବା ପିଲାମାନଙ୍କ ସହ ମୋଦି ଭାବ ବିନିମୟ କରିଥିଲେ। ସେ ପିଲାମାନଙ୍କ କାର୍ଯ୍ୟରେ ଅନୁପ୍ରାଣିତ ବୋଲି ମତ ରଖିଥିଲେ। ପିଲାମାନଙ୍କ ସାହସିକ କାର୍ଯ୍ୟର ଉଚ୍ଚ ପ୍ରଶଂସା କରିବା ସହିତ ଶାରୀରିକ ଭାବେ ସକ୍ରିୟ ରହିବା ଲାଗି ପରାମର୍ଶ ଦେଇଥିଲେ ପ୍ରଧାନମନ୍ତ୍ରୀ। ନବପ୍ରବର୍ତ୍ତନ, ସାମାଜିକ ସେବା, ଶିକ୍ଷା, କ୍ରୀଡ଼ା, କଳା ଓ ସଂସ୍କୃତି ଏବଂ ସାହସିକତା କ୍ଷେତ୍ରରେ ଅବଦାନ ଓ ଉତ୍କର୍ଷତା ପାଇଁ ୪୯ ଜଣ ପିଲାମାନଙ୍କୁ ରାଷ୍ଟ୍ରପତି ରାମନାଥ କୋବିନ୍ଦ ଦୁଇଦିନ ପୂର୍ବେ ପ୍ରଧାନମନ୍ତ୍ରୀ ବାଲ୍ ପୁରସ୍କାର ପ୍ରଦାନ କରିଥିଲେ।

## 'କେ-୪' ପରୀକ୍ଷା ସଫଳ



**ନୂଆଦିଲ୍ଲୀ,୨୪।୧(ପି.ଟି.):** ଭାରତ ଶୁକ୍ରବାର ସଫଳତାର ସହ କେ-୪ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ପରୀକ୍ଷା କରିଛି। ୨୦୦୦ କିଲୋଗ୍ରାମ ଆଣବିକ କିମ୍ବା ପାରମ୍ପରିକ ଅସ୍ତ୍ର ବହନ କରି ୩୫୦୦ କିଲୋମିଟର ଲକ୍ଷ୍ୟଭେଦ କରିପାରୁଥିବା ଏହି କ୍ଷେପଣାସ୍ତ୍ରକୁ ବିଶାଖାପାଟଣା ଉପକୂଳରୁ ପରୀକ୍ଷା କରାଯାଇଛି। ଡିଆର୍‌ଡିଓ ଦ୍ୱାରା ବିକଶିତ ଏହି କ୍ଷେପଣାସ୍ତ୍ରକୁ ବୁଡ଼ାଜାହାଜରୁ ନିକ୍ଷେପ କରାଯାଇପାରିବ। ୬ ଦିନ ମଧ୍ୟରେ କେ-୪ ଅନ୍ତର୍ମହାଦେଶୀୟ ବାଲିଷ୍ଟିକ୍ କ୍ଷେପଣାସ୍ତ୍ରର ଏହା ଦ୍ୱିତୀୟ ପରୀକ୍ଷଣ। ଗତ ରବିବାର ଆନ୍ଧ୍ରପ୍ରଦେଶ ଉପକୂଳରୁ ଏହାର ପରୀକ୍ଷା କରାଯାଇଥିଲା। ଭାରତର ଅରିହନ୍ତ ଶ୍ରେଣୀର ଆଣବିକ ବୁଡ଼ାଜାହାଜରେ ସାମିଲ ହେବାକୁ ଥିବା କେ-୪ ପାକିସ୍ତାନର ଯେକୌଣସି ସ୍ଥାନ ସମେତ ଚାଇନାର ଅଧିକାଂଶ ଅଞ୍ଚଳକୁ ଲକ୍ଷ୍ୟଭେଦ କରିବା କ୍ଷମତା ରଖିଛି।

## ତଥ୍ୟ ଦେଉନାହିଁ ତିହାର ଜେଲ୍, କୋର୍ଟ ଗଲେ ଦୋଷୀ

ନୂଆଦିଲ୍ଲୀ,୨୪।୧

ନିର୍ଭୟା ବଳାତ୍କାର, ହତ୍ୟା ମାମଲାର ଅନ୍ୟ ୨ ଦୋଷୀ ଅକ୍ଷୟ କୁମାର ସିଂ ଓ ପଓ୍ୱନ ସିଂଙ୍କ ଓକିଲ ଏ.ପି. ସିଂ ତିହାର ଜେଲ୍ ଅଧିକାରୀ ତଥ୍ୟ ଦେବାରେ ଜାଣିଶୁଣି ବିଳମ୍ବ କରୁଛନ୍ତି ବୋଲି ଅଭିଯୋଗ କରିବା ସହ ଦିଲ୍ଲୀ କୋର୍ଟରେ ଅପିଲ କରିଛନ୍ତି। କ୍ୟୁରେଟିଭ୍ ପିଟିଶନ ଦାଖଲକରିବା ଲାଗି ଆବଶ୍ୟକ ଏହି କାଗଜପତ୍ର ଜେଲ୍ ଅଧିକାରୀ ଅଟକାଇ ରଖିଥିବା ଦର୍ଶାଯାଇଛି। ଏହି ଆବେଦନର ଶୁଣାଣି କୋର୍ଟ ଶନିବାର କରିବାର କାର୍ଯ୍ୟକ୍ରମ ରହିଛି। ପ୍ରକାଶଥାଉ କି, ସୁପ୍ରିମକୋର୍ଟ ପୂର୍ବରୁ ୨ ଦୋଷୀ ବିନୟ କୁମାର ଶର୍ମା ଓ ମୁକେଶ ସିଂଙ୍କ କ୍ୟୁରେଟିଭ ପିଟିଶନକୁ ଖାରଜ କରିଦେଇଥିଲେ। ୪ ଦୋଷୀଙ୍କୁ ଫେବୃୟାରୀ ୧ ସକାଳ ୬ଟାରେ ଫାଶୀ ଦିଆଯିବାକୁ ପ୍ରସ୍ତୁତି ଚାଲିଛି। ଫାଶୀରେ ବିଳମ୍ବ ଲାଗି ଓକିଲ ଏଭଳି ଚାଲ୍ ଖେଳୁଥିବା ଦିଲ୍ଲୀ ଉପମୁଖ୍ୟମନ୍ତ୍ରୀ ମନୀଷ୍ ସିସୋଡିଆ ପ୍ରକାଶ କରିଛନ୍ତି। ଶୀଘ୍ର ନ୍ୟାୟ ପ୍ରଦାନ ଲାଗି ଆଇନରେ କେତେକ ସଂଶୋଧନ କରାଯିବା ଉଚିତ ବୋଲି ସେ ମତ ଦେଇଛନ୍ତି।

- କ୍ୟୁରେଟିଭ୍ ପିଟିଶନ ଦାଖଲ ଲାଗି ଅନ୍ୟ ୨ ନିର୍ଭୟା ଦୋଷୀଙ୍କ ପ୍ରସ୍ତୁତି
- ଫାଶୀରେ ବିଳମ୍ବ କରିବାକୁ ଓକିଲଙ୍କ ଚାଲ୍: ସିସୋଡିଆ

## କପିଲ ମିଶ୍ରାଙ୍କ ବିରୋଧରେ ମାମଲା

ନୂଆଦିଲ୍ଲୀ,୨୪।୧

ଦିଲ୍ଲୀର ଭାଜପା ନେତା କପିଲ ମିଶ୍ରାଙ୍କ ସାମ୍ପ୍ରଦାୟିକ ଟୁଇଟ୍‌କୁ ନେଇ କଠୋର ହୋଇଛନ୍ତି ନିର୍ବାଚନ କମିଶନ(ଇସି)। ତାଙ୍କ ବିରୋଧରେ ମାମଲା ରୁଜୁ କରିବା ପାଇଁ ଇସି ଶୁକ୍ରବାର ଦିଲ୍ଲୀ ପୋଲିସକୁ ନିର୍ଦ୍ଦେଶ ଦେଇଛନ୍ତି। ନୂଆଦିଲ୍ଲୀର ଶାହିନବାଗରେ ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ)କୁ ବିରୋଧ କରି ମାସାଧିକ କାଳ ହେବ ବିକ୍ଷୋଭ ଚାଲିଛି। ଫେବୃୟାରୀ ୮ରେ ଦିଲ୍ଲୀରେ ବିଧାନସଭା ନିର୍ବାଚନ ହେବାକୁ ଥିବାରୁ ରାଜନୈତିକ ପାଣିପାଗ ସରଗରମ ରହିଛି। ଏଭଳି ସମୟରେ ଏହାକୁ ତାଚ୍ଛଲ୍ୟ କରି ଭାଜପା ପ୍ରାର୍ଥୀ କପିଲ ମିଶ୍ରା ଗୁରୁବାର ଟୁଇଟ୍ କରିଥିଲେ, ଆଇନକୁ ପାଳନ କରାଯାଉ ନ ଥିବା ସ୍ଥାନଗୁଡ଼ିକ ହେଉଛି ମିନି ପାକିସ୍ତାନ।



[ଇତିହାସର ଆଇନାରେ]

**ଜାନୁୟାରୀ ୨୫ର ପ୍ରମୁଖ ଘଟଣା**

୨୦୦୫ ଜାନୁୟାରୀ ୨୫ରେ ମହାରାଷ୍ଟ୍ରର ସତାରା ଜିଲାରେ ଥିବା ମନ୍ଧେରଦେବୀ ମନ୍ଦିରରେ ଦଳାଚକଟା ହେବାରୁ ଏଥିରେ ୨୫୦ରୁ ଅଧିକ ଲୋକ ପ୍ରାଣ ହରାଇଥିଲେ। ଶକମ୍ବରୀ ପୂର୍ଣ୍ଣିମା ଲାଗି ଏଠାରେ ପ୍ରାୟ ୩ ଲକ୍ଷ ଭକ୍ତଙ୍କ ସମାଗମ ହୋଇଥିଲାବେଳେ ଗହଳି ଯୋଗୁ ଦଳାଚକଟା ହୋଇଥିଲା।

୨୦୧୩ ଜାନୁୟାରୀ ୨୫ରେ ଭେନିଜୁଏଲାର ଉରିବାନା ଜେଲରେ ଗଣ୍ଡଗୋଳ ପରେ ଦଙ୍ଗା ସୃଷ୍ଟି ହେବାରୁ ପ୍ରାୟ ୬୭ ଜଣ ପ୍ରାଣ ହରାଇଥିଲେ। ୧୨୦ରୁ ଊର୍ଦ୍ଧ୍ୱ ଆହତ ମଧ ହୋଇଥିଲେ। କଏଦୀ ଓ ସୁରକ୍ଷାକର୍ମୀଙ୍କ ମଧ୍ୟରେ ପ୍ରଥମେ ଝଗଡ଼ା ପରେ ଉଗ୍ର ହୀଂସାକାଣ୍ଡ ଦେଖିବାକୁ ମିଳିଥିଲା।

## ହିଂସାରେ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେଉ

**ରାଷ୍ଟ୍ରପତିଙ୍କୁ ୧୫୪ ବିଶିଷ୍ଟ ନାଗରିକଙ୍କ ଦାବିପତ୍ର**

**ନୂଆଦିଲ୍ଲୀ,୨୪।୧:** ସିଏଏ ଓ ଏନ୍‌ଆର୍‌ସିକୁ ବିରୋଧ କରିବା ଆଳରେ ବିକ୍ଷୋଭ ସହ ହିଂସାକାଣ୍ଡ ଭିଆଉଥିବା ବ୍ୟକ୍ତିଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ୧୫୪ ବିଶିଷ୍ଟ ନାଗରିକ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ନିକଟରେ ଶୁକ୍ରବାର ଦାବି କରିଛନ୍ତି। ବିଭିନ୍ନ ଅବସରପ୍ରାପ୍ତ ବରିଷ୍ଠ ସରକାରୀ ଅଧିକାରୀ, ବିଦ୍ୱାନ, ସାମ୍ବିଧାନିକ ପଦବୀରେ ଥିବା ବ୍ୟକ୍ତି ଗଣତନ୍ତ୍ରର ସୁରକ୍ଷା ଲାଗି ଏହାର ଆବଶ୍ୟକତା ରହିଥିବା ଦର୍ଶାଇଛନ୍ତି। କେନ୍ଦ୍ରୀୟ ପ୍ରଶାସନିକ ଟ୍ରିବ୍ୟୁନାଲର ଅଧକ୍ଷ, ସିକିମ ହାଇକୋର୍ଟର ପୂର୍ବତନ ମୁଖ୍ୟ ବିଚାରପତି ପ୍ରମୋଦ କୋହଲି ଏହି ବିଶିଷ୍ଟ ନାଗରିକଙ୍କ ନେତୃତ୍ୱ ନେଇ ରାଷ୍ଟ୍ରପତିଙ୍କୁ ସାକ୍ଷାତ କରିଛନ୍ତି। ପ୍ରତିନିଧି ମଣ୍ଡଳୀରେ ୧୧ ପୂର୍ବତନ ହାଇକୋର୍ଟ ବିଚାରପତି, ୭୨ ଜଣ ପୂର୍ବତନ ସରକାରୀ ଅଧିକାରୀ, ୫୬ ପୂର୍ବତନ ସେନା ଅଧିକାରୀ, ଆଇଏଏସ୍, ଆଇପିଏସ୍, ଆଇଏଫ୍ଏସ୍, ଶିକ୍ଷାବିତ୍ ଓ ବିଦ୍ୱାନ ବ୍ୟକ୍ତିମାନେ ଅଛନ୍ତି। ବିକ୍ଷୋଭ ଓ ହିଂସାକାଣ୍ଡ ପଛରେ ରାଜନୈତିକ ଓ ବାହ୍ୟ ତତ୍ତ୍ୱର ସମ୍ପର୍କ ରହିଥିବା କୁହାଯାଇଛି। ବିଭ୍ରାନ୍ତିକର ପରିସ୍ଥିତି ସୃଷ୍ଟିକରି ଏମାନେ ଦେଶକୁ ଭାଗ ଭାଗ କରିବା ଲାଗି ଚେଷ୍ଟା କରୁଥିବା ଅଭିଯୋଗ କରାଯାଇଛି। ସିଏଏ ଭାରତୀୟ ନାଗରିକଙ୍କ କୌଣସି ଅସୁବିଧା କରୁ ନ ଥିବାବେଳେ ଅଯଥାରେ ବିଭ୍ରାନ୍ତିକର ପରିସ୍ଥିତି ସୃଷ୍ଟି କରାଯାଇ ଲୋକଙ୍କୁ ବିପଥଗାମୀ କରାଯାଉଛି। ବିକ୍ଷୋଭ ସହ ହିଂସା, ପୋଡ଼ାଜଳା, ଭଙ୍ଗାରୁଜା କରାଯାଇ ଅଶାନ୍ତ ବାତାବରଣ ସୃଷ୍ଟି କରାଯାଉଛି। ଏହି ହିଂସାରେ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଉଚିତ ବୋଲି ଦାବିପତ୍ରରେ କୁହାଯାଇଛି।

## ବିଜ୍ଞାନ ବାର୍ତ୍ତାକୁ ଶୁଣୁ ଭାରତ

ଡାଭୋସ୍,୨୪।୧

'ବିଜ୍ଞାନକୁ ଶୁଣ'। ଜଳବାୟୁ ପରିବର୍ତ୍ତନର ଭୟାବହତାରୁ ମୁକ୍ତିପାଇବା ପାଇଁ ଡାଭୋସ୍ ମଞ୍ଚରୁ ଶୁକ୍ରବାର ଭାରତକୁ ଏହି ବାର୍ତ୍ତା ଦେଇଛନ୍ତି ସ୍ୱଳ୍ପବୟସ୍କା ପରିବେଶ କର୍ମୀ ଗ୍ରେଟା ଥନ୍‌ବର୍ଗ। ଅନ୍ୟପକ୍ଷରେ ବିଶ୍ୱ ଅର୍ଥନୈତିକ ମଞ୍ଚ (ଡବ୍ଲ୍ୟୁଇଏଫ୍)ରେ ଜଳବାୟୁ ପରିବର୍ତ୍ତନର ମୁକାବିଲା ପାଇଁ ଉଦ୍ଦିଷ୍ଟ ଦାବିଗୁଡ଼ିକୁ ସମ୍ପୂର୍ଣ୍ଣ ରୂପେ ଅଣଦେଖା କରାଯାଇଥିବା ଦର୍ଶାଇ ସେ କ୍ଷୋଭବ୍ୟକ୍ତ କରିଛନ୍ତି। ଡୋଭୋସ୍‌ରେ ଚାଲିଥିବା ଡବ୍ଲ୍ୟୁଇଏଫ୍ ସମ୍ମିଳନୀର ଶେଷଦିନରେ ସୁଇସ୍ କି ରିସର୍ଟରେ ଏକ ଖବରଦାତା ସମ୍ମିଳନୀକୁ ସମ୍ବୋଧିତ କରି ୧୭ ବର୍ଷୀୟା ପରିବେଶବିତ୍ ଗ୍ରେଟା କହିଛନ୍ତି, ଭାରତରେ ଜଳବାୟୁ ପରିବର୍ତ୍ତନର ପ୍ରଭାବ ଭୟାବହ ହେଲାଣି। ବିଶ୍ୱର ଅନ୍ୟ ଦେଶଗୁଡ଼ିକରେ ମଧ ସମାନ ଅବସ୍ଥା ସୃଷ୍ଟି ହୋଇଥିବାରୁ ଜୀବାଶ୍ମ ଇନ୍ଧନରୁ ତୁରନ୍ତ ପୁଞ୍ଜିପ୍ରତ୍ୟାହାର ପାଇଁ ସେ କର୍ପୋରେଟ ସେକ୍ଟରକୁ ଅନୁରୋଧ କରିଥିଲେ। ହେଲେ ତାଙ୍କ ଦାବିଗୁଡ଼ିକୁ ସମ୍ପୂର୍ଣ୍ଣ ଅଣଦେଖା କରାଯାଇଛି। ସମ୍ମିଳନୀର ଏହି ୫୦ତମ ସଂସ୍କରଣରେ ଗ୍ରେଟା ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଆମେରିକାର ସଚିବ ଷ୍ଟିଭେନ୍ ମୁଚିନ୍ ଗୁରୁବାର ତାଙ୍କ ଉଦ୍ଦେଶ୍ୟରେ କହିଥିଲେ, ଏହି ସ୍ୱଳ୍ପବୟସ୍କା ଝିଅ ଅର୍ଥନୀତି ପଢ଼ିବାକୁ ଯାଆନ୍ତୁ। ଏହି ମନ୍ତବ୍ୟର ପ୍ରତିକ୍ରିୟାରେ ସେ କହିଛନ୍ତି, ଏହାର କିଛି ପ୍ରଭାବ ପଡ଼ିବ ନାହିଁ। ଆମକୁ ସବୁବେଳେ ଏମିତି ସମାଲୋଚନା କରାଯାଉଛି। ସେଗୁଡ଼ିକୁ ଶୁଣିଥିଲେ ଆମେ ଯାହା ଚାହୁଁଛୁ ତାହା କରିପାରି ନ ଥାନ୍ତୁ।



**ଡାଭୋସ୍‌ରେ ଜଳବାୟୁ ସଂକ୍ରାନ୍ତ ଦାବିଗୁଡ଼ିକୁ ସମ୍ପୂର୍ଣ୍ଣ ରୂପେ ଅଣଦେଖା କରାଯାଇଛି: ଗ୍ରେଟା ଥନ୍‌ବର୍ଗ**

DSPL - 241

ଜାତୀୟ ଭୋଟର ଦିବସ
ତା୨୫।୦୧।୨୦୨୦
ରାଜ୍ୟସ୍ତରୀୟ ସମାରୋହ

କାର୍ଯ୍ୟସୂଚୀ
ସକାଳ ୭.୩୦ ଘଟିକା : ମାଷ୍ଟରକ୍ୟାଣ୍ଟିନ ଛକରୁ ରବୀନ୍ଦ୍ରମଣ୍ଡପ ପର୍ଯ୍ୟନ୍ତ ଭୋଟର ସଚେତନତା ରାଲି
ସାଧାରଣ ସଭା
ସ୍ଥାନ: ରବୀନ୍ଦ୍ରମଣ୍ଡପ : ସମୟ: ପୂର୍ବାହ୍ଣ ୧୦.୦୦ ଘଟିକା
ମୁଖ୍ୟ ଅତିଥି : ପ୍ରଫେସର ଗଣେଶୀ ଲାଲ, ମାନ୍ୟବର ରାଜ୍ୟପାଳ, ଓଡ଼ିଶା

- ନୂତନ ଭାବେ ପଞ୍ଜୀକୃତ ହୋଇଥିବା ଭୋଟରମାନଙ୍କୁ ପରିଚୟପତ୍ର ପ୍ରଦାନ କରିବା ସଙ୍ଗେ ସଙ୍ଗେ ଭୋଟର ସଙ୍କଳ୍ପ।

ମୁଖ୍ୟ ନିର୍ବାଚନ ଅଧିକାରୀ, ଓଡ଼ିଶା

ଭୋଟର ସାକ୍ଷରତା
ସୁଦୃଢ଼ ଗଣତନ୍ତ୍ର

NATIONAL VOTERS' DAY, 2020
ଜାତୀୟ ଭୋଟର ଦିବସ, ୨୦୨୦

12001/13/0027/1920

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ଜାନୁୟାରୀ ୨୫/୨୦୨୦ | Bhubaneswar, Saturday, January 25/2020 | ପୃଷ୍ଠା-୧



## ବଙ୍ଗୀୟ ଅଭିନେତ୍ରୀଙ୍କ ବାୟୋପିକ୍‌ରେ ନୀଳନୟନା

ବିଶ୍ୱସୁନ୍ଦରୀ ତଥା ନୀଳନୟନା ଐଶ୍ୱର୍ଯ୍ୟା ରାୟ ବଚ୍ଚନ ଲୋକପ୍ରିୟ ବଙ୍ଗୀୟ ଅଭିନେତ୍ରୀ ବିନୋଦିନୀ ଦାସୀଙ୍କ ଜୀବନୀ ଉପରେ ନିର୍ମିତ ଫିଲ୍ମରେ ଅଭିନୟ କରିବେ।

୧୨

୧୬

## ଶ୍ରେୟାସଙ୍କ ମ୍ୟାଚ୍ ବିଜୟୀ ଇନିଂସ

ଶ୍ରେୟାସ ଆୟାରଙ୍କ ବିସ୍ଫୋରକ ଅର୍ଦ୍ଧଶତକୀୟ ଇନିଂସ ସହାୟତାରେ ଭାରତ ପ୍ରଥମ ଟି୨୦ରେ ନ୍ୟୁଜିଲାଣ୍ଡକୁ ପରାସ୍ତ କରିଛି।







ଭୁବନେଶ୍ୱର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରେ ଶୁକ୍ରବାର ରାତିରେ ଭୁଶୁଡ଼ି ପଡ଼ିଥିବା ନିର୍ମାଣାଧୀନ ଲିଙ୍କ୍ ବିଲ୍ଡିଂ ଛାତ।

# ବିମାନବନ୍ଦରର ନିର୍ମାଣାଧୀନ ଛାତ ଭୁଶୁଡ଼ିଲା

## ଚାପି ହୋଇ ଜଣେ ମୃତ, ଆଉ ଜଣେ ଗୁରୁତର

ଭୁବନେଶ୍ୱର, ୨୪।୧(ବ୍ୟୁରୋ)

ଭୁବନେଶ୍ୱର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରେ ଘଟିଛି ଦୁର୍ଘଟଣା। ଟର୍ମିନାଲ-୧ରୁ ଟର୍ମିନାଲ-୨କୁ ଯୋଡ଼ିବା ପାଇଁ ତିଆରି ଚାଲିଛି ବିଲ୍ଡିଂ। ଶୁକ୍ରବାର ରାତିରେ ଏହି ଲିଙ୍କ୍ ବିଲ୍ଡିଂର ୧୦ ହଜାର ବର୍ଗଫୁଟ ବିଶିଷ୍ଟ ଛାତ ଢଳେଇ ଭୁଶୁଡ଼ିପଡ଼ିବାରୁ ୨ଜଣ ଚାପି ହୋଇଯାଇଥିଲେ। ପ୍ରଥମେ ଜଣଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଏହାପରେ ଆଉ ଜଣଙ୍କୁ ଉଦ୍ଧାର କରିବା ପାଇଁ ଆରମ୍ଭ ହୋଇଥିଲା ଅଭିଯାନ। ଓଡ୍ରାଫ୍, ଏନ୍‌ଡିଆରଏଫ ଓ ଅଗ୍ନିଶମ ବାହିନୀଙ୍କ ୩ ଘଣ୍ଟାର ପରିଶ୍ରମ ପରେ ଆଉ ଜଣଙ୍କୁ ଭଗ୍ନାବଶେଷ ତଳୁ ଉଦ୍ଧାର କରାଯାଇଥିଲା। କିନ୍ତୁ ତାଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଡାକ୍ତର ମୃତ ଘୋଷଣା କରିଥିଲେ। ମୃତକ ହେଲେ ବଡ଼ମ୍ବା ଅଞ୍ଚଳର ଅନ୍ତର୍ଯ୍ୟାମୀ ଗୁରୁ ଏବଂ ଆହତ ଜଣକ ହେଲେ ଢେଙ୍କାନାଳର ନବକିଶୋର ସ୍ୱାଇଁ। ପୂର୍ବରୁ ଭୁବନେଶ୍ୱରରେ ବମିଖାଲ ଓଭରବ୍ରିଜ୍ ନିର୍ମାଣ ବେଳେ ଠିକା ସଂସ୍ଥାର ଅବହେଳା ଯୋଗୁ ଦୁର୍ଘଟଣା ଘଟି ୨ଜଣଙ୍କ ଜୀବନହାନି ହୋଇଥିଲା। ବହୁ ଶ୍ରମିକ ଆହତ ହୋଇଥିଲେ। ତେଣୁ ବିମାନବନ୍ଦର ଦୁର୍ଘଟଣା ପଛରେ ଠିକାସଂସ୍ଥାର ଅବହେଳା ପ୍ରତି ଅଙ୍ଗୁଳି ଉଠିଛି।



ଜଣେ ଆହତଙ୍କୁ ଉଦ୍ଧାର କରି ହସ୍ପିଟାଲ ନିଆଯାଉଛି।

ସୂଚନା ଅନୁଯାୟୀ, ୬୦ କୋଟି ଟଙ୍କା ବ୍ୟୟରେ ବିମାନବନ୍ଦରରେ ନିର୍ମାଣ କାର୍ଯ୍ୟ ଦିଲୀପ କନଷ୍ଟ୍ରକଶନ ସଂସ୍ଥା କରୁଛି। ୨୦ରୁ ୨୫ଜଣ ଶ୍ରମିକ ୩ ମାସ ହେବ ଏହି କାର୍ଯ୍ୟ କରୁଛନ୍ତି। ହେଲେ ଶୁକ୍ରବାର ରାତି ପ୍ରାୟ ୧୧ଟା ସମୟରେ ପ୍ରଚଣ୍ଡ ଶବ୍ଦ ହେଲା। ବିମାନବନ୍ଦରର ସୁରକ୍ଷା କାର୍ଯ୍ୟରେ ନିୟୋଜିତ ସିଆଇଏସ୍ଏଫ ଯବାନ, ଲୋକେ ଆସି ଦେଖିଲାବେଳକୁ ନିର୍ମାଣାଧୀନ ଛାତ ଭୁଶୁଡ଼ିପଡ଼ିଥିଲା। ଖୋଜାଖୋଜି କରିବା ପରେ ସେଠାରୁ ନବକିଶୋରଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇଥିଲା। ତାଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ତାଙ୍କଠାରୁ ଭଗ୍ନାବଶେଷ ତଳେ ଅନ୍ତର୍ଯ୍ୟାମୀ ଚାପି ହୋଇ ରହିଥିବା ସୂଚନା ମିଳିଥିଲା। କନଷ୍ଟ୍ରକଶନ କମ୍ପାନୀ ଏମ୍‌ଡି ଦିଲୀପ ଖଟୋଇ ଘଟଣାସ୍ଥଳରେ ପହଞ୍ଚି କହିଥିଲେ ଯେ, ଶୁକ୍ରବାର ପୂର୍ବାହ୍ନ ୧୧ଟାରୁ ଛାତ ଢଳେଇ କାମ ଆରମ୍ଭ ହୋଇ ରାତି ୧୧ଟାରେ ଶେଷ ହୋଇଥିଲା। ଶ୍ରମିକ କାମ ସାରି ଫେରୁଥିଲେ। ହେଲେ ନିର୍ମାଣସ୍ଥଳକୁ ତନଖି କରିବାକୁ ନବକିଶୋର ଓ ଅନ୍ତର୍ଯ୍ୟାମୀ ଯାଇଥିବାବେଳେ ଦୁର୍ଘଟଣା ଘଟିଲା। ନବକିଶୋର କନଷ୍ଟ୍ରକଶନ ସଂସ୍ଥାର ଡ୍ରାଇଭର ଥିବାବେଳେ ଅନ୍ତର୍ଯ୍ୟାମୀ ହେଲପର ଭାବେ କାର୍ଯ୍ୟ କରନ୍ତି ବୋଲି ଖଟୋଇ କହିଛନ୍ତି। ଖବରପାଇ ମନ୍ତ୍ରୀ ଅଶୋକ ପଣ୍ଡା, ବିଧାୟକ ଅନନ୍ତ ନାରାୟଣ ଜେନା, ସ୍ୱତନ୍ତ୍ର ରିଲିଫ କମିଶନର ପ୍ରଦୀପ କୁମାର ଜେନା ପହଞ୍ଚି ଉଦ୍ଧାର କାର୍ଯ୍ୟ ତଦାରଖ କରିଥିଲେ।

# ଭାରତରେ ପହଞ୍ଚିଲା କରୋନା ଭୂତାଣୁ



ନୂଆଦିଲ୍ଲୀ/ ମୁମ୍ବାଇ/ କୋଚି, ୨୪।୧(ପି.ଟି.)

- ଚାଇନାରୁ ଫେରିଥିବା ୧୦ ଜଣଙ୍କୁ ଅବଜର୍‌ଭେଶନରେ ରଖାଗଲା
- ବିଭିନ୍ନ ହସ୍ପିଟାଲରେ ଖୋଲିଲା ସ୍ୱତନ୍ତ୍ର ୱାର୍ଡ

ଚାଇନାରେ ଆତଙ୍କ ସୃଷ୍ଟି କରିଥିବା ବିପଜ୍ଜନକ କରୋନା ଭାଇରସ୍ ଶେଷରେ ଭାରତରେ ପହଞ୍ଚିଛି। ଚାଇନାରୁ ଫେରିଥିବା ୧୦ ଜଣଙ୍କୁ ଏହି ଭୂତାଣୁ ସଂକ୍ରମଣ ହୋଇଥିବା ଆଶଙ୍କା କରାଯାଉଛି। ସେମାନଙ୍କୁ କେରଳ, ମୁମ୍ବାଇ ଓ ହାଇଦ୍ରାବାଦ ହସ୍ପିଟାଲ୍‌ରେ ଅବ୍‌ଜର୍‌ଭେଶନରେ ରଖାଯାଇଛି। ଛତ୍ରପତି ଶିବାଜୀ ମହାରାଜ ଅନ୍ତର୍ଜାତୀୟ ବିମାନବନ୍ଦରରେ ଯାଞ୍ଚ ବେଳେ ୨ ଜଣଙ୍କୁ କରୋନା ଭୂତାଣୁ ସଂକ୍ରମଣ ହୋଇଥିବା ଆଶଙ୍କା କରାଯାଇଥିଲା। ପୃଷ୍ଠା-୨

# ଅକ୍ସଫୋର୍ଡ ଡିକ୍ସନାରିରେ 'ଆଧାର'

- ଡବା, ଶାଦି, ଚାୱଲ ଓ ହରତାଲ୍ ମଧ୍ୟ ସ୍ଥାନ ପାଇଲା ଇଂଲିଶ ଶବ୍ଦକୋଷରେ

ନୂଆଦିଲ୍ଲୀ,୨୪।୧: ଅକ୍ସଫୋର୍ଡ ଡିକ୍‌ସନାରିରେ 'ଆଧାର' ଶବ୍ଦ ସ୍ଥାନ ପାଇଛି। ଏହାର ଦଶମ ସଂସ୍କରଣରେ ଆହୁରି ୨୬ଟି ଭାରତୀୟ ଶବ୍ଦକୁ ସାମିଲ କରାଯାଇଛି। ଅକ୍ସଫୋର୍ଡ ଆଡଭାନ୍ସଡ ଲର୍ନର ଡିକ୍‌ସନାରି(ଓଏଏଲ୍‌ଡି)ର ସଦ୍ୟ ସଂସ୍କରଣକୁ ଶୁକ୍ରବାର ଉନ୍ମୋଚନ କରାଯାଇଛି। ଏଥିରେ ୩୮୪ଟି ଭାରତୀୟ ଶବ୍ଦ ରହିଛି। ନୂଆକରି ସାମିଲ କରାଯାଇଥିବା ଶବ୍ଦଗୁଡ଼ିକ ମଧ୍ୟରେ ରହିଛି ଆଧାର, ଚାୱଲ, ଡବା ଓ ଶାଦି। ସେହିପରି ଚାଟବୋଟ, ଫେକ୍ ନ୍ୟୁଜ୍ ଓ ମାଇକ୍ରୋପ୍ଲାଷ୍ଟିକ୍ ଭଳି ଆଉ ୧,୦୦୦ ଇଂଲିଶ ଶବ୍ଦକୁ ମଧ୍ୟ ଏଥିରେ ଅନ୍ତର୍ଭୁକ୍ତ କରାଯାଇଛି। ନୂଆ ୨୬ ଶବ୍ଦ ମଧ୍ୟରୁ ୨୨ଟିକୁ ମୁଦ୍ରିତ ସଂସ୍କରଣରେ ସ୍ଥାନ ମିଳିଥିବାବେଳେ ଅନ୍ୟ ୪ଟି ଡିଜିଟାଲ ଭର୍ସନରେ ରହିଥିବା ଅକ୍ସଫୋର୍ଡ ଡିକ୍‌ସନାରି ମ୍ୟାନେଜିଂ ଡାଇରେକ୍ଟର(ଏଜୁକେଶନ ଡିଭିଜନ) ଫାଥିମା ଦାଦା ସୂଚନା ଦେଇଛନ୍ତି। ଅନ୍‌ଲାଇନ ଭର୍ସନରେ ସ୍ଥାନ ପାଇଥିବା ଅନ୍ୟ ୪ଟି ଶବ୍ଦ ହେଲା କରେଣ୍ଟ (ବିଦ୍ୟୁତ୍), ଲୁଟର, ଲୁଟିଂ ଏବଂ ଉପଜିଲା (ସବ୍-ଡିଭିଜନ)। ୭୭ ବର୍ଷ ଧରି ପ୍ରଚଳିତ ଏହି ଶବ୍ଦକୋଷ ପ୍ରଥମେ ୧୯୪୨ରେ ଜାପାନରେ ପ୍ରକାଶିତ ହୋଇଥିଲା। ୧୯୪୮ରେ ଅକ୍‌ସଫୋର୍ଡ ୟୁନିଭର୍ସିଟି ପ୍ରେସ୍ ଏହାକୁ ପ୍ରଥମଥର ପାଇଁ ପ୍ରକାଶ କରିଥିଲା।

# ଭୋଟର ପରିଚୟପତ୍ରରେ ସଂଯୋଗ ହେବ ଆଧାର

- ଜନପ୍ରତିନିଧି ଆଇନରେ ସଂଶୋଧନ ପାଇଁ ପ୍ରସ୍ତୁତି



ନୂଆଦିଲ୍ଲୀ,୨୪।୧(ଆଇଏଏନ୍‌ଏସ୍)

ଭୋଟର ପରିଚୟପତ୍ର ସହ ଆଧାର ନମ୍ବରକୁ ସଂଯୋଗ କରାଯିବ। ଏଥିପାଇଁ କେନ୍ଦ୍ର ଆଇନ ମନ୍ତ୍ରଣାଳୟ ନୂଆ ଆଇନ ପ୍ରସ୍ତୁତ କରୁଥିବା ଜଣାପଡିଛି। ଅନେକେ ଏକାଧିକ ସ୍ଥାନରେ ନିଜକୁ ଭୋଟର ଭାବେ ପଞ୍ଜୀକୃତ କରିଛନ୍ତି। ସେଗୁଡ଼ିକୁ ବନ୍ଦ କରିବାକୁ ହେଲେ ଭୋଟର ପରିଚୟପତ୍ର ସହ ଆଧାରକୁ ସଂଯୋଗ କରିବାକୁ ହେବ। ଏଥିପାଇଁ ନୂଆ ଆବେଦନକାରୀ ଏବଂ ପୂର୍ବରୁ ତାଲିକାରେ ଥିବା ଭୋଟରମାନଙ୍କ ଆଧାର ନମ୍ବର ସଂଗ୍ରହ ଲାଗି ବୈଧାନିକ ବ୍ୟବସ୍ଥା ଗ୍ରହଣ କରିବାକୁ ନିର୍ବାଚନ କମିଶନ ପ୍ରସ୍ତାବ ଦେଇଥିଲେ। ସେଥିପାଇଁ ଜନପ୍ରତିନିଧି ଆଇନ, ୧୯୫୧ରେ ସଂଶୋଧନ ଲାଗି ଆଇନ ମନ୍ତ୍ରଣାଳୟ କାର୍ଯ୍ୟ କରୁଛି। ଖୁବ୍‌ଶୀଘ୍ର ତାହା କ୍ୟାବିନେଟ କମିଟିରେ ଉପସ୍ଥାପନ ହେବା ପରେ ପାର୍ଲାମେଣ୍ଟରେ ବିଲ୍ ଆଣିବା ନେଇ ବିଚାର କରାଯିବ ବୋଲି ଏକ ସୂତ୍ରରୁ ଜଣାପଡିଛି।

ମାଟ୍ରିକ ପରୀକ୍ଷା ସାଥୀ ଦେଖନ୍ତୁ
ପୃଷ୍ଠା - ୮ ଓ ୯

# ରାଜନୀତିକୁ ଅପରାଧମୁକ୍ତ କରାଯାଉ

ନୂଆଦିଲ୍ଲୀ,୨୪।୧ (ପି.ଟି./ଆଇଏଏନ୍‌ଏସ୍)

ଆପରାଧିକ ପୃଷ୍ଠଭୂମିର ବ୍ୟକ୍ତିମାନଙ୍କୁ ରାଜନୀତିରୁ ବାହାର କରାଯିବ। ସେମାନଙ୍କ ଉପସ୍ଥିତି ରାଜନୈତିକ ବାତାବରଣକୁ କଳୁଷିତ କରିବାରେ ଲାଗିଛି। ଏଥିପାଇଁ ରାଜନୀତିର ଅପରାଧୀକରଣକୁ ନେଇ ଶୁକ୍ରବାର ସୁପ୍ରିମକୋର୍ଟ ଚିନ୍ତାବ୍ୟକ୍ତ କରିଛନ୍ତି। ଜଷ୍ଟିସ୍ ଆର୍.ଏଫ୍. ନରିମାନ ଏବଂ ଏସ୍. ରବୀନ୍ଦ୍ର ଭଟ୍ଟଙ୍କୁ ନେଇ ଗଠିତ ଖଣ୍ଡପୀଠ ରାଜନୀତିକୁ ଅପରାଧମୁକ୍ତ କରିବା ପାଇଁ କେତେକ ପଦକ୍ଷେପ ନେବା ସକାଶେ ନିର୍ବାଚନ କମିଶନ (ଇସି)ଙ୍କୁ ପରାମର୍ଶ ଦେଇଛନ୍ତି। ସେହିପରି ରାଜନୈତିକ ଦଳଗୁଡ଼ିକ ଦାଗୀ ନେତାଙ୍କୁ ନିର୍ବାଚନ ଲଢ଼ିବା ପାଇଁ ଟିକେଟ ପ୍ରଦାନ ନ କରିବାକୁ ନିର୍ଦ୍ଦେଶ ଦେବା ଲାଗି ସର୍ବୋଚ୍ଚ ଅଦାଲତଙ୍କୁ



ଅନୁରୋଧ କରିଛନ୍ତି ଇସି।

୨୦୧୮ ଅକ୍ଟୋବର ୧୦ରେ ଭାଜପା ନେତା ତଥା ଆଇନଜୀବୀ ଅଶ୍ୱିନୀ ଉପାଧ୍ୟାୟ ନିର୍ବାଚନୀ ସଂସ୍କାର ସକାଶେ ସୁପ୍ରିମକୋର୍ଟରେ ଏକ ପିଟିଶନ ଦାଏର କରିଥିଲେ। ସେପ୍ଟେମ୍ବରରେ ଏକ ପାଞ୍ଚଜଣିଆ ସାମ୍ବିଧାନିକ ପୀଠ ଏହାର ଶୁଣାଣି କରି ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା ପୂର୍ବରୁ ପ୍ରାର୍ଥୀମାନଙ୍କୁ ନିଜ ନିଜ ବିରୋଧରେ ବିଚାରାଧୀନ ଥିବା ଆପରାଧିକ ମାମଲାଗୁଡ଼ିକ ସମ୍ପର୍କରେ ଘୋଷଣା କରିବାକୁ ପଡ଼ିବ ବୋଲି ନିର୍ଦ୍ଦେଶ ଦେଇଥିଲେ। ସେହିପରି ପ୍ରାର୍ଥୀମାନଙ୍କ ସମ୍ପର୍କରେ ରାଜନୈତିକ ଦଳଗୁଡ଼ିକ ନିଜ ୱେବ୍‌ସାଇଟ୍‌ରେ ସୂଚନା ଦେବେ। ପ୍ରାର୍ଥୀ ଓ ଦଳ ଏକ ଘୋଷଣାନାମା ଜାରି କରିବା ସହ ସେ ସମ୍ପର୍କିତ ତଥ୍ୟଗୁଡ଼ିକୁ ବିଭିନ୍ନ ଗଣମାଧ୍ୟମ ଜରିଆରେ ବହୁଳ ପ୍ରକାଶନ-ପ୍ରସାରଣ କରିବେ ବୋଲି ମଧ୍ୟ ନିର୍ଦ୍ଦେଶ ରହିଛି। ଶୀର୍ଷ ଅଦାଲତଙ୍କ ଏହି ତାଗିଦ ସତ୍ତ୍ୱେ ରାଜନୀତିର ଅପରାଧୀକରଣ ଚାଲିଛି। ଏଥିପାଇଁ ଏକ ବିକଳ୍ପ ବ୍ୟବସ୍ଥା ବାହାର କରିବାକୁ ପଡ଼ିବ ବୋଲି ଇସି ସୁପ୍ରିମକୋର୍ଟଙ୍କୁ ଅବଗତ କରାଇଛନ୍ତି। ଇସି ଆହୁରି କହିଛନ୍ତି ଯେ, ଯେଉଁ ପ୍ରାର୍ଥୀମାନେ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି, ସେମାନେ ନିଜ ଆପରାଧିକ ପୃଷ୍ଠଭୂମି ସମ୍ପର୍କରେ ସତ୍ୟପାଠରେ ଘୋଷଣା କରିବା ପୃଷ୍ଠା-୨

### ୪୬% ଏମ୍‌ପିଙ୍କ ନାଁରେ ରହିଛି ମାମଲା

- ପାର୍ଲାମେଣ୍ଟରେ ଏ ସଂକ୍ରାନ୍ତ ଆଇନ ଆଣିବା ଅସମ୍ଭବ: ଆବେଦନକାରୀ
- ଦାଗୀ ନେତାଙ୍କୁ ଟିକେଟ ନ ଦେବା ପାଇଁ ଦଳଗୁଡ଼ିକୁ ନିର୍ଦ୍ଦେଶ ଦିଅନ୍ତୁ ସୁପ୍ରିମକୋର୍ଟ: ଇସି
- ଆବେଦନକାରୀ, ନିର୍ବାଚନ କମିଶନ ସପ୍ତାହେ ମଧ୍ୟରେ କାର୍ଯ୍ୟଯୋଜନା ପ୍ରସ୍ତୁତ କରନ୍ତୁ: ଖଣ୍ଡପୀଠ




### ଆଜିର ସମ୍ପାଦକୀୟ

ସିଆର୍‌ପିଏଫ୍‌ର ନୂଆ ମୁଖ୍ୟ

Vencobb CHICKEN

24.01.2020

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 72 | 122 | 132 |
| CTC | 71 | 120 | 130 |
| DKL | 75 | 126 | 136 |
| BDK | 70 | 119 | 129 |
| BLS | 72 | 122 | 132 |
| ANG | 75 | 126 | 136 |
| BHM | 74 | 124 | 134 |

*Conditions Apply

Issued in the Interest of Consumers

# ଏପ୍ରିଲରୁ ଘଣ୍ଟାକରେ ମିଳିବ ଜମି ରେକର୍ଡ

ଭୁବନେଶ୍ୱର,୨୪।୧(ବ୍ୟୁରୋ)

- ଫେବୃୟାରୀ ୧୦ରୁ ମୋ ସରକାରରେ ସାମିଲ ହେବ ରାଜସ୍ୱ ବିଭାଗ

ଆବେଦନକାରୀଙ୍କୁ ଜମିଜମା ସଂକ୍ରାନ୍ତ କାଗଜ ପତ୍ର ଘଣ୍ଟାକରେ ମିଳିବ। ଆସନ୍ତା ଏପ୍ରିଲ ପହିଲାରୁ ଇ-ରେକର୍ଡ ବ୍ୟବସ୍ଥା ପୂର୍ଣ୍ଣମାତ୍ରାରେ କାର୍ଯ୍ୟକାରୀ ହେବ। ଏ ନେଇ ସମସ୍ତ ଜିଲା ଓ ତହସିଲ ଅଧିକାରୀଙ୍କୁ ସମସ୍ତ ପ୍ରମାଣପତ୍ରକୁ ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ରାଜସ୍ୱ ବିଭାଗ ସଚିବ ପ୍ରଦୀପ୍ତ ମହାପାତ୍ର ଏ ନେଇ ଜିଲାପାଳ ଓ ତହସିଲଦାରଙ୍କ ସହ ଭିଡିଓ କନଫରେନ୍ସ ଜରିଆରେ ଆଲୋଚନା କରିଛନ୍ତି। ଫେବୃୟାରୀ ୧୦ ରୁ 'ମୋ ସରକାର'ରେ ରାଜସ୍ୱ ବିଭାଗ ସାମିଲ ହେବ। ଓଡ଼ିଶା ଜନସେବା ଅଧିକାର ଆଇନ ଅନୁଯାୟୀ ଲୋକମାନଙ୍କୁ ତ୍ୱରିତ ସରକାରୀ ସେବା ଯୋଗାଇ ଦେବାକୁ ଆସନ୍ତା ଫେବୃୟାରୀ ୫ ତାରିଖ ସୁଦ୍ଧା ପଡିରହିଥିବା ସମସ୍ତ ଫାଇଲ କାର୍ଯ୍ୟ ଶେଷ କରିବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଜିଲା ଅଧିକାରୀମାନେ ଏ ନେଇ ନିଶ୍ଚିତ କରିବେ। ଯେଉଁ ତହସିଲର ଅଧିକ ଫାଇଲ ଥିବ ସେହି ତହସିଲ କର୍ମଚାରୀମାନଙ୍କ ଛୁଟିକୁ ବାତିଲ କରାଯିବ ବୋଲି ମହାପାତ୍ର କହିଛନ୍ତି। ଏହାଛଡ଼ା କଲେଜଗୁଡ଼ିକର ଜମି ରେକର୍ଡଗୁଡ଼ିକୁ ଏପ୍ରିଲ ପହିଲା ସୁଦ୍ଧା ପ୍ରଦାନ କରିବାକୁ କୁହାଯାଇଛି। ନ୍ୟାକ୍ ଆକ୍ରିଡେଶନ ପାଇଁ କଲେଜଗୁଡ଼ିକର ଜମି ରେକର୍ଡ ଗୁଡ଼ିକରେ ଯେପରି କୌଣସି ସମସ୍ୟା ନ ଥିବ ସେ ନେଇ କଲେଜ କର୍ତ୍ତୃପକ୍ଷ ନିଶ୍ଚିତ କରିବା ଦରକାର ବୋଲି ସଚିବ କହିଛନ୍ତି।





Reliance fresh
SMART SUPERSTORE
Reliance Growth is Life
@RelianceFreshOfficial
@RelianceFreshIN
@RelianceFreshOfficial
@RelianceSMARTIndia
@RelianceSMARTIN
@RelianceSMART_Official
ଫୁଲ ପଇସା ଅସୁଲ ସେଲ୍
ଜଲ୍‌ଦି ! ଆଉ 2 ଦିନରେ ସରିବ
22nd-26th JAN
ଆଉ କଣ ଦରକାର
ସବୁଠୁ କମ ମୂଲ୍ୟ ଗ୍ୟାରେଣ୍ଟି
ଖୋଲା ହରଡ଼ ଡାଲି ଭାଲ୍ୟୁ 1 kg
ଆମ ମୂଲ୍ୟ ₹87
ଇଣ୍ଡିଆ ଗେଟ୍ ରୋଜାନା ବାସମତୀ ଚାଉଳ 5 kg + ସନ୍‌ରିଚ୍ ସନ୍‌ଫ୍ଲାୱାର୍ ତେଲ 5 ℓ
ସମ୍ମିଳିତ MRP ₹1110 ସଞ୍ଚୟ ₹311
ଆମ ମୂଲ୍ୟ ₹799
ଏଚ୍‌ଏମ୍‌ଟି କୋଲମ୍ ରାଇସ୍ 10 kg
MRP ₹550 ସଞ୍ଚୟ ₹95
HMT Kolam Rice
ଆମ ମୂଲ୍ୟ ₹455
ଚକ୍‌କି ଫ୍ରେଶ୍ ଅଟା 5 kg
CHAKKI ATTA
MRP ₹185 ସଞ୍ଚୟ ₹30
ଆମ ମୂଲ୍ୟ ₹155
ଡବଲ୍ ହିରନ୍ ସୋରିଷ ତେଲ 1 ℓ
Double Hiran mustard oil
MRP ₹130 ସଞ୍ଚୟ ₹11
ଆମ ମୂଲ୍ୟ ₹119
ବେସନ / ସୁଜି / ମଇଦା 500 g / 1 kg ଗୁଡ୍ ଲାଇଫ୍ ସୋୟା ଚଙ୍କସ 200 g
MRP ₹40 ତେଣିକି
BUY 1 GET 1 FREE
ଗୋଟା ମସଲା ସମ୍ପୂର୍ଣ୍ଣ ରେଞ୍ଜ / ବ୍ଲେଣ୍ଡେଡ୍ ସ୍ପାଇସେସ୍ (ପୁରା ବର୍ଗମାଳା) (ସମସ୍ତ ବ୍ରାଣ୍ଡ)
BUY ANY 2 GET ANY 1 FREE
ଗୁଡ୍ ଲାଇଫ୍ ଆଲମଣ୍ଡ / କାଜୁ (W320) 500 g
MRP ₹461/₹575 ସଞ୍ଚୟ ₹92/₹176
ଆମ ମୂଲ୍ୟ ₹369/ ₹399
ଚିଜ୍/କପ୍ କର୍ଡ଼/ପନୀର/ୟୋଗର୍ଟ/ମାର୍ଗାରାଇନ୍/ଆଇସ୍ କ୍ରିମ୍/ଫ୍ଲେଭର୍ଡ ମିଲକ୍ / କେକ୍ ଏବଂ ରସ୍କ(ବଛା ବଛା ବ୍ରାଣ୍ଡସ୍ ଏବଂ ଭେରିଆଣ୍ଟସ୍)
ସର୍ବନିମ୍ନ 26% ଛାଡ଼
epigamia
PANEER
ସର୍ବା. ମୂଲ୍ୟ ଉପରେ
ମାକ୍‌କେନ୍ / ସଫଲ/ୟମିକ୍ (ବଛା ବଛା ପ୍ରକାର)
MRP ପ୍ରତ୍ୟେକ ସକାଶେ ₹85 ତେଣିକି
Safal
BUY 2 GET 1 FREE
ଓମ୍‌ଫେଡ୍ ଘିଅ 1 ℓ
MRP ₹570 ସଞ୍ଚୟ ₹41
omfed GHEE
ଆମ ମୂଲ୍ୟ ₹529
ଗୁଡ୍‌ଡେ କାଜୁ 600 g / ପାର୍ଲେ ଜି ଗୋଲଡ୍ 1 kg / ହାଇଡ୍ ଆଣ୍ଡ ସିକ୍ ଚକଲେଟ୍ 350 g / ଡାର୍କ ଫାଣ୍ଟାସି ଚୋକୋଫିଲସ୍ 300 g
MRP ପ୍ରତ୍ୟେକ ସକାଶେ ₹100 ତେଣିକି
Good Day
BUY ANY 2 GET ANY 1 FREE
ଚକଲେଟ୍ ହୋମ୍ ପ୍ୟାକ୍ 126 g ତେଣିକି (କିଟକାଟ୍ / ମଞ୍ଚ / କାଡବରୀ ଡେଇରୀ ମିଲକ୍/ ଫାଇଭ୍ ଷ୍ଟାର୍/ପର୍କ / ସିଲକ୍ ହୋମ୍ ଟ୍ରିଟସ୍)
MRP ପ୍ରତ୍ୟେକ ସକାଶେ ₹99 ତେଣିକି
KitKat Munch Dairy Milk 5Star Perk
BUY ANY 2 GET ANY 1 FREE
ଲୋଟେ ଚୋକୋ ପାଇ 336 g/ ରିଚ୍ କୋକୋଆ ପାଇ 300 g (ବଛା ବଛା ପ୍ରକାର)
MRP ₹140 / 160 ପ୍ରତ୍ୟେକ
Lotte Choco Pie
BUY 2 GET 1 FREE
ଭିଖାରାମ ଚାଣ୍ଡମଲ 400 g / ସ୍ନାକଟାକ ନମକୀନ୍ 150 g / (ବଛା ବଛା ପ୍ରକାର)
MRP ₹52 ତେଣିକି
Snac Tac
BUY ANY 1 GET ANY 1 FREE
ୟିପ୍‌ପି / ଟପ୍ ରାମେନ୍ / ଚିଙ୍ଗ୍'ସ ନୁଡ଼ଲ୍‌ସ 240 g ତେଣିକି (ବଛା ବଛା ପ୍ରକାର)
MRP ପ୍ରତ୍ୟେକ ସକାଶେ ₹60 ତେଣିକି
BUY ANY 2 GET ANY 1 FREE
ଟାଟା ଚାହା ପ୍ରିମିୟମ୍ ଡଷ୍ଟ 500 g
MRP ₹160 ଆମ ମୂଲ୍ୟ ₹125
TATA TEA Premium
ସଞ୍ଚୟ ₹35
ଷ୍ଟାଣ୍ଡାର୍ଡ ହର୍ଲିକ୍‌ସ 1 kg
MRP ₹444 ତେଣିକି ଆମ ମୂଲ୍ୟ ₹369 ତେଣିକି
ସଞ୍ଚୟ ₹75
କେଲୋଗ୍‌ସ କର୍ଣ୍ଣ ଫ୍ଲେକ୍‌ସ 1.2 kg
MRP ₹425 ପ୍ରତ୍ୟେକ
Kellogg's CORN FLAKES
BUY 2 GET 1 FREE
କଲଗେଟ୍ ସ୍ୱର୍ଣ୍ଣ ବେଦଶକ୍ତି / ମ୍ୟାକ୍ସଫ୍ରେଶ୍ / ମେସୱାକ୍ / କ୍ଲୋଜ୍-ଅପ୍ ରେଡ୍ / ପେପ୍‌ସୋଡେଣ୍ଟ ଟୁଥପେଷ୍ଟ 300 g
MRP ₹124 ତେଣିକି
Pepsodent closeup MESWAK Colgate
BUY ANY 2 GET ANY 1 FREE
ଡଭ / ପିଅର୍ସ / ଗଡରେଜ୍ No.1 / ଲକ୍ସ / ଲାଇଫବୟ / ସିନ୍ଥଲ ସୋପ୍ (ବଛା ବଛା ପ୍ରକାର)
MRP ପ୍ରତ୍ୟେକ ସକାଶେ ₹102 ତେଣିକି
CINTHOL LUX
BUY ANY 2 GET ANY 1 FREE
ଡଭ୍ / ହେଡ୍ ଆଣ୍ଡ ଶୋଲ୍ଡର୍‌ସ / ପାଣ୍ଟିନ୍ / ଲରିଅଲ୍ 650 ml / ଡଭ୍ / ଟ୍ରେସ୍‌ମି ଶାମ୍ପୁ 1 ℓ (ବଛା ବଛା ପ୍ରକାର)
MRP ₹450 ତେଣିକି
BUY ANY 1 GET ANY 1 FREE
ଡିଓ 120 ml ତେଣିକି (କାମସୂତ୍ର /ପାର୍କ ଏଭେନ୍ୟୁ /ଫଗ୍ /ଏନଗେଜ୍ / ନିଭିଆ/ଆକ୍ସ/ସେଟ୍ ୱେଟ୍ /ୱାଇଲଡ୍ ଷ୍ଟୋନ୍/ HE ) (ବଛା ବଛା ପ୍ରକାର)
MRP ₹190 ତେଣିକି
BUY ANY 1 GET ANY 1 FREE
ବେବି ପ୍ୟାଣ୍ଟସ୍ (ବଛା ବଛା ରେଞ୍ଜ) (ହଗିସ୍ / ପ୍ୟାମର୍ସ / ମାମି ପୋକୋ)
MRP ₹699
Pampers MamyPoko pants
ସଞ୍ଚୟ ₹250 ତେଣିକି
ସର୍ଫ ଏକ୍ସେଲ୍ ଇଜୀ ୱାଶ୍ ଡିଟର୍ଜେଣ୍ଟ ପାଉଡର 4 kg
MRP ₹480
Surf excel
ପ୍ୟାକ୍ ସର୍ଫ ଏକ୍ସେଲ୍ ଇଜୀ ୱାଶ୍ ଡିଟର୍ଜେଣ୍ଟ ପାଉଡର 1.5 kg କିଣିଲେ ମୂଲ୍ୟ ₹180
ହାର୍ପିକ୍ ଟୟଲେଟ୍ କ୍ଲୀନର୍ / ଲାଇଜଲ୍ ଫ୍ଲୋର୍ କ୍ଲୀନର୍ 500 ml (ବଛା ବଛା ପ୍ରକାର) (ଉପରେ ଅଫର୍)
MRP ₹179 ଆମ ମୂଲ୍ୟ ₹129
Lizol HARPIC
ସଞ୍ଚୟ ₹50*
ଡିଜନୀ ବୋର୍ଡ ଗେମସ୍
MRP ₹299 ସଞ୍ଚୟ ₹200
CHESS
ଆମ ମୂଲ୍ୟ ₹99
ପଲିସେଟ ମାର୍ଭଲ ବାସ୍କେଟ ଲିଡ ସହିତ (3 ୟୁନିଟ୍)
MRP ₹299 ସଞ୍ଚୟ ₹200
ଆମ ମୂଲ୍ୟ ₹99
କେଟଲ ଇଲେକ୍ଟ୍ରିକ୍ ଷ୍ଟିଲ 1.5 ℓ
MRP ₹1095 ସଞ୍ଚୟ ₹496
ଆମ ମୂଲ୍ୟ ₹599
ବ୍ରାଣ୍ଡେଡ୍ ଡବଲ୍ ବେଡଶିଟ୍ ଦୁଇ ପିଲୋ କଭର୍ସ ସହ (ବଛା ବଛା ରେଞ୍ଜ)
MRP ₹1199 ତେଣିକି
BUY ANY 1 GET ANY 2 FREE
Pay using Paytm. Get up to ₹800 paytm CASHBACK
T&C Apply. Offer valid till 31 Jan 2020 on min payment of ₹599
PAY WITH MOBIKWIK FLAT ₹200 SuperCash
10% freecharge Cashback
T&C Apply: Offer valid on minimum bill of ₹250 Maximum cashback upto ₹75, Valid twice per user
5% Cashback
HDFC BANK We understand your world
On Min. Shopping of ₹2000 Max. Cashback upto ₹500 per card with HDFC Credit Cards
Valid till 26th Jan. 2020
sodexo Accepted on Food items*.
ଡାଏଲ୍ କରନ୍ତୁ ନିଃଶୁଳ୍କ ନମ୍ବର 1800-103-2022 ପାଖ ରିଲାଏନ୍ସ ଫ୍ରେଶ୍ ଷ୍ଟୋରସ ଠିକଣା ଜାଣିବାକୁ । Reliance SMART:

# ସିଆର୍‌ପିଏଫ୍‌ର ନୂଆ ମୁଖ୍ୟ



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ସିଆର୍‌ପିଏଫ୍‌ର ନୂଆ ମହାନିର୍ଦ୍ଦେଶକ ଭାବେ ୧୯୮୪ ବ୍ୟାଚ୍ ଆଇପିଏସ୍ ଅଫିସର ଏ.ପି. ମାହେଶ୍ୱରୀଙ୍କ ନିଯୁକ୍ତିରେ କେତେକ ସମୀକ୍ଷକ ଆଶ୍ଚର୍ଯ୍ୟ ପ୍ରକଟ କରିଛନ୍ତି। ମାହେଶ୍ୱରୀ ଆଇଟିବିପି (ଭାରତ-ତିବ୍ବତ ସୀମା ପୋଲିସ) ମହାନିର୍ଦ୍ଦେଶକ ଏସ.ଏସ୍. ଦେଶୱାଲଙ୍କଠାରୁ ଦାୟିତ୍ୱ ଗ୍ରହଣ କରିଛନ୍ତି, ଯିଏ ଗତମାସରେ ସିଆର୍‌ପିଏଫ୍‌ର ପୂର୍ବ ମହାନିର୍ଦ୍ଦେଶକ ରାଜୀବ ରାୟ ଭଟ୍ଟନାଗରଙ୍କ ସେବାନିବୃତ୍ତି ପରେ ସିଆର୍‌ପିଏଫ୍‌ର ଅତିରିକ୍ତ ଦାୟିତ୍ୱରେ ରହିଥିଲେ। ମାହେଶ୍ୱରୀ ଏବେ ୩.୨୫ ଲକ୍ଷ କର୍ମଚାରୀ ଥିବା ଭାରତର ସବୁଠୁ ବଡ଼ ଅର୍ଦ୍ଧସାମରିକ ବଳର ମୁଖ୍ୟ ହୋଇଛନ୍ତି। ସେ ଆଗାମୀ ବର୍ଷ ଅବସର ନେବା ପର୍ଯ୍ୟନ୍ତ ଦେଶର ମାଓବାଦବିରୋଧୀ ତଥା ଜମ୍ମୁ-କଶ୍ମୀରରେ ସନ୍ତ୍ରାସବାଦବିରୋଧୀ ଅଭିଯାନର ନେତୃତ୍ୱ ନେବେ। ସିଆର୍‌ପିଏଫ୍‌ରେ ଏହି ୟୁପି କ୍ୟାଡର ଅଧିକାରୀ ବିଭିନ୍ନ ପଦବୀରେ ୯ ବର୍ଷରୁ ଊର୍ଦ୍ଧ୍ୱ କାର୍ଯ୍ୟ କରିସାରିଥିବାବେଳେ ଏହା ତାଙ୍କର ତୃତୀୟ କାର୍ଯ୍ୟକାଳ। ସେ ପୋଲିସ ଅନୁସନ୍ଧାନ ଓ ବିକାଶ ବ୍ୟୁରୋର ଡି.ଜି., ସୀମା ସୁରକ୍ଷା ବଳର ସ୍ୱତନ୍ତ୍ର ଡି.ଜି. (ଅପରେଶନ) ସହ ସିଆର୍‌ପିଏଫ୍‌ରେ ଆଇ.ଜି. (ଅପରେଶନ) ଏବଂ ଆଇ.ଜି. (ଶ୍ରୀନଗର ସେକ୍ଟର) ଭାବେ ସେବା କରିଛନ୍ତି। ଏହି ନିଯୁକ୍ତି ପୂର୍ବରୁ ସେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟରେ ସ୍ୱତନ୍ତ୍ର ସଚିବ (ଆଭ୍ୟନ୍ତରୀଣ ସୁରକ୍ଷା) ଭାବେ ଦାୟିତ୍ୱ ନିର୍ବାହ କରୁଥିଲେ। ତେବେ ଜଣେ ସ୍ୱତନ୍ତ୍ର ସଚିବଙ୍କୁ ସିଆର୍‌ପିଏଫ୍‌ର ଡିଜି ଭାବେ ନିଯୁକ୍ତି ଦେବା ଅସ୍ୱାଭାବିକ ମନେହୁଏ। ମାହେଶ୍ୱରୀଙ୍କୁ ତାଙ୍କ ସେବା ଲାଗି ଏପରିଭାବେ ପୁରସ୍କୃତ କରାଯାଇଥାଇପାରେ ବୋଲି ପର୍ଯ୍ୟବେକ୍ଷକମାନେ ମନେକରୁଛନ୍ତି।

### ସିଆଇଡି ଲାଗି ବିବାଦ

ହରିୟାଣାର ଗୃହମନ୍ତ୍ରୀ ଅନିଲ ଭିଜ୍ ୧୯୮୪ ବ୍ୟାଚ୍ ଆଇପିଏସ୍ ଅଧିକାରୀ ତଥା ସିଆଇଡି ମୁଖ୍ୟ ଅନିଲ କୁମାର ରାଓଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନେବା ଲାଗି ରାଜ୍ୟ ଗୃହସଚିବଙ୍କୁ ଲିଖିତଭାବେ ଜଣାଇଛନ୍ତି। କେବଳ ଏତିକି ନୁହେଁ, ରାଓଙ୍କ ବଦଳରେ ସେହି ପଦବୀରେ ୧୯୮୪ ବ୍ୟାଚ୍‌ର ଆଉ ଜଣେ ଅଧିକାରୀ ଶ୍ରୀକାନ୍ତ ଯାଦବଙ୍କୁ ଅବସ୍ଥାପିତ କରିବାକୁ ମଧ୍ୟ ଦାବି କରିଛନ୍ତି। ଗୃହ ସଚିବ ଭିଜ୍‌ଙ୍କ ଦାବିକୁ ଗ୍ରହଣ କରିବେ ବୋଲି ମନେହେଉଛି। ରାଜ୍ୟ ସିଆଇଡିର କାର୍ଯ୍ୟଧାରାରେ ମନ୍ତ୍ରୀ ଅସନ୍ତୋଷ ପ୍ରକାଶ କରିବା ପ୍ରଥମ ଘଟଣା ନୁହେଁ। ଏହି ବିଭାଗକୁ କିଏ ଚଳାଇବ ସେ ନେଇ ତାଙ୍କର ମୁଖ୍ୟମନ୍ତ୍ରୀ ମନୋହରଲାଲ ଖଟ୍ଟରଙ୍କ ସହ ବି ବିବାଦ ଉପୁଜିଥିଲା। ବିଭାଗର କାର୍ଯ୍ୟରେ ଉନ୍ନତି ଆଣିବା ଲାଗି ଆବଶ୍ୟକ ପ୍ରସ୍ତାବ ଦେବାକୁ ସେ ବର୍ଦ୍ଧନଙ୍କ ଅଧ୍ୟକ୍ଷତାରେ ଏକ ତିନିଜଣିଆ କମିଟି ଗଠନ କରିଥିଲେ। ସିଆଇଡି ମୁଖ୍ୟମନ୍ତ୍ରୀଙ୍କ ଅଧୀନରେ ରହିବା ପରମ୍ପରା ରହିଆସିଛି, କିନ୍ତୁ ଭିଜ୍‌ଙ୍କ ମତ ଭିନ୍ନ। ଖଟ୍ଟର ସେହି ବିଭାଗ ଚଳାନ୍ତୁ ବୋଲି ସେ ଚାହାନ୍ତି ନାହିଁ। ଦୁର୍ଭାଗ୍ୟବଶତଃ ଗୃହମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ମଧ୍ୟରେ ଚାଲିଥିବା ବିବାଦରେ ଏବେ ସିଆଇଡି ମୁଖ୍ୟ ରାଓ ବଳିପଡିପାରନ୍ତି। ଏହି ଲଢ଼େଇରେ କିଏ ଜିତିବ ସେଥିରେ କିଛି ଫରକ ପଡିବନି, କିନ୍ତୁ ରାଜ୍ୟ ସିଆଇଡିର କାର୍ଯ୍ୟଧାରା ଏହାଦ୍ୱାରା ପ୍ରଭାବିତ ହେଉଛି।

### ବିବାଦରୁ ବିଦା

ସମ୍ପ୍ରତି ମହାରାଷ୍ଟ୍ରରେ ବାବୁମାନଙ୍କର ଯେଉଁ ଅଦଳବଦଳ ହେଲା ସେଥିରେ ଗୋଟିଏ ଘଟଣାକୁ ଛାଡି ସେମିତି କିଛି ନୂଆକଥା ନ ଥିଲା। ମୁମ୍ବାଇ ମେଟ୍ରୋ ରେଳ କର୍ପୋରେଶନ (ଏମ୍‌ଏମ୍‌ଆର୍‌ସି)ର ପରିଚାଳନା ନିର୍ଦ୍ଦେଶକ (ଏମ୍‌ଡି) ଅଶ୍ୱିନୀ ଭିଦେଙ୍କୁ ରାଜ୍ୟ ସରକାର ବିଦା କରିଦେଲେ। ପର୍ଯ୍ୟବେକ୍ଷକମାନଙ୍କ କହିବା ଅନୁସାରେ ଯେବେଠୁ ଆଦିତ୍ୟ ଠାକ୍‌ରେ ରାଜ୍ୟ ସଂସ୍କୃତି ଓ ପରିବେଶ ମନ୍ତ୍ରୀ ହେଲେଣି, ସେବେଠୁ ଏପରି ହୋଇପାରେ ବୋଲି ଜଣାପଡୁଥିଲା। ଗତବର୍ଷ ମେଟ୍ରୋ ପ୍ରୋଜେକ୍ଟ ଲାଗି ମୁମ୍ବାଇର ଆରେ କଲୋନୀରେ ଗଛ କାଟିବାକୁ ନିର୍ଦ୍ଦେଶ ଦେଇଥିବାରୁ ଭିଦେଙ୍କୁ ବଦଳି କରିବା ଲାଗି ସେ ସାଧାରଣରେ ଦାବି କରିଥିଲେ। ଏହା ପାଖାପାଖି ସେହି ସମୟର ଥିଲା ଯେତେବେଳେ ରାଜ୍ୟରେ ସରକାର ଗଢିବା ଅନିଶ୍ଚିତତା ଭିତରେ ଥିଲା ଏବଂ ମହା ବିକାଶ ଅଘାଡି ସରକାର ଗଠନ ହୋଇ ନ ଥିଲା। ୧୯୮୮ ବ୍ୟାଚ୍ ଆଇଏଏସ ଅଧିକାରୀ ଭିଦେ ମେଟ୍ରୋ ଶେଡ୍ ପ୍ରୋଜେକ୍ଟର ଜଣେ ଦୃଢ ସମର୍ଥକ ଥିଲେ ଏବଂ ରାଜନୈତିକ ଦଳ ଓ ଗ୍ରୀନ କାର୍ଯ୍ୟକର୍ତ୍ତାମାନଙ୍କ ଆକ୍ରୋଶର ଶିକାର ହୋଇଥିଲେ। ତାଙ୍କ ସ୍ଥାନରେଏବେ ମହାରାଷ୍ଟ୍ର ସଡ଼କ ପରିବହନ ନିଗମର ଉପାଧ୍ୟକ୍ଷ ଓ ପରିଚାଳନା ନିର୍ଦ୍ଦେଶକ ଥିବା ରଣଜିତ୍ ସିଂ ଦେଓଲଙ୍କୁ ଅବସ୍ଥାପିତ କରାଯାଇଛି। କୌତୂହଳର କଥା ହେଉଛି ସେ ପ୍ରମୁଖ ସଚିବ ଭାବେ ପଦୋନ୍ନତି ପାଇବାର କିଛିଦିନ ପରେ ଏହି ବଦଳି କରାଯାଇଛି।

Email: dilipcherian@gmail.com

# ଆମ ସମ୍ବିଧାନର ମହତ୍ତ୍ୱ



ବିପିନ ବିହାରୀ ମିଶ୍ର

ଆମ ସମ୍ବିଧାନ ପ୍ରସ୍ତୁତ ହେଲା ୨୬ ନଭେମ୍ବର ୧୯୪୯ରେ ଏବଂ କାର୍ଯ୍ୟକାରୀ ହେଲା ୨୬ ଜାନୁୟାରୀ ୧୯୫୦ରେ। ସମ୍ବିଧାନରେ ଲେଖାଯାଇଛି ଯେ ସମସ୍ତ ନାଗରିକ ଏହାକୁ ପ୍ରସ୍ତୁତ କରି ନିଜକୁ ସମର୍ପି ଦେଲେ। ଆରମ୍ଭ ହେବା ସମୟରେ ୩୯୫ ଧାରା ଥିଲା, ବର୍ତ୍ତମାନ ଏହା ୪୪୮ରେ ପହଞ୍ଚିଲାଣି। କାରଣ ଅନେକ ଥର ସମ୍ବିଧାନର ସଂଶୋଧନ କରାହୋଇଛି। ୧୯୪୫ ମସିହାରେ ଇଂରେଜ ସରକାର ସମ୍ବିଧାନ ଗଠନ କରିବା ପାଇଁ ଏକ ସଭା କରିବା ଲାଗି ରାଜି ହେଲେ। ଦଶ ଲକ୍ଷ ଲୋକଙ୍କ ପାଇଁ ଜଣେ ସଦସ୍ୟ ରହିବେ ଓ କେତେକ ଗୋଷ୍ଠୀ ସଦସ୍ୟଙ୍କୁ ମଧ୍ୟ ବିଚାରକୁ ନିଆଯିବାର ଥିଲା। ୩୮୯ ସଦସ୍ୟ ରହିବାର ଥିଲା, କିନ୍ତୁ ୨୯୬ ସଦସ୍ୟ ରଖାଗଲା। କାରଣ ମୁସଲିମ ଲିଗ୍ ଏହାକୁ ବର୍ଜନ କଲା। ଆମ ଦେଶରେ ଏବେ ସମ୍ବିଧାନ ପ୍ରସ୍ତୁତ ହେଉ, ଯାହାଦ୍ୱାରା ଦେଶ ସ୍ୱାଧୀନ ହେଲେ ତୁରନ୍ତ କାର୍ଯ୍ୟକାରୀ କରାଯାଇପାରିବ ବୋଲି ମହାତ୍ମା ଗାନ୍ଧୀ ୧୯୨୨ ମସିହାରୁ ଦାବିକରି ଆସୁଥିଲେ। ୧୮୯୫ରେ ଲୋକମାନ୍ୟ ବାଲ୍ ଗଙ୍ଗାଧର ତିଲକଙ୍କ ପ୍ରରୋଚନାରେ ସ୍ୱରାଜ୍ୟ ବିଲ୍ କରାଯାଇଥିଲା। ମହାତ୍ମା ଗାନ୍ଧୀଙ୍କର ଦାବିକୁ ଇଂରେଜ ସରକାର ଗ୍ରହଣ ନ କରିବାରୁ କଂଗ୍ରେସ ଦଳ ମୋତିଲାଲ ନେହେରୁ କମିଟି ବସେଇଲା ଏବଂ ଉକ୍ତ କମିଟି ବେଶି ଜୋର ଦେଲା ମୌଳିକ ଓ ମାନବିକ ଅଧିକାର ଉପରେ। ଆମର ଯେଉଁ ମୌଳିକ ଅଧିକାର ସମ୍ବିଧାନରେ ଅଛି, ସେଥିରୁ ଦଶଟି ହେଉଛି ମୋତିଲାଲଙ୍କ ପ୍ରସ୍ତାବର ସାମାନ୍ୟ ପରିବର୍ତ୍ତନ କରାଯାଇ ଗୃହୀତ ହୋଇଥିବା ଧାରା। ଭାରତୀୟମାନେ ନିଜର ଏକ ସମ୍ବିଧାନ କରିବା ପାଇଁ ଅକ୍ଷମ ବୋଲି ଜଣେ ଇଂରେଜ ପ୍ରଶାସକଙ୍କର ତାଚ୍ଛଲ୍ୟ ଭୁଲ୍ ପ୍ରମାଣିତ ହେଲା।

ଇତିମଧ୍ୟରେ ୧୯୩୫ ମସିହାରେ ଇଂରେଜ ସରକାର ଭାରତୀୟମାନଙ୍କୁ ପ୍ରଶାସନର କିଛି ଅଂଶ ଗ୍ରହଣ କରିବା ପାଇଁ ଏକ ନିୟମ ପ୍ରଣୟନ କଲେ, ଯାହା ୧୯୩୫ ମସିହା ଆଇନ ବୋଲି କୁହାଯାଏ। ସମ୍ବିଧାନ-ସଭା ଏହାଦ୍ୱାରା ଅନେକାଂଶରେ ପ୍ରଭାବିତ ହୋଇଛି। ତା' ବ୍ୟତୀତ ଆମର ଶାସ୍ତ୍ର, ପରମ୍ପରା, ଅତୀତର ବହୁ ଆଇନ ବିଶେଷଜ୍ଞ ଯଥା- ମନୁ, ଶୁକ୍ରାଚାର୍ଯ୍ୟ, ଚାଣକ୍ୟଙ୍କ ମତ ପ୍ରତି ମଧ୍ୟ ଦୃଷ୍ଟି ଦିଆଯାଇଛି। ଏହି ସଭାର କାର୍ଯ୍ୟ ଆରମ୍ଭ ହେଲା ୧୯୪୬ ମସିହାରେ। ଦୁଇବର୍ଷ ଏଗାର ମାସ ୧୮ ଦିନ ପର୍ଯ୍ୟନ୍ତ ଆଲୋଚନା ଚାଲିଲା ଓ ଆଲୋଚନା ସମୟରେ ୭୬୫୩ ସଂଶୋଧନ ପ୍ରସ୍ତାବ ଆସିଲା। ସେଥିମଧ୍ୟରୁ ୨୪୭୩ ପ୍ରସ୍ତାବ ଉପରେ ବିଶଦ ଆଲୋଚନା କରାଗଲା। ସମ୍ବିଧାନ ସଭାରେ ଥିଲେ ପଣ୍ଡିତ ଜବାହରଲାଲ ନେହେରୁ, ସର୍ଦ୍ଦାର ପଟେଲ, ମୌଲାନା ଆବୁଲ କାଲାମ୍ ଆଜାଦ୍, ଡକ୍ଟର କେ. ମୁନ୍‌ସୀ, ଡ. ଆମ୍ବେଡକର ଓ ଆଲାଡି କ୍ରିଷ୍ଣା ସ୍ୱାମୀ ଆୟାର ପ୍ରମୁଖ ବହୁ ସୁନାମଧନ୍ୟ ପ୍ରତିନିଧି।

ଭାରତ ଏକ ବିଶାଳ ଦେଶ। ବହୁ ଭାଷା, ବହୁ ଗୋଷ୍ଠୀ, ଅନେକ ଜନଜାତିଙ୍କର ଥିଲା ଭିନ୍ନ ଭିନ୍ନ ଆଶା ଓ ଦାବି। ସେଥିପାଇଁ ଏଭଳି ସମ୍ବିଧାନ କରାଗଲା, ଯାହାକି ସମଗ୍ର ଦେଶବାସୀଙ୍କୁ ସନ୍ତୁଷ୍ଟ କରିବ ଓ ସମସ୍ତେ ଏହାକୁ ଆମ ସମ୍ବିଧାନ ବୋଲି କହିବେ। ବାସ୍ତବରେ ସମ୍ବିଧାନର ପ୍ରଥମ ଧାଡି ଉଇ ଦି ପିପୁଲ ଅଫ୍ ଇଣ୍ଡିଆ (ଆମେ ଭାରତୀୟ ନାଗରିକମାନେ) ଆରମ୍ଭ ହୋଇ ଶେଷ ହୋଇଛି ଗିଭ୍ ଆୱାରସେଲ୍ଫ ଦି କନ୍‌ଷ୍ଟିଟ୍ୟୁଶନ (ଆମେ ନିଜକୁ ସମ୍ବିଧାନ ଅର୍ପଣ କରୁଛୁ)। ୧୨% ନାଗରିକ ପ୍ରତିନିଧିଙ୍କ ଦ୍ୱାରା ହୋଇଥିଲେ ମଧ୍ୟ ଏହା ସମଗ୍ର ଦେଶର ନାଗରିକମାନଙ୍କର ଇଚ୍ଛାକୁ ପ୍ରତିଫଳନ କରୁଥିଲା। ତେଣୁ ନିଃସଙ୍କୋଚରେ କୁହାଯାଇପାରିବ ଯେ ଆମ ସମ୍ବିଧାନ ନାଗରିକଙ୍କର, ନାଗରିକଙ୍କ ପାଇଁ ଓ ନାଗରିକଙ୍କ ଦ୍ୱାରା। କେହି କେହି ଆକ୍ଷେପ କରିଛନ୍ତି ଏହା ଏଭଳି ଜଟିଳ, ଏତେ ବିଶାଳ ଯେ ସମ୍ବିଧାନ ଆଇନଜୀବୀଙ୍କ ଦ୍ୱାରା ଓ ଆଇନଜୀବୀଙ୍କ ପାଇଁ ଏକ ସ୍ୱର୍ଗ। ଯେଉଁମାନେ ଏଭଳି ଆକ୍ଷେପ କରିଛନ୍ତି ସେମାନେ ଅବଗତ ଥିବେ ଯେ ସେହି ତଥାକଥିତ ଆଇନଜୀବୀମାନେ ହେଲେ ପଣ୍ଡିତ ନେହେରୁ (ଯିଏ ଅଳ୍ପ କେତେଦିନ ବିଚାରାଳୟକୁ ଯାଇ କଳା କୋର୍ଟ ଓହ୍ଲାଇ ଦେଇ ସ୍ୱାଧୀନତା ଆନ୍ଦୋଳନରେ ଝାସ ଦେଇଥିଲେ), ତାଙ୍କ ପରି ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ ଅନ୍ୟ ଏକ ବାରିଷ୍ଟର କଳାକୋର୍ଟ ଛାଡି ଆନ୍ଦୋଳନ କରିଥିଲେ। ଡ. ଆମ୍ବେଡକର ଉଚ୍ଚଶିକ୍ଷିତ ଓ ଆଇନଜ୍ଞ ହେଲେ ମଧ୍ୟ ସେ ଦଳିତମାନଙ୍କ ପାଇଁ କାର୍ଯ୍ୟ କରୁଥିଲେ ଓ ସମ୍ବିଧାନ କାର୍ଯ୍ୟକାରୀ କମିଟିର ସଭାପତି ହେଲେ। କେ. ମୁନ୍‌ସୀ ଓକିଲାତି ଛାଡି ସ୍ୱାଧୀନତା ଆନ୍ଦୋଳନରେ ଯୋଗ ଦେଇଥିଲେ। ଯେଉଁସବୁ ଆଇନଜୀବୀମାନେ ଯୋଗ ଦେଇଥିଲେ ସେମାନେ ଅତ୍ୟନ୍ତ ପ୍ରତିଷ୍ଠିତ, ବିଜ୍ଞ, ଜ୍ଞାନୀ ଓ ସାମାଜିକ କର୍ମୀ ଥିଲେ। ତେଣୁ ସମ୍ବିଧାନକୁ ଆଇନଜୀବୀଙ୍କ ଦ୍ୱାରା ପ୍ରଣୀତ ବୋଲି କୁହାଯିବ ନାହିଁ ବରଂ ଏହା ଜ୍ଞାନୀ ଓ ଦେଶ ସେବକଙ୍କ ଦ୍ୱାରା ପ୍ରସ୍ତୁତ ବୋଲି କୁହାଯିବ। ସେମାନେ ବିଶାଳ ସମ୍ବିଧାନ କଲେ ଦେଶବାସୀଙ୍କ ପାଇଁ। ବିଭିନ୍ନ ମତର ତର୍ଜମା କରି ସେମାନେ ଏକ ଗ୍ରହଣୀୟ ମତ ସୃଷ୍ଟି କଲେ।

ସମ୍ବିଧାନ ଗଠନ ଆରମ୍ଭରେ ପଣ୍ଡିତ ନେହେରୁ ସମ୍ବିଧାନର ଲକ୍ଷ୍ୟ କ'ଣ ସେ ବିଷୟରେ ଏକ ଚିଠା ପ୍ରସ୍ତୁତ କଲେ ଯାହାକି ପରେ ସମ୍ବିଧାନର ମୁଖଶାଳା ହେଲା। କିନ୍ତୁ ସର୍ଦ୍ଦାର ପଟେଲଙ୍କ ଅବଦାନ ଅଧିକ ଅବିସ୍ମରଣୀୟ। ବିଭିନ୍ନ ପ୍ରସ୍ତାବ, ବାଦବିବାଦ, ସଂଶୋଧନ ପ୍ରସ୍ତାବ ଓ ତା'ର ପ୍ରତିବାଦକୁ ଧୈର୍ଯ୍ୟର ସହିତ ଶୁଣି ସର୍ଦ୍ଦାର ପଟେଲ୍ ସଭାରେ କିଛି କହନ୍ତି ନାହିଁ ଏବଂ ଦୁଇ ପକ୍ଷକୁ ପରଦା ପଛକୁ ଡାକି ଆଲୋଚନାକରି ସମାଧାନ କରିଦେଉଥିଲେ। ଏତେ ବିରାଟ ସମ୍ବିଧାନ ହେଲା, ପ୍ରାୟ ତିନିବର୍ଷ ପର୍ଯ୍ୟନ୍ତ ଆଲୋଚନା ଚାଲିଲା, ଅଥଚ ସଭାଗୃହ ବର୍ଜନ, ସଭାପତି (ରାଜେନ୍ଦ୍ର ପ୍ରସାଦ)ଙ୍କ ଟେବୁଲକୁ ଚଢ଼ିଯିବା, କାଗଜ ଫୋପାଡିବା, ନାରାବାଜି କରିବା ଇତ୍ୟାଦି ଆଚରଣ ଛାଡନ୍ତୁ, କୌଣସି ପ୍ରସ୍ତାବ ଏବଂ ଧାରା ଉପରେ ଭୋଟ ଦାବି ହୋଇନାହିଁ। ଏହା ଆମ ସମ୍ବିଧାନର ଏକ ବିଶେଷତ୍ୱ ଏବଂ ଏହା ପ୍ରମାଣିତ କରେ ଯେ, ସେ ଯୁଗରେ ବହୁ ବିରାଟ ବ୍ୟକ୍ତିତ୍ୱ ଥିଲେ। ସେମାନେ ଦେଶର ପ୍ରତିନିଧି ଏବଂ ତାଙ୍କ ଆଚରଣରୁ ପ୍ରମାଣିତ ହୁଏ ଆମ ଦେଶର ସଂସ୍କୃତି କେଉଁ ସ୍ତରରେ ଥିଲା ଏବଂ ବର୍ତ୍ତମାନ କେଉଁ ସ୍ତରରେ ଅଛି।

ସମ୍ବିଧାନର ଚିଠା ପ୍ରସ୍ତୁତିରେ କେତେକ ବିଷୟରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପଡିଲା। ଦେଶରେ ସଂସଦୀୟ ଶାସନ ହେବ କି ରାଷ୍ଟ୍ରପତି ଶାସନ ହେବ, ଏକତ୍ୱ ଶାସନ କିମ୍ବା ସଂଘ ଶାସନ, ରାଷ୍ଟ୍ରଭାଷା କ'ଣ ହେବ, କେନ୍ଦ୍ର ଓ ରାଜ୍ୟ ମଧ୍ୟରେ କିପରି କ୍ଷମତା ବଣ୍ଟନ ହେବ, ଦଳିତ ଜାତିଙ୍କ ପାଇଁ କିପ୍ରକାର ଏବଂ କେତେ ପର୍ଯ୍ୟନ୍ତ ସ୍ୱତନ୍ତ୍ର ସୁବିଧା ଦିଆଯିବ ଇତ୍ୟାଦି ଆଲୋଚନା ହେଲା। ପୁରୁଷୋତ୍ତମ ଦାସ ଟଣ୍ଡନ ଏବଂ ତାଙ୍କ ଗୋଷ୍ଠୀ ଦାବି କଲେ ଯେ, ହିନ୍ଦୀ ରାଷ୍ଟ୍ରଭାଷା ହେଉ, ଯାହାକୁ ଅନେକେ ବିରୋଧ କଲେ। ଜଣେ ସଦସ୍ୟ କହିଲେ ଯେ ଯେଉଁମାନେ ହିନ୍ଦୀ ନ ଜାଣିଛନ୍ତି ସେମାନେ ଦେଶ ଛାଡି ପଳେଇ ଯାଆନ୍ତୁ। ତାଙ୍କୁ ପଣ୍ଡିତ ନେହେରୁ ଏଇଟା ଖାନ୍‌ସୀର ଲୋକମାନଙ୍କ ସଭା ନୁହେଁ, ଏହା ହେଉଛି ଏକ ପବିତ୍ର ଅନୁଷ୍ଠାନର ସଭା କହି ବସେଇ ଦେଲେ। ଏ ସମସ୍ତ ପ୍ରଶ୍ନର ଉତ୍ତର ଦେଲା ସମ୍ବିଧାନ ସଭା। ଯେତେବେଳେ ଚିଠା ପ୍ରସ୍ତୁତ ହେଲା ସେତେବେଳେ ଦୁଇଜଣଙ୍କର ଅବଦାନ ଆମେ ଭୁଲିବା ଉଚିତ ନୁହେଁ। ସମ୍ବିଧାନ ସଭାରେ ଏନ୍. ବେନ୍‌ଗୁଲ ରାଓଙ୍କୁ ଉପଦେଷ୍ଟା ଭାବେ ନିଆଯାଇଥିଲା ଏବଂ ତାଙ୍କର ସହାୟକ ଥିଲେ ଏସ୍.ଏନ୍. ମୁଖାର୍ଜୀ। ବେନ୍‌ଗୁଲ ରାଓ ଅତି ଉଚ୍ଚଶିକ୍ଷିତ ଆଇସିଏସ୍ ଅଫିସର ଓ ହାଇକୋର୍ଟର ଜଜ୍ ଥିଲେ। ସେ ଚିଠା ପ୍ରସ୍ତୁତ କରିବାରେ ଡ. ଆମ୍ବେଡକରଙ୍କୁ ବହୁତ ସାହାଯ୍ୟ କରିଛନ୍ତି ଏବଂ ସମ୍ବିଧାନର ଭାଷାକୁ ସରଳ କରିବାରେ ତାଙ୍କର ସହାୟକ ଏସ୍.ଏନ୍. ମୁଖାର୍ଜୀଙ୍କ ଇତିହାସ ମନେରଖିବା ଉଚିତ। ସେହିପରି ଆଲାଡି କ୍ରିଷ୍ଣା ସ୍ୱାମୀ ଆୟାର। ସେ ମାଡ୍ରାସରେ ୧୫ ବର୍ଷ ପର୍ଯ୍ୟନ୍ତ ଆଡଭୋକେଟ୍ ଜେନେରାଲ ଓ ଦେଶର ଜଣେ ତୁଙ୍ଗ ଆଇନଜ୍ଞ ବୋଲି ଗଣାଯାଉଥିଲେ। ଡ. ଆମ୍ବେଡକର ନିଜେ ସ୍ୱୀକାର କରିଛନ୍ତି ଯେ ଆଇନ ଜ୍ଞାନରେ ଆଲାଡି ତାଙ୍କଠାରୁ ବହୁତ ଆଗରେ। ସଭାରେ ଯେଉଁ ଆଲୋଚନା ହେଲା ତାହା ସମସ୍ତ ଲିଖିତ ହୋଇଛି। ୧୨ ଖଣ୍ଡ ଏବଂ ପ୍ରତ୍ୟେକ ହଜାରେ ପୃଷ୍ଠା ପାଖାପାଖି। ତାକୁ ପଠନ କଲେ ଜଣାଯିବ ଯେ ଆଲୋଚନା କେତେ ଉଚ୍ଚସ୍ତରର ଥିଲା। ଏଇ ଚିଠାକୁ ଧରି ସାର୍ ବେନ୍‌ଗୁଲ ରାଓ ଇଂଲଣ୍ଡ, ଆୟର୍ଲାଣ୍ଡ, ଆମେରିକା, କାନାଡାକୁ ଯାଇ ସେଠାର ଆଇନଜୀବୀ, ଜଜ୍ ପ୍ରମୁଖଙ୍କ ସହିତ ଆଲୋଚନା କରି ସଂଶୋଧନ ମଧ୍ୟ କଲେ। ଶେଷକୁ ସମ୍ବିଧାନ ପ୍ରସ୍ତୁତ ହେଲା ଏବଂ ୨୬ ଜାନୁୟାରୀରେ ଦେଶକୁ ମିଳିଲା ଏକ ଭେଟି, ଯାହାକି ଚିର ଜୀବନ୍ତ ହୋଇ ଆବଶ୍ୟକତା ଦୃଷ୍ଟିରୁ ସଂଶୋଧିତ ହେଉଛି, କିନ୍ତୁ ପରିବର୍ତ୍ତିତ ହେଉନାହିଁ। ଏହା ହିଁ ଆମ ସମ୍ବିଧାନର ମହତ୍ତ୍ୱ।

ମୋ-୯୦୪୦୪୧୨୩୭୮

# ସେକାଳ ଚିଠି



ଡା. ବାସୁଦେବ ପ୍ରଧାନ

ଆଜି ବାକ୍ସ ଭିତରୁ ପୁରୁଣା ଚିଠିଟିଏ ପାଇ ଚିଠି ବିଷୟରେ ଦୁଇପଦ ଲେଖିବାକୁ ଇଚ୍ଛା ହେଲା। ଚିଠି ବହୁ ପୁରୁଣା କଥା ମନେ ପକେଇଦିଏ। ଯୁବସୁଲଭ ଗୁଣ ମନକୁ ରୋମାଞ୍ଚଭରା କରିଦେଲା। ପ୍ରେମର ବାହକ ଥିଲା ଚିଠି। ଉତ୍କଣ୍ଠା, ଆବେଗ, ବିରହ ମିଳନର ବାସ୍ନାରେ ବାସ୍ନାୟିତ ଚିଠିର ଦେହ। ଆଖିରେ ଆଖି ମିଶିବା ପରେ ଅଧିକ କିଛି କୁହାଯାଏ ଚିଠିରେ। ଭାରି ଭାରି ଶବ୍ଦରେ ଓଜନିଆ ହୋଇଉଠେ ଦେହ ତା'ର। କେତେବେଳେ ଦୁଇ ପଦରେ ସରୁଥିଲା ତ କେତେବେଳେ ବଢୁଥିଲା ତା'ର କଳେବର। ପୋଷ୍ଟକାର୍ଡ, ଅନ୍ତର୍ଦ୍ଦେଶୀୟପତ୍ର, ଲଫାପା ମାଧ୍ୟମରେ ଲେଖା ହେଉଥିଲା ଚିଠି। ସମୟ ବାହାର କରି ମନକଥା ଲେଖାହେଉଥିଲା। ଚିଠି ଲେଖୁଥିବା ଲୋକ ଉତ୍ତର ପାଇବା ଆଶାରେ ଚାହିଁ ବସୁଥିଲା। ଉତ୍ତର ପ୍ରାପ୍ତିରେ ବିଳମ୍ବ ହେଲେ ମନରେ ଦୁଃଖ ଭରିଯାଉଥିଲା। ଆଉ ଉତ୍ତର ପାଇଲେ ଆନନ୍ଦର ସୀମା ରହୁ ନ ଥିଲା। ଚିଠି କେବଳ ଡାକବାଲା ନେଉ ନ ଥିଲା। ଚିଠିକୁ ମଧ୍ୟ ଜହ୍ନ, କେତେବେଳେ ମେଘ ହାତରେ ବି ପଠାଯାଉଥିଲା ମନର କଳ୍ପନାରେ। ସେଥିପାଇଁ ଅନେକ ଓଡ଼ିଶୀ, ଛାନ୍ଦ, ଢଗଢମାଳି ରଚନା କରାଯାଇଛି। ଯେମିତି ମେଘକୁ ଡାକବାଲା ସଜାଇ ବୋଲା ଯାଉଥିଲା- କହିବୁ ମେଘରେ କାନ୍ତଙ୍କୁ ଯାଇ...। ଆଉ କେବେ ନିଜସ୍ୱ କବିତାରେ ଜହ୍ନକୁ ଡାକବାଲା ସଜାଇ ଲେଖିଚି- ଜହ୍ନରେ ଜହ୍ନ ଯିବୁ ଗାଁକୁ ଦେଖିଆସିବୁ ମୋ ପ୍ରିୟାକୁ।

ପିଲାବେଳ କଥା ମନେପଡେ। ସ୍କୁଲ ଯିବାକୁ ତର ତର। ସ୍କୁଲରୁ ଆସି ବସ୍ତାନି ଫିଙ୍ଗି ଖେଳିବାକୁ ଯିବାକୁ ତରତର। ସେତିକିବେଳେ ବିଦେଶରେ ରହୁଥିବା ସ୍ୱାମୀ, ପୁଅମାନଙ୍କର ସ୍ତ୍ରୀ ଓ ମା'ମାନେ ଚିଠିଟିଏ ଲେଖିବା ପାଇଁ ଅନୁରୋଧ କରୁଥିଲେ। ନ ଲେଖିଲେ ମନ ଦୁଃଖ କରୁଥିଲେ। ଚିଠି ଲେଖିଦେବା ପାଇଁ ପାଚିଲା କଦଳୀ, ପିଜୁଳି, ସିତାଫଳ କେତେ କ'ଣ ଲାଞ୍ଚ ମିଳୁଥିଲା। ପାଲା ଗାଇବା ପୂର୍ବରୁ ମଙ୍ଗଳାଚରଣ ଗାଇବା ପରି ଶ୍ରୀଶ୍ରୀଗ୍ରାମଦେବତୀଙ୍କ ଚରଣେ ଶରଣ, ବୃନ୍ଦାବନଚନ୍ଦ୍ରଙ୍କ ଚରଣେ ଶରଣ, ଶ୍ରୀଶ୍ରୀବାଲୁଙ୍କେଶ୍ୱରଙ୍କ ଚରଣେ ଶରଣ। ଏମିତି ଲେଖୁ ଲେଖୁ ଚିଠି ଅଧା ହୋଇଯାଏ। (ଜଣେ କବିଙ୍କ ଭାଷାରେ କଲିକତାରୁ ଜଣେ ସ୍ୱାମୀ ତାଙ୍କ ସ୍ତ୍ରୀ ପାଖକୁ ଚିଠି ଲେଖିଛନ୍ତି: ଶିରୀ ଶିରୀ ଗଙ୍ଗାକାଳୀ ଚରଣେ ଶରଣ, ଲଇକ୍ଷଣ ବୋଉ ଶୁଣ ଲେଖିବା କାରଣ...।) ଆଉ ଅଧାରୁ ଦାଦାଙ୍କର ଆଶୀର୍ବାଦ, ଖୁଡୀଙ୍କର ଆଶୀର୍ବାଦ, ଜେଜେମା, ଜେଜେବାପାଙ୍କର ଆଶୀର୍ବାଦ, ଭାଇ ଭାଉଜଙ୍କର ଆଶୀର୍ବାଦ ଲେଖାରେ ବାକି ଅଧକରୁ ଅଧା ସରିଯାଏ। ଅବଶିଷ୍ଟ ଚାରଣା ଜାଗାରେ ମୂଳ ପ୍ରସଙ୍ଗ ରହୁଥିଲା। ଏଇ ଯେମିତି ଏବର୍ଷ ଫସଲ ଭଲ ହୋଇନି। ଧୋଇ ମରୁଡିରେ ସବୁତକ ଗଲା। ଝିଅ ପାଇଁ କଂସାବାସନ କିଣା, ସ୍ନୋପାଉଡର, କଜଳ, ସିନ୍ଦୂର, ପାଟରା ଜିନିଷର ବିବରଣୀ। ଶେଷରେ ଧାରକରଜର ତାଲିକା। ଟଙ୍କା ପଠେଇବାକୁ ଅନୁରୋଧ। ଶେଷ କେଇ ଧାଡିରେ ନିଜ ଦେହପାକୁ ଜଗିରଖିବାକୁ ପରାମର୍ଶ। ଏମିତି କେତେକଥା। ସବୁଠାରୁ ମନଛୁଆଁ ଧାଡିଟି ହେଲା ଇତି ତମର ସୀତା କି ଲକ୍ଷ୍ମୀର ବୋଉ। ନିଜର ନାଁ ଲେଖିବାକୁ ଲାଜ ଲାଗୁଥିଲା। ସେତେବେଳେ ଚିଠିକୁ ଇତି କଲାବେଳେ ସେମାନେ ତମର ଗୀତା, ମିତା, କବିତା ଲେଖିବାରେ ଅସୁବିଧା କେଉଁଠି ଜାଣିପାରୁ ନ ଥିଲି। ବେଳେ ବେଳେ ଭାଉଜମାନଙ୍କର ଭାଇଙ୍କ ପାଇଁ ଚିଠି ଇତି କଲାବେଳେ ଲେଖିଦିଏ ଇତି ତମର ପ୍ରେମପାଗଳିନୀ ଅଭାଗିନୀ ପ୍ରମିଳା କି ହେମ ବୋଲି। ଚିଠି ଲେଖା ସରିବା ପରେ ସେମାନଙ୍କୁ ଶୁଣେଇବାକୁ ପଡୁଥିଲା। କିଛି ରହିଗଲେ ସେମାନଙ୍କର ଅନୁରୋଧ ଆଉ କିଛି ଯୋଡିବାକୁ। ଆରଥରକୁ ଲେଖିବି କହି ଚିଠିଲେଖା ବନ୍ଦ କରୁଥିଲି। ଖାଲି ଲେଖିଦେଲେ ହବନି। ଚିଠି ଡାକବାକ୍ସରେ ପକେଇବା ଦାୟିତ୍ୱ ମଧ୍ୟ ଥିଲା ମୋର। ସତରେ ଚିଠି କଥା ମନେପଡିଲେ ମନେପଡେ ଆମ ଅତୀତ। ଡାକସେବା ପ୍ରଚଳନ ହେଲା ପରେ ଚିଠିର ଆଦାନ ପ୍ରଦାନ ସହଜ ହେଲା। ଚିଠି ସମ୍ପର୍କ ଯୋଡିବାର ମାଧ୍ୟମ। ପୋଷ୍ଟମ୍ୟାନ, ପୋଷ୍ଟବକ୍ସ, ଡାକଘର ଦିନେ ଅତି ଚଳଚଞ୍ଚଳ ଥିଲା। ପୋଷ୍ଟବକ୍ସଟିଏ ଦେଖିଲେ ମନରେ ଆନନ୍ଦ ଆସୁଥିଲା, ମନ ଉଲ୍ଲସିତ ହେଉଥିଲା। ଏସବୁ ପ୍ରତି ଏବେ ଅଣଦେଖା, ଅନାଦର। ଏବେ ଡାକଘର ଅଛି। ହେଲେ ସେବାର ତରିକା ବଦଳିଗଲାଣି। କେତେବେଳେ ଡାକଘର ସଞ୍ଚୟର ମାଧ୍ୟମ ହେଲାଣି ତ ଆଉ କେବେ ଆଗାମୀ ଦିନରେ କିଛି ନୂଆ କରିବାର ପ୍ରଚେଷ୍ଟା ଆରମ୍ଭ ହେଲାଣି। ଏବେ ମୋବାଇଲ ଫୋନ୍, ନେଟ୍ ସେବା ଯୋଗାଯୋଗ ଶ୍ରେଷ୍ଠ ମାଧ୍ୟମ ହେଲାଣି। ଶୀଘ୍ର ବାର୍ତ୍ତା ପହଞ୍ଚିଯାଉଛି। ଏଗୁଡିକ ଏବେ ଡାକଘର ପରି କାମ କରୁଛନ୍ତି। ହେଲେ ସେକାଳ ଚିଠିରେ ଥିବା ସେ ଆନ୍ତରିକତା ନାହିଁ। ତଥାପି ଚିଠି, ଡାକବାଲା ଓ ଡାକଘର ରହିଛି ଓ ରହିବ। ପୁରୁଣା ସ୍ମୃତି ବଖାଣୁଥିବ।

ସରକାରୀ ଆୟୁର୍ବେଦ ହସ୍ପିଟାଲ,
ମାଉସୀମା' ଛକ, ଭୁବନେଶ୍ୱର,
ମୋ-୯୪୩୭୩୦୫୦୪୫

## ଏଇ ଭାରତରେ

ସେବାରେ ବୟସ ବାଧକ ସାଜେନି ଯାହା ପ୍ରମାଣ କରିଛନ୍ତି କେରଳର ଅବଦୁଲ ଖାଦର। ସେ ଏକ 'ଫୁଡ୍ ବ୍ୟାଙ୍କ' ଖୋଲି ପ୍ରତିଦିନ ଗରିବ ଓ ଅସହାୟମାନଙ୍କୁ ମାଗଣାରେ ଖାଦ୍ୟ ଦେଉଛନ୍ତି। ପ୍ରତିଦିନ ତାଙ୍କ ଫୁଡ ବ୍ୟାଙ୍କ୍‌ରେ ଗୃହହୀନମାନେ ବେଶି ଖାଇଥାଆନ୍ତି। ତ୍ରିଶୁର ସହରର ଇରାଂଜିଲିକୁଡା ରୋଡ୍ ନିବାସୀ ଅବଦୁଲ ଖାଦର ଓମାନରେ ୩୮ ବର୍ଷ ରହିବା ପରେ କେରଳକୁ ଫେରି ଏହି ସେବା ଆରମ୍ଭ କରିଛନ୍ତି। ୧୯୭୯ରେ ଯେତେବେଳେ କାଦରଙ୍କୁ ଦିନକୁ ଦୁଇବେଳା ଖାଦ୍ୟ ଯୋଗାଡ କରିବା କଷ୍ଟ ଥିଲା ସେତେବେଳେ ସେ ରୋଜଗାର ଅନ୍ୱେଷଣରେ ଓମାନ ଚାଲିଯାଇଥିଲେ। ଭୋକିଲା ପେଟର ଜ୍ୱାଳା ସେ ଅନୁଭବ କରିଥିଲେ ଓ ତାଙ୍କ ପିତାଙ୍କ ଭାବନା 'ଗରିବଙ୍କୁ ଖାଦ୍ୟ ଦେବା ମହତ୍ ସେବା'କୁ ସ୍ମରଣ କରି ସେ ଏହି ଫୁଡ୍ ବ୍ୟାଙ୍କ ଆରମ୍ଭ କରିଛନ୍ତି । ଗତବର୍ଷ ୨ ଅକ୍ଟୋବରରେ ସେ ଆରମ୍ଭ କଲେ 'ଫୁଡ୍ ବ୍ୟାଙ୍କ୍'। ଖାଦରଙ୍କ ବୟସ ଏବେ ୬୬। ସେ ତାଙ୍କ ଘର ବାରଣ୍ଡାରେ ବନ୍ଦ କାଉଣ୍ଟର୍‌ରେ ଖାଦ୍ୟ ରଖି ଲୋକଙ୍କୁ ଦେଉଛନ୍ତି। ପିଇବା ପାଣି ମଧ୍ୟ ଯୋଗାଇ ଦେଉଛନ୍ତି। ଘର ଲୋକଙ୍କ ସହାୟତାରେ ଖାଦ୍ୟ ପ୍ରସ୍ତୁତ କରୁଛନ୍ତି ତାଙ୍କ ସ୍ତ୍ରୀ ସୁନୀତା। ଯାହା ସେମାନେ ଘରେ ଖାଆନ୍ତି ତାହା ଗରିବମାନଙ୍କୁ ଦେଇଥାନ୍ତି। ଫୁଡ୍ ବ୍ୟାଙ୍କ୍‌ରେ କେହି ଯେମିତି ଖାଦ୍ୟ ନଷ୍ଟ ନ କରନ୍ତି ତାହା ଦେଖିବା ଲାଗି ସେ କ୍ୟାମେରା ଲଗାଇଛନ୍ତି।

## ଚିରନ୍ତନୀ

ସାନ୍ତାଳ ଝିଅ ଛଳନାବିହୀନ
ବଦନ ଶୋଭା
ବିକାର-ବିହୀନ ହାସ୍ୟ ତାହାର
ବିମଳ ଗତି
ସାଥୀମେଳେ ହାତ ହଲାଇ ଚଳଇ
ସହଜ ଗତି
ମଧୁମାଳତୀର ମଞ୍ଜରୀ ଘେନି
ଶୋହୁଛି ଗଭା !
(ପାସୋରି ଦେଲିରେ ଶିମୁଳିପାଳ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

୨୫ ଜାନୁୟାରୀ ୧୯୯୫

- ଦକ୍ଷିଣ ଆଫ୍ରିକାର ରାଷ୍ଟ୍ରପତି ନେଲ୍‌ସନ ମଣ୍ଡେଲା ଏକ ୪ ଦିନିଆ ଭାରତ ଗସ୍ତରେ ଆସି ନୂଆଦିଲ୍ଲୀରେ ପହଞ୍ଚିଛନ୍ତି।
- ଆମେରିକା ପକ୍ଷରୁ ଜାପାନର ଭୂମିକମ୍ପ କ୍ଷତିଗ୍ରସ୍ତ ଲୋକଙ୍କ ନିମନ୍ତେ ୫୯,୫୦୦ କମ୍ବଳ କୋବେ ସହରକୁ ପଠାଯାଇଛି।

## su | do | ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 2 | 4 | | 1 | | | | C | | | | 5 | B | | |
| 9 | | | | | | | 1 | E | | | B | | | 7 |
| 1 | A | 6 | B | 5 | | 7 | | | | 9 | | 2 | | |
| | | | | 9 | | | | 4 | | C | | E | 0 | |
| | | | | | D | | | | | | A | C | | |
| 7 | | | 8 | | | | | 3 | | | | | | 5 |
| | 0 | | | | | 2 | | | | B | D | | | |
| | | | | | | 9 | | A | 4 | | | | | D |
| | 2 | 4 | 5 | | | | E | 8 | 3 | | | | C | |
| | | D | 9 | | | 4 | 7 | | 6 | | C | 3 | 8 | |
| | B | | 3 | | | | | 0 | | 5 | | | | |
| | | | | 1 | | | 3 | | A | | 9 | | | 2 |
| | | 2 | 7 | | A | 5 | | | | | E | | 6 | 0 |
| A | C | | | | | | 2 | 6 | | 3 | 4 | 1 | | 9 |
| E | | 0 | | | 6 | | A | | B | | | | D | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 3 | D | 4 | C | B | 2 | 9 | 1 | A | 5 | 6 | E | 0 | 8 | 7 |
| A | C | E | 5 | 6 | D | 0 | 2 | 4 | 8 | 7 | 1 | B | 3 | 9 |
| 6 | 8 | 7 | 4 | 1 | 0 | E | B | 3 | C | 2 | 9 | D | 5 | A |
| 0 | 5 | 9 | 3 | E | A | 7 | 8 | C | B | 4 | D | 1 | 6 | 2 |
| 2 | 1 | B | 8 | 7 | 9 | D | 5 | 6 | A | 0 | 3 | E | C | 4 |
| 9 | A | D | 7 | 4 | 6 | B | 0 | 5 | E | C | 2 | 8 | 1 | 3 |
| 7 | B | 3 | 9 | D | E | C | 4 | 8 | 0 | 1 | 5 | A | 2 | 6 |
| C | 2 | 0 | 1 | 8 | B | A | 3 | E | 6 | 9 | 4 | 5 | 7 | D |
| E | 6 | 5 | A | 0 | 3 | 2 | 9 | 1 | D | 8 | 7 | C | 4 | B |
| 1 | 4 | 8 | 2 | C | 5 | 6 | D | 7 | 3 | A | B | 9 | 0 | E |
| D | 9 | C | B | 2 | 4 | 8 | 7 | 0 | 1 | E | 6 | 3 | A | 5 |
| 8 | 7 | 1 | E | 5 | C | 3 | 6 | D | 4 | B | A | 2 | 9 | 0 |
| B | 3 | 6 | 0 | 9 | 8 | 5 | A | 2 | 7 | D | C | 4 | E | 1 |
| 5 | E | 2 | 6 | A | 1 | 4 | C | B | 9 | 3 | 0 | 7 | D | 8 |
| 4 | 0 | A | D | 3 | 7 | 1 | E | 9 | 2 | 5 | 8 | 6 | B | C |

ଗତକାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

### କୋଚିରୁ ଶିକ୍ଷା

ମହାଶୟ,

ଧରିତ୍ରୀ (୧୪/୧)ର ସଂପାଦକୀୟ 'କୋଚିରୁ ଶିକ୍ଷା' ବେଶ୍ ମର୍ମସ୍ପର୍ଶୀ ଓ ତାତ୍ପର୍ଯ୍ୟପୂର୍ଣ୍ଣ। ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶକ୍ରମେ କେରଳର କୋଚିସ୍ଥିତ ୪ଟି ବିଳାସପୂର୍ଣ୍ଣ ଆପାର୍ଟମେଣ୍ଟକୁ ବିସ୍ଫୋରଣ କରି ଏବେ ମାଟିରେ ମିଶାଇ ଦିଆଯାଇଛି। ମାରାଡୁ ମ୍ୟୁନିସିପାଲିଟିରେ ଥିବା ଏହିସବୁ ଉଚ୍ଚ ଅଟ୍ଟାଳିକା ଉପକୂଳ ନିୟନ୍ତ୍ରଣ ଜୋନ୍ ନିୟମର ଉଲ୍ଲଙ୍ଘନ କରିଥିବାରୁ ସେଗୁଡ଼ିକୁ ଭୂମିସାତ୍ କରାଯାଇଛି। ଏବେ ଆସନ୍ତୁ ଏ ପ୍ରସଙ୍ଗରେ ଆମ ରାଜ୍ୟକୁ। ସହର ତ ଆପାର୍ଟମେଣ୍ଟରେ ଭର୍ତ୍ତି। ସହରତଳି ଗାଁର ଠିକ୍ ଗାଁ ମୁଣ୍ଡରେ ଏହା ଗଢ଼ିଉଠୁଥିବାରୁ ସମୁଦାୟ ଗାଁ ଖୋଲା ପବନ ପାଇବାରୁ ବଞ୍ଚିତ। ଲୋକେ ଦକ୍ଷିଣା, ଉତ୍ତରା ପବନ ପାଇବା ସ୍ୱପ୍ନ। ପୁଣି ପରିମଳ ସମସ୍ୟା। ଆପାର୍ଟମେଣ୍ଟ ଯୋଗୁ ଆବର୍ଜନା, ଅପରିଷ୍କାର ଓ ପୂତିଗନ୍ଧମୟ ବାତାବରଣ ସୃଷ୍ଟି ହେଉଛି। ସରଳ, ନିରୀହ ଲୋକେ ପ୍ରତିବାଦ କରିପାରୁ ନାହାନ୍ତି। ଏ ଦିଗରେ ସବିଶେଷ ଅନୁସନ୍ଧାନ ପୂର୍ବକ ବିଡିଏ, ବିଏମ୍‌ସି ଓ ଗୃହ ନିର୍ମାଣ ବିଭାଗ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଓ ଏପରି ନିର୍ମାଣ ଲାଗି ଅନୁମତି ନ ଦେବାକୁ ଦାବି ହେଉଛି।

ମନୋରଞ୍ଜନ ସ୍ୱାଇଁ, ତାପସ ସ୍ୱାଇଁ, ତମାଣ୍ଡୋ, ଭୁବନେଶ୍ୱର

### ଅବସର ପରେ

ସରକାରୀ ଚାକିରିରେ ବୟସ ୬୦ ବର୍ଷ ହୋଇଗଲେ ଅବସର ନେବାକୁ ପଡେ। ଆଜିକାଲି ସେ ନିୟମ ବଦଳିଗଲାଣି। ଯେଉଁ ଦଳ ସରକାରରେ ରହିଛନ୍ତି ତାଙ୍କର ଶୁଭ ଦୃଷ୍ଟିରେ ରହିଲେ ତାଙ୍କ ବୋଲ ମାନି ଅନ୍ୟାୟକୁ ନ୍ୟାୟ କହି କାମ କଲେ ତାଙ୍କର ଚାକିରି କାଳ ଆଉ କିଛିବର୍ଷ ପାଇଁ ସମ୍ପ୍ରସାରିତ ହୋଇଯାଏ କିମ୍ବା ଅବସର ପରଦିନ ତାଙ୍କୁ ଅନ୍ୟ ଏକ ସମ୍ମାନନୀୟ ଏବଂ ଉଚ୍ଚ ପଦବୀରେ ଅବସ୍ଥାପିତ କରାଯାଏ। କେନ୍ଦ୍ର ସରକାରଙ୍କଠାରୁ ରାଜ୍ୟ ସରକାର ପର୍ଯ୍ୟନ୍ତ ପ୍ରାୟ ସମସ୍ତେ ଏହାକୁ ଏକ ପରମ୍ପରାରେ ପରିଣତ କରିଦେଲେଣି। ଫଳତଃ ଶିକ୍ଷିତ ବେକାରମାନେ ଚାକିରି ପାଇବାରୁ ବଞ୍ଚିତ ହେଉଛନ୍ତି ଏବଂ ଯୋଗ୍ୟ ଲୋକମାନେ ପଦୋନ୍ନତି ପାଉନାହାନ୍ତି। ଅଥଚ ତୋଷାମୋଦକାରୀମାନେ ଲୋକଙ୍କ ଆଖିରେ ଦୁର୍ନୀତିଗ୍ରସ୍ତ ହେଲେ ବି ସରକାରଙ୍କର ଗେହ୍ଲା ପୁଅ ଲିଷ୍ଟରେ ନାଁ ରହିଯାଉଛି। ଚାକିରି ପରେ ଲୋକେ ଘୃଣାରେ ତାଙ୍କ ମୁହଁକୁ ବି ଅନାନ୍ତି ନାହିଁ।

ଅକ୍ଷୟ ମହାନ୍ତି, ତେନ୍ତୁଳିପଦା, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



ଦିଲ୍ଲୀ ବିଧାନସଭା ନିର୍ବାଚନ ଲାଗି ପ୍ରାର୍ଥିପତ୍ର ପ୍ରତ୍ୟାହାର ଶେଷ ହୋଇଥିବାବେଳେ ମୋଟ ୬୬୮ ଜଣ ପ୍ରାର୍ଥୀ ରଣାଙ୍ଗନରେ ଅଛନ୍ତି। ଶୁକ୍ରବାର ୩୦ ପ୍ରାର୍ଥୀ ସେମାନଙ୍କ ପ୍ରାର୍ଥିପତ୍ର ପ୍ରତ୍ୟାହାର କରିନେଇଛନ୍ତି। ଆସନ୍ତା ଫେବୃୟାରୀ ୮ରେ ଗୋଟିଏ ପର୍ଯ୍ୟାୟରେ ଦିଲ୍ଲୀ ବିଧାନସଭା ଲାଗି ଭୋଟଗ୍ରହଣ କରାଯିବାକୁ ଥିବାବେଳେ ୧୧ରେ ଭୋଟଗଣତି କରାଯିବ। ନିର୍ବାଚନରେ ସୁରକ୍ଷା ଲାଗି ୯୦ ହଜାର ପୋଲିସଙ୍କୁ ମୁତୟନ କରାଯିବ ବୋଲି ମୁଖ୍ୟ ନିର୍ବାଚନ କମିଶନର ସୁନୀଲ ଆରୋରା ପ୍ରକାଶ କରିଛନ୍ତି।

# 'ଆଇକନିକ ସାଇଟ୍‌ରେ ସ୍ଥାନିତ ହେବ କୋଣାର୍କ'

## ଜାତୀୟ ପର୍ଯ୍ୟଟନ ସମ୍ମିଳନୀ ଉଦ୍‌ଯାପିତ

■ ବର୍ଷକୁ ୧୫ ପର୍ଯ୍ୟଟନସ୍ଥଳୀ ବୁଲିଲେ ମିଳିବ ଭ୍ରମଣ ଖର୍ଚ୍ଚ

କୋଣାର୍କ,୨୪।୧(ଡି.ଏନ୍.ଏ.)

କୋଣାର୍କକୁ ଦେଶର ମୁଖ୍ୟ ପର୍ଯ୍ୟଟନସ୍ଥଳୀ ତଥା ଆଇକନିକ ସାଇଟ୍ ତାଲିକାରେ ଖୁବ୍‌ଶୀଘ୍ର ସାମିଲ କରାଯିବ। ଏହାର ଆନୁଷ୍ଠାନିକ ଘୋଷଣା ଏକ ବିଶେଷ ସମାବେଶରେ କରାଯିବ ବୋଲି କେନ୍ଦ୍ର ପର୍ଯ୍ୟଟନ ମନ୍ତ୍ରୀ ପ୍ରହ୍ଲାଦ ସିଂ ପଟେଲ କହିଛନ୍ତି। କୋଣାର୍କର ମେରାଇନ ଡ୍ରାଇଭ ଇକୋ ରିଟ୍ରିଟଠାରେ ଚାଲିଥିବା ଦୁଇଦିନିଆ ଜାତୀୟ ପର୍ଯ୍ୟଟନ ସମ୍ମିଳନୀର ଶୁକ୍ରବାର ଉଦ୍‌ଯାପନୀ ଉତ୍ସବରେ ଯୋଗଦେଇ ମନ୍ତ୍ରୀ ସିଂ ଏହା କହିଛନ୍ତି। ସେ ଆହୁରି କହିଥିଲେ ଯେ, ୨୦୨୨ମସିହା ସୁଦ୍ଧା ଦେଶର ୧୫ଟି ପର୍ଯ୍ୟଟନସ୍ଥଳୀର ବିକାଶ ନିମନ୍ତେ କେନ୍ଦ୍ର ସରକାରଙ୍କ ପର୍ଯ୍ୟଟନ ବିଭାଗ ପ୍ରୟାସ ଆରମ୍ଭ କରିବା ସହ ଏଠାକୁ ଅଧିକରୁ ଅଧିକ ପର୍ଯ୍ୟଟକଙ୍କ ଆଗମନ ନେଇ ବ୍ୟବସ୍ଥା କରାଯିବ। ସେହିଭଳି ବର୍ଷକୁ ୧୫ରୁ ଅଧିକ ପର୍ଯ୍ୟଟନସ୍ଥଳୀ ବୁଲୁଥିବା ପର୍ଯ୍ୟଟକଙ୍କୁ କେନ୍ଦ୍ର ପର୍ଯ୍ୟଟନ ମନ୍ତ୍ରଣାଳୟ ପୁରସ୍କୃତ କରିବା ସହ ସେମାନଙ୍କ ଭ୍ରମଣ ବାବଦ ଖର୍ଚ୍ଚ ବହନ କରିବ। ତେବେ ପର୍ଯ୍ୟଟକମାନେ ନିଜ ନିଜ ରାଜ୍ୟରେ ଏହି ୧୫ଟି ସ୍ଥାନ ବୁଲିବା ବାଧ୍ୟତାମୂଳକ ହେବ। ଭ୍ରମଣ ସମୟର ଫଟୋକୁ ମନ୍ତ୍ରଣାଳୟ ୱେବ୍‌ସାଇଟ୍‌ରେ ଦାଖଲ କରିବା ପରେ ତାହାକୁ ବିଚାରକୁ ନିଆଯାଇ ସମ୍ପୂର୍ଣ୍ଣ ଭ୍ରମଣ ଖର୍ଚ୍ଚ ସରକାରଙ୍କ ପକ୍ଷରୁ ପ୍ରଦାନ କରାଯିବ ବୋଲି ସେ କହିଥିଲେ।

ଓଡ଼ିଶା ଓ ଗୁଜରାଟ ପର୍ଯ୍ୟଟନସ୍ଥଳୀର ପ୍ରଚାର, ପ୍ରସାର କରିବାକୁ ଆଗାମୀ ଦିନରେ ଚୁକ୍ତି ପାଇଁ ଏକ ସଦିଚ୍ଛା ପତ୍ର ସ୍ୱାକ୍ଷରିତ ହୋଇଥିଲା। ଏହା ଦ୍ୱାରା ଦୁଇ ରାଜ୍ୟର ପର୍ଯ୍ୟଟନ କ୍ଷେତ୍ରର ବିକାଶ, ପର୍ଯ୍ୟଟକଙ୍କ ନିମନ୍ତେ ସ୍ୱତନ୍ତ୍ର ଟୁର ପ୍ୟାକେଜ, ଗୁଜରାଟ ଢାଞ୍ଚାରେ ଓଡ଼ିଶା ପର୍ଯ୍ୟଟନ ସ୍ଥଳୀମାନଙ୍କର ରୂପରେଖ ବଦଳାଇବା ପାଇଁ ଏହା ଏକ ମାଇଲ ଖଣ୍ଟ ସଦୃଶ ବୋଲି ରାଜ୍ୟ ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ କହିଛନ୍ତି। ରାଜସ୍ଥାନରେ ପ୍ୟାଲେସ ଅନ୍ ହ୍ୱିଲ୍ ପାଇଁ ପର୍ଯ୍ୟଟନ ଟ୍ରେନ ଚାଲୁଛି। ସେହିପରି ଓଡ଼ିଶା ତଥା ଦେଶର ଅନ୍ୟ ସ୍ଥାନରେ ଟ୍ରେନ କେନ୍ଦ୍ର ସରକାରଙ୍କ ପକ୍ଷରୁ ଚାଲିବା ଆବଶ୍ୟକ। ଏଭଳି ପଦକ୍ଷେପ ଦେଶ ତଥା ରାଜ୍ୟର ପର୍ଯ୍ୟଟନ ଶିଳ୍ପର ବିକାଶକୁ ବହୁଗୁଣିତ କରିବ ବୋଲି ପୂର୍ବାଞ୍ଚଳ ପର୍ଯ୍ୟଟନ କମିଟି ମୁଖ୍ୟ ସୌଭାଗ୍ୟ କୁମାର ମହାପାତ୍ର କହିଥିଲେ। ଏହି ସମାରୋହରେ ରାଜ୍ୟ ପର୍ଯ୍ୟଟନ ବିଭାଗ ସଚିବ ବିଶାଲ କୁମାର ଦେବ, ଉନ୍ନୟନ କମିଶନର ତଥା ଅତିରିକ୍ତ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର, ଗୁଜରାଟ ପର୍ଯ୍ୟଟନ ମନ୍ତ୍ରୀ ଭାସନ ଭାଇ ଅହିର, କେନ୍ଦ୍ର ସରକାରଙ୍କ ପର୍ଯ୍ୟଟନ ବିଭାଗର ଅତିରିକ୍ତ ମହାନିର୍ଦ୍ଦେଶକ ରୂପିନ୍ଦର ବ୍ରରୂର, ରାଜ୍ୟ ପର୍ଯ୍ୟଟନ ନିର୍ଦ୍ଦେଶକ ସଚିନ ରାମଚନ୍ଦ୍ର ଯାଦବ ପ୍ରମୁଖ ଉପସ୍ଥିତ ଥିଲେ। ପର୍ଯ୍ୟଟନ ବିଭାଗ ଉପନିର୍ଦ୍ଦେଶକ ବିଜୟ କୁମାର ଜେନା, ବରିଷ୍ଠ ଅଧିକାରୀ ରତିକାନ୍ତ ପଟ୍ଟନାୟକ, କୋଣାର୍କ ପର୍ଯ୍ୟଟନ ଅଧିକାରୀ ସରୋଜକାନ୍ତ ପ୍ରଧାନ ପ୍ରମୁଖ ପରିଚାଳନା କରିଥିଲେ। କୋଣାର୍କ ସୁରକ୍ଷା ସମିତିର ଆବାହକ ଭାଗୀରଥି ସ୍ୱାଇଁ ଓ ରଘୁନାଥ ମହାପାତ୍ର ପ୍ରତି ଶନିବାର ସୂର୍ଯ୍ୟମନ୍ଦିରକୁ ପ୍ରବେଶ ଶୁଳ୍କ ଛାଡ ପାଇଁ କେନ୍ଦ୍ର ପର୍ଯ୍ୟଟନ ମନ୍ତ୍ରୀ ପଟେଲଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ।




ଜାତୀୟ ପର୍ଯ୍ୟଟନ ଉଦ୍‌ଯାପନ ସମ୍ମିଳନୀରେ ଉପସ୍ଥିତ କେନ୍ଦ୍ର ପର୍ଯ୍ୟଟନ ମନ୍ତ୍ରୀ ପ୍ରହ୍ଲାଦ ସିଂ ପଟେଲ ଏବଂ ଅନ୍ୟ ଅତିଥିମାନେ।

# ନନ୍ଦନକାନନକୁ ଆସିବ ଧଳା ଗଣ୍ଡା

**ବାରଙ୍ଗ, ୨୪।୧ (ଡି.ଏନ.ଏ.):** ପ୍ରାଣୀ ଉଦ୍ୟାନ ନନ୍ଦନକାନନକୁ ଖୁବଶୀଘ୍ର ଆସିବେ ନୂଆ ଅତିଥି। ସିଙ୍ଗାପୁରରୁ ଧଳା ଗଣ୍ଡା ଓ ଶ୍ରୀଲଙ୍କାରୁ ଆଫ୍ରିକୀୟ ସିଂହ ଅଣାଯିବା ପାଇଁ ଆଲୋଚନା ହୋଇଛି। ଏ ନେଇ ନନ୍ଦନକାନନ କର୍ତ୍ତୃପକ୍ଷଙ୍କ ପକ୍ଷରୁ ପ୍ରସ୍ତାବ ଦିଆଯାଇଛି। ଏହି ପ୍ରସ୍ତାବ ଉପରେ ସହମତି ମିଳିଲେ ସିଂହ ଓ ଧଳା ଗଣ୍ଡା ନନ୍ଦନକାନନକୁ ଆସିବ। ଏହି ବିଷୟରେ ନନ୍ଦନକାନନ ପରିଚାଳନା କମିଟି ପକ୍ଷରୁ ଶୁକ୍ରବାର ଅନୁଷ୍ଠିତ ଏକ ବୈଠକରେ ନିଷ୍ପତ୍ତି ହୋଇଛି ବୋଲି ନନ୍ଦନକାନନ ନିର୍ଦ୍ଦେଶକ ଶଶୀ ପଲ୍ କହିଛନ୍ତି। ଏଥର ନୂଆ ରୂପରେ ଝଲସିବ ଗଣ୍ଡା ଏନକ୍ଲୋଜର। ତେବେ ନନ୍ଦନକାନନ ପାଇଁ ନୂଆ ପ୍ରଜାତି ସାଜିଥିବା ଧଳା ଗଣ୍ଡା ଆସିଲେ ପର୍ଯ୍ୟଟକଙ୍କ ସଂଖ୍ୟା ବୃଦ୍ଧିରେ ସହାୟକ ହୋଇପାରିବ ବୋଲି ଆଶା କରାଯାଇଛି। ଉଲ୍ଲେଖଯୋଗ୍ୟ, ୧୯୭୬ ମସିହାରେ ନନ୍ଦନକାନନକୁ ଆସାମର ଗୁଆହାଟୀରୁ ନକ୍ଷୀନାମକ ମାଈ ଗଣ୍ଡା ନନ୍ଦନକାନନକୁ ଆସିଥିବାବେଳେ ତା'ର ସାଥୀ ନନ୍ଦକୁ ୨୧ ଡିସେମ୍ବର ୧୯୭୯ ମସିହାରେ ଅଣାଯାଇଥିଲା। ତେବେ ୨୦୦୭ରେ ନକ୍ଷୀ ମୃତ୍ୟୁ କରିଥିବାବେଳେ ନନ୍ଦ ନିଃସଙ୍ଗ ଜୀବନ ଜିଇବାକୁ ଆରମ୍ଭ କରିଥିଲା।










# ଅତ୍ୟଧିକ ଟିକସ ସାମାଜିକ ଅନ୍ୟାୟ: ସିଜେଆଇ

ନୂଆଦିଲ୍ଲୀ, ୨୪।୧ (ଆଇଏଏନ୍‌ଏସ୍)



ଜଷ୍ଟିସ୍ ଏସ୍.ଏ. ବୋବ୍‌ଡେ

ଟିକସ ଠକେଇ ହେଉଛି ଭାରତୀୟ ନାଗରିକମାନଙ୍କ ପ୍ରତି ସାମାଜିକ ଅନ୍ୟାୟ। ସେହିପରି ସରକାରଙ୍କ ପକ୍ଷରୁ ଲୋକଙ୍କ ଉପରେ ସ୍ୱେଚ୍ଛାଚାର ଭାବେ କିମ୍ବା ଅତ୍ୟଧିକ ଟାକ୍ସ ଲଗାଇବା ମଧ୍ୟ ସାମାଜିକ ଅନ୍ୟାୟ ଶ୍ରେଣୀରେ ଆସୁଛି ବୋଲି ଶୁକ୍ରବାର ପ୍ରଧାନ ବିଚାରପତି ଜଷ୍ଟିସ୍ ଏସ୍.ଏ. ବୋବ୍‌ଡେ ପ୍ରକାଶ କରିଛନ୍ତି। ଇନ୍‌କମ୍ ଟାକ୍ସ ଅପିଲେଟ୍ ଟ୍ରିବ୍ୟୁନାଲର ୭୯ତମ ପ୍ରତିଷ୍ଠା ଦିବସ ଅବସରରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ସିଜେଆଇ ବୋବ୍‌ଡେ କହିଛନ୍ତି, ଦେଶ ପାଇଁ ସମ୍ପଦ ଜୁଟାଇବା କ୍ଷେତ୍ରରେ ଟାକ୍ସ ନ୍ୟାୟପାଳିକା ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାଏ। କିନ୍ତୁ ଲୋକଙ୍କ ଉପରେ ମନମୁଖି ଓ ଅତ୍ୟଧିକ ଟିକସ ବୋଝ ଲଦିଦେବା ସେମାନଙ୍କ ପ୍ରତି ଏକ ସାମାଜିକ ଅନ୍ୟାୟ ଭାବେ ଦେଖାଯାଇପାରେ। ଉପଯୁକ୍ତ ଓ ତ୍ୱରିତ ବିବାଦର ସମାଧାନକୁ ଟିକସଦାତାଙ୍କ ପାଇଁ ଏକ ଟାକ୍ସ ଇନ୍‌ସେଣ୍ଟିଭ୍ ଭାବେ ପରିଗଣିତ କରାଯାଇଥାଏ ବୋଲି ସିଜେଆଇ ମତବ୍ୟକ୍ତ କରିଛନ୍ତି। ଫେବୃୟାରୀ ୧ରେ ପାର୍ଲାମେଣ୍ଟରେ କେନ୍ଦ୍ରୀୟ ବଜେଟ ଆସିବାକୁ ଥିବାବେଳେ ଏହା ପୂର୍ବରୁ ସିଜେଆଇଙ୍କ ଏହି ମତକୁ ବିଶେଷ ତାତ୍ପର୍ଯ୍ୟପୂର୍ଣ୍ଣ ବିବେଚନା କରାଯାଉଛି। ବିଶେଷକରି ଦେଶରେ ମାନ୍ଦାବସ୍ଥା ଲାଗିରହିଥିବାବେଳେ ଅର୍ଥନୈତିକ ଅଭିବୃଦ୍ଧି ମଧ୍ୟ ହ୍ରାସ ପାଇବାରେ ଲାଗିଛି। ଏଭଳି ସମୟରେ ବିରୋଧୀ ଦଳଗୁଡ଼ିକ କେନ୍ଦ୍ରକୁ ଟାର୍ଗେଟ କରୁଥିବାବେଳେ ସରକାରଙ୍କୁ ଅର୍ଥନୀତିର ପାଠ ପଢ଼ାଇଛନ୍ତି ସିଜେଆଇ।

# ବି.କେ. ଶର୍ମାଙ୍କ ବିରୋଧରେ ତଦନ୍ତ ଆରମ୍ଭ

**ଭୁବନେଶ୍ୱର,୨୪।୧(ବ୍ୟୁରୋ):** ବରିଷ୍ଠ ଆଇପିଏସ୍ ଅଧିକାରୀ ତଥା ପୂର୍ବତନ ପୋଲିସ ମହାନିର୍ଦ୍ଦେଶକ ବି.କେ. ଶର୍ମାଙ୍କ ବିରୋଧରେ ଆସିଥିବା ଅଭିଯୋଗର ତଦନ୍ତ ଆରମ୍ଭ ହୋଇଛି। କିଛିଦିନ ତଳେ ଅଗ୍ନିଶମ ନିରାପତ୍ତା ନିର୍ଦ୍ଦେଶାଳୟ ଦାୟିତ୍ୱରେ ଥିବା ସମୟରେ ଶର୍ମା ଅନିୟମିତତା କରିଥିବା ଅଭିଯୋଗ ଆସିଥିଲା। ତେଣୁ ସରକାର ଶର୍ମାଙ୍କୁ ତୁରନ୍ତ ପୋଲିସ ଡିଜି ପଦରୁ ଅବ୍ୟାହତି ଦେବା ସହ ଗୃହ ବିଭାଗର ଓଏସ୍‌ଡିଭାବେ ଅବସ୍ଥାପିତ କରିଥିଲେ। ତାଙ୍କ ବିରୋଧରେ ତଦନ୍ତ ପାଇଁ ୩ ଜଣ ବରିଷ୍ଠ ପ୍ରଶାସନିକ ଅଧିକାରୀଙ୍କୁ ନିଯୁକ୍ତ କରାଯାଇଛି। ଏହି ଅଧିକାରୀମାନେ ହେଲେ ମୁଖ୍ୟ ଶାସନ ସଚିବ ଅସିତ ତ୍ରିପାଠୀ, ଉନ୍ନୟନ କମିଶନର ସୁରେଶ ମହାପାତ୍ର ଏବଂ ଗୃହ ବିଭାଗ ପ୍ରମୁଖ ସଚିବ ସଞ୍ଜୀବ ଚୋପ୍ରା। ଅନ୍ୟମାନଙ୍କ ମଧ୍ୟରେ ସ୍ୱତନ୍ତ୍ର ଗୋଇନ୍ଦା ଡିଜି ସତ୍ୟଜିତ ମହାନ୍ତି ମଧ୍ୟ ଉପସ୍ଥିତ ରହିଥିଲେ। ବୈଠକରେ ଶର୍ମାଙ୍କ ବିରୋଧରେ ଆସିଥିବା ଅଭିଯୋଗ ସମ୍ପର୍କରେ ଆଲୋଚନା ହୋଇଛି। ଆଗାମୀ ଦିନରେ ଅଗ୍ନିଶମ ନିରାପତ୍ତା ନିର୍ଦ୍ଦେଶାଳୟର ଅଧିକାରୀ ଏବଂ ଅଭିଯୋଗ ସହ ସଂପୃକ୍ତ ଥିବା ଅଧିକାରୀଙ୍କୁ ପଚରାଉଚରା କରାଯିବାର ସମ୍ଭାବନା ରହିଛି। ଏପରି କି ଆଗାମୀ ବୈଠକରେ ଶର୍ମାଙ୍କୁ ହାଜିର ହେବାକୁ ପଡିପାରି ବୋଲି ଜଣାପଡିଛି।




# ଏନ୍‌ସିଏଲ୍‌ଏଟିଙ୍କ ଆଉ ଏକ ରାୟ ଉପରେ ସୁପ୍ରିମକୋର୍ଟଙ୍କ ରହିତାଦେଶ

## ଟାଟା-ମିସ୍ତ୍ରି ମାମଲା

ନୂଆଦିଲ୍ଲୀ,୨୪।୧

ଟାଟା ସନ୍ସ ଏବଂ ସାଇରସ ମିସ୍ତ୍ରି କର୍ପୋରେଟ ବିବାଦ ମାମଲାରେ ସୁପ୍ରିମକୋର୍ଟ ନ୍ୟାଶନାଲ କମ୍ପାନୀ ଆଇନ ଆପିଲେଟ ଟ୍ରିବ୍ୟୁନାଲ (ଏନ୍‌ସିଏଲ୍‌ଏଟି) ଦେଇଥିବା ଆଉ ଏକ ରାୟ ଉପରେ ଶୁକ୍ରବାର ରହିତାଦେଶ ଦେଇଛନ୍ତି। ଏହି ମାମଲାରେ ପ୍ରଥମେ ଏନ୍‌ସିଏଲ୍‌ଏଟି ସାଇରସ ମିସ୍ତ୍ରିଙ୍କ ସପକ୍ଷରେ ରାୟ ଶୁଣାଇଥିଲେ। ରାୟରେ କୁହାଯାଇଯାଇଥିଲା ଯେ, ଟାଟା ସନ୍ସ ଅଧ୍ୟକ୍ଷ ପଦବୀରୁ ସାଇରସଙ୍କ ବହିଷ୍କାର ବେଆଇନ ଥିଲା। ଏହା ସହ ନୂଆ ଅଧ୍ୟକ୍ଷ ଭାବେ ଏନ୍.ଚନ୍ଦ୍ରଶେକରନଙ୍କ ନିଯୁକ୍ତି ଏବଂ ଟାଟାସନ୍ସକୁ ଏକ ଘରୋଇ କମ୍ପାନୀରେ ପରିବର୍ତ୍ତନ ବେଆଇନ ବୋଲି ଏନ୍‌ସିଏଲ୍‌ଏଟି କହିଥିଲେ। ଟାଟାସନ୍ସକୁ ଏକ ଘରୋଇ କମ୍ପାନୀରେ ରୂପାନ୍ତର ନେଇ ରାୟରେ ବ୍ୟବହାର କରାଯାଇଥିବା ବେଆଇନ ସଂଶୋଧନ କରିବା କରିବା ଲାଗି ରେଜିଷ୍ଟ୍ରାର ଅଫ କମ୍ପାନୀଜ( ଆର୍‌ଓସି) ଏନ୍‌ସିଏଲ୍‌ଏଟିରେ ଆବେଦନ କରିଥିଲା। ଏହି ଆବେଦନକୁ ଏନ୍‌ସିଏଲ୍‌ଏଟି ଖାରଜ କରି ଦେଇଥିଲେ। ଏହି ରାୟ ଉପରେ ସର୍ବୋଚ୍ଚ ନ୍ୟାୟାଳୟ ଶୁକ୍ରବାର ରହିତାଦେଶ ଦେଇଛନ୍ତି। ମୁଖ୍ୟ ବିଚାରଏସ୍.ଏ.ବୋବଡେ, ଜଷ୍ଟିସ ବି.ଆର୍. ଗଭାଇ, ଜଷ୍ଟିସ ସୂର୍ଯ୍ୟକାନ୍ତଙ୍କୁ ନେଇ ଗଠିତ ଖଣ୍ଡପୀଠ ଟାଟାସନ୍ସ ପ୍ରାଇଭେଟ ଲିମିଟେଡ(ଟିଏସ୍‌ପିଏଲ୍) ଆବେଦନକତ ଶୁଣାଣି କରିବାକୁ ରାଜି ହେବା ସହ ବିଭିନ୍ନ ପକ୍ଷଙ୍କୁ ନୋଟିସ ଜାରି କରିଛନ୍ତି।

ଏହି ମାମଲାର ବିସ୍ତୃତ ଶୁଣାଣି କରିବାକୁ ସର୍ବୋଚ୍ଚ ନ୍ୟାୟାଳୟ କହିଛନ୍ତି। ଡିସେମ୍ବର ୧୮ରେ ଏନ୍‌ସିଏଲ୍‌ଏଟି ଟାଟାସନ୍ସର ଅଧ୍ୟକ୍ଷ ପଦବୀରେ ସାଇରସ ମିସ୍ତ୍ରିଙ୍କୁ ପୁନଃ ଅବସ୍ଥାପିତ କରିବା ସହ ଟାଟାକୁ ମାମଲାର ଚ୍ୟାଲେଞ୍ଜ ପାଇଁ ଗୋଟିଏ ମାସ ସମୟ ଦେଇଥିଲେ। ୨୦୧୬ ଅକ୍ଟୋବରରେ ଏକ ବିବାଦୀୟ ସ୍ଥିତିରେ ଟାଟାସନ୍ସ ଅଧ୍ୟକ୍ଷ ପଦବୀରୁ ମିସ୍ତ୍ରିଙ୍କୁ ହଟାଯାଇଥିଲା।

# ରାଜ୍ୟରେ ଖୋଲିବ ୪୫୦ ଆରଆଇ ସର୍କଲ

ଭୁବନେଶ୍ୱର,୨୪।୧(ବ୍ୟୁରୋ)

ସାରା ରାଜ୍ୟରେ ରାଜସ୍ୱ ନିରୀକ୍ଷକ (ଆର.ଆଇ) କାର୍ଯ୍ୟାଳୟ ଗୁଡିକର ପୁନର୍ଗଠନ କରାଯିବ। ଏ ସମ୍ପର୍କିତ ପ୍ରସ୍ତାବକୁ ସରକାର ବିଚାର କରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରୁଥିବା ଜଣାପଡିଛି। ତେଣୁ ସରକାର ରାଜ୍ୟରେ ଆଉ ପ୍ରାୟ ୪୫୦ ନୂଆ ଆର.ଆଇ କାର୍ଯ୍ୟାଳୟ ଗଠନ ନେଇ ଚିନ୍ତା କରୁଛନ୍ତି। ଗତ ଡିସେମ୍ବର ୭ରେ ସେ ସମୟରେ ରାଜସ୍ୱ ବିଭାଗର ପ୍ରମୁଖ ସଚିବ ନିକୁଞ୍ଜ ବିହାରୀ ଧଳ ଏନେଇ ସମସ୍ତ ଜିଲାପାଳଙ୍କୁ ଚିଠି ଲେଖିଥିବା ଜଣାପଡିଛି।

ଏହି ଚିଠିରେ ଉଲ୍ଲେଖ କରାଯାଇଛି ଯେ, ରାଜ୍ୟରେ ବର୍ତ୍ତମାନ ୨୨୭୯ ଆର.ଆଇ ସର୍କଲ ରହିଛି। ଗତ ୧୦ ବର୍ଷରେ ୨୨୦ ଆର.ଆଇ ସର୍କଲ ଗଠନ ହୋଇଛି। ତେଣୁ ଆଗାମୀ ଦିନରେ ଗ୍ରାମାଞ୍ଚଳରେ ପ୍ରତି ୩ ଗ୍ରାମ ପଞ୍ଚାୟତରେ ଗୋଟିଏ ଆର.ଆଇ ସର୍କଲର ପ୍ରସ୍ତାବ ରହିଛି। ଅନୁରୂପଭାବେ ସହରାଞ୍ଚଳରେ ପ୍ରତି ୩ଟି ୱାର୍ଡରେ ଗୋଟିଏ ଆର.ଆଇ ସର୍କଲ ଗଠନ ପାଇଁ ପ୍ରସ୍ତାବ ରହିଛି। ଏହି ସହରାଞ୍ଚଳଗୁଡିକ ହେଉଛି– କଟକ, ରାଉରକେଲା, ବ୍ରହ୍ମପୁର, ପୁରୀ, ଭୁବନେଶ୍ୱର, ସମ୍ବଲପୁର ଏବଂ ବାଲେଶ୍ୱର। ଯଦି ଆବଶ୍ୟକ ହୁଏ, ତେବେ ଲଘୁ ଖଣିଜ ଅଞ୍ଚଳରେ ଅତିରିକ୍ତ ଆର.ଆଇ ସର୍କଲ ଖୋଲାଯିବ। ତେଣୁ ତହସିଲୱାରୀ ରୂପରେଖ ପ୍ରସ୍ତୁତ କରିବା ପାଇଁ ସମସ୍ତ ଜିଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି। କେଉଁ ଜିଲାରେ କେତୋଟି ଆର.ଆଇ ସର୍କଲ ହେବ, ତାହାର ଏକ ପ୍ରାଥମିକ ପରିସଂଖ୍ୟାନ ମଧ୍ୟ ପ୍ରସ୍ତୁତ କରାଯାଇଛି। ଏହି ପରିସଂଖ୍ୟାନ ଅନୁଯାୟୀ, ଅନୁଗୋଳ ଜିଲାରେ ୨୦, ବାଲେଶ୍ୱର ୪୫, ବରଗଡ ୨୦, ଭଦ୍ରକ ୩, ବଲାଙ୍ଗୀର ୧୯, ବୌଦ୍ଧ ୩, କଟକ ୪୩, ଦେବଗଡ ୪, ଢେଙ୍କାନାଳ ୨୧ ଏବଂ ଗଜପତିରେ ୧୩ ଆର.ଆଇ ସର୍କଲ ପାଇଁ ପ୍ରସ୍ତାବ ରହିଛି। ସେହିପରି ଗଞ୍ଜାମରେ ୨୦, ଜଗତ୍‌ସିଂହପୁର ୧, ଯାଜପୁର ୩୨, ଝାରସୁଗୁଡାରେ ୫, କଳାହାଣ୍ଡି ୨୫, କନ୍ଧମାଳ ୭, କେନ୍ଦ୍ରାପଡା ୧୩, କେନ୍ଦୁଝର ୨୨, ଖୋର୍ଦ୍ଧା ୨୬ ଏବଂ କୋରାପୁଟରେ ୧୧ଟି ଆର.ଆଇ ସର୍କଲ ଖୋଲାଯିବା ପାଇଁ ବିଚାର କରାଯାଉଛି। ଅନୁରୂପଭାବେ ମାଲକାନଗିରିରେ ୫, ମୟୂରଭଞ୍ଜରେ ୯, ନବରଙ୍ଗପୁର ୧୨, ନୟାଗଡ ୧୭, ନୂଆପଡା୧୨, ପୁରୀ ୧୪, ରାୟଗଡା ୨, ସମ୍ବଲପୁର ୧୦, ସୁବର୍ଣ୍ଣପୁର ୨ ଏବଂ ସୁନ୍ଦରଗଡ଼ରେ ୧୪ ଆର.ଆଇ ସର୍କଲର ପ୍ରସ୍ତାବ ରହିଛି। ବର୍ତ୍ତମାନ ରାଜ୍ୟର ଅନେକ ବୃହତ ସର୍କଲ ଅବସ୍ଥାନ କରୁଛି। ନୂତନ ସର୍କଲ ଗଠନ ପରେ ଏହାର ପରିସୀମା ହ୍ରାସ ପାଇବ। ଫଳରେ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟଚାପ ବହୁପରିମାଣରେ କମିଯିବ। ଏହା ଦ୍ୱାରା ଜନସାଧାରଣ ସହଜରେ ଜମିଜମା ସମ୍ପର୍କିତ ସେବା ପାଇପାରିବେ।



ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ୨୫ ଜାନୁୟାରୀ, ୨୦୨୦



ତୁମର କଷ୍ଟର କାରଣ ଯାହାକିଛି ହୋଇଥାଉ ନା କାହିଁକି, ତୁମେ ଅପରକୁ କୌଣସି ଆଘାତ ଦିଅ ନାହିଁ।
-ଗୌତମବୁଦ୍ଧ



## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ୯କୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ, ଦୁର୍ଗାମଣ୍ଡପ ପଡ଼ିଆ, ଚନ୍ଦ୍ରଶେଖରପୁର ହାଉସିଂ ବୋର୍ଡ, ଫେଜ୧, ସକାଳ ୮ଟା।
- ରାମକୃଷ୍ଣ ମଠ ଓ ରାମକୃଷ୍ଣ ମିଶନର ଶତବାର୍ଷିକ ଉତ୍ସବର ଉଦ୍‌ଘାଟନ, ବିବେକାନନ୍ଦ ମାର୍ଗ, ମଠ ପରିସର, ପୂର୍ବାହ୍ନ ୯ଟା ୩୦।
- ପତ୍ରିକା ଜ୍ୟୋତିଶ୍ରୀର ଏକାଦଶ ସ୍ୱନକ୍ଷତ୍ର, ରୋଟାରୀ ଭବନ, ପୂର୍ବାହ୍ନ ୧୦ଟା।
- ବ୍ଲିଜଫୁଲ ଯୋଗ ସେଣ୍ଟର ପକ୍ଷରୁ ଯୋଗ ପ୍ରତିଯୋଗିତା, ସେଣ୍ଟର ପରିସର, ପ୍ଲଟ ନଂ ୨୨୫୩/୯୫୮, ନ୍ୟୁ ଫରେଷ୍ଟ ପାର୍କ, ପୂର୍ବାହ୍ନ ୧୦ଟା।
- ସିଟି ଓମେନ୍ସ ହାୟର ସେକେଣ୍ଡାରୀ ସ୍କୁଲର ବାର୍ଷିକ ସାଂସ୍କୃତିକ ଉତ୍ସବ, ସ୍କୁଲ ପରିସର, ସିରିପୁର, ପୂର୍ବାହ୍ନ ୧୧ଟା ୩୦।
- ଗାୟତ୍ରୀ ପରିବାର ପକ୍ଷରୁ ପଞ୍ଚକୁଣ୍ଡୀୟ ମହାଯଜ୍ଞ, ପ୍ରାଚୀ ବିହାର, ପଳାଶୁଣୀ, ଅପରାହ୍ନ ୨ଟା।
- ଭାରତୀୟ ସାହିତ୍ୟ ସମାଜ ପକ୍ଷରୁ ସାଧାରଣ ଅଧିବେଶନ, କୃଷକ ସମାଜ ଗୃହ, ସନ୍ଧ୍ୟା ୬ଟା।

**ବାଲିପାଟଣା**

- ତ୍ରିବେଣୀ ମହୋତ୍ସବ, ବନମାଳୀପୁର, ଅପରାହ୍ନ ୪ଟା।

## ସଂକ୍ଷେପରେ

### ୪୪ଗ୍ରାମ ବ୍ରାଉନସୁଗାର ଜବତ, ୩ ଗିରଫ

**କଟକ ରୋଡ,୨୪।୧(ଡି.ଏନ୍.ଏ.):** ଲକ୍ଷ୍ମୀସାଗର ପୋଲିସ ଓ କୁଇକ ଆକ୍ସନ ଟିମ ହଳଦୀପଡ଼ିଆ ବସ୍ତିରେ ଚଢ଼ାଉ କରି ଜଣେ ଯୁବତୀଙ୍କ ସମେତ ୩ଜଣ ବ୍ରାଉନସୁଗାର ବ୍ୟବସାୟୀଙ୍କୁ ଗିରଫ କରିଛି। ସେମାନେ ହେଲେ ଏହି ବସ୍ତିରେ ରହୁଥିବା ବିୟୁଟି ପୋଦ୍ଦାର, ଶଙ୍କର ଦାସ ଓ ଲକ୍ଷ୍ମୀସାଗର ହାଉସିଂ ବୋର୍ଡ ଫେଜ-୨ର ଲୋକମାନ ପରଭେଜ। ଏମାନଙ୍କ ଠାରୁ ୪୪ଗ୍ରାମ ବ୍ରାଉନସୁଗାର, ୨୬୦୦ ଟଙ୍କା ଓ ୨ଟି ବାଇକ୍ ଜବତ କରାଯାଇଛି। ଜବତ ବ୍ରାଉନସୁଗାର ମୂଲ୍ୟ ପ୍ରାୟ ସାଢେ ୪ଲକ୍ଷ ଟଙ୍କା ହେବ ବୋଲି ପୋଲିସ କହିଛି। ସୂଚନା ଅନୁଯାୟୀ, ଅଭିଯୁକ୍ତମାନେ ହଳଦୀପଡ଼ିଆରେ ଥିବା ବିଦ୍ୟୁତ୍ ଷ୍ଟେଶନ କାର୍ଯ୍ୟାଳୟ ନିକଟରେ ନିଶା ସାମଗ୍ରୀ ବିକ୍ରି କରୁଥିବା ନେଇ ସୂଚନା ମିଳିଥିଲା। ମଧାହ୍ନ ପ୍ରାୟ ୧୨ଟାରେ ପୋଲିସ ସେଠାରେ ଚଢ଼ାଉ କରି ଏମାନଙ୍କୁ ଧରିଥିଲା। ଏ ନେଇ ଥାନାରେ ଏକ ମାମଲା (ନଂ.୨୫/୧୯)ରୁଜୁ ହୋଇଛି। ସୂଚନାଥାଉ କି, ୨୦୧୯ ଜୁଲାଇ ୨୯ରେ ଉକ୍ତ ବସ୍ତିରେ ବ୍ରାଉନସୁଗାର ବିକ୍ରି କରୁଥିବା ୬ନିଶା ବ୍ୟବସାୟୀଙ୍କ ଘର ପୋଲିସ ଭାଙ୍ଗିଥିଲା।

### ଏକ ନମ୍ବର ହାଟରୁ ହଟିଲା ଫଳ ଟ୍ରଲି

**ଭୁବନେଶ୍ୱର, ୨୪।୧ (ବ୍ୟୁରୋ)** ଏକ ନମ୍ବର ହାଟ ପରିସରରୁ ହଟିଛି ଫଳ ଟ୍ରଲି। ରାସ୍ତା ଉପରେ ଟ୍ରଲି ଥୋଇ ଟ୍ରାଫିକ୍ ଜାମ କରୁଥିବା ବ୍ୟବସାୟୀଙ୍କୁ ବିଏମ୍‌ସି, ବିଡିଏ ମିଳିତ ଉଚ୍ଛେଦ ଦଳ ହଟାଇ ଦେଇଛି। ଶୁକ୍ରବାର ଅପରାହ୍ନରେ କମିଶନର ପ୍ରେମଚନ୍ଦ୍ର ଚୌଧାରୀଙ୍କ ତତ୍ତ୍ୱାବଧାନରେ ଏହି ଉଚ୍ଛେଦ କରାଯାଇଛି। ସ୍ମାର୍ଟସିଟି ପ୍ରକଳ୍ପ ଅଧୀନରେ ରାସ୍ତା, ବଜାର ଏବଂ ହାଟ ଇତ୍ୟାଦିକୁ ନବୀକରଣ କରାଯିବାର ଉଦ୍ୟମ ଚାଲୁରହିଥିବାବେଳେ କେତେଜଣ ବ୍ୟକ୍ତି ଏହାକୁ ନ ମାନି ଅଯଥା ସମସ୍ୟା ସୃଷ୍ଟି କରୁଥିବାରୁ ଉଚ୍ଛେଦ କରାଯାଇଥିବା କମିଶନର କହିଛନ୍ତି।

### ରାସ୍ତାପାର୍ଶ୍ୱକୁ ଖସିଲା କାର୍

**ବାଲିଅନ୍ତା,୨୪।୧(ଡି.ଏନ.ଏ.):** ହଂସପାଳ-ଭିଙ୍ଗାରପୁର ପୂର୍ତ୍ତ ବିଭାଗ ରାସ୍ତାର ବାଲିଅନ୍ତା ତଳବଜାରକୁ ସଂଯୋଗ କରୁଥିବା ରାସ୍ତାରେ ଶୁକ୍ରବାର ଏକ କାର୍ ଭାରସାମ୍ୟ ହରାଇ ରାସ୍ତାପାର୍ଶ୍ୱକୁ ଖସିପଡ଼ିଥିଲା। ଦୀର୍ଘ ୬ମାସ ଧରି ମୁଖ୍ୟରାସ୍ତାରରୁ ବାହାରିଥିବା ଏହି ରାସ୍ତାଟିରେ ଏକ ବଡ଼ ଖାଲ ସୃଷ୍ଟି ହୋଇଛି। ଏହାକୁ ମରାମତି କରାଯାଉ ନ ଥିବାରୁ ବାରମ୍ବାର ସେଠାରେ ଦୁର୍ଘଟଣା ଘଟୁଛି। ସୂଚନାଯୋଗ୍ୟ, ଉକ୍ତ କାର୍‌ଟି ବାଲିଅନ୍ତା ସାଇଫନ ଛକରୁ ତଳବଜାରସ୍ଥିତ ବିଦ୍ୟୁତ ଅଫିସକୁ ଯାଉଥିବାବେଳେ ବଜାର ରାସ୍ତାରେ କାର୍ ବୁଲାଉ ଥିବାବେଳେ ରାସ୍ତାପାର୍ଶ୍ୱକୁ ଖସିପଡିଥିଲା। କାର୍‌ରେ ଦୁଇଜଣ ବସିଥିଲେ ମଧ କୌଣସି ଆହତ ହୋଇ ନ ଥିବା ଜଣାପଡିଛି। ଏହି ସଂଲଗ୍ନ ରାସ୍ତାଟି ତଳବଜାରକୁ ଯିବା ପାଇଁ ମୁଖ୍ୟରାସ୍ତା ହୋଇଥିଲେ ମଧ ବର୍ଷାରେ ଧୋଇଯାଇ ଖାଲ ସୃଷ୍ଟି ହୋଇଛି। ଏହାର ମରାମତି ପାଇଁ ସ୍ଥାନୀୟ ବାସିନ୍ଦା ବହୁବାର ପ୍ରଶାସନ ନିକଟରେ ଦାବି କରିଛନ୍ତି।

# ଯାତ୍ରାରେ ନଗ୍ନତାର ସ୍ଥାନ ନାହିଁ: ବିଏମ୍‌ସି

**ଭୁବନେଶ୍ୱର, ୨୪।୧ (ବ୍ୟୁରୋ)**

ଅପେରା ପାର୍ଟିଗୁଡ଼ିକ ଯାତ୍ରାରେ ନଗ୍ନତା ପ୍ରଦର୍ଶନ କରିବେ ନାହିଁ। ଆସନ୍ତା ବର୍ଷଠାରୁ କେବଳ ମେଳା ସମୟରେ ହିଁ ଯାତ୍ରା ପ୍ରଦର୍ଶନ କରିବାକୁ ସୁଯୋଗ ଦିଆଯିବ। ଗୁରୁବାର ଭୁବବେଶ୍ୱର ମହାନଗର ନିଗମ (ବିଏମ୍‌ସି) ପ୍ରଶାସକ ସଂଗ୍ରାମଜିତ୍ ନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ଖଣ୍ଡଗିରି ଐତିହାସିକ ମାଘମେଳାର ପ୍ରସ୍ତୁତି ବୈଠକରେ ଏଭଳି ନିଷ୍ପତ୍ତି ନିଆଯାଇଛି। ଗତବର୍ଷ କିଛି ଅପେରା ଆଇଟମ୍ ଗୀତରେ ନଗ୍ନତା ପ୍ରଦର୍ଶନ ନେଇ ବିଭିନ୍ନ ମହଲରେ ଉଦ୍‌ବେଗ୍ ପ୍ରକାଶ ପାଇଥିଲା। ତେଣୁ ଚଳିତବର୍ଷ ଯାତ୍ରାରେ ନଗ୍ନତାକୁ ପ୍ରଶ୍ରୟ ଦିଆଯିବ ନାହିଁ ବୋଲି ବୈଠକରେ ସ୍ଥିର ହୋଇଛି।




ବୈଠକରେ ଯୋଗ ଦେଇଥିବା ବିଏମ୍‌ସି ଅଧିକାରୀ ଓ ଅନ୍ୟମାନେ।

- ୧୬ ଦିନ ଯାଏ ବିଏମ୍‌ସି ଯୋଗାଇବ ସମସ୍ତ ସେବା
- ବିଗତ ବର୍ଷ ଅପେକ୍ଷା ଏଥର ଅଧିକ ଷ୍ଟଲ୍
- ଖଣ୍ଡଗିରି ଛକରୁ ଖାରବେଳ ପାର୍କ ଯାଏ ଆଲୋକୀକରଣ
- ଭିଡ଼ ନିୟନ୍ତ୍ରଣ କରିବ ପୋଲିସ, ସୁରକ୍ଷା ପାଇଁ ସିସିଟିଭି
- ପ୍ଲାଷ୍ଟିକ୍ ମୁକ୍ତ ସହ ସ୍ୱଚ୍ଛତା ଉପରେ ଗୁରୁତ୍ୱାରୋପ

ଫେବୃୟାରୀ ୧ରୁ ୧୦ ଯାଏ ମାଘମେଳା ଆରମ୍ଭ ହେବାକୁ ଥିବାବେଳେ ବହୁ ସଂଖ୍ୟାରେ ଲୋକଙ୍କ ସମାଗମ ହେବ। ଏହାକୁ କିପରି ନିୟନ୍ତ୍ରଣ କରାଯିବ ଓ କେଉଁ କେଉଁ ପ୍ରଶାସନିକ ସେବା ଯୋଗାଇ ଦିଆଯିବ ସେନେଇ ବୈଠକରେ ଆଲୋଚନା ହୋଇଥିଲା। ସବୁ ବିଭାଗ ସହ ସମନ୍ୱୟ ରକ୍ଷା କରି ବିଏମ୍‌ସି ଉପରେ ଥିବା ଦାୟିତ୍ୱକୁ ଠିକଭାବେ ତୁଲାଇବା ଲାଗି ୧୪ ବିଷୟବସ୍ତୁ ଉପରେ ବିଏମ୍‌ସି ପ୍ରଶାସକ ନାୟକ ବିଭିନ୍ନ ବିଭାଗୀୟ ଅଧିକାରୀ ଏବଂ ଅପେରା ପାର୍ଟି ଅର୍ଗାନାଇଜିଂ କମିଟି ସହ ଆଲୋଚନା କରିଥିଲେ।

ମେଳା ସମୟରେ ଖଣ୍ଡଗିରି ଛକରୁ ଖଣ୍ଡଗିରି-ଉଦୟଗିରି ପାହାଡ଼, ଜୟଦେବ ବାଟିକା ଓ ଖାରବେଳ ପାର୍କ ଅଞ୍ଚଳରେ ଆଲୋକୀକରଣ ସହ ସିସିଟିଭି ଲଗାଯାଇ ନଜର ରଖାଯିବ। ଅହେତୁକ ଭିଡ଼ ହେଉଥିବାରୁ ଏହି ସ୍ଥାନକୁ ଭିଡ଼ମୁକ୍ତ କରିବା, ଷ୍ଟଲ ପାଇଁ ଜମି ଆବଣ୍ଟନ, ପ୍ଲାଷ୍ଟିକ୍ ମୁକ୍ତ ମେଳା, ସ୍ୱଚ୍ଛତା ପ୍ରତି ନଜର, ନଳକୂପ ସଜାଡ଼ିବା ସହ ପାନୀୟ ଜଳର ବ୍ୟବସ୍ଥା, ଦେୟ ମୁକ୍ତ ଅସ୍ଥାୟୀ ଶୌଚାଳୟ, ଯାନବାହନ ପାର୍କିଂ, ଅସ୍ଥାୟୀ ବିଦ୍ୟୁତ୍‌ସେବା, ଅସ୍ଥାୟୀ ସ୍ୱାସ୍ଥ୍ୟ ଶିବିର ଆଦି ବ୍ୟବସ୍ଥା ଯୋଗାଇ ଦିଆଯିବ। ମେଳା ସମୟରେ ସାଧାରଣ ଲୋକମାନେ ଯେପରି କୌଣସି ଅସୁବିଧାର ସମ୍ମୁଖୀନ ନ ହୁଅନ୍ତି, ସେଥିପ୍ରତି ଧ୍ୟାନ ଦିଆଯିବ।

ମେଳା ଅବସରରେ ଆସନ୍ତା ୧ରୁ ୧୬ ଯାଏ ପ୍ରାୟ ୧୨ ଅପେରା ପାର୍ଟି ଯାତ୍ରା ପ୍ରଦର୍ଶନ କରିବେ। ଏଥିପାଇଁ ବିଏମ୍‌ସି ପକ୍ଷରୁ ୧୬ ଦିନ ପର୍ଯ୍ୟନ୍ତ ସମସ୍ତ ସେବା ଯୋଗାଇ ଦିଆଯିବ। ହେଲେ ଆସନ୍ତା ବର୍ଷଠାରୁ ଅପେରା ପାର୍ଟିଗୁଡ଼ିକ କେବଳ ମେଳାର ୧୦ ଦିନ ହିଁ ଯାତ୍ରା ପ୍ରଦର୍ଶନ କରିବେ ବୋଲି ନିଷ୍ପତ୍ତି ହୋଇଛି। ଅନ୍ୟପଟେ ମେଳା ସ୍ଥଳରେ ଜବରଦଖଲ ଉଚ୍ଛେଦ ନେଇ ବିଏମ୍‌ସି ଏବେ ଅଣ୍ଟା ଭିଡ଼ିଛି। ଜୋନାଲ୍ ଡେପୁଟି କମିଶନର ରବୀନ୍ଦ୍ର ନାରାୟଣ ଜେଠୀଙ୍କ ତତ୍ତ୍ୱାବଧାନରେ ଉଚ୍ଛେଦ କାର୍ଯ୍ୟ କରାଯିବ। ଉଚ୍ଛେଦ ପରେ ବ୍ୟବସାୟୀଙ୍କୁ ଷ୍ଟଲ୍ ପାଇଁ ସ୍ଥାନ ଦିଆଯିବ। ଚଳିତବର୍ଷ ଅଧିକ ଷ୍ଟଲ୍ ନିର୍ମାଣ କରାଯିବ ବୋଲି ବୈଠକରୁ ଜଣାପଡ଼ିଛି।

ଆଡିଶନାଲ କମିଶନର ସୁରଥ ଚନ୍ଦ୍ର ମଲ୍ଲିକ୍ ବୈଠକରେ ସ୍ୱାଗତ ଭାଷଣ ଦେଇଥିବାବେଳେ ସହର ମୁଖ୍ୟ ଯନ୍ତ୍ରୀ ଦେବସୁନ୍ଦର ମହାପାତ୍ର, ବିଏମ୍‌ସି ଡେପୁଟି କମିଶନର ଶ୍ରୀମନ୍ତ ମିଶ୍ର, ଜୋନାଲ୍ ଡେପୁଟି କମିଶନର ପ୍ରମୋଦ କୁମାର ପୃଷ୍ଟି, ଓ ରବୀନ୍ଦ୍ର ନାରାୟଣ ଜେଠୀ, ସହର ସ୍ୱାସ୍ଥ୍ୟ ଅଧିକାରୀ ବସନ୍ତ ମିଶ୍ରଙ୍କ ସହ ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ମହିଳାଙ୍କ ଗର୍ଭାଶୟରୁ ବାହାରିଲା ୮.୩ କେଜିର ଟ୍ୟୁମର

**ଭୁବନେଶ୍ୱର,୨୪।୧(ବ୍ୟୁରୋ)**

ଜଣେ ୪୮ ବର୍ଷୀୟା ମହିଳାଙ୍କ ଗର୍ଭାଶୟରୁ ବାହାରିଛି ୮.୩ କେଜିର ଏକ ବିରାଟ ଫାଇବ୍ରଏଡ୍ ଟ୍ୟୁମର। ଏକ ଜଟିଳ ଅସ୍ତ୍ରୋପଚାର ମାଧ୍ୟମରେ ନୂତନ ତଥା ଆଡ୍‌ଭାନ୍ସ ସର୍ଜିକାଲ ଟେକ୍ନୋଲୋଜିର ବ୍ୟବହାର କରି ଏହି ଟ୍ୟୁମରକୁ କଢାଯାଇଛି। ନିମାପଡ଼ାର ବଦାରୁନ୍ ବିବି କିଛିଦିନ ତଳେ ତଳପେଟରେ ଅତ୍ୟଧିକ ଯନ୍ତ୍ରଣା ଅନୁଭବ କରିବା ସହ ପରିସ୍ରା ସମୟରେ କଷ୍ଟ ଅନୁଭବ କରିବା ଓ ଅନିୟମିତ ରକ୍ତସ୍ରାବ ଭଳି ସମସ୍ୟା ଭୋଗୁଥିଲେ। ଏଥିସହ ତାଙ୍କ ତଳ ପେଟର ଆକାର ଗତ ୩ ମାସ ହେବ ଲଗାତାର ବଢିବାରେ ଲାଗିଥିଲା। ଏଥିପାଇଁ ତାଙ୍କୁ ଭୁବନେଶ୍ୱର ବି.ଆର୍. ଲାଇଫ୍ କଳିଙ୍ଗ ହସ୍ପିଟାଲରେ ଭର୍ତ୍ତି କରାଯିବା ପରେ ସେଠାରେ ତାଙ୍କ ଗର୍ଭାଶୟ ଓ ପେଲ୍‌ଭିକ୍‌ର ଏମ୍‌ଆର୍‌ଆଇ ହୋଇଥିଲା। ଏହି ଏମ୍‌ଆର୍‌ଆଇରୁ ଡାକ୍ତର ତାଙ୍କ ତଳ ପେଟରେ ଏକ ବଡ ଟ୍ୟୁମର ରହିଥିବା ଜାଣିବାକୁ ପାଇଥିଲେ। ତେବେ ଟ୍ୟୁମର୍ ପାଇଁ ୟୁରେଟର୍ ଉପରେ ଚାପ ପଡ଼ିବା କାରଣରୁ ରୋଗୀଙ୍କର ବାଇଲାଟେରାଲ ହାଇଡ୍ରୋନେଫ୍ରୋସିସ୍ ବିକଶିତ ହୋଇଥିଲା। ଯାହାଫଳରେ ମୂତ୍ର କିଡ୍‌ନିରୁ ବାହାରି ମୂତ୍ରାଶୟରେ ପହଞ୍ଚି ପାରୁନଥିଲା। ୨୭-୧୫-୭ ସେମିର ଏହି ଟ୍ୟୁମର ୟୁରେଟର୍ ଓ ଏକାଧିକ ରକ୍ତବାହିକାକୁ ଭିତରକୁ ଟାଣି ନେଇଥିଲା। ତେଣୁ ୟୁରୋଟରକୁ ଟ୍ୟୁମର୍‌ରୁ ଅଲଗା କରିବା ଖୁବ୍ ଜଟିଳ ଥିଲା ବୋଲି ଚିକିତ୍ସା କରିଥିବା ଡାକ୍ତର ତଥା ପ୍ରସୂତି ଓ ସ୍ତ୍ରୀରୋଗ ବିଶେଷଜ୍ଞ ଡ. ରଶ୍ମୀ ଈଶ୍ୱର ହେଗ୍‌ଡେ କହିଛନ୍ତି। ୟୁଟେରୋଇନ୍ ଫାଇବ୍ରଏଡ୍ ଏକ ଅଣ-କ୍ୟାନ୍ସରଯୁକ୍ତ ଟ୍ୟୁମର ହୋଇଥିବା ବେଳେ ଏହା ଗର୍ଭରେ ଥିବା ମାଂସପେଶୀର ଆବରଣରୁ ବଢିଥାଏ। ପ୍ରଜନନ ବର୍ଷର ନିକଟତର ସମୟରେ ଫାଇବ୍ରଏଡ୍ ହେବା ଏକ ସାଧାରଣ କଥା। ଏହା ୩୫ ବର୍ଷ ବୟସ ପର୍ଯ୍ୟନ୍ତ ପ୍ରାୟ ୩୦% ମହିଳାଙ୍କୁ ଓ ୫୦ ବର୍ଷ ବୟସ ପର୍ଯ୍ୟନ୍ତ ୨୦ରୁ ୫୦% ମହିଳାଙ୍କୁ ହୋଇଥାଏ। ଏହାର କାରଣ ଅସ୍ପଷ୍ଟ ରହିଥିଲେ ମଧ ଶରୀରରେ ଇଷ୍ଟ୍ରୋଜେନ୍‌ର ସ୍ତର ଅଧିକ ରହିଲେ ଫାଇବ୍ରଏଡ୍ ବିକଶିତ ହୋଇଥାଏ ବୋଲି ଡ. ହେଗ୍‌ଡେ କହିଛନ୍ତି। ବାରମ୍ବାର ପରିସ୍ରା ଲାଗିବା, ତଳ ପିଠିରେ ଯନ୍ତ୍ରଣା ହେବା, ମଳକଷ୍ଟକ, ଆନେମିଆ କାରଣରୁ ହେଉଥିବା ଯନ୍ତ୍ରଣାଦାୟକ ଗର୍ଭାଶୟ ରକ୍ତସ୍ରାବ ଫାଇବ୍ରଏଡ୍‌ର ଲକ୍ଷଣ ଏବଂ ଅଧିକ ବଡ ଫାଇବ୍ରଏଡ୍ ଥିଲେ ତଳ ପେଟରେ ଯନ୍ତ୍ରଣା ଅନୁଭବ ହୋଇଥାଏ ବୋଲି ସେ କହିଛନ୍ତି।

## ବିଜେବି କଲେଜ ନବୀକରଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କଲେ ମୁଖ୍ୟମନ୍ତ୍ରୀ



**ଭୁବନେଶ୍ୱର, ୨୪।୧(ବ୍ୟୁରୋ)**

ବିଜେବି କଲେଜର ନବୀକରଣ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁକ୍ରବାର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏଥିସହ ନୂତନ କ୍ୟାଣ୍ଟିନକୁ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ଉଚ୍ଚଶିକ୍ଷା ମନ୍ତ୍ରୀ ଅରୁଣ ସାହୁ ଓ ଭିନ୍ନକ୍ଷମ ସଶକ୍ତୀକରଣ ମନ୍ତ୍ରୀ ଅଶୋକ ପଣ୍ଡା ଉପସ୍ଥିତ ଥିଲେ। ମୁଖ୍ୟମନ୍ତ୍ରୀ କଲେଜରେ ପ୍ରବେଶ କରିବା ସମୟରେ ଛାତ୍ରୀଛାତ୍ରମାନେ ତାଙ୍କୁ ମାନବଶୃଙ୍ଖଳ ଜରିଆରେ ସ୍ୱାଗତ କରିଥିଲେ। ପ୍ରଥମେ ମୁଖ୍ୟମନ୍ତ୍ରୀ କ୍ୟାମ୍ପସରେ ଥିବା ମହାତ୍ମା ଗାନ୍ଧୀ ଓ ବକ୍ସି ଜଗବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଏହା ପରେ କଲେଜରେ ୫୮୫ ଶଯ୍ୟା ବିଶିଷ୍ଟ ଛାତ୍ରୀନିବାସ, ୬୦୦ ଶଯ୍ୟା ବିଶିଷ୍ଟ ଛାତ୍ରାବାସ ଏବଂ ମୁଖ୍ୟ ପ୍ରବେଶ ପଥ ନବୀକରଣ ଲାଗି ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି।

# ଓଏଚ୍‌ଆର୍‌ସିଙ୍କ ଦ୍ୱାରସ୍ଥ ହେଲେ ଅଞ୍ଚଳବାସୀ

**ଭୁବନେଶ୍ୱର, ୨୪।୧(ବ୍ୟୁରୋ)**

- ବେଆଇନ କଳାପଥର ଉତ୍ତୋଳନ
- ଫସଲହାନି ସହ ଜନଜୀବନ ବିପନ୍ନ ଅଭିଯୋଗ

ଯାଜପୁର ଜିଲ୍ଲା ଧର୍ମଶାଳା ବ୍ଲକ ଅନ୍ତର୍ଗତ ବିଛାଖଣ୍ଡି ପାହାଡ଼ରେ ବେଆଇନ୍ ଭାବେ ଖଣିମାଫିଆମାନେ କଳାପଥର ଉତ୍ତୋଳନ କରି ଚୋରାଚାଲାଣ ସହ ସରକାରଙ୍କ ବିପୁଳ ରାଜସ୍ୱ କ୍ଷତି ଘଟାଉଛନ୍ତି। ଏହି ବେଆଇନ୍ ପଥର ଖନନକୁ ପ୍ରଶାସନ ଏବଂ କେତେଜଣ ଲୋକପ୍ରତିନିଧି ପ୍ରଶ୍ରୟ ଦେଉଥିବା ସ୍ଥାନୀୟ ଅଞ୍ଚଳବାସୀ ଶୁକ୍ରବାର ରାଜ୍ୟ ମାନବାଧିକାର କମିଶନ (ଓଏଚ୍‌ଆର୍‌ସି)ଙ୍କ ନିକଟରେ ଅଭିଯୋଗ କରିଛନ୍ତି। ସେମାନେ ଅଭିଯୋଗରେ ଦର୍ଶାଇଛନ୍ତି ଯେ, ଖଣିମାଫିଆମାନେ ପଥର ଉତ୍ତୋଳନ ସମୟରେ ବ୍ଲାଷ୍ଟିଂ କରୁଥିବାରୁ ଗ୍ରାମବାସୀଙ୍କ ବାସଗୃହ ଥରି ଭୁଶୁଡ଼ିବା ସହ ପିଇବା ପାଣି ଦୂଷିତ ଏବଂ ଶହ ଶହ ଏକର ଜମିରେ ଧାନ ଫସଲ ନଷ୍ଟ ହେଉଛି। ଜଳ ଓ ବାୟୁ ପ୍ରଦୂଷଣ ଯୋଗୁ ଗ୍ରାମବାସୀ ଯକ୍ଷ୍ମା, କିଡ୍‌ନୀ, ଶ୍ୱାସ ଇତ୍ୟାଦି ରୋଗରେ ଆକ୍ରାନ୍ତ ହେଉଛନ୍ତି। ଗତ ନଭେମ୍ବର ୨୩ତାରିଖରେ ଏହି ବେଆଇନ୍ ଖଣି ଖନନ ବିରୋଧରେ ତାଳଗଞ୍ଜ, ରକ୍ଷୀଦେଇପୁର, ଏଣ୍ଡୁଳବା ପଞ୍ଚାୟତର ଶତାଧିକ ଗ୍ରାମବାସୀ ଏକଜୁଟ ହୋଇ ଆନ୍ଦୋଳନ କରିବା ସହ ପଥର ବୋଝେଇ ଟ୍ରକ ଏବଂ ୱାଗନ ଡ୍ରିଲିଂ ମେଶିନ ଜବତ କରିଥିଲେ। ତୁରନ୍ତ ବେଆଇନ୍ ଖଣି ଖନନ ବନ୍ଦ ପାଇଁ ଦାବିପତ୍ର ଦେଇଥିଲେ। ଏହାପରେ ଗତ ଡିସେମ୍ବର ୧୯ରେ ଗ୍ରାମବାସୀ ଏ ନେଇ ଜେନାପୁର ଥାନାରେ ଏତଲା ଦେଇଥିଲେ। କିନ୍ତୁ ପୋଲିସ୍ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନ ଥିଲା। ଅନ୍ୟପକ୍ଷରେ ଖଣି ଉତ୍ତୋଳନରେ ଗ୍ରାମବାସୀ ବାଧା ଉପୁଜୁଥିବା ଅଭିଯୋଗ ଆଣି ଧର୍ମଶାଳା ତହସିଲଦାର ଜେନାପୁର ଥାନାରେ ଏତଲା ଦେଇଥିଲେ। ଏହାକୁ ଭିତ୍ତିକରି ପୋଲିସ୍ ଅଞ୍ଚଳ ପ୍ରଧାନଙ୍କୁ ଗିରଫ କରି ଜେଲ୍ ପଠାଇ ଦେଇଥିଲେ। ଏ ନେଇ ଅଞ୍ଚଳ ପ୍ରଧାନ, ଶରତ ସେଠୀ, ବିପିନ ବିହାରୀ ସେଠୀ, ଧନେଶ୍ୱର ରାଉତ ପ୍ରମୁଖ ଶୁକ୍ରବାର ଓଏଚ୍‌ଆର୍‌ସିଙ୍କ ନିକଟରେ ଅଭିଯୋଗ ଆଣି କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି।

## ପାଠପଢ଼ା ତଦାରଖ କଲେ ବିଇଓ

**ବାଲିଅନ୍ତା,୨୪।୧(ଡି.ଏନ.ଏ.)**

ବାଲିଅନ୍ତା ବ୍ଲକ ଶିକ୍ଷାଧିକାରୀ(ବିଇଓ) ସିପ୍ରା ମିଶ୍ର ଓ ଅତିରିକ୍ତ ଶିକ୍ଷା ଅଧିକାରୀ ସୁରେନ୍ଦ୍ର ସାହୁ ଶୁକ୍ରବାର ଅଚାନକ ଭୁବନପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ପରିଦର୍ଶନ କରିଛନ୍ତି। ସେଠାରେ ପହଞ୍ଚି ଛାତ୍ରୀଛାତ୍ରଙ୍କ ପାଠପଢ଼ା ଉପରେ ତଦାରଖ କରିଥିଲେ। ବିଶେଷ କରି ବିଦ୍ୟାଳୟରେ ଆଦିବାସୀ ପିଲାମାନଙ୍କୁ ନେଇ ଚାଲିଥିବା ଅଣଆବାସିକ ଋତୁକାଳୀନ ଛାତ୍ରବାସର ପାଠପଢ଼ାକୁ ସମୀକ୍ଷା କରିଥିଲେ। ଶ୍ରେଣୀଗୃହକୁ ଯାଇ ପ୍ରାୟ ୧ଘଣ୍ଟା ପାଠ ପଢ଼ାଇଥିଲେ। ଏହାସହ ଛାତ୍ରୀଛାତ୍ରଙ୍କୁ ପଣକିଆ ପଚାରିବା ସହ ଦୈନିକ ଉପସ୍ଥାନ, ପାଠପଢ଼ାର ଶୈଳୀ ଓ ପ୍ରତିଦିନର କାର୍ଯ୍ୟ ପ୍ରଣାଳୀ ଉପରେ ଛାତ୍ରୀଛାତ୍ରଙ୍କୁଠାରୁ ପଚାରି ବୁଝିଥିଲେ। ପରିଦର୍ଶନ ସମୟରେ ପ୍ରଧାନ ଶିକ୍ଷକ ବାବୁଲି ଖଟୁଆ, ଶ୍ରେଣୀ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ।

# ତ୍ରିବେଣୀ ମହୋତ୍ସବ ଉଦ୍‌ଘାଟିତ

**ବାଲିପାଟଣା, ୨୪।୧(ଡି.ଏନ୍.ଏ.)**

ବାଲିପାଟଣା ବ୍ଲକ ସ୍ଥିତ ତ୍ରିବେଣୀଶ୍ୱର ମହାଦେବଙ୍କ ପୀଠଠାରେ ଶୁକ୍ରବାର ତ୍ରିବେଣୀ ମହୋତ୍ସବ-୨୦୨୦ଉଦ୍‌ଘାଟିତ ହୋଇଛି। ଆମ ସଙ୍ଗଠନ ଓ ତ୍ରିବେଣୀ ଲାୟନକ୍ଲବ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ମହୋତ୍ସବରେ ମୁଖ୍ୟ ଅତିଥିଭାବେ ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ତ୍ରିବେଣୀ ଅମାବାସ୍ୟା ଅବସରରେ ହଜାର ହଜାର ଭକ୍ତ ଶୁକ୍ରବାର ଭୋରରୁ ତ୍ରିବେଣୀ ଘାଟରେ ବୁଡ ପକାଇ ତ୍ରିବେଣୀଶ୍ୱର ମହାଦେବଙ୍କୁ ଦର୍ଶନ କରିଥିଲେ। ସନ୍ଧ୍ୟାରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ହାସ୍ୟ ଅଭିନେତା ପପୁ ପମ୍ ପମ୍ ଯୋଗଦେଇ ଦର୍ଶକଙ୍କୁ ହସାଇଥିଲେ। ସଙ୍ଗଠନର ସଭାପତି କମଳ କୁମାର ପାତ୍ର ସ୍ୱାଗତ ଭାଷଣ ଦେଇଥିବା ବେଳେ ତ୍ରିବେଣୀ ମହୋତ୍ସବର ନିର୍ଦ୍ଦେଶକ ଦିଲ୍ଲୀପ କୁମାର ସ୍ୱାଇଁ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ପ୍ରଥମେ ଶାରଳା ଘାଟ ନୃତ୍ୟ ଗ୍ରୁପ ଦ୍ୱାରା ନୃତ୍ୟ ପରିବେଷଣ କରାଯାଇଥିଲା। ରଙ୍ଗିଲା ଡ୍ୟାନ୍ସ ଗ୍ରୁପ୍‌ର କଳାକାରମାନେ ନୃତ୍ୟ ଓ ସଙ୍ଗୀତ ପରିବେଷଣ କରିଥିଲେ। ପ୍ରଦ୍ୟୁମ୍ନ ସେନାପତି, କିଶୋର ଜେନା, ଦିନେଶ ନାୟକ, ରମେଶ ଚନ୍ଦ୍ର ସାହାଣୀ ଏବଂ ବାସୁଦେବ ପାଳଙ୍କ ସହିତ ସଙ୍ଗଠନର ସମସ୍ତ କର୍ମକର୍ତ୍ତା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



ଉତ୍ସବରେ କଳାକାରମାନେ ନାଟକ ପରିବେଷଣ କରୁଛନ୍ତି।

## ଉଚ୍ଚଶିକ୍ଷା ପରାମର୍ଶ କର୍ମଶାଳା

**ବାଲକାଟୀ, ୨୪।୧(ଡି.ଏନ୍.ଏ.)**

ବାଲକାଟୀସ୍ଥିତ ପ୍ରତାପଶାସନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ନିର୍ମାଣ ଇନ୍‌ଷ୍ଟିଚ୍ୟୁଟ୍ ଆନୁକୂଲ୍ୟରେ ଶୁକ୍ରବାର ଏକ ଉଚ୍ଚଶିକ୍ଷା ପରାମର୍ଶ କର୍ମଶାଳା କଲେଜ ପରିସରରେ ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ଲକ୍ଷ୍ମୀଧର ପ୍ରଧାନଙ୍କ ସଭାପତିତ୍ୱରେ ପ୍ରାୟ ଦୁଇ ଶହ ଛାତ୍ରୀଛାତ୍ର ଯୋଗଦେଇଥିଲେ। କର୍ମଶାଳାରେ ନିର୍ମାଣ ଇନ୍‌ଷ୍ଟିଚ୍ୟୁଟ ଅଫ ଟେକ୍ନୋଲୋଜିର ଅଧ୍ୟକ୍ଷ ସିଦ୍ଧେଶ୍ୱର ମହାନ୍ତି ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉଚ୍ଚଶିକ୍ଷା କର୍ମ ନିଯୁକ୍ତି ସମ୍ବନ୍ଧୀୟ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ ସତ୍ୟପ୍ରକାଶ ମିଶ୍ର, ଅରଟେକ୍ ଆଇଟିଆଇର ପ୍ରଶିକ୍ଷଣ ମୁଖ୍ୟ ସମ୍ପଦ କୁମାର ସ୍ୱାଇଁ, ଅଧ୍ୟାପିକା ସୁନୀତା ଷଡ଼ଙ୍ଗୀ, ସଂଯୁକ୍ତା ପାତ୍ର, ଅନୁପ୍ରଭା ରାୟ ପ୍ରମୁଖ ଉପସ୍ଥିତ ଥିଲେ।

## ସୁନନ୍ଦାଙ୍କୁ ମିଳୁ ମରଣୋତ୍ତର ପଦ୍ମଶ୍ରୀ

**ପୁରୀ ଅଫିସ, ୨୪।୧**

**ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ**

ଭାରତ ବର୍ଷର ପ୍ରବାଦ କଣ୍ଠଶିଳ୍ପୀ, ଶାସ୍ତ୍ରୀୟ ସଙ୍ଗୀତର ଅନନ୍ୟ ପ୍ରତିଭା ସୁନନ୍ଦା ପଟ୍ଟନାୟକଙ୍କୁ ମିଳୁ ମରଣୋତ୍ତର ପଦ୍ମଶ୍ରୀ। ଏହି ଦାବି ସହିତ ଆହୁରି ତିନୋଟି ଦାବିରେ ଶୁକ୍ରବାର ପୁରୀ ସହରର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲା ପ୍ରଶାସନକୁ ଦାବିପତ୍ର ପ୍ରଦାନ କରାଯାଇଛି। ସୁନାବେଶ ଭଜନ ସମାରୋହ ଆହ୍ୱାନରେ ଅଭିନନ୍ଦନିକା, ଓଡ଼ିଶା ଯୁବ ଚେତନା ସଙ୍ଗଠନ, ଶ୍ରୀଜଗନ୍ନାଥ ଧର୍ମ ସଂସ୍କୃତି ସୁରକ୍ଷା ସଙ୍ଗଠନ, ସର୍ବୋଦୟ ସାହିତ୍ୟ ପରିଷଦ, ନିର୍ମାଲ୍ୟ ଓ ଭକ୍ତି ନିର୍ମାଲ୍ୟ ଅନୁଷ୍ଠାନ ପକ୍ଷରୁ ଦିଆଯାଇଥିବା ଏହି ଦାବିପତ୍ରରେ ଦର୍ଶାଯାଇଛି ଯେ, ସୁନନ୍ଦା ପଟ୍ଟନାୟକଙ୍କୁ ମରଣୋତ୍ତର ପଦ୍ମଶ୍ରୀ ପ୍ରଦାନ ପାଇଁ ରାଜ୍ୟ ସରକାର କେନ୍ଦ୍ର ସରକାରଙ୍କୁ ପ୍ରସ୍ତାବ ଦିଅନ୍ତୁ। ସୁନନ୍ଦାଙ୍କ ପୁରୀ ବାସଗୃହକୁ ସମ୍ପୂର୍ଣ୍ଣ ଭାବେ ଦଖଲମୁକ୍ତ କରାଯାଇ ସରକାର ତାହାକୁ ସଙ୍ଗୀତ ସ୍ମାରକୀ ଘୋଷଣା କରନ୍ତୁ। ସେଠାରେ ସଙ୍ଗୀତଘର, ଶିକ୍ଷା ଓ ରାଜ୍ୟ କଳାକାରଙ୍କ ପାଇଁ ରହଣିସ୍ଥଳ କରାଯାଉ ଓ ତାଙ୍କର ପ୍ରତିମୂର୍ତ୍ତି ରହୁ । ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ, ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ ଓ ଉତ୍କଳ ବିଶ୍ୱବିଦ୍ୟାଳୟରେ ତାଙ୍କ ନାମରେ ଚେୟାର ପ୍ରତିଷ୍ଠା କରାଯାଉ । ଭଞ୍ଜ କଳା ମଣ୍ଡପ ପରିସରରେ ସୁନନ୍ଦାଙ୍କ ପ୍ରତିମୂର୍ତ୍ତି ପ୍ରତିଷ୍ଠା ହେଉ ବୋଲି ଦାବି କରାଯାଇଛି । ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ବଦ୍ରି ମିଶ୍ର, ଶ୍ୟାମପ୍ରକାଶ ସେନାପତି, ମନୋଜ କୁମାର ଦାସମହାପାତ୍ର ପ୍ରମୁଖ ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁଙ୍କୁ ଭେଟି ଏହି ଦାବିପତ୍ର ପ୍ରଦାନ କରିଛନ୍ତି ।




ଇଉ୍‌କଲ ଅଡିଟୋରିୟମରେ ଶୁକ୍ରବାର ମାଷ୍ଟର ଗିରିଜା ମେମୋରିଆଲ ରୋଡ ସେଫ୍ଟି ଫାଉଣ୍ଡେଶନ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଜଣେ କଣ୍ଠଶିଳ୍ପୀ ସଙ୍ଗୀତ ପରିବେଷଣ କରୁଛନ୍ତି।

# ମଜୁରି ନ ବଢ଼ିଲେ ୧ରୁ ଅଳିଆ ଉଠିବନି

**ଭୁବନେଶ୍ୱର, ୨୪।୧ (ବ୍ୟୁରୋ)**

**ସଫେଇ କର୍ମଚାରୀଙ୍କ ଚେତାବନୀ**

- ଅଡୁଆରେ ଠିକାସଂସ୍ଥା, ବିଏମ୍‌ସି ଦେଉନି ଏସ୍କାଲେଶନ୍ ଫି'
- ଦୈନିକ ମଜୁରି ୨୯୮ ଟଙ୍କା କରିବାକୁ ଦାବି

ରାଜ୍ୟର ସର୍ବାଙ୍ଗୀନ ଉନ୍ନତି ପାଇଁ ସରକାର ମାଳ ମାଳ ଯୋଜନା ଘୋଷଣା କରୁଥିବା ବେଳେ ଖୋଦ୍ ରାଜଧାନୀର ପରିମଳ ବ୍ୟବସ୍ଥା ଦିନକୁ ଦିନ ଶୋଚନୀୟ ହେବାରେ ଲାଗିଛି। ପରିମଳ ବ୍ୟବସ୍ଥାରେ ଆଖିଦୃଶିଆ ସୁଧାର ହେଉନଥିବାରୁ କେନ୍ଦ୍ର ସରକାରଙ୍କ ଦ୍ୱାରା କରାଯାଉଥିବା ସ୍ୱଚ୍ଛ ସର୍ଭେକ୍ଷଣରେ ବିଏମ୍‌ସି ଗତ ତିନି ବର୍ଷ ଧରି ଖରାପ ପ୍ରଦର୍ଶନ କରିଆସୁଛି। ଏଭଳିସ୍ଥଳେ ଆସନ୍ତା ଫେବୃୟାରୀ ୧ରୁ ସଫେଇ କର୍ମଚାରୀମାନେ ମଜୁରି ବୃଦ୍ଧି ନେଇ ଆନ୍ଦୋଳନକୁ ଓହ୍ଲାଇବାକୁ ଚେତାବନୀ ଦେଇଛନ୍ତି। ଫଳରେ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)ର ପରିମଳ ବ୍ୟବସ୍ଥା ଭୁଶୁଡ଼ିବା ଆଶଙ୍କା ସୃଷ୍ଟି ହୋଇଛି। ଗତ ୩ବର୍ଷ ହେବ ବିଏମ୍‌ସି କର୍ତ୍ତୃପକ୍ଷ ଚୁକ୍ତି ଅନୁଯାୟୀ ପରିମଳ ଦାୟିତ୍ୱରେ ଥିବା ଠିକା ସଂସ୍ଥାଗୁଡ଼ିକର ସଂଶୋଧିତ ଦେୟ (ଏସ୍କାଲେସନ୍ ଫି') ଦେଉ ନ ଥିବାରୁ ସଫେଇ କର୍ମଚାରୀଙ୍କୁ ବର୍ଦ୍ଧିତ ମଜୁରୀ ଦିଆଯାଇପାରୁ ନ ଥିବା ଅଭିଯୋଗ ହେଉଛି।

ଚଳିତବର୍ଷ ସ୍ୱଚ୍ଛ ସର୍ବେକ୍ଷଣର ଦୁଇଟି କ୍ୱାର୍ଟର ସର୍ଭେ ସରିଥିବା ବେଳେ ସ୍ୱଚ୍ଛତାର ମାପଦଣ୍ଡରେ ଭୁବନେଶ୍ୱରର ପ୍ରଦର୍ଶନ ନୈରାଶଜନକ ହିଁ ରହିଛି। ଏପରି ସ୍ଥିତିରେ ସଫେଇ କର୍ମଚାରୀଙ୍କ ଆନ୍ଦୋଳନ ଧମକ ପରିସ୍ଥିତିକୁ ଆହୁରି ବିଗାଡ଼ିବା ଆଶଙ୍କା ରହିଛି। ଯଦି ସମସ୍ୟାର ସମାଧାନ ନ ହୁଏ, ତେବେ ଆଗାମୀ ଦିନରେ ଭୁବନେଶ୍ୱର ଅଳିଆ ଗଦାରେ ପରିଣତ ହେବ ବୋଲି ସଫେଇ କର୍ମଚାରୀମାନେ କହିଛନ୍ତି।

ଉଲ୍ଲେଖଯୋଗ୍ୟ, ବିଏମ୍‌ସି ସଫେଇ କର୍ମଚାରୀଙ୍କୁ ୧୫୦ ଟଙ୍କା ହିସାବରେ ମଜୁରି ଦେଉଥିବା ବେଳେ ସଫେଇ ସଂସ୍ଥାମାନେ ୨୨୪ ଟଙ୍କା ଦୈନିକ ମଜୁରି ଦେବା ସହ ଇପିଏଫ୍ ଓ ଇଏସ୍ଆଇ ଦେଉଛନ୍ତି। ଏବେ କର୍ମଚାରୀମାନେ ସେମାନଙ୍କ ଦୈନିକ ମଜୁରି ୨୯୮ ଟଙ୍କା ଦାବି କରୁଛନ୍ତି। ଏପରି କି ବର୍ଦ୍ଧିତ ମଜୁରି ନ ଦେଲେ କର୍ମଚାରୀମାନେ ୧ରୁ କାର୍ଯ୍ୟ ବନ୍ଦ କରିବେ ବୋଲି ସଫେଇ ସଂସ୍ଥାକୁ ଲିଖିତ ଜଣାଇ ଦେଇଛନ୍ତି।



ଥରେ ଖ୍ୟାତି ଅର୍ଜନ କରିଗଲେ ତାକୁ ଜୀବନ ତମାମ ଧରି ରଖିବା ଭାରି କଷ୍ଟ।
- ଭଲ୍‌ଟାୟର



**ସଂକ୍ଷେପରେ**

## ସାନଖେମୁଣ୍ଡି ବିଧାୟକଙ୍କୁ ଜବାବ ଦାଖଲ ନିର୍ଦ୍ଦେଶ

**କଟକ ଅଫିସ, ୨୪।୧:** ସାନଖେମୁଣ୍ଡି ବିଧାନସଭା ନିର୍ବାଚନୀ ମାମଲାରେ ବିଧାୟକ ରମେଶ ଜେନାଙ୍କୁ ଜବାବ ଦାଖଲ ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏ ସମ୍ପର୍କିତ ଆଗତ ନିର୍ବାଚନୀ ମାମଲାର ଶୁଣାଣି କରି ବିଚାରପତି ଜଷ୍ଟିସ ବି.ପି. ରାଉତରାୟ ଏହି ଆଦେଶ ଦେବା ସହିତ ଫେବୃୟାରୀ ୪ ତାରିଖକୁ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଦିନଧାର୍ଯ୍ୟ କରିଛନ୍ତି। ବିଧାୟକ ଜେନାଙ୍କ ବିରୋଧରେ ପରାଜିତ ପ୍ରାର୍ଥୀ ନନ୍ଦିନୀ ଦେବୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ନନ୍ଦିନୀ ପିଟିଶନରେ ଦର୍ଶାଇଥିଲେ, କୌଣସି ପ୍ରାର୍ଥୀଙ୍କ ବିରୋଧରେ ଯଦି ମାମଲା ଥାଏ ତେବେ ସମ୍ପୃକ୍ତ ପ୍ରାର୍ଥୀ ଗଣମାଧ୍ୟମ ଜରିଆରେ ଏହାର ବିଜ୍ଞାପନ ପ୍ରକାଶ କରିବା କଥା। କିନ୍ତୁ ବିଧାୟକଙ୍କ ବିରୋଧରେ ଥିବା ମାମଲା ସମ୍ପର୍କରେ ସେ କୌଣସି ବିଜ୍ଞାପନ ଦେଇନାହାନ୍ତି। ତେଣୁ ତାଙ୍କ ସଭ୍ୟପଦକୁ ରଦ୍ଦ କରିବାକୁ ନନ୍ଦିନୀ ହାଇକୋର୍ଟରେ ଆବେଦନ କରିଥିଲେ। ଆବେଦନକାରୀଙ୍କ ପକ୍ଷରୁ ଆଡଭୋକେଟ ରାଜୀବ କୁମାର ମହନ୍ତ, ନିରଞ୍ଜନ ହୋତା ମାମଲା ପରିଚାଳନା କରୁଥିଲେ।

## ଡ.ଅଭିମନ୍ୟୁ ବରାଳ ପାଇବେ ତୀର୍ଥାନନ୍ଦ ମିଶ୍ର ସ୍ମୃତି ସମ୍ମାନ

**କଟକ ଅଫିସ,୨୪।୧:** ସାହିତ୍ୟିକ ଡ. ଅଭିମନ୍ୟୁ ବରାଳ ଚଳିତବର୍ଷ ମର୍ଯ୍ୟାଦାଜନକ ଡ. ତୀର୍ଥାନନ୍ଦ ମିଶ୍ର ସ୍ମୃତି ସମ୍ମାନ ପାଇବେ। ଶନିବାର ଶ୍ରୀରାମଚନ୍ଦ୍ର ଭବନଠାରେ ଡ. ତୀର୍ଥାନନ୍ଦ ମିଶ୍ରଙ୍କ ୬୪ତମ ସ୍ମୃତି ସମାରୋହରେ ତାଙ୍କୁ ଏହି ସମ୍ମାନ ପ୍ରଦାନ କରାଯିବ। ଡ. ବରାଳ ଓଡ଼ିଆ ସଂସ୍କୃତି ସାହିତ୍ୟରେ ଜଣେ ଗବେଷକ, ନାଟ୍ୟକାର, କବି ଓ ଗୀତିକାର ଭାବେ ଖ୍ୟାତି ଅର୍ଜନ କରିଛନ୍ତି। ଏ ନେଇ ସ୍ମୃତି କମିଟିର ଉପସଭାପତି ସଞ୍ଜିତ ପଟ୍ଟନାୟକ ଓ ସମ୍ପାଦକ ଶାଶ୍ୱତି ସୌମ୍ୟା ମିଶ୍ର ଏକ ପ୍ରେସ୍ ବିଜ୍ଞପ୍ତି ମାଧ୍ୟମରେ ସୂଚନା ଦେଇଛନ୍ତି।

# ବର୍‌ଫି ପ୍ରକଳ୍ପରେ ତାରକସି ହବ୍‌ର ସ୍ଥାନ ନାହିଁ

**କଟକ ଅଫିସ, ୨୪।୧**

କଟକ ନେବ ନୂଆ ରୂପ। ମହାନଦୀ ଅବବାହିକା (ହାଡିଆପଠା)ରେ ଚିହ୍ନଟ ହୋଇଛି ୪୨୧ ଏକର ପରିମିତ ବିଶାଳ ଅଞ୍ଚଳ। ଗୁଜରାଟର ସାବରମତୀ ରିଭରଫ୍ରଣ୍ଟ ଢାଞ୍ଚାରେ ଏହି ଅଞ୍ଚଳର ବିକାଶ କରାଯିବ। ଚିତ୍ତବିନୋଦନ କେନ୍ଦ୍ର ସହିତ ଖେଳପଡ଼ିଆ, ତାରକା ହୋଟେଲ, ସ୍ପୋର୍ଟ୍ସ କମ୍ପ୍ଲେକ୍ସ ଆଦି ଏଠାରେ ସ୍ଥାନ ପାଇବ। ଏହି ପ୍ରକଳ୍ପ ପାଇଁ କଟକକୁ ନେତା, ମନ୍ତ୍ରୀ ଓ ସଚିବଙ୍କ ସୁଅ ଛୁଟିଛି। କିନ୍ତୁ ଏତେବଡ଼ ପ୍ରକଳ୍ପରେ ତାରକସିର ସ୍ଥାନ ନାହିଁ। ୫ ବର୍ଷ ତଳେ ହାଡିଆପଠାରେ ତାରକସି ହବ୍ ନିର୍ମାଣ କରାଯିବ ବୋଲି ସ୍ଥାନୀୟ ନେତୃବୃନ୍ଦ ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ହାଡିଆପଠାର ବିକାଶ ଯେତେବେଳେ କରାଯାଉଛି ସେତେବେଳେ ତାରକସିକୁ ବାଦ୍ ଦିଆଯାଇଛି। ତାରକସି କାମ ପାଇଁ କଟକ ପରିଚିତ। କଟକକୁ ତାରକସି କାରୁକାର୍ଯ୍ୟର ଅନ୍ତୁଡିଶାଳ କୁହାଯାଏ। ବିଶ୍ୱ ମାନଚିତ୍ରରେ ଉତ୍କୃଷ୍ଟ ତାରକସି କାର୍ଯ୍ୟ ପାଇଁ ଏହି ମାଟିର ପରିଚୟ ସ୍ୱତନ୍ତ୍ର। ହେଲେ ତାରକାସୀ କଳା ଏବେ ବିଲୁପ୍ତପ୍ରାୟ ଅବସ୍ଥାକୁ ଆସିଛି। ଏବେ ସହରରେ ହାତଗଣତି ତାରକସି କାରିଗର। ୨୦ବର୍ଷ ପୂର୍ବେ କଟକର ଯେଉଁ ଗଳିରେ ୧୦୦ରୁ ୨୦୦ ତାରକସି କାରିଗର ଥିଲେ ଏବେ ସେଠାରେ ୨ରୁ ୩ଜଣ ଲୋକ ଚାନ୍ଦିକୁ ଚମକାଉଛନ୍ତି। ବିଶେଷ ସୁବିଧା ସୁଯୋଗ ନ ଥିବାରୁ ପରପିଢି ମଧ୍ୟ ଏହି କଳାରୁ ମୁହଁ ଫେରାଇଲେଣି। ଏହା ନିଶ୍ଚିତ ଯେ, ତାରକସି କାର୍ଯ୍ୟରେ ଯୁବପିଢି ନାହାନ୍ତି। ଏଣୁ ଆଉ ଗୋଟିଏ ପିଢି ଅତିକ୍ରମ କଲେ କଟକରେ ତାରକସି କାର୍ଯ୍ୟ ପ୍ରାୟ ବନ୍ଦ ହୋଇଯିବ। ଯଦି ବାଲିଯାତ୍ରା ରିଭର ଫ୍ରଣ୍ଟ(ବର୍‌ଫି) ପ୍ରକଳ୍ପରେ ତାରକସିକୁ ସ୍ଥାନ ଦିଆଯାଆନ୍ତା ତେବେ ଏହି ପ୍ରାଚୀନ କଳାକୁ ବଞ୍ଚାଇ ରଖିହୁଅନ୍ତା ବୋଲି ସାଧାରଣରେ ମତପ୍ରକାଶ ପାଇଛି। କଟକର ତାରକସି କଳାକୁ ବଞ୍ଚାଇ ରଖିବା ପାଇଁ ଧରିତ୍ରୀ ପକ୍ଷରୁ ପ୍ରୟାସ ଆରମ୍ଭ କରାଯାଇଛି।

### 'ତାରକସି ହବ୍' ଉଭାନ

କଟକ ଖପୁରିଆ ଶିଳ୍ପାଞ୍ଚଳ ଭିତରେ କଳିଙ୍ଗ ଫିଲିଗ୍ରୀ ନାମରେ ଏକ ସଂସ୍ଥା ଥିଲା। ରାଜ୍ୟ ସରକାର ଏହାର ପରିଚାଳନା ଦାୟିତ୍ୱରେ ଥିଲେ। ଏଠାରେ ପ୍ରସ୍ତୁତ ତାରକସି ସାମଗ୍ରୀ ବିଦେଶରେ ବିକ୍ରି କରାଯିବା ସହ ମୋଟା ଅଙ୍କର ଅର୍ଥ ରୋଜଗାର ହେଉଥିଲା। ଫଳସ୍ୱରୂପ କାରିଗରମାନେ ଲାଭବାନ ହେଉଥିଲେ। କିଛି ନ ହେଲେ ବି କାରିଗରମାନେ ଅତିକମରେ ଠିକ୍ ମଜୁରି ପାଉଥିଲେ। ବହୁବର୍ଷ ହେଲାଣି କଳିଙ୍ଗ ଫିଲିଗ୍ରୀ ବନ୍ଦ ହୋଇପଡ଼ିଛି। ଏବେ ଏହା ଭୂତକୋଠି। ପରେ ତାରକସି ହବ୍ ହେବ ବୋଲି ବିଭିନ୍ନ ନେତା, ମନ୍ତ୍ରୀ କଟକର ସଭାସ୍ଥଳରେ ଘୋଷଣା କରିଥିଲେ। ଶୁଣିବାକୁ ମିଳିଥିଲା ଯେ, ବାରବାଟୀ ଷ୍ଟାଡିୟମ ସମ୍ମୁଖ କିଲା ପଡ଼ିଆରେ ଏହି ହବ୍ ନିର୍ମାଣ ହେବ। ପରେ ତୁଳସୀପୁରଠାରେ ତାରକସୀ ହବ୍ ହେବ ବୋଲି କୁହାଯାଇଥିଲା। ଏହାପରେ ହାଡ଼ିଆପଠା ନିକଟରେ କରାଯିବ ବୋଲି କୁହାଯାଇଥିଲା, ହେଲେ ଏହି ହବ୍ କେବେ ହେବ ତାହାର ସ୍ପଷ୍ଟ ଉତ୍ତର କାହା ପାଖରେ ନାହିଁ।

### ଦଶହରା ସମୟରେ ମନେପଡୁଛି

ଦଶହରାରେ ଚାନ୍ଦି ମେଢ଼ ନିର୍ମାଣ ହୁଏ। ବିଭିନ୍ନ ପୂଜା କମିଟି ଚାନ୍ଦି ମେଢ଼ ଦୌଡ଼ରେ ଅଛନ୍ତି। ଦିନକୁ ଦିନ ଚାନ୍ଦିମେଢ ସଂଖ୍ୟା ବଢୁଥିବାବେଳେ ଏଥିରୁ କଟକର ତାରକସି କାରିଗରମାନଙ୍କୁ ହିଁ ଖୋଜା ପଡୁଛି। କଟକ, ଭୁବନେଶ୍ୱର ସମେତ ରାଜ୍ୟର ଯେଉଁ ସ୍ଥାନରେ ବି ଚାନ୍ଦି ମେଢ ହୋଇଛି, ସେ ସବୁ କଟକର କାରୀଗରଙ୍କ ଦ୍ୱାରା କରାଯାଇଛି।

### ଏମାନେ କ'ଣ କୁହନ୍ତି...



"ତାରକସି ହବ୍ ହେବା ଦ୍ୱାରା ଗୋଟିଏ କୂଳ ବଞ୍ଚିଯିବ। ତାରକସି କାର୍ଯ୍ୟକୁ ଜୀବିକା ଭାବେ ବାଛିଥିବା କାରିଗରମାନଙ୍କ ବୃହତ୍ତ ସ୍ୱାର୍ଥ ଏହା ଭିତରେ ରହିଛି। ଆଗାମୀ ପିଢି ମଧ୍ୟ ତାରକସି କାର୍ଯ୍ୟ ପାଇଁ ମନ ବଳାଇବେ। ଏହି କଳାକୁ ବଞ୍ଚାଇବା ପାଇଁ ତାରକସି ହବ୍ ନିର୍ମାଣ ହେବା ନିହାତି ଦରକାର।

- ବୃନ୍ଦାବନ ସାହୁ, ତାରକସି କାରିଗର



"ତାରକସି ହବ୍ ନିର୍ମାଣ ହେଲେ କଟକବାସୀଙ୍କ ସମେତ ସମଗ୍ର ରାଜ୍ୟବାସୀ ଲାଭବାନ ହେବେ। ଓଡ଼ିଶାରେ ଏହି କଳାକୁ ସମ୍ମାନ ମିଳିବା ଦରକାର। ଏବେ ସେହି ସୁଯୋଗ ଆସିଛି। ଏ ଦିଗରେ ପ୍ରଶାସନ, ସରକାର ଦୃଷ୍ଟି ଦେବା ନିହାତି ଦରକାର।

- ପ୍ରଦୀପ ପୃଷ୍ଟି, ତାରକସି କାରିଗର



"କଟକ ଜିଲା ବିଜେଡ଼ି ପକ୍ଷରୁ ଏ ସଂକ୍ରାନ୍ତରେ ଆଲୋଚନା ହୋଇଛି। କଟକର ଏହି କଳାକୁ ରକ୍ଷା କରିବା ପାଇଁ ସବୁ ଚେଷ୍ଟା କରାଯିବ। ତାରକସି ହବ୍ ନିର୍ମାଣ ହେବା ଉଚିତ୍। ଖୁବ୍‌ଶୀଘ୍ର ଏକ ପ୍ରସ୍ତାବ ସରକାରଙ୍କ ନିକଟରେ ଉପସ୍ଥାପନ କରାଯିବ।

- ଦେବୀ ରଞ୍ଜନ ତ୍ରିପାଠୀ, ବିଧାୟକ



"ବର୍‌ଫି ପ୍ରକଳ୍ପକୁ ସ୍ୱାଗତ କରୁଛୁ, କିନ୍ତୁ କଟକର ଜଞ୍ଜାଳ ପ୍ରଥମେ ସମାଧାନ ହେବା ଆବଶ୍ୟକ। ୨୦ବର୍ଷ ହେବ ଗୋଟିଏ ସରକାର ନିରବିଚ୍ଛିନ ଭାବେ ଶାସନ ଭାରରେ ରହିଛି। ହେଲେ ୨୦କିମି ଦୂରରେ ଥିବା ପୁରୁଣା ରାଜଧାନୀକୁ ମୁଖ୍ୟମନ୍ତ୍ରୀ ଭୁଲି ଯାଇଥିଲେ। ତାରକସି ହବ୍ ନିର୍ମାଣ ହେବା ଅତ୍ୟନ୍ତ ଆବଶ୍ୟକ।

- ଇଂ. ମହମ୍ମଦ ମୋକିମ୍, ବିଧାୟକ



"ତାରକସି ହବ୍ ନିର୍ମାଣକୁ ପ୍ରାଥମିକତା ଦିଆଯିବା ଉଚିତ। କଟକ ତାରକସି କାର୍ଯ୍ୟ ପାଇଁ ପ୍ରସିଦ୍ଧ। ଏହାକୁ ବାଦ୍ ଦିଆଯାଇ ପାରିବନାହିଁ। ବିଭିନ୍ନ ଦିଗ ପ୍ରତି ଦୃଷ୍ଟି ଦିଆଯାଇ ସରକାର ଉନ୍ନୟନମୂଳକ କାର୍ଯ୍ୟ ହାତକୁ ନେଇଛନ୍ତି। ତାରକସି ହବ୍ ବି ନିର୍ମାଣ କରାଯାଉ।

- ଭର୍ତ୍ତୃହରି ମହତାବ, ଏମ୍‌ପି

ସେଲ୍‌ଫି କର୍ନର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



କିରଣ



ଅମିତ୍



ସାବିତ୍ରୀ



ସୁବାସ



ସୂର୍ଯ୍ୟ



ଦାଶରଥି

ଏଠାରେ ନାହିଁ? ଦେଖନ୍ତୁ ଆପଣଙ୍କ ସେଲ୍‌ଫି ଫଟୋ
www.dharitri.com/category/selfie/

## ବାଳିକା ସମୃଦ୍ଧିରେ ଓଡ଼ିଶାକୁ ଅଗ୍ରଣୀ କରିବାର ଲକ୍ଷ୍ୟ: ମନ୍ତ୍ରୀ




**ଜାତୀୟ କନ୍ୟାସନ୍ତାନ ଦିବସ**

**ଭୁବନେଶ୍ୱର, ୨୪।୧ (ବ୍ୟୁରୋ)**

ଗତ କିଛିବର୍ଷ ମଧ୍ୟରେ ରାଜ୍ୟରେ କନ୍ୟାସନ୍ତାନ, କିଶୋରୀ ଏବଂ ମହିଳାଙ୍କ ସାମାଜିକ କ୍ଷେତ୍ରରେ ଆଖିଦୃଶିଆ ଉନ୍ନତି ପରିଲକ୍ଷିତ ହୋଇଛି। ଜାତୀୟ ସ୍ତରରେ ବାଳିକା ସମୃଦ୍ଧିରେ ଓଡ଼ିଶାକୁ ଏକ ଉନ୍ନତ ସ୍ତରରେ ପହଞ୍ଚାଇବା ଆମର ଲକ୍ଷ୍ୟ ଓ ପ୍ରୟାସ। ସୁସ୍ଥ ବାତାବରଣ ଏବଂ ଅନୁକୂଳ ପରିବେଶ ମଧ୍ୟରେ କିଭଳି କନ୍ୟାସନ୍ତାନର ବିକାଶ ସାଧିତ ହୋଇପାରିବ, ସେ ଦିଗରେ ସମସ୍ତଙ୍କ ସହଯୋଗ ଏବଂ ସମ୍ପୃକ୍ତି ଆବଶ୍ୟକ ବୋଲି ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ମନ୍ତ୍ରୀ ଟୁକୁନି ସାହୁ କହିଛନ୍ତି। ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ବିଭାଗ ଆନୁକୂଲ୍ୟରେ ଶୁକ୍ରବାର 'ଜାତୀୟ କନ୍ୟାସନ୍ତାନ ଦିବସ' ଉପଲକ୍ଷେ ଆୟୋଜିତ ଏକ କର୍ମଶାଳାରେ ମୁଖ୍ୟଅତିଥି ଭାବେ ଯୋଗଦେଇ ମନ୍ତ୍ରୀ ସାହୁ ଏହା କହିଥିଲେ। ବିଭାଗୀୟ ପ୍ରମୁଖ ଶାସନ ସଚିବ ଅନୁ ଗର୍ଗ, ସମାଜ କଲ୍ୟାଣ ବିଭାଗ ନିର୍ଦ୍ଦେଶକ ଅରବିନ୍ଦ ଅଗ୍ରୱାଲ୍, ମିଶନ ଶକ୍ତି କମିଶନର ତଥା ନିର୍ଦ୍ଦେଶକ ସୁଜାତା ଆର୍. କାର୍ତ୍ତିକେୟନ୍‌ଙ୍କ ସମେତ ଗୃହ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ବିଦ୍ୟାଳୟ ଓ ଗଣଶିକ୍ଷା, ଉଚ୍ଚଶିକ୍ଷା, ଦକ୍ଷତା ବିକାଶ, ଶ୍ରମ, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି କଲ୍ୟାଣ, କ୍ରୀଡ଼ା ଓ ଯୁବସେବା, ପଞ୍ଚାୟତିରାଜ ଓ ପାନୀୟ ଜଳ, ଆଇନ ବିଭାଗର ବହୁ ବରିଷ୍ଠ ଅଧିକାରୀ ଯୋଗଦେଇଥିଲେ।

ପ୍ରକାଶ ଥାଉ କି, ପ୍ରତ୍ୟେକ ବର୍ଷ ଜାନୁୟାରୀ ୨୪କୁ 'ଜାତୀୟ କନ୍ୟାସନ୍ତାନ ଦିବସ' ଏବଂ ଜାନୁୟାରୀ ୨୦ରୁ ୨୬ ପର୍ଯ୍ୟନ୍ତ 'ଜାତୀୟ କନ୍ୟାସନ୍ତାନ ସପ୍ତାହ' ଭାବେ ପାଳନ କରାଯାଏ। କନ୍ୟାସନ୍ତାନଙ୍କ ସାମାଜିକ ଗୁରୁତ୍ୱ ସମ୍ପର୍କରେ ସଚେତନତା ସୃଷ୍ଟି, ସେମାନଙ୍କୁ ଏକ ସମ୍ମାନଜନକ ଜୀବନ ବଞ୍ଚିବା ଦିଗରେ ଗୃହ, ଗୋଷ୍ଠୀ ଏବଂ ଅନୁଷ୍ଠାନଗୁଡ଼ିକରେ ଅନୁକୂଳ ବାତାବରଣ ସୃଷ୍ଟି ଲାଗି ରାଜ୍ୟ ଏବଂ ଜିଲାସ୍ତରରେ ଏହି ଦିବସ ପାଳନ କରାଯାଏ। ଏହି ପରିପ୍ରେକ୍ଷୀରେ କନ୍ୟାସନ୍ତାନଙ୍କ ସମୃଦ୍ଧି କ୍ଷେତ୍ରରେ ସମ୍ପୃକ୍ତ ବିଭିନ୍ନ ବିଭାଗ ତଥା ଏହି କ୍ଷେତ୍ରରେ କାର୍ଯ୍ୟରତ ସହଯୋଗୀ ସଂସ୍ଥାଗୁଡ଼ିକୁ ନେଇ ଏକ ପରାମର୍ଶ କର୍ମଶାଳା ଅନୁଷ୍ଠିତ ହୋଇଥିଲା।

## ଅନାଲୋଚିତ ଇତିହାସ ଆଲୋଚନା ହେଉ

**ବକ୍ସି ଜଗବନ୍ଧୁଙ୍କ ରାଜ୍ୟସ୍ତରୀୟ ଶ୍ରାଦ୍ଧଦିବସ**

**ଭୁବନେଶ୍ୱର,୨୪।୧(ବ୍ୟୁରୋ)**

ଓଡ଼ିଶାର ମହାନ୍ ବୀର ବକ୍ସି ଜଗବନ୍ଧୁ ଦେଶ ଓ ଜାତି ପାଇଁ ଯାହା କରିଛନ୍ତି ତାହା ଆଜି ଓ ଆଗାମୀ ପିଢି ପାଇଁ ସ୍ମରଣୀୟ ହୋଇରହିବ। ୧୮୧୭ ମସିହାରେ ବକ୍ସି ଜଗବନ୍ଧୁଙ୍କ ନେତୃତ୍ୱରେ ସଂଗଠିତ ପାଇକ ଆନ୍ଦୋଳନ ଜାତୀୟ ଇତିହାସରେ ଏକ ଗୌରବୋଜ୍ଜ୍ୱଳ ଅଧ୍ୟାୟ ସୃଷ୍ଟି କରିଛି। ବକ୍ସି ଜଗବନ୍ଧୁଙ୍କ ବଳିଷ୍ଠ ତ୍ୟାଗ, ଅପୂର୍ବ ସାହସ ଓ ବୀରତ୍ୱର ଗାଥା ଅତୁଳନୀୟ। ତାଙ୍କଭଳି ଓଡ଼ିଶାର ବହୁ ଯୋଦ୍ଧା ଦେଶ ଓ ଜାତି ପାଇଁ ନିଜ ଜୀବନକୁ ଜଳାଞ୍ଜଳି ଦେଇଛନ୍ତି। ସେହି ବୀରମାନଙ୍କର ବୀରତ୍ୱର ଗରିମାମୟ ଇତିହାସ ଅଧିକରୁ ଅଧିକ ଆଲୋଚନା ହେବା ଆବଶ୍ୟକ ବୋଲି ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ ମନ୍ତ୍ରୀ ରଘୁନନ୍ଦନ ଦାସ କହିଛନ୍ତି। ଶୁକ୍ରବାର ସୂଚନା ଭବନଠାରେ ଅନୁଷ୍ଠିତ ବକ୍ସି ଜଗବନ୍ଧୁଙ୍କ ରାଜ୍ୟସ୍ତରୀୟ ଶ୍ରାଦ୍ଧ ଦିବସରେ ମୁଖ୍ୟଅତିଥିଭାବେ ଯୋଗଦେଇ ସେ ବକ୍ସି ଜଗବନ୍ଧୁଙ୍କର ସଂଗ୍ରାମୀ ଜୀବନୀ ସମ୍ପର୍କରେ ଆଲୋକପାତ କରିଥିଲେ।

ସୂଚନା ଓ ଲୋକସମ୍ପର୍କ ବିଭାଗ ନିର୍ଦ୍ଦେଶକ କୃପାସିନ୍ଧୁ ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ ପୂର୍ବକ ବକ୍ସିଙ୍କ ନେତୃତ୍ୱରେ ସଂଗଠିତ ପାଇକ ବିଦ୍ରୋହ ଭାରତର ସ୍ୱାଧୀନତା ସଂଗ୍ରାମର ଆଦ୍ୟ ସ୍ଫୁଲିଙ୍ଗ ଥିଲା ବୋଲି କହିଥିଲେ। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥିଭାବେ ଉତ୍କଳ ପ୍ରସଙ୍ଗ ଏବଂ ଓଡିଶା ରିଭ୍ୟୁର ସମ୍ପାଦକ ଡ. ଲେନିନ୍ ମହାନ୍ତି ଯୋଗଦେଇ କହିଥିଲେ, ବକ୍ସି ଜଗବନ୍ଧୁଙ୍କ ପାଇଁ ଖୋର୍ଦ୍ଧା ମାଟି ଏବଂ ଓଡ଼ିଶା ଆଜି ଗର୍ବିତ। ତାଙ୍କ ଦ୍ୱାରା ସଂଗଠିତ ପାଇକ ବିଦ୍ରୋହ ବା ପାଇକ ଆନ୍ଦୋଳନ ଆଜି ରାଷ୍ଟ୍ରୀୟ ମାନ୍ୟତା ପାଇଛି। ସେହି ସ୍ମୃତିରେ ଆଜି ବରୁଣେଇଠାରେ ପାଇକ ବିଦ୍ରୋହ ସ୍ମାରକୀ ସ୍ଥାପନ କରାଯାଉଛି। ମୁଖ୍ୟ ବକ୍ତାଭାବେ ସାମ୍ବାଦିକ ଓମ୍ ପ୍ରକାଶ ଯୋଗଦେଇ କହିଥିଲେ, ୧୮୫୭ ମସିହାରେ ହୋଇଥିବା ସିପାହି ବିଦ୍ରୋହର ୪୦ ବର୍ଷ ପୂର୍ବରୁ ୧୮୧୭ରେ ବକ୍ସି ଜଗବନ୍ଧୁଙ୍କ ନେତୃତ୍ୱରେ ପାଇକ ବିଦ୍ରୋହ ହୋଇଥିଲା। ଏହା ଆମ ଦେଶର ପ୍ରଥମ ସଶସ୍ତ୍ର ସ୍ୱାଧୀନତା ସଂଗ୍ରାମ ଥିଲା। ଖୋର୍ଦ୍ଧାର ସେହି ବୀର ପାଇକମାନଙ୍କର ଅନାଲୋଚିତ ଇତିହାସ ସମ୍ପର୍କରେ ଅଧିକରୁ ଅଧିକ ଜାଣିବା, ବିଦ୍ୟାଳୟ ଏବଂ ମହାବିଦ୍ୟାଳୟର ପାଠ୍ୟପୁସ୍ତକରେ ଓଡ଼ିଶାର ବୀର ସଂଗ୍ରାମୀମାନଙ୍କ ବୀରତ୍ୱର କାହାଣୀ ସ୍ଥାନିତ କରିବା, ଭାରତୀୟ ସେନାରେ ପାଇକ ରେଜିମେଣ୍ଟ ଗଠନ, ବକ୍ସିଙ୍କ ନାମରେ ରେଳ ଚଳାଚଳ, ଷ୍ଟାଡିୟମ୍ ନିର୍ମାଣ, ବିଶ୍ୱବିଦ୍ୟାଳୟ ସ୍ଥାପନ ଆଦି କରାଯିବା ଉଚିତ। ଏହି ଅବସରରେ ବକ୍ସି ଜଗବନ୍ଧୁଙ୍କ ଜୀବନୀ ଉପରେ ଆଧାରିତ ବିଦ୍ୟାଳୟ ଓ ମହାବିଦ୍ୟାଳୟସ୍ତରୀୟ ପ୍ରବନ୍ଧ ଓ ବକ୍ତୃତା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ବିଭାଗୀୟ ନିର୍ଦ୍ଦେଶକ ନିରଞ୍ଜନ ସେଠୀ ଧନ୍ୟବାଦ ଦେଇଥିବାବେଳେ ସୂଚନା ଅଧିକାରୀ ସଚ୍ଚିଦାନନ୍ଦ ବେହେରା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଶେଷରେ 'ସ୍ୱରସୁଧା' ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ 'ବକ୍ସିଜଗବନ୍ଧୁ' ନାଟକ ପରିବେଷଣ କରାଯାଇଥିଲା। ପୂର୍ବାହ୍ନରେ ସଂଗ୍ରହାଳୟ ଛକରେ ଥିବା ବକ୍ସି ଜଗବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ବିଭାଗ ପକ୍ଷରୁ ମାଲ୍ୟାର୍ପଣ କରାଯାଇଥିଲା।



ଭୁବନେଶ୍ୱର ସୂଚନା ଭବନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

ପୂର୍ବ ପୃଷ୍ଠାର ଅବଶିଷ୍ଟାଂଶ...

## ସାମାଜିକ ବିଜ୍ଞାନ (SOCIAL SCIENCE)

(ii) ଗୋଟିଏ ମୁଖ୍ୟ ଖଣିଜର ଅନ୍ୟାନ୍ୟ ଖଣିଜ ପଦାର୍ଥ ସହ ମିଶ୍ରିତ ଶିଳାକୁ ଖଣିଜ ପିଣ୍ଡ ବା ଖଣିଜ ପଥର କୁହାଯାଏ।

(iii) ଖଣିଜ ପିଣ୍ଡରେ ଗୋଟିଏ ଖଣିଜ ପଦାର୍ଥର ପରିମାଣ ଯଥେଷ୍ଟ ଥିବା ଆବଶ୍ୟକ। ନଚେତ୍ ଏଥିରୁ ସେହି ଖଣିଜର ନିଷ୍କର୍ଷଣ ବ୍ୟାବସାୟିକ ଦୃଷ୍ଟିରୁ ଲାଭପ୍ରଦ ହୋଇନଥାଏ।

(ଗ) **ଆନ୍ଥ୍ରାସାଇଟ୍ :**

(i) ଏହା ସର୍ବୋତ୍କୃଷ୍ଟ କଠିନ କୋଇଲା ଓ ଅଙ୍ଗାରକର ପରିମାଣ ପ୍ରାୟ ୯୦-୯୫ ପ୍ରତିଶତ।

(ii) ଏହା ଚିକ୍କଣ ଗାଢ଼ ରଙ୍ଗର ଏବଂ ଜାଳେଣି ଭାବେ ଅଧିକ ତାପ ପ୍ରଦାନ କରିଥାଏ।

**ଲିଗ୍ନାଇଟ୍ :**

(i) ଏହା ନିମ୍ନମାନର କୋମଳ କୋଇଲା ଓ ଏଥିରେ ଅଙ୍ଗାରକର ପରିମାଣ ପ୍ରାୟ ୬୦ ପ୍ରତିଶତ।

(ii) ଏହାର ରଙ୍ଗ ବାଦାମୀ ଓ ଜଳୀୟଅଂଶ ଅଧିକ ଥାଏ।

**କିମ୍ବା,**

**ମାଧପୁର :**

(i) ମାଧପୁର ଗୁଜରାଟରେ ଅବସ୍ଥିତ।

(ii) ଏହା ସୌରତାପ ଶକ୍ତି ଉତ୍ପାଦନ କେନ୍ଦ୍ର।

**ରାୱତଭଟ୍ଟା :**

(i) ରାୱତଭଟ୍ଟା ରାଜସ୍ଥାନରେ ଅବସ୍ଥିତ।

(ii) ଏହା ଏକ ପରମାଣୁ ଶକ୍ତି ଉତ୍ପାଦନ କେନ୍ଦ୍ର।

(ଘ) (i) ରାସାୟନିକ ସାର ଓ ଔଷଧର ବ୍ୟବହାର ପାଇଁ ଭୂମିର ଉତ୍ପାଦନ କ୍ଷମତା ହ୍ରାସ ପାଉଛି। ଏହାଦ୍ୱାରା ଜୈବ ବିବିଧତା ଉପରେ ମଧ୍ୟ ପ୍ରଭାବ ପଡୁଛି। ବର୍ତ୍ତମାନ ଯେଉଁ ପରିବର୍ତ୍ତନ ଆସୁଛି ତାହାକୁ ଜୀନୀୟ ବିବର୍ତ୍ତନ କୁହାଯାଇପାରେ।

(ii) ଜେନେଟିକ୍ ଇଂଜିନିୟରିଂ ଏହି ପ୍ରକ୍ରିୟାର ଅନ୍ତର୍ଭୁକ୍ତ। ଏହା ଦ୍ୱାରା ନୂତନ ଧରଣର ଅଧିକ ଅମଳକ୍ଷମ ବିହନ ଉତ୍ପାଦିତ ହେଉଛି।

**କିମ୍ବା,**(i) ଯେଉଁ ଶିଳ୍ପ କୌଣସି ବ୍ୟକ୍ତି, ପରିବାର କିମ୍ବା ନିଗମ ଅଧିକାରୀଙ୍କ ମାଲିକାନାରେ ଥାଇ ନିଜସ୍ୱ ପୁଞ୍ଜିଲଗାଣ ଦ୍ୱାରା ସ୍ଥାପିତ ହୋଇଥାଏ, ତାହାକୁ ବେସରକାରୀ ଶିଳ୍ପ କୁହାଯାଏ।

(ii) ଟାଟା ଲୌହ ଇସ୍ପାତ କାରଖାନା, ରିଲାଏନ୍ସ୍ ବଜାଜ ଅଟୋ ଇତ୍ୟାଦି ବେସରକାରୀ ଶିଳ୍ପର ଉଦାହରଣ।

16.(କ) (i) ଜଗତୀକରଣ ନୀତି ଦ୍ୱାରା ଉତ୍ପାଦନ, ବାଣିଜ୍ୟ ଓ ପୁଞ୍ଜି ବିନିଯୋଗ କ୍ଷେତ୍ରରେ ବିଶ୍ୱ ସମୁଦାୟ ସହ ସାମିଲ ହେବାକୁ ପଡ଼ିଥାଏ।

(ii) ବହୁରାଷ୍ଟ୍ରୀୟ କମ୍ପାନୀ ଦ୍ୱାରା ପୁଞ୍ଜି ବିନିଯୋଗ, କଳକାରଖାନା ପ୍ରତିଷ୍ଠା ଓ ଉତ୍ପାଦିତ ଦ୍ରବ୍ୟ ଓ ସେବା ଯୋଗାଣ କରାଯାଇଥାଏ।

(iii) ଦେଶର ଶିଳ୍ପୋଦ୍ୟୋଗୀଙ୍କୁ ଅନ୍ୟ ଦେଶରେ ପୁଞ୍ଜି ବିନିଯୋଗ ତଥା ଉତ୍ପାଦିତ ଦ୍ରବ୍ୟ ଓ ସେବା ବିକ୍ରୟ ନିମନ୍ତେ ଅନୁମତି ପ୍ରଦାନ କରାଯାଇଥାଏ। ତେଣୁ ଜଗତୀକରଣକୁ ଏକ ବଜାରଭିତ୍ତିକ ଅର୍ଥନୀତି କୁହାଯାଏ।

**କିମ୍ବା,**

(i) ବିକାଶୋନ୍ମୁଖୀ ଦେଶମାନଙ୍କର ମୁଖ୍ୟ ସମସ୍ୟା ଜନସଂଖ୍ୟା ବୃଦ୍ଧି।

(ii) ଦେଶର ସମ୍ବଳ ଉପରେ ଅତ୍ୟଧିକ ଚାପ ଥାଏ। ତେଣୁ ମୁଣ୍ଡପିଛା ଆୟ କମ୍ ହୋଇଥାଏ।

(iii) ଆୟ କମ୍ ହୋଇଥିବାରୁ ଲୋକମାନେ ଗରିବ ଓ ଜୀବନ ଧାରଣର ମାନ ଅତି ନିମ୍ନ ହୋଇଥାଏ।

(ଖ) (i) ସଘନ କୃଷି ସାଧାରଣତଃ ଜନବସତି ଓ କମ୍ ଚାଷଜମି ଥିବା ଅଞ୍ଚଳରେ କରାଯାଏ।

(ii) ଭାରତ ଏକ ଜନବହୁଳ ଦେଶ। ସ୍ୱତ୍ୱାଧିକାର ବ୍ୟବସ୍ଥାରେ ଦିନକୁ ଦିନ ସାମିତ ଚାଷଜମିର ପରିମାଣ ହ୍ରାସ ପାଉଥିବାରୁ ତଥା ଖାଦ୍ୟ ଚାହିଦା ପୂରଣ ନିମନ୍ତେ ଭାରତରେ ସଘନ କୃଷି ପ୍ରଣାଳୀ ବିଶେଷ ଭାବେ ଅନୁସୃତ ହୁଏ।

**କିମ୍ବା,**

(i) ଖଣିରୁ ବାହାରୁଥିବା ଧୂଳି, ଧୂଆଁ ଓ ଦୂଷିତ ଗ୍ୟାସ୍ ସେବନ ଦ୍ୱାରା ଶ୍ରମିକମାନେ ଫୁସ୍‌ଫୁସ୍ ଜନିତ ରୋଗର ଶିକାର ହୁଅନ୍ତି।

(ii) ଖଣି ଛାତ ଭୁଷୁଡ଼ିବା, ଖଣିରେ ନିଆଁ ଲାଗିବା, ଖଣି ଧସିବାରେ ମୃତାହତ ହେବାର ସମ୍ଭାବନା ଥାଏ। ତେଣୁ ଖଣି ଖନନକୁ ଘାତକ ଶିଳ୍ପ କୁହାଯାଏ।

(ଗ)(i) ଅଧିକ ଲାଭ ଆଶାରେ ଉଚ୍ଚମାନ ସମ୍ପନ୍ନ ଦ୍ରବ୍ୟଗୁଡ଼ିକରେ ବ୍ୟବହାର ଅଯୋଗ୍ୟ ଦ୍ରବ୍ୟଗୁଡ଼ିକୁ ମିଶାଇ ଅପମିଶ୍ରିତ ଦ୍ରବ୍ୟ ପ୍ରସ୍ତୁତ କରାଯାଇଥାଏ। ଚାଉଳରେ ଗୋଡ଼ି, ଚା'ରେ ଚମଡ଼ା ଗୁଣ୍ଡ, ପେଟ୍ରୋଲରେ କିରୋସିନି ମିଶ୍ରଣ କରି ଅପମିଶ୍ରିତ ଦ୍ରବ୍ୟ ପ୍ରସ୍ତୁତ କରାଯାଏ।

(ii) **ନକଲି ଦ୍ରବ୍ୟ :** ଠିକ୍ ଗୁଣ ବିହୀନ ନିମ୍ନମାନର ଦ୍ରବ୍ୟକୁ ନକଲି ଦ୍ରବ୍ୟ କୁହାଯାଏ। ଏଥିରେ ଠିକ୍ ଗୁଣବିଶିଷ୍ଟ ଦ୍ରବ୍ୟର ଆକଳନ ମୂଲ୍ୟ ଦେଇ ଉପକୃତ ନ ହୋଇ ଖାଉଟି ଶୋଷିତ ହୋଇଥାଏ।

**କିମ୍ବା,**

**ଖାଉଟି ସଂଗଠନ:** ବ୍ୟବସାୟମାନଙ୍କ ଶୋଷଣ ବିରୁଦ୍ଧରେ ଖାଉଟିମାନେ ଯେଉଁ ସଂଗଠନ ମାଧ୍ୟମରେ ଦାବି ଉପସ୍ଥାପିତ କରିବା ଉଚିତ ତାହା ହେଉଛି ଖାଉଟି ସଂଗଠନ ।

**ଜିଲ୍ଲା ବିଚାର ମଞ୍ଚ:** ଜିଲ୍ଲା ସ୍ତରରେ କାର୍ଯ୍ୟ କରୁଥିବା ଖାଉଟି ଅଦାଲତକୁ ଜିଲ୍ଲା ବିଚାର ମଞ୍ଚ କୁହାଯାଏ।

❑❑❑



ପରିବର୍ତ୍ତନ ସହିତ ନିଜକୁ ଯିଏ ଖାପ ଖୁଆଇବାର କଳା ହାସଲ କରିପାରିନାହିଁ, ସେ ଅଶାନ୍ତି ଭିତରେ ବୁଡି ରହିବ।
-ବାକନ୍



## ସଂକ୍ଷେପରେ

### ହୋଟେଲରେ ଅଗ୍ନିକାଣ୍ଡ

ଭୁବନେଶ୍ୱର,୨୪।୧(ବ୍ୟୁରୋ): କ୍ୟାପିଟାଲ ଥାନା ଅଞ୍ଚଳରେ ଥିବା ହୋଟେଲ ଆର୍ଯ୍ୟ ପ୍ୟାଲେସରେ ଶୁକ୍ରବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟିଛି। କିଚେନରୁ ନିଆଁ ଲାଗି ଚାରିଆଡ଼କୁ ବ୍ୟାପିଯାଇଥିଲା। ପୋଲିସ ଓ ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିବା ସହ ହୋଟେଲରେ ଥିବା ୫୦ରୁ ଊର୍ଦ୍ଧ୍ୱ ବିଦେଶୀ ନାଗରିକଙ୍କ ସମେତ ସମସ୍ତ ଲୋକଙ୍କୁ ଉଦ୍ଧାର କରିଥିଲେ। କେତେକ ସାମଗ୍ରୀ ପୋଡ଼ି ଯାଇଥିବା ଜଣାପଡିଛି।

### ଅସାଧାରଣ କାର୍ଯ୍ୟ କରିପାରିବେ ଦିବ୍ୟାଙ୍ଗ

ଭୁବନେଶ୍ୱର,୨୪।୧(ବ୍ୟୁରୋ): ସମାଜରେ ଦିବ୍ୟାଙ୍ଗମାନଙ୍କ ଭୂମିକା ଅତୁଳନୀୟ। ସାଧାରଣ ମଣିଷଙ୍କ ଭଳି ସେମାନେ ମଧ ଅସାଧାରଣ କାର୍ଯ୍ୟ କରିବାର କ୍ଷମତା ରଖନ୍ତି। ସଙ୍ଗୀତ, ନୃତ୍ୟ କ୍ଷେତ୍ରରୁ ଆରମ୍ଭକରି ହସ୍ତଶିଳ୍ପ, ହସ୍ତତନ୍ତ ପର୍ଯ୍ୟନ୍ତ ସେମାନେ ସବୁକ୍ଷେତ୍ରରେ ପାରଦର୍ଶିତା ଲାଭ କରୁଛନ୍ତି। ଦିବ୍ୟାଙ୍ଗମାନଙ୍କୁ ପ୍ରୋତ୍ସାହନ ପ୍ରଦାନ କରିବା ମହାପୁଣ୍ୟ ବୋଲି ଶୁକ୍ରବାର 'ଦି ୱାର୍ଲଡ ଜିମ୍' ପକ୍ଷରୁ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଦିବ୍ୟଜ୍ୟୋତିରେ ଯୋଗଦେଇଥିବା ଅତିଥିମାନେ ମତପ୍ରକାଶ କରିଛନ୍ତି। ଘାଟିକିଆସ୍ଥିତ ବ୍ରିଜ୍‌ଧାମରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିଥିଭାବେ 'ମୋ ପରିବାର'ର ଅଧକ୍ଷ ତଥା ଅବସରପ୍ରାପ୍ତ ଆଇପିଏସ୍ ଅଫିସର ଅରୂପ ପଟ୍ଟନାୟକ, ଓଡ଼ିଶା ଖଦି ବୋର୍ଡର ସଭାପତି ସଂଗ୍ରାମ କେଶରୀ ପାଇକରାୟ, ଆଇନଜୀବୀ ସୀତାଂଶୁ ମୋହନ ଦ୍ୱିବେଦୀ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ୬୦ରୁ ଊର୍ଦ୍ଧ୍ୱ ଦିବ୍ୟାଙ୍ଗ ପ୍ରତିଯୋଗୀ କଳାକୌଶଳ ପ୍ରଦର୍ଶନ କରିଥିଲେ। ପରେ ସେମାନଙ୍କ ଦ୍ୱାରା ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। କାର୍ଯ୍ୟକ୍ରମରେ ବିଜେଡି ଜିଲା ସଭାପତି ଅମରେଶ ଜେନା, ପୂର୍ବତନ କର୍ପୋରେଟର ସମୀର ରଞ୍ଜନ ପ୍ରଧାନ, ହାଡ଼ିଆ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଦି ୱାର୍ଲଡ ଜିମ୍‌ର ମୁଖ୍ୟ ନୀଳକଣ୍ଠ ପ୍ରଧାନ, ବାପୁନ ବେହେରା, କାନ୍ତା ରେଡ୍ଡି ଓ ସୂର୍ଯ୍ୟକାନ୍ତ ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଶ୍ରୀ ଲକ୍ଷେଶ୍ୱର ପୀଠରେ ଓଡ଼ିଶୀ ସଂକୀର୍ତ୍ତନ ମହୋତ୍ସବ

ବାଲିଅନ୍ତା,୨୪।୧(ଡି.ଏନ.ଏ.): ପବିତ୍ର ତ୍ରିବେଣୀ ଅମାବାସ୍ୟା ଅବସରରେ ନଖରାସ୍ଥିତ ପ୍ରସିଦ୍ଧ ଶୈବ ପୀଠ ଶ୍ରୀ ଲକ୍ଷେଶ୍ୱର ମହାଦେବଙ୍କ ପୀଠରେ ୫୨ତମ ଓଡ଼ିଶୀ ସଂକୀର୍ତ୍ତନ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆଖପାଖ ଅଞ୍ଚଳର ୫୦ରୁ ଊର୍ଦ୍ଧ୍ୱ ସଂକୀର୍ତ୍ତନ ମଣ୍ଡଳୀ ଯୋଗଦେଇଥିଲେ। ଏହି ମହୋତ୍ସବରେ ଜୟଦେବ ବିଧାୟକ ଡ.ଅରବିନ୍ଦ ଢାଲୀ, ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

# ଅଞ୍ଜଳି, ଇବ୍ରାହିମ୍‌ଙ୍କୁ ରିମାଣ୍ଡରେ ନେବାକୁ ଏସ୍‌ଟିଏଫ୍‌ର ଆବେଦନ

## ରାଜଧାନୀରେ ବହୁ ବାଂଲାଦେଶୀ ଦେହଜୀବୀ

ଭୁବନେଶ୍ୱର,୨୪।୧(ବ୍ୟୁରୋ)

ଗିରଫ ହୋଇ ଝାରପଡ଼ା ଜେଲ୍‌ରେ ଥିବା ରାଜଧାନୀ ସେକ୍ସ ରାକେଟ୍ କିଙ୍ଗ୍‌ପିନ୍ ଅଞ୍ଜଳି ଦିଦି ଓ ସେକ୍ ଇବ୍ରାହିମ୍‌ଙ୍କ ଗୋଟିଏ ପରେ ଗୋଟିଏ ଗୁମର ଖୋଲିବାରେ ଲାଗିଛି। ସେମାନେ ବାଂଲାଦେଶରୁ ଭୁବନେଶ୍ୱରକୁ ଏକାଧିକ ଯୁବତୀଙ୍କୁ ଆଣି ଦେହ ବ୍ୟବସାୟ କାୟାବିସ୍ତାର କରିଥିବା ଏସ୍‌ଟିଏଫ୍ ଜାଣିବାକୁ ପାଇଛି। କିଛିଦିନ ତଳେ ଜଣେ ବାଂଲାଦେଶୀ ଗଣମାଧ୍ୟମକୁ ଅଞ୍ଜଳି ଦିଦି ୨୫ରୁ ଊର୍ଦ୍ଧ୍ୱ ବାଂଲାଦେଶୀ ଯୁବତୀଙ୍କୁ ରାଜଧାନୀକୁ ଆଣିଥିବା କହିଥିଲେ। ହେଲେ ପୁରୁଣା ଭୁବନେଶ୍ୱରରୁ ୬ ବାଂଲାଦେଶୀ ଦେହଜୀବୀ ଧରାହୋଇଥିବା ବେଳେ ଅନ୍ୟମାନେ ଏଯାବତ୍ ଏସ୍‌ଟିଏଫ୍ ହାତରେ ଧରାପଡ଼ିନାହାନ୍ତି। ସେମାନଙ୍କୁ ଧରିବା ନେଇ ଏସ୍‌ଟିଏଫ୍ ଖୋଳତାଡ଼ ଜାରି ରଖିଛି। ଏପରି କି ଏସ୍‌ଟିଏଫ୍ ପଶ୍ଚିମବଙ୍ଗ ଏବଂ ବାଂଲାଦେଶର ଅନେକ ତଦନ୍ତକାରୀ ସଂସ୍ଥାଙ୍କ ସହଯୋଗ ନେଇ ତଦନ୍ତ ଚଳାଇଛି।

ଅନ୍ୟପଟେ କିଙ୍ଗ୍‌ପିନ୍ ଅଞ୍ଜଳି ଦିଦି ଏବଂ ତାଙ୍କ ସ୍ୱାମୀ ଇବ୍ରାହିମ୍‌ଙ୍କୁ ରିମାଣ୍ଡରେ ଆଣିବ ଏସ୍‌ଟିଏଫ୍। ଏନେଇ ଶୁକ୍ରବାର ଭୁବନେଶ୍ୱର କୋର୍ଟରେ ୫ ଦିନିଆ ରିମାଣ୍ଡ ପାଇଁ ଏସ୍‌ଟିଏଫ୍ ଆବେଦନ କରିଛି। ଏସ୍‌ଟିଏଫ୍‌ର ଏକ ଟିମ୍ ଅଞ୍ଜଳି ଦିଦିଙ୍କ ପିପିଲି ଦାନଗୋହିର ଘରକୁ ଯାଇ ଖୋଳତାଡ଼ କରିଥିବା ଜଣାପଡ଼ିଛି। ଉକ୍ତ ଘରୁ କିଛି ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଜବତ କରିଛି, ଯେଉଁଥିରେ ସେମାନଙ୍କ ବାଂଲାଦେଶୀ ଯୁବତୀ ଚାଲାଣର ପୂରା ନକ୍ସା ମିଳିଛି। ସେହି ଆଧାରରେ ସେମାନଙ୍କୁ ପଚରାଉଚରା କରିବ। ସବୁଠାରୁ ବଡ଼ କଥା ହେଲା, ଅଞ୍ଜଳି ଦିଦି ଏବଂ ଇବ୍ରାହିମ୍‌ଙ୍କ ବ୍ୟାଙ୍କ୍ ଆକାଉଣ୍ଟରୁ ବାଂଲାଦେଶକୁ ଲକ୍ଷାଧିକ ଟଙ୍କାର ନେଣଦେଣ ହୋଇଥିବା ଜଣାପଡ଼ିଛି। ତେବେ ଟଙ୍କା କାହା ନିକଟକୁ ପଠାଯାଇଛି, ତାହା ଜଣାପଡ଼ି ନ ଥିବାବେଳେ ଅଞ୍ଜଳିଙ୍କ ଭଉଣୀ ଏବଂ ଭିଣୋଇଙ୍କୁ ଏହି ଟଙ୍କା ଯାଇଥିବା ଏସ୍‌ଟିଏଫ୍ ଅନୁମାନ କରୁଛି।

### ଧରାପଡ଼ିଲେ ୫ ଦେହ ଦଲାଲ

ଏସ୍‌ଟିଏଫ୍ ହାତରେ ୬ ବାଂଲାଦେଶୀ ଯୁବତୀ, କିଙ୍ଗ୍‌ପିନ୍ ଅଞ୍ଜଳି ଏବଂ ଇବ୍ରାହିମ୍ ଧରାପଡ଼ିବା ପରେ କମିଶନରେଟ ପୋଲିସର ନିଦ ଭାଙ୍ଗିଥିଲା। ବୁଧବାର ପୋଲିସ ଲକ୍ଷ୍ମୀସାଗର ଥାନାଞ୍ଚଳରୁ ୩ ଦେହ ଦଲାଲ୍‌ଙ୍କୁ ଗିରଫ କରିଥିବାବେଳେ ଶୁକ୍ରବାର ସ୍ପେଶାଲ ସ୍କ୍ୱାଡ୍ ଖଣ୍ଡଗିରି ଥାନାଞ୍ଚଳରୁ ୫ ଦେହ ଦଲାଲଙ୍କୁ ଗିରଫ କରିଛି। ସମସ୍ତ ଅଭିଯୁକ୍ତ ଖଣ୍ଡଗିରି ଅଞ୍ଚଳରେ ରହୁଥିଲେ। ଗିରଫ ଦଲାଲଙ୍କ ଅଞ୍ଜଳି ଦିଦିଙ୍କ ସହ ଲିଙ୍କ୍ ରହିଛି କି ନାହିଁ, ସେନେଇ ପୋଲିସ ଖୋଳତାଡ଼ କରୁଛି। ଏମାନେ ଯୁବତୀଙ୍କୁ ଗ୍ରାହକଙ୍କ ନିକଟରେ ପହଞ୍ଚାଇବା ସହ ଗ୍ରାହକ ଯୋଗାଡ଼ କାର୍ଯ୍ୟ କରୁଥିଲେ ବୋଲି ଜଣାପଡ଼ିଛି।

### ଯୁବତୀଙ୍କୁ ମୋହରା କରି କରୁଥିଲେ ଲୁଟ୍

ଗିରଫ ଦଲାଲ୍‌ମାନେ ଯୁବତୀଙ୍କୁ ମୋହରା କରି ଗ୍ରାହକଙ୍କୁ ଲୁଟୁଥିବା ତଦନ୍ତରୁ ଜଣାପଡ଼ିଛି। ଗ୍ରାହକ ଲୋକାଲ ପର୍ନ ସାଇଟରେ ଦଲାଲ୍‌ଙ୍କ ଫୋନ୍ ନମ୍ବର ନେଉଥିଲେ। ପରେ ଦଲାଲ୍ ଯୁବତୀଙ୍କ ଫଟୋ ଗ୍ରାହକଙ୍କୁ ଦେଖାଉଥିଲେ। ଗ୍ରାହକ ଫଟୋ ଦେଖି ଯୁବତୀ ଚୟନ କରିବା ପରେ ଏକ ନିର୍ଦ୍ଦିଷ୍ଟ ହୋଟେଲକୁ ଡାକୁଥିଲେ। ସେଠାରେ ଗ୍ରାହକ ଯୁବତୀଙ୍କ ସହ ଶାରୀରିକ ସମ୍ପର୍କ ରଖିବା ସମୟରେ ଦଲାଲ ଯୁବତୀଙ୍କ ସାହାଯ୍ୟରେ ଗ୍ରାହକଙ୍କଠାରୁ ଟଙ୍କା, ସୁନାଗହଣା ଲୁଟୁଥିଲେ। ଯଦି ଗ୍ରାହକ ଦେବାକୁ ମନାକରନ୍ତି, ତେବେ ବଳାତ୍କାର ମାମଲାରେ ଫସାଇ ଦେବାକୁ ଧମକ ଦିଅନ୍ତି। ନଚେତ୍ ଗ୍ରାହକଙ୍କ ଅଶ୍ଳୀଳ ଭିଡ଼ିଓ ରେକର୍ଡ କରି ବ୍ଲାକ୍‌ମେଲିଂ କରି ଟଙ୍କା ମାଗନ୍ତି। ତେବେ ଲକ୍ଷ୍ମୀସାଗର ଅଞ୍ଚଳରୁ ୩ ଜଣ ଦଲାଲ ଗିରଫ ହେବା ପରେ ଖଣ୍ଡଗିରିରୁ ଧରାପଡ଼ିଥିବା ଦଲାଲଙ୍କ ନାମ ପଦାକୁ ଆସିଥିଲା।



ରାଜଧାନୀ ଉଠା ଦୋକାନୀ ମହାସଂଘ ପକ୍ଷରୁ ବିଏମ୍‌ସି କାର୍ଯ୍ୟାଳୟ ଘେରାଉ ପାଇଁ ବାହାରିଥିବା ଶୋଭାଯାତ୍ରା।

## ବିଏମ୍‌ସି ଘେରିଲେ ଉଠାଦୋକାନୀ

### 'ଫନୀ' ସହାୟତା, ଏମ୍‌ସିସି ବନ୍ଦ କରିବାକୁ ଦାବି

ଭୁବନେଶ୍ୱର, ୨୪।୧ (ବ୍ୟୁରୋ)

ରାଜଧାନୀର ସମସ୍ତ ଉଠାଦୋକାନୀଙ୍କୁ ୧୦ ହଜାର ଟଙ୍କା ଲେଖାଏଁ ଫନୀ ସହାୟତା ଦେବା ଦାବିରେ ଉଠାଦୋକାନୀ ମହାସଂଘ ପକ୍ଷରୁ ବିଏମ୍‌ସି କାର୍ଯ୍ୟାଳୟ ଘେରାଉ କରାଯାଇଛି। ଶୁକ୍ରବାର ପୂର୍ବାହ୍ନରେ ଉଠାଦୋକାନୀ ବ୍ୟବସାୟୀ ସଂଘ ସଭାପତି ସୁର ଜେନାଙ୍କ ନେତୃତ୍ୱରେ ଶତାଧିକ ଉଠାଦୋକାନୀ ଏନେଇ ଏକାଠି ହୋଇଥିଲେ। ସେହିଭଳି ଅଶୋକନଗରରେ ପ୍ରସ୍ତାବିତ ଶିଶୁ ଉଦ୍ୟାନ ସ୍ଥାନରେ ମାଇକ୍ରୋ କମ୍ପୋଷ୍ଟିଂ ସେଣ୍ଟର (ଏମ୍‌ସିସି) ନିର୍ମାଣ ବନ୍ଦ କରିବା ଦାବିରେ ଅଶୋକ ନଗର ବାସିନ୍ଦାମାନେ ମଧ ଘେରାଉରେ ସାମିଲ ହୋଇଥିଲେ। ସିପିଆଇ ରାଜ୍ୟ କାର୍ଯ୍ୟାଳୟ ଭଗବତୀ ଭବନଠାରୁ ଏକ ଶୋଭାଯାତ୍ରା ବାହାରି ରାଜମହଲ ଓ କଳ୍ପନା ଛକ ଅତିକ୍ରମ ପୂର୍ବକ ବିଏମ୍‌ସି କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲା। ଏନେଇ ୫ଜଣିଆ ପ୍ରତିନିଧିମଣ୍ଡଳୀ ବିଏମ୍‌ସି କମିଶନର ପ୍ରେମଚନ୍ଦ୍ର ଚୌଧାରୀଙ୍କୁ ସାକ୍ଷାତ କରି ସ୍ମାରକପତ୍ର ଦେଇଥିଲେ। କମିଶନର ସମସ୍ତ ଉଠାଦୋକାନୀଙ୍କୁ ଫନୀ ସହାୟତା ଦିଆଯିବ ଓ ଡମ୍ପିଂୟାର୍ଡ ସମ୍ପର୍କରେ ବିଚାର କରାଯିବ ବୋଲି କହିଥିଲେ।

## ନିଯୁକ୍ତି ପାଇଁ ସର୍ବୋଚ୍ଚ ବୟସ ସୀମା ବୃଦ୍ଧି ଦାବି

ଭୁବନେଶ୍ୱର,୨୪।୧(ବ୍ୟୁରୋ)

ନିଯୁକ୍ତି ବିଜ୍ଞପ୍ତି ପ୍ରତ୍ୟେକ ବର୍ଷ ବାହାର କରି ମେଧାବୀ ପ୍ରାର୍ଥୀଙ୍କୁ ଭବିଷ୍ୟତ ଗଢ଼ିବାକୁ ସୁଯୋଗ ଦିଆଯାଉ। ଓଡ଼ିଶା ପବ୍ଲିକ ସର୍ଭିସ୍ କମିଶନ୍, ଓଡ଼ିଶା ଷ୍ଟାଫ୍ ସିଲେକ୍ସନ କମିଶନ ଏବଂ ଅନ୍ୟାନ୍ୟ ବୋର୍ଡ ଦ୍ୱାରା ପରିଚାଳିତ ବିଭିନ୍ନ ଚାକିରିରେ ଖାଲିଥିବା ପଦବୀଗୁଡ଼ିକ ନିୟମାନୁସାରେ ପ୍ରତ୍ୟେକ ବର୍ଷ ପୂରଣ ହେବାକଥା। ମାତ୍ର ତାହା ଉଚିତ ସମୟରେ ହେଉ ନାହିଁ। ଦୁଇଟି ବିଜ୍ଞପ୍ତି ମଧ୍ୟରେ ଥିବା ଅବଧି ପ୍ରାୟ ପାଞ୍ଚବର୍ଷରୁ ଅଧିକ ରହୁଥିବାରୁ ଆଶାୟୀ ପ୍ରାର୍ଥୀଙ୍କୁ ନିରାଶ ହେବାକୁ ପଡୁଛି। ତେଣୁ ନିଯୁକ୍ତି ବିଜ୍ଞପ୍ତି ପ୍ରତି ବର୍ଷ ବାହାର କରାଗଲେ ପରୀକ୍ଷାର୍ଥୀଙ୍କ ପ୍ରତିଯୋଗିତାମୂଳକ ପରୀକ୍ଷା ପ୍ରସ୍ତୁତିରେ ନିରନ୍ତରତା ବଜାୟ ରହିବ। ଏହି ପରିପ୍ରେକ୍ଷୀରେ ଓଡ଼ିଶାରେ ନିଯୁକ୍ତି ଆଶାୟୀ ପ୍ରାର୍ଥୀଙ୍କ ବୟସ ସୀମାକୁ ୩୨ ବର୍ଷରୁ ୪୨ ବର୍ଷକୁ ବୃଦ୍ଧି କରାଯାଉ। ଏଣୁ ନିଯୁକ୍ତି ଭିତ୍ତିକ ବୟସ ସୀମା ବୃଦ୍ଧି କରିବା ସହ ପ୍ରତି ବର୍ଷ ନିଯୁକ୍ତି ବିଜ୍ଞପ୍ତି ପ୍ରକାଶ କରିବାକୁ ଡିସେମ୍ବର ୨୩ରେ ସୁମନ୍ତ ଶତପଥୀ, ସୁରେନ୍ଦ୍ର କୁମାର ଜେନା, ଅଶୋକ ରାଣା ଓ ଅନ୍ୟ କେତେକ ଆଶାୟୀ ପ୍ରାର୍ଥୀମାନେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ସ୍ମାରକପତ୍ର ଦେଇଥିଲେ। ଏନେଇ ଖୁବ୍‌ଶୀଘ୍ର ବିଚାର କରାଯାଇ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ ବୋଲି ଅଧିକାରୀମାନେ କହୁଥିବାବେଳେ କୌଣସି ପଦକ୍ଷେପ ନିଆଯାଉ ନାହିଁ। ଫଳରେ ଆଶାୟୀ ପ୍ରାର୍ଥୀମାନଙ୍କ ବୟସ ଗଡ଼ିଯାଉଥିବାରୁ, ସେମାନଙ୍କ ଭବିଷ୍ୟତ ଅନ୍ଧାରକୁ ଠେଲି ହୋଇଯାଉଛି।

## 'ମାତୃଭାଷା ହିଁ ବ୍ୟକ୍ତିତ୍ୱ ବିକାଶର ମାଧ୍ୟମ'



ଜଣେ ଛାତ୍ରୀଙ୍କୁ ଅତିଥି ପୁରସ୍କୃତ କରୁଛନ୍ତି।

ଭୁବନେଶ୍ୱର, ୨୪।୧(ବ୍ୟୁରୋ)

ଓଡିଏମ୍ ପବ୍ଲିକ୍ ସ୍କୁଲ ପରିସରରେ ଦୁଇ ମହାନ ସ୍ୱାଧୀନତା ସଂଗ୍ରାମୀ ତଥା ଦେଶଭକ୍ତ ମୁକ୍ତି ସଂଗ୍ରାମର ଅବିସ୍ମରଣୀୟ ଯୋଦ୍ଧା ବୀର ସୁରେନ୍ଦ୍ର ସାଏ ଓ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ଓଡିଏମ୍ ଶିକ୍ଷାନୁଷ୍ଠାନ ସମୂହର ପ୍ରତିଷ୍ଠାତା ତଥା ଅଧ୍ୟକ୍ଷ ସତ୍ୟବ୍ରତ ମୀନକେତନ ସଭାପତିତ୍ୱ କରି ମାଆ, ମାତୃଭୂମି ଓ ମାତୃଭାଷାକୁ ସମ୍ମାନ ପ୍ରଦାନ କରିବା ପାଇଁ ଆହ୍ୱାନ ଦେବା ସହ ମାତୃଭାଷା ହିଁ ବ୍ୟକ୍ତିତ୍ୱ ବିକାଶର ମାଧ୍ୟମ ବୋଲି ଛାତ୍ରୀଛାତ୍ରଙ୍କୁ ଉଦ୍‌ବୋଧନ ଦେଇଥିଲେ। ଶିକ୍ଷା ନିର୍ଦ୍ଦେଶକ ଆର୍ତ୍ତତ୍ରାଣ ମିଶ୍ର ଯୋଗଦେଇ ମହାପୁରୁଷମାନଙ୍କ ଆଦର୍ଶ ଓ ତ୍ୟାଗପୂତ ଜୀବନକୁ ବ୍ରତ ଭାବରେ ଗ୍ରହଣ କରିବା ପାଇଁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସ୍କୁଲର ନିର୍ଦ୍ଦେଶିକା ଇନ୍ଦୁମତୀ ରାୟ, ସିଓଓ ସ୍ୱୟନ୍ ସତ୍ୟେନ୍ଦୁ, ମୁଖ୍ୟ ପରାମର୍ଶଦାତା ବ୍ରହ୍ମାନନ୍ଦ ରାଉତ, ଉପାଧ୍ୟକ୍ଷ ରାଜେଶ୍ କୁମାର ପାଢ଼ୀ, ଉପାଧ୍ୟକ୍ଷା ଝିନୁକ୍ ଦତ୍ତାରାୟ, ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଏବଂ ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ। ଏହି ପରିପ୍ରେକ୍ଷୀରେ ଛାତ୍ରୀଛାତ୍ରମାନେ ଦେଶାତ୍ମବୋଧକ ସଂଗୀତ ଗାନ କରାଯିବା ସହ ସୁଚିନ୍ତିତ ବକ୍ତବ୍ୟ ପ୍ରଦାନ କରିଥିଲେ। ଶେଷରେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା।

## କୋଣାର୍କ ମନ୍ଦିର କଥା ବୁଝିବ କେନ୍ଦ୍ର

ଭୁବନେଶ୍ୱର, ୨୪।୧(ବ୍ୟୁରୋ)

- ଏଏସ୍‌ଆଇ ସହ ଆଲୋଚନା କରାଯିବ: କେନ୍ଦ୍ର ପର୍ଯ୍ୟଟନ ମନ୍ତ୍ରୀ
- କେନ୍ଦ୍ର ସରକାର ଆଣିବେ ନୂତନ ପର୍ଯ୍ୟଟନ ନୀତି

ବିଶ୍ୱ ଐତିହ୍ୟସ୍ଥଳୀ କୋଣାର୍କ ସୂର୍ଯ୍ୟମନ୍ଦିରର ଟିକିନିଖି ଖବର ରଖିବେ କେନ୍ଦ୍ର ସରକାର। ମନ୍ଦିର ସଂରକ୍ଷଣଠାରୁ ଆରମ୍ଭକରି ପୁନରୁଦ୍ଧାର କାର୍ଯ୍ୟ ପର୍ଯ୍ୟନ୍ତ, ସବୁକିଛି କେନ୍ଦ୍ର ତତ୍ତ୍ୱାବଧାନରେ ହେବ। ଏ ନେଇ ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା(ଏଏସ୍‌ଆଇ) ସହ କେନ୍ଦ୍ର ସରକାର ଆଲୋଚନା କରିବେ ବୋଲି କେନ୍ଦ୍ର ପର୍ଯ୍ୟଟନ ମନ୍ତ୍ରୀ ପ୍ରହ୍ଲାଦ ସିଂ ପଟେଲ କହିଛନ୍ତି।

କୋଣାର୍କ ଇକୋ ରିଟ୍ରିଟ୍‌ରେ ଚାଲିଥିବା ଦୁଇଦିନିଆ ଜାତୀୟ ପର୍ଯ୍ୟଟନ ସମ୍ମିଳନୀରେ ଯୋଗଦେବାକୁ ଆସିଥିବା ଅବସରରେ ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚି କେନ୍ଦ୍ରମନ୍ତ୍ରୀ ପଟେଲ ଗଣମାଧ୍ୟମକୁ ସୂଚନା ଦେଇ ଏହା କହିଥିଲେ। ସେ ଆହୁରି କହିଛନ୍ତି, ବର୍ତ୍ତମାନ ସମୟରେ କୋଣାର୍କ ସୂର୍ଯ୍ୟମନ୍ଦିରରେ ଚାଲିଥିବା ମରାମତି ଓ ସଂରକ୍ଷଣ କାର୍ଯ୍ୟ ସମ୍ପର୍କରେ ସେ ଏଏସ୍‌ଆଇ କର୍ତ୍ତୃପକ୍ଷଙ୍କ ସହ ପୁଙ୍ଖାନୁପୁଙ୍ଖ ଆଲୋଚନା କରିବେ। ଏଏସ୍‌ଆଇ କୋଣାର୍କ ମନ୍ଦିରର କାରୁକାର୍ଯ୍ୟପୂର୍ଣ୍ଣ ପଥରକୁ କାଢି ସାଦା ପଥର ଖଞ୍ଜି ଦେଉଥିବା ବାରମ୍ବାର ଅଭିଯୋଗ ହୋଇଛି। ସେହିଭଳି ମନ୍ଦିରରୁ ବର୍ଷାଜଳ ନିଷ୍କାସନ ପାଇଁ ହୋଇଥିବା ଡ୍ରେନେଜ୍ ବ୍ୟବସ୍ଥା ମଧ ସନ୍ତୋଷଜନକ ନୁହେଁ ବୋଲି କୁହାଯାଇଛି। ସୂର୍ଯ୍ୟମନ୍ଦିରରେ ଲାଗିରହିଥିବା ଏହି ସମସ୍ୟାର ସମୀକ୍ଷା କରିବାର ସମୟ ଆସିଛି। ଏଥିସହ କେନ୍ଦ୍ର ସରକାର ଖୁବ୍‌ଶୀଘ୍ର ନୂତନ ପର୍ଯ୍ୟଟନ ନୀତି ଆଣିବାକୁ ଯାଉଥିବା କେନ୍ଦ୍ରମନ୍ତ୍ରୀ ସୂଚନା ଦେଇଥିଲେ। ଏହି ଗସ୍ତ ଅବସରରେ ପୁରୀରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ହେଉଥିବା ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ ସମ୍ପର୍କରେ ମଧ ସେ ସମୀକ୍ଷା କରିବେ ବୋଲି କହିଥିଲେ। ଶ୍ରୀଜଗନ୍ନାଥ ମନ୍ଦିର ଓ କୋଣାର୍କ ସୂର୍ଯ୍ୟ ମନ୍ଦିର ବ୍ୟତୀତ ଓଡ଼ିଶାରେ ଏକାଧିକ ଅନାଲୋଚିତ ଓ ଅଜଣା ପର୍ଯ୍ୟଟନସ୍ଥଳୀ ରହିଛି, ଯାହାକି ଦେଶ ବିଦେଶର ପର୍ଯ୍ୟଟକଙ୍କ ପାଇଁ ଏବେ ଆକର୍ଷଣର କେନ୍ଦ୍ରବିନ୍ଦୁ ସାଜିଛି। ବିଶେଷକରି ସୁଦୀର୍ଘ ବେଳାଭୂମି, ବିସ୍ତୃତ ଜଙ୍ଗଲ, ପାହାଡ଼, ଝରଣା ଭଳି ଏକାଧିକ ଉପାଦାନ ଓଡ଼ିଶାର ଉତ୍କୃଷ୍ଟ ପର୍ଯ୍ୟଟନ ସମ୍ବଳକୁ ବର୍ଣ୍ଣନା କରୁଥିବା କେନ୍ଦ୍ରମନ୍ତ୍ରୀ ପ୍ରକାଶ କରିଥିଲେ।

# ଶେଷ ହେଲା ଫୁଲ୍ ଡ୍ରେସ୍ ରିହର୍ସାଲ

## ସୁରକ୍ଷା ଦାୟିତ୍ୱରେ ରହିବେ ୨୨ ପ୍ଲାଟୁନ୍ ଫୋର୍ସ

ଭୁବନେଶ୍ୱର,୨୪।୧(ବ୍ୟୁରୋ)

ରବିବାର ସାଧାରଣତନ୍ତ୍ର ଦିବସ। ଏଥିଲାଗି କମିଶନରେଟ ପୋଲିସ ପକ୍ଷରୁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ରାଜ୍ୟସ୍ତରୀୟ ପରେଡ୍‌କୁ ଶାନ୍ତି ଶୃଙ୍ଖଳାର ସହ କରିବା ପାଇଁ ଶୁକ୍ରବାର ଫୁଲ୍ ଡ୍ରେସ୍ ରିହର୍ସାଲ କରାଯାଇଛି। ଓଡ଼ିଶା ପୋଲିସ, ଫାୟାର ଟିମ୍, ସିଆର୍‌ପିଏଫ୍, ଆର୍‌ପିଏଫ୍, ଆର୍ମି, ଟ୍ରାଫିକ୍ ପୋଲିସ, ସ୍କେଟିଂ ଟିମ୍ ସାମିଲ ହୋଇ ଫୁଲ ଡ୍ରେସ୍ ରିହର୍ସାଲ କରିଥିଲେ। ଚଳିତଥର ନୂଆଦିଲ୍ଲୀ ଢାଞ୍ଚାରେ ସାଧାରଣତନ୍ତ୍ର ଦିବସ ପାଳନ କରାଯାଉଥିବାରୁ ପରେଡ୍‌କୁ ଅଧିକ ଆକର୍ଷଣୀୟ କରିବାକୁ ଗୁରୁତ୍ୱ ଦିଆଯାଇଛି। ଏଥର ମୁଖ୍ୟମନ୍ତ୍ରୀ ଅଭିବାଦନ ଗ୍ରହଣ କରିବେ ନାହିଁ। ମୁଖ୍ୟମନ୍ତ୍ରୀ ଅତିଥି ହୋଇ ପରେଡ୍‌କୁ ଉପଭୋଗ କରିବେ। ଏଥର ୬୫ କଣ୍ଟିଜେଣ୍ଟ ଭାଗ ନେଉଛନ୍ତି। ଜାନୁୟାରୀ ୨୬ରେ ସେମାନେ କଳା ପ୍ରଦର୍ଶନ କରିବେ। ପ୍ରଥମ ଥର ପରେଡ୍‌ରେ ସାମିଲ ହୋଇଛି ଏସ୍‌ଓଜି ଟିମ୍। ଟ୍ରାଫିକ୍ ଡିସିପି ସାଗରିକା ନାଥ କମାଣ୍ଡର ଭାବେ ପରେଡ୍‌ର ନେତୃତ୍ୱ ନେବେ। ପୋଲିସ ଡିଜି ଅଭୟ, ଗୋଇନ୍ଦା ନିର୍ଦ୍ଦେଶକ ସତ୍ୟଜିତ୍ ମହାନ୍ତି, ପୋଲିସ କମିଶନର ସୁଧାଂଶୁ ଷଡ଼ଙ୍ଗୀ, ଡିସିପି ଅନୁପ ସାହୁ ଉପସ୍ଥିତି ରହି ସୁରକ୍ଷା ବ୍ୟବସ୍ଥା ଯାଞ୍ଚ କରିବା ସହ ପରେଡ୍‌କୁ ଦେଖିଥିଲେ।

ଅନ୍ୟପଟେ ସାଧାରଣତନ୍ତ୍ର ଦିବସକୁ ଦୃଷ୍ଟିରେ ରଖି ରାଜଧାନୀରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯିବ। ହୋଟେଲ, ଲଜ୍ ଆଦି ଯାଞ୍ଚ ସହ ସହରର ଅନେକ ସ୍ଥାନରେ ବ୍ଲକିଂ ଓ ଚେକିଂ କରାଯିବ। ସାଦା ପୋଷାକଧାରୀ ପୋଲିସ ବଡ଼ ବଡ଼ ତାରକା ହୋଟେଲ ଆଗରେ ପଇଁତରା ମାରିବେ। ସାଧାରଣତନ୍ତ୍ର ଦିବସରେ ଗାନ୍ଧୀମାର୍ଗରେ ରାଜ୍ୟପାଳ ଗଣେଶୀ ଲାଲ୍ ଜାତୀୟ ପତାକା ଉତ୍ତୋଳନ କରିବା ସହ ମୁଖ୍ୟମନ୍ତ୍ରୀ ଅତିଥି ହେଉଥିବାରୁ ସୁରକ୍ଷା ବ୍ୟବସ୍ଥାକୁ ବଢ଼ାଇ ଦିଆଯାଇଛି। ଗାନ୍ଧିମାର୍ଗରେ ୨୨ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯିବା ସହ ୬୦ ଅଫିସର ଦାୟିତ୍ୱରେ ରହିବେ। ଗାନ୍ଧୀମାର୍ଗରେ ୫୦ରୁ ଊର୍ଦ୍ଧ୍ୱ ସିସିଟିଭି କ୍ୟାମେରା ଲଗାଯାଇଛି। ସାଧାରଣତନ୍ତ୍ର ଦିବସରେ ଟ୍ରାଫିକ୍ କଟକଣା କଡ଼ାକଡ଼ି କରାଯିବ। ଜୟଦେବ ବିହାର ନିକଟ ରାସ୍ତା, ରବୀନ୍ଦ୍ରମଣ୍ଡପ, କଂଗ୍ରେସ ଭବନ ଆଦି ଅନେକ ଛକରେ ଥିବା ରାସ୍ତାକୁ ସିଲ୍ କରାଯିବ ବୋଲି ଟ୍ରାଫିକ୍ ଡିସିପି ସାଗରିକା ନାଥ କହିଛନ୍ତି।

# 'ଶିଶୁପାଳଗଡ଼ର ବିକାଶ ବଦଳରେ ଚାଲିଛି ବିନାଶ'

## ■ ଏଏସ୍‌ଆଇ ମଞ୍ଜୁରୀ ନ ଥିଲେ, ଐତିହ୍ୟ ଅଞ୍ଚଳକୁ ବିଜୁଳି ସଂଯୋଗ ମନା

ପୁରୁଣା ଭୁବନେଶ୍ୱର,୨୪।୧(ଡି.ଏନ.ଏ.)

କଳିଙ୍ଗ ବୀରଙ୍କ ଗାଥା ବର୍ଣ୍ଣନା କରୁଥିବା ୨୦୦୦ବର୍ଷ ତଳର ଐତିହ୍ୟ ମୂକସାକ୍ଷୀ ଶିଶୁପାଳଗଡ଼ରେ ଅବୈଧ ଖନନ ଓ ନିର୍ମାଣ ଯୋଗୁ ନିଜର ସତ୍ତା ହରାଇ ସାରିଲାଣି। ଏହି କୀର୍ତ୍ତିରାଜି ପର୍ଯ୍ୟଟନ କ୍ଷେତ୍ରର ବ୍ୟାପକ ବିକାଶ ଓ ରୋଜଗାରର ସୁଯୋଗ ସୃଷ୍ଟି କରିବାର ସାମର୍ଥ୍ୟ ରଖିଛି। କିନ୍ତୁ ଏହି କୀର୍ତ୍ତିରାଜି କେତେଜଣ ବ୍ୟକ୍ତିଙ୍କ ହୀନ ଚକ୍ରାନ୍ତ ଓ ହାତଗଣତି ଅଧିକାରୀଙ୍କ ଅବହେଳା ଯୋଗୁ ମାଟି ତଳେ ପୋତି ହୋଇଗଲାଣି। ଭାରତୀୟ ପ୍ରତ୍ନତତ୍ତ୍ୱ ବିଭାଗ, ବିଡ଼ିଏ, ଭୁବନେଶ୍ୱର ବ୍ଲକ ପ୍ରଶାସନ ସମେତ ସରକାରୀ ବିଭାଗଗୁଡିକ ଜରିଆରେ ଏହାକୁ ନଷ୍ଟ କରିବାର ପ୍ରକ୍ରିୟା ଜାରି ରହିଛି। ଏ ସମ୍ପର୍କରେ ଶିଶୁପାଳଗଡ଼ ପଞ୍ଚାୟତର ପୂର୍ବତନ ସରପଞ୍ଚ ରମେଶ ପାତ୍ର କହିଛନ୍ତି, ପର୍ଯ୍ୟଟନର ବିକାଶ ପାଇଁ ବିନ୍ଦୁସାଗର ଓ ଶାନ୍ତିସ୍ତୂପ ଧଉଳିରେ ଲାଇଟ ଆଣ୍ଡ ସାଉଣ୍ଡ, ପାର୍କ, ୱାଟର ଫାଉଣ୍ଟେନ ନେଇ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଉଛି। ହେଲେ ଶିଶୁପାଳଗଡ଼ର ପୁନରୁଦ୍ଧାର କିମ୍ବା ସୁରକ୍ଷା ନେଇ ସରକାର ଟଙ୍କାଟିଏ ଅନୁଦାନ ପ୍ରଦାନ କରୁନାହାନ୍ତି। ତାଙ୍କ ମତରେ ଜନପ୍ରତିନିଧିଙ୍କ ନିଷ୍କ୍ରିୟତା, ଜମି ମାଫିଆଙ୍କ ପ୍ରଭାବ ଯୋଗୁ ଶିଶୁପାଳଗଡ଼ର ବିକାଶ ବଦଳରେ ବିନାଶ ଚାଲିଛି। ଶିଶୁପାଳଗଡ଼ ଅଞ୍ଚଳରେ ଗଢି ଉଠିଥିବା ବେଆଇନ ନିର୍ମାଣଗୁଡ଼ିକୁ ବିଜୁଳି ସଂଯୋଗ ଦେବା ସମ୍ପର୍କରେ ସେସୁର ସିଜିଏମ୍ ସୁକାନ୍ତ ସ୍ୱାଇଁ କୁହନ୍ତି, ଏଏସ୍‌ଆଇ, ବିଡ଼ିଏ, ରାଜ୍ୟ ସରକାରଙ୍କ ପକ୍ଷରୁ ବିଧିବଦ୍ଧ ଭାବେ ଲିଖିତ ଆକାରରେ ଆମକୁ ଜଣାଗଲେ ଯାଇ ବିଜୁଳି ସଂଯୋଗ ପାଇଁ ପଦକ୍ଷେପ ନିଆଯିବ। ଆମସାର ଆକ୍ଟ ପ୍ରତ୍ୟେକ ଐତିହ୍ୟସ୍ଥଳ ପାଇଁ ପ୍ରଯୁଜ୍ୟ। ତେଣୁ ଶିଶୁପାଳଗଡ଼ କ୍ଷେତ୍ରରେ ଏଏସ୍‌ଆଇ କର୍ତ୍ତୃପକ୍ଷଙ୍କ ନିର୍ଦ୍ଦିଷ୍ଟ ଭାବେ ଅନୁମତି ନ ଥିଲେ ବିଦ୍ୟୁତ୍ ସଂଯୋଗ ଦିଆଯିବନାହିଁ। ସେହିପରି ଏଏସ୍‌ଆଇ କର୍ତ୍ତୃପକ୍ଷ ମଧ ଜଣାଇଛନ୍ତି, ବାରମ୍ବାର ବିଡ଼ିଏ, ବିଏମ୍‌ସି, ପୋଲିସ କମିଶନର ଓ ଜିଲାପାଳଙ୍କୁ ଚିଠି ମାଧ୍ୟମରେ ଅବଗତ କରାଇଲେ ମଧ ଆନ୍ତରିକତା ଅଭାବରୁ ଏଥିପ୍ରତି କେହି ଦୃଷ୍ଟି ଦେଉନାହାନ୍ତି।



### ଏଏସ୍‌ଆଇ ମୁଣ୍ଡରେ ଦୋଷ ଲଦିଲେ ବିଡ଼ିଏ ଅଧିକାରୀ

ବର୍ଷ ବର୍ଷ ଧରି ଅବୈଧ ନିର୍ମାଣ ବଢି ଚାଲିଥିଲେ ମଧ ବିଡ଼ିଏ କର୍ତ୍ତୃପକ୍ଷ ଗୋଟିଏ ହେଲେ ଅବୈଧ ନିର୍ମାଣ ଉଚ୍ଛେଦ କରିପାରିନାହାନ୍ତି। ୩୫ ବର୍ଷରୁ ଊର୍ଦ୍ଧ୍ୱ ବିଡ଼ିଏ ରହିଥିଲେ ମଧ ମାତ୍ର ୩ ଗୋଟି ସୋ କଜ ନୋଟିସ୍ କରି ୫୬୭ ଏକର ପରିମିତ ଶିଶୁପାଳଗଡ଼ର ସୁରକ୍ଷା ଚିନ୍ତା କରିଥିବା କୁହାଯାଇଛି। ଐତିହ୍ୟ ପ୍ରତି ଏପରି ହତାଦର ଭାବ ନେଇ ବିଡ଼ିଏ ଏନଫୋର୍ସମେଣ୍ଟ ଅଧିକାରୀ ପ୍ରମୋଦ କୁମାର ପାତ୍ର କୁହନ୍ତି, ଏଏସ୍‌ଆଇ କର୍ତ୍ତୃପକ୍ଷ ଆମଙ୍କୁ ଲିଖିତ ଭାବେ କେଉଁ କେଉଁ ଜମିରୁ ଉଚ୍ଛେଦ ଆବଶ୍ୟକ ଜଣାଇଲେ ପଦକ୍ଷେପ ନିଆଯିବ। ଶିଶୁପାଳଗଡ଼ ଅଞ୍ଚଳର ବିଡ଼ିଏ ପକ୍ଷରୁ ଏଏସ୍‌ଆଇ ଅନୁମତି ବିନା ନକ୍ସା ଅନୁମୋଦନ ବିଡ଼ିଏ କର୍ତ୍ତୃପକ୍ଷ କରୁ ନ ଥିବାର ସଫେଇ ଦେଇଥିଲେ। ମାତ୍ର ଏତେ ସଂଖ୍ୟକ ଅବୈଧ ନିର୍ମାଣ କିପରି ହେଲା ଏ ନେଇ ସନ୍ତୋଷଜନକ ଉତ୍ତର ଦେଇ ନ ପାରି ବ୍ଲକ ପ୍ରଶାସନ, ବିଡ଼ିଓଙ୍କୁ ଦାୟୀ କରିଥିଲେ। ତାଙ୍କ ମତରେ ମୌଳିକ ସୁବିଧା ଦେବା ଆଳରେ ବ୍ଲକ ଅଧିକାରୀ ଯୋଜନା ପ୍ରସ୍ତୁତ କରି ରାସ୍ତାଘାଟ, ନାଳ, ବିଜୁଳି ଭଳି ସବୁ ବ୍ୟବସ୍ଥା କରିବା ଯୋଗୁ ଅବୈଧ ନିର୍ମାଣ ବଢି ଚାଲିଛି।

### ବିଦେଶୀ ଅନୁଦାନ ବନ୍ଦ ପରେ ଗବେଷଣା ବାଧାପ୍ରାପ୍ତ

କଳିଙ୍ଗ ସାମ୍ରାଜ୍ୟର ଶିଶୁପାଳଗଡ଼ର ଖନନ ଓ ଗବେଷଣା ବିଦେଶୀ ଅନୁଦାନ ବନ୍ଦ ପରେ ବାଧାପ୍ରାପ୍ତ ହୋଇଛି। ଓଡ଼ିଆ ପ୍ରଫେସର ଆର.କେ. ମହାନ୍ତିଙ୍କ ଚେଷ୍ଟାରେ କାଲିଫର୍ନିଆ ବିଶ୍ୱବିଦ୍ୟାଳୟ ଗବେଷକଙ୍କ ସହଯୋଗ ଓ ଏଏସ୍‌ଆଇ ତତ୍ତ୍ୱାବଧାନରେ ଆରମ୍ଭ ହୋଇଥିବା ଖନନ ଓ ଗବେଷଣା ୨୦୦୯-୧୦ରୁ ବନ୍ଦ ରହିଛି। ମୋଟ ୧.୨ ବର୍ଗ କିମି ମୁଖ୍ୟ ଶିଶୁପାଳଗଡ଼ ଅଞ୍ଚଳର ଏକ ପ୍ରତିଶତରୁ କମ ଅଞ୍ଚଳର ଖନନ ଓ ଅଧ୍ୟୟନ କାର୍ଯ୍ୟ ବିଦେଶୀ ହାତ ଟେକା ପାଣ୍ଠି ବନ୍ଦ ହୋଇଯିବା ପରେ ଦିଗହରା ହୋଇଯାଇଛି। ସେତେବେଳେ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଏଥିପ୍ରତି ଆନ୍ତରିକତା ନ ଥିବା ସମାଲୋଚନା ସତ ହୋଇଛି। ଶିଶୁପାଳଗଡ଼ ଫଟୋଚିତ୍ର ଏବେ କେବଳ ରାଜ୍ୟ ସଂଗ୍ରହାଳୟରେ ମଡ଼େଲ ରୂପେ ଶୋଭା ପାଉଛି। ଖନନ ସମୟରେ ଦେଶ ତଥା ବିଦେଶରୁ ବହୁ ଗବେଷକ ଏବଂ ପର୍ଯ୍ୟଟକ ଏଠାକୁ ଛୁଟି ଆସୁଥିଲେ। ମାତ୍ର ଖନନ କାର୍ଯ୍ୟ ଅଧାରେ ରହିଯିବା ଯୋଗୁ ଏବେକାର ଚିତ୍ର ସମ୍ପୂର୍ଣ୍ଣ ଓଲଟା ହୋଇଯାଇଛି। ସରକାରୀ କଟକଣା ଲେଖାଥିବା ବୋର୍ଡ଼ଗୁଡ଼ିକୁ ସ୍ଥାନୀୟ ଜବରଦଖଲକାରୀ ଓପାଡ଼ି ଫିଙ୍ଗି ଦେଇଛନ୍ତି। ଏଠାରେ ଶିଶୁପାଳଗଡ଼ର ରାମପାଟ ଉପରେ ଅବୈଧ ଭାବେ ବିଦ୍ୟୁତ୍ ଟ୍ରାନ୍ସଫର୍ମର ବସାଇ ଖୁଣ୍ଟ ପୋତି ବିଜୁଳି ସଂଯୋଗ କରାଯାଇଛି। ଐତିହ୍ୟସ୍ଥଳରେ ଆବର୍ଜନା ପକାଇ ଡମ୍ପିଂ ୟାର୍ଡ ଭାବେ ବ୍ୟବହାର କରାଯାଉଛି।



ବଲିଉଡ୍‌କୁ ଅଭିନେତା ହେବା ପାଇଁ ଆସି ଶେଷରେ ସୁଭାଷ ଘାଇ ପାଲଟି ଥିଲେ ନିର୍ଦ୍ଦେଶକ। ଶୁକ୍ରବାର ସେ ୭୫ତମ ଜନ୍ମ ଦିନ ପାଳନ କରୁଛନ୍ତି। ୧୯୪୫ ଜାନୁୟାରୀ ୨୪ରେ ନାଗପୁରଠାରେ ତାଙ୍କର ଜନ୍ମ ହୋଇଥିଲା। ଦିଲ୍ଲୀରେ ଗ୍ରାଜୁଏସନ୍ କରିବା ପରେ ସେ ପୁଣେର ଫିଲ୍ମ ଆଣ୍ଡ ଟେଲିଭିଜନ ଇନଷ୍ଟିଚ୍ୟୁଟରେ ଅଧ୍ୟୟନ କରିଥିଲେ। ଫିଲ୍ମ କାଳିଚରଣରେ ସେ ପ୍ରଥମ କରି ନିର୍ଦ୍ଦେଶନା ଦେଇଥିଲେ। ଏହା ବକ୍ସ ଅଫିସ୍‌ରେ ହିଟ୍ ହୋଇଥିଲା। ଏଥିରେ ଶତ୍ରୁଘ୍ନ ସିହ୍ନା ଲିଡ୍ ରୋଲ୍‌ରେ ଥିଲେ। ସୁଭାଷ ଏମ୍ ଅକ୍ଷରରୁ ଆରମ୍ଭ ହେଉଥିବା ଅଭିନେତା ଏବଂ ଅଭିନେତ୍ରୀଙ୍କୁ ଅଧିକ ପସନ୍ଦ କରିଥାନ୍ତି।



# ଟିଟିଇ ଗଲାଣ୍ଡେ



**ନୂଆଦିଲ୍ଲୀ:** ସ୍ମାର୍ଟ ହେଉଛି ଭାରତୀୟ ରେଲଓ୍ୱେ। ଅତ୍ୟାଧୁନିକ କୋଚ୍‌ରେ ଯାତ୍ରା ବି ପୂର୍ବାପେକ୍ଷା ଆରାମଦାୟକ ହେଲାଣି। ଯାତ୍ରୀଙ୍କୁ ଗୁଣାତ୍ମକ ଖାଦ୍ୟ, ପାନୀୟଜଳ, ସୁରକ୍ଷା ପ୍ରତି ବିଶେଷ ଗୁରୁତ୍ୱ ଦିଆଯାଉଛି। କେବଳ ଏତିକି ନୁହେଁ, ପ୍ଲାଟଫର୍ମକୁ ମଧ୍ୟ ଦିଆଯାଉଛି ଅତ୍ୟାଧୁନିକ ରୂପ। ତଥାପି ବିନା ଟିକେଟରେ ରେଳଯାତ୍ରା କରିବା ମାନସିକତାରୁ ବାହାରି ପାରିନାହାନ୍ତି ଅନେକେ। ରେଲଓ୍ୱେର ଟ୍ରାଭେଲିଂ ଟିକେଟ ଇନ୍ସପେକ୍ଟର (ଟିଟିଇ) ଏସ୍.ବି. ଗଲାଣ୍ଡେ ବିନା ଟିକେଟରେ ଯାତ୍ରା କରୁଥିବା ୨୨ ହଜାରରୁ ଊର୍ଦ୍ଧ୍ୱ ଯାତ୍ରୀଙ୍କଠାରୁ ଦେଢ଼କୋଟି ଟଙ୍କା ଜରିମାନା ଆଦାୟ କରିବା ଏହାର ସଦ୍ୟତମ ଉଦାହରଣ। ଗୋଟିଏ ପଟେ ଭାରତୀୟଙ୍କ ନିକଟରେ ବିନା ଟିକେଟରେ ଯାତ୍ରା କରିବାର ମାନସିକତା ବଦଳୁ ନ ଥିବାବେଳେ ବ୍ୟକ୍ତିଗତ ଭାବେ ଗୋଟିଏ ବର୍ଷରେ ସର୍ବାଧିକ ଜରିମାନା ଆଦାୟ କରି ପ୍ରଶଂସା ସାଉଁଟିଛନ୍ତି ଗଲାଣ୍ଡେ।

ବିଭାଗୀୟ ସୂଚନା ଅନୁଯାୟୀ, ଏସ୍.ବି. ଗଲାଣ୍ଡେ ସେଣ୍ଟ୍ରାଲ୍ ରେଲ୍‌ଓ୍ୱେର ଫ୍ଲାଇଂ ସ୍କ୍ୱାଡ୍‌ର ସଦସ୍ୟ। ସେହିପରି ଏମ୍.ଏସ୍. ସିନ୍ଦେ, ଡି. କୁମାର, ରବି କୁମାର ମଧ୍ୟ ୧ କୋଟିରୁ ଊର୍ଦ୍ଧ୍ୱ ଲେଖାଏ ଜରିମାନା ଆଦାୟ କରିଛନ୍ତି। ଏସ୍.ବି. ଗଲାଣ୍ଡେ ୨୨,୬୮୦ ଯାତ୍ରୀଙ୍କଠାରୁ ୧କୋଟି ୫୧ ହଜାର, ଏମ୍.ଏସ୍. ସିନ୍ଦେ ୧୬,୦୩୫ ଯାତ୍ରୀଙ୍କଠାରୁ ୧ କୋଟି ୭ ହଜାର, ଡି. କୁମାର ୧୫,୨୬୪ ଯାତ୍ରୀଙ୍କଠାରୁ ୧ କୋଟି ୨ ହଜାର ଟଙ୍କା ଜରିମାନା ଆଦାୟ କରିଛନ୍ତି। ଭାରତର ଟିକଟ ଯାଞ୍ଚକାରୀମାନେ ବହୁତ କଠିନ ପରିସ୍ଥିତିରେ କାମ କରନ୍ତି। ସେମାନଙ୍କୁ ୧୨ରୁ ୧୩ ଘଣ୍ଟା ଯାଏ କାମ କରିବାକୁ ପଡ଼େ। ଅନେକ ସମୟରେ ସେମାନେ ଯାତ୍ରୀଙ୍କ ରୋଷର ଶିକାର ହୁଅନ୍ତି। ଏପରି କି ସେମାନଙ୍କ ଉପରେ ଆକ୍ରମଣ ହେଉଥିବା ମଧ୍ୟ ନଜିର ରହିଛି। ସେଣ୍ଟ୍ରାଲ ରେଲଓ୍ୱେର ଚିଫ୍ ପବ୍ଲିକ୍ ରିଲେଶନ ଅଫିସର ଶିବାଜୀ ସୁତାର କୁହନ୍ତି, ୨୦୧୯ରେ ୩୭.୬୪ ଲକ୍ଷ ଯାତ୍ରୀ ବିନା ଟିକେଟରେ ଯାତ୍ରା କରୁଥିବାବେଳେ ଧରାପଡ଼ିଛନ୍ତି। ସେମାନଙ୍କଠାରୁ ୧୯୨.୫୧କୋଟି ଟଙ୍କା ଜରିମାନା ଆଦାୟ କରାଯାଇଛି। ୨୦୧୮ରେ ଏହାର ପରିମାଣ ୧୬୮.୩୦ କୋଟି ଥିଲା।



## ଜରିମାନା ଆଦାୟରେ ୧ ନମ୍ବର

# ପଙ୍ଗପାଳ ବୋଝେଇ ଟୋକେଇ ଧରି ବିଧାନସଭାରେ ବିଧାୟକ



**ଜୟପୁର :** ରାଜସ୍ଥାନ ବିଧାନସଭାରେ ଶୁକ୍ରବାର ଏକ ଆଶ୍ଚର୍ଯ୍ୟକଲା ଭଳି ଦୃଶ୍ୟ ଦେଖିବାକୁ ମିଳିଛି। ଭାରତୀୟ ଜନତା ପାର୍ଟି(ଭାଜପା)ର ବିଧାୟକ ବିହାରୀ ଲାଲ୍ ନୋଖା ଶୁକ୍ରବାର ଏକ ପଙ୍ଗପାଳ ବୋଝେଇ ଟୋକେଇ ଧରି ବିଧାନସଭା ଭିତରେ ପ୍ରବେଶ କରିଛନ୍ତି। ଏହାକୁ ଦେଖିବା ପରେ ଅଭିନବ ଢଙ୍ଗରେ ସେ ବିରୋଧ ପ୍ରଦର୍ଶନ କରିଛନ୍ତି ବୋଲି କୁହାଯାଉଛି। ତେବେ ପଙ୍ଗପାଳ ବୋଝେଇ ଟୋକେଇ ସହ ନୋଖା ବିଧାନସଭା ଭିତରକୁ ଯିବା ସମୟରେ କହିଛନ୍ତି, ରାଜସ୍ଥାନର କୃଷକ ପଙ୍ଗପାଳଙ୍କ ପ୍ରାଦୁର୍ଭାବ ଯୋଗୁ ବହୁ କ୍ଷତି ସହିଲେଣି। ପଙ୍ଗପାଳଙ୍କ ଯୋଗୁ ଚାଷ ଉଜୁଡ଼ିଗଲାଣି। ତେଣୁ ସରକାର ଚାଷୀଙ୍କୁ ତୁରନ୍ତ ସମସ୍ତ କ୍ଷତିପୂରଣ ପ୍ରଦାନ କରନ୍ତୁ। ସେ କହିଛନ୍ତି, ଚାଷ କରାଯାଇଥିବା ପ୍ରାୟ ୭ ଲକ୍ଷ ହେକ୍ଟରର ଫସଲ ନଷ୍ଟ ହୋଇ ଯାଇଥିବାରୁ ସରକାର କୃଷକମାନଙ୍କୁ ସମ୍ପୂର୍ଣ୍ଣ କ୍ଷତିପୂରଣ ପ୍ରଦାନ କରନ୍ତୁ। ସୂଚନାଯୋଗ୍ୟ, ଏବେ ରାଜସ୍ଥାନରେ କଂଗ୍ରେସ ସରକାର ଥିବାରୁ ଭାଜପା ଏହାକୁ ଟାର୍ଗେଟ କରିଛି ବୋଲି କୁହାଯାଉଛି।

# ଘୋଡ଼ା ଚଢ଼ି ବରଘରେ ପହଞ୍ଚିଲେ ଦୁଇ ଭଉଣୀ

**ଖଣ୍ଡଓ୍ୱା:** ମଧ୍ୟପ୍ରଦେଶର ଖଣ୍ଡଓ୍ୱାରେ ବିବାହକୁ ନେଇ ଦେଖିବାକୁ ମିଳିଛି ଏକ ଭିନ୍ନ ପରମ୍ପରା। ବିବାହ ପାଇଁ ଯାଉଥିବା ସମୟରେ ଘୋଡ଼ା ସହ ବରଯାତ୍ରୀ ଓ ବାଜାବାଣ ସବୁ ଥିଲା ହେଲେ ଘୋଡ଼ା ଉପରେ ବର ବଦଳରେ ଦେଖିବାକୁ ମିଳିଥିଲା ଦୁଇ କନ୍ୟାଙ୍କୁ। ପାଟିଦାର ସମ୍ପ୍ରଦାୟର ଏହି ପାରମ୍ପରିକ ବିବାହ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲା। ଖଣ୍ଡଓ୍ୱାର ସାକ୍ଷୀ ଓ ସୃଷ୍ଟି ନାମକ ଦୁଇ ଭଉଣୀଙ୍କର ଗତ ୨୨ ତାରିଖରେ ବାହାଘର ହୋଇଥିଲା। ଆଉ ସେମାନେ ତାଙ୍କର ବରଯାତ୍ରୀ ସହ ଘୋଡ଼ା ଚଢି ଯାଇ ବରଘରେ ପହଞ୍ଚି ବିବାହ କରିଥିଲେ। ତେବେ ପାଟିଦାର ସମ୍ପ୍ରଦାୟର ପରମ୍ପରାକୁ ପାଳନ କରିଥିବାରୁ ଏମାନେ ଗର୍ବିତ ବୋଲି କହିଛନ୍ତି। ଦେଶରେ ମହିଳାଙ୍କୁ ସମ୍ମାନ ଦେବାର ଏହା ଏକ ବିରଳ ପରମ୍ପରା ବୋଲି ଦୁଇ ଭଉଣୀଙ୍କ ପିତା ଅରୁଣ କହିଛନ୍ତି। ଏହା ୪୦୦-୫୦୦ ବର୍ଷ ତଳର ପରମ୍ପରା ହୋଇଥିବା ବେଳେ ସରକାରଙ୍କର ‘ବେଟି ବଚାଓ, ବେଟି ପଢାଓ’ ବାର୍ତ୍ତାକୁ ଆଗେଇ ନେବାକୁ ଏହା ଏକ ସହଯୋଗୀ ପଦକ୍ଷେପ ବୋଲି ଅରୁଣ କହିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି , ପାଟିଦାର ସମ୍ପ୍ରଦାୟର ଲୋକେ ଏହି ପରମ୍ପରାକୁ ପାଳନ କରନ୍ତୁ ଓ ଝିଅମାନଙ୍କୁ ସମ୍ମାନ ଦିଅନ୍ତୁ।



# ବଙ୍ଗୀୟ ଅଭିନେତ୍ରୀଙ୍କ ବାୟୋପିକ୍‌ରେ ନୀଳନୟନା

**ମୁମ୍ବାଇ:** ବିଶ୍ୱସୁନ୍ଦରୀ ତଥା ନୀଳନୟନା ଐଶ୍ୱର୍ଯ୍ୟା ରାୟ ବଚ୍ଚନଙ୍କୁ କିଏ ବା ନ ଭଲପାଏ। ଯଦିଓ ସେ କାଁ ଭାଁ ବଲିଉଡ୍ ଫିଲ୍ମରେ ନଜରକୁ ଆସୁଛନ୍ତି, ତଥାପି ତାଙ୍କ ଫ୍ୟାନ୍‌ଙ୍କ ସଂଖ୍ୟାରେ କୌଣସି ଫରକ୍ ପଡ଼ିନାହିଁ। ସେ ଆଜି ବି ନିଜ ସୌନ୍ଦର୍ଯ୍ୟ ପାଇଁ ଫ୍ୟାନ୍‌ମାନଙ୍କ ପ୍ରଥମ ପସନ୍ଦ ହୋଇ ରହିଛନ୍ତି। ବୟସର ଛାପଠାରୁ କାହିଁ କେତେ ଦୂରରେ ଐଶ୍‌ଙ୍କ ସୁନ୍ଦରତା। ଆପଣ ଯଦି ଐଶ୍‌ଙ୍କ ଫ୍ୟାନ୍, ତେବେ ଆପଣଙ୍କ ପାଇଁ ରହିଛି ଏକ ଖୁସି ଖବର। ଖୁବ୍‌ଶୀଘ୍ର ଐଶ୍‌ଙ୍କୁ ବଡ଼ପରଦାରେ ଆଉ ଏକ ଫିଲ୍ମରେ ଦେଖିବାକୁ ମିଳିବ।

୨୦୧୮ରେ ଶେଷଥର ପାଇଁ ଫିଲ୍ମ ‘ଫନ୍ନେ ଖାନ୍’ରେ ଐଶ୍ ନଜରକୁ ଆସିଥିଲେ। ଫିଲ୍ମଟି ବକ୍ସ ଅଫିସ୍‌ରେ ସଫଳ ହୋଇପାରି ନ ଥିଲା। ଐଶ୍‌ଙ୍କ ଫିଲ୍ମ କ୍ୟାରିୟର୍ ସେତେଟା ସକ୍ରିୟ ନ ଥିଲେ ମଧ୍ୟ ତାଙ୍କ ଡିମାଣ୍ଡ କମିନାହିଁ। ଫିଲ୍ମ ନିର୍ମାତାମାନେ ଐଶ୍‌ଙ୍କୁ ନେଇ ଫିଲ୍ମ ତିଆରି କରିବାକୁ ଉତ୍ସାହିତ ଏବଂ ଆଗ୍ରହୀ ଅଛନ୍ତି।

ଏକ ଜାତୀୟ ଗଣମାଧ୍ୟମର ରିପୋର୍ଟ ଅନୁଯାୟୀ, ନିର୍ଦ୍ଦେଶକ ପ୍ରଦୀପ ସରକାରଙ୍କ ଆଗାମୀ ଫିଲ୍ମରେ ଐଶ୍ ନଜରକୁ ଆସିବେ। ‘ପରିଣୀତି’ ଏବଂ ‘ମର୍ଦ୍ଦାନୀ’ ଭଳି ଫିଲ୍ମ ତିଆରି କରି ଲୋକପ୍ରିୟତା ଅର୍ଜନ କରିଥିବା ପ୍ରଦୀପ ନିଜ ଆଗାମୀ ଫିଲ୍ମ ଐଶ୍‌ଙ୍କୁ ନେଇ ତିଆରି କରିବାକୁ ଚାହୁଁଛନ୍ତି। ଏନେଇ ସେ ଐଶ୍‌ଙ୍କୁ ସାକ୍ଷାତ୍ କରିବା ସହ ଆଲୋଚନା କରିସାରିଛନ୍ତି। ଆଉ ଐଶ୍ ଫିଲ୍ମ କରିବାକୁ ରାଜି ମଧ୍ୟ ହୋଇଛନ୍ତି। ତେବେ ଏ ବାବଦରେ କୌଣସି ବିଧିବଦ୍ଧ ଘୋଷଣା ହୋଇନାହିଁ। ଅନ୍ୟପଟେ ଖବର ଅନୁଯାୟୀ, ବିନୋଦିନୀ ଦାସୀ ନାମ୍ନୀ ଜଣେ ଲୋକପ୍ରିୟ ବଙ୍ଗୀୟ ଅଭିନେତ୍ରୀଙ୍କ ଜୀବନୀ ଉପରେ ଫିଲ୍ମଟି ନିର୍ମାଣ କରାଯିବ। ଫିଲ୍ମଟି ବାୟୋପିକ୍ ହୋଇଥିବାବେଳେ ଏନେଇ ପ୍ରଦୀପ କେବଳ ଐଶ୍ୱର୍ଯ୍ୟାଙ୍କୁ ନେଇ ଫିଲ୍ମ ନିର୍ମାଣ କରିବା କଥା ଚିନ୍ତା କରିଛନ୍ତି। ୧୮୬୨ରେ ବିନୋଦିନୀ ଦାସୀ ଜନ୍ମଗ୍ରହଣ କରିଥିଲେ। ସେ ନୋଟୀ ବିନୋଦିନୀ ନାମରେ ଲୋକପ୍ରିୟ ଥିଲେ। ମାତ୍ର ୧୨ ବର୍ଷ ବୟସରେ ସେ ଅଭିନୟ କରିବା ଆରମ୍ଭ କରିଦେଇଥିଲେ। ୧୯୯୪ରେ ତାଙ୍କ ଜୀବନୀ ଉପରେ ଆଧାରିତ ଏକ ବଙ୍ଗଳା ଫିଲ୍ମ ନିର୍ମାଣ ହୋଇଥିଲା। ପ୍ରଦୀପଙ୍କ ମତରେ ବିନୋଦିନୀଙ୍କ ଜୀବନୀକୁ ନେଇ ନିର୍ମାଣ ହେବାକୁ ଥିବା ଫିଲ୍ମରେ କେବଳ ଐଶ୍ୱର୍ଯ୍ୟା ହିଁ ତାଙ୍କ ଚରିତ୍ରକୁ ନିଜ ଅଭିନୟ ମାଧ୍ୟମରେ ନ୍ୟାୟ ଦେଇପାରିବେ।



ଐଶ୍ୱର୍ଯ୍ୟା ରାୟ ବଚ୍ଚନ



# ମୀରାଙ୍କ ଷ୍ଟାଇଲିଶ୍ ଲୁକ୍

**ମୁମ୍ବାଇ:** ବି-ଟାଉନ୍‌ରେ କିଛି ଏଭଳି ତାରକା ଅଛନ୍ତି, ଯେଉଁମାନେ ସିଲ୍‌ଭର ସ୍କ୍ରିନ୍‌ଠାରୁ ବହୁ ଦୂରରେ ରହି ମଧ୍ୟ ଚର୍ଚ୍ଚା ସାଉଁଟିଥାନ୍ତି। ଆଉ ସେହିଭଳି କିଛି ବ୍ୟକ୍ତିତ୍ୱଙ୍କ ମଧ୍ୟରେ ରହିଛନ୍ତି ମୀରା ରାଜପୁତ୍ ଓରଫ ମୀରା କପୁର। ହଁ, ଆପଣ ଠିକ୍ ଗେସ୍ କରିଛନ୍ତି। ବଲିଉଡ୍‌ର କବୀର ସିଂ ଶାହୀଦ୍ କପୁରଙ୍କ ପତ୍ନୀ ମୀରା କପୁରଙ୍କ କଥା ଆମେ କହୁଛୁ। ସେ ନିଜ ଆକର୍ଷଣୀୟ ବ୍ୟକ୍ତିତ୍ୱ, ସୁନ୍ଦର ତ୍ୱଚା, ସିମ୍ପଲ୍ ମେକଅପ୍ ଏବଂ ଗ୍ଲାମର୍ସ ଲୁକ୍ ପାଇଁ ସବୁବେଳେ ପ୍ରଶଂସା ସାଉଁଟିଥାନ୍ତି। ମୀରାଙ୍କୁ ଅଧିକାଂଶ ସମୟରେ ନୋ-ମେକ୍‌ଅପ୍ ଲୁକ୍‌ରେ ଦେଖିବାକୁ ମିଳିଥାଏ, ଯାହାକୁ ଲୋକେ ଖୁବ୍ ପସନ୍ଦ କରିଥାନ୍ତି। ଏପଟେ ନିଜ ଫ୍ୟାନ୍‌ମାନଙ୍କ ସହ ଯୋଡ଼ିହୋଇ ରହିବାକୁ ମୀରା ସୋସିଆଲ୍ ମିଡିଆରେ ମଧ୍ୟ ବେଶ୍ ଆକ୍ଟିଭ୍ ରୁହନ୍ତି। ସମୟ ସମୟରେ ସେ ନିଜର ଫଟୋ ଏବଂ ଭିଡିଓ ଶେୟାର କରି ଫ୍ୟାନ୍‌ମାନଙ୍କୁ ନିଜ ଅପ୍‌ଡେଟ୍ ଦେଇଥାନ୍ତି। ନିକଟରେ ସେ ଡିଜାଇନର୍ ମନୀଷ୍ ମାଲହୋତ୍ରାଙ୍କ ପାଇଁ ନିଜର ପ୍ରଥମ ଫଟୋ ଶୁଟ୍ କରିଥିଲେ, ଯାହାର ଫଟୋଗୁଡ଼ିକୁ ସେ ସୋସିଆଲ ମିଡିଆରେ ଶେୟାର କରିଥିଲେ। ଫ୍ୟାନ୍‌ଙ୍କ ସମେତ ବି-ଟାଉନର ଅନ୍ୟ ତାରକାମାନେ ମଧ୍ୟ ମୀରାଙ୍କ ଫଟୋଶୁଟ୍‌କୁ ବେଶ୍ ତାରିଫ୍ କରିଥିଲେ। ଏବେ ନିଜ ଅଫିସିଆଲ୍ ଇନ୍‌ଷ୍ଟାଗ୍ରାମ ହ୍ୟାଣ୍ଡେଲ୍‌ରେ ମୀରା ପୁଣି ଏକ ଫଟୋ ଶେୟାର କରିଛନ୍ତି, ଯାହାକୁ ନେଇ ସୋସିଆଲ ମିଡିଆରେ ଖୁବ୍ ଚର୍ଚ୍ଚା। ସବୁଥର ଭଳି ମୀରାଙ୍କ ସିମ୍ପଲ୍ ବଟ୍ ଷ୍ଟାଇଲିଶ୍ ଲୁକ୍ ସମସ୍ତଙ୍କୁ ଆକର୍ଷିତ କରିଛି। ମୀରା ଏହି ଫଟୋରେ ବ୍ଲାକ୍ ଆଉଟ୍‌ଫିଟ୍ ପିନ୍ଧିଛନ୍ତି ଆଉ ଏକ ହୃଦୟଖୋଲା ହସ ସହ ସମସ୍ତଙ୍କ ଧ୍ୟାନଆକର୍ଷଣ କରୁଛନ୍ତି। ଶାହୀଦଙ୍କ ସମେତ ବହୁ ବଲିଉଡ୍ ତାରକା ମୀରାଙ୍କ ଏହି ନୂଆ ଫଟୋକୁ ଲାଇକ୍ କରିବା ସହ କମେଣ୍ଟ ମଧ୍ୟ ଦେଇଛନ୍ତି। ନିଜ ଫଟୋଶୁଟ୍‌ର ଏହି ଫଟୋଟି ସୋସିଆଲ ମିଡିଆରେ ଶେୟାର କରି ମୀରା କ୍ୟାପ୍‌ଶନରେ ଲେଖିଛନ୍ତି, "ଲେଟ୍ ୟୋର୍ ଲଭ୍ ସେଲିବ୍ରେଟ୍ ୟୋର୍ ହାର୍ଟ।"

ମୀରା ଖୁବ୍ ଖୁସ୍‌ମିଜାଜ୍ ମଣିଷ ଅଟନ୍ତି। ଜୀବନର ପ୍ରତ୍ୟେକ ମୁହୂର୍ତ୍ତକୁ ସେ ସେଲିବ୍ରେଟ୍ କରନ୍ତି। ତାଙ୍କ ପାଇଁ ପରିବାର, ଆତ୍ମୀୟସ୍ୱଜନ ଏବଂ ଭଲ ପୋଷାକ ହିଁ ସେଲିବ୍ରେଶନ ବୋଲି କୁହନ୍ତି ମୀରା। ଛୋଟ ଛୋଟ ଜିନିଷକୁ ସେଲିବ୍ରେଟ୍ କରିବା ଦରକାର। କାରଣ ଭବିଷ୍ୟତରେ ଏହାକୁ ମନେପକାଇ ଆପଣ ଖୁସି ହୋଇପାରିବେ। ଏଣୁ ଜୀବନରେ ସେଲିବ୍ରେଶନ ମହତ୍ତ୍ୱପୂର୍ଣ୍ଣ ବୋଲି ମୀରା ନିଜ ଇନ୍‌ଷ୍ଟାଗ୍ରାମ ହ୍ୟାଣ୍ଡେଲ୍‌ରେ ଶେୟାର କରିଥିବା ଏକ ଭିଡିଓରେ କହିଛନ୍ତି।

୨୦୧୫ରେ ଶାହୀଦ୍ କପୁର ଓ ମୀରା ରାଜପୁତ୍ ବିବାହ ବନ୍ଧନରେ ଆବଦ୍ଧ ହୋଇଥିଲେ। ପୁଅ ଜୈନ୍ ଓ ଝିଅ ମୀଶାଙ୍କ ସହ ହସଖୁସିରେ ଦୁହେଁ ସାଂସାରିକ ଜୀବନ ବିତାଉଛନ୍ତି। ଅନ୍ୟପଟେ ଲଗାତର ମୀରା ବଲିଉଡ୍ ଡେବ୍ୟୁ କରିବେ ବୋଲି ଚର୍ଚ୍ଚା ଚାଲିଥିବାବେଳେ ଏପଟେ ଶାହୀଦ୍ ନିଜର ଅପ୍‌କମିଂ ଫିଲ୍ମ ‘ଜର୍ସୀ’ର ଶୁଟିଂରେ ବ୍ୟସ୍ତ ଅଛନ୍ତି।

## ସିଲ୍‌ଭର ସ୍କ୍ରିନ୍‌ରୁ ଦୂରରେ ରହି ବି ଚର୍ଚ୍ଚାରେ

# ଲାଭାରେ ମାନବ ମସ୍ତିଷ୍କ କାଚ ପାଲଟିଥିଲା



**ରୋମ:** ଆଗ୍ନେୟଗିରି ଲାଭାରେ ମଣିଷ ମସ୍ତିଷ୍କ ତରଳି ମାଟି ତଳେ ଚାପି ହୋଇ ହଜାର ହଜାର ବର୍ଷ ରହିବା ପରେ କାଚରେ ପରିଣତ ହୋଇଛି। ଏହା ଶୁଣିବାକୁ ଆଶ୍ଚର୍ଯ୍ୟ ଲାଗୁଥିଲେ ମଧ୍ୟ ସତ। ଏନେଇ ଗବେଷକମାନେ ଦୀର୍ଘଦିନ ଗବେଷଣା କରିବା ପରେ ଜାଣିପାରିଛନ୍ତି। ୭୯ ଖ୍ରୀଷ୍ଟାବ୍ଦରେ ଇଟାଲୀର ପୋମ୍ପେଇ ସହର ନିକଟରେ ଥିବା ଭେସୁଭିୟସ୍ ଆଗ୍ନେୟଗିରିରୁ ଅଗ୍ନି ଉଦ୍‌ଗିରଣ ହୋଇଥିଲା। ଏହା ଜନବସତି ଉପରେ ପଡ଼ିଥିଲା। ଫଳରେ ବହୁ ଲୋକ ଏହା ତଳେ ଚାପି ହୋଇ ରହିଯାଇଥିଲେ। ଉତ୍ତପ୍ତ ଲାଭା ଯୋଗୁ ତଳେ ଚାପି ହୋଇ ରହିଥିବା ମାନବ ମସ୍ତିଷ୍କ ତରଳି ହଜାର ହଜାର ବର୍ଷ ପରେ କଳା କାଚରେ ପରିଣତ ହୋଇଥିବା ଗବେଷକ କହିଛନ୍ତି। ପ୍ରତ୍ନତତ୍ତ୍ୱ ବିଭାଗ ପକ୍ଷରୁ ଖନନ ସମୟରେ ମିଳିଥିବା ମାନବ କଙ୍କାଳର ମସ୍ତିଷ୍କରେ ଏଭଳି କଳା କାଚ ରହିଥିବା ଗବେଷକ କହିଛନ୍ତି। ତରଳ ଲାଭା ପ୍ରଭାବରେ ମସ୍ତିଷ୍କ ଜଳୁଥିବାବେଳେ ଏହା ମଧ୍ୟରେ ଧୂଆଁ ପଶି ମସ୍ତିଷ୍କ କୋଷିକାରେ ଜମାଟ ବାନ୍ଧି ଶେଷରେ କଳା କାଚରେ ପରିଣତ ହୋଇଥିଲା ବୋଲି ଗବେଷକ ଦଳର ନେତୃତ୍ୱ ନେଉଥିବା ଫେନରିକ୍ ବିଶ୍ୱବିଦ୍ୟାଳୟର ପ୍ରଫେସର ଡ. ପିୟେର ପାଓଲୋ ପିନ୍ନୋନେ ସୂଚନା ଦେଇଛନ୍ତି।

## ସି.ପି. ମହାନ୍ତିଙ୍କୁ ଶୁଭେଚ୍ଛା ଜଣାଇଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୨୪।୧(ବ୍ୟୁରୋ):** ଓଡ଼ିଆ ଅଫିସର ଲ୍ୟୁଟ୍‌ନାଣ୍ଟ ଜେନେରାଲ ସି.ପି. ମହାନ୍ତିଙ୍କୁ ଦକ୍ଷିଣାଞ୍ଚଳ ସେନା କମାଣ୍ଡର ଭାବେ ନିଯୁକ୍ତି ମିଳିଛି। ସେ ଲ୍ୟୁଟ୍‌ନାଣ୍ଟ ଜେନେରାଲ ଏସ୍.କେ. ସାଇନିଙ୍କ ସ୍ଥାନରେ ଶନିବାର ସେନାର ନୂଆ ଉପମୁଖ୍ୟ ଭାବେ ଦାୟିତ୍ୱ ଗ୍ରହଣ କରିବାକୁ ଯାଉଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁକ୍ରବାର ଟୁଇଟ୍ କରି ସି.ପି ମହାନ୍ତିଙ୍କୁ ଶୁଭେଚ୍ଛା ଜଣାଇ ଲେଖିଛନ୍ତି, ଆଗାମୀ ଦାୟିତ୍ୱ ପାଇଁ ଲ୍ୟୁଟ୍‌ନାଣ୍ଟ ଜେନେରାଲ ମହାନ୍ତିଙ୍କୁ ଅଭିନନ୍ଦନ।

# ଭୋଟ ପରେ ଶିକ୍ଷାନୁଷ୍ଠାନରେ ରହିବନି ଇଭିଏମ୍

### ଜିଏ ବିଭାଗ, ସମସ୍ତ ଜିଲାପାଳଙ୍କୁ ଓଏଚ୍‌ଆର୍‌ସିଙ୍କ ନିର୍ଦ୍ଦେଶ

**ଭୁବନେଶ୍ୱର, ୨୪।୧(ବ୍ୟୁରୋ)**

ସାଧାରଣ ନିର୍ବାଚନ ଓ ଉପନିର୍ବାଚନ ସମୟରେ ଭୋଟିଂ ମେଶିନ୍‌ଗୁଡିକୁ ଶିକ୍ଷାନୁଷ୍ଠାନରେ ରଖାଯାଉଛି। ଏପରିକି ଭୋଟ୍ ଗଣତି ସରିବା ପରେ ମଧ୍ୟ ଶିକ୍ଷାନୁଷ୍ଠାନରୁ ଏଗୁଡ଼ିକୁ ହଟାଯାଉନାହିଁ। ଫଳରେ ଛାତ୍ରୀଛାତ୍ରଙ୍କ ପାଠପଢା ବାଧାପ୍ରାପ୍ତ ହେଉଛି। ଏ ନେଇ ରାଜ୍ୟ ମାନବିକ ଅଧିକାର କମିଶନ (ଓଏଚ୍‌ଆର୍‌ସି)ରେ ଏକ ପିଟିଶନ ଦାଏର ହୋଇଥିଲା। ଏହାର ଶୁଣାଣି କରି କମିଶନ ଗୁରୁତ୍ୱପୂର୍ଣ୍ଣ ରାୟରେ ଏଣିକି ନିର୍ବାଚନ ପରେ ଶିକ୍ଷାନୁଷ୍ଠାନ (ସ୍କୁଲ,କଲେଜ)ରେ ଅଯଥାରେ ଭୋଟିଂ ମେଶିନ୍ ପକାଇ ନ ରଖିବାକୁ ସମସ୍ତ ଜିଲାପାଳ ଏବଂ ଜିଏ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି।

ସୂଚନା ଅନୁଯାୟୀ, ୨୦୧୮ ବିଜେପୁର ଉପନିର୍ବାଚନ ସମୟରେ ଏକାଧିକ ଇଭିଏମ୍, ଭିଭିପ୍ୟାଡ୍ ମେଶିନ ଏବଂ ଅନ୍ୟ ଭୋଟିଂ ମେଶିନ୍‌କୁ ବିଜେପୁରର ଅନେକ ଶିକ୍ଷାନୁଷ୍ଠାନରେ ରଖାଯାଇଥିଲା। ନିର୍ବାଚନ ପରେ ମଧ୍ୟ ଏହି ମେଶିନଗୁଡିକୁ କଲେଜରୁ ହଟାଯାଇ ନ ଥିଲା। ଯାହାଫଳରେ ପଦ୍ମପୁର କଲେଜର ଏକାଧିକ କ୍ଲାସ୍ ଜାନୁୟାରୀରୁ ଜୁଲାଇ ପର୍ଯ୍ୟନ୍ତ ଅର୍ଥାତ ୭ ମାସ ବନ୍ଦ ରହିଥିଲା। ଏ ନେଇ କଲେଜର ଅଧ୍ୟକ୍ଷ ଜିଲା ପ୍ରଶାସନକୁ ଜଣାଇଥିଲେ ମଧ୍ୟ କିଛି ସୁଫଳ ମିଳି ନ ଥିଲା। ପରେ ଏ ସଂକ୍ରାନ୍ତରେ ଦୁଇ ଜଣ ମାନବିକ ଅଧିକାର କର୍ମୀ ପ୍ରଦୀପ୍ତ ନାୟକ ଓ ଚନ୍ଦ୍ରନାଥ ଡାନି ମାର୍ଚ୍ଚ ମାସରେ ରାଜ୍ୟ ମାନବିକ ଅଧିକାର କମିଶନଙ୍କ ନିକଟରେ ଏକ ପିଟିଶନ୍ ଦାଖଲ କରିଥିଲେ। ଏହି ପିଟିଶନ୍ ଆଧାରରେ କମିଶନ ତୁରନ୍ତ କଲେଜରୁ ଇଭିଏମ୍ ଖାଲି କରିବା ପାଇଁ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେବା ସହ ଘଟଣାର ତଦନ୍ତ କରି ରିପୋର୍ଟ ଦେବାକୁ କହିଥିଲେ। ଏହାପରେ ଜିଲାପାଳ ତଦନ୍ତ ରିପୋର୍ଟ ରାଜ୍ୟ ମାନବିକ ଅଧିକାର କମିଶନଙ୍କୁ ପ୍ରଦାନ କରିଥିଲେ। କମିଶନ ଏହି ରିପୋର୍ଟ ପାଇବା ପରେ ଉଭୟ ପକ୍ଷର ମତାମତ ଲୋଡ଼ିଥିଲେ। କମିଶନ ହୃଦବୋଧ କରିଥିଲେ ଯେ, ନିର୍ବାଚନ ପରେ ମଧ୍ୟ ଜିଲା ପ୍ରଶାସନ ଅଯଥାରେ ଭୋଟିଂ ମେଶିନ୍‌ଗୁଡ଼ିକୁ କ୍ଲାସ୍‌ରୁମ୍‌ରେ ରଖୁଥିବାରୁ ପିଲାଙ୍କ ପାଠ ପଢା ବାଧାପ୍ରାପ୍ତ ହେଉଛି। ତେଣୁ କମିଶନର ସମସ୍ତ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଯେ, ଏଣିକି ନିର୍ବାଚନ ପରେ ଆଉ ଭୋଟିଂ ମେଶିନକୁ କ୍ଲାସ୍ ରୁମ୍‌ରେ ପକାଇ ରଖିବେ ନାହିଁ। ଯଦି ଏଭଳି ଘଟଣା ନଜରକୁ ଆସେ ତେବେ କମିଶନ ପରବର୍ତ୍ତୀ ପଦକ୍ଷେପ ନେବେ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଯାଚି କଇଲାଣ**
**ମାଗି ଓଳିକି ।**

ଆଜିର ସମୟରେ ଯୋଗ୍ୟ ଅଯୋଗ୍ୟ ନିର୍ବିଶେଷରେ ସମସ୍ତେ ଅନ୍ୟଠାରୁ ଜୁହାର ଖୋଜିବାକୁ ଉଚିତ ମଣିଥାନ୍ତି। ସେଥିରୁ କାଣିଚାଏ ଊଣା ହୋଇଗଲେ ମନ ବିବ୍ରତ ହୋଇଯାଏ କିମ୍ବା ଈପ୍ସିତ ସମ୍ମାନ ଟିକକ ପ୍ରାପ୍ତ ନ ହେଲେ ଓଳିକି ମାଗିବା ଭଳି ବାଚାଳତା ଜନ୍ମେ। ସାଧାରଣତଃ ଗୁଣୀ, ମେଧାବୀ ବ୍ୟକ୍ତିଙ୍କୁ ସ୍ୱତଃ ସମ୍ମାନ ମିଳେ, ତାଙ୍କୁ ସମ୍ମାନ ମାଗିବାକୁ ପଡ଼େନାହିଁ। ସେହିପରି ନମସ୍କାର କରୁଥିବା ବିନୟୀ ବ୍ୟକ୍ତିଙ୍କୁ ପ୍ରଫୁଲ୍ଲ ଚିତ୍ତରେ କଲ୍ୟାଣ କରାଯାଏ। କଲ୍ୟାଣ ଯାଚିବାକୁ ପଡ଼େ ନାହିଁ ବୋଲି ଏଠାରେ ପ୍ରକାଶ କରାଯାଇଛି।

**ଜୋର ଯା'ର**
**ମୁଲକ ତା'ର ।**

ବଳବାନ ବ୍ୟକ୍ତି ସବୁଠି ଆଧିପତ୍ୟ ବିସ୍ତାର କରିଥାଏ। ବଳ ପ୍ରୟୋଗ ଦ୍ୱାରା ଲକ୍ଷ୍ୟ ହାସଲ କରିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

## ସଂକ୍ଷେପରେ

### ଜାମିନରେ ଆସିଲେ ପୁଞ୍ଜିଲାଲ

**ପାଟଣାଗଡ଼,୨୪।୧(ଡି.ଏନ.ଏ.):** ବଲାଙ୍ଗୀର ଜିଲା ପାଟଣାଗଡ଼ ପାର୍ସଲ ବୋମା ବିସ୍ଫୋରଣ ଘଟଣାରେ ମୁଖ୍ୟ ଅଭିଯୁକ୍ତ ପୁଞ୍ଜିଲାଲ ମେହେରଙ୍କୁ ହାଇକୋର୍ଟ ଅନ୍ତରୀଣ ସର୍ତ୍ତମୂଳକ ଜାମିନ ପ୍ରଦାନ କରିଛନ୍ତି। ମା'ଙ୍କ ଶୁଦ୍ଧିକ୍ରିୟାରେ ଯୋଗଦେବା ପାଇଁ ତାଙ୍କୁ ଏହି ଜାମିନ ମିଳିଛି। ବୁଧବାର ସେ ବଲାଙ୍ଗୀର ଜେଲରୁ ବାହାରି ପୂର୍ବାହ୍ନ ସାଢ଼େ ୧୦ଟାରେ ପାଟଣାଗଡ଼ ରାମପୁରସ୍ଥିତ ଘରେ ପହଞ୍ଚିଥିଲେ। ପରେ ସେ ଶ୍ମଶାନ(ସ୍ୱର୍ଗଦ୍ୱାର)କୁ ଯାଇ ମା'ଙ୍କ ଅସ୍ଥି ସଂଗ୍ରହ କରି ଘରକୁ ଆଣିଥିଲେ। ଗତ ୧୨ ତାରିଖରେ ମା' ଇନ୍ଦୁମତୀ ମେହେର(୭୨)ଙ୍କ ଶେଷକୃତ୍ୟ ସମ୍ପନ୍ନ ପାଇଁ ପାଟଣାଗଡ଼ ଏ.ଡି.ଜେ. କୋର୍ଟ ପୁଞ୍ଜିଲାଲାଙ୍କୁ ଅନୁମତି ଦେଇଥିଲେ। ଶେଷକୃତ୍ୟ ସମ୍ପନ୍ନ କଲାପରେ ସେ ପୁଣି ବଲାଙ୍ଗୀର ଜେଲକୁ ଫେରିଥିଲେ। ହେଲେ ମା'ଙ୍କ ଶୁଦ୍ଧିକ୍ରିୟା ସମ୍ପନ୍ନ ପାଇଁ ହାଇକୋର୍ଟ ପୁଞ୍ଜିଲାଲଙ୍କୁ ସର୍ତ୍ତମୂଳକ ଭାବେ ୪ ଦିନିଆ ଜାମିନ ପ୍ରଦାନ କରିଛନ୍ତି।

### ବନ୍ଧୁକ ଦେଖାଇ ୪୦ଭରି ସୁନା ଗହଣା ଲୁଟ୍

**ଦେଓଗାଁ,୨୪।୧(ଡି.ଏନ.ଏ.):** ବଲାଙ୍ଗୀର-ଦେଓଗାଁ ୨୬ ନମ୍ବର ଜାତୀୟ ରାଜପଥରେ ଏକ କାରକୁ ଅଟକାଇ କାଚ ଭାଙ୍ଗି ୪ଲକ୍ଷ ଟଙ୍କା ଲୁଟ ଘଟଣାର ୪ ଦିନ ନ ପୁରୁଣୁ ପୁଣି ବଲାଙ୍ଗୀର ଜିଲା ଦେଓଗାଁ ଥାନା ଅନ୍ତର୍ଗତ କୁଡାସିଂହାରେ ଏକ ସଶସ୍ତ୍ର ଡକାୟତି ହୋଇଛି । ଜଣେ ବ୍ୟବସାୟୀଙ୍କ ଘରୁ ପ୍ରାୟ ୪୦ ଭରି ଓଜନର ଗହଣା ଓ ନଗଦ ଟଙ୍କା ଡକାୟତମାନେ ଲୁଟି ନେଇଛନ୍ତି।

# କନଷ୍ଟେବଲଙ୍କ ସମେତ ୪ ଗିରଫ

### ଧର୍ମଶାଳା ନାବାଳିକାଙ୍କୁ ଅପହରଣ, ବଳାତ୍କାର ଘଟଣା

**ଧର୍ମଶାଳା/ଯାଜପୁର ଟାଉନ, ୨୪।୧ (ଡିଏନ୍ଏ)**

ଯାଜପୁର ଜିଲା ଧର୍ମଶାଳା ଥାନା ଅଞ୍ଚଳର ଜଣେ ୧୫ ବର୍ଷୀୟ ନାବାଳିକାଙ୍କୁ ଗତ ୧୪ତାରିଖ ଅପହରଣ କରିନିଆଯିବା ପରେ ତାଙ୍କୁ ୪ଦିନ ଧରି ଶାରୀରିକ ଓ ମାନସିକ ନିର୍ଯାତନା ଦିଆଯାଇଥିଲା। ଏହି ଘଟଣାକୁ ନେଇ ଗତ କିଛିଦିନ ଧରି ରାଜନୈତିକ ତାତି ଜୋର ଧରିଥିବାବେଳେ ଶୁକ୍ରବାର ପୋଲିସ ଆଉ ୪ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ମୁଖ୍ୟ ଅଭିଯୁକ୍ତ ସତ୍ୟନାରୟଣ ସାମଲ ଓରଫ ପିଣ୍ଟୁଙ୍କ ଭିଣୋଇ ତଥା ଧର୍ମଶାଳା ଥାନା କନଷ୍ଟେବଲ ସନ୍ତୋଷ ବାରିକ, ସତ୍ୟନାରୟଣଙ୍କ ମାଉସୀ ପୁଷ୍ପାଞ୍ଜଳି ବେହୁରା ଓ ୨ ସାଙ୍ଗ ଅବଦୁଲ ମୋଫିଜୁଲ ରେହମାନ ଏବଂ ମୋହନ ମହାନ୍ତି। ପୀଡ଼ିତାଙ୍କୁ ସନ୍ତୋଷ ଫୋନ କରି ଧମକ ଦେଇଥିବାରୁ ଓ ପୁଷ୍ପାଞ୍ଜଳି ତାଙ୍କୁ ନିଜ ଘରେ ଲୁଚାଇ ରଖିଥିବାରୁ ପୋଲିସ ଉଭୟଙ୍କୁ ଗିରଫ କରିଥିବା କହିଛି।

ସୂଚନାଯୋଗ୍ୟ ଯେ, ଗତ ୧୪ ତାରିଖ ରାତିରେ ପିଣ୍ଟୁ ନାବାଳିକାଙ୍କୁ ବନ୍ଧୁକ ଦେଖାଇ ଅପହରଣ କରି ନେଇଥିଲେ। ନାବାଳିକାଙ୍କୁ ନିଶା ଦେଇ ବାରମ୍ବାର ବଳାତ୍କାର କରିଥିଲେ। ନାବାଳିକାଙ୍କୁ ପ୍ରଥମେ କଟକ ଓ ପରେ ସୁକିନ୍ଦାରେ ରଖି ବଳାତ୍କାର କରିବା ପରେ ତାଙ୍କୁ ୧୮ ତାରିଖ ଅପରାହ୍ନରେ ବାରବାଟୀରେ ଆଣି ଛାଡ଼ି ଦେଇଥିଲେ। ପୀଡ଼ିତାଙ୍କ ବାପା ତାଙ୍କୁ ଉଦ୍ଧାର କରି ଧର୍ମଶାଳା ଥାନାକୁ ନେଇଥିଲେ। ପୋଲିସ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ନାବାଳିକାଙ୍କ ପ୍ରାଥମିକ ଚିକିତ୍ସା କରାଇ ତାଙ୍କୁ ଯାଜପୁର ମେଡିକାଲକୁ ପଠାଇବା ସହିତ ଏକ ମାମଲା (ନଂ.୧୭/୨୦) ରୁଜୁ କରି ମୁଖ୍ୟ ଅଭିଯୁକ୍ତ ସତ୍ୟନାରାୟଣ ଓ ତାଙ୍କ ଭାଇ ରୁଦ୍ର ନାରାୟଣ ସାମଲ ଓରଫ ମିଟୁ, ଭଉଣୀ କବିତା ସାହୁ, ବନିତା ପ୍ରଧାନଙ୍କୁ ଗିରଫ କରିଥିଲା। ଏହି ଘଟଣାରେ ଅଦ୍ୟାବଧି ପୋଲିସ ୮ ଜଣଙ୍କୁ ଗିରଫ କରିଥିବାବେଳେ ଘଟଣାର ଅଧିକ ତଦନ୍ତ ଚଳାଇଛି। ଗତ ୨୨ ତାରିଖରେ ପିସିସି କାର୍ଯ୍ୟକାରୀ ସଭାପତି ପ୍ରଦୀପ ମାଝୀ ଓ ସେହିଦିନ ଭାଜପା ସମ୍ପାଦିକା ତଥା ମୁଖପାତ୍ର ଲେଖାଶ୍ରୀ ସାମନ୍ତସିଂହାରଙ୍କ ନେତୃତ୍ୱରେ ୨ଟି ଟିମ୍ ପୀଡିତାଙ୍କ ପରିବାରକୁ ଭେଟି ଉଚ୍ଚସ୍ତରୀୟ ତଦନ୍ତ ଦାବି କରିବା ସହ ଅନ୍ୟ ଅଭିଯୁକ୍ତଙ୍କୁ ଗିରଫ କରିବାକୁ ଦାବି କରିଥିଲେ।

## ବିଭାଗୀୟ ସ୍ଥାୟୀ କମିଟି-୭ ଏକାଦଶ ବୈଠକ

**ଭୁବନେଶ୍ୱର,୨୪।୧(ବ୍ୟୁରୋ)**

ଓଡ଼ିଶା ବିଧାନସଭାର ବିଭାଗୀୟ ସ୍ଥାୟୀ କମିଟି-୭ଙ୍କର ଏକାଦଶ ବୈଠକ ବିଧାୟକ ପ୍ରଦୀପ କୁମାର ଅମାତଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ସଭ୍ୟମାନଙ୍କ ମଧ୍ୟରେ ପ୍ରାଥମିକ ଆଲୋଚନା ପରେ ଯୋଜନା ଓ ସଂଯୋଜନ ବିଭାଗ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନାହୋଇଥିଲା। ଆଲୋଚନା ସମୟରେ କମିଟିର ସଭ୍ୟମାନଙ୍କ ସମେତ ଯୋଜନା ଓ ସଂଯୋଜନ ବିଭାଗର ବରିଷ୍ଠ ପଦାଧିକାରୀ ଏବଂ ବିଧାନସଭା ସଚିବ ଦାଶରଥୀ ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ।

# ୧୪୪ ତହସିଲରେ ନିଯୁକ୍ତ ହେବେ ଅବସରପ୍ରାପ୍ତ ଆର.ଆଇ

**ଭୁବନେଶ୍ୱର,୨୪।୧(ବ୍ୟୁରୋ):** ସରକାରୀ ଚାକିରିରୁ ଅବସର ନେଇଥିବା ରାଜସ୍ୱ ନିରୀକ୍ଷକ(ଆର.ଆଇ) ଏବଂ ଅମିନମାନେ ପୁନଃ ନିଯୁକ୍ତି ପାଇବେ। ବିଶେଷ କରି ବିଭିନ୍ନ ଜିଲାରେ ଲଘୁ ଖଣିଜ ସମ୍ପଦ ଭରା ଏବଂ ସମ୍ବେଦନଶୀଳ ତହସିଲରେ ଏହି ଅଧିକାରୀମାନଙ୍କୁ ନିଯୁକ୍ତି ଦିଆଯିବ। ହେଲେ ପୁରୀ, ମାଲକାନଗିରି ଏବଂ ନୂଆପଡ଼ା ଜିଲା ଏଥିରୁ ବାଦ୍ ପଡ଼ିବ। ବାକି ସମସ୍ତ ଜିଲାର ୧୪୪ ସମ୍ବେଦନଶୀଳ ଏବଂ ଲଘୁ ଖଣିଜଥିବା ତହସିଲରେ ଅବସର ନେଇଥିବା ଅଧିକାରୀଙ୍କୁ ନିଯୁକ୍ତି ମିଳିବ। ପୁନଃ ନିଯୁକ୍ତି ପାଇବାକୁ ଥିବା ଆର.ଆଇ ମାସିକ ୧୯,୦୦୦ ଟଙ୍କା ଏବଂ ଅମିନ ୧୩,୦୦୦ ଟଙ୍କା ଦରମା ପାଇବେ।

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅତିରିକ୍ତ ସଚିବ ବି.ବି ଦାସ ଏନେଇ ରାଜ୍ୟର ସମସ୍ତ ଜିଲାପାଳ(ପୁରୀ,ମାଲକାନଗିରି ଏବଂ ନୂଆପଡ଼ା ବ୍ୟତୀତ)ଙ୍କୁ ଶୁକ୍ରବାର ଚିଠି ଲେଖିଛନ୍ତି। ଏହି ନିଯୁକ୍ତି ବର୍ଷେ କିମ୍ବା ନୂତନ ନିୟମିତ ନିଯୁକ୍ତି ଯାଏ ବଳବତ୍ତର ରହିବ ବୋଲି ଜଣାପଡିଛି।

## ୬.୧୦ଗ୍ରାମ ବ୍ରାଉନ୍‌ସୁଗାର ଜବତ, ଅଭିଯୁକ୍ତ ଗିରଫ

**ଭୁବନେଶ୍ୱର,୨୪।୧(ବ୍ୟୁରୋ)**

ଖଣ୍ଡଗିରି ଥାନା ଜୟଦେବବାଟିକା ଅଞ୍ଚଳରେ ବ୍ରାଉନ୍‌ସୁଗାର ବିକ୍ରି କରୁଥିବା ଅଭିଯୁକ୍ତଙ୍କୁ ଶୁକ୍ରବାର ପୋଲିସ ଗିରଫ କରିବା ସହ ୬.୧୦ଗ୍ରାମ ବ୍ରାଉନ୍‌ସୁଗାର ଜବତ କରିଛି। ଅଭିଯୁକ୍ତ ଜଣକ ହେଲେ, ବ୍ରହ୍ମପୁର ଟିକିଟି ଥାନାଞ୍ଚଳର ପିଣ୍ଟୁ ବିନ୍ଧାଣୀ ଓରଫ ରିଙ୍କୁ। ସୂଚନା ମୁତାବକ, ଉକ୍ତ ଅଞ୍ଚଳରେ ବ୍ରାଉନ୍‌ସୁଗାର କାରବାର ଚାଲିଥିବା ବିଶେଷ ସୂତ୍ରରୁ ଖବର ପାଇ ପୋଲିସ ରିଙ୍କୁକୁ ଧରିବାକୁ ଜାଲ ବିଛାଇଥିଲା। ଶୁକ୍ରବାର ପୂର୍ବାହ୍ନ ୧୦ଟା ବେଳେ ରିଙ୍କୁ ଜୟଦେବବାଟିକା ଅଞ୍ଚଳରେ ବ୍ରାଉନସୁଗାର ବିକ୍ରି କରୁଥିବାବେଳେ ପୋଲିସ ଚଢ଼ାଉ କରିଥିଲା। ପୋଲିସ ନଂ. ୬୪/୨୦ରେ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ପଚରାଉଚରା ପରେ କୋର୍ଟ ଚାଲାଣ କରିଥିଲା। ଜାମିନ ଆବେଦନ ଖାରଜ ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇଦିଆଯାଇଛି।

**ଭୁବନେଶ୍ୱର ମହାନଗର ନିଗମ**
ସଂଖ୍ୟା : ୨୪୭୫ ତା.୨୪.୦୧.୨୦୨୦

**ନୋଟିସ୍**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଆସନ୍ତା **ତା.୦୧.୦୨.୨୦୨୦** ରିଖ ଠାରୁ **ତା.୧୬.୦୨.୨୦୨୦**ରିଖ ପର୍ଯ୍ୟନ୍ତ ଖଣ୍ଡଗିରି ଠାରେ ମାଘ ସପ୍ତମୀ ମେଳା ଅନୁଷ୍ଠିତ ହେବ । ଏହି ମେଳାରେ ଦୋକାନ / ଅପେରା ପାର୍ଟି / ମୀନା ବଜାର ଇତ୍ୟାଦି ନିମନ୍ତେ ସ୍ଥାନ ଆବଣ୍ଟନ ପାଇଁ ଦରଖାସ୍ତ ଆହ୍ୱାନ କରାଯାଉଅଛି । ଇଚ୍ଛୁକ ବ୍ୟବସାୟୀ / ଅନୁଷ୍ଠାନ ଉପ ଆୟୁକ୍ତ, ଦକ୍ଷିଣ ପଶ୍ଚିମ ମଣ୍ଡଳ, ରେଣ୍ଟାଲ କଲୋନୀ ଭୁବନେଶ୍ୱରଙ୍କ ନିକଟରେ **ତା. ୨୮.୦୧.୨୦୨୦** ରିଖ ଅପରାହ୍ନ **ଘ.୫.୦୦ଟିକା** ମଧ୍ୟରେ ବିଗତ ବର୍ଷର ପୁରାତନ ରସିଦ୍‌ର କପି ଓ ପରିଚୟ ପତ୍ର ସହିତ ସାଧା କାଗଜରେ ଦରଖାସ୍ତ କରି ପାରିବେ। ମିଆଦ ଗତେ କୌଣସି ଦରଖାସ୍ତ ଗ୍ରହଣ କରାଯିବ ନାହିଁ ।

ଉପ ଆୟୁକ୍ତ,(ଦକ୍ଷିଣ ପଶ୍ଚିମ ମଣ୍ଡଳ)
ଭୁବନେଶ୍ୱର ମହାନଗର ନିଗମ

ଭାଗିଦାରୀ ମାଧ୍ୟମରେ ପ୍ରଗତି- ଏକ ସୁନ୍ଦର ଭୁବନେଶ୍ୱର ପାଇଁ

**COLLECTORATE, GANJAM, CHATRAPUR**
**(D.S.W.O. SECTION)**
Ph.#: 06811-263968, 262460, E-mail: dswoganjam@nic.in
No.: 325 Dt.: 22.01.2020

**Tender Call Notice for Printing & Supply of Nua Arunima Abhyasa Pustika - I & II for Pre-School Children at AWCs & Printing of Nua Arunima Hand Books for AWWs for Year 2019-2020**

Sealed tenders under two bid systems are invited from the reputed firms/agencies having valid PAN Card, GST for printing & supply of Nua Arunima Abhyasa Pustika - I & II for pre-school children at AWCs & Nua Arunima Hand Books for Anganwadi Workers. The tender documents containing detail specifications for the Nua Arunima Abhyasa Pustika - I & II & Nua Arunima Hand Books, quantity to be supplied with terms and conditions may be collected from the Office of DSWO, Ganjam on any working day by depositing Rs.5,000/- (Rupees five thousand) only in shape of D.D. (SBI) in favour of DSWO, Ganjam payable at Chatrapur or can be downloaded from Ganjam NIC website **(www.ganjam.nic.in)**. If downloaded, the quotation must be accompanied by Rs.5000/- Demand Draft in favour of DSWO Ganjam, Payable at Chatrapur. Quotation must be accompanied by D.D. of Rs.55,000/- (Rupees fifty five thousand) only towards E.M.D. The quotation must be sent only through Regd. Post/Speed Post to DSWO, Ganjam on or before **6th February - 2020 by 5 P.M.** during the working hours. The office will not be responsible for any postal delay. The quotation will be opened on **07.02.2020** in presence of the tender committee & tenderer or the representative of tenderer duly authorized by the tenderer at **11.00 A.M.** in the Office of Collector, Ganjam, Chatrapur. The sealed envelopes containing the quotation should be super-scribed with sealed "Printing and Supply of Arunima Abhyasa Pustika - I & II for Pre-School Children at AWCs & Printing of Nua Arunima Hand Books".
The tender notice along with terms & condition of the tender can be downloaded from Ganjam NIC website i.e. **www.ganjam.nic.in**.
The undersigned reserves the right to accept or reject any application without assigning any reason thereof.

**Sd./- Collector, Ganjam**

**OFFICE OF THE NOTIFIED AREA COUNCIL, GANJAM**
N.A.C., Ganjam, Odisha-761026, Tel: 06811-254357,
E-mail: eo.nacganjam@gmail.com

**Letter No. 131/NAC** **QUOTATION/TENDER CALL NOTICE** **Date: 22.01.2020**

Sealed tenders are invited from the interested reputed registered Transport agencies/ Suppliers/Service Providers/firms for supply of 02 Nos. of Light Commercial Vehicle- (TATA ACE/MAHINDRA MAXIMO/ASHOK LEYLAND DOST/PIAGGIO PORTER-700) including driver to this office for door to door collection of garbage from households inside NAC Ganjam Area which shall conform to the Terms and conditions for Official Use in Solid Waste Management. The details terms & condition and quotation paper may be obtained from the office during office hour or district website till dt. 03.02.2020- 5.00 PM.

**Sd./- Executive Officer, NAC Ganjam**

**OFFICE OF THE NOTIFIED AREA COUNCIL, RANPUR**
**No.96/ Dt. 24.01.2020**
**1ST CORRIGENDUM TO TENDER CALL NOTICE NO.75, DT.20.01.2020, E-Procurement Notice No. RNP NAC- 03/2019-20**

The last date of receipt of Bids in Portal and submission of original documents in this office are hereby extended to 11.02.2020 and 13.02.2020 instead of dt. 04.02.2020 and dt. 06.02.2020 respectively. Secondly the date of opening of Bid is dt. 14.02.2020 instead of dt. 07.02.2020. All other terms and conditions remain unchanged.

**Sd./- Executive Officer, N.A.C., Ranpur**

**GOVERNMENT OF ODISHA**
**OFFICE OF THE EXECUTIVE ENGINEER, RURAL WORKS DIVISION, GAJAPATI PARLAKHEMUNDI**
**NATIONAL COMPETITIVE BIDDING THROUGH e-Procurement**
No.O-877 :-
**Identification No. Online Tender 10/GJP/2019-20**

| | | | |
|---|---|---|---|
| 1. | Name of the work | : | Road works |
| 2. | Total No. Work | : | 5 (Five) Nos Building Works |
| 3. | Estimated Cost | : | Rs. 12.70 lakhs to Rs. 24.75 lakhs |
| 4. | Class of Contractor | : | C' & 'B' 'and D' & 'C' Class Contractor (as applicable) |
| 5. | Period of Completion | : | Furnished in Annexure |
| 6. | Availability of Tender Online for bidding | : | 31.01.2020 at 10.00 AM to 14.02.2020 upto 5.30 PM |
| 7. | Date and Time of Opening of Tender | : | 18.02.2020 at 11.30 AM |
| 8. | Place of Opening | : | As per Annexure |

Further details can be seen from the Website **www.tenderorissa.gov.in**

**EXECUTIVE ENGINEER**
**R.W. DIVN.GAJAPATI**
25158/11/0011/1920

Your classified advertisement published in Dharitri will be listed free in Dharitri online edition : **dharitriepaper.in**

**GOVT. OF ODISHA**
**OFFICE OF THE SUPERINTENDING ENGINEER**
**NORTH EASTERN RURAL WORKS CIRCLE, KEONJHAR**
No. O-909
Tel. No- 06766-258301 (O) e-mail: se_nerwkjr@rediffmail.com
***"e" Procurement Notice for Bridge Work***
**Identification No.- Bridge Online NCB No.272**
No. **236** // Date: **22-01-2020**

1. Name of the work :- **Construction of bridge over Local Nallah at 7th Km. on Gundala to Tana road under OMBADC in the District of Keonjhar.**
2. Total No. of work :- **01** (One) No.
3. Estimated Cost :- **As per Annexure** (Approximately).
4. Eligible Class of Contractor : - **As per Annexure**
5. Period of Completion :- **12** (Twelve) calendar months.
6. Other details :-

| Procurement Officer | Bid Identification No. | Availability of tender Online for bidding | | Last Date & Time of seeking Tender Clarification | Date & Time of Opening of Tender in O/O S.E.N.E.R.W. Circle, Keonjhar | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Superintending Engineer, North Eastern Rural Works Circle, Keonjhar | Bridge Online NCB. No.272 | Dt.28.01.20 at 11.00 AM | Dt.13.02.20 upto 3.00 PM | Dt.12.02.20 upto 3.00 PM | Dt.14.02.20 at 11.00 AM | Dt.19.02.20 at 11.00 AM |

- **Further details can be seen from the website: www.tendersorissa.gov.in**

Sd/- (P.K. Misra)
Superintending Engineer,N.E.R.W. Circle, Keonjhar.
25048/11/0008/1920

**OFFICE OF THE DIVISIONAL HEAD (ELECTRICAL), IDCO, IDCO TOWER, BHUBANESWAR**
idco Your power to grow | ODISHA NEW OPPORTUNITIES No. CAD-870
**Tender Call Notice No.**
BBSR/BHELE/B-4019/18-19/220 Dt. 21-01-2020
**NOTICE INVITING TENDER UNDER NATIONAL COMPETITIVE BIDDING THROUGH E-PROCUREMENT**
Name of the Work : Street Lighting arrangements from Main gate to Academic Block-I inside the Campus of the Government College of Engineering Keonjhar.

| Procurement officer | Bid Identification No. | Availability of Tender On-line for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| D.H. (Elect), IDCO, IDCO Tower, Janpath, Bhubaneswar | Bid ID No. BBSR/ELECT/ e-27/ 19-20 | 27.01.2020 at 12.00 Hrs. | 05.02.2020 at 17.00 Hrs. |

Further details can be seen from the e-procurement protal: **www.tendersorissa.gov.in**. Corrigendum or Addendum if any will not be published in newspapers and can be seen in e-procurement portal as well as in IDCO website.

**Sd./- Divisional Head (Elect)**
**IDCO, Bhubaneswar**
14003/11/0050/1920

**GOVERNOR'S SECRETARIAT, ODISHA**
**RAJ BHAVAN, BHUBANESWAR-751008**
**No. 34/ SG(HH) dated 21st Jan, 2020**
**QUOTATION CALL NOTICE**

**No.YY-03:-** Separate sealed quotatinos in respect of the items/articles mentioned against each serial No. (as per the following details) in official letter pad are invited from the interested Registered Firms/ Authorized Distributors/ Authorized Stockist/ Authorized Dealers located at Bhubaneswar and Cuttack having valid PAN card and GSTIN or Manufacturers for supply of the following to Raj Bhavan, Bhubaneswar for supply of the articles like crockery, stainless steel cutlery, casserole, small thermos flask / thermos jug, table coaster, dining table place mats with runner, woolen blankets with removable covers, white bed sheets with matching pillow covers, pillows, towels of different sizes, foldable cots/beds with or without wheels and mattress, Chafing Dish, bufft dish card holder stand, Microwave oven, Mixture-Grinder-Juicer, LED Color Television, etc. to Raj Bhavan, Odisha, Bhubaneswar.

The details of this quotation call notice is available in the website **http://www.rajbhavanodisha.gov.in**.

**Sd./- Comptroller,**
**Governor's Household**

**GOVERNOR'S SECRETARIAT, ODISHA**
**RAJ BHAVAN, BHUBANESWAR-751008**
**No. 33/ SG(HH) dated 21st Jan, 2020**
**QUOTATION CALL**

**For repair/ maintenance/ polishing & upholstery of furniture items (Wooden, Glass) and other related miscellaneous items of furniture and other Carpentry work in the Raj Bhavan (Governor House) at Bhubaneswar and Puri.**
SEALED Quotations are invited in a single bid system from firms dealing in maintenance/ repairing, polishing of various furniture items, change of upholstery of sofa sets/ visitor chairs and other miscellaneous furniture items in the Raj Bhavan at Bhubaneswar and Puri for a period up to **31.03.2021**.
The details of this quotation call notice is available in the website **http://www.rajbhavanodisha.gov.in**.

**Sd./- Comptroller,**
**Governor's Household**
40002/11/0003/1920

**THE ODISHA MINING CORPORATION LIMITED**
OMC House, Bhubaneswar-751001,Odisha
CIN: U13100OR1956SGC000313, www.omcltd.in
OMC | ODISHA NEW OPPORTUNITIES
**E-PROCUREMENT NOTICE**
**NIT No. 13/E-PROC/OMC/MAT/2020** **Dated. 24.01.2020**

| | | |
|---|---|---|
| 1 | Name of the work | NIT for supply and Installation of Networking materials & Commissioning of Network system at Head Office, OMC Limited, Bhubaneswar. |
| 2 | Availability of bid document in Govt. Portal | 27.1.2020 after 5.00 P.M. |
| 3. | Pre-bid meeting | 04.2.2020 at 11.00AM |
| 4. | Last date for sending queries to OMC | 03.2.2020 up to 05:00PM |
| 5. | Uploading of final tender schedule | 06.2.2020 up to 05:00PM |
| 6 | Last date of online submission of tender in Govt. portal | 24.2.2020 up to 05.00P.M. |
| 7 | Submission of EMD | The bidder has to deposit Rs.2,00,000.00(Two Lakh) only as EMD through on line as available in www.tendersodisha.gov.in |
| 8. | Submission of tender paper cost | The bidder has to deposit Rs.5,900.00(Five thousand Nine Hundred) including applicable GST@18% only as tender paper cost through online as available in www.tendersodisha.gov.in |
| 9 | Date of opening of Techno-commercial Bid | 25.2.2020 at 11:00AM. |
| 10 | Date of opening of Price- Bid | Shall be intimated through uploading in e-portal. |

All other details can be seen from the tender document available at Govt. web site www.tendersodisha.gov.in & in OMC website i.e. www.omcltd.in.
The agencies who have failed to execute the previous Purchase Order/LOI of OMC, they shall be not eligible to participate in the tender.
OMC reserves the right to reject any or all tenders without assigning any reason thereof.

Sd/24.1.2020
GENERAL MANAGER (MAT)
30005/11/0124/1920 No. CAD-873

**ORISSA STATE AIDS CONTROL SOCIETY (OSACS)**
(Department of Health & Family Welfare), Government of Odisha
**No. 280/OSACS** **Dated: 24.01.2020**
**NOTICE INVITING QUOTATION ON N.S. METHOD**

Orissa State AIDS Control Society (OSACS) invites sealed tenders from different firms/dealers having valid GST Registration Certificate & uptodate GST return for supply of the Office Stationeries to OSACS Head Office, Bhubaneswar. The detailed terms and conditions along with list of items are available in the website of **www.odisha.gov.in** & **www.osacs.nic.in** which can be downloaded for use. Interested parties may submit their tender super-scribing as **"Tender for Office Stationery for 2019-20"** to the undersigned through Speed Post/Registered Post/Courier service only which should reach on or before 3.30 P.M. of 14.02.2020 positively and the same will be opened at 4.00 P.M. of the same date. The undersigned reserves the right to reject any or all the tender without assigning any reason thereof.

**Sd./- Additional Project Director**
**Orissa State AIDS Control Society**
**(Department of Health & Family Welfare), Govt. of Odisha**
**2nd Floor, Oil Orissa Building, F-Nayapalli, Bhubaneswar-12**

**2nd Floor, Oil Orissa Building, Nayapalli, Bhubaneswar, Ph.: (0674) 2395415/2393235, Fax: 2394560**
**E-mail: sacorissa@sify.com, orissasacs@gmail.com, sacs_orissa@nacoindia.org**

## ସଂକ୍ଷେପରେ

### ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଲେ କଟକ, ମୟୂରଭଞ୍ଜବାସୀ

**ଭୁବନେଶ୍ୱର,୨୪।୧(ବ୍ୟୁରୋ):** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିକଟରେ କଟକ ଏବଂ ମୟୂରଭଞ୍ଜ ଜିଲାର ସର୍ବାଙ୍ଗୀନ ବିକାଶ ପାଇଁ ବିଭିନ୍ନ ଯୋଜନା ଘୋଷଣା କରିଥିଲେ। ଏହି ଘୋଷଣା ଉଭୟ ଜିଲାକୁ ଆଗାମୀ ଦିନରେ ଭିନ୍ନରୂପ ଦେବ। ମୁଖ୍ୟମନ୍ତ୍ରୀଙ୍କ ଏହି ସମୟୋପଯୋଗୀ ପଦକ୍ଷେପକୁ କଟକ ଏବଂ ମୟୂରଭଞ୍ଜବାସୀ ସ୍ୱାଗତ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଉଭୟ ଜିଲାରୁ ଶତାଧିକ ବ୍ୟକ୍ତିବିଶେଷ ଶୁକ୍ରବାର ଅପରାହ୍ଣରେ ନବୀନ ନିବାସ ଗସ୍ତକରି ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଦେବା ସହ ପୁଷ୍ପଗୁଚ୍ଛ ପ୍ରଦାନ କରିଥିଲେ।

# ‘ମୋ ସରକାର’ ଅନୁଯାୟୀ କାମ କର

## ମୁଖ୍ୟ ଶାସନ ସଚିବଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର,୨୪।୧(ବ୍ୟୁରୋ)

ଜନସାଧାରଣଙ୍କୁ ତ୍ୱରିତ ସେବା ପ୍ରଦାନ କରିବା ପାଇଁ ‘ମୋ ସରକାର’ ଅନୁଯାୟୀ କାର୍ଯ୍ୟ କରିବାକୁ ସଚିବମାନଙ୍କୁ ମୁଖ୍ୟ ଶାସନ ସଚିବ ଅସିତ୍ ତ୍ରିପାଠୀ ନିର୍ଦ୍ଦେଶ ଦେଇଛନ୍ତି। ଲୋକସେବା ଭବନରେ ଶୁକ୍ରବାର ଅନୁଷ୍ଠିତ ବୈଠକରେ ଏହି ନିର୍ଦ୍ଦେଶ ଦିଆଯାଇଛି। ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଚିବସ୍ତରୀୟ ବୈଠକରୁ ସୂଚନା ମିଳିଛି ଯେ, ଚଳିତ ଆର୍ଥିକ ବର୍ଷ ଡିସେମ୍ବର ଶେଷ ସୁଦ୍ଧା ରାଜସ୍ୱ ସଂଗ୍ରହରେ ୮.୩୯ ପ୍ରତିଶତ ଅଭିବୃଦ୍ଧି ଘଟିଛି।

ସେହିପରି ଡିସେମ୍ବର ଶେଷ ସୁଦ୍ଧା ପ୍ରାୟ ୯, ୪୯୮ କୋଟି ଟଙ୍କା ଅଣ ଟିକସ ରାଜସ୍ୱ ସଂଗ୍ରହ ହୋଇ ୯ ପ୍ରତିଶତ ଅଭିବୃଦ୍ଧି ହୋଇଛି। ସେହିପରି ନିଜସ୍ୱ ଟିକସ କ୍ଷେତ୍ରରେ ୮.୧୩ ପ୍ରତିଶତ ବୃଦ୍ଧି ଘଟିଛି। ୨୦୧୮ ଡିସେମ୍ବର ୩୧ ସୁଦ୍ଧା ନିଜସ୍ୱ ଟିକସ ବାବଦରେ ୨୦,୮୯୮ କୋଟି ଟଙ୍କା ଆଦାୟ ହୋଇଥିବାବେଳେ ଡିସେମ୍ବର ଶେଷ ସୁଧା ୨୨,୫୯୯ କୋଟି ଟଙ୍କା ଆଦାୟ ହୋଇଛି। ବଜେଟ ବିନିଯୋଗରେ ପ୍ରାୟ ୧୫ ପ୍ରତିଶତ ଅଭିବୃଦ୍ଧି ଘଟିଛି। ଗତ ଆର୍ଥିକ ବର୍ଷ ଅକ୍ଟୋବର ସୁଦ୍ଧା ବିଭିନ୍ନ ବିଭାଗଗୁଡ଼ିକ ୭୧,୬୦୨ କୋଟି ଟଙ୍କା ବିନିଯୋଗ କରିଥିବାବେଳେ ଚଳିତ ବର୍ଷ ଏହି ବିନିଯୋଗ ୮୨,୨୦୦ ଟଙ୍କାକୁ ଅତିକ୍ରମ କରିଛି। କୃଷି କ୍ଷେତ୍ରରେ ବିନିଯୋଗ ପରିମାଣ ୧୧,୨୫୦ କୋଟି ଟଙ୍କାକୁ ବୃଦ୍ଧି ପାଇଛି। ସାମାଜିକ ଓ ଭିତ୍ତିଭୂମି କ୍ଷେତ୍ରରେ ଏହା ଯଥାକ୍ରମେ ୩୪,୪୪୦ ଓ ୯,୧୯୪ କୋଟି ଟଙ୍କାକୁ ବୃଦ୍ଧି ହୋଇଛି।

ବିଭିନ୍ନ ବିଭାଗର ଆର୍ଥିକ ପରିଚାଳନା କାର୍ଯ୍ୟର ସମୀକ୍ଷା କରି ମୁଖ୍ୟ ଶାସନ ସଚିବ ବଜେଟ ବିନିଯୋଗକୁ ତ୍ୱରାନ୍ୱିତ କରିବା ସହ ଆସନ୍ତା ମାର୍ଚ୍ଚ ୫ ତାରିଖ ସୁଦ୍ଧା ପ୍ରତି ବିଭାଗରେ ମୋ ସରକାର ନିର୍ଦ୍ଦେଶାବଳୀକୁ କାର୍ଯ୍ୟକାରୀ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଓଡ଼ିଶାକୁ ଏକ ପ୍ରଗତିଶୀଳ ରାଜ୍ୟ ଭାବେ ଗଢି ତୋଳିବା ଦିଗରେ ବିଭାଗଗୁଡ଼ିକ କାର୍ଯ୍ୟ କରିବା ଦରକାର। ଜନସାଧାରଣଙ୍କୁ ତ୍ୱରିତ ସେବା ଦ୍ୱାରା ଏହା ସମ୍ଭବ ହୋଇ ପାରିବ। ନାଗରିକ ଓ ବ୍ୟବସାୟ ସଂସ୍ଥାଗୁଡ଼ିକୁ ଯୋଗାଇ ଦିଆଯାଉଥିବା ସେବାକୁ ଅନଲାଇନ କରିବା ସହ ସେବା ଯୋଗାଣ ବିଷୟରେ ଲୋକମାନଙ୍କ ମତାମତକୁ ଅଗ୍ରାଧିକାର ଦେବାକୁ ମୁଖ୍ୟ ଶାସନ ସଚିବ ବିଭାଗଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି। ବିଭିନ୍ନ ବ୍ୟାଙ୍କ ଓ କର୍ପୋରେଶନରେ ପାଣ୍ଠି ଜମା ନ ରଖି ସାଧାରଣ ଟ୍ରେଜେରି ପୋର୍ଟାଲ ମାଧ୍ୟମରେ ପ୍ରକୃତ ବିନିଯୋଗ କରିବା ପାଇଁ ଉନ୍ନୟନ କମିଶନର ସୁରେଶ ଚନ୍ଦ୍ର ମହାପାତ୍ର ବିଭାଗଗୁଡ଼ିକୁ ପରାମର୍ଶ ଦେଇଛନ୍ତି। ଅର୍ଥ ବିଭାଗ ସଚିବ ଅଶୋକ କୁମାର ମୀନା, ଉନ୍ନୟନ କମିଶନର ସୁରେଶ ଚନ୍ଦ୍ର ମହାପାତ୍ର, କୃଷି ଉତ୍ପାଦନ କମିଶନର ପ୍ରଦୀପ୍ତ କୁମାର ମହାପାତ୍ରଙ୍କ ସମେତ ସମସ୍ତ ବିଭାଗର ସଚିବ ଏବଂ ଅତିରିକ୍ତ ସଚିବମାନେ ବୈଠକରେ ଯୋଗ ଦେଇଥିଲେ।

## ପୂର୍ବତନ ମନ୍ତ୍ରୀ ଜଗନ୍ନାଥଙ୍କ ପରଲୋକ

**ଧାମନଗର, ୨୪।୧ (ଡି.ଏନ.ଏ.):** ଭଦ୍ରକ ଜିଲା ଧାମନଗର ନିର୍ବାଚନମଣ୍ଡଳୀର କଂଗ୍ରେସର ବରିଷ୍ଠ ନେତା ତଥା ପୂର୍ବତନ ସ୍ୱାସ୍ଥ୍ୟ, ନଗର ଉନ୍ନୟନ ଏବଂ ଶିଳ୍ପ ମନ୍ତ୍ରୀ ଜଗନ୍ନାଥ ରାଉତଙ୍କ ଶୁକ୍ରବାର ହୃଦ୍‌ଘାତରେ ପରଲୋକ ଘଟିଛି। ତାଙ୍କୁ ୭୮ ବର୍ଷ ହୋଇଥିଲା। ଗୁରୁବାର ରାତିରେ ତାଙ୍କୁ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍‌ପିଟାଲରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ଏହାପରେ ତାଙ୍କ ମରଶରୀରକୁ କଂଗ୍ରେସ ରାଜ୍ୟ କାର୍ଯ୍ୟାଳୟଠାରେ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ଏହି ଅବସରରେ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ସମେତ ଅନ୍ୟ ନେତାମାନେ ତାଙ୍କୁ ଶେଷ ସମ୍ମାନ ପ୍ରଦାନ କରିଛନ୍ତି। ସ୍ୱର୍ଗତ ରାଉତ ପ୍ରଥମେ ଧୂଷୁରୀ ମଧ୍ୟଇଂରାଜୀ ସ୍କୁଲରେ ପ୍ରଧାନଶିକ୍ଷକ ଥିଲେ। ପରେ ମୁରଲୀଧର ଉଚ୍ଚ ବିଦ୍ୟାଳୟରେ ଜଗନ୍ନାଥ ପ୍ରଧାନଶିକ୍ଷକ ଭାବେ କାର୍ଯ୍ୟଭାର ଗ୍ରହଣ କରିଥିଲେ। ପରେ ସେ ରାଜନୀତିରେ ଯୋଗ ଦେଇଥିଲେ।


ଜଗନ୍ନାଥ ରାଉତ

ସେ ଧାମନଗର ବିଧାନସଭା ନିର୍ବାଚନମଣ୍ଡଳୀରୁ ପ୍ରାର୍ଥୀ ହୋଇଥିଲେ। ସ୍ୱର୍ଗତ ହୃଦାନନ୍ଦ ମଲ୍ଲିକଙ୍କଠାରୁ ଦୁଇଥର ପରାଜିତ ହୋଇ ୧୯୮୦ରେ ବିପୁଳ ଭୋଟ୍ ବ୍ୟବଧାନରେ ପ୍ରଥମେ ବିଧାୟକ ହୋଇଥିଲେ। ପରେ ୧୯୮୫ ଓ ୧୯୯୫ରେ କଂଗ୍ରେସ ସରକାରରେ ନଗର ଉନ୍ନୟନ, ସ୍ୱାସ୍ଥ୍ୟ ଓ ଶିଳ୍ପ ମନ୍ତ୍ରୀ ଭାବେ ଦାୟିତ୍ୱ ନେଇଥିଲେ। ତାଙ୍କ ମୃତ୍ୟୁ ଖବର ପାଇ ଏମ୍‌ପି ମଞ୍ଜୁଲତା ମଣ୍ଡଳ, ଧାମନଗର ବିଧାୟକ ବିଷ୍ଣୁଚରଣ ସେଠୀ, ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ରାଜେନ୍ଦ୍ର ଦାସ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତଜେନା ପ୍ରମୁଖ ଶୋକବ୍ୟକ୍ତକରିଛନ୍ତି।


‘କୃଷି ଓଡ଼ିଶା-୨୦୨୦’ର ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଏକ କୃତୀ କୃଷକ ଉତ୍ପାଦକ ସଙ୍ଗଠନକୁ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ, କୃଷି ମନ୍ତ୍ରୀ ଅରୁଣ କୁମାର ସାହୁ, ମନ୍ତ୍ରୀ ଅଶୋକ ପଣ୍ଡା, ଓୟୁଏଟି କୁଳପତି ପବନ କୁମାର ଅଗ୍ରୱାଲ, କୃଷି ବିଭାଗ ସଚିବ ସୌରଭ ଗର୍ଗ ସମ୍ମାନିତ କରୁଛନ୍ତି।

# ‘ମାଟିର ସୁରକ୍ଷା ଜରୁରୀ’

## ‘କୃଷି ଓଡ଼ିଶା-୨୦୨୦’ ଉଦ୍‌ଯାପିତ

- ଜୈବିକ ସାର ପ୍ରୟୋଗ କରିବାକୁ ରାଜ୍ୟପାଳଙ୍କ ପରାମର୍ଶ
- କୃଷି ଶିଳ୍ପୋଦ୍ୟୋଗୀଙ୍କ ସହ ସରକାରଙ୍କ ଆଲୋଚନା

ଭୁବନେଶ୍ୱର, ୨୪।୧(ବ୍ୟୁରୋ)

ଏବେ ଚାରିଆଡ଼େ ପ୍ରଦୂଷଣର ମାତ୍ରା ବଢ଼ିଚାଲିଛି। ଚାଷ ଜମି ମଧ୍ୟ ପ୍ରଦୂଷଣ କବଳରୁ ମୁକୁଳି ପାରିନି। ତେଣୁ ପ୍ରଦୂଷଣର ମାତ୍ରା କିପରି କମିବ ସେଥିପାଇଁ ସମସ୍ତେ ସଚେତନ ହେବାର ସମୟ ଆସିଛି ବୋଲି ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ କହିଛନ୍ତି। କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ପକ୍ଷରୁ ଭୁବନେଶ୍ୱର ଜନତା ମଇଦାନରେ ଚାଲିଥିବା ରାଜ୍ୟସ୍ତରୀୟ କୃଷି ମହୋତ୍ସବ ‘କୃଷି ଓଡ଼ିଶା-୨୦୨୦’ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ରାଜ୍ୟପାଳ ମୁଖ୍ୟଅତିଥି ଭାବେ ଯୋଗଦେଇ ମାଟିକୁ ସୁରକ୍ଷା ଦେବା ପାଇଁ ପରାମର୍ଶ ଦେଇଛନ୍ତି। ଚାଷ ଜମିରେ ବହୁଳ କୀଟନାଶକ ଏବଂ ରାସାୟନିକ ସାର ବ୍ୟବହାର ହେଉଥିବାରୁ ମାଟି ବିଷାକ୍ତ ହୋଇଯାଇଛି। ଏହା କେବଳ ଚାଷୀ ପାଇଁ ନୁହେଁ, ସମଗ୍ର ସମାଜ ପାଇଁ ଚିନ୍ତାର କାରଣ ପାଲଟିଛି। ଚାଷ ଜମିରେ ସୁନାର ଫସଲ ଫଳେଇବାକୁ ହେଲେ ମାଟିକୁ ପ୍ରଥମେ ସୁରକ୍ଷିତ ରଖିବାକୁ ପଡ଼ିବ। ଚାଷ ଜମିରେ ଜୈବିକ ସାର ପ୍ରୟୋଗ କରିବାକୁ ରାଜ୍ୟପାଳ ପରାମର୍ଶ ଦେଇଛନ୍ତି।

କୃଷିମନ୍ତ୍ରୀ ଅରୁଣ କୁମାର ସାହୁ ସଭାପତିତ୍ୱ କରି କହିଥିଲେ ଯେ, କୃଷି ଓଡ଼ିଶାରେ ଯେଉଁ ଚାଷୀ ଭାଇଭଉଣୀମାନେ ସାମିଲ ହୋଇଥିଲେ ସେମାନେ ନିଜ ଅଞ୍ଚଳର ଅନ୍ୟ ଚାଷୀଙ୍କୁ ଲାଭଜନକ ଚାଷ କରିବା ପାଇଁ ପ୍ରୋତ୍ସାହିତ କରନ୍ତୁ। ଅଧିକରୁ ଅଧିକ ଶିକ୍ଷିତ ଯୁବକ ଚାଷ କ୍ଷେତ୍ରକୁ ଆସିଲେ, ଓଡ଼ିଶା କୃଷି କ୍ଷେତ୍ରରେ ଅନ୍ୟ ରାଜ୍ୟକୁ ଦିଗ୍‌ଦର୍ଶନ ଦେବ। ଉତ୍ସବରେ ଓୟୁଏଟି କୁଳପତି ପବନ କୁମାର ଅଗ୍ରୱାଲ ସମ୍ମାନିତ ଅତିଥି ଭାବେ ଯୋଗଦେଇ କହିଥିଲେ ଯେ, ଆମକୁ ଖାଦ୍ୟ ଉତ୍ପାଦନ ବୃଦ୍ଧି କରିବାକୁ ପଡ଼ିବ। ବିଶେଷକରି ପୁଷ୍ଟିକର ଖାଦ୍ୟ ଉତ୍ପାଦନ ବୃଦ୍ଧି ଉପରେ ଚାଷୀମାନଙ୍କୁ ଗୁରୁତ୍ୱ ଦେବାକୁ ପଡ଼ିବ। କମ୍ ଜମିରେ କିପରି ଅଧିକ ଉତ୍ପାଦନ ହୋଇପାରିବ ତାହା ହିଁ ବର୍ତ୍ତମାନ ସମୟର ବଡ଼ ଆହ୍ୱାନ। ଅନ୍ୟମାନଙ୍କ ମଧ୍ୟରେ ବିଭାଗୀୟ ପ୍ରମୁଖ ଶାସନ ସଚିବ ସୌରଭ ଗର୍ଗ, ସାଧାରଣ ଉଦ୍ୟୋଗ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ରାଜ୍ୟର ସଫଳ ଚାଷୀ ଓ କୃତୀ କୃଷକ ଉତ୍ପାଦକ ସଙ୍ଗଠନଗୁଡ଼ିକୁ ରାଜ୍ୟପାଳ ସମ୍ବର୍ଦ୍ଧିତ କରିଥିଲେ।

ଉଦ୍‌ଯାପନୀ ଉତ୍ସବରେ ରାଜ୍ୟର କୃଷି ଶିଳ୍ପୋଦ୍ୟୋଗୀଙ୍କ ସହ ରାଜ୍ୟ ସରକାର ଆଲୋଚନା କରିଥିଲେ। ଏହାସହ ‘ଷ୍ଟାର୍ଟ ଅପ୍’ ମିଟ୍ ଅନୁଷ୍ଠିତ ହୋଇଥିଲା। ଏଥିରେ ୫୦ ଷ୍ଟାର୍ଟଅପ୍ ସଂସ୍ଥା ସାମିଲ ହୋଇଥିଲେ। ପ୍ରତିଦିନ ପରି ଶୁକ୍ରବାର ମଧ୍ୟ ଦୁଇଟି ଶୀର୍ଷକକୁ ନେଇ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ପ୍ରଥମ ଅଧିବେଶନରେ ‘ଋତୁକାଳୀନ ଉତ୍ପାଦନ ଓ ଆୟ ବୃଦ୍ଧି ସଂରକ୍ଷିତ ଚାଷ’ ଏବଂ ଦ୍ୱିତୀୟ ଅଧିବେଶନରେ ‘ଜଳବାୟୁ ସମ୍ବେଦନଶୀଳତା ଓ ଜଳବାୟୁ ନିରୋଧୀ କୃଷି’ ଶୀର୍ଷକ ଉପରେ ଆଲୋଚନା ହୋଇଥିଲା। ପ୍ରଥମ ଅଧିବେଶନରେ ବାମଣ୍ଡା ବାୟୋଟେକର ନିର୍ଦ୍ଦେଶକ ନିରଞ୍ଜନ ପ୍ରଧାନ, ଢେଙ୍କାନାଳ କୃଷିବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଡ. ବିମଳେନ୍ଦୁ ମହାନ୍ତି ଓ ଓୟୁଏଟି ଫଳଚାଷ ଏବଂ ଭୂ-ନିର୍ମାଣ ବିଭାଗର ମୁଖ୍ୟ ଡ. ଶଶିକଳା ବେଉରା ପ୍ରମୁଖ ଯୋଗଦେଇ ଚାଷୀମାନଙ୍କ ସହ ଆଲୋଚନା କରିଥିଲେ। ସେହିପରି ଦ୍ୱିତୀୟ ଅଧିବେଶନରେ ଆଇଆଇଡବ୍ଲ୍ୟୁଆର ବୈଜ୍ଞାନିକ ଡ. ଆତ୍ମାରାମ ମିଶ୍ର ଓ କଟକ ଜାତୀୟ ଧାନ ଗବେଷଣା କେନ୍ଦ୍ରର ବୈଜ୍ଞାନିକ ଡ. ଅମରେଶ କୁମାର ଯୋଗ ଦେଇଥିଲେ।

## ପଦୋନ୍ନତି ଅଦାଲତରେ ୮୯୦୯ ଆବେଦନ

- ୧ମ ପର୍ଯ୍ୟାୟରେ ୨୨୭୩ର ବିଚାର
- ୨ୟ ପର୍ଯ୍ୟାୟ ଅଦାଲତ ଫେବୃୟାରୀ ୨୭, ୨୮, ୨୯

ଭୁବନେଶ୍ୱର,୨୪।୧(ବ୍ୟୁରୋ)

ଚଳିତ ମାସ ୨୮,୨୯ ଏବଂ ୩୧ ତାରିଖରେ ରାଜ୍ୟ ସରକାରଙ୍କ ପକ୍ଷରୁ ପଦୋନ୍ନତି ଅଦାଲତ ଅନୁଷ୍ଠିତ ହେବାକୁ ଯାଉଛି। ଗତବର୍ଷ ଡିସେମ୍ବର ୩୧ ସୁଦ୍ଧା ଯେଉଁ କର୍ମଚାରୀ ପଦୋନ୍ନତି ପାଇବାକୁ ଯୋଗ୍ୟ ହୋଇସାରିଛନ୍ତି, ସେମାନଙ୍କ ପାଇଁ ଏହା ଉପାଦେୟ ହେବ । ପଦୋନ୍ନତି ପାଇଁ ନିଜ ନିଜର ଯୋଗ୍ୟତା ସମ୍ପର୍କିତ ଆବେଦନ ଉପସ୍ଥାପନ କରିବା ପାଇଁ ନିର୍ଦ୍ଦେଶନାମା ଜାରି କରାଯାଇଥିଲା। ଗତ ୨୩ ତାରିଖ(ଗୁରୁବାର)ସୁଦ୍ଧା ଅନ୍‌ଲାଇନ୍ ମାଧ୍ୟମରେ ୮୯୦୯ ପଦୋନ୍ନତିଆବେଦନସାଧାରଣ ପ୍ରଶାସନ ବିଭାଗର ହସ୍ତଗତ ହୋଇଥିବା ଜଣାପଡ଼ିଛି।

ଏଥି ମଧ୍ୟରୁ ପ୍ରଥମ ପର୍ଯ୍ୟାୟରେ ୨୨୭୩ ଗୋଟି ଆବେଦନକୁ ବିଚାର କରାଯିବ। ଆସନ୍ତା ୨୮,୨୯ ଏବଂ ୩୧ରେ ଏହି ଆବେଦନକୁ ଯାଞ୍ଚ କରାଯିବା ସହ ଆବଶ୍ୟକ ନିର୍ଦ୍ଦେଶ ଦିଆଯିବ। ଏହି ସମସ୍ତ ଆବେଦନର ଇ-ମେଲ୍‌ରେ ପ୍ରାପ୍ତି ସ୍ୱୀକାର କରାଯିବା ସହ କେଉଁ ତାରିଖରେ ବିଚାର କରାଯିବ, ସେ ନେଇ ଜଣାଇ ଦିଆଯାଇଛି। ପଦୋନ୍ନତି ଅଦାଲତ ନିଜ ସମ୍ପର୍କିତ ଦାବି ଉପସ୍ଥାପନ ସମୟରେ କର୍ମଚାରୀମାନେ ଏହି ପ୍ରାପ୍ତି ସ୍ୱୀକାରର ଏକ ନକଲ ଆଣିବାକୁ ନିର୍ଦ୍ଦେଶ ରହିଛି। ପଦୋନ୍ନତି ସମ୍ପର୍କିତ ସମସ୍ତ ଆବେଦନ ସାଧାରଣ ପ୍ରଶାସନର ବିଭାଗୀୟ ୱେବସାଇଟ୍‌ରେ ଉପଲବ୍ଧ ହେଉଛି। ଯେଉଁମାନଙ୍କୁ ପ୍ରଥମ ପର୍ଯ୍ୟାୟରେ ପ୍ରାପ୍ତି ସ୍ୱୀକାର କରାଯାଇ ନାହିଁ, ସେମାନଙ୍କ ଆବେଦନ ପରବର୍ତ୍ତୀ ସମୟରେ ବିଚାର କରାଯିବ। ଆସନ୍ତା ଫେବୃୟାରୀ ୨୭, ୨୮ ଏବଂ ୨୯ରେ ପୁନଶ୍ଚ ପଦୋନ୍ନତି ଅଦାଲତ ଅନୁଷ୍ଠିତ ହେବ ବୋଲି ଜଣାପଡ଼ିଛି।

## ବାଇକ୍ ମୁହାଁମୁହିଁ ପରେ ବସ୍‌ରେ ପିଟିହେଲା, ୨ ମୃତ

**ଦିଗପହଣ୍ଡି(ଡି.ଏନ.ଏ.)/ପାଟପୁର, ୨୪।୧:** ଦିଗପହଣ୍ଡି-ରାୟଗଡ଼ା ୩୨୬ ନଂ. ରାଜ୍ୟ ରାଜପଥର କଂସାମାରି-ଧର୍ମପୁର ମଧ୍ୟବର୍ତ୍ତୀ ଶ୍ମଶାନ ସମ୍ମୁଖ ମୁଖ୍ୟ ରାସ୍ତାରେ ଶୁକ୍ରବାର ସକାଳ ପ୍ରାୟ ସାଢେ ୮ଟାରେ ଏକ ଦୁର୍ଘଟଣା ଘଟିଛି। ଦୁଇ ବାଇକ ମୁହାଁମୁହିଁ ଧକ୍କା ହେବାପରେ ଆରୋହୀମାନେ ସେହି ରାସ୍ତାଦେଇ ଆସୁଥିବା ଏକ ମିନିବସ୍‌ରେ ପିଟି ହୋଇଥିଲେ। ଏଥିରେ ୨ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଥିବାବେଳେ ୨ଜଣ ଗୁରୁତର ହୋଇଛନ୍ତି। ମୃତକ ହେଲେ ଗଜପତି ଜିଲା ଚନ୍ଦ୍ରଗିରି ଗ୍ରାମ ପାତ୍ରସାହିର ଚନ୍ଦନ ଘଡେଇ ଓ ରାଉତ ସାହିର ହିମାଂଶୁ ପ୍ରଧାନ। ଆହତମାନେ ହେଲେ ପାଟପୁର ଥାନା କେ. ନୂଆଗଡ ଗ୍ରାମର ଗଞ୍ଜୁ ମଣ୍ଡଳ ଓ ଦିଲୀପ ଶବର। ସେମାନଙ୍କୁ ଗୁରୁତର ଅବସ୍ଥାରେ ବ୍ରହ୍ମପୁର ବଡ ମେଡିକାଲରେ ଭର୍ତ୍ତି କରାଯାଇଛି।


ହିମାଂଶୁ ପ୍ରଧାନ, ଚନ୍ଦନ ଘଡେଇ

## ଡେପୁଟେସନରେ ଯିବେ ରୂପା ମିଶ୍ର

**ଭୁବନେଶ୍ୱର,୨୪।୧(ବ୍ୟୁରୋ):** ୨୦୦୪ ବ୍ୟାଚ୍‌ର ଆଇଏଏସ୍ ଅଧିକାରୀ ରୂପା ମିଶ୍ର କେନ୍ଦ୍ରୀୟ ଡେପୁଟେସନରେ ଯୋଗ ଦେବେ। ସୂତ୍ରରୁ ମିଳିଥିବା ଖବର ଅନୁଯାୟୀ କେନ୍ଦ୍ରୀୟ ପାନୀୟଜଳ ଓ ପରିମଳ କାର୍ଯ୍ୟକ୍ରମର ନିର୍ଦ୍ଦେଶିକା ଭାବେ ଯୋଗଦେବେ। ବର୍ତ୍ତମାନ ରୂପା ରାଜ୍ୟ ସରକାରଙ୍କ ଅଧୀନ ପାନୀୟ ଜଳ ଏବଂ ପରିମଳ କାର୍ଯ୍ୟକ୍ରମର ନିର୍ଦ୍ଦେଶିକା ଭାବେ କାର୍ଯ୍ୟ କରୁଛନ୍ତି।

## ଉଚ୍ଚଶିକ୍ଷା ସଚିବ-କଲେଜ ସଂଘ ଆଲୋଚନା

- ବ୍ଲକଗ୍ରାଣ୍ଟ ସ୍କୁଲ, କଲେଜକୁ ମିଳୁନି ସପ୍ତମ ବେତନ କମିଶନ ହାରରେ ଦରମା
- ଅଧ୍ୟାପକ, କର୍ମଚାରୀ ମହଲରେ ଅସନ୍ତୋଷ

ଭୁବନେଶ୍ୱର,୨୪।୧(ବ୍ୟୁରୋ)

ରାଜ୍ୟ ସରକାର ସରକାରୀ କର୍ମଚାରୀଙ୍କଠାରୁ ଆରମ୍ଭ କରି ନିଗମ, ପୌର ସଂସ୍ଥା କର୍ମଚାରୀଙ୍କୁ ସପ୍ତମ ବେତନ କମିଶନ ଆଧାରରେ ଦରମା ପ୍ରଦାନ କରିଛନ୍ତି। ସରକାରୀ ସ୍କୁଲ, କଲେଜ ଶିକ୍ଷକ ଓ କର୍ମଚାରୀ ୨୦୧୬ ଜାନୁୟାରୀ ପହିଲାରୁ ସପ୍ତମ ବେତନ କମିଶନଙ୍କ ସୁପାରିସ ଅନୁଯାୟୀ ବର୍ଦ୍ଧିତ ଦରମା ପାଉଛନ୍ତି। ମାତ୍ର ସରକାରୀ ଅନୁଦାନ ପରିସରଭୁକ୍ତ ହୋଇଥିବା ୬୬୨ ଓ ୪୮୮ ବର୍ଗର କଲେଜ ଅଧ୍ୟାପକ ଓ କର୍ମଚାରୀଙ୍କୁ ଏ ପର୍ଯ୍ୟନ୍ତ ସପ୍ତମ ବେତନ କମିଶନ ହାରରେ ଦରମା ମିଳିନାହିଁ। ଏହାକୁ ନେଇ ଅଧ୍ୟାପକ ଓ କର୍ମଚାରୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ସୂଚନା ଅନୁଯାୟୀ ଶୁକ୍ରବାର ଉଚ୍ଚଶିକ୍ଷା ବିଭାଗ ସଚିବଙ୍କ ଅଧ୍ୟକ୍ଷତାରେ ସପ୍ତମ ବେତନ କମିଶନ ହାରରେ ଦରମା ବୃଦ୍ଧି କରିବା ନେଇ ଉଭୟ ବର୍ଗ ସଂଘର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଦରମା ପ୍ରଦାନକୁ ନେଇ ଦେଖାଦେଇଥିବା ବିଭିନ୍ନ ସମସ୍ୟା ଉପରେ ଆଲୋଚନା ହୋଇ ସମାଧାନ ହୋଇଛି। ସପ୍ତମ ବେତନ କମିଶନ ହାରରେ ଦରମା ଦେବା ପାଇଁ ବିଭାଗ ପକ୍ଷରୁ ୩୬ କୋଟି ଟଙ୍କାର ଏକ ପ୍ରସ୍ତାବ ଅର୍ଥ ବିଭାଗକୁ ଦେବାକୁ ନିଷ୍ପତ୍ତି ହୋଇଛି। ଅର୍ଥ ବିଭାଗର ଅନୁମୋଦନ ପରେ ୨୦୨୦ ଜାନୁୟାରୀ ପହିଲାରୁ ସପ୍ତମ ବେତନ କମିଶନ ହାରରେ ଦରମା ପ୍ରଦାନ କରାଯିବ ବୋଲି ଜଣାପଡ଼ିଛି। ତେବେ ଅଧ୍ୟାପକ ଓ କର୍ମଚାରୀମାନଙ୍କ ଛୁଟିକୁ ନେଇ ଉଚ୍ଚମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ଜାରି କରାଯାଇଥିବା ବିଜ୍ଞପ୍ତିକୁ ନେଇ ଉଭୟ ବର୍ଗର କର୍ମକର୍ତ୍ତା ଆପତ୍ତି ଉଠାଇଥିଲେ। ସରକାରୀ କର୍ମଚାରୀଙ୍କ ଭଳି ସମସ୍ତ ଛୁଟି ବ୍ୟବସ୍ଥା ଲାଗୁ ହେବ ବୋଲି ୨୦୧୧ରେ ଉଚ୍ଚଶିକ୍ଷା ନିର୍ଦ୍ଦେଶାଳୟ ବିଜ୍ଞପ୍ତି ପ୍ରକାଶ କରିଥିଲା। ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ଏହାକୁ ଅଣଦେଖା କରିଛି। ପୂର୍ବ ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ଛୁଟି ବ୍ୟବସ୍ଥା ରହିବ ବୋଲି ଏଥିରେ ସହମତି ପ୍ରକାଶ ପାଇଛି। ଏହି ବୈଠକରେ ଉଭୟ ବର୍ଗରୁ ଗୋଲକ ନାୟକ, ଗଗନ ବେଉରା, ସଭାପଦ୍ଦୀନ ଅହମ୍ମଦ, ପବିତ୍ର ମହଲା ପ୍ରମୁଖ ଯୋଗଦେଇଥିଲେ।

ଧରିତ୍ରୀ DHARITRI CAREER APPOINTMENT ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385, 7894447169
Email : advt@dharitri.com

**ତୁରନ୍ତ ଆବଶ୍ୟକ**
କୁଲାଡ଼ ଅନୁଗୋଳସ୍ଥିତ ଫ୍ୟାସନ ବୁଟିକ୍‌ରେ କାମ କରିବା ପାଇଁ ଟେଲରିଂ ମାଷ୍ଟର ଓ ସିଲେଇ ସହାୟକ ଆବଶ୍ୟକ।
ଦରମା ଅଭିଜ୍ଞତା ଅନୁସାରେ
ଯୋଗାଯୋଗ: 7735732645

**URGENT REQUIRED**
A Guest House required following experience staffs only.
- Tourist Car Driver -5 Nos. (License with heavy badge)
- Accountant-cum-Cashier -1 No.
- Receptionist- -1 No (M/F).
- House Keeper -1 No.
Contact:- 9938329002 (11 AM to 4 PM)

**ଆବଶ୍ୟକ**
A Division of Furniture & Timber Unit.
ଡ୍ରାଇଭର- 2 Nos.
MANAGER - 2 Nos.
Qualification : Any Graduate.
Contact : 9692676868

ଭୁବନେଶ୍ୱରରେ ଘରୋଇ ଗାଡ଼ି ଚଳେଇବା ପାଇଁ ଡ୍ରାଇଭର ଆବଶ୍ୟକ (Married).
ଯୋଗାଯୋଗ: 9937203178

ସାଉଥ୍ ଆଫ୍ରିକାରେ ଇନ୍‌ଫ୍ରାଷ୍ଟ୍ରକ୍‌ଚର କନ୍‌ଷ୍ଟ୍ରକ୍‌ସନ୍, ହେଲପର୍, ଡ୍ରାଇଭର, ମେସନ, କାର୍ପେଣ୍ଟର, ଇଲେକ୍ଟ୍ରିସିଆନ, ଅପରେଟର ଏବଂ ସମସ୍ତ ପ୍ରକାର କାରିଗର ଆବଶ୍ୟକ।
ଦରମା- 40,000/-, ମଡର୍ଣ୍ଣ ଇଞ୍ଜିନିଅରିଂ (ଇଣ୍ଡିଆନ୍ ମ୍ୟାନେଜ୍‌ମେଣ୍ଟ କମ୍ପାନୀ)
କମଲ ପ୍ଲେସ୍‌ମେଣ୍ଟ
415, ରଙ୍ଗିଲା ପାର୍କ, ଡିନ୍‌ଦୋଲି, ସୁରତ୍, ଗୁଜୁରାଟ
9157012447, 9157312448

**PART / FULL TIME**
ଘରକାମ/ରୋଷେଇ/ରୋଗୀଙ୍କ ଯତ୍ନ/ଛୋଟପିଲାଙ୍କ ଯତ୍ନ ଏବଂ ଡ୍ରାଇଭର ଆବଶ୍ୟକ।
9090909300
9777010045

**ଆବଶ୍ୟକ**
ଭୁବନେଶ୍ୱର, କଟକ, ବ୍ରହ୍ମପୁର ପାଇଁ ଯୁବକ/ଯୁବତୀ ଆବଶ୍ୟକ।
ଯୋଗ୍ୟତା: 10th/ above. ବୟସ: (18-35)yrs. Monthly Salary upto Rs. 27000/-
Contact : 9938676412

**OFFICIALLY JOB**
ଯୋଗ୍ୟତା : ଦଶମ ପାସ୍/ଫେଲ, ବୟସ : (18-40)yrs.
Monthly salary upto Rs. 25,000/-
Contact : Immediately
Mob : 8763257042

**WANTED**
Sales Man for Dhenkanal Hindustan Jewellers, age must be 30-35. Walk-In-Interview with your Bio-data at HINDUSTAN JEWELLERS, Bhubaneswar, 27.01.2020 & 28.01.2020, time 11 A.M. to 5 P.M. Please Contact No.
9437033691

**SHREE SAI ASHRIBAD ENTERPRISES**
DEALS IN AGARBATI AND ALL CHEMICAL PRODUCTS REQUIRES DISTRIBUTORS & MARKETING EXECUTIVES FOR ALL DISTRICTS OF ODISHA.
Contact : 9938512002 8106029138

**Officially Staff**
For BBSR, CTC, Berhampur, Puri .
Qualification 10th above.
Salary upto Rs.25,000/-
M-9938699963

**WANTED**
Male Candidate having knowledge of computer typing and internet to work in xerox and internet shop.
Salary Rs.7500 to 10000
Walk-in with Bio-data
PRUDENT ONLINE, Badambadi New Lic Colony, Cuttack-753012
Mob: 9337273594

**ମାର୍ବଲ ଦୋକାନ ପାଇଁ ମାର୍କେଟିଙ୍ଗ୍ ମ୍ୟାନେଜର ଆବଶ୍ୟକ।**
ଭୁବନ, ଢେଙ୍କାନାଳ।
ଦରମା: ୧୦,୦୦୦ ରୁ ୧୫,୦୦୦ ଟଙ୍କା
ମାର୍ବଲ ମାର୍କେଟିଙ୍ଗ୍‌ରେ ୨ବର୍ଷର ଅଭିଜ୍ଞତା ଥିଲେ ଅଗ୍ରାଧିକାର ମିଳିବ।
ଯୋଗାଯୋଗ: 9777339411 8895455851

**REQUIRED**
Marketing Executive and Delivery Boy for Hardware Materials Company at Bhubaneswar.
Apply with C.V. in yashviagencies@hotmail.com
Contact No. 9090098989

**BANABASI SEVA SAMITI, DANGARIGUDA ( KALAHANDI) BRANCH**
Ph. 06846-243637, Web : www.banabasi.org
WANTED : Superintendent, Counselor, Child Welfare Officer, Paramedical Staff, Store Keeper-cum-Accountant for Children's Home (CCIs),Dangariguda, Kalahandi. Details may be download from website : www.banabasi.org
Last Date for submission of Application: 4.02.2020 (5 PM)
Sd/- Secretary

ଭୁବନେଶ୍ୱରଠାରେ ଜଣେ ବୟସ୍କ ବ୍ୟକ୍ତିଙ୍କ ଯତ୍ନ ନେବା ପାଇଁ **ପୁରୁଷ ସ୍ୱାସ୍ଥ୍ୟ ସହାୟକ (Male Medical Attendant)** ଆବଶ୍ୟକ। ନିମ୍ନଲିଖିତ ଦୈନନ୍ଦିନ କାର୍ଯ୍ୟରେ ସହାୟତା କରିବା ସହାୟକଙ୍କ ଦାୟିତ୍ୱ ହେବ - ଯଥା ସ୍ନାନ, ଶୌଚ, ହ୍ୱିଲ୍-ଚେୟାର୍‌ରେ ଘର ଭିତରେ ଚଳପ୍ରଚଳ କରାଇବା, ଖାଦ୍ୟ, ପାଣି ଓ ଔଷଧ ସେବନରେ ସାହାଯ୍ୟ କରିବା ଇତ୍ୟାଦି ।
କାର୍ଯ୍ୟ ସମୟ: ସକାଳ ୮ରୁ ସନ୍ଧ୍ୟା ୮ (ସୋମ-ଶନି), ସକାଳ ୮ରୁ ଦିନ ୧୨ (ରବି)
କାର୍ଯ୍ୟ ସ୍ଥାନ : ୟୁନିଟ୍ ୯, ଭୁବନେଶ୍ୱର
ସହାୟକ ଅତି କମ୍‌ରେ ମାଟ୍ରିକ ପାସ୍ କରିଥିବା ଆବଶ୍ୟକ। ଇଂରାଜୀରେ ମୌଳିକ ଦକ୍ଷତା ଓ ମୋବାଇଲ ଫୋନ୍‌ରେ ଖବର ପଠାଇବାର ସାମର୍ଥ୍ୟ ରହିଥିବା ଉଚିତ। ନର୍ସିଂ କିମ୍ବା ସେହିଭଳି ସ୍ୱାସ୍ଥ୍ୟ କ୍ଷେତ୍ରରେ ତାଲିମପ୍ରାପ୍ତ ତଥା ରୋଗୀଙ୍କ ଯତ୍ନ ନେବାରେ ପୂର୍ବ ଅଭିଜ୍ଞତା ଥିବା ବ୍ୟକ୍ତିଙ୍କୁ ପ୍ରାଧାନ୍ୟ ଦିଆଯିବ।
ବେତନ - ମାସିକ ୧୦୦୦୦ ଟଙ୍କା (ଯୋଗ୍ୟତା ଓ ଅଭିଜ୍ଞତା ଆଧାରରେ ବୃଦ୍ଧି କରାଯାଇପାରେ)। ଦିନରେ ଥରେ ନିରାମିଷ ଭୋଜନ ଦିଆଯିବ।
ଇଚ୍ଛୁକ ବ୍ୟକ୍ତି ଏହି ନମ୍ବରରେ ଯୋଗାଯୋଗ କରିପାରନ୍ତି: 0 8902061087 / 0 9748464894

**VIJAYA DIAGNOSTIC CENTRE**
India's Largest Comprehensive Diagnostic Network
Vijaya Diagnostic Centre is the Pioneers in diagnostic medicare with NABL & NABH accredited Labs and diagnostic centre spread across 12 Cities in India. We offer most comprehensive range of diagnostic services and equipped with the state-of-the-art equipment in diagnostic technology including 14 Numbers of 1.5 & 3.0 T high field MRI, 13 Numbers of 128 Slice CT, 4 Numbers of Dual Head SPECT Gamma Camera, one 16 Slice PET CT, more than 80 Numbers of USG and 70 Numbers of Digital X-ray in addition to highly specialized lab testing services including Flow Cytometry, RT-PCR DNA testing, Immunohistochemistry, Tumour Marker analysis, Hormonal Assays and more.
Hiring for Hyderabad Centres
We invite applications for Full Time/ Part Time Consultant Radiology
* MD/ DNB/ DMRD with 1-5 years post graduate experience with any reputed Hospital or Diagnostic center. Freshers also can be considered.
Vacancies also available for: Nandyal, Vizag, Kurnool, Nellore, Karimnagar, Hanumakonda, Warangal
Resumes to be forwarded to Careers@Vijayadiagnostic.in or reach out to +91 91 6060 5191

**WALK-IN-INTERVIEW ON**
08th & 09th FEBRUARY 2020 at 10:00 A.M
Venue :
GURUKUL INTERNATIONAL PUBLIC SCHOOL
GOODS SHED ROAD, LANJIPALLI, BERHAMPUR, GANJAM, ODISHA, PIN-760008 Affiliated to CBSE New Delhi, Affiliation No.1530283,
Contact : 9937885234, e-mail : info.gurukulinternational@gmail.com, website : www.gurukulinternational.net
Inviting Applications
for the following posts for Berhampur, Kabisurya Nagar, Khalikote, Digapahandi, Mendhrajpur (Ganjam), Phulbani & Nabarangpur.

| POST | SUBJECT & NO. OF VACANCIES | QUALIFICATIONS |
|---|---|---|
| TGT | English(10), Physics(10), Odia(7), Chemistry(10), Hindi(7), Social Science(10), Mathematics(10), Computer(7), Physical Education(7) | Master Degree or Graduation with B.Ed. for all subjects, Graduation with B.P.Ed for Physical Education teacher |
| PRT PRE-PRT | EVS(10), Mathematics(10), English(10), Hindi(7), Odia(7), Social Science(10), Computer(7) | Graduation with B.Ed./D.E.Ld (for PRT) NTT or Trained in Montessori (for pre-PRT) |
| RECEPTIONIST (FEMALE) (7) | Graduation with Computer Knowledge & Spoken English | |
| HOSTEL WARDEN (FEMALE) (7) | Graduation | |
| LIBRARIAN (7) | Bachelor Degree or Master Degree in Library Science | |
| DEALING ASSISTANT (7) | PGDCA, Good Hand in Official works | |
| BUS DRIVER (5) | Heavy Licence, Transport | |

Principal

ନୋଟିସ୍: ନିଯୁକ୍ତି ଓ କ୍ୟାରିୟର ପୃଷ୍ଠାରେ ଅନେକ ନିଯୁକ୍ତି ସମ୍ବନ୍ଧୀୟ ବିଜ୍ଞାପନ ପ୍ରକାଶ ପାଉଛି। ସମସ୍ତ ବିଜ୍ଞାପନ ବା ବିଜ୍ଞାପନଦାତାଙ୍କ ସତ୍ୟାସତ୍ୟ ଅନୁସନ୍ଧାନ କରିବା ଆମ ପକ୍ଷରେ ସମ୍ଭବପର ନୁହେଁ। ତେଣୁ ଯେଉଁ ବିଜ୍ଞାପନକୁ ଦେଖି ଆପଣ ଆବେଦନ କରୁଛନ୍ତି ବା ପରବର୍ତ୍ତୀ ସମୟରେ କୌଣସି ସମ୍ପର୍କ ସ୍ଥାପନ କରୁଛନ୍ତି ତାହା କରିବା ବେଳେ ନିଜର ବିବେକ, ବୁଦ୍ଧି ଖଟାଇ କରନ୍ତୁ। ବିଜ୍ଞାପନକାରୀ କମ୍ପାନୀ ପକ୍ଷରୁ ଅର୍ଥ ଦାବି କରାଗଲେ ତାହା ଦେବା ପୂର୍ବରୁ ନିଜ ସ୍ତରରେ ଅନୁସନ୍ଧାନ କରନ୍ତୁ। କୌଣସି ଅର୍ଥ ନେଣଦେଣ ପାଇଁ ‘ଧରିତ୍ରୀ’ ଦାୟୀ ରହିବ ନାହିଁ।

## ସଂକ୍ଷେପରେ

### ଧର୍ମଘଟ ଯୋଗୁ ପ୍ରଭାବିତ ହେବ ବ୍ୟାଙ୍କ କାରବାର




**ମୁମ୍ବାଇ,୨୪-୧:** ୩୧ ଜାନୁୟାରୀଠାରୁ ଆରମ୍ଭ ହେଉଥିବା ୨ ଦିନିଆ ଦେଶ ବ୍ୟାପୀ ବ୍ୟାଙ୍କ ଧର୍ମଘଟ ଯୋଗୁ ବ୍ୟାଙ୍କିଙ୍ଗ୍ କାରବାର ପ୍ରଭାବିତ ହେବାର ଆଶଙ୍କା ଉପୁଜିଛି। ଏହି ସମୟରେ ବ୍ୟାଙ୍କିଙ୍ଗ ସେବା ପ୍ରଭାବିତ ହୋଇପାରେ ବୋଲି ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ ଏସ୍‌ବିଆଇ ପକ୍ଷରୁ ଶୁକ୍ରବାର ସୂଚନା ଦିଆଯାଇଛି। ଧର୍ମଘଟ ସମୟରେ ବ୍ୟାଙ୍କ କାର୍ଯ୍ୟାଳୟ ଏବଂ ଶାଖାଗୁଡ଼ିକର କାର୍ଯ୍ୟସ୍ଥିତି ଯେଭଳି ସ୍ୱାଭାବିକ ରହେ ସେ ଦିଗରେ ଉଦ୍ୟମ କରାଯିବ ବୋଲି ବ୍ୟାଙ୍କ ପକ୍ଷରୁ ସୂଚନା ରହିଛି। ବେତନ ସଂଶୋଧନ ନେଇ ସରକାରଙ୍କ ସହ ଆଲୋଚନା ବିଫଳ ହେବା ଯୋଗୁ ବ୍ୟାଙ୍କ ସଙ୍ଗଠନଗୁଡ଼ିକ ପକ୍ଷରୁ ଏହି ଧର୍ମଘଟ ଡାକରା ଦିଆଯାଇଛି।

### ୧୦% କମିପାରେ ପ୍ରତ୍ୟକ୍ଷ ଟିକସ ସଂଗ୍ରହ




**ନୂଆଦିଲ୍ଲୀ,୨୪-୧:** ଚଳିତ ଆର୍ଥିକ ବର୍ଷରେ ପ୍ରତ୍ୟକ୍ଷ ଟିକସ ବାବଦ ସଂଗ୍ରହ ୧୦% କମିପାରେ। ଦେଶର କର୍ପୋରେଟ ଏବଂ ଆୟକର ସଂଗ୍ରହ ଗତ ୨ ଦଶନ୍ଧି ମଧ୍ୟରେ ପ୍ରଥମ ଥର କମିପାରେ ବୋଲି ରୟଟର୍ସକୁ ପ୍ରାୟ ୧୨ ବରିଷ୍ଠ ଟିକସ ଅଧିକାରୀ ସୂଚନା ଦେଇଛନ୍ତି। କର୍ପୋରେଟ ଆୟକର ହ୍ରାସ ଏବଂ ଅର୍ଥନୈତିକ ଅଭିବୃଦ୍ଧି କମିବା ଯୋଗୁ ଏଭଳି ସ୍ଥିତି ଉପୁଜିବାର ବିଶେଷ ସମ୍ଭାବନା ରହିଛି। ମାର୍ଚ୍ଚ ୩୧ ସୁଦ୍ଧା ପ୍ରତ୍ୟକ୍ଷ ଟିକସ ବାବଦକୁ ୧୩.୫ ଲକ୍ଷ କୋଟି ଟଙ୍କାର ରାଜସ୍ୱ ସଂଗ୍ରହ କରିବା ନେଇ ଲକ୍ଷ୍ୟ ରହିଛି। ଏହା ପୂର୍ବ ଆର୍ଥିକ ବର୍ଷ ତୁଳନାରେ ପ୍ରାୟ ୧୭% ଅଧିକ। ଚାହିଦା କମିବାରୁ ଏହା ବ୍ୟାପାର ଉପରେ ପ୍ରଭାବ ପକାଇଛି। ଏହା ଫଳରେ କମ୍ପାନୀଗୁଡ଼ିକ ନିବେଶ ଏବଂ ନିଯୁକ୍ତି କମାଇଛନ୍ତି। ଜାନୁୟାରୀ ଶେଷ ସୁଦ୍ଧା ଟିକସ ବିଭାଗ ୭.୩ ଲକ୍ଷ କୋଟି ରାଜସ୍ୱ ସଂଗ୍ରହ କରିଛି। ଗତ ଆର୍ଥିକ ବର୍ଷ ସମାନ ସମୟ ତୁଳନାରେ ରାଜସ୍ୱ ଆଦାୟ ୫.୫% କମିଛି। ଚଳିତ ବର୍ଷ ଟିକସ ସଂଗ୍ରହ ୧୧.୫ ଲକ୍ଷ କୋଟି ଟଙ୍କାରୁ କମିବ ବୋଲି ଅଧିକାରୀ କହିଛନ୍ତି।

> ପତଞ୍ଜଳିକୁ ଆଗାମୀ ୫ ବର୍ଷରେ ପ୍ରାୟ ୧ ଲକ୍ଷ କୋଟି ଟଙ୍କାର କାରବାର ସହ ଦେଶର ସର୍ବ ବୃହତ୍ ଏଫ୍‌ଏମ୍‌ସିଜି କମ୍ପାନୀ କରିବାକୁ ଲକ୍ଷ୍ୟ ରହିଛି।
> – ବାବା ରାମଦେବ, ପ୍ରତିଷ୍ଠାତା ପତଞ୍ଜଳି ଆୟୁର୍ବେଦ



> ବିଶ୍ୱ ସ୍ତରରେ ଡଲାରର ପ୍ରଭାବ କମ୍ କରିବାକୁ ହେଲେ ଏକ ସ୍ଥିର ଭରସାଯୋଗ୍ୟ ମୁଦ୍ରା ଆବଶ୍ୟକ।
> – ଗୀତା ଗୋପିନାଥ, ମୁଖ୍ୟ ଅର୍ଥନୀତିଜ୍ଞ, ଆଇଏମ୍‌ଏଫ୍



# ଶୀଘ୍ର ଅଭିବୃଦ୍ଧି ପଥକୁ ଫେରିବ ଭାରତ

**ଡାଭୋସ,୨୪-୧**




- ମାନ୍ଦାବସ୍ଥା ଅସ୍ଥାୟୀ
- ବିତ୍ତୀୟ ନୀତି, ଢାଞ୍ଚାଗତ ସୁଧାର ଆଣିବାକୁ ପରାମର୍ଶ
- ୫% ରହିବ ଭାରତର ବିକାଶ ହାର

ମାନ୍ଦାବସ୍ଥା ଦେଇ ଗତି କରୁଥିବା ଭାରତୀୟ ଅର୍ଥ ବ୍ୟବସ୍ଥା ଲାଗି ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି(ଆଇଏମ୍‌ଏଫ୍) ଶୁକ୍ରବାର ଆଶ୍ୱସ୍ତିଭରା ଖବର ଆଣିଛି। ଭାରତରେ ଲାଗି ରହିଥିବା ମାନ୍ଦାବସ୍ଥା ଅସ୍ଥାୟୀ। ଶୀଘ୍ର ଘରୋଇ ଅର୍ଥ ବ୍ୟବସ୍ଥା ଅଭିବୃଦ୍ଧି ପଥକୁ ଫେରିବ। ସ୍ୱିଜରଲାଣ୍ଡର ଡାଭୋସଠାରେ ଚାଲିଥିବା ୱାର୍ଲଡ ଇକୋନୋମିକ ଫୋରମ (ଡବ୍ଲ୍ୟୁଇଏଫ)ର ବାର୍ଷିକ ସମ୍ମିଳନୀରେ ଯୋଗଦେଇ ଆଇଏମ୍‌ଏଫ୍‌ର ପରିଚାଳନା ନିର୍ଦ୍ଦେଶିକା କ୍ରିଷ୍ଟାଲିନା ଜର୍ଜିଓ୍ୱା ଏହି ସୂଚନା ଦେଇଛନ୍ତି।

ସେ କହିଛନ୍ତି ଯେ, ବିଶ୍ୱ ଆର୍ଥିକ ସ୍ଥିତିକୁ ନେଇ ଆଇଏମ୍‌ଏଫ୍ ୨୦୧୯ ଅକ୍ଟୋବରରେ ଯେଉଁ ପୂର୍ବାନୁମାନ କରିଥିଲା ସେହି ତୁଳନାରେ ୨୦୨୦ ଜାନୁୟାରୀରେ ବିଶ୍ୱର ଅର୍ଥ ବ୍ୟବସ୍ଥା ଉନ୍ନତ ସ୍ଥିତିରେ ରହିଛି। ଚଳିତ ଆର୍ଥିକ ବର୍ଷ ତୃତୀୟ ତ୍ରୈମାସରେ ଭାରତର ବିକାଶ ହାର ୪.୫%କୁ ଖସିଛି। ଏହା ସାଢେ ୬ ବର୍ଷ ମଧ୍ୟରେ ସର୍ବନିମ୍ନ ସ୍ତର। ଏଭଳି ସ୍ଥିତିରେ ବିଶ୍ୱ ଅର୍ଥ ବ୍ୟବସ୍ଥାରେ ୩.୩% ବିକାଶ ହାର ଆଖିଦୃଶିଆ ନୁହେଁ। ଅଭିବୃଦ୍ଧିଶୀଳ ଅର୍ଥ ବ୍ୟବସ୍ଥାଗୁଡ଼ିକ ଏବେ ଅଗ୍ରଗତି କରୁଥିବା ସେ ମତ ରଖିଛନ୍ତି। ମାତ୍ର ଅର୍ଥ ବ୍ୟବସ୍ଥାରେ ମାନ୍ଦାବସ୍ଥା ଏବେ ବି ଲାଗିରହିଛି। ବିତ୍ତୀୟ ନୀତି ଏବଂ ଢାଞ୍ଚାଗତ ସୁଧାର ଉପରେ ଦେଶଗୁଡ଼ିକ ଅଧିକ ପଦକ୍ଷେପ ନେବାର ଆବଶ୍ୟକତା ଉପରେ ସେ ଗୁରୁତ୍ୱ ଦେଇଛନ୍ତି।

ଆଗାମୀ ଦିନଗୁଡ଼ିକରେ ଭାରତୀୟ ଅର୍ଥ ବ୍ୟବସ୍ଥା ତ୍ୱରିତ ହେବା ନେଇ ଆଶାବାଦୀ ଥିବା ସେ ମତ ରଖିଛନ୍ତି। ଇଣ୍ଡୋନେସିଆ ଏବଂ ଭିଏତନାମ ଭଳି ଦେଶର ବିକାଶ ହାର ଚମକିବା ସ୍ଥିତିକୁ ଫେରିଛି। କିଛି ଆଫ୍ରିକୀୟ ଦେଶ ଭଲ ପ୍ରଦର୍ଶନ କରୁଥିବା ବେଳେ ମେକ୍ସିକୋ ଭଳି ଦେଶର ବିକାଶ ହାରରେ କୌଣସି ସୁଧାର ଆସିନାହିଁ। ଏବେ ବିଶ୍ୱର ବିଭିନ୍ନ ଦେଶ ଆର୍ଥିକ ଚ୍ୟାଲେଞ୍ଜ ସ୍ଥିତି ଆଡକୁ ଗତି କରୁଥିବା ସେ ମତ ରଖିଛନ୍ତି। ସୂଚନା ଯୋଗ୍ୟ, ଚଳିତ ଆର୍ଥିକବର୍ଷ ଲାଗି ଭାରତର ବିକାଶ ହାର ୫% କିମ୍ବା ଏହାର ନିକଟବର୍ତ୍ତୀ ରହିବ ବୋଲି ଅନେକ ଅନ୍ତର୍ଜାତୀୟ ଏଜେନ୍ସି କହିଛନ୍ତି। ଏହା ମଧ୍ୟରେ ଆଇଏମ୍‌ଏଫ୍, ଜାତିସଂଘ, ଫିଚ୍ ସହ ଅନ୍ୟ କେତେକ ଏଜେନ୍ସି ରହିଛନ୍ତି।

### ଅଧିକ ଢାଞ୍ଚାଗତ ସଂସ୍କାର ଲୋଡା: ଶକ୍ତିକାନ୍ତ



**ମୁମ୍ବାଇ,୨୪-୧:** ଆର୍ଥିକ ବର୍ଷ ୨୦୨୦-୨୧ ଲାଗି ସାଧାରଣ ବଜେଟ ଆସିବାକୁ ଆଉ ଗୋଟିଏ ସପ୍ତାହ ବାକି ରହିଛି। ଦେଶର ଜିଡିପି ଅଭିବୃଦ୍ଧିକୁ ବଢାଇବା ଲାଗି ଅଧିକ ଢାଞ୍ଚାଗତ ସଂସ୍କାର ଲୋଡା। ଏହା ହେଲେ ଚାହିଦା ବୃଦ୍ଧିରେ ସହାୟକ ହେବ। କେବଳ ମୁଦ୍ରାନୀତି ପଦକ୍ଷେପ ଦ୍ୱାରା ଲକ୍ଷ୍ୟ ହାସଲ କରିବା କଷ୍ଟକର ବୋଲି ଶକ୍ତିକାନ୍ତ ଦାସ ଶୁକ୍ରବାର ସେଣ୍ଟ ଷ୍ଟିଫେନ୍ସ କଲେଜର ଏକ କାର୍ଯ୍ୟକ୍ରମରେ ଏହା କହିଛନ୍ତି। ଆସନ୍ତା ବଜେଟ ଫେବୃୟାରୀ ପହିଲା (ଶନିବାର)ରେ ଉପସ୍ଥାପନ ହେବ। ଏବେ ନୋମିନାଲ ଜିଡିପି ୪୮ ବର୍ଷର ସର୍ବନିମ୍ନ ସ୍ତର ଏବଂ ପ୍ରକୃତ ଜିଡିପି ଅଭିବୃଦ୍ଧି ୧୧ ବର୍ଷର ସର୍ବନିମ୍ନ ସ୍ତର ୫%କୁ ଖସିବ ବୋଲି ସରକାର ଆକଳନ କରିଛନ୍ତି।

# ସିଭି ରମଣରେ ବିଦ୍ୟାନ୍ତ୍ରିକ ୨୦୨୦

**ଭୁବନେଶ୍ୱର,୨୪-୧**



ସିଭି ରମଣ ଇଞ୍ଜିନିୟରିଂ କଲେଜରେ ଜାତୀୟ ଟେକ୍ ଫେଷ୍ଟ ବିଦ୍ୟାନ୍ତ୍ରିକ ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ରାଜ୍ୟର ବିଭିନ୍ନ କଲେଜରୁ ୫୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଯୋଗ ଦେଇଛନ୍ତି। ରୋବଟିକ୍ସ, ହାକାଥନ, ଅଷ୍ଟେଲଙ୍ଗ, ଟେକ୍ ବକ୍ସ ଭଳି ପ୍ରତିଯୋଗିତା ଏହି ଅବସରରେ ଅନୁଷ୍ଠିତ ହେବ। ମଣିପାଲ ଗ୍ଲୋବାଲ ଏଜୁକେଶନ ସର୍ଭିସ ଏବଂ ଆରିନ କ୍ୟାପିଟାଲ୍ ପାର୍ଟନରର ଅଧ୍ୟକ୍ଷ ଟିଭି ମୋହନଦାସ ପାଇ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଛନ୍ତି। ୱିନିଂ ଇନ ଏ ଡିଜିଟାଲ ୱାର୍ଲଡ ଏବଂ ଇଣ୍ଡିଆ ୨୦୩୦ ବିଷୟ ବସ୍ତୁ ଉପରେ ପାଇ ଅଭିଭାଷଣ ରଖିଥିଲେ। ୨୦୩୦ ସୁଦ୍ଧା ନୂଆ ଟେକ୍ନୋଲୋଜି ଷ୍ଟାର୍ଟଅପ୍ ପ୍ରତିଷ୍ଠା ଦ୍ୱାରା ଭାରତ ୧୦ ଟ୍ରିଲିୟନ ଡଲାର ଅର୍ଥନୀତି ହୋଇ ପାରିବ ବୋଲି ସେ ଆଶାବ୍ୟକ୍ତ କରିଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ସେ ପୁରସ୍କୃତ କରିଥିଲେ। ନୂଆ ଟେକ୍ନୋଲୋଜି ଉପରେ କଲେଜର ଚେୟାରମ୍ୟାନ ସଞ୍ଜୀବ କୁମାର ରାଉତ ମତ ରଖିଥିଲେ। ଏଥିରେ କଲେଜ ଅଧ୍ୟକ୍ଷ ଭବେଶ ଭଟ୍ଟାଚାର୍ଯ୍ୟଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

### ଚାପଗ୍ରସ୍ତ ଖଣି କ୍ଷେତ୍ର ଯୋଗୁ ଜୀବନଜୀବିକା ପ୍ରଭାବିତ

**ଭୁବନେଶ୍ୱର,୨୪-୧**

ଦେଶରେ ଖଣି କ୍ଷେତ୍ରରେ ପଡୁଥିବା ଚାପ ଯୋଗୁ ଜୀବନ ଜୀବିକାରେ ବାଧା ସୃଷ୍ଟି ହେଉଛି। ଫୋରମ ଫର ଇଣ୍ଟିଗ୍ରେଟେଡ ଡେଭଲପମେଣ୍ଟ ଆଣ୍ଡ ରିସର୍ଚ୍ଚ (ଏଫ୍‌ଆଇଡିଆର) ରିପୋର୍ଟରେ ଏହା ପ୍ରକାଶ ପାଇଛି। ମାଇନିଂ ଏ ପ୍ରୁଡେଣ୍ଟ ପ୍ରସପେକ୍ଟିଭ ନାମକ ଏହି ରିପୋର୍ଟରେ ଓଡିଶା ସମେତ ଗୋଆ, ଛତିଶଗଡ, ଝାଡଖଣ୍ଡ, କର୍ନାଟକରେ ସର୍ଭେ କରାଯାଇଛି। ସର୍ଭେରେ ସବୁ ବର୍ଗ ଲୋକଙ୍କୁ ସାମିଲ କରାଯାଇଥିଲା। ଖଣି କ୍ଷେତ୍ରରେ ଲାଗି ରହିଥିବା ଅସ୍ଥିରତା ସେଠାରେ କାର୍ଯ୍ୟରତ ଲୋକଙ୍କ ଜୀବନ ଶୈଳୀକୁ ପ୍ରଭାବିତ କରିବା ସହ ସେମାନଙ୍କ ପରିବାରର ଜୀବନ ଜୀବିକା ଉପରେ ନକାରାତ୍ମକ ପ୍ରଭାବ ପକାଇଛି।

# ବିଏସ୍-୬ ଟୁହ୍ୱିଲର୍ସ ବିକ୍ରିରେ ହୋଣ୍ଡାର ରେକର୍ଡ

**ଭୁବନେଶ୍ୱର,୨୪-୧**



ହୋଣ୍ଡା ମୋଟର ସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ ଲିମିଟେଡ(ଏଚ୍‌ଏମ୍‌ଏସ୍‌ଆଇ) ଦେଶ ମଧ୍ୟରେ ବିଏସ୍-୬ ଟୁହ୍ୱିଲର୍ସ ବିକ୍ରିରେ ରେକର୍ଡ ହାସଲ କରିଛି। କମ୍ପାନୀ ବିଏସ୍-୬ ଇଞ୍ଜିନ ବର୍ଗରେ ଆକ୍ଟିଭା ୧୨୫, ଏସ୍‌ପି ୧୨୫ ଏବଂ ଆକ୍ଟିଭା ୬ଜି ବଜାରକୁ ଛାଡିଛି। ଏହି ମଡେଲଗୁଡ଼ିକର ୧ ଲକ୍ଷ ୟୁନିଟ୍ ଯାନ କମ୍ପାନୀ ବିକ୍ରି କରିଛି। ପ୍ରଥମ ଟୁହ୍ୱିଲର୍ସ କମ୍ପାନୀ ଭାବେ ଏହି ବିକ୍ରି ରେକର୍ଡ ହାସଲ କରିବାକୁ ହୋଣ୍ଡା ସକ୍ଷମ ହୋଇଛି। ଏପ୍ରିଲ ୧ ୨୦୨୦ରେ ସାରା ଦେଶରେ ବିଏସ୍-୬ ମାନକ ବାଧ୍ୟତାମୂଳକ ଲାଗୁ କରାଇବା ଲାଗି ସରକାର ଲକ୍ଷ୍ୟ ରଖିଛନ୍ତି। ଏହା ବର୍ତ୍ତମାନ ସୁଦ୍ଧା ଏହି ବର୍ଗରେ ୩ ମଡେଲ ବଜାରରେ ଉପଲବ୍ଧ କରାଇଛି। ଧାର୍ଯ୍ୟ ସମୟର ୬ ମାସ ପୂର୍ବରୁ ପ୍ରଡକ୍ଟ ପ୍ରସ୍ତୁତି କରିବା ସହ ଉପଲବ୍ଧ କରାଇଥିବା ହୋଣ୍ଡାର ବିକ୍ରି ଓ ମାର୍କେଟିଂ ବରିଷ୍ଠ ଉପସଭାପତି ଯଦବିନ୍ଦର ସିଂ ଗୁଲେରିଆ କହିଛନ୍ତି।

# ରିଲାଏନ୍ସର ଡିଜିଟାଲ ଇଣ୍ଡିଆ ସେଲ୍

**ଭୁବନେଶ୍ୱର,୨୪-୧**

ସାଧାରଣତନ୍ତ୍ର ଦିବସ ଲାଗି ରିଲାଏନ୍ସ ଡିଜିଟାଲ ପକ୍ଷରୁ ଡିଜିଟାଲ ଇଣ୍ଡିଆ ସେଲ୍ ସମ୍ପର୍କରେ ଘୋଷଣା କରାଯାଇଛି। ଏହା ଚଳିତ ମାସ ୨୬ ତାରିଖ ଯାଏ ଚାଲିବ। ସାରା ଦେଶରେ ଥିବା ଷ୍ଟୋରଗୁଡ଼ିକରେ ଗ୍ରାହକ ଏହି ଅଫରର ଲାଭ ନେଇ ପାରିବେ। ବିଭିନ୍ନ ଇଲେକଟ୍ରୋନିକ୍ସ ସାମଗ୍ରୀ ଉପରେ ଗ୍ରାହକ ଆକର୍ଷଣୀୟ ଡିଲ ଏବଂ କ୍ୟାଶବ୍ୟାକ ଲାଭ କରିପାରିବେ। ନିର୍ଦ୍ଦିଷ୍ଟ ବର୍ଗ କ୍ରୟରେ ୨୬% କ୍ୟାଶବ୍ୟାକ, ୧୦% ମଲ୍ଟି ବ୍ୟାଙ୍କ କ୍ୟାଶବ୍ୟାକ, ରିଲାଏନ୍ସ ଡିଜିଟାଲର ୧୬% କ୍ୟାଶବ୍ୟାକ ଉପଲବ୍ଧ। ରିଲାଏନ୍ସ ଡିଜିଟାଲ, ମାଇ ଜିଓ ଷ୍ଟୋର, ରିଲାଏନ୍ସ ଡିଜିଟାଲ ଡଟ୍ ଇନରୁ ସାମଗ୍ରୀ କ୍ରୟରେ ଏହି ଅଫର ଉପଲବ୍ଧ ହେବ।

# ବିଗ୍‌ବଜାର ଦେଉଛି ଆକର୍ଷଣୀୟ ରିହାତି

**ଭୁବନେଶ୍ୱର,୨୪-୧**




ଫ୍ୟୁଚର ଗ୍ରୁପର ପ୍ରମୁଖ ଷ୍ଟୋର ବିଗ୍ ବଜାର ପକ୍ଷରୁ ସବ୍‌ସେ ଶସ୍ତେ ୫ ଦିନ ଅଫର ଏବେ ଚାଲୁ ରହିଛି। ଆସନ୍ତା ୨୬ ତାରିଖ ଯାଏ ଏହି ଅଫରର ଲାଭ ଗ୍ରାହକମାନେ ବିଗ୍ ବଜାର ଷ୍ଟୋରଗୁଡ଼ିକରେ ଉଠାଇ ପାରିବେ। ଏହି ଅଫର୍‌ରେ କମ୍ପାନୀ ଗ୍ରାହକଙ୍କୁ ଆକର୍ଷଣୀୟ ରିହାତି ପ୍ରଦାନ କରୁଛି। ଫ୍ୟାଶନ ଉପରେ ଫ୍ଲାଟ ୫୦% ରହିଛି। ସେହିଭଳି ଫୁଡ ଏବଂ ଗ୍ରୋସରିରେ ବାଏ ୨ ଗେଟ୍ ୧, ରୁପେ କାର୍ଡରେ ଅତିରିକ୍ତ ୧୦% ରିହାତି ଦିଆଯାଉଛି। ୫୯୯ ଟଙ୍କାର ଲେଡିଜ କୁର୍ତ୍ତି ଅଫର ମୂଲ୍ୟରେ ୨୯୯ ଟଙ୍କାରେ ମିଳୁଛି। ୨୯୯ ଟଙ୍କାର କିଡସ ଟି-ଶାର୍ଟ ୧୪୯ ଟଙ୍କା, ୫୯୯ ଟଙ୍କାର ପୁରୁଷଙ୍କ ଡେନିମ ୩୯୯ ଟଙ୍କାରେ, ୪୯୯୯ ଟଙ୍କାରେ କିଚେନ କମ୍ବୋ ସେଟ୍, ୨୯୯୯ ଟଙ୍କାରେ ଡାଇନିଂ କମ୍ବୋ ସେଟ, ୩୯,୯୯୦ ଟଙ୍କାର ୪୩ ଇଞ୍ଚ କରୟୋ ଟେଲିଭିଜନ ଅଫର ମୂଲ୍ୟରେ ୧୪,୯୯୯ ଟଙ୍କାରେ, ନିର୍ଦ୍ଦିଷ୍ଟ ବର୍ଗର ଟ୍ରଲି ବ୍ୟାଗ ଉପରେ ୭୦% ଫ୍ଲାଟ ଅଫର ରହିଛି। ଚଳିତ ବର୍ଷ ଅଫର୍‌କୁ ଆହୁରି ସ୍ୱତନ୍ତ୍ର କରି ପ୍ରସ୍ତୁତ କରାଯାଇଥିବା ବିଗ୍ ବଜାର ସିଇଓ ସଦାଶିବ ନାୟକ ସୂଚନା ଦେଇଛନ୍ତି।

### ୧ କୋଟି ମର୍ଚ୍ଚାଣ୍ଟଙ୍କ ନିକଟରେ ପହଞ୍ଚିବ ମାଷ୍ଟରକାର୍ଡ

**ଭୁବନେଶ୍ୱର,୨୪-୧:** ଡିଜିଟାଲ ପେମେଣ୍ଟକୁ ପ୍ରୋତ୍ସାହନ ପୂର୍ବକ ପ୍ରମୁଖ କମ୍ପାନୀ ମାଷ୍ଟର କାର୍ଡ ସାରା ଦେଶରେ ଟିମ୍ କ୍ୟାଶଲେସ ଇଣ୍ଡିଆ ଅଭିଯାନ ଆରମ୍ଭ କରିଛି। ଏହା ଦ୍ୱାରା କମ୍ପାନୀ ଚଳିତ ବର୍ଷ ଶେଷ ସୁଦ୍ଧା ୧ କୋଟି ମର୍ଚ୍ଚାଣ୍ଟଙ୍କ ନିକଟରେ ପହଞ୍ଚିବାକୁ ଲକ୍ଷ୍ୟ ରଖିଛି। ଗତ ସେପ୍ଟେମ୍ବରରେ ଏହି ଅଭିଯାନକୁ କମ୍ପାନୀ ଆରମ୍ଭ କରିଥିବା ବେଳେ ବର୍ତ୍ତମାନ ପ୍ରାୟ ୭୦ ଲକ୍ଷ ମର୍ଚ୍ଚାଣ୍ଟଙ୍କ ନିକଟରେ ପହଞ୍ଚିଥିବା ଏହାର ଦକ୍ଷିଣ ଏସିଆ ପ୍ରଡକ୍ଟ ପରିଚାଳନା ଉପସଭାପତି ଅମନ ଆହୁଜା ସୂଚନା ଦେଇଛନ୍ତି। ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ସେ କହିଛନ୍ତି, କନଫେଡେରେଶନ ଅଫ ଅଲ୍ ଇଣ୍ଡିଆ ଟ୍ରେଡର୍ସ (ସିଏଆଇଟି) ସହ ଚୁକ୍ତିରେ ସାମିଲ ହୋଇଛୁ। ମର୍ଚାଣ୍ଟଙ୍କୁ ଡିଜିଟାଲ ନେଣଦେଣ ଗ୍ରହଣ ଦିଗରେ ପ୍ରୋତ୍ସାହିତ କରାଯାଉଛି। ଏଥି ଲାଗି ସାରା ଦେଶରେ ରୋଡ ଶୋ ଆୟୋଜନ ହେଉଛି। ଭୁବନେଶ୍ୱର ୟୁନିଟ -୧ ମାର୍କେଟ ଏବଂ ବାପୁଜୀ ନଗରରେ ଏଭଳି ରୋଡ ଶୋ ଆୟୋଜନ କରାଯାଇଛି। ଡିଜିଟାଲ ପେମେଣ୍ଟ ବୃଦ୍ଧି ଉପରେ ସୂଚନା ଦେଇ ସେ କହିଛନ୍ତି, ବିମୁଦ୍ରୀକରଣ ପରେ ବଡ ସହର ସମେତ ଟାୟାର ୨ ସହରଗୁଡ଼ିକରେ ଡିଜିଟାଲ କାରବାର ଉଲ୍ଲେଖନୀୟ ଅଭିବୃଦ୍ଧି ହୋଇଛି। ଜାତୀୟ ହାର ତୁଳନାରେ ଓଡିଶା ଏ କ୍ଷେତ୍ରରେ ଭଲ ଅଭିବୃଦ୍ଧି କରୁଛି। ଡିଜିଟାଲ ପେମେଣ୍ଟ ଲାଗି କମ୍ ଖର୍ଚ୍ଚରେ ଡିଭାଇସ ପ୍ରଦାନ, ତାମିଲନାଡୁରେ ଇରାଇଡୁ ଆପ ଦ୍ୱାରା ଡିଜିଟାଲ ନେଣଦେଣ ପଦକ୍ଷେପ ଏବଂ ବିହେବିୟରାଲ ବାୟୋମେଟ୍ରିକ ଭିତ୍ତିକ ଟେକ୍ନୋଲୋଜି ଭାରତରେ ଆଣିବାକୁ ପଦକ୍ଷେପ ନିଆଯାଉଥିବା ସେ ସ୍ପଷ୍ଟ କରିଛନ୍ତି।



### ଡ୍ୟୁକ୍‌ର ନୂଆ ସ୍ପୋର୍ଟ୍ସ ସୁ କଲେକ୍ସନ

**ଭୁବନେଶ୍ୱର,୨୪-୧:** ଡ୍ୟୁକ୍ ଫ୍ୟାଶନ୍ସ ଲିମିଟେଡ ପକ୍ଷରୁ ନୂଆ ସ୍ପୋର୍ଟ୍ସ ସୁ' ବଜାରକୁ ଆସିଛି। ଏଥିରେ ଗ୍ରାହକ ଷ୍ଟାଇଲ ଏବଂ ଅତ୍ୟାଧୁନିକ ମଡର୍ନ ଟେକ୍ନୋଲୋଜି ପ୍ରଡକ୍ଟ ଲାଭ କରିପାରିବେ। ଏହି ପ୍ରିମିୟମ ଫୁଟୱେର କଲେକ୍ସନ ଅନ୍ତର୍ଜାତୀୟ ଫ୍ୟାଶନ ଏବଂ ଟ୍ରେଣ୍ଡକୁ ଆଧାର କରି ପ୍ରସ୍ତୁତ କରାଯାଇଛି। ଏହି ପ୍ରଡକ୍ଟକୁ ଉଚ୍ଚ ଗୁଣବତ୍ତା ବିଶିଷ୍ଟ ମାଟେରିଆଲରେ ପ୍ରସ୍ତୁତ କରାଯାଇଛି। ଏଥିରେ ଫାଇଲନ ରବର ସୁ ରହିଛି ଯାହା ପାଦକୁ ଆରାମ ପ୍ରଦାନ କରିବ। ଏହି ସୁ'ର ବଜାର ଦର ୧୦୪୯ ଟଙ୍କାରୁ ୩୪୯୯ ଟଙ୍କା ରହିଛି। ଗ୍ରାହକଙ୍କ ପରିବର୍ତ୍ତିତ ଆବଶ୍ୟକତାକୁ ବିଚାର କରି ଷ୍ଟାଇଲ ଏବଂ ଗୁଣବତ୍ତା ପ୍ରଡକ୍ଟ ଯୋଗାଣ ଦିଗରେ ଧ୍ୟାନ କେନ୍ଦ୍ରିତ କରିଥିବା କମ୍ପାନୀର ନିର୍ଦ୍ଦେଶକ କୁନ୍ତଲ ରାଜ ଜୈନ ସୂଚନା ଦେଇଛନ୍ତି। ଟ୍ରେଣ୍ଡ, ଷ୍ଟାଇଲ ଏବଂ ଡିଜାଇନକୁ ପ୍ରାଥମିକତା ଦେଉଥିବା ଗ୍ରାହକଙ୍କୁ ଏହା ପସନ୍ଦ ଆସିବ ବୋଲି ସେ ମତ ଦେଇଛନ୍ତି।



Phone-06842-253708
E-mail: rw_phulbani@yahoo.co.in

**GOVERNMENT OF ODISHA**
**OFFICE OF THE EXECUTIVE ENGINEER**
**RURAL WORKS DIVISION, PHULBANI**

No.239...RWDP — Dated the 20.01.2020

**Government of Odisha e-Procurement Notice**
**Bid Identification No. Online Tender/05/EERWD PHULBANI/ 2019-20**

No.O-889 :-

| | | | |
|---|---|---|---|
| 1 | Name of the work | : | Road Works |
| 2 | Estimated cost | : | Rs. 7.61 Lakhs to Rs. 44.25 Lakhs |
| 3 | Period of Completion | : | One Calendar Month |
| 4 | Date & Time of availability of Bid documents in the Portal | : | From 01.02.2020 at 10.00 AM to 10.02.2020 up to 5.00 PM |
| 5 | Last Date/ Time for receipt of Bids in the Portal | : | 10.02.2020 up to 5.00 PM |
| 6 | Name and address of the Officer Inviting Bid | : | Executive Engineer, Rural Works Division, Phulbani |

Further details can be seen from the e-procurement portal website **https://tenders.ori.nic.in/nicgep/app**

Executive Engineer
Rural Works Division, Phulbani

25077/11/0005/1920

**OFFICE OF THE EXECUTIVE ENGINEER**
**R.W.S.&.S. DIVISION, JAJPUR, AT: CHANDIKHOL**
Po- Dhanmandal, Dist- Jajpur, PIN-754024
Phone- 06725-221454, E-mail-eerwss_jpr@ori.nic.in

**E-PROCUREMENT NOTICE**
**Bid Identification No. 26 / 2019-20 dt. 20.01.2020**

No.: O-897: The Executive Engineer, RWS&S Division, Jajpur at Chandikhol on behalf of Governor of Odisha, invites bids through e-procurement in double cover system according to norm of e-procurement system in on-line mode from eligible contractors.

| | | |
|---|---|---|
| 1. | Nature of work: | Supplying all construction materials, HDPE / GI pipes, valves, specials etc. and laying the pipeline, Constructing the pump house with compound wall, fitting and fixing of suitable motor and pump set in the production well, supplying, fitting and fixing of chlorine dozing system of approved make and specification, constructing RCC Elevated Storage Reservoirs of specified capacity, providing household connections etc. along with five years maintenance after one year of defect liability period etc. complete for the following PWS Schemes of Jajpur district. |
| 2. | No. of works: | 17 (Seventeen) |
| 3. | Estimated Cost: | Rs.8.00 lakhs to Rs.68.00 lakhs |
| 4. | Time for completion: | 3 (three), 6 (six) & 9 (nine) months |
| 5. | Cost of bidding document: | Rs.4000/-, Rs.6000/- & Rs.10000/- |
| 6. | Class of Contractors eligible: | 'D' & 'C', 'C' & 'B' and 'B' & 'A' |
| 7. | Availability of bids on-line: | 11.00 hour of 03.02.2020 to 17.00 hours of 15.02.2020. |
| 8. | Last date and time for seeking clarification: | up to 17.00 hours of 14.02.2020 |
| 9. | Date & time of opening of Technical Bid online: | 11.00 hour of 17.02.2020. |
| 10. | Date & time of opening of Financial Bid | To be announced latter |

Further details can be seen in the website **https://www.tendersorissa.gov.in**.

Sd./- Executive Engineer
R.W.S & S Division, Jajpur
(At: Chandikhol)

25027/11/0012/1920

ଓଡ଼ିଶା ବିଦ୍ୟୁତ ଶକ୍ତି ସଂଚାରଣ ନିଗମ ଲିଃ.
**ODISHA POWER TRANSMISSION CORPORATION LTD.**
A GOVT. OF ODISHA UNDERTAKING
OPTCL Lifeline of Orissa
CORPORATE IDENTITY NUMBER (CIN) U4G1Q2OR2Q04GCOG7553
O/O GENERAL MANAGER, EHT (O&M) CIRCLE, BERHAMPUR, PO: ENGINEERING SCHOOL, DIST: GANJAM-760010, PH.: 0680-2296100

Advt.No.09/2019-20 **NOTICE INVITING TENDER**
For and on behalf of OPTCL sealed tenders are invited from Manufacturer/Suppliers (Having valid authorised Dealership Certificate) with IT. PAN, GST Registration Certificate for **A)** supply of 4-Bolted reputed make PG Clamps for ACSR Zebra to Zebra conductor required for L-Cut jumpering in Tension Towers of 220 KV Narendrapur -ATRI DC Line under EHT (O&M) Division, Berhampur **(Lot-I)** & **B)** supply of sliding link disconnecting terminal blocks, for CT and PT/CVT Console Boxes, of reputed make like ELMEX/CONNECTWELL required for various Grid Sub-Stations under EHT (O&M) Circle, Berhampur**(Lot-II)**. Commencement of Sale of Tender Paper : From Dated 27.01.2020 to Dated 17.02.2020 up to 5.30 PM. (GST Registration No. is to be produced at the time of purchase of Tender Specification). Last Date of Submission of Tender Paper : Dated 18.02.2020 up to 02.00 PM. Date of Opening of Tender Paper : Dated 18.02.2020 at 3.00 PM. Cost of Tender Paper: Rs.4,000 + GST @ 12%= Rs.4,480/- for each LOT. For details please visit our website **www.optcl.co.in**. Corrigendum if any will be published in the website only

*General Manager (Elect.)*

ଓଡ଼ିଶା ବିଦ୍ୟୁତ ଶକ୍ତି ସଂଚାରଣ ନିଗମ ଲିଃ.
**ODISHA POWER TRANSMISSION CORPORATION LTD.**
A GOVT. OF ODISHA UNDERTAKING
OPTCL Lifeline of Orissa
Office Of The Deputy General Manager (Electrical)
EHT (O&M) Division, Chatrapur, At-Puti-Gopalpur, Chatrapur, Dist-Ganjam (Odisha),Pincode-761020 CIN:U40102OR2004SGC007553

Advt. No. 03/2019-20 **NOTICE INVITING TENDER**
Sealed tenders are invited from VEHICLE QWNEkS/TRAVEL AGENCIES for engagement of one No. Diesel run commereial registered light vehicles A/C Bolero or equivalent which shall not be more than 3 years old from the date of Registration required for the office of DGM EHT (O&M) Division Chatrapur on monthly basis with daily hiring rate along with copies of relevant documents of the Vehicle, GST registration certificate & copy of valid PAN of the owner. Cost of Tender Paper : Rs.2000/-+ GST@12% (Rs.2240/-) EMD @1% of estimated cost : Rs.4610/- Sale of Tender documents : **From Dt.25,01,20 to Dt.07.02.20 up tp 5.00PM** on working days only. Lastdateof submission of tender : **Dt.08.02.20 upto 1.00PM**. Date of opening of tender: **Dt.08.02.20 at 3.30PM**. For details pleasjp visit our web site : **www.optcl.co.in**. Corrigendum if any will be published in the web site only.

*Dy.General Manager, EHT(O&M) Div.*

CAD-869

**SHORT QUOTATION CALL NOTICE NO. 36 OF 2019--20**
**DISTRICT WATER AND SANITATION MISSION, DRDA, KHORDHA**

Sealed quotations are invited from interested registered firms having experiences in execution of awareness related projects in rural areas through IEC activities which includes wall painting in rural areas of Khordha District as per the requirement given below :

| Detail of activity | Nos. | Remarks |
|---|---|---|
| Wall painting minimum size not less than(6 feet x 4 feet) | 5448 nos. | Rate to be quoted for one Sqft inclusive of all charges and taxes |

1. The details of the tender and bid documents can be downloaded from the website **www. Khordha.nic.in.**
2. The documents to be submitted through Registered/speed post only.
3. Last date of submission of bids is 31.01.2020 up to 3 PM.
4. Opening of the Bids Dt. 04.02.2020 at 3:00 PM.
5. The undersigned reserves the right to cancel the tender any time without assigning any reason thereof.

Sd/- Project Director, DRDA-cum-MS
DWSM, Khordha

13042/11/0002/1920

**କଟକ ଉନ୍ନୟନ କର୍ତ୍ତୃପକ୍ଷ**
C.D.A ଅରୁଣୋଦୟ ଭବନ, ଲିଙ୍କ୍ ରୋଡ୍, କଟକ – ୧୨

ସଂଖ୍ୟା ନଂ 762/କ.ଉ.କ./ତା 24.01.20

**ସୂଚନା**

ଏତଦ୍ୱାରା କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କ ପରିସୀମା ମଧ୍ୟରେ ବେଆଇନ ଓ ଅନୁମୋଦିତ ନକ୍ସା ଉଲ୍ଲଂଘନରେ ନିର୍ମିତ ନିର୍ମାଣ କାର୍ଯ୍ୟଗୁଡ଼ିକର ନିୟମିତୀକରଣ ନିମନ୍ତେ ଓଡିଶା ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗ ଗେଜେଟ ସଂଖ୍ୟା – 13955/HUD/Dt.06.08.2019 ଦ୍ୱାରା ଏକ ସ୍କିମ୍ ପ୍ରଣୟନ କରାଯାଇଅଛି । ଏହି ଯୋଜନାର ଆବେଦନର ଶେଷ ତାରିଖ 05.02.2020 ଅଟେ ।

ପୂର୍ବରୁ ଯେଉଁ ବାସଗୃହ ହିତାଧିକାରୀ ମାନେ ବ୍ୟବସାୟିକ ପ୍ରତିଷ୍ଠାନ, କଳ ଓ କାରଖାନା, ଉଚ୍ଚ ଅଟ୍ଟାଳିକା, ଚଳଚିତ୍ର ପ୍ରତିଷ୍ଠାନ, ଭୋଜନାଳୟ ରହିବା ବ୍ୟବସ୍ଥା ପ୍ରତିଷ୍ଠାନ ଓ ଅନ୍ୟାନ୍ୟ ହିତାଧିକାରୀମାନେ ଏହି ସ୍କିମ୍ ପ୍ରଣୟନ ହେବା ପୂର୍ବରୁ ବେଆଇନ ନିର୍ମାଣ କରିଛନ୍ତି ସେମାନେ ଏହି ସୁଯୋଗର ଉପଯୋଗ କରିପାରିବେ । ଏହି ଯୋଜନା କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କ ପରିସୀମା ହିତାଧିକାରୀ କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କ କାର୍ଯ୍ୟାଳୟରେ ଆବେଦନ କରିପାରିବେ । ଯେଉଁ ହିତାଧିକାରୀ ବା ଅନ୍ୟାନ୍ୟ ପ୍ରତିଷ୍ଠାନମାନେ ନିୟମ ଉଲ୍ଲଂଘନ କରିଥିବେ ଏବଂ ଏହି ଯୋଜନାର ଅର୍ନ୍ତଭୁକ୍ତ ହୋଇନଥିବେ ତାହେଲେ ସେହି ହିତାଧିକାରୀଙ୍କ ନାମରେ ଦୃଢ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

ଏହି ଯୋଜନାରେ ଆବେଦନ କରିଥିବା ହିତାଧିକାରୀ ଓ ଅନ୍ୟାନ୍ୟ ହିତାଧିକାରୀ ଓ ପ୍ରତିଷ୍ଠାନମାନେ ସବିଶେଷ ତଥ୍ୟ, ଠିକଣା,ଫୋନ ନମ୍ବର, ଆବେଦନ କରିବାର ଫର୍ମ ଗୁଡିକୁ ଠିକ୍ ଭାବେ ପୂରଣ କରିନଥିବା ଓ ଅନ୍ୟାନ୍ୟ ଯୋଜନା ସମ୍ବନ୍ଧୀୟ ନଥି ଦେଇନଥିବା ହେତୁ କର୍ତ୍ତୃପକ୍ଷଙ୍କ କାର୍ଯ୍ୟ କରିବାରେ ବିଳମ୍ବ ହେଉଅଛି ଓ କର୍ତ୍ତୃପକ୍ଷ ପ୍ରେରଣ କରିଥିବା ପତ୍ର ହିତାଧିକାରୀଙ୍କ ପାଖରୁ ଫେରି ଆସୁଅଛି । ତେଣୁ ଉକ୍ତ ଯୋଜନା ସମ୍ବନ୍ଧୀୟ ସବିଶେଷ ତଥ୍ୟ ଜାଣିବା ପାଇଁ କର୍ତ୍ତୃପକ୍ଷଙ୍କ କାର୍ଯ୍ୟାଳୟର ଯୋଜନା ସଭ୍ୟଙ୍କୁ ସାକ୍ଷାତ (ସୋମବାର, ମଙ୍ଗଳବାର ଓ ବୁଧବାର) କରି ଉକ୍ତ ଯୋଜନା ବିଷୟରେ ଅବଗତ ହେବାକୁ ଅନୁରୋଧ ।

ଉକ୍ତ ଯୋଜନା ସମ୍ବନ୍ଧୀୟ ସବିଶେଷ ତଥ୍ୟ ଓ ଆବେଦନ କରିବା ଫର୍ମଗୁଡିକ କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କ ୱେବସାଇଟ୍ – **www.cdacuttack.nic.in** ରେ ଉପଲବ୍ଧ ଅଟେ ।

ସ୍ୱା /–
ସଚିବ

ଶାକାହାରୀ ଖାଦ୍ୟ ଗ୍ରହଣ କରିଥିବାରୁ ମୁଁ ୟୋଶିତୋ ନିଶିଓକାଙ୍କୁ ପରାସ୍ତ କରି ଅଷ୍ଟ୍ରେଲିଆନ ଓପନ ଚତୁର୍ଥ ରାଉଣ୍ଡକୁ ଉନ୍ନୀତ ହୋଇପାରିଛି ।
–ନୋଭାକ୍ ଜୋକୋଭିଚ୍, ସର୍ବୀୟ ଟେନିସ ଖେଳାଳି



ପ୍ରଥମ ଟି୨୦ରେ ଛୋଟ ଗ୍ରାଉଣ୍ଡରେ ଆମ ବୋଲରମାନେ ଭାରତୀୟ ବ୍ୟାଟ୍ସମ୍ୟାନଙ୍କ ଉପରେ ଚାପ ସୃଷ୍ଟି କରି ନ ପାରିବା ଦୁର୍ଭାଗ୍ୟଜନକ ବିଷୟ ।
–ରସ୍ ଟେଲର, ନ୍ୟୁଜିଲାଣ୍ଡ କ୍ରିକେଟର



## ସଂକ୍ଷେପରେ

### ଜୁନିୟର କ୍ରିକେଟ ଲିଗ୍ ଆଜିଠାରୁ

ଭୁବନେଶ୍ୱର, ୨୪।୧(ସ୍ପୋର୍ଟ୍ସ ବ୍ୟୁରୋ)- ଭୁବନେଶ୍ୱର ଆଥଲେଟିକ ଆସୋସିଏଶନ ଆନୁକୂଲ୍ୟରେ ଶନିବାରଠାରୁ ଜୁନିୟର କ୍ରିକେଟ ଲିଗ୍ ଆରମ୍ଭ ହେବ। ୪ଟି ଭେନ୍ୟୁରେ ମ୍ୟାଚ ଆୟୋଜନ ହେବ। ସେଗୁଡିକ ହେଲେ ଟାଉନ୍ କ୍ଲବ୍ ଗ୍ରାଉଣ୍ଡ (ଟର୍ଫ), ପାରାମାଉଣ୍ଟ ଗ୍ରାଉଣ୍ଡ (ଟର୍ଫ), ଗ୍ରୀନ କ୍ରିକେଟ ଆସୋସିଏଶନ ଗ୍ରାଉଣ୍ଡ (ମ୍ୟାଟିଂ) ଓ ତମାଣ୍ଡୋ ଗ୍ରାଉଣ୍ଡ (ମ୍ୟାଟିଂ)ରେ ମ୍ୟାଚ୍ ଖେଳାଯିବ। ଏହି ଟୁର୍ନାମେଣ୍ଟରେ ୧୭ଟି କ୍ଲବ ଅଂଶଗ୍ରହଣ କରିବେ। ଦଳଗୁଡ଼ିକୁ ୪ଟି କ୍ଲବ୍‌ରେ ବିଭକ୍ତ କରାଯାଇଛି। ୨୫ରୁ ଫେବୃୟାରୀ ୨ ତାରିଖରେ ମଧରେ ପ୍ରତ୍ୟେକ ଦିନ ମ୍ୟାଚ୍ ଖେଳାଯିବ। ସେମି ଓ ଫାଇନାଲ ମ୍ୟାଚ୍‌ର ତାରିଖ ପରେ ଘୋଷଣା କରାଯିବ। ଏଥିରେ ଭୁବନେଶ୍ୱରର ଜଣାଶୁଣା କ୍ଲବଗୁଡିକ ଅଂଶଗ୍ରହଣ କରିବାର କାର୍ଯ୍ୟକ୍ରମ ରହିଛି।

### ଜାତୀୟ ଚୟନକର୍ତ୍ତା ଦୌଡ଼ରେ ଅଗରକର

ନୂଆଦିଲ୍ଲୀ, ୨୪।୧ (ପି.ଟି.): ଜାତୀୟ କ୍ରିକେଟର ଚୟନକର୍ତ୍ତା ପାଇଁ ଶୁକ୍ରବାର ଆବେଦନର ଅନ୍ତିମ ଦିବସ ଥିଲା। ପୂର୍ବତନ ଭାରତୀୟ ପେସ୍ ବୋଲର ଅଜିତ ଅଗରକର ଶେଷ ମୁହୂର୍ତ୍ତରେ ଦରଖାସ୍ତ କରିଛନ୍ତି। ଫଳରେ ଚେୟାରମ୍ୟାନ ପଦବୀ ପାଇଁ ସେ ଦୌଡ଼ରେ ଅନ୍ୟମାନଙ୍କଠାରୁ ଆଗରେ ରହିବେ। ପୂର୍ବତନ ମିଡିୟମ ପେସ୍ ବୋଲର ତଥା ଜୁନିୟର ଚୟନ କମିଟି ଚେୟାରମ୍ୟାନ କର୍ଣ୍ଣାଟକର ଭେଙ୍କଟେଶ ପ୍ରସାଦ ସିନିୟର ଚୟନକର୍ତ୍ତା ପଦବୀ ପାଇଁ ଆବେଦନ କରିଥିବା ଜଣାଯାଇଛି। ତେବେ ସେ ଏହି ପଦବୀରେ ଦେଢ଼ ବର୍ଷ ରହିପାରିବେ। କାରଣ ନୂଆ ସମ୍ବିଧାନ ଅନୁସାରେ ଚୟନ କମିଟି ପଦବୀରେ ଜଣେ ସର୍ବାଧିକ ୪ ବର୍ଷ ରହିପାରିବେ। ଆବେଦନକାରୀଙ୍କ ମଧ୍ୟରେ ୪୨ବର୍ଷୀୟ ଅଗରକର ସବୁଠାରୁ ହାଇପ୍ରୋଫାଇଲ ଖେଳାଳି। ସେ ୨୬ଟି ଟେଷ୍ଟ, ୧୯୧ ଅନ୍ତର୍ଜାତୀୟ ଦିନିକିଆ ଏବଂ ୩ ଅନ୍ତର୍ଜାତୀୟ ଟି୨୦ ଖେଳି ୩୪୯ ଉଇକେଟ ଅକ୍ତିଆର କରିଛନ୍ତି।

### ରାଜ୍ୟ ଜୁନିୟର ବାଳକ ଫୁଟ୍‌ବଲ ଦଳ ଘୋଷିତ

କଟକ ଅଫିସ,୨୪।୧: ମେଘାଳୟର ଶିଲଂଠାରେ ଜାନୁୟାରୀ ୨୮ରୁ ଫେବୃୟାରୀ ୬ ତାରିଖ ପର୍ଯ୍ୟନ୍ତ ଡ. ବି.ସି. ରାୟ୍ ଟ୍ରଫି ଜାତୀୟ ଜୁନିୟର ଫୁଟବଲ ଚାମ୍ପିୟନଶିପ୍ ଅନୁଷ୍ଠିତ ହେବ। ଏ ନେଇ ଶୁକ୍ରବାର ଫୁଟ୍‌ବଲ ଆସୋସିଏଶନ(ଫାଓ) ପକ୍ଷରୁ ରାଜ୍ୟ ଦଳ ଘୋଷଣା କରାଯାଇଛି। ଆକାଶ ଦେଙ୍କୁ ଏହି ଦଳର ଅଧିନାୟକ କରାଯାଇଛି। ଶନିବାର ପୂର୍ବାହ୍ନରେ ଦଳ ମେଘାଳୟ ଅଭିମୁଖେ ଯାତ୍ରା କରିବ। ଓଡ଼ିଶା ଜୁନିୟର ଫୁଟ୍‌ବଲ ଦଳ- ଦେବ ସାମଲ, ସ୍ୱୟମ ରାଉତରାୟ, ରାହୁଲ କିଶନ, ଜଗନ୍ନାଥ ଟୁଡୁ, ଡବ୍ଲ୍ୟୁ ଲାମା, ସମୟ କୁମାର ବସ୍କି, ଜି. ଜ୍ୟୋତିର୍ମୟ, ବିକାଶ ବେହେରା, ଲେସନ କୁମାର ମୁଣ୍ଡା, ଆକାଶ ଦେ (ଅଧିନାୟକ), କାହ୍ନୁ ମଲ୍ଲିକ, ଜଗଦୀଶ ଓରାମ, ଏମ. ତ୍ରିନାଥ, ଝୁନୁ କୁଲଡ଼ି, ଅଜୟ ବରୱା, ପ୍ରିୟାଂଶୁ କୁମାର ବିଶ୍ୱାଳ, ଅବିନାଶ ସାମଲ, ପରୟୁ ମୁର୍ମୁ, ଯଦୁନାଥ ହାଁସଦା, ପୀୟୂଷ ପଟ୍ଟନାୟକ। ସୂରଯ ଥାପ୍ପା (ମୁଖ୍ୟ କୋଚ୍), ସେକ୍ ମନଜୁର (ସହକାରୀ କୋଚ୍)।

### ପ୍ରଥମ ଟି୨୦ରେ ପାକିସ୍ତାନ ବିଜୟୀ

ଲାହୋର, ୨୪।୧: ଭ୍ରମଣକାରୀ ବାଂଲାଦେଶ ବିପକ୍ଷରେ ଶୁକ୍ରବାର ଏଠାରେ ଖେଳାଯାଇଥିବା ପ୍ରଥମ ଟି୨୦ ମ୍ୟାଚ୍‌କୁ ପାକିସ୍ତାନ ୫ ଉଇକେଟ୍‌ରେ ଜିତିନେଇଛି। ଏହି ବିଜୟ ସହ ଘରୋଇ ପାକିସ୍ତାନ ୩ ମ୍ୟାଚ୍‌ବିଶିଷ୍ଟ ସିରିଜରେ ୧-୦ରେ ଅଗ୍ରଣୀ ରହିଛି। ସିରିଜର ୨ୟ ମ୍ୟାଚ୍ ଶନିବାର ଏଠାରେ ଖେଳାଯିବ। ପ୍ରଥମେ ବ୍ୟାଟିଂ କରିଥିବା ବାଂଲାଦେଶ ନିର୍ଦ୍ଧାରିତ ଓଭରରେ ୫ ଉଇକେଟ୍ ହରାଇ ୧୪୧ ରନ କରିଥିଲା। ଦଳ ପକ୍ଷରୁ ଦୁଇ ଓପନର୍ ତମିମ୍ ଇକ୍‌ବାଲ (୩୯) ଓ ମହମ୍ମଦ ନଇମ (୪୩) ଭଲ ପ୍ରାରମ୍ଭ ଦେଇଥିଲେ। ଜବାବରେ ଦଳକୁ ପ୍ରତ୍ୟାବର୍ତ୍ତନ କରିଥିବା ଭେଟେରାନ ବ୍ୟାଟ୍ସମ୍ୟାନ ସୋଏବ ମଲିକ (୫୮ ରନ, ୪୬ ବଲ, ୫ ଚୌକା)ଙ୍କ ଅପରାଜିତ ଅର୍ଦ୍ଧଶତକ ବଳରେ ପାକିସ୍ତାନ ୧୯.୩ ଓଭରରେ ୫ ଉଇକେଟ ହରାଇ ଲକ୍ଷ୍ୟ ହାସଲ କରିନେଇଥିଲା। କ୍ୟାରିୟରର ୮ମ ଟି୨୦ ଅର୍ଦ୍ଧଶତକ ହାସଲ କରିଥିବା ସୋଏବ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ପରବର୍ତ୍ତୀ ୨ଟି ମ୍ୟାଚ୍‌ରୁ ଯଦି ଗୋଟିଏରେ ପାକିସ୍ତାନ ପରାସ୍ତ ହୁଏ ତେବେ ବିଶ୍ୱ ମାନ୍ୟତାର ଶୀର୍ଷ ସ୍ଥାନ ହରାଇବ।

# ଭାରତର ଚମକପ୍ରଦ ବିଜୟ

ଅକ୍ଲାଣ୍ଡ,୨୪।୧(ପି.ଟି.)

ଇନ୍‌ଫର୍ମ ଓପନର ଲୋକେଶ ରାହୁଲ ଓ ପ୍ରତିଭା ସମ୍ପନ୍ନ ମିଡଲ ଅର୍ଡର ବ୍ୟାଟ୍ସମ୍ୟାନ ଶ୍ରେୟାସ ଆୟାରଙ୍କ ଧୂଆଁଧାର ଅର୍ଦ୍ଧଶତକ ସହାୟତାରେ ଭାରତ ପ୍ରଥମ ଟି୨୦ ମ୍ୟାଚ୍‌ରେ ଘରୋଇ ନ୍ୟୁଜିଲାଣ୍ଡକୁ ହରାଇଛି। ୬ଟି ବଲ୍ ବାକି ରଖି ୬ ଉଇକେଟରେ ସହଜରେ ବିଜୟୀ ହେବା ସହ ଭାରତ ୫ ମ୍ୟାଚ୍ ବିଶିଷ୍ଟ ଏହି ସିରିଜରେ ୧-୦ରେ ଅଗ୍ରଣୀ ହାସଲ କରିଛି। ଶୁକ୍ରବାର ସ୍ଥାନୀୟ ଇଡେନ ପାର୍କରେ ଖେଳାଯାଇଥିବା ଟି୨୦ ମ୍ୟାଚ୍‌ରେ ଟସ୍ ଜିତି ଭାରତ ନ୍ୟୁଜିଲାଣ୍ଡକୁ ବ୍ୟାଟିଂ ପାଇଁ ଆମନ୍ତ୍ରଣ କରିଥିଲା। ନ୍ୟୁଜିଲାଣ୍ଡ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୫ ଉଇକେଟ ହରାଇ ୨୦୩ ରନ ସଂଗ୍ରହ କରିଥିଲା। ଅନ୍ତିମ ଭାଗରେ ଭାରତୀୟ ବୋଲରମାନେ ଉଚ୍ଚକୋଟୀର ବୋଲିଂ କରି ନ୍ୟୁଜିଲାଣ୍ଡକୁ ଅଧିକ ବଡ଼ ସ୍କୋର କରିବାର ସୁଯୋଗ ଦେଇ ନ ଥିଲେ। ଜବାବରେ ଭାରତ ଗୋଟଏ ଓଭର ବାକି ରଖି ୪ ଉଇକେଟ ହରାଇ ୧୯ ଓଭରରେ ବିଜୟ ଲକ୍ଷ୍ୟ ହାସଲ କରିନେଇଥିଲା। ୨୯ ବଲରୁ ୫ ଚୌକା ଓ ୩ ଛକା ସହ ଦ୍ରୁତ ତଥା ଉପଯୋଗୀ ଅପରାଜିତ ୫୮ ରନର ପାଳି ଖେଳିଥିବା ଆୟାର ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି। ଅପେକ୍ଷାକୃତ ଏହି ଛୋଟ ବାଉଣ୍ଡାରୀର ଫାଇଦା ଉଠାଇ ଉଭୟ ଦଳର ବ୍ୟାଟ୍ସମ୍ୟାନ ଚତୁର୍ଦ୍ଦିଗକୁ ଶଟ୍ ଖେଳିଥିଲେ। ରବିବାର ଏହି ଗ୍ରାଉଣ୍ଡରେ ଦ୍ୱିତୀୟ ଟି୨୦ ମ୍ୟାଚ୍ ଖେଳାଯିବ।



ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଶ୍ରେୟାସ ଆୟାର।

**ଟି୨୦ରେ ଭାରତ ଦ୍ୱାରା ସର୍ବାଧିକ ରନ ଚେଜ୍**

| | | | |
|---|---|---|---|
| ୨୦୮ | ବନାମ ୱେଷ୍ଟଇଣ୍ଡିଜ | ହାଇଦ୍ରାବାଦ | ୨୦୧୯ |
| ୨୦୭ | ବନାମ ଶ୍ରୀଲଙ୍କା | ମୋହାଲି | ୨୦୦୯ |
| ୨୦୪ | ବନାମ ନ୍ୟୁଜିଲାଣ୍ଡ | ଅକ୍ଲାଣ୍ଡ | ୨୦୨୦ |
| ୨୦୨ | ବନାମ ଅଷ୍ଟ୍ରେଲିଆ | ରାଜକୋଟ | ୨୦୧୩ |
| ୧୯୯ | ବନାମ ଇଂଲଣ୍ଡ | ବ୍ରିଷ୍ଟଲ | ୨୦୧୮ |
| ୧୯୮ | ବନାମ ଅଷ୍ଟ୍ରେଲିଆ | ସିଡ୍‌ନୀ | ୨୦୧୬ |

**ଗୋଟିଏ ଟି୨୦ରେ ୫ଟି ୫୦ରୁ ଉର୍ଦ୍ଧ୍ୱ ସ୍କୋର**

| | |
|---|---|
| କଲିନ୍ ମୁନରୋ | ୫୯ |
| କେନ୍ ୱିଲିୟମସନ | ୫୧ |
| ରସ୍ ଟେଲର | ୫୪* |
| ଲୋକେଶ ରାହୁଲ | ୫୬ |
| ଶ୍ରେୟାସ ଆୟାର | ୫୮* |

୨୦୪ ରନର କଷ୍ଟସାଧ୍ୟ ଟାର୍ଗେଟର ପିଛା କରି ଭାରତର ପ୍ରଥମେ ଇନ୍‌ଫର୍ମ ତାରକା ଓପନର ରୋହିତ ଶର୍ମାଙ୍କୁ ହରାଇଥିଲା। ୬ ବଲରୁ ଗୋଟିଏ ଛକା ସହ ୭ ରନ କରିଥିବା ବେଳେ ରୋହିତ ସ୍ପିନର ମିଚେଲ ସାଣ୍ଟନରଙ୍କ ବଲ୍‌କୁ ସ୍ଲଗ୍ ସୁଇପ୍ କରିବାକୁ ପ୍ରୟାସ କରିଥିଲେ ମଧ ବଲ୍ ବ୍ୟାଟ୍‌ର ସଂଯୋଗ ହୋଇ ନ ଥିଲା। ଫଳରେ ସେ ବ୍ୟାକ୍‌ୱାର୍ଡ ପଏଣ୍ଟରେ ରସ୍ ଟେଲରଙ୍କୁ କ୍ୟାଚ୍ ଦେଇ ପ୍ୟାଭିଲିୟନ ଫେରିଥିଲେ। ଏହାପରେ ଦ୍ୱିତୀୟ ଉଇକେଟରେ ଅଧିନାୟକ ବିରାଟ କୋହଲି ଓ ରାହୁଲ ୫୧ ବଲରୁ ୯୯ ରନ ସଂଗ୍ରହ କରି ବିଜୟର ମୂଳଦୁଆ ପକାଇଥିଲେ। ତେବେ ରାହୁଲ ୪ ଚୌକା ଓ ୩ ଛକା ସହ ୨୭ ବଲରୁ ୫୬ ରନର ଅର୍ଦ୍ଧଶତକୀୟ ପାଳି ଖେଳି ଲେଗ୍ ସ୍ପିନର ଇଶ୍ ସୋଧୀଙ୍କ ବଲ୍‌ରେ ଟମ୍ ସୌଦିଙ୍କୁ କ୍ୟାଚ୍ ଦେଇ ଆଉଟ ହୋଇଥିଲେ। ଏହାର ୬ଟି ବଲ୍‌ପରେ କୋହଲିଙ୍କ ପାଳି ପଡିଥିଲା। ୩୨ ବଲରୁ ୩ ଚୌକା ଓ ଗୋଟିଏ ଛକା ସହ ୪୫ ରନ କରି ସ୍କୋରକୁ ଆଗେଇ ନେଉଥିବା ବେଳେ ଦ୍ରୁତ ବୋଲର ବ୍ଲେୟାର ଟିକ୍‌ନରଙ୍କ ବଲ୍‌ରେ ମିଡ୍‌ଉଇକେଟ ଉପରେ ଦେଇ ଶଟ୍ ଖେଳିବାକୁ ଯାଉଥିବା ବେଳେ ମାର୍ଟିନ ଗୁପ୍ଟିଲଙ୍କ ହାତରେ ଧରାପଡିଥିଲେ। ଗୁପ୍ଟିଲ ସୁନ୍ଦର କ୍ୟାଚ୍ ନେଇ ଗତ ବିଶ୍ୱକପ୍ ସେମିଫାଇନାଲ କଥା ସ୍ମରଣ କରାଇଥିଲେ। ଗୁପ୍ଟିଲ ବିଶ୍ୱକପ୍ ସେମିରେ ଜବରଦସ୍ତ ଥ୍ରୋ କରି ମହେନ୍ଦ୍ର ସିଂ ଧୋନୀଙ୍କୁ ରନ୍ ଆଉଟ କରିଥିଲେ ଓ ଏହା ସେତେବେଳେ ଟର୍ନିଂ ପଏଣ୍ଟ ସାବ୍ୟସ୍ତ ହୋଇଥିଲା। କୋହଲି ଆଉଟ ହେବା ଦ୍ୱାରା ଭାରତ ଉପରେ ଚାପ ବଢିଥିଲା। ଲାଗୁଥିଲା ଘରୋଇ ଦଳ ପାଇଁ ଏହା ଟର୍ନିଂ ପଏଣ୍ଟ ହେବ। କିନ୍ତୁ ଏହାପରେ ଆୟାର ଦୃଢ଼ ବ୍ୟାଟିଂ କରିଥିଲେ। ଶିବମ୍ ଦୁବେ ୯ ବଲରୁ ୧ ଚୌକା ଓ ୧ ଛକା ସହ ୧୩ ରନ କରି ଆଉଟ ହୋଇଥିଲେ। ତେବେ ପଞ୍ଚମ ଉଇକେଟରେ ଆୟାର ଓ ମନୀଷ ପାଣ୍ଡେ ୩୪ ବଲ୍‌ରୁ ଦ୍ରୁତ ଅପରାଜିତ ୬୨ ରନ ସଂଗ୍ରହ କରିଥିଲେ। ଆୟର ୫୮ ଓ ପାଣ୍ଡେ ୧୨ ବଲରେ ଏକ ଛକା ସହ ୧୪ ରନ କରି ଅପରାଜିତ ରହିବା ସହ ଦଳକୁ ଜିତାଇଥିଲେ। ବୋଲିଂରେ ନ୍ୟୁଜିଲାଣ୍ଡ ତରଫରୁ ଇଶ୍ ସୋଧୀ ୨, ସାଣ୍ଟନର ଓ ଟିକନର ଗୋଟିଏ ଲେଖାଏ ଉଇକେଟ ହାସଲ କରିଥିଲେ।

ପ୍ରଥମେ ବ୍ୟାଟିଂ କରିଥିବା ନ୍ୟୁଜିଲାଣ୍ଡ ତରଫରୁ କଲିନ ମୁନରୋ, ଅଧିନାୟକ କେନ୍ ୱିଲିୟମସନ ଓ ଅଭିଜ୍ଞ ରସ୍ ଟେଲର ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। ମୁନରୋ ୫୯ (୪୨ ବଲ, ୬ ଚୌକା, ୨ ଛକା), ୱିଲିୟମସନ ୫୧ (୨୬ ବଲ, ୪ ଚୌକା, ୪ ଛକା) ରନ କରି ଆଉଟ ହୋଇଥିବା ବେଳେ ଟେଲର ୫୪ (୨୭ ବଲ, ୩ ଚୌକ, ୩ ଛକା) ରନ କରି ଅପରାଜିତ ରହିଥିଲେ। ତେବେ ଏହାପୂର୍ବରୁ ଅଭିଜ୍ଞ ଓପନର ମାର୍ଟିନ ଗୁପ୍ଟିଲ ୧୯ ବଲରୁ ୪ ଚୌକା ଓ ୧ ଛକା ସହ ୩୦ ରନ ସଂଗ୍ରହ କରି ଆଉଟ ହୋଇଥିଲେ। ପ୍ରଥମ ଉଇକେଟରେ ମୁନରୋ ଓ ଗୁପ୍ଟିଲ ୪୩ ବଲରୁ ୮୦ ରନ ସଂଗ୍ରହ କରିଥିଲେ। କଲିନ ଡି ଗ୍ରାଣ୍ଡହୋମ ଖାତା ଖୋଲିପାରି ନ ଥିବା ବେଳେ ଉଇକେଟକିପର ବ୍ୟାଟ୍ସମ୍ୟାନ ଟିମ୍ ସେଇଫର୍ଟ ୧ ରନ କରି ଆଉଟ ହୋଇଥିଲେ। ସାଣ୍ଟନର ୨ ରନ କରି ଅପରାଜିତ ରହିଥିଲେ। ବୋଲିଂରେ ଭାରତ ତରଫରୁ ଯଶପ୍ରୀତ ବୁମ୍ରା, ଶାର୍ଦ୍ଦୁଳ ଠାକୁର, ୟୁଜବେନ୍ଦ୍ର ଚହଲ, ଶିବମ୍ ଦୁବେ ଓ ରବୀନ୍ଦ୍ର ଜାଡେଜା ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ। ଭାରତୀୟ ବୋଲରମାନେ ବେଶ୍ ବ୍ୟୟବହୁଳ ସାବ୍ୟସ୍ତ ହୋଇଥିଲେ।

## ପ୍ରଥମ ଟି୨୦ ସ୍କୋର ବୋର୍ଡ

**ନ୍ୟୁଜିଲାଣ୍ଡ ଇନିଂସ**
ଗୁପ୍ଟିଲ-କ-ରୋହିତ-ବୋ-ଦୁବେ-୩୦
ମୁନରୋ-କ-ଚହଲ-ବୋ-ଶାର୍ଦ୍ଦୁଳ-୫୯
ୱିଲିୟମସନ-କ-କୋହଲି-ବୋ-ଚହଲ-୫୧
ଗ୍ରାଣ୍ଡହୋମ୍-କ-ଶିବମ୍-ବୋ-ଜାଡେଜା-୦
ଟେଲର-ନଟଆଉଟ-୫୪
ଟିମ୍ ଶିଫର୍ଟ-କ-ଶ୍ରେୟାସ-ବୋ-ବୁମ୍ରା-୧
ସାଣ୍ଟନର-ନଟ ଆଉଟ-୨
ଅତିରିକ୍ତ-୬
ମୋଟ: (୨୦ ଓଭର,୫ ଉଇକେଟ) ୨୦୩।
**ଉଇକେଟ ପତନ:** ୧/୮୦, ୨/୧୧୬, ୩/୧୧୭, ୪/୧୭୮, ୫/୧୮୧।
**ବୋଲିଂ (ଭାରତ)**
ଯଶପ୍ରୀତ ବୁମ୍ରା ୪-୦-୩୧-୧
ଶାର୍ଦ୍ଦୁଳ ଠାକୁର ୩-୦-୪୪-୧
ମହମ୍ମଦ ଶାମି ୪-୦-୫୩-୦
ୟୁଜବେନ୍ଦ୍ର ଚହଲ ୪-୦-୩୨-୧
ଶିବମ୍ ଦୁବେ ୩-୦-୨୪-୧
ରବୀନ୍ଦ୍ର ଜାଡେଜା ୨-୦-୧୮-୧

**ଭାରତ ଇନିଂସ**
ରୋହିତ-କ-ଟେଲର-ବୋ-ସାଣ୍ଟନର-୭
ଲୋକେଶ-କ-ସୌଦି-ବୋ-ସୋଧି-୫୬
କୋହଲି-କ-ଗୁପ୍ଟିଲ-ବୋ-ଟିକ୍‌ନର-୪୫
ଶ୍ରେୟାସ-ନଟ ଆଉଟ-୫୮
ଶିବମ୍-କ-ସୌଦି-ବୋ-ସୋଧି-୧୩
ମନୀଷ-ନଟ ଆଉଟ-୧୪
ଅତିରିକ୍ତ-୧୧
**ମୋଟ:** (୧୯ ଓଭର, ୪ ଉଇକେଟ) ୨୦୪।
**ଉଇକେଟ ପତନ:** ୧/୧୬, ୨/୧୧୫, ୩/୧୨୧, ୪/୧୪୨।
**ବୋଲିଂ (ନ୍ୟୁଜିଲାଣ୍ଡ)**
ଟିମ୍ ସୌଦି ୪-୦-୪୮-୦
ମିଚେଲ ସାଣ୍ଟନର ୪-୦-୫୦-୧
ହାମିଶ ବେନେଟ ୪-୦-୩୬-୦
ବ୍ଲେୟାର ଟିକ୍‌ନର ୩-୦-୩୪-୧
ଇଶ୍ ସୋଧି ୪-୦-୩୬-୨।

# ଭାରତ-ଅଷ୍ଟ୍ରେଲିଆ କ୍ୱାର୍ଟର ଫାଇନାଲ



ଉଇକେଟ ହାସଲ ପରେ ଭାରତୀୟ ଖେଳାଳି ଖୁସି ମନାଉଛନ୍ତି।

**୧୯ ବର୍ଷରୁ କମ୍ ବିଶ୍ୱକପ୍**

ବ୍ଲୋଏମଫେଣ୍ଟେନ,୨୪।୧(ପି.ଟି.)

ଦକ୍ଷିଣ ଆଫ୍ରିକାରେ ଚାଲିଥିବା ୧୯ ବର୍ଷରୁ କମ୍ ବିଶ୍ୱକପ୍‌ରେ ଭାରତ ଓ ଅଷ୍ଟ୍ରେଲିଆ କ୍ୱାର୍ଟର ଫାଇନାଲରେ ପରସ୍ପରକୁ ଭେଟିବା ସ୍ପଷ୍ଟ ହୋଇଛି। ଶୁକ୍ରବାର ଅନୁଷ୍ଠିତ ନ୍ୟୁଜିଲାଣ୍ଡ ବିପକ୍ଷ ବର୍ଷା ବାଧାପ୍ରାପ୍ତ ମ୍ୟାଚ୍‌ରେ ଭାରତ ଡକ୍‌ୱର୍ଥ ଲୁଇସ୍ ନିୟମରେ ୪୪ ରନରେ ବିଜୟୀ ହେବା ପରେ ଏହା ନିଶ୍ଚିତ ହୋଇଛି। ଗ୍ରୁପ୍ ଏ'ର ଅନ୍ତିମ ଲିଗ୍ ମ୍ୟାଚ୍‌କୁ ବର୍ଷା କାରଣରୁ ୨୩ ଓଭରରେ ସୀମିତ ରଖାଯାଇଥିଲା। ଟସ୍ ହାରି ପ୍ରଥମେ ବ୍ୟାଟିଂ କରି ଭାରତ ୨୩ ଓଭରରେ କୌଣସି ଉଇକେଟ ନ ହରାଇ ୧୧୫ ରନ ସଂଗ୍ରହ କରିଥିଲା। ଦୁଇ ଓପନର ଯଶସ୍ୱୀ ଜୟସ୍ୱାଲ ୫୭ ଓ ଦିବ୍ୟାଂଶ ସାକସେନା ୫୨ ରନର ଅର୍ଦ୍ଧଶତକୀୟ ପାଳି ଖେଳି ଅପରାଜିତ ରହିଥିଲେ। ତେବେ ଡିଏଲ୍ ନିୟମରେ ନ୍ୟୁଜିଲାଣ୍ଡ ସମ୍ମୁଖରେ ୨୩ ଓଭରରେ ୧୯୨ ରନର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରାଇଥିଲେ। ତେବେ ଦଳ ୨୧ ଓଭରରେ ୧୪୭ ରନକରି ଅଲଆଉଟ ହେବା ସହ ପରାସ୍ତ ହୋଇଥିଲା। ବିଜୟ ସହ ୬ ପଏଣ୍ଟ ହାସଲ କରି ଭାରତ ଗ୍ରୁପ୍ ଏ' ଶୀର୍ଷରେ ରହିଛି।

ନ୍ୟୁଜିଲାଣ୍ଡ ତରଫରୁ ରିସ ମାରିଯୁ ସର୍ବାଧିକ ୪୨, ଫେର୍ଗୁସ ଲେହମ୍ୟାନ ୩୧ ରନ କରିଥିବା ବେଳେ ଅନ୍ୟମାନେ ବିଫଳ ହୋଇଥିଲେ। ବୋଲିଂରେ ଭାରତ ତରଫରୁ ବାମହାତୀ ସ୍ପିନର ରବି ବିଷ୍ଣୋଇ ୪, ଅଥର୍ବ ଆଙ୍କୋଲେକର ୩ ଟି ଉଇକେଟ ନେଇ ବିଜୟରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ୨୮ ତାରିଖରେ ଭାରତ ଓ ଅଷ୍ଟ୍ରେଲିଆ ସୁପର ଲିଗ୍ କ୍ୱାର୍ଟର ଫାଇନାଲରେ ପରସ୍ପରକୁ ଭେଟିବେ।

# ଭାରତ ଏ' ହାରିଲା

ଖ୍ରୀଷ୍ଟଚର୍ଚ୍ଚ,୨୪।୧(ପି.ଟି.)

ଭାରତ ଏ' ଦଳର ଟପ୍ ଅର୍ଡର ବ୍ୟାଟ୍ସମ୍ୟାନ ପାଇଥିବା ଭଲ ଷ୍ଟାର୍ଟକୁ ବଡ଼ ସ୍କୋରରେ ପରିଣତ କରି ନ ପାରିବାରୁ ନ୍ୟୁଜିଲାଣ୍ଡ ଏ' ଦ୍ୱିତୀୟ ଅନ୍‌ଅଫିସିଆଲ ଦିନିକିଆ ମ୍ୟାଚ୍‌କୁ ୨୯ ରନ୍‌ରେ ଜିତିନେଇଛି। ଫଳରେ ୩ ମ୍ୟାଚ୍ ବିଶିଷ୍ଟ ସିରିଜ୍ ଏବେ ୧-୧ର ବରାବର ସ୍ଥିତିରେ ରହିଛି। ସିରିଜ୍‌ର ତୃତୀୟ ତଥା ଅନ୍ତିମ ମ୍ୟାଚ୍ ରବିବାର ଖେଳାଯିବ।

ପ୍ରଥମେ ବ୍ୟାଟିଂ କରିଥିବା ଘରୋଇ ଦଳ ଜର୍ଜ ୱାର୍କର ୧୩୫ ରନ୍‌ର ଇନିଂସ ବଳରେ ଧାର୍ଯ୍ୟ ୫୦ ଓଭରରେ ୭ ଉଇକେଟ ହରାଇ ୨୯୫ ରନ୍ କରିଥିଲା। ଭାରତ ପକ୍ଷରୁ ବୋଲିଂରେ ଇଶାନ ପୋରେଲ ୩ ଓ ମହମ୍ମଦ ସିରାଜ ୨ ଉଇକେଟ ନେଇଥିଲେ। ଜବାବରେ ଭାରତ ଏ' ୯ ଉଇକେଟ ହରାଇ ୨୬୬ ରନ୍ କରିବାକୁ ସକ୍ଷମ ହୋଇଥିଲା। ଅଧିନାୟକ ମୟଙ୍କ ଅଗ୍ରୱାଲ (୩୭), ସୂର୍ଯ୍ୟକୁମାର ଯାଦବ (୨୦), ଇଶାନ କିଷନ (୪୪), ବିଜୟ ଶଙ୍କର (୪୧), କ୍ରୁନାଲ ପାଣ୍ଡ୍ୟା ୫୧ ଓ ଅକ୍ଷର ପଟେଲ ୨୪ ରନ୍‌ର ଇନିଂସ ଖେଳିଥିଲେ। କିନ୍ତୁ ତାହା ବିଜୟ ଲାଗି ଯଥେଷ୍ଟ ହୋଇ ନ ଥିଲା। ଫଳରେ ଭାରତ ଏ' ଶେଷ ପର୍ଯ୍ୟନ୍ତ ବ୍ୟାଟିଂ କରି ବିଜୟୀ ଦଳ ଲାଗି କାଇଲ ଜାମିସନ, ଜ୍ୟାକବ ଡଫି ଓ ନିଶାମ ୨ଟି ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

# ଇଷ୍ଟ ଜୋନ୍ କରାଟେ ଆରମ୍ଭ



ଭୁବନେଶ୍ୱର, ୨୪।୧ (ସ୍ପୋର୍ଟ୍ସ ବ୍ୟୁରୋ)

ଓଡ଼ିଶା ରାଜ୍ୟ କରାଟେ ସଂଘ ଆନୁକୂଲ୍ୟରେ ଉତ୍କଳ କରାଟେ ହାଇସ୍କୁଲଠାରେ ପ୍ରଥମ ଇଷ୍ଟଜୋନ ପ୍ରତିଯୋଗିତା ଆରମ୍ଭ ହୋଇଛି। କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡ଼ଙ୍ଗୀ ପ୍ରତିଯୋଗିତା ଉଦ୍‌ଘାଟନ କରିଥିଲେ। ରାଜ୍ୟ ଉଚ୍ଚ ଶିକ୍ଷାମନ୍ତ୍ରୀ ଅରୁଣ ସାହୁ ଉପସ୍ଥିତ ରହି କରାଟେକାମାନଙ୍କୁ ଉତ୍ସାହିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ହାଉସିଂ ବୋର୍ଡ ଅଧ୍ୟକ୍ଷ ପ୍ରିୟଦର୍ଶୀ ମିଶ୍ର, କରାଟେ ଆସୋସିଏଶନ ଅଫ୍ ଇଣ୍ଡିଆ (କେଏଆଇ)ମାନ ଆମ୍ବେଡକର ଗୁପ୍ତା, ଏସଏଏଫ୍‌ର ଟେକ୍‌ନିକାଲ ଚେୟାରପର୍ସନ ସିହାନ ଭାସ୍କର,ଇଷ୍ଟ ଇଣ୍ଡିଆ କରାଟେ ଆସୋସିଏଶନର ସଭାପତି ହରିପ୍ରସାଦ ପଟ୍ଟନାୟକ, ସମ୍ପାଦକ ସିହାନ ପ୍ରେମଜିତ୍ ସେନ୍, ହରିୟାଣା ସଂଘ ସମ୍ପାଦକ ସିହାନ ରଜନିଶ ଚୌଧୁରୀ ପ୍ରମୁଖ ଉପସ୍ଥିତ ରହିଥିଲେ। ପ୍ରତିଯୋଗିତାରେ ଓଡ଼ିଶା, ପଶ୍ଚିମବଙ୍ଗ, ବିହାର, ଝାଡ଼ଖଣ୍ଡ ଓ ଆଣ୍ଡାମାନ ନିକୋବରରୁ ପ୍ରତିଯୋଗୀମାନେ ଭାଗ ନେଇଛନ୍ତି। ଏଥିରେ ଓଡ଼ିଶା ପ୍ରତିଯୋଗୀମାନେ ପ୍ରାଧାନ୍ୟ ବିସ୍ତାର କରିଥିଲେ। ୮ ବର୍ଷ ବାଳକ କାଟାରେ ଓଡ଼ିଶାର ହର୍ଶଦ କୁମାର, ଶୁଭମ ଦାସ ଓ ଅର୍ଣ୍ଣବ ବିଶୋଇ ଯଥାକ୍ରମେ ସ୍ୱର୍ଣ୍ଣ, ରୌପ୍ୟ ଓ ବ୍ରୋଞ୍ଜ ହାସଲ କରିଛନ୍ତି। ୮ବର୍ଷ ବାଳକ ୨୦କେଜିରୁ କମ୍ କୁମିତେରେ ପ୍ରତ୍ୟକ୍ଷ ପାତ୍ର ଓ ଅର୍ଣ୍ଣବ ପ୍ରଥମ ଓ ଦ୍ୱିତୀୟ ହୋଇଛନ୍ତି। ୮ବର୍ଷ ବାଳକ ୨୦କେଜିରୁ ଉର୍ଦ୍ଧ୍ୱ କୁମିତେରେ ନିଶାନ ସିଂ, ଅର୍ଣ୍ଣବ କୁମାର ବିଶୋଇ, ଏ. ମହାନ୍ତି ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ହୋଇଥିଲେ। ୩୦କେଜିରୁ କମ୍ ବାଳକ କୁମିତେରେ ସୌମ୍ୟ ସୁଶାନ୍ତ ବିଶ୍ୱାଳ ଏବଂ ୧୦ ବର୍ଷ ବାଳିକା ୨୫କେଜିରୁ କମ୍ କାଟେଗୋରିରେ ଶିଖାସ୍ୱରୂପା ସ୍ୱାଇଁ ସ୍ୱର୍ଣ୍ଣ ଜିତିଥିଲେ।

# ସମୀର, ପାର୍ବତୀଙ୍କୁ ଓଡ଼ିଶାର ନେତୃତ୍ୱ

ଭୁବନେଶ୍ୱର, ୨୪।୧ (ସ୍ପୋର୍ଟ୍ସ ବ୍ୟୁରୋ)

ଆନ୍ଧ୍ର ପ୍ରଦେଶର ୱାଇଏସ୍‌ଆର୍ କଡପ୍ପା ଜିଲାସ୍ଥିତ ରାଜାମପେଟ୍‌ଠାରେ ଆସନ୍ତା ୨୬ରୁ ୩୧ ତାରିଖ ପର୍ଯ୍ୟନ୍ତ ଜାତୀୟ ଜୁନିୟର ଭଲିବଲ୍ (ବାଳକ/ବାଳିକା) ଚାମ୍ପିୟନଶିପ୍‌ର ୪୬ତମ ସଂସ୍କରଣ ଅନୁଷ୍ଠିତ ହେବ। ଏଥିଲାଗି ଓଡ଼ିଶା ବାଳିକା ଓ ବାଳକ ଦଳ ଘୋଷଣା କରାଯାଇଛି। କିଟ୍ ବିଶ୍ୱବିଦ୍ୟାଳୟ କ୍ୟାମ୍ପସ-୮ରେ ଥିବା ଭଲିବଲ୍ କ୍ୟାମ୍ପସରେ ଓଡ଼ିଶା ଦଳ ଚୟନ ପ୍ରକ୍ରିୟା ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମୀର ରଞ୍ଜନ ପାଲ୍ ଓ ପାର୍ବତୀ ଗଡ଼ବାଙ୍କୁ ଯଥାକ୍ରମେ ଓଡ଼ିଶା ବାଳକ ଓ ବାଳିକା ଦଳର ନେତୃତ୍ୱ ପ୍ରଦାନ କରାଯାଇଛି। ଏହି ଚୟନ ପ୍ରକ୍ରିୟା ଅବସରରେ ଓଡ଼ିଶା ଭଲିବଲ୍ ଆସୋସିଏଶନ (ଓଭା)ର ସମ୍ପାଦକ ଡ. ଗଗନେନ୍ଦୁ ଦାସ, ସଭାପତି ସୁବୋଧ କୁମାର ରାଉତରାୟ, କାର୍ଯ୍ୟକାରୀ ସଭାପତି ସଞ୍ଜୟ କୁମାର ଦାସ ପ୍ରମୁଖ ଉପସ୍ଥିତ ରହିଥିଲେ। ଓଡ଼ିଶା ଦଳ ଶୁକ୍ରବାର ଆନ୍ଧ୍ର ପ୍ରଦେଶ ଅଭିମୁଖେ ଗସ୍ତ କରିଛି।



କର୍ମକର୍ତ୍ତାଙ୍କ ଗହଣରେ ଜାତୀୟ ଜୁନିୟର ଭଲିବଲ ପ୍ରତିଯୋଗିତା ପାଇଁ ମନୋନୀତ ଓଡ଼ିଶା ବାଳକ ଦଳର ଖେଳାଳିମାନେ।

**ଜାତୀୟ ଜୁନିୟର ଭଲିବଲ**

**ଓଡ଼ିଶା ବାଳକ ଦଳ:** ସମୀର ରଞ୍ଜନ ପାଲ୍ (ଅଧିନାୟକ), ବିଶ୍ୱଜିତ୍ ମଣ୍ଡଳ, ଦୀନବନ୍ଧୁ ନାହକ, ସୂରଯ କରୁଆନ, ନିଶିକାନ୍ତ ପରିଡ଼ା, ରାଜୁ ପଟ୍ଟନାୟକ, ସୁଶାନ୍ତ ସିଂ, ଅମିତ୍ କୁମାର ହରିଜନ, ୱାସିଉଜ ଜମାନ ଖାଁ, ଟି. ଧନରାଜ, ବିବେକ ସାହୁ, ରମେଶ କୁଡୁକୁ (ଲିବେରୋ), ରଶ୍ମିରଞ୍ଜନ ନନ୍ଦ (କୋଚ୍), ଆଶିଷ କୁମାର ବିହାରୀ (ମ୍ୟାନେଜର)।

**ଓଡ଼ିଶା ବାଳିକା ଦଳ:** ପାର୍ବତୀ ଗଡ଼ବା (ଅଧିନାୟିକା), ଆଶା ମୁଣ୍ଡାରି, ଦୀପ୍ତିମୟୀ କବାସି, କୌଶଲ୍ୟା ମାଝି, ସରସ୍ୱତୀ ଝୋଡ଼ିଆ, ମାମାଲି ନାଗ୍, ବି. ଅନିଶା, ପାୟଲ କାଣ୍ଡି, ରୋଜାଲିନ ଆଣ୍ଡିଆ, ଆରତୀ ହେମ୍ବ୍ରମ, ସଞ୍ଜନା ସାହୁ, ଲିପ୍‌ସାରାଣୀ ମିଶ୍ର (ଲିବେରୋ), ଗୋବିନ୍ଦ ଚନ୍ଦ୍ର ସାହୁ (କୋଚ୍) ଓ ଜୟଶ୍ରୀ ପଲାଇ (ସହାୟକ କୋଚ୍)।

# ଇନ୍‌ଫୋସିସ୍, ବିପ୍ରୋସ୍ ବିଜୟୀ

ଭୁବନେଶ୍ୱର, ୨୪।୧ (ସ୍ପୋର୍ଟ୍ସ ବ୍ୟୁରୋ)

**ସେକ୍ରେଟାରିଏଟ୍ କପ୍ କ୍ରିକେଟ୍**

ଓଡ଼ିଶା ସେକ୍ରେଟାରିଏଟ୍ କ୍ରିକେଟ୍ ଆସୋସିଏଶନ ଆନୁକୂଲ୍ୟରେ ଚାଲିଥିବା ୧୯ତମ ସେକ୍ରେଟାରିଏଟ୍ କପ୍‌ରେ ଶୁକ୍ରବାର ୨ଟି ମ୍ୟାଚ୍ ଖେଳାଯାଇଛି। ଏଥିରେ ଇନ୍‌ଫୋସିସ୍ ଓ ବିପ୍ରୋସ ଦଳ ବିଜୟୀ ହୋଇଛି। ଦିବସର ପ୍ରଥମ ମ୍ୟାଚ୍‌ରେ ବିପ୍ରୋସ୍ ୭ ଉଇକେଟ୍‌ରେ ଡିରେକ୍ଟର ଅଫ୍ ଏଗ୍ରିକଲଚୁରାଲ ଦଳକୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରି ଡିରେକ୍ଟର ଅଫ୍ ଏଗ୍ରିକଲ୍‌ଚୁରାଲ ୧୪.୩ ଓଭରରେ ୫୮ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ବିପ୍ରୋସର ରନେଶ ସାହୁ ୪ଟି ଉଇକେଟ୍ ନେଇଥିଲେ। ଜବାବରେ ବିପ୍ରୋସ ୧୨ ଓଭରରେ ୩ ଉଇକେଟ୍ ହରାଇ ଲକ୍ଷ୍ୟ ହାସଲ କରିନେଇଥିଲା। ଅଲ୍‌ରାଉଣ୍ଡ ପ୍ରଦର୍ଶନ ଲାଗି ସୁଶାନ୍ତ ରାଉତ(୨୧ ରନ, ୨ ଉଇକେଟ୍) ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ସେହିଭଳି ଅନ୍ୟ ଏକ ମ୍ୟାଚ୍‌ରେ ଇନ୍‌ଫୋସିସ୍ ୯ ଉଇକେଟ୍‌ରେ ଓଡ଼ିଶା ପଲ୍ୟୁସନ୍ କଣ୍ଟ୍ରୋଲ ବୋର୍ଡକୁ ପରାସ୍ତ କରିଛି। ଓଡ଼ିଶା ପଲ୍ୟୁସନ କଣ୍ଟ୍ରୋଲ ବୋର୍ଡ ପ୍ରଥମେ ବ୍ୟାଟିଂ କରି ୨୦ ଓଭରରେ ୭ ଉଇକେଟ୍ ହରାଇ ୮୬ ରନ କରିଥିଲା। ଜବାବରେ ଇନ୍‌ଫୋସିସ୍ ରାଜେଶ ପାଣି (୫୪)ଙ୍କ ଅପରାଜିତ ଅର୍ଦ୍ଧଶତକ ବଳରେ ୧୦ ଓଭରରେ ଗୋଟିଏ ଉଇକେଟ୍ ଆବଶ୍ୟକ ରନ୍ ସଂଗ୍ରହ କରିନେଇଥିଲା। ରାଜେଶ ଶ୍ରେଷ୍ଠ ଖେଳାଳି ପୁରସ୍କାର ପାଇଥିଲେ।



ସୁଶାନ୍ତ ରାଉତ ପୁରସ୍କାର ଗ୍ରହଣ କରୁଛନ୍ତି।

# ସେରେନା, ଓସାକାଙ୍କ ବିପର୍ଯ୍ୟୟ

**ମେଲବୋର୍ନ,୨୪।୧ (ଏଏଫ୍‌ପି)**

ବର୍ଷର ପ୍ରଥମ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟ ଅଷ୍ଟ୍ରେଲିଆନ ଓପନ୍ ଟେନିସ ଟୁର୍ନାମେଣ୍ଟରେ ଶୁକ୍ରବାର ମହିଳା ସିଙ୍ଗଲ୍ସ ଇଭେଣ୍ଟରେ ଏକାଧିକ ବିପର୍ଯ୍ୟୟ ଦେଖିବାକୁ ମିଳିଛି। ଅଭିଜ୍ଞ ଆମେରିକୀୟ ଖେଳାଳି ସେରେନା ୱିଲିୟମ୍ସ, ଡେନ୍‌ମାର୍କର କାରୋଲିନ୍ ଓଜନିଆକି ଓ ଗତଥରର ଚାମ୍ପିୟନ ତଥା ଜାପାନର ତୃତୀୟ ସିଡ ଖେଳାଳି ନାଓମି ଓସାକା ତୃତୀୟ ରାଉଣ୍ଡରେ ପରାସ୍ତ ହୋଇ ବିଦାୟ ନେଇଛନ୍ତି। ଟୁର୍ନମେଣ୍ଟର ପଞ୍ଚମ ଦିବସରେ ଅଷ୍ଟମ ସିଡ ସେରେନା ୪-୬, ୭-୬, ୫-୭ ସେଟ୍‌ରେ ୨୭ତମ ସିଡ୍ ଖେଳାଳି ଚାଇନାର କିଆଙ୍ଗ୍ ୱାଙ୍ଗ୍‌ଠାରୁ ପରାସ୍ତ ହୋଇ ବିପର୍ଯ୍ୟୟର ସମ୍ମୁଖୀନ ହୋଇଛନ୍ତି। ୱାଙ୍ଗ୍ ଏବେ ଚତୁର୍ଥ ରାଉଣ୍ଡରେ ଟ୍ୟୁନିସିଆର ଓନ୍ସ ଜାବେଉରଙ୍କୁ ଭେଟିବେ। ବିଶ୍ୱର ୭୮ ନମ୍ବର ଖେଳାଳି ଜାବେଉର ଅନ୍ୟ ଏକ ତୃତୀୟ ରାଉଣ୍ଡ ମ୍ୟାଚ୍‌ରେ ୭-୫, ୩-୬, ୭-୫ ସେଟ୍‌ରେ ଓଜନିଆକିଙ୍କୁ ପରାସ୍ତ କରିଛନ୍ତି। ୩୬ ନମ୍ବର ଖେଳାଳି ଓଜନିଆକି ବିପର୍ଯ୍ୟୟର ସମ୍ମୁଖୀନ ହେବା ସହ ବିଦାୟ ନେଇଛନ୍ତି। ସେହିପରି ଅନ୍ୟ ଏକ ତୃତୀୟ ରାଉଣ୍ଡ ମୁକାବିଲାରେ ଓସାକା ଆମେରିକୀୟ ଟିନ୍ ସେନସେସନ କୋକୋ ଗଫ୍‌ଙ୍କଠାରୁ ପରାସ୍ତ ହୋଇ ବିପର୍ଯ୍ୟୟର ସମ୍ମୁଖୀନ ହୋଇଛନ୍ତି। ବିଶ୍ୱର ୬୭ ନମ୍ବର ଖେଳାଳି ଗଫ୍ ୬-୩, ୬-୪ ସେଟ୍‌ରେ ଓସାକାଙ୍କୁ ଅତି ସହଜରେ ହରାଇ ଚତୁର୍ଥ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଗଫ୍ ଏବେ ନିଜ ଦେଶର ୧୪ତମ ସିଡ୍ ଖେଳାଳି ସୋଫିଆ କେନିନଙ୍କୁ ଭେଟିବେ। କେନିନ ଅନ୍ୟ ଏକ ମ୍ୟାଚ୍‌ରେ ଚାଇନାର ଶୁଆଇ ଝାଙ୍ଗଙ୍କୁ ୭-୫,୭-୬ ସେଟରେ ହରାଇ ଅଗ୍ରଗତି କରିଛନ୍ତି। ବିଶ୍ୱର ୧ ନମ୍ବର ଖେଳାଳି ଅଷ୍ଟ୍ରେଲିଆର ଆସଲେ ବାର୍ଟି ୬-୩, ୬-୨ ସେଟ୍‌ରେ କାଜାଖସ୍ତାନର ଏଲିନା ରିବାକିନାଙ୍କୁ ଓ ଆମେରିକାର ୧୮ତମ ସିଡ୍ ଖେଳାଳି ଅଲିସନ ରିସ୍‌କେ ୧-୬, ୭-୬,୬-୨ ସେଟ୍‌ରେ ଜର୍ମାନୀ ଜୁଲିଆ ଜର୍ଜେସଙ୍କୁ ହରାଇ ଅଗ୍ରଗତି କରିଛନ୍ତି। ଚତୁର୍ଥ ରାଉଣ୍ଡରେ ରିସ୍‌କେ ଓ ବାର୍ଟି ମୁହାଁମୁହିଁ ହେବେ। ଅନ୍ୟପଟେ ସପ୍ତମ ସିଡ ଖେଳାଳି ଚେକ ରିପବ୍ଲିକ୍‌ର ପେଟ୍ରା କ୍ୟୁଟୋଭା ୬-୧, ୬-୨ ସେଟ୍‌ରେ ରୁଷିଆର ଏକାଟେରିନା ଆଲେଜାଣ୍ଡ୍ରୋଭଙ୍କୁ ଏବଂ ୨୨ତମ ସିଡ୍ ଗ୍ରୀସ୍‌ର ମାରିଆ ସାକାରୀ ୬-୪, ୬-୪ ସେଟ୍‌ରେ ଦଶମ ସିଡ ଆମେରିକାର ମାଡିନସନ କେଜଙ୍କୁ ହରାଇ ଚତୁର୍ଥ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଏବେ କ୍ୟୁଟୋଭା ଓ ସାକାରୀ ପରସ୍ପରକୁ ଭେଟିବେ।




ପରାଜୟ ଗ୍ଲାନି: ମହିଳା ସିଙ୍ଗଲ୍ସ ତୃତୀୟ ରାଉଣ୍ଡରେ ହାରିଯିବା ପରେ ମର୍ମାହତ ସେରେନା ୱିଲିୟମ୍ସ ଓ ନାଓମି ଓସାକା।

ପ୍ରଥମ ଜନ୍ମଦିନ ଶୁଭେଚ୍ଛା

(ଇଶାନ)
ଦେବାଂଶ ଦାଶ
ବ୍ରହ୍ମେଶ୍ୱରପାଟଣା, ଭୁବନେଶ୍ୱର
ଆଜି ତୁମର ପ୍ରଥମ ଜନ୍ମଦିନ ଅବସରରେ ପ୍ରଭୁ ଶ୍ରୀଜଗନ୍ନାଥ ଓ ବାବା ବ୍ରହ୍ମେଶ୍ୱରଙ୍କ ନିକଟରେ ଏହି ପ୍ରାର୍ଥନା ଯେ, ତୁମର ଚଲାପଥ କୁସୁମିତ ହେବାସହ ତୁମେ ଯଶସ୍ୱୀ, ଦୀର୍ଘାୟୁ ଓ ନୀରୋଗ ରୁହ।
ଶୁଭେଚ୍ଛା ସହ:
ଜେଜେବାପା, ଜେଜେମା', ଆଇ, ପାପା, ମାମା, ପିଉସା, ମମାନାନୀ, ଗୁନୁନାନୀ, ଆନନ୍ଦ ମାମୁ, ତିତିଲି, ସାଇ ଓ ଶ୍ରଦ୍ଧା।
ଧ-୬୭୨୭୮

୬୪ତମ ଜନ୍ମଦିନ ଶୁଭେଚ୍ଛା

ନାରାୟଣ ଚନ୍ଦ୍ର ସିହ୍ନା ଖୋକନ/ ବାବୁ
କିରନ୍-ଜ୍ୟୋତି ଭବନ, ଉପରମାଳି ସାହି, ପୁରୀ
ତା. ୨୫।୦୧।୨୦୨୦ ରିଖ ଶନିବାର ଦିନ ୬୪ତମ ଜନ୍ମତିଥି ଉତ୍ସବରେ ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ମା' ଅମ୍ବିକେଶ୍ୱରୀ ଏବଂ ସ୍ୱର୍ଗତ ପିତା, ମାତା, ଗୁରୁ ଓ ଇଷ୍ଟଦେବାଦେବୀଙ୍କ ଆଶୀର୍ବାଦରୁ ତୁମର ଆୟୁଷ ବୃଦ୍ଧି ସଙ୍ଗେ ସଙ୍ଗେ ନୀରୋଗ ରହିବ ଏବଂ ତୁମକୁ ଈଶ୍ୱରଙ୍କର ଅଲୌକିକ ଶକ୍ତି ପ୍ରାପ୍ତ ହେବ, ଏହାହିଁ ଅନନ୍ତ କୋଟିର ବିଶ୍ୱ ନିଅନ୍ତାଙ୍କ ନିକଟରେ ପ୍ରାର୍ଥନା । କିରନ-ଜ୍ୟୋତି ପରିବାରବର୍ଗ, ଉପରମାଳି ସାହି, ବଡ ଡାକ୍ତରଖାନା ଛକ ନିକଟ, ପୁରୀ ।
ଧ-୬୮୮୧୪

ପ୍ରଥମ ଜନ୍ମଦିନ ଶୁଭେଚ୍ଛା

ଶୁଭିକ୍ସା ବେହେରା (ସାନ୍‌ଭି)
ଗ୍ରାମ: ରାଣୀପଡ଼ା, ବାଣପୁର (ଖୋର୍ଦ୍ଧା)
ମହାପ୍ରଭୁ ଶ୍ରୀଜଗନ୍ନାଥ ତୋର ଚଲାପଥ କୁସୁମିତ କରନ୍ତୁ ଓ ତୋତେ ଦୀର୍ଘାୟୁ କରନ୍ତୁ।
ଶୁଭେଚ୍ଛା ସହ:
ଅଜା, ଆଇ, ମାମୁ, ମାଈଁ, ମଉସା, ମାଉସୀ, ବାବା, ମାମା, ସିନ୍ଟୁ, ଟିଙ୍କି, ମାମାଲି ଏବଂ ତପନ ପ୍ରଧାନ ଓ ପରିବାରବର୍ଗ ।
ଧ-୧୬୨୭୫

# ଟେନିସରୁ ଓଜନିଆକିଙ୍କ ଅବସର

**ମେଲବୋର୍ନ,୨୪।୧(ଏଏଫ୍‌ପି)**

କାରୋଲିନା ଓଜନିଆକିଙ୍କ ଉଜ୍ଜ୍ୱଳମୟ ଟେନିସ କ୍ୟାରିୟର ଅଷ୍ଟ୍ରେଲିଆନ ଓପନରେ ଶେଷ ହୋଇଛି। ଶୁକ୍ରବାର ନିମ୍ନ ର୍‍ୟାଙ୍କଧାରୀ ଟ୍ୟୁନିସିଆ ଖେଳାଳି ଓନ୍ସ ଜାବେଙ୍କଠାରୁ ୭-୫, ୩-୬, ୭-୫ ସେଟ୍‌ରେ ପରାଜୟ ସହ ଓଜନିଆକି ଅନ୍ତର୍ଜାତୀୟ ଟେନିସରୁ ବିଦାୟ ନେଇଛନ୍ତି। ପୂର୍ବତନ ଶୀର୍ଷ ର୍‍ୟାଙ୍କଧାରୀ ଡେନମାର୍କ ଖେଳାଳି ଗତ ଡିସେମ୍ବରରେ ଅଷ୍ଟ୍ରେଲିଆନ ଓପନ କ୍ୟାରିୟରର ଅନ୍ତିମ ଟୁର୍ନାମେଣ୍ଟ ହେବ ବୋଲି ଘୋଷଣା କରିଥିଲେ। ୨୯ ବର୍ଷୀୟା ଓଜନିଆକି କ୍ୟାରିୟରରେ ୩୦ ଡବ୍ଲ୍ୟୁଟିଏ ଓ ଗୋଟିଏ ଗ୍ରାଣ୍ଡସ୍ଲାମ ଟାଇଟଲ ହାସଲ କରିଛନ୍ତି। ୨୦୧୮ରେ ଏଠାରେ ହିଁ ପ୍ରଥମ ଓ ଅନ୍ତିମ ଗ୍ରାଣ୍ଡସ୍ଲାମ ଅଷ୍ଟ୍ରେଲିଆନ ଓପନ ଟାଇଟଲ ଜିତିଥିଲେ। ତିନି ସେଟ ବିଶିଷ୍ଟ ମ୍ୟାଚ୍ ଓ ତ୍ରୁଟିପୂର୍ଣ୍ଣ ଫୋରହ୍ୟାଣ୍ଡ ଶଟ୍ ସହ ମୁଁ କ୍ୟାରିୟର ଶେଷ କରିଛି। କୋର୍ଟରେ ମୋର ଅବିଶ୍ୱସନୀୟ ଅଭିଜ୍ଞତା ରହିଛି। ମୋତେ ପ୍ରଶଂସକ ଓ ପରିବାରର ସମ୍ପୂର୍ଣ୍ଣ ସମର୍ଥନ ମିଳିଥିଲା। କୋର୍ଟରେ ବହୁତ ସ୍ମୃତି ରହିଛି, ଯାହା ମୋର ଶେଷ ପର୍ଯ୍ୟନ୍ତ ମନେ ରହିବ ବୋଲି ଭାବବିହ୍ୱଳ ହୋଇ ଓଜନିଆକି ମ୍ୟାଚ୍ ପରେ କହିଛନ୍ତି।



# ମନଜିତ୍, ଆସ୍ୱସ୍ତି ଚାମ୍ପିୟନ

**ସେକ୍ରେଟାରିଏଟ୍ କପ୍ ବ୍ୟାଡ୍‌ମିଣ୍ଟନ**

**ଭୁବନେଶ୍ୱର, ୨୪।୧ (ସ୍ପୋର୍ଟ୍ସ ବ୍ୟୁରୋ)**

ଓଡ଼ିଶା ରାଜ୍ୟ ସେକ୍ରେଟାରିଏଟ୍ ବ୍ୟାଡ୍‌ମିଣ୍ଟନ ଆସୋସିଏଶନ (ଓଏସ୍ଏସ୍‌ବିଏ) ଆନୁକୂଲ୍ୟରେ ଚାଲିଥିବା ସେକ୍ରେଟାରିଏଟ୍ ଓପନ୍ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତାର ପୁରୁଷ ଓ ମହିଳା ସିଙ୍ଗଲ୍ସ ଫାଇନାଲ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ପଟିଆସ୍ଥିତ ଉଡାନ ବ୍ୟାଡ୍‌ମିଣ୍ଟନ ଏକାଡେମୀରେ ଅନୁଷ୍ଠିତ ପୁରୁଷ ସିଙ୍ଗଲ୍ସ ଫାଇନାଲରେ ମନ୍‌ଜିତ୍ ସାବତ ୨-୧ ଗେମ୍‌ରେ ମୋତିଲାଲ କାଲୋଙ୍କୁ ପରାସ୍ତ କରି ଚାମ୍ପିୟନ ହୋଇଛି। ସେହିଭଳି ପୁରୁଷ ଡବଲ୍ସ ବିଭାଗରେ ବିଶ୍ୱରଞ୍ଜନ ବିଶୋଇ ଓ ମୋତିଲାଲ କାଲୋ ଯୋଡ଼ି ଚାମ୍ପିୟନ ହୋଇଛନ୍ତି। ଅପରପକ୍ଷରେ ମହିଳା ସିଙ୍ଗଲ୍ସରେ ଆସ୍ୱସ୍ତି ପ୍ରଧାନ ୬-୦ରେ ମୋନାଲି ପ୍ରଧାନଙ୍କୁ ହରାଇ ଟାଇଟଲ୍ ଜିତିଛନ୍ତି। ସେହିଭଳି ପଞ୍ଚମ ଅଲ୍ ଓଡ଼ିଶା ଏମ୍ପ୍ଲଇଜ ଓପନ୍ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତା ଶୁକ୍ରବାରଠାରୁ ଆରମ୍ଭ ହୋଇଛି। ଭେଟେରାନ ସିଙ୍ଗଲ୍ସରେ ସଞ୍ଜୟ କୁମାର ରାଉତ, ଅସିତ୍ ପଟ୍ଟନାୟକ, ହେମନ୍ତ କୁମାର ମିଶ୍ର ଏବଂ ଗୁଣନିଧି ସେଠୀ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଭେଟେରାନ ଡବଲ୍ସରେ ମଧ୍ୟ ସେମିଫାଇନାଲ ଲାଇନ୍‌ଅପ୍ ଚୂଡ଼ାନ୍ତ ହୋଇଯାଇଛି।

ଓସ୍‌ବା କାର୍ଯ୍ୟକାରୀ ସଭାପତି ଉମାଶଙ୍କର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ରାଜ୍ୟ ମୁଖ୍ୟ ଶାସନ ସଚିବ ଅସିତ୍ ତ୍ରିପାଠୀ ଅତିଥିଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏଏସ୍ଏମ୍ଏସିଏସ୍ ଗ୍ରୁପ୍‌ର ଚେୟାରମ୍ୟାନ ଡ. ଦେବ ଲୋକନାଥ ମହାନ୍ତି, ଉଡାନ ବ୍ୟାଡ୍‌ମିଣ୍ଟନର ସଭାପତି ଅଶୋକ ମିଶ୍ର ପ୍ରମୁଖ ଏହି ଅବସରରେ ଉପସ୍ଥିତ ରହିଥିଲେ।

# ଲୁଲୁଙ୍କ ଶତକ: ରାଧାମୋହନ ବିଜୟୀ

**ଶାଗୁଆ କପ୍ କ୍ରିକେଟ୍**

**ବାଲକାଟୀ, ୨୪।୧ (ଡିଏନ୍.ଏ.)**

ଏଠାରେ ଚାଲିଥିବା ଚତୁର୍ଥ ଶାଗୁଆ କପ୍ ମା ଉପୁଳାଇ କ୍ରିକେଟ୍ ଟୁର୍ନାମେଣ୍ଟରେ ଶୁକ୍ରବାର ଗୋଟିଏ ମ୍ୟାଚ୍ ଖେଳାଯାଇଛି। ଏଥିରେ ଗୋପାଳପୁରର ରାଧାମୋଦନ ଦଳ ବିଜୟୀ ହୋଇଛି। ଏହି ମ୍ୟାଚ୍‌ରେ ରାଧାମୋହନ ୩ ଉଇକେଟ୍‌ରେ ଏମ୍‌ବିଏସ୍ ଏକାଦଶକୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରି ଏମ୍‌ମିଏସ୍ ଏକାଦଶ ରିତେଶ ରଣାଙ୍କ ୬୫ ରନ ବଳରେ ୭ ଉଇକେଟ୍ ହରାଇ ୨୨୬ ରନ କରିଥିଲା। ପ୍ରତିପକ୍ଷ ବୋଲର ସୁବ୍ରତ ବେହେରା ୪ ଉଇକେଟ୍ ନେଇଥିଲେ। ଜବାବରେ ରାଧାମୋହନ ଲୁଲୁ ସ୍ୱାଇଁଙ୍କ ଶତକ ବଳରେ ୭ ଉଇକେଟ୍ ହରାଇ ଲକ୍ଷ୍ୟ ହାସଲ କରିନେଇଥିଲା। ପ୍ରତିପକ୍ଷ ବୋଲର ଶେଖ୍ ତନବୀରଙ୍କୁ ୩ ଉଇକେଟ୍ ମିଳିଥିଲା। ମ୍ୟାଚ୍ ବିଜୟୀ ଶତକ ଲାଗି ଲୁଲୁ ସ୍ୱାଇଁ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ସେହିଭଳି ବର୍ମା ସ୍ପୋର୍ଟ୍ସ ପ୍ଲେୟାର ଅଫ୍ ଦି ମ୍ୟାଚ୍ ପୁରସ୍କାର ରିତେଶ ରଣା, ମୋଷ୍ଟ ଭାଲ୍ୟୁଏବଲ ପ୍ଲେୟାର ପୁରସ୍କାର କୀର୍ତ୍ତିଚନ୍ଦ୍ର ମହାରଣା ପାଇଥିଲେ। ପ୍ରବୋଧ କୁମାର ନାୟକ ଓ ବିଧୁ ଭୂଷଣ ପଟ୍ଟନାୟକ ଅତିଥିଭାବେ ଯୋଗ ଦେଇଥିଲେ।

# ଚତୁର୍ଥ ରାଉଣ୍ଡରେ ଫେଡରର, ଜୋକୋଭିଚ୍

**ମେଲବୋର୍ନ, ୨୪।୧(ଏଏଫପି)**

ଅଷ୍ଟ୍ରେଲିଆନ ଓପନ ପୁରୁଷ ସିଙ୍ଗଲ୍ସରେ ଶୁକ୍ରବାର ସିଡେଡ ଖେଳାଳିମାନେ ଚତୁର୍ଥ ରାଉଣ୍ଡରେ ପ୍ରବେଶ କରିଛନ୍ତି। ସୁଇଜରଲାଣ୍ଡର ଅଭିଜ୍ଞ ଖେଳାଳି ତୃତୀୟ ସିଡ୍ ରୋଜର ଫେଡରର ମାରାଥନ ୪-୬, ୭-୬, ୬-୪, ୪-୬, ୭-୬ ସେଟ୍‌ରେ ଅଷ୍ଟ୍ରେଲିଆର ଜନ୍ ମିଲମ୍ୟାନଙ୍କୁ ହରାଇ ଅଗ୍ରଗତି କରିଛନ୍ତି। ଚତୁର୍ଥ ରାଉଣ୍ଡରେ ସେ ହଙ୍ଗେରୀର ମାର୍ଟନ ଫୁକ୍‌ସୋଭିକ୍ସଙ୍କୁ ଭେଟିବେ। ମାର୍ଟନ ୬-୧,୬-୧,୬-୪ ସେଟ୍‌ରେ ଟୋମି ପଲ୍‌ଙ୍କୁ ହରାଇ ଚତୁର୍ଥ ରାଉଣ୍ଡରେ ପ୍ରବେଶ କରିଛନ୍ତି। ସେହିପରି ଅନ୍ୟ ଏକ ଚତୁର୍ଥ ରାଉଣ୍ଡ ମ୍ୟାଚ୍‌ରେ କ୍ରୋଏସିଆର ମାରିନ ସିଲିକ ଓ ୩୨ତମ ସିଡ୍ କାନାଡାର ମିଲୋସ ରାଓନିକ ପରସ୍ପରକୁ ଭେଟିବେ। ସିଲିକ ତୃତୀୟ ରାଉଣ୍ଡରେ ନବମ ସିଡ ରବର୍ଟ ବାତିସ୍ତା ଅଗୁଟଙ୍କୁ ୬-୭, ୬-୪,୬-୦, ୫-୭, ୬-୩ ସେଟ୍‌ରେ ଓ ରାଓନିକ ୭-୫, ୬-୪, ୭-୬ ସେଟ୍‌ରେ ଷଷ୍ଠ ସିଡ୍ ଗ୍ରୀସର ଷ୍ଟିଫାନୋସ ସିଟିସ୍‌ପାସଙ୍କୁ ହରାଇ ଚତୁର୍ଥ ରାଉଣ୍ଡରେ ପ୍ରବେଶ କରିଛନ୍ତି। ସେହିପରି ସର୍ବିଆର ଦ୍ୱିତୀୟ ସିଡ ଖେଳାଳି ନୋଭାକ ଜୋକୋଭିଚ୍ ୬-୩, ୬-୨, ୬-୨ ସେଟ୍‌ରେ ଜାପାନର ୟୋସିହିଟୋ ନିଶିଓକାଙ୍କୁ ହରାଇ ଚତୁର୍ଥ ରାଉଣ୍ଡରେ ପ୍ରବେଶ କରିଛନ୍ତି। ସେ ଏବେ ୧୪ତମ ସିଡ୍ ଆର୍ଜେଣ୍ଟିନାର ଡିଏଗୋ ସ୍ୱାର୍ଜମ୍ୟାନଙ୍କୁ ଭେଟିବେ। ସ୍ୱାର୍ଜମ୍ୟାନ ଅନ୍ୟ ଏକ ତୃତୀୟ ରାଉଣ୍ଡ ମ୍ୟାଚ୍‌ରେ ୬-୨, ୬-୩, ୭-୬ ସେଟ୍‌ରେ ୨୪ତମ ସିଡ୍ ସର୍ବିଆର ଡୁସାନ ଲାଜୋଭିକଙ୍କୁ ହରାଇ ଅଗ୍ରଗତି କରିଛନ୍ତି। ସେହିପରି ଅନ୍ୟ ଏକ ଚତୁର୍ଥ ରାଉଣ୍ଡ ମ୍ୟାଚ୍‌ରେ ଇଟାଲୀର ଦ୍ୱାଦଶ ସିଡ ଖେଳାଳି ଫାବିଓ ଫୋଗୋନିନି ଓ ଆମେରିକାର ଟେନିସ ସାଣ୍ଡଗ୍ରୀନ ପରସ୍ପରକୁ ଭେଟିବା ସ୍ପଷ୍ଟ ହୋଇଛି। ଫୋଗୋନିନି ୭-୬, ୬-୨, ୬-୩ ସେଟ୍‌ରେ ୨୨ତମ ଆର୍ଜେଣ୍ଟିନାର ଗୁଇଡୋ ପେଲାଙ୍କୁ ଓ ସାଣ୍ଡଗ୍ରୀନ ୬-୪, ୬-୪, ୬-୦୪ ସେଟ୍‌ରେ ଆମେରିକାର ସାମ କ୍ୟୁରେଙ୍କୁ ହରାଇ ଚତୁର୍ଥ ରାଉଣ୍ଡରେ ପ୍ରବେଶ କରିଛନ୍ତି।

# ଜିକିତ୍ସା ଓଡ଼ିଶା କ୍ରିକେଟ ଲିଗ୍: କୋଷ୍ଟାଲ ଥଣ୍ଡର ଚାମ୍ପିୟନ





ଟ୍ରଫି ସହ ଚାମ୍ପିୟନ କୋଷ୍ଟାଲ ଥଣ୍ଡର ଦଳର ଖେଳାଳିମାନେ।

**ଭୁବନେଶ୍ୱର, ୨୪।୧(ସ୍ପୋର୍ଟ୍ସ ବ୍ୟୁରୋ)**

ସ୍ଥାନୀୟ ସହିଦ ସ୍ପୋର୍ଟିଂ ଗ୍ରାଉଣ୍ଡରେ ଅନୁଷ୍ଠିତ ଜିକିତ୍ସା ଓଡ଼ିଶା କ୍ରିକେଟ ଲିଗ୍‌ରେ କୋଷ୍ଟାଲ ଥଣ୍ଡର ଚାମ୍ପିୟନ ହୋଇଛି। ଶୁକ୍ରବାର ଖେଳାଯାଇଥିବା ଫାଇନାଲ ମ୍ୟାଚ୍‌ରେ ସାଉଥ୍ ୱେଷ୍ଟର୍ନ ଷ୍ଟାରକୁ ୯ ଉଇକେଟରେ ହରାଇ କୋଷ୍ଟାଲ ବାଜି ମାରିଛି। ଦୁଇ ଫାଇନାଲିଷ୍ଟଙ୍କ ସମେତ ଏହି ଲିଗ୍‌ରେ ୫ଟି ଦଳ ଅଂଶଗ୍ରହଣ କରିଥିଲେ। ଜିକିତ୍ସା ହେଲ୍‌ଥ କେୟାର ଆନୁକୂଲ୍ୟରେ ୧୦୮ ଆମ୍ବୁଲାନ୍ସ ସେବାର ସମସ୍ତ ସଦସ୍ୟଙ୍କ ମଧ୍ୟରେ ବନ୍ଧୁତା, ଏକତା, ଖେଳୁଆଡ ମନୋଭାବ ସୃଷ୍ଟି କରିବା ଉଦ୍ଦେଶ୍ୟରେ ଏହି ଲିଗ୍ ଆୟୋଜନ ହୋଇଥିଲା। ଏଥିରେ ଅଂଶଗ୍ରହଣ କରିଥିବା ଅନ୍ୟ ଦଳଗୁଡିକ ହେଲେ ମେଣ୍ଟେନାନ୍ସ ଏକ୍ସଆଇ, ରିଜିଓନାଲ ୱାରିୟର୍ସ ଓ ନର୍ଥ ବ୍ଲାଷ୍ଟ। ଜିକିତ୍ସା ହେଲଥ୍ କେୟାର ଲିମିଟେଡର ଷ୍ଟେଟ୍ ହେଡ୍ ସବ୍ୟସାଚୀ ବିଶ୍ୱାଳ ଓ ଓଡ଼ିଶା ଏଚ୍ଆର ହେଡ୍ ଦୀପକ ଶ୍ରୀବାସ୍ତବ ଟୁର୍ନାମେଣ୍ଟ ଉଦ୍‌ଘାଟନ କରିଥିଲେ ଓ ମ୍ୟାଚ୍ ଶେଷରେ ଚାମ୍ପିୟନ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ପୂର୍ବରୁ ଖେଳାଯାଇଥିବା ସେମିଫାଇନାଲ ମ୍ୟାଚ୍‌ରେ ସାଉଥ୍ ୱେଷ୍ଟର୍ନ ଷ୍ଟାର ୬୦ ରନରେ ରିଜିଓନାଲ ୱାରିୟର୍ସକୁ ଓ କୋଷ୍ଟାଲ ଥଣ୍ଡର ୨ ଉଇକେଟରେ ମେଣ୍ଟେନାନ୍ସ ଏକ୍ସଆଇକୁ ହରାଇ ଫାଇନାଲରେ ପ୍ରବେଶ କରିଥିଲା। ଫାଇନାଲରେ କୋଷ୍ଟାଲର ଦୀପକ ରଞ୍ଜନ ମିଶ୍ର ୩୫ ରନକରି ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ସେହିପରି ସାଉଥ୍ ୱେଷ୍ଟର୍ନର ରାଜେଶ ସାହୁ ମ୍ୟାନ୍ ଅଫ୍ ଦି ଟୁର୍ନାମେଣ୍ଟ ବିବେଚିତ ହୋଇଥିଲେ। ସେ ସେମିରେ ୭୨ ରନ ସଂଗ୍ରହ କରିଥିଲେ।

# କଟକରେ ଓଡ଼ିଶା ଏଫ୍‌ସିର ଚୟନ ଶିବିର

**କଟକ ଅଫିସ,୨୪।୧**

ସ୍ଥାନୀୟ ସତ୍ୟବ୍ରତ ଷ୍ଟାଡିୟମରେ ଓଡ଼ିଶା ଏଫ୍‌ସିର ଜୁନିୟର ଖେଳାଳି ଚୟନ ଶିବିର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୩, ୧୫ ଓ ୧୮ବର୍ଷରୁ କମ୍ ବୟସ ବର୍ଗର ୩୦୦ ବାଳକ ଖେଳାଳି ଅଂଶଗ୍ରହଣ କରିଥିଲେ। ଏଥିମଧ୍ୟରୁ ପ୍ରାୟ ୧୦୦ ଖେଳାଳି ପରବର୍ତ୍ତୀ ପର୍ଯ୍ୟାୟକୁ ବଛାଯିବେ। ପୂର୍ବରୁ ଭୁବନେଶ୍ୱରରେ ଓଡ଼ିଶା ଏଫ୍‌ସିର ଜୁନିୟର ଖେଳାଳି ଚୟନ ଶିବିର ଅନୁଷ୍ଠିତ ହୋଇଥିଲା। ଉଭୟ ଶିବିରକୁ ଆଧାର କରି ଜୁନିୟର ଓଡ଼ିଶା ଏଫ୍‌ସି ଦଳ ଖୁବଶୀଘ୍ର ଚୂଡ଼ାନ୍ତ କରାଯିବ ବୋଲି କ୍ଲବ ପକ୍ଷରୁ କୁହାଯାଇଛି। ଏହି ଦଳ ଆସନ୍ତା ସଂସ୍କରଣର ବିଭିନ୍ନ ଟୁର୍ନାମେଣ୍ଟରେ ଭାଗ ନେବ। ଓଡ଼ିଶା ଏଫ୍‌ସିର ସହକାରୀ କୋଚ୍ ଥାଙ୍ଗବୋଇ ସିଙ୍ଗଟୋ ଶିବିରରେ ଉପସ୍ଥିତ ରହି କହିଥିଲେ ଯେ, ତୃଣମୂଳସ୍ତରରୁ ଖେଳାଳି ବାଛିବା ଆମ କ୍ଲବର ଲକ୍ଷ୍ୟ। ଜୁନିୟର ବର୍ଗରୁ ପ୍ରତିଭାବାନ ଖେଳାଳି ବାଛିବା ଆରମ୍ଭ କରିଛୁ। ରାଜ୍ୟ ସରକାରଙ୍କ ସହଯୋଗ ଜାରି ରହିଛି। କଟକରେ ଏହା ପ୍ରଥମ ପର୍ଯ୍ୟାୟ ଚୟନ ଶିବିର। ଆଗାମୀ ଦିନରେ ଏହି କାର୍ଯ୍ୟକ୍ରମ ବ୍ୟାପକ ଭାବେ କରାଯିବ ବୋଲି ସିଙ୍ଗଟୋ କହିଛନ୍ତି। ଓଡ଼ିଶା ଏଫ୍‌ସିର ମୁଖ୍ୟ ଫୁଟବଲ ଉନ୍ନୟନ ଅଧିକାରୀ ଆକାଶ ନାରୁଲା କହିଥିଲେ ଯେ, ଜୁନିୟର ଓ ଯୁବ ଖେଳାଳିଙ୍କୁ ଉତ୍ସାହିତ କରିବା ଓଡ଼ିଶା ଏଫ୍‌ସିର ମୂଳ ଲକ୍ଷ୍ୟ। ଏହି ଖେଳାଳିମାନେ ଉଚ୍ଚମାନର ପ୍ରଶିକ୍ଷଣ ହାସଲ କରି ଆଗାମୀ ଦିନରେ ଜାତୀୟ ତଥା ବିଭିନ୍ନ ନାମୀଦାମୀ କ୍ଲବରେ କିପରି ଦେଖିବାକୁ ମିଳିବେ ସେଥିନିମନ୍ତେ ପ୍ରଚେଷ୍ଟା କରାଯିବ। ଏହି ଅବସରରେ ଗ୍ରାସରୁଟ କୋଚ୍ ସୌରଭ ଭିରଡ଼ି, ସେଖ୍ ସହନୱାଜ ଆଲାମ, ଐଶ୍ୱର୍ଯ୍ୟନ ପିଲାଇ, ସହକାରୀ ଗ୍ରାସ୍‌ରୁଟ ମ୍ୟାନେଜର ଶୁଭମ ଦାସ ପ୍ରମୁଖ ଉପସ୍ଥିତ ଥିଲେ।



କଟକର ସତ୍ୟବ୍ରତ ଷ୍ଟାଡିୟମରେ ଓଡ଼ିଶା ଏଫ୍‌ସି ପକ୍ଷରୁ ଅନୁଷ୍ଠିତ ଖେଳାଳି ଚୟନ ଶିବିରରେ ଯୋଗ ଦେଇଥିବା ଫୁଟବଲ ଖେଳାଳି।

ମନେ ପଡ଼ନ୍ତି

ତୃତୀୟ ଶ୍ରାଦ୍ଧବାର୍ଷିକୀ ଶ୍ରଦ୍ଧାଞ୍ଜଳି

ସ୍ୱର୍ଗତ ଗୋପାଳ ଚନ୍ଦ୍ର ସେଠୀ
ଗୌତମ ନଗର- ୮୫, ଭୁବନେଶ୍ୱର
ତିରୋଧାନ: ତା. ୨୮।୦୧।୨୦୧୭
ସପନ ହଜିଲା ଦୁଃଖ ସାଗରରେ
ସୁଖ ଶାନ୍ତି ଗଲାସରି
ତିନିଟି ବରଷ ବିତିଗଲା ଏବେ
ଦିନେ ନ ଆସିଲ ଫେରି।
ବାପା, ଭାଇ, ଅଜା, ଜେଜେ ଡାକ ଆଉ
ଏ ଘରେ ଶୁଭିଲା ନାହିଁ
କେତେ ଧର୍ଯ୍ୟ ଧରି ରହିଅଛି ମୁହିଁ
ଟିକେବି ଭୁଲିବି ନାହିଁ
ଆଖି ଲୁହସାଥେ ପ୍ରଣତି ଜଣାଉଁ
ଦୁଃଖର ପ୍ରଦୀପ ଜାଳି
ଯେଉଁଠିବି ଥିବ ଭଲରେ ରହିବ
ଆଶୀର୍ବାଦ ଦିଅ ଢାଳି।
ଆପଣଙ୍କର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ସାଇବାବାଙ୍କ ନିକଟରେ ବିନୀତ ପ୍ରାର୍ଥନା।
ଶୋକସନ୍ତପ୍ତ
ସ୍ତ୍ରୀ, ସେଠୀ ପରିବାର, ବନ୍ଧୁବାନ୍ଧବ ଓ ଆତ୍ମୀୟସ୍ୱଜନ।
ଧ-୬୭୫୩୦

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

ସ୍ୱର୍ଗତ ହରିହର ଦାସ
କୁସୁନପୁର, ଜି- କେନ୍ଦ୍ରାପଡ଼ା
ଆବିର୍ଭାବ: ୧୪।୦୮।୧୯୩୨
ତିରୋଧାନ: ୧୯।୦୧।୨୦୨୦
ଆପଣଙ୍କ ବିୟୋଗରେ ସୃଷ୍ଟି ହୋଇଥିବା ଶୂନ୍ୟସ୍ଥାନ ଅପୂରଣୀୟ। ଆପଣଙ୍କୁ ହରାଇ ଆମେ ସମସ୍ତେ ମର୍ମାହତ। ଆପଣଙ୍କ ମାର୍ଗଦର୍ଶନ, ନିଷ୍ଠା, ସତ୍ୟାନୁରାଗ, ସଂସ୍କାର, ସ୍ନେହ, ଶ୍ରଦ୍ଧା ଆମର ଚିର ପାଥେୟ ହେଉ। ଆପଣଙ୍କ ମହାନ୍ ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ବିନମ୍ର ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ:
ପୁଅ, ବୋହୂ, ଝିଅ, ଜ୍ୱାଇଁ, ନାତି-ନାତୁଣୀ, ଦାସ ପରିବାର ଓ ବନ୍ଧୁବାନ୍ଧବ।
ଧ-୧୬୩୬୫

ଦ୍ୱାଦଶାହ ଉପଲକ୍ଷେ

ସ୍ୱର୍ଗତା ସେବତୀ ଦାଶ
ସ୍ୱାମୀ: ସ୍ୱର୍ଗତ ଦାମୋଦର ଦାଶ
ଗ୍ରାମ: ଦହିଅଣ୍ଡା, ଗ୍ରା.ପ: ସହିରା, ଥାନା: ଆଳି, ଜିଲ୍ଲା: କେନ୍ଦ୍ରାପଡ଼ା
ଆବିର୍ଭାବ: ୦୧।୦୧।୧୯୨୮
ତିରୋଧାନ: ୧୪।୦୧।୨୦୨୦
ଆପଣଙ୍କ ମୃତ୍ୟୁ ଆମକୁ ବହୁତ ଦୁଃଖ ଓ କଷ୍ଟ ଦେଉଅଛି। ଆପଣଙ୍କ ସ୍ନେହ, ଶ୍ରଦ୍ଧା ଆମ୍ଭମାନଙ୍କର ସର୍ବଦା ମନେ ପଡୁଅଛି। ଆମ୍ଭେମାନେ ଆପଣଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଅଛୁ।
ଶୋକସନ୍ତପ୍ତ:
ଜ୍ୟେଷ୍ଠପୁତ୍ର: ପୂର୍ଣ୍ଣଚନ୍ଦ୍ର (ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ), ପୁତ୍ରବଧୂ: ଜ୍ୟୋତ୍ସ୍ନା, କନିଷ୍ଠ ପୁତ୍ର: ଇଂ. ରାମଚନ୍ଦ୍ର, (ଓୟୁଏଟି କୃଷି ଇଞ୍ଜିନିୟରିଂ କଲେଜ ପ୍ରଫେସର), ପୁତ୍ରବଧୂ: ବନଶ୍ରୀ, ଝିଅ: ହେମବତୀ, ଭାରତୀ, କନକ, ଭଗବତୀ, ଜ୍ୱାଇଁ: ନିରଞ୍ଜନ, ସ୍ୱର୍ଗତ: କଳ୍ପତରୁ, କୃଷ୍ଣଚନ୍ଦ୍ର, ବଳରାମ, ନାତି- ନାତୁଣୀମାନେ ଓ ପରିବାରବର୍ଗ ତଥା ଆତ୍ମୀୟସ୍ୱଜନ।
ଧ-୬୮୩୩୨

ଏକାଦଶାହ ଉପଲକ୍ଷେ

ସ୍ୱର୍ଗତ ବିଜୟ କୁମାର ସାହୁ
ପୁରୁଣା ଭୁବନେଶ୍ୱର, ଓଲ୍ଡ ଟାଉନ୍
ଆମ୍ଭମାନଙ୍କୁ ଶୋକସାଗରରେ ଭସାଇ ହଠାତ୍ ଆରପାରିକୁ ଚାଲିଗଲ। ଆପଣଙ୍କ ସ୍ନେହ, ଶ୍ରଦ୍ଧା, କର୍ତ୍ତବ୍ୟନିଷ୍ଠା ଆମର ପାଥେୟ ହୋଇ ରହିବ। ଅମର ଆତ୍ମାର ସଦ୍‌ଗତି ପାଇଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ:
ଦାଦା: ବାବାଜୀ, ଭ୍ରାତା: ସଞ୍ଜୟ, ଦେବେନ୍ଦ୍ର, ଝିଅ, ବନ୍ଧୁ ଓ ପରିବାରବର୍ଗ ।
ଧ-୬୮୭୬୫

ଅଷ୍ଟମ ଶ୍ରାଦ୍ଧବାର୍ଷିକୀ

ସ୍ୱର୍ଗତା ସୁଶୀଳା ସାହୁ
ତିରୋଧାନ: ୨୪।୦୧।୨୦୧୨
ଆଚାର୍ଯ୍ୟ ବିହାର, ଭୁବନେଶ୍ୱର
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ:
ପୁଅ, ବୋହୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ, ବନ୍ଧୁ ଓ ପରିବାରବର୍ଗ ।
ଧ-୬୭୭୪୫

ଏକାଦଶାହ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳୀ

କୃଷ୍ଣ ଚନ୍ଦ୍ର ସାହୁ
ଭୁବନପୁର, ବାଲିଅନ୍ତା, ଖୋର୍ଦ୍ଧା
ଆବିର୍ଭାବ :- ୧୫/୦୭/୧୯୪୨
ତିରୋଧାନ :- ୧୫/୦୧/୨୦୨୦
ଆପଣଙ୍କର ସ୍ନେହ, ଶ୍ରଦ୍ଧା, ଆଦର୍ଶ, ତ୍ୟାଗ, ଓ ଭଲପାଇବା ଆମ୍ଭମାନଙ୍କ ଜୀବନରେ ପାଥେୟ ହେଉ । ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣରେ ବିନମ୍ର ପ୍ରାର୍ଥନା ।
-:ଶୋକସନ୍ତପ୍ତ:-
ଶଶାଙ୍କ ଶେଖର ସାହୁ(ପୁଅ), ସସ୍ମିତା ସାହୁ(ବୋହୂ) ଓ ପରିବାର ବର୍ଗ
ଧ-୧୬୩୬୬

ଏକାଦଶାହ ଉପଲକ୍ଷେ..

ସ୍ୱର୍ଗତ ପ୍ରଫୁଲ୍ଲ କୁମାର ସାହୁ
ଶୈଳଶ୍ରୀବିହାର, ଭୁବନେଶ୍ୱର
ଆବିର୍ଭାବ - ୦୧-୦୭-୧୯୩୭
ତିରୋଧାନ -୧୫.୦୧.୨୦୨୦
ଆପଣଙ୍କ ଅଗାଧ ସ୍ନେହ, ତ୍ୟାଗ, କର୍ତ୍ତବ୍ୟନିଷ୍ଠା, ନିଃସ୍ୱାର୍ଥପରତା, ପରୋପକାରିତା, ମାର୍ଗଦର୍ଶନ ଏବଂ କର୍ମତତ୍ପର ଜୀବନ ଆମ୍ଭମାନଙ୍କ ପାଇଁ ସର୍ବଦା ପ୍ରେରଣା ଓ ଆଶୀର୍ବାଦ ହୋଇ ରହିଥାଉ । ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣରେ ଆମ୍ଭମାନଙ୍କର ବିନମ୍ର ପ୍ରାର୍ଥନା ।
ଶୋକସନ୍ତପ୍ତ:
ପ୍ରିୟଜନ, ବନ୍ଧୁ ଓ ପରିବାର ବର୍ଗ
ଧ-୧୬୩୫୬

Your Classified Advertisement published in Dharitri will be listed free in Dharitri Online Edition: dharitriepaper.in

## ୨ ରିଟେଲର୍ ନିଲମ୍ବିତ

**କଟକ ସଦର,୨୪।୧(ଡି.ଏନ୍.ଏ.):** ଅତ୍ୟାବଶ୍ୟକ ସାମଗ୍ରୀ ଯୋଗାଣରେ ଅବ୍ୟବସ୍ଥା ଅଭିଯୋଗରେ ରାଜ୍ୟ ସରକାର କଟକସଦର ବ୍ଲକ ପରମହଂସ ପଞ୍ଚାୟତର ରିଟେଲର ଶିବ ଦାଶ ଏବଂ ସୋମପୁର ପଞ୍ଚାୟତର ରିଟେଲର ବାସନ୍ତୀ ଦାସଙ୍କୁ ନିଲମ୍ବନ କରିଛନ୍ତି।। ଶିବ ଖାଦ୍ୟ ନିରାପତ୍ତା କାର୍ଡଧାରୀଙ୍କୁ ସାମଗ୍ରୀ ଦେବାରେ ଖିଲାପ କରିବା ସମ୍ପର୍କରେ ଅଭିଯୋଗ ହୋଇଥିଲା। ସେହିଭଳି ବାସନ୍ତୀ ଠିକ୍ ସମୟରେ ହିତାଧିକାରୀଙ୍କୁ କୋଟା ବଣ୍ଟନ କରିପାରି ନ ଥିବା ଅଭିଯୋଗ ହୋଇଥିଲା।




# ବନ୍ଧୁକ ଦେଖାଇ ଲୁଟିନେଲେ ୨୩.୬୮ ଲକ୍ଷ

**ଖୋର୍ଦ୍ଧା ଅଫିସ,୨୪।୧**

ଖୋର୍ଦ୍ଧା ଆଦର୍ଶ ଥାନା ମଙ୍ଗଳାନଗରର ସାଇ ମନ୍ଦିର ନିକଟରୁ ଏଲଆଇସିର ୨୩ ଲକ୍ଷ ୬୮ ହଜାର ୩୫୮ ଟଙ୍କା ଲୁଟ୍ ହୋଇଛି। ଶୁକ୍ରବାର ପୂର୍ବାହ୍ନ ୧୧ଟାରେ ଖୋର୍ଦ୍ଧା ରଏଟର ସେଭ ଗାର୍ଡ ସଂସ୍ଥାର ଏଟିଏମ୍ ଅପରେଟର ବାପୁଜୀ ମହାରଣା ଖୋର୍ଦ୍ଧାର ଏକ ବ୍ୟାଙ୍କକୁ ଟଙ୍କା ଡିପୋଜିଟ୍ କରିବାକୁ ଯାଉଥିଲେ। ବାଟରେ ଦୁର୍ବୃତ୍ତମାନେ ବନ୍ଧୁକ ଦେଖାଇ ଲୁଟ୍ କରିଥିଲେ। ଅନ୍ୟପକ୍ଷେ ପୂର୍ବାହ୍ନ ସାଢ଼େ ୧୧ଟାରେ ଲୁଟ୍ ହୋଇଥିବାବେଳେ ଅଭିଯୋଗକାରୀ ବାପୁଜୀ ଅପରାହ୍ନ ୩ଟାରେ ଥାନାରେ ଅଭିଯୋଗ କରିଥିଲେ। ଫଳରେ ଲୁଟ୍ ଘଟଣା ସନ୍ଦେହ ଘେରକୁ ଆଣିଛି। ଅଭିଯୋଗକାରୀ ପ୍ରଥମେ କହିଥିଲେ, ୩ ବାଇକ୍‌ରେ ୫ଜଣ, ପରେ ୨ ବାଇକ୍‌ରେ ୪ଜଣ ଓ ଗୋଟିଏ ବାଇକ୍‌ରେ ୨ଜଣ ହେଲମେଟ ପିନ୍ଧି ଆସି ଲୁଟ୍ କରିଛନ୍ତି। ତେବେ ସରଜମିନ୍ ତଦନ୍ତ ଓ ବାପୁଜୀଙ୍କ ବୟାନ ମଧ୍ୟରେ ତାଳମେଳ ରହୁ ନ ଥିବାରୁ ପୋଲିସ ଅଭିଯୋଗର ସତ୍ୟତା ଉପରେ ସନ୍ଦେହ କରୁଛି। ପୁଣି ଏତେ ଟଙ୍କା ଡିପୋଜିଟ୍ କରିବାକୁ ବିନା ସୁରକ୍ଷାରେ ଜଣେ ବ୍ୟକ୍ତି ଏକୁଟିଆ କାହିଁକି ଯାଉଥିଲେ। ଏଭଳି କିଛି କାରଣ ପୋଲିସର ତଦନ୍ତରେ ବ୍ୟାଘାତ ସୃଷ୍ଟି କରିଛି। ଏଭଳିସ୍ଥଳେ ପୋଲିସ ନଂ. ୨୩/୨୦ରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି।



ଲୁଟ୍‌ର ଶିକାର ହୋଇଥିବା ବାପୁଜୀ ମହାରଣାଙ୍କୁ ଖୋର୍ଦ୍ଧା ଏସ୍‌ପି ଅଜେୟ ପ୍ରତାପ ସ୍ୱାଇଁ ପଚରାଉଚରା କରୁଛନ୍ତି।

- ଡିପୋଜିଟ୍ କରିବାକୁ ନିଆଯାଉଥିଲା ଏଲଆଇସି ଟଙ୍କା
- ବାରମ୍ବାର ବୟାନ ବଦଳାଉଛନ୍ତି ଅଭିଯୋଗକାରୀ

ପୋଲିସ ସୂଚନା ଅନୁସାରେ, ଜଟଣୀ ଥାନା କୁଦିଆରିର ବାପୁଜୀ ରଏଟର୍ ସେଭ ଗାର୍ଡ ସଂସ୍ଥାର ଏଟିଏମ୍ ଅପରେଟର ଭାବେ କାମ କରନ୍ତି। ବାପୁଜୀ ନିଜର ସହକର୍ମୀଙ୍କ ସହ ପ୍ରତିଦିନ ଏଲଆଇସି ଟଙ୍କା ବ୍ୟାଙ୍କରେ ଡିପୋଜିଟ୍ ଲାଗି କ୍ୟାଶ୍ ପିକ୍‌ଅପ ଭ୍ୟାନରେ ଡେଲିଭରି କରନ୍ତି। ଶୁକ୍ରବାର ବାପୁଜୀ ଅନ୍ୟ ୩ ଜଣ କର୍ମଚାରୀଙ୍କ ସହ ମିଶି ମଧ୍ୟ ୨୩ ଲକ୍ଷ ୬୮ ହଜାର ୩୫୮ ଟଙ୍କା ଡିପୋଜିଟ୍ କରିବାକୁ ନେବାର ଥିଲା। ତେବେ ଟଙ୍କା ନେଇ ଯିବାକୁ ଅନ୍ୟ ୩ କର୍ମଚାରୀ ବାପୁଜୀଙ୍କୁ କହି ପରେ ଯିବେ କହିଥିଲେ। ଏଭଳିସ୍ଥଳେ ବାପୁଜୀ ଟଙ୍କା ନେଇ ଯାଉଥିବାବେଳେ ସାଇ ମନ୍ଦିର ନିକଟରେ ଦୁର୍ବୃତ୍ତମାନେ ଅଟକାଇ ବନ୍ଧୁକ ଦେଖାଇ ଲୁଟ୍ କରିଥିଲେ। ତେବେ କେତେଜଣ ଦୁର୍ବୃତ୍ତ ଲୁଟ୍‌ରେ ସାମିଲ ଥିଲେ ଜଣାପଡିନି। ଏ ନେଇ ଖୋର୍ଦ୍ଧା ଏସ୍‌ପି ଅଜେୟ ପ୍ରତାପ ସ୍ୱାଇଁ କୁହନ୍ତି, ୩ ଜଣ ଦୁର୍ବୃତ୍ତ ବନ୍ଧୁକ ଦେଖାଇ ବାଇକ୍ ଯୋଗେ ପଳାଇ ଯାଇଥିବା ଅଭିଯୋଗକାରୀ କହୁଛନ୍ତି। ହେଲେ ଅଭିଯୋଗକାରୀ ବାରମ୍ବାର ବୟାନ ବଦଳାଉ ଥିବାରୁ ତଦନ୍ତରେ ବ୍ୟାଘାତ ସୃଷ୍ଟି ହେଉଛି। ପୋଲିସ ସିସିଟିଭି କ୍ୟାମେରା ଓ ଭିନ୍ନ ଭିନ୍ନ ତରିକାରେ ତଦନ୍ତ ଜାରି ରଖିଛି।




## ଓମ୍‌ଫେଡ୍ ଗୋଖାଦ୍ୟ ଦୁର୍ନୀତିର ତଦନ୍ତ କରିବ ସିବିଆଇ: ହାଇକୋର୍ଟ

**କଟକ ଅଫିସ,୨୪।୧**

ଓମ୍‌ଫେଡ୍ ଗୋଖାଦ୍ୟ ଦୁର୍ନୀତିର ସିବିଆଇ ତଦନ୍ତ କରିବ।ଏନେଇହାଇକୋର୍ଟସିବିଆଇକୁଆଦେଶ ଦେଇଛନ୍ତି। ସନ୍ତୋଷ କୁମାର ସାମଲଙ୍କ ପକ୍ଷରୁ ଏହି ମାମଲା ରୁଜୁ କରାଯାଇଥିଲା। ମାମଲାର ବିବରଣୀ ଅନୁଯାୟୀ, ଆବେଦନକାରୀ ସାମଲ ଓମ୍‌ଫେଡ୍‌ର କର୍ମଚାରୀ ଭାବେ କାମ କରୁଥିଲେ। ସାମଲ କାର୍ଯ୍ୟ କରୁଥିବା ସମୟରେ ଓମ୍‌ଫେଡ୍‌ରେ ୧୩ ଲକ୍ଷ ଟଙ୍କାର ଗୋଖାଦ୍ୟ ଦୁର୍ନୀତି ହୋଇଥିଲା। ଉକ୍ତ ଦୁର୍ନୀତିକୁ ବିଭାଗୀୟ ଅଡିଟ୍ ଧରିଥିଲା। ଅଡିଟ୍ ରିପୋର୍ଟକୁ ଆଧାର କରି ସାମଲଙ୍କୁ ଚାକିରିରୁ ନିଲମ୍ବିତ କରାଯାଇଥିଲା। ଏହି ଦୁର୍ନୀତିରେ କେତେଜଣ ଆଇଏଏସ୍ ଅଫିସର ଓ ରାଜନେତାଙ୍କ ସମ୍ପୃକ୍ତି ଥିବା ନେଇ ସାମଲ ସିବିଆଇ ନିକଟରେ ଅଭିଯୋଗ କରିଥିଲେ। କିନ୍ତୁ ସାମଲଙ୍କ ଅଭିଯୋଗ ଉପରେ ସିବିଆଇ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣକରି ନ ଥିଲା। ଫଳରେ ସାମଲ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ପିଟିଶନରେ ସେ ଉକ୍ତ ଦୁର୍ନୀତିର ସିବିଆଇ ତଦନ୍ତ ନିମନ୍ତେ ହାଇକୋର୍ଟଙ୍କୁ ନିବେଦନ କରିଥିଲେ। ଆବେଦନକାରୀ ସାମଲଙ୍କ ପକ୍ଷରୁ ଏହି ମାମଲାକୁ ଆଡଭୋକେଟ ବିପ୍ଳବ ବାହାଲି, କଳିଙ୍ଗକେଶରୀ ମହାପାତ୍ର, ସୁଶୀଲ କୁମାର ମହାପାତ୍ର ପରିଚାଳନା କରୁଥିଲେ।







## ହାଇକୋର୍ଟରେ ଜବାବ ଦାଖଲ କଲେ ବରୀ ବିଧାୟିକା

**କଟକ ଅଫିସ,୨୪।୧:** ବିଧାନସଭା ନିର୍ବାଚନୀ ମାମଲାରେ ବରୀ ବିଧାୟିକା ସୁନନ୍ଦା ଦାସ ଶୁକ୍ରବାର ହାଇକୋର୍ଟରେ ଜବାବ ଦାଖଲ କରିଛନ୍ତି। ବିଧାୟିକାଙ୍କ ବିରୋଧରେ ପରାଜିତ ପ୍ରାର୍ଥୀ ବିଶ୍ୱରଞ୍ଜନ ମଲ୍ଲିକ ହାଇକୋର୍ଟରେ ମାମଲା ରୁଜୁ କରିଥିଲେ। ନିର୍ବାଚନୀ ସତ୍ୟପାଠରେ ବିଧାୟିକା ତଥ୍ୟ ଲୁଚାଇଥିବା ନେଇ ଆବେଦନକାରୀ ମଲ୍ଲିକ ପିଟିଶନରେ ଉଲ୍ଲେଖ କରିଥିଲେ। ଫେବୃୟାରୀ ୬ ତାରିଖରେ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଦିନଧାର୍ଯ୍ୟ ହୋଇଛି। ଆବେଦନକାରୀଙ୍କ ପକ୍ଷରୁ ଆଡଭୋକେଟ ଗୋପାଳ ଅଗ୍ରୱାଲ ମାମଲା ପରିଚାଳନା କରୁଛନ୍ତି।




1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ



ତୁମର କଷ୍ଟର କାରଣ ଯାହାକିଛି ହୋଇଥାଉ ନା କାହିଁକି, ତୁମେ ଅପରକୁ କୌଣସି ଆଘାତ ଦିଅ ନାହିଁ।
- ଗୌତମବୁଦ୍ଧ



## ଆଜି କ'ଣ କେଉଁଠି

**କଟକ**

- ମାନବ ଚାଲାଣ ବିରୋଧୀ ଉପରେ ରାଜ୍ୟସ୍ତରୀୟ ସମ୍ମିଳନୀ, ଜୁଡିସିଆଲ ଏକାଡେମୀ, ସିଡିଏ, ପୂର୍ବାହ୍ନ ୧୦ଟା।
- ଜାତୀୟ ଭୋଟର ଦିବସ ପାଳନ, ଜିଲାପାଳଙ୍କ କାର୍ଯ୍ୟାଳୟ, ପୂର୍ବାହ୍ନ ୧୧ଟା।
- କାଜିବଜାରସ୍ଥିତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ଶତବାର୍ଷିକୀ ଉତ୍ସବର ଉଦ୍‌ଯାପନ, ବିଦ୍ୟାଳୟ ପରିସର, ଅପରାହ୍ନ ୩ଟା।
- ଇଣ୍ଟରନ୍ୟାଶନାଲ କ୍ଲବ ପକ୍ଷରୁ ନେତାଜୀ ଜୟନ୍ତୀ ଉତ୍ସବ ପାଳନ ଅବସରରେ ବକ୍ତୃତା ପ୍ରତିଯୋଗିତା, କ୍ଲବ ପରିସର, ଅପରାହ୍ନ ୫ଟା।
- ଡ. ତୀର୍ଥାନନ୍ଦ ମିଶ୍ରଙ୍କ ୬୪ତମ ଜୟନ୍ତୀ, ଶ୍ରୀରାମଚନ୍ଦ୍ର ଭବନ, ଟାଉନ ହଲ୍ ରୋଡ୍, ସନ୍ଧ୍ୟା ୬ଟା।
- ୪୧ତମ ନିଖିଳ ଉତ୍କଳ ଶ୍ରୀଅରବିନ୍ଦ ମହିଳା ପାଠଚକ୍ର ସମ୍ମିଳନୀର ଦ୍ୱିତୀୟ ସନ୍ଧ୍ୟା, ମାତୃଭବନ, ଶ୍ରୀଅରବିନ୍ଦ ମାର୍ଗ, ସନ୍ଧ୍ୟା ୬ଟା ୩୦।

**ଚୌଦ୍ୱାର**

- ଶ୍ରୀଜଗନ୍ନାଥ ମହୋତ୍ସବ, ସତ୍ୟନାରାୟଣ ପଡ଼ିଆ, ଓଟିଏମ୍ କଲୋନୀ, ସକାଳ ୭ଟା।

## ମହାପ୍ରଭୁଙ୍କୁ ଦର୍ଶନ କଲେ ଗୁଜରାଟ ପର୍ଯ୍ୟଟନ ମନ୍ତ୍ରୀ

**ପୁରୀ ଅଫିସ,୨୪।୧:** ଗୁଜରାଟ ପର୍ଯ୍ୟଟନ ମନ୍ତ୍ରୀ ଭସନଭାଇ ଅହିର ଶୁକ୍ରବାର ଶ୍ରୀକ୍ଷେତ୍ର ପରିଦର୍ଶନରେ ଆସି ମହାପ୍ରଭୁଙ୍କୁ ଦର୍ଶନ କରିଛନ୍ତି। ଦର୍ଶନ ପରେ ସିଂହଦ୍ୱାରଠାରେ ମନ୍ତ୍ରୀ ଅହିର କହିଥିଲେ ଯେ, ପୂର୍ବରୁ ସେ ଅନେକଥର ପୁରୀ ଆସିଛି। କିନ୍ତୁ ଏଥର ଶ୍ରୀମନ୍ଦିର ସମ୍ମୁଖରେ ଯେଉଁଭଳି ଭାବେ ସୌନ୍ଦର୍ଯ୍ୟକରଣ କରାଯାଇଛି ବାସ୍ତବିକ ବହୁତ ଖୁସି ଲାଗୁଛି। ଗୁରୁବାର ସୂର୍ଯ୍ୟ ମନ୍ଦିର ଦର୍ଶନ କରିଥିଲି। ଏବେ ମହାପ୍ରଭୁ ଜଗନ୍ନାଥଙ୍କ ଦର୍ଶନ କରିଥିବା କହିଥିଲେ।

## ୨୦ ଗ୍ୟାସ୍ ସିଲିଣ୍ଡର ଜବତ



**କଟକ ଅଫିସ ୨୪।୧:** ସ୍ଥାନୀୟ ଚହଟା ଅଞ୍ଚଳରେ ଥିବା ବାରବାଟୀ କ୍ୟାଟରିଂରେ ଶୁକ୍ରବାର ଜିଲା ଯୋଗାଣ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ବେଆଇନ ଭାବେ ରଖାଯାଇଥିବା ୨୦ଟି ଗ୍ୟାସ୍ ସିଲିଣ୍ଡର ଜବତ କରାଯାଇଛି। କ୍ୟାଟରିଂ ପକ୍ଷରୁ ଏହି ସବୁ ଗ୍ୟାସ୍ ସିଲିଣ୍ଡର ବ୍ୟବସାୟିକ କାର୍ଯ୍ୟରେ ବ୍ୟବହାର କରାଯାଉଥିଲା। ଚଢ଼ାଉବେଳେ ଏ ନେଇ କ୍ୟାଟରିଂ ମ୍ୟାନେଜର ପ୍ରଶାନ୍ତ ବାରିକଙ୍କୁ ଉପଯୁକ୍ତ କାଗଜପତ୍ର ମଗାଯାଇଥିଲା। ହେଲେ ସେ କୌଣସି କାଗଜପତ୍ର ଦେଖାଇପାରି ନ ଥିଲେ। ଏହି ଚଢ଼ାଉ ସମୟରେ ସହକାରୀ ଜିଲା ଯୋଗାଣ ଅଧିକାରୀ ଜ୍ଞାନେନ୍ଦ୍ରିୟ ମିଶ୍ର, ସୁଜାତା ମିଶ୍ର, ଯୋଗାଣ ନିରୀକ୍ଷକ ନିଲିମା ନାୟକ, ଇନ୍ଦୁରେଖା ସାହୁ ପ୍ରମୁଖ ଉପସ୍ଥିତ ଥିଲେ। କ୍ୟାଟରିଂ ମାଲିକଙ୍କ ବିରୋଧରେ ଅତ୍ୟାବଶ୍ୟକ ଆଇନର ଧାରା ୧୯୫୫ ଅନୁଯାୟୀ ଏକ ମାମଲା ରୁଜୁ କରାଯାଇଥିବା ସହକାରୀ ଜିଲା ଯୋଗାଣ ଅଧିକାରୀ ମିଶ୍ର କହିଛନ୍ତି।

# ଏସ୍‌ସିବି ମେଡିକାଲ ଉନ୍ନତୀକରଣର ସମୀକ୍ଷା କଲେ ଆରଡିସି

**କଟକ ଅଫିସ,୨୪।୧**

କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ(ଆରଡିସି)ଙ୍କ ସମ୍ମିଳନୀ କକ୍ଷରେ ଶୁକ୍ରବାର ଏସ୍‌ସିବି ମେଡିକାଲ କଲେଜ ଓ ହସ୍ପିଟାଲର ଉନ୍ନତୀକରଣ କାର୍ଯ୍ୟର ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆରଡିସି ଅନିଲ କୁମାର ସାମଲ ଅଧ୍ୟକ୍ଷତା କରି କହିଥିଲେ, ଆସନ୍ତା ଫେବୃୟାରୀ ୨୮ ତାରିଖ ସୁଦ୍ଧା ଜମି ଅଧିଗ୍ରହଣ କାମ ସରିଲେ ମାର୍ଚ୍ଚ ପହିଲାରୁ ଏସ୍‌ସିବିର ଉନ୍ନତୀକରଣ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ କରାଯିବ। ୬ ଏକର ପରିମିତ ଜମିରେ ଥିବା ଏସ୍‌ସିବି ମେଡିକାଲ, ବୋସର ଖେଳ ପଡିଆ ଓ କ୍ୱାର୍ଟର, ଡାକ୍ତରଙ୍କ କ୍ୱାର୍ଟର, ମହାନଦୀ ଦକ୍ଷିଣ ଡିଭିଜନର ୫୫ଟି କ୍ୱାର୍ଟର, ଜଳସମ୍ପଦ ବିଭାଗର କ୍ୱାର୍ଟର, ମହାନଦୀ ବ୍ୟାରେଜ ଡିଭିଜନର ୭୦ଟି କ୍ୱାର୍ଟର, ୨ଟି ଆଇବି, କ୍ୱାଲିଟି କଣ୍ଟ୍ରୋଲର କାର୍ଯ୍ୟାଳୟ ସହିତ ଦୁଇଟି ଲାବ୍ରେଟୋରି ଓ ଗୋଟିଏ କ୍ୱାର୍ଟର ମଧ୍ୟ ଖାଲି କରାଯିବ। ପ୍ରକଳ୍ପ କ୍ଷେତ୍ର ମଧ୍ୟରେ ଥିବା ସରକାରୀ କ୍ୱାର୍ଟର, ବିଭିନ୍ନ ସଂସ୍ଥାର କାର୍ଯ୍ୟାଳୟକୁ ଖାଲି କରିବା ସହିତ ଆବଶ୍ୟକ କାର୍ଯ୍ୟାଳୟଗୁଡ଼ିକୁ ଖୁବ୍‌ଶୀଘ୍ର ଅନ୍ୟତ୍ର ଖାଲିଥିବା କ୍ୱାର୍ଟର ଏବଂ ସ୍ଥାନ ଯୋଗାଇ ଦିଆଯିବ ବୋଲି ଆରଡିସି କହିଥିଲେ। ବିରୂପା ନଦୀ ପାର୍ଶ୍ୱରେ ନିରୂପଣ ହୋଇଥିବା ସ୍ଥାନକୁ ସମତଳ କରାଯିବା ସହିତ ଖୁବ୍‌ଶୀଘ୍ର ଜଳ ସମ୍ପଦ ବିଭାଗ ଦ୍ୱାରା ସିଏମ୍‌ସିକୁ ହସ୍ତାନ୍ତର କରିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଛି । ସେହିପରି ଜନସ୍ୱାସ୍ଥ୍ୟ ବିଭାଗର ରହିଥିବା ପାଇପ୍‌ଗୁଡ଼ିକୁ ତିନିଦିନ ମଧ୍ୟରେ ଅନ୍ୟତ୍ର ସ୍ଥାନାନ୍ତର କରିବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି। ଏତଦ୍‌ବ୍ୟତୀତ ଜଳସେଚନ ନିର୍ବାହୀ ଯନ୍ତ୍ରୀ, ବୋଷ ଅଧ୍ୟକ୍ଷଙ୍କ ସମେତ ଖାଲି ହେବାକୁ ଥିବା ସରକାରୀ କାର୍ଯ୍ୟାଳୟଗୁଡ଼ିକର ମୁଖ୍ୟମାନଙ୍କୁ ସେମାନଙ୍କର କାର୍ଯ୍ୟାଳୟ ଓ ରହିଥିବା କ୍ୱାର୍ଟରଗୁଡ଼ିକୁ ଫେବୃୟାରୀ ୨୮ ତାରିଖ ସୁଦ୍ଧା ଖାଲି କରିବାକୁ ନୋଟିସ ଦିଆଯିବ ବୋଲି ଆରଡିସି କହିଛନ୍ତି। ଏହି ବୈଠକରେ ଜିଲାପାଳ ଭବାନୀ ଶଙ୍କର ଚୟନୀ, ରାଜସ୍ୱ ଆୟୁକ୍ତଙ୍କ ଅତିରିକ୍ତ ସଚିବ ସଞ୍ଜିତା ଦାସ, ବୋଷ ଅଧ୍ୟକ୍ଷ ଜ୍ଞାନରଞ୍ଜନ ରୟ, ପୂର୍ତ୍ତ ନିର୍ବାହୀ ଯନ୍ତ୍ରୀ ଏମ.ଆର. ଖାନ୍ ପ୍ରମୁଖ ଉପସ୍ଥିତ ଥିଲେ।

**ଫେବୃୟାରୀ ୨୮ ସୁଦ୍ଧା କ୍ୱାର୍ଟର୍ସ, କାର୍ଯ୍ୟାଳୟ ଖାଲି ହେବ**



ଜାତୀୟ କନ୍ୟା ସନ୍ତାନ ସପ୍ତାହ ପାଳନ ଅବସରରେ ଜିଲାପାଳ ଭବାନୀ ଶଙ୍କର ଚୟନୀଙ୍କ ଗହଣରେ ବାଳିକାମାନେ।

# ଜାତୀୟ କନ୍ୟାସନ୍ତାନ ଦିବସ ପାଳିତ

**କଟକ ଅଫିସ, ୨୪।୧**

ଜାତୀୟ କନ୍ୟାସନ୍ତାନ ସପ୍ତାହ ପାଳନ ଅବସରରେ ଶୁକ୍ରବାର ଜାତୀୟ କନ୍ୟା ସନ୍ତାନ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଜିଲାପାଳ ଭବାନୀ ଶଙ୍କର ଚୟନୀ କାର୍ଯ୍ୟାଳୟ ପରିସରରେ ଏକ ବାଲୁକା କଳା ଉଦ୍‌ଘାଟନ କରିଥିଲେ। ଏଥିସହିତ ଏକ ଚିତ୍ରକଳା ଗ୍ୟାଲେରୀ ଓ ଶିଶୁମାନଙ୍କୁ ଯୌନ ଅପରାଧରୁ ସୁରକ୍ଷା ସମ୍ବନ୍ଧୀୟ ସଚେତନତା ପତ୍ରକୁ ସେ ଉନ୍ମୋଚନ କରିଥିଲେ। ସେହିପରି ଦ୍ୱିତୀୟ ପର୍ଯ୍ୟାୟରେ ସଚେତନତାଧର୍ମୀ ସଙ୍ଗୀତ 'ସୁନାପରୀ'କୁ ଜିଲାବାସୀଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ୧୪ଟି ଶିଶୁ ଯତ୍ନ ଅନୁଷ୍ଠାନର ଅନ୍ତେବାସୀ ଭାଗନେଇଥିଲେ। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ବିଜୟ କୁମାର ଖଣ୍ଡାୟତରାୟ, କଟକ ସଦର ଉପଜିଲାପାଳ ଶୁଭ୍ରାଂଶୁ ମିଶ୍ର, ଜିଲା ଶିଶୁ ମଙ୍ଗଳ ସମିତି ଅଧ୍ୟକ୍ଷା ମନ୍ଦାକିନୀ ଜେମା, ଜିଲା ଶିକ୍ଷା ଅଧିକାରୀ ନିରଞ୍ଜନ ବେହେରା ଓ ଜିଲା ଶିଶୁ ସୁରକ୍ଷା ଅଧିକାରୀ ପ୍ରଗତି ମହାନ୍ତି ପ୍ରମୁଖ ଯୋଗଦେଇଥିଲେ।

## ମା, ମାତୃଭୂମିର ସେବା କରନ୍ତୁ ଛାତ୍ରୀଛାତ୍ର




**କଟକ ଅଫିସ,୨୪।୧**

ଡ୍ରିମ୍‌ସ ଶିଳ୍ପ ତାଲିମ ପ୍ରତିଷ୍ଠାନର ବାର୍ଷିକ କ୍ରୀଡା ଓ ସାଂସ୍କୃତିକ ଉତ୍ସବ 'ନବନ୍ତିକା-୨୦୨୦' ସ୍ଥାନୀୟ ଜୟଶ୍ରୀ ଅଡିଟୋରିୟମଠାରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। 'ଡ୍ରିମ୍‌ସ'ର ପ୍ରତିଷ୍ଠାତା ତଥା ଅଧ୍ୟକ୍ଷ ପ୍ରମୋଦ ଚନ୍ଦ୍ର ରଥ ଏହାକୁ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇ ସାହିତ୍ୟିକ ଡ. ଶରଣାରବିନ୍ଦ ଓଝା କହିଥିଲେ, ଛାତ୍ରୀଛାତ୍ର ଉତ୍ତମ ଚରିତ୍ର ଗଠନ ସହିତ ମା' ଓ ମାତୃଭୂମିର ସେବାରେ ନିଜକୁ ନିୟୋଜିତ କରନ୍ତୁ। ଏଥିରେ ସମ୍ମାନିତ ଅତିଥି ଭାବେ କବି ସମ୍ପଦ କୁମାର ରଥ, ବଳରାମ କର ଓ ଲୋକନାଥ ବେହେରା ଯୋଗଦେଇଥିଲେ। ଅଧ୍ୟକ୍ଷ ପ୍ରଦୀପ୍ତ କୁମାର ତ୍ରିପାଠୀ ବିବରଣୀ ପାଠ ଓ ଲୋକ ସମ୍ପର୍କ ଅଧିକାରୀ ନିରାକାର ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିବାବେଳେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଉପାଧ୍ୟକ୍ଷ ପ୍ରଶାନ୍ତ କୁମାର ନାୟକ ଧନ୍ୟବାଦ ଦେଇଥିଲେ।

## ଦୁଇ ବାଇକ୍ ମୁହାଁମୁହିଁ, ଜଣେ ମୃତ

**କଟକ ସଦର,୨୪।୧(ଡି.ଏନ୍.ଏ.)**

କନ୍ଦରପୁର ଥାନା ଅନ୍ତର୍ଗତ ମାଛଗାଁ କେନାଲର ବମ୍ଫୁରୀ ଗ୍ରାମ ନିକଟରେ ଶୁକ୍ରବାର ଦୁଇ ବାଇକ୍ ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୨ଜଣ ଆହତ ହୋଇଛନ୍ତି। ମୃତକ ହେଲେ ବମ୍ଫୁରୀ ଗ୍ରାମର ଆଦିତ୍ୟ ନାରାୟଣ ପୃଷ୍ଟି(୨୨)। ସୂଚନା ଅନୁଯାୟୀ, ଆଦିତ୍ୟ ଏକ ବାଇକ୍‌ରେ କଇଜଙ୍ଗା ପଟୁ ଘରକୁ ଫେରୁଥିଲେ। ଏହି ସମୟରେ ବିପରୀତ ଦିଗରୁ ଆସୁଥିବା ଅନ୍ୟ ଏକ ବାଇକ୍ ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ଆଦିତ୍ୟଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ୨ ଆହତଙ୍କୁ ସ୍ଥାନୀୟ ଲୋକେ ଚିକିତ୍ସା ପାଇଁ କଟକ ବଡ଼ ଡାକ୍ତରଖାନାକୁ ପଠାଇଥିଲେ। ଖବରପାଇ ପୋଲିସ ଦୁର୍ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା।

## ମହାପ୍ରଭୁଙ୍କୁ ଦର୍ଶନ କଲେ ସୁପ୍ରିମ୍‌କୋର୍ଟ ବିଚାରପତି

**ପୁରୀ ଅଫିସ,୨୪।୧**

ସୁପ୍ରିମ୍‌କୋର୍ଟ ବିଚାରପତି ଜଷ୍ଟିସ ନାଥୁଲାପତି ଭେଙ୍କଟ ରମଣ ମହାପ୍ରଭୁଙ୍କୁ ଦର୍ଶନ କରିଛନ୍ତି। ଶୁକ୍ରବାର ରାତିରେ ଜଷ୍ଟିସ୍ ରମଣ ସିଂହଦ୍ୱାର ନିକଟରେ ପହଞ୍ଚିଥିଲେ। ତାଙ୍କୁ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. କ୍ରିଷନ କୁମାର, ଜିଲାପାଳ ବଲୱନ୍ତ ସିଂ, ଏସ୍‌ପି ଉମାଶଙ୍କର ଦାଶ ପ୍ରମୁଖ ସ୍ୱାଗତ କରିଥିଲେ । ଏହାପରେ ତାଙ୍କୁ ଶ୍ରୀମନ୍ଦିର ଭିତରକୁ ପାଛୋଟି ନେଇଥିଲେ । ଜଷ୍ଟିସ୍ ରମଣ ମହାପ୍ରଭୁଙ୍କୁ ଦର୍ଶନ କରିବା ସହ ଅନ୍ୟାନ୍ୟ ଦେବଦେବୀ ମନ୍ଦିରକୁ ଯାଇ ବୁଲି ଦେଖିଥିଲେ। ପ୍ରାୟ ଘଣ୍ଟାଏ ପର୍ଯ୍ୟନ୍ତ ଜଷ୍ଟିସ୍ ରମଣ ମନ୍ଦିରରେ ବିତାଇ ଫେରିଥିଲେ।

## ଶିକାରୀ ସନ୍ଦେହରେ ୨ ଅଟକ

**ଖୁଣ୍ଟୁଣୀ,୨୪।୧(ଡ଼ି.ଏନ୍.ଏ.)**

ଖୁଣ୍ଟୁଣୀ ବନାଞ୍ଚଳ ପକ୍ଷରୁ ବଣିଆବନ୍ଦ ସଂରକ୍ଷିତ ଜଙ୍ଗଲରେ ଶିକାର କରୁଥିବା ସନ୍ଦେହରେ ବନ ବିଭାଗ ୨ ଜଣଙ୍କୁ ଅଟକ ରଖିଛି। ଏମାନଙ୍କ ଘର କଣ୍ଡରେଇ ପଞ୍ଚାୟତ କଂସରମୁଣ୍ଡା ସାହି ବୋଲି ଜଣାପଡ଼ିଛି। ଅଟକମାନେ ଜଙ୍ଗଲରୁ ନିରୀହ ହରିଣ, ବାର୍‌ହା ମାରି ମାଂସକୁ ବିକ୍ରି କରୁଥିବା ଖବରପାଇ ବନବିଭାଗ ପକ୍ଷରୁ ଚଢ଼ାଉ କରାଯାଇଥିଲା ବୋଲି ବନାଞ୍ଚଳ ଅଧିକାରୀ ମାଗୁଣୀ ଚରଣ ବେହେରା କହିଛନ୍ତି।

## 'ନାରୀମାନେ ସବୁବେଳେ ତ୍ୟାଗ କରିଥାନ୍ତି'




ଶତବାର୍ଷିକୀ ସମାରୋହରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଓ ଅନ୍ୟମାନେ।

**କଟକ ଅଫିସ, ୨୪।୧**

କଟକ କାଜିବଜାର ସରକାରୀ ବାଳିକା ଉଚ୍ଚବିଦ୍ୟାଳୟର ଶତବାର୍ଷିକ ସମାରୋହ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଯୋଗଦେଇ କହିଥିଲେ, ବ୍ରହ୍ମର ପରିଭାଷ କରି ହୁଏ, ମାତ୍ର ନାରୀ ପରିଭାଷ କରି ହୁଏନାହିଁ। ନାରୀମାନେ ଜନ୍ମ ନିଅନ୍ତି ନାହିଁ ତାଙ୍କର ଆବିର୍ଭାବ ହୋଇଥାଏ। ନାରୀମାନେ ସବୁବେଳେ ତ୍ୟାଗ କରିଥାନ୍ତି। ସବୁ ଯୁଗରେ ଏହାର ଉଦାହରଣ ରହିଛି ବୋଲି ରାଜ୍ୟପାଳ କହିଥିଲେ। ମୁଖ୍ୟବକ୍ତା ଜିଲାପାଳ ଭବାନୀ ଶଙ୍କର ଚୟନୀ କହିଥିଲେ, ଶିକ୍ଷକମାନେ ଉତ୍ତମ ଛାତ୍ରୀଛାତ୍ର ଗଠନ କରିଥାନ୍ତି, ଯେଉଁମାନେ ସମାଜମଙ୍ଗଳ ପାଇଁ କାର୍ଯ୍ୟ କରିଥାନ୍ତି। ସମ୍ମାନିତ ଅତିଥି ବିଧାୟକ ଇଂ. ମହମ୍ମଦ ମୋକିମ କହିଥିଲେ, ବାଳିକାମାନେ ସବୁ କ୍ଷେତ୍ରରେ ଉନ୍ନତି କରୁଛନ୍ତି। ଯାହା ତାଙ୍କର ଦୃଢ଼ ଇଚ୍ଛାଶକ୍ତିର ପ୍ରମାଣ ଦେଉଛି। ଏହି କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବେ କାଜିବଜାର ପୂଜା କମିଟିର କାର୍ଯ୍ୟକାରୀ ସଭାପତି ପ୍ରଦୀପ କୁମାର ସିହ୍ନା, ପୁରାତନ ଛାତ୍ରୀ ସଂସଦର ସଭାପତି ଅଳକାନନ୍ଦା ପାଣିଗ୍ରାହୀ, ସମ୍ପାଦିକା ଦେବସ୍ମିତା ମହାନ୍ତି ଯୋଗଦେଇଥିଲେ। ସ୍କୁଲର ପ୍ରଧାନଶିକ୍ଷୟିତ୍ରୀ ନିରୁପମା ମଲ୍ଲିକ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ। ଏହି ଅବସରରେ ପ୍ରାକ୍ତନ ପ୍ରଧାନ ଶିକ୍ଷୟିତ୍ରୀ ସ୍ୱର୍ଣ୍ଣଲତା ସିଂ, ସୁକାନ୍ତି ମହାପାତ୍ର, ଜ୍ୟୋତ୍ସ୍ନା ଦାସ, ଶିକ୍ଷୟିତ୍ରୀ ନିହାର ପ୍ରଧାନ, ପଦ୍ମଶ୍ରୀ ଡ. କୁମ୍‌କୁମ୍ ମହାନ୍ତି, ବିଜୟଲକ୍ଷ୍ମୀ ସାହୁଙ୍କ ସହ ଅନ୍ୟମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅତିଥିମାନେ ସ୍କୁଲର ସ୍ମରଣିକା ଉନ୍ମୋଚନ କରିଥିଲେ।

## ଶିକ୍ଷୟିତ୍ରୀଙ୍କ ବେକରୁ ସୁନାଚେନ୍ ଲୁଟ୍: ୨ ଗିରଫ




ଗିରଫ ୨ ଅଭିଯୁକ୍ତ। ଜବତ ମୋବାଇଲ ଓ ସୁନାଚେନ।

**କଟକ ଅଫିସ, ୨୪।୧**

ଶିକ୍ଷୟିତ୍ରୀଙ୍କ ବେକରୁ ଚେନ୍ ଲୁଟ୍ କରିବା ଅଭିଯୋଗରେ ଜଗତ୍‌ପୁର ପୋଲିସ ଶୁକ୍ରବାର ୨ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ପୁରୀ ଜିଲା ସଦର ଥାନା ଅଞ୍ଚଳର ସୁବାସ ପ୍ରଧାନ ଓ ଗଞ୍ଜାମ ଜିଲା ସଦର ଥାନା ଅଞ୍ଚଳର ବାବୁ ସ୍ୱାଇଁ। ସେମାନଙ୍କ ନିକଟରୁ ଗୋଟିଏ ବାଇକ, ଦୁଇଟି ସୁନାଚେନ୍ ଓ ୩ଟି ମୋବାଇଲ ଫୋନ ଜବତ କରାଯାଇଛି। ଅଭିଯୁକ୍ତ ଦ୍ୱୟ କଟକରେ ଘରଭଡା ନେଇ ରହୁଥିବା ଜଣାପଡିଛି। ଅଭିଯୋଗ ଅନୁଯାୟୀ, ମଙ୍ଗଳାବାଗ ଥାନା ଅଞ୍ଚଳରେ ଶିକ୍ଷୟିତ୍ରୀ ମାନସୀ ଦାସ ରୁହନ୍ତି। ଗତ ମଙ୍ଗଳବାର ମଧ୍ୟାହ୍ନ ପ୍ରାୟ ୧୨ଟାରେ ରାସ୍ତାରେ ଚାଲି ଚାଲି ଜଗତ୍‌ପୁର ଥାନା ଅଞ୍ଚଳରେ ଥିବା ସରସ୍ୱତୀ ଶିଶୁବିଦ୍ୟାମନ୍ଦିରକୁ ଯାଉଥିଲେ। ଏହି ସମୟରେ ୨ଜଣ ଦୁର୍ବୃତ୍ତ କଳାରଙ୍ଗର ପଲ୍‌ସର ବାଇକରେ ଆସି ତାଙ୍କ ବେକରୁ ସୁନାଚେନ୍ ଲୁଟ୍ କରି ଫେରାର ହୋଇଯାଇଥିଲେ। ଏ ନେଇ ମାନସୀ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ.୧୯/୨୦୨୦) ରୁଜୁ କରିଥିଲା।

# ଜାନୁୟାରୀରେ କମିଲା ଧାନ ସଂଗ୍ରହ

**କଟକ ସଦର,୨୪।୧(ଡି.ଏନ୍.ଏ.)**

**ଧାର୍ଯ୍ୟ ଲକ୍ଷ୍ୟ ପୂରଣକୁ ନେଇ ସନ୍ଦେହ**

ସେବା ସମବାୟ ସମିତିଗୁଡ଼ିକ ଚାଷୀଙ୍କ ଠାରୁ ଧାନ କ୍ରୟ କାର୍ଯ୍ୟ ଆରମ୍ଭ କରିଛନ୍ତି। କିନ୍ତୁ ଏହା ବର୍ତ୍ତମାନ ସୁଦ୍ଧା ସକ୍ରିୟ ଭାବେ କାର୍ଯ୍ୟ କରୁନାହିଁ। ୨୦୧୯ ଜାନୁୟାରୀ ମଧ୍ୟଭାଗ ସୁଦ୍ଧା ଧାର୍ଯ୍ୟ ଲକ୍ଷ୍ୟର ୩୫ ପ୍ରତିଶତ ଧାନ କିଣା ହୋଇଥିଲା। କିନ୍ତୁ ଚଳିତ ବର୍ଷ ଏହି ଅବଧିରେ ୨୬ ପ୍ରତିଶତ ହିଁ କିଣା ହୋଇଛି। ଧାନ କିଣାରେ ଅହେତୁକ ବିଳମ୍ବ ନେଇ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି।

ଚଳିତ ବର୍ଷ କଟକ ଜିଲାରେ ୫୦ ହଜାର ୬ଶହ ଚାଷୀଙ୍କ ଠାରୁ ପ୍ରାୟ ୯ ଲକ୍ଷ କୁଇଣ୍ଟାଲ୍ ଧାନ କିଣିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। କିନ୍ତୁ ବର୍ତ୍ତମାନ ସୁଦ୍ଧା ୧୨ହଜାର ଚାଷୀଙ୍କ ଠାରୁ ୪ଲକ୍ଷ ୫୦ ହଜାର କୁଇଣ୍ଟାଲ୍ କିଣା ହୋଇଛି। କଟକସଦର ବ୍ଲକର ଗଡିରାଉତପାଟଣା ସେବା ସମବାୟ ସମିତିରେ ୨୩୩୬ କୁଇଣ୍ଟାଲ ଧାନ କିଣା ହୋଇଥିବା ବେଳେ କନ୍ଦରପୁରରେ ୨୨୯୫ କୁଇଣ୍ଟାଲ, ଦଧିବାମନପୁରରେ ୨୧୨୨, କୂଳସରିଚାଁରେ ୯୭୦, ଅଢ଼ାଳିଆରେ ୯୯୫, ଅରିଲୋରେ ୨୫୯୪, କିଶୋରନଗରରେ ୨୭୦୧, ପ୍ରହରାଜପୁରରେ ୧୦୭୫ ଏବଂ ଜରିପଡ଼ାରେ ୧୦୪୬ କୁଇଣ୍ଟାଲ ଧାନ କିଣା ହୋଇଛି। ଏଭଳି ଧୀମା ଗତିରେ ଧାନ କ୍ରୟ କରାଯାଏ, ତେବେ ଏପ୍ରିଲ୍ ସୁଦ୍ଧା ସମସ୍ତ ପଞ୍ଜୀକୃତ ଚାଷୀଙ୍କ ଧାନ କିଣା ନେଇ ସନ୍ଦେହ ଦେଖାଦେଇଛି। ରାଜ୍ୟ ଯୋଗାଣ ବିଭାଗ ଦ୍ୱାରା ଚଳିତ ବର୍ଷ ଯେଉଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି, ତାହା ନିର୍ଦ୍ଧାରିତ ସମୟ ମଧ୍ୟରେ ପୂରଣ ନ ହୁଏ ବହୁ ପଞ୍ଜୀକୃତ ଚାଷୀ ନିରାଶ ହେବେ ବୋଲି ଗଡିରାଉତପାଟଣା ସେବା ସମବାୟ ସମିତିର ସଭାପତି ସୁଶାନ୍ତ ରାଉତ କହିଛନ୍ତି। ମିଲର୍‌ମାନେ ଯେତିକି ପରିମାଣର ଧାନ ଉଠାଉଛନ୍ତି, ତାହାର ୬ଭାଗରୁ ଏକ ଭାଗ ମୂଲ୍ୟ ସରକାରଙ୍କୁ ଦେଉଛନ୍ତି। ବଳକା ଅର୍ଥ ଚାଉଳ ନେବା ବେଳେ ହିସାବ କରାଯାଇଥାଏ। ସଂଗୃହୀତ ଚାଉଳ ପରିମାଣକୁ ଦେଖି କେନ୍ଦ୍ର ଏବଂ ରାଜ୍ୟ ସରକାର ନିଜ ନିଜର ଅଂଶଧନ ଦେଇଥାନ୍ତି। ଏହି ପ୍ରକ୍ରିୟା ସମୟ ସାପେକ୍ଷ ହୋଇଥିବାରୁ ଧାନ କ୍ରୟ ବେଳେ ଅର୍ଥ ବାଧକ ସୃଷ୍ଟି କରୁଥିବା ଯୋଗାଣ ବିଭାଗର ଜଣେ ଅଧିକାରୀ ନିଜ ନାମ ଗୋପନ ରଖି କହିଛନ୍ତି । ସରକାର କୌଣସି ଚାଷୀଙ୍କୁ ନିରାଶ ନ କରି, ପଞ୍ଜିକୃତ ହୋଇଥିବା ସମସ୍ତ ଚାଷୀଙ୍କ ଠାରୁ କ୍ରମ ଅନୁଯାୟୀ ଧାନ କିଣିବା ଆବଶ୍ୟକ ବୋଲି ଗଡିରାଉତପାଟଣାର ମହେନ୍ଦ୍ର ରାଉତ କହିଛନ୍ତି। ଏଭଳି ସମସ୍ୟା ନେଇ ଜିଲା ଧାନ କ୍ରୟ ଅଧିକାରୀ ଜ୍ଞାନେନ୍ଦ୍ର ମିଶ୍ରଙ୍କୁ ପଚାରିବାରୁ ସେ କୌଣସି ମତ ଦେବାକୁ ମନା କରିଥିଲେ।

# ବ୍ୟାଙ୍କ ଧର୍ମଘଟ ପାଇଁ ମିଳିତ ବିକ୍ଷୋଭ ସମାବେଶ

**କଟକ ଅଫିସ,୨୪।୧**

ବ୍ୟାଙ୍କ କର୍ମଚାରୀଙ୍କ ମଜୁରି ସଂଶୋଧନ, ବ୍ୟାଙ୍କ ମିଶ୍ରଣ ପ୍ରସ୍ତାବ ବାତିଲ, ପେନସନ ସଂଶୋଧନ, ସମାନ କାମ ପାଇଁ ବ୍ୟାଙ୍କ ଠିକାକର୍ମୀଙ୍କୁ ସମାନ ବେତନ ପ୍ରଦାନ ଦାବିରେ ଆସନ୍ତା ୩୦ ଓ ୩୧ ତାରିଖ ଦୁଇଦିନ ଧରି ସର୍ବଭାରତୀୟ ବ୍ୟାଙ୍କ ଧର୍ମଘଟ ହେବ। ଏହି ଧର୍ମଘଟକୁ ସଫଳ କରିବା ପାଇଁ ଶୁକ୍ରବାର ବକ୍ସିବଜାର ରୋଡଠାରେ ୟୁନାଇଟେଡ ଫୋରମ ଅଫ ବ୍ୟାଙ୍କ ୟୁନିୟନ (ୟୁଏଫବିୟୁ) ପକ୍ଷରୁ ଏକ ମିଳିତ ବିକ୍ଷୋଭ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଧର୍ମଘଟରେ ବହୁ ବ୍ୟାଙ୍କ ସଙ୍ଗଠନ ଯୋଗଦେବେ। ଯଦି ଏହି ଧର୍ମଘଟରେ ଦାବିଗୁଡିକୁ ପୂରଣ ନ କରାଯାଏ ଆସନ୍ତା ମାର୍ଚ୍ଚ ୧୧, ୧୨, ୧୩ ତାରିଖ ଏବଂ ଏପ୍ରିଲ ୨ ତାରିଖରୁ ଲଗାତର ଭାବେ ଧର୍ମଘଟ କରାଯିବ ବୋଲି ସମାବେଶରେ ବ୍ୟାଙ୍କ କର୍ମଚାରୀ ନେତାମାନେ କହିଥିଲେ। ଏଥିପାଇଁ ବ୍ୟାଙ୍କ କର୍ତ୍ତୃପକ୍ଷ ଓ ସରକାରଙ୍କୁ ଅବଗତ କରାଯାଇଥିବା ବ୍ୟାଙ୍କ କର୍ମଚାରୀ ନେତା ପ୍ରଦୀପ ଷଡଙ୍ଗୀ ସୂଚନା ଦେଇଛନ୍ତି। ଏହି ସମାବେଶରେ ଶ୍ରମିକ କର୍ମଚାରୀ ନେତା କିଶୋର ଜେନା, ପ୍ରଭାତ ମହାପାତ୍ର, ଦିଲୀପ ମଲ୍ଲିକ ଓ ପ୍ରଭାସ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## ମା' କନକଦୁର୍ଗା କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ

**ଖୁଣ୍ଟୁଣୀ,୨୪।୧(ଡ଼ି.ଏନ୍.ଏ)**

ରଙ୍ଗେଇ ଯାତ୍ରା ପଡ଼ିଆ ଠାରେ ପ୍ରଥମ ମା' କନକ ଦୁର୍ଗା କ୍ରିକେଟ ଟୁର୍ନାମେଣ୍ଟ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ମା' କନକ ଦୁର୍ଗା କ୍ରିକେଟ କ୍ଲବ ପକ୍ଷରୁ ଆୟୋଜିତ ଏହି ଟୁର୍ନାମେଣ୍ଟରେ ୮ଟି ଟିମ୍ ଭାଗନେଇଛନ୍ତି। ଶୁକ୍ରବାର ଡାଲୁଆ ଏବଂ ତୋଟାପଡ଼ା ମଧ୍ୟରେ ମ୍ୟାଚ ଖେଳାଯାଇଥିଲା। ଏହାକୁ ତୋଟାପଡ଼ା ଟିମ୍ ୫ଉଇକେଟ୍‌ରେ ଜିତିଥିଲା। ଅପରାହ୍ନରେ ଅନୁଷ୍ଠିତ ଦ୍ୱିତୀୟ ମ୍ୟାଚରେ ଆଠଗଡ଼ର ବାଇଲୋ ଓ ତଳଗଡ଼ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ବାଇଲୋ ଟିମ ୨ ଉଇକେଟରେ ବିଜୟୀ ହୋଇଥିଲା। ଏହା ପରେ ପ୍ରଥମ ସେମିଫାଇନାଲ୍ ତୋଟାପଡ଼ା ଏବଂ ବାଇଲୋ ମଧ୍ୟରେ ଖେଳାଯାଇଥିଲା। ଏଥିରେ ତୋଟାପଡ଼ା ବିଜୟୀ ହେବା ସହ ଫାଇନାଲ୍‌ରେ ପ୍ରବେଶ କରିଛି। ମ୍ୟାଚକୁ ସଦାଶିବ ସାହୁ, ବିକାଶ ବାରିକ ଓ ସୌମ୍ୟରଞ୍ଜନ ରାଉତ ପରିଚାଳନା କରିଥିଲେ। ରାକେଶ ଜେନା, ଜିତେନ୍ଦ୍ର ଜେନା ଓ ସୂର୍ଯ୍ୟନାରାୟଣ ଦାସ ଉପସ୍ଥିତ ରହି ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। କନକ ଦୁର୍ଗା କ୍ରିକେଟ ଦଳର ସମ୍ପାଦକ ସମରେନ୍ଦ୍ର ସାହୁ ସହଯୋଗ କରିଥିଲେ।



କେଭିକେ ଅଡିଟୋରିୟମରେ ଥିଏଟର ମୁଭମେଣ୍ଟ ପକ୍ଷରୁ ଅନୁଷ୍ଠିତ ଗ୍ଲୋବାଲ ଫେଷ୍ଟିଭାଲରେ ଆସାମ ଶିଶୁ କଳାକାରଙ୍କ ଦ୍ୱାରା ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ।




ଦୁଇ ଦଫା ଦାବିରେ ଜାତୀୟ ଦଳିତ ଆଦିବାସୀ ମହାସଂଘ ପକ୍ଷରୁ ଶୁକ୍ରବାର କଟକ ଗ୍ରାମାଞ୍ଚଳ ଏସ୍‌ପିଙ୍କୁ ସ୍ମାରକପତ୍ର ଦେବା ପାଇଁ ବାହାରିଥିବା ଶୋଭାଯାତ୍ରା।



ପରିବର୍ତ୍ତନ ସହିତ ନିଜକୁ ଯିଏ ଖାପ ଖୁଆଇବାର କଳା ହାସଲ କରିପାରିନାହିଁ, ସେ ଅଶାନ୍ତି ଭିତରେ ବୁଡି ରହିବ।

-ବାକନ୍



## ସଂକ୍ଷେପରେ

### ରାଜପଥରେ ୨ ଦିନ ହେଲା ଛିଡ଼ା ହୋଇଛି ଅଜଣା ଡମ୍ଫର



**ଟିଗିରିଆ,୨୪।୧(ଡି.ଏନ.ଏ.):** ଟିଗିରିଆ ଥାନା ଅନ୍ତର୍ଗତ ୬୫ନମ୍ବର ରାଜ୍ୟ ରାଜପଥର ପଙ୍କାଳଛକ ନିକଟସ୍ଥ ପେଟ୍ରୋଲ ପମ୍ପ ସାମ୍ନାରେ ଗୁରୁବାର ସନ୍ଧ୍ୟାରୁ ଏକ ଅଜଣା ଡମ୍ଫର ଛିଡ଼ା ହୋଇଛି। ହେଲେ ଏଥିପ୍ରତି କାହାର ଦୃଷ୍ଟି ପଡୁନାହିଁ। ସେହିପରି ଏଗାଡ଼ିଟି କାହିଁକି ଏଠାରେ ଥୁଆ ହୋଇଛି ସେ ସମ୍ପର୍କରେ କିଛି ସୂଚନା ମିଳୁନାହିଁ। ଏନେଇ ସକାଳେ ଟିଗିରିଆ ଥାନାକୁ ଅବଗତ କରାଯାଇଥିଲେ ମଧ୍ୟ ପୋଲିସ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇନଥିଲା। ପୁଣି ସନ୍ଧ୍ୟାରେ ଥାନା ଏଏସଆଇ ରତ୍ନାକର ପ୍ରଧାନଙ୍କୁ ଅଗବତ କରାଯିବାରୁ ଉକ୍ତ ଗାଡିଟିକୁ ଥାନାକୁ ଆଣିବାର ବ୍ୟବସ୍ଥା କରାଯାଉଥିବା କହିଥିଲେ। ଗାଡି ନମ୍ବର ପ୍ଲେଟରେ କଳାରଙ୍ଗ ଲଗାଯାଇଥିବାରୁ ଏହା ଏକ ଚୋରା ଗାଡି ହୋଇଥିବା ଅନୁମାନ କରାଯାଉଛି।

### ବକେୟା ବିଦ୍ୟୁତ୍ ବିଲ୍ ପୈଠକରି ପାନ ଦୋକାନୀ ସମ୍ବର୍ଦ୍ଧିତ



**ସାଲେପୁର,୨୪।୧(ଡି.ଏନ.ଏ.):** ସାଲେପୁର ବଜାରର ଡାକପୋଲ ନିକଟରେ ପାନ ଦୋକାନ କରିଥିବା ସଦାନନ୍ଦ ବେହେରା ତାଙ୍କର ବକେୟା ଥିବା ସମସ୍ତ ବିଦ୍ୟୁତ୍ ବିଲ୍ ୫୦ ହଜାର ଟଙ୍କା ଏକକାଳୀନ ପୈଠ କରିଛନ୍ତି। ଏଥିପାଇଁ ତାଙ୍କୁ ବିଦ୍ୟୁତ୍ ବିଭାଗ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ସଦାନନ୍ଦ ସାଲେପୁର ବିଦ୍ୟୁତ୍ ଡିଭିଜନ୍ କାର୍ଯ୍ୟାଳୟରେ ପହଞ୍ଚି ଟଙ୍କା ପୈଠ କରି ରସିଦ୍ ହାସଲ କରିଥିଲେ। ସାଲେପୁର ବିଦ୍ୟୁତ୍ ଉପଖଣ୍ଡ ଅଧିକାରୀ ସୁଜିତ୍ କୁମାର ସାହୁ ସଦାନନ୍ଦଙ୍କ ଏହି କାର୍ଯ୍ୟ ପାଇଁ ତାଙ୍କୁ ଫୁଲତୋଡ଼ା ଦେଇ ସମ୍ବର୍ଦ୍ଧିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଶୋକ ସାହାଣୀ, ଏଏଫ୍‌ଏମ୍ ସୁରେନ୍ଦ୍ର ଚନ୍ଦ୍ର ନନ୍ଦ, ସାବିର ଅଲ୍ଲୀ, ମଧୁସୂଦନ ମଲିକ ପ୍ରମୁଖ କର୍ମଚାରୀ ଉପସ୍ଥିତ ଥିଲେ। ସଦାନନ୍ଦ ଅଞ୍ଚଳର ପ୍ରଥମ ଉପଭୋକ୍ତା ଯେ କି ବକେୟା ଥିବା ସମସ୍ତ ବିଲ୍ ଏକକାଳୀନ ପୈଠ କରିଛନ୍ତି। ସେ ଏବେ ଅଞ୍ଚଳ ପାଇଁ ଉଦାହରଣ ପାଲଟିଛନ୍ତି।

# ସଂସ୍କୃତ ଶିକ୍ଷକ ନିଯୁକ୍ତି ଦାବିରେ ଛାତ୍ରୀଛାତ୍ରଙ୍କ ଧାରଣା

**ସାଲେପୁର,୨୪।୧(ଡି.ଏନ.ଏ.)**

ସାଲେପୁର ବ୍ଲକ ଅଧୀନ ରୋଧପୁର ସରକାରୀ ଉନ୍ନୀତ ମଧ୍ୟ ଇଂରାଜୀ ବିଦ୍ୟାଳୟରେ ଦୀର୍ଘଦିନ ହେବ ସଂସ୍କୃତ ଶିକ୍ଷକ ପଦବୀ ଖାଲି ପଡ଼ିଛି। ଏପରି କି ଅଷ୍ଟମ ଶ୍ରେଣୀ ଖୋଲିବା ଦିନଠାରୁ ଏଠାରେ ସଂସ୍କୃତ ଶିକ୍ଷକ ନାହାନ୍ତି। ଯଦ୍ୱାରା ଛାତ୍ରୀଛାତ୍ର ସଂସ୍କୃତ ଶିକ୍ଷାରୁ ବଞ୍ଚିତ ହେଉଛନ୍ତି। ତେଣୁ ତୁରନ୍ତ ଶିକ୍ଷକ ନିଯୁକ୍ତି ପାଇଁ ବିଦ୍ୟାଳୟ ଶିକ୍ଷା କମିଟି ଓ ଛାତ୍ରାଅଭିଭାବକଙ୍କ ପକ୍ଷରୁ ଅଭିଯୋଗ କରାଯାଇଥିଲେ ମଧ୍ୟ କୌଣସି ସମାଧାନ ହୋଇନାହିଁ। ଫଳରେ ଶୁକ୍ରବାର ବିଦ୍ୟାଳୟର ଛାତ୍ରୀଛାତ୍ର, ପରିଚାଳନା କମିଟିସଭାପତି, ସଭ୍ୟ ଓ ଛାତ୍ରାଅଭିଭାବକ ଶୀଘ୍ର ସଂସ୍କୃତ ଶିକ୍ଷକ ନିଯୁକ୍ତି ଦାବି କରି ବ୍ଲକ ଶିକ୍ଷାଧିକାରୀ(ବିଇଓ)ଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ। ବିଇଓ ପ୍ରେମଲତା ନାୟକ ଅନୁପସ୍ଥିତ ଥିବାରୁ ଶିକ୍ଷା କମିଟି ଅଧ୍ୟକ୍ଷ ଓ ସଭ୍ୟ ତାଙ୍କୁ ଏବଂ ଏବିଇଓ ଜଗବନ୍ଧୁ ଶତପଥୀଙ୍କୁ ଫୋନ୍ ଯୋଗେ ଜଣାଇଥିଲେ। ସେମାନେ କଥାହୋଇ ଖୁବ୍‌ଶୀଘ୍ର ସଂସ୍କୃତ ଶିକ୍ଷକ ନିଯୁକ୍ତି ପାଇଁ ଜିଲା ଶିକ୍ଷା ଅଧିକାରୀଙ୍କୁ ଲିଖିତଭାବେ ଜଣାଇବୁ ବୋଲି କହିଥିଲେ। ଏହାପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।




ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଆଗରେ ଛାତ୍ରୀଛାତ୍ରମାନେ ଧାରଣାରେ ବସିଛନ୍ତି।

**ରୋଧପୁର ସରକାରୀ ଉନ୍ନୀତ ମଧ୍ୟ ଇଂରାଜୀ ବିଦ୍ୟାଳୟ**

- ଶିକ୍ଷକ ନ ଥିବାରୁ ବାଧାପ୍ରାପ୍ତ ହେଉଛି ପାଠପଢ଼ା
- ଦାବି ହେଉଥିଲେ ମଧ୍ୟ ସମାଧାନ ନାହିଁ

# କାର୍ ଧକ୍କାରେ ବାଇକ୍ ଚାଳକଙ୍କ ମୃତ୍ୟୁ

**ଆଠଗଡ଼,୨୪।୧(ସ୍ୱ.ପ୍ର.)**

ଆଠଗଡ଼ ଥାନା ଅଧୀନ ଦହିସରା ଛକଠାରେ ଗୁରୁବାର ବିଳମ୍ବିତ ରାତିରେ ଏକ ଦୁର୍ଘଟଣା ଘଟିଛି। ଏକ ବାଇକ୍‌କୁ ପଛପଟୁ କାର୍ ଧକ୍କା ଦେବାଦ୍ୱାରା ଘଟଣାସ୍ଥଳରେ ବାଇକ୍ ଆରୋହୀଙ୍କ ମୃତ୍ୟୁ ହୋଇଛି। ବାଇକ୍‌ରେ ବସିଥିବା ଅନ୍ୟ ଜଣେ ଯୁବକ ଗୁରୁତର ହୋଇଛନ୍ତି। ମୃତକ ହେଲେ ଢେଙ୍କାନାଳ ସଦର ଥାନା ଅନ୍ତର୍ଗତ ପର୍ବତିଆ ଗ୍ରାମର ମାଗୁଣୀ ସାହୁଙ୍କ ପୁଅ ଆଲୋକ (୨୦)। ଗୁରୁତର ହେଲେ ସେହି ଗ୍ରାମର ବେଣୁଧର ରାଉତଙ୍କ ପୁଅ ଅମରେନ୍ଦ୍ର(୨୨)। ଉଭୟ ଏକ ବାଇକ ଯୋଗେ କୌଣସି କାମରେ ପୁରୁଣା କଟକ-ସମ୍ବଲପୁର ରାସ୍ତାରେ କଟକ ଯାଉଥିଲେ। ଦହିସରା ଛକଠାରେ ଏକ ମାରୁତି କାର ଦ୍ରୁତ ଗତିରେ ଆସି ବାଇକକୁ ଧକ୍କା ଦେଇଥିଲା। ଫଳରେ ବାଇକ ଆରୋହୀ ଦ୍ୱୟ ରାସ୍ତା ଉପରେ ଛିଟିକି ପଡ଼ିଥିଲେ। ଆଲୋକଙ୍କ ମୁଣ୍ଡ ଓ ଶରୀରରେ ଏକାଧିକ କ୍ଷତ ସୃଷ୍ଟି ହୋଇ ପ୍ରଚୁର ରକ୍ତସ୍ରାବ ହୋଇଥିଲା। ସେ ଘଟଣାସ୍ଥଳରେ ନିଶ୍ଚଳ ହୋଇ ପଡ଼ିରହିଥିଲେ। ଅମରେନ୍ଦ୍ରଙ୍କ ଶରୀରରେ ଏକାଧିକ କ୍ଷତ ହୋଇଥିଲେ ମଧ୍ୟ ସଂଜ୍ଞା ହରାଇ ନ ଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ଆଠଗଡ଼ ଉପଖଣ୍ଡ ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଡାକ୍ତର ଆଲୋକଙ୍କୁ ମୃତ ଘୋଷଣା କରିଥିଲେ। ଅମରେନ୍ଦ୍ରଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର ପାଇଁ ଡାକ୍ତର ପରାମର୍ଶ ଦେଇଥିଲେ। ଏନେଇ ଅଭିଯୋଗ ହେବାପରେ ଆଠଗଡ଼ ଥାନା ପୋଲିସ ଏକ ମାମଲା ନଂ-୨୯/୨୦ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଖୁବ୍‌ଶୀଘ୍ର ଦୁର୍ଘଟଣା ଘଟାଇଥିବା କାର୍‌କୁ ଜବତ କରାଯିବ ବୋଲି ଥାନା ପକ୍ଷରୁ କୁହାଯାଇଛି।



ଜୟଦେବ ପୀଠରେ କଣ୍ଟାପଡ଼ା ବ୍ଲକ ପୋସ୍ତଳ ପଞ୍ଚାୟତ ବଳଦା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ୧୯୯୨ ବ୍ୟାଚ୍ ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ।

# ଚର୍ଚ୍ଚିକା ସେବାସମବାୟ ସମିତିର ସାଧାରଣ ପରିଷଦ ବୈଠକ

**ବାଙ୍କୀ,୨୪।୧(ସ୍ୱ.ପ୍ର.)**

ଚର୍ଚ୍ଚିକା ସେବା ସମବାୟ ସମିତିର ସାଧାରଣ ପରିଷଦ ବୈଠକ ଶୁକ୍ରବାର ଚର୍ଚ୍ଚିକା ଯାତ୍ରୀ ନିବାସଠାରେ ଅନୁଷ୍ଠିତ ହୋଇଯାଇଛି। ସମିତି ସଭାପତି ସଞ୍ଜୟ କୁମାର ପୃଷ୍ଟି ଏଥିରେ ଅଧ୍ୟକ୍ଷତା କରିଥିଲେ। ସମ୍ପାଦିକା ପ୍ରତିମା ସ୍ୱାଇଁ ବାର୍ଷିକ ବିବରଣୀ ପାଠକରିବା ସହିତ ୨୦୨୦-୨୦୨୧ର ଖର୍ଚ୍ଚ ଅଟକଳ ଓ ୨୦୧୯-୨୦ର ଅତିରିକ୍ତ ବାର୍ଷିକ ଅଟକଳ ଉପସ୍ଥାପନ କରିଥିଲେ। ଆଲୋଚନା ପରେ ତାହା ଅନୁମୋଦିତ ହୋଇଥିଲା। ବୈଠକରେ ଉପସଭାପତି ସୌଦାମିନୀ ସାହୁ, ସୋମନାଥ ପୃଷ୍ଟି, ପୁରୁଷୋତ୍ତମ ମହାପାତ୍ର, ପ୍ରଭାତ ଚନ୍ଦ୍ର ବେହେରା, ସୁବାସ ଚନ୍ଦ୍ର ବେହେରା, ନରେଶ ବେହେରା, ରମେଶ ସ୍ୱାଇଁ, ପ୍ରସନ୍ନ ପୃଷ୍ଟିଙ୍କ ସମେତ ପରିଚାଳନା କମିଟି ସଭ୍ୟମାନେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ସମିତି ନୂତନ ଗୃହ ପାଇଁ ପୂର୍ବତନ ବିଧାୟକ ପ୍ରଭାତ ତ୍ରିପାଠୀଙ୍କ ଉଦ୍ୟମରେ ବାଙ୍କୀ ସହରରେ ସରକାରଙ୍କ ତରଫରୁ ଏକ ଜାଗା ଯୋଗାଇଦିଆଯାଇଥିବାରୁ ବୈଠକରେ ତ୍ରିପାଠୀଙ୍କ ପ୍ରତି କୃତଜ୍ଞତା ଜ୍ଞାପନ କରାଯାଇଥିଲା। ସମିତି କର୍ମଚାରୀ ଅମରନାଥ ରଣା, ଶରତ ଚନ୍ଦ୍ର ବେହେରା, ପୂର୍ବତନ ସମ୍ପାଦକ ଶ୍ୟାମସୁନ୍ଦର ବସନ୍ତରାଙ୍କ ସହଯୋଗରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ସଭାପତି ସଞ୍ଜୟ ପୃଷ୍ଟି ଧନ୍ୟବାଦ ଦେଇଥିଲେ।




ଆଠଗଡ଼ ଭାଜପା କର୍ମୀମାନେ ସହରରେ ଶୋଭାଯାତ୍ରା କରି ନାଗରିକତ୍ୱ ସଂଶୋଧନ ଆଇନ ସମ୍ପର୍କରେ ବୁଝାଉଛନ୍ତି।

# ରାସ୍ତାପାର୍ଶ୍ୱକୁ ଖସିଲା କାର୍

**ବାଲିଅନ୍ତା,୨୪।୧(ଡି.ଏନ.ଏ.)**

ହଂସପାଳ-ଭିଙ୍ଗାରପୁର ପୂର୍ତ୍ତ ବିଭାଗ ରାସ୍ତାର ବାଲିଅନ୍ତା ତଳବଜାରକୁ ସଂଯୋଗ କରୁଥିବା ରାସ୍ତାରେ ଶୁକ୍ରବାର ଏକ କାର୍ ଭାରସାମ୍ୟ ହରାଇ ରାସ୍ତାପାର୍ଶ୍ୱକୁ ଖସିପଡ଼ିଥିଲା। ଦୀର୍ଘ ୬ମାସ ଧରି ମୁଖ୍ୟରାସ୍ତାରରୁ ବାହାରିଥିବା ଏହି ରାସ୍ତାଟିରେ ଏକ ବଡ଼ ଖାଲ ସୃଷ୍ଟି ହୋଇଛି। ଏହାକୁ ମରାମତି କରାଯାଉ ନ ଥିବାରୁ ବାରମ୍ବାର ସେଠାରେ ଦୁର୍ଘଟଣା ଘଟୁଛି। ସୂଚନାଯୋଗ୍ୟ, ଉକ୍ତ କାର୍‌ଟି ବାଲିଅନ୍ତା ସାଇଫନ ଛକରୁ ତଳବଜାରସ୍ଥିତ ବିଦ୍ୟୁତ ଅଫିସକୁ ଯାଉଥିବାବେଳେ ବଜାର ରାସ୍ତାରେ କାର୍ ବୁଲାଉ ଥିବାବେଳେ ରାସ୍ତାପାର୍ଶ୍ୱକୁ ଖସିପଡିଥିଲା। କାର୍‌ରେ ଦୁଇଜଣ ବସିଥିଲେ ମଧ୍ୟ କୌଣସି ଆହତ ହୋଇ ନ ଥିବା ଜଣାପଡିଛି। ଏହି ସଂଲଗ୍ନ ରାସ୍ତାଟି ତଳବଜାରକୁ ଯିବା ପାଇଁ ମୁଖ୍ୟରାସ୍ତା ହୋଇଥିଲେ ମଧ୍ୟ ବର୍ଷାରେ ଧୋଇଯାଇ ଖାଲ ସୃଷ୍ଟି ହୋଇଛି। ଏହାର ମରାମତି ପାଇଁ ସ୍ଥାନୀୟ ବାସିନ୍ଦା ବହୁବାର ପ୍ରଶାସନ ନିକଟରେ ଦାବି କରିଛନ୍ତି।

# ଜାତୀୟ କନ୍ୟାସନ୍ତାନ ଦିବସ ପାଳିତ

**ବାଙ୍କୀ,୨୪।୧(ସ୍ୱ.ପ୍ର.)**

ଡମପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମିଳନୀ କକ୍ଷରେ ଜାତୀୟ କନ୍ୟା ସନ୍ତାନ ଦିବସ ଶୁକ୍ରବାର ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ଡାକ୍ତର ସ୍ମୃତିପ୍ରକାଶ ଧଳଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ବ୍ଲକ ସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରିଣୀ ଶାନ୍ତିଲତା ଦେବୀ କାର୍ଯ୍ୟକ୍ରମକୁ ପରିଚାଳନା କରି କହିଥିଲେ, ସମାଜପ୍ରତି କନ୍ୟା ସନ୍ତାନର ଗୁରୁତ୍ୱ ପରିବାର ଲୋକେ ଉପଲବ୍ଧି କରିବା ଜରୁରୀ। ଲିଙ୍ଗ ନିରୁପଣ ତଥା କନ୍ୟା ଭ୍ରୂଣ ହତ୍ୟାରୁ ଦୂରେଇ ରହିବା ପାଇଁ ପ୍ରତ୍ୟେକ ପରିବାର ସଚେତନ ହେବା ଆବଶ୍ୟକ। ତେଣୁ କନ୍ୟାକୁ ଉତ୍ତମ ଶିକ୍ଷା ପ୍ରଦାନ କରି ତା'ର ଉଜ୍ଜ୍ୱଳ ଭବିଷ୍ୟତ ଗଢ଼ିବା ପ୍ରତି ଅଭିଭାବକ ଯତ୍ନବାନ ହେବା ଉଚିତ୍ ବୋଲି ପ୍ରକାଶ କରିଥିଲେ। ଅନ୍ୟତମ ଅତିଥିଭାବେ ସ୍ୱାସ୍ଥ୍ୟ ମହିଳା ପରିଦର୍ଶିକା ସବିତାରାଣୀ ସ୍ୱାଇଁ, ପୁରୁଷ ସ୍ୱାସ୍ଥ୍ୟ ପରିଦର୍ଶକ ବସନ୍ତ କୁମାର ଦାଶ, ଦୁଃଶାସନ ବେହେରା ଯୋଗଦେଇ ନିଜ ନିଜର ମତପୋଷଣ କରିଥିଲେ। ଆଶା ଓ ସ୍ୱାସ୍ଥ୍ୟ କର୍ମୀ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ୪୪ଗ୍ରାମ୍ ବ୍ରାଉନସୁଗାର ଜବତ, ୩ ଗିରଫ

**କଟକ ରୋଡ,୨୪।୧(ଡି.ଏନ୍.ଏ.)**

ଲକ୍ଷ୍ମୀସାଗର ପୋଲିସ ଓ କୁଇକ ଆକ୍ସନ ଟିମ ହଳଦୀପଡ଼ିଆ ବସ୍ତିରେ ଚଢ଼ାଉ କରି ଜଣେ ଯୁବତୀଙ୍କ ସମେତ ୩ଜଣ ବ୍ରାଉନସୁଗାର ବ୍ୟବସାୟୀଙ୍କୁ ଗିରଫ କରିଛି। ସେମାନେ ହେଲେ ଏହି ବସ୍ତିରେ ରହୁଥିବା ବିୟୁଟି ପୋଦ୍ଦାର, ଶଙ୍କର ଦାସ ଓ ଲକ୍ଷ୍ମୀସାଗର ହାଉସିଂ ବୋର୍ଡ ଫେଜ-୨ର ଲୋକମାନ ପରଭେଜ। ଏମାନଙ୍କ ଠାରୁ ୪୪ଗ୍ରାମ ବ୍ରାଉନସୁଗାର, ୨୬୦୦ ଟଙ୍କା ଓ ୨ଟି ବାଇକ୍ ଜବତ କରାଯାଇଛି। ଜବତ ବ୍ରାଉନସୁଗାର ମୂଲ୍ୟ ପ୍ରାୟ ସାଢେ ୪ଲକ୍ଷ ଟଙ୍କା ହେବ ବୋଲି ପୋଲିସ କହିଛି। ସୂଚନା ଅନୁଯାୟୀ, ଅଭିଯୁକ୍ତମାନେ ହଳଦୀପଡ଼ିଆରେ ଥିବା ବିଦ୍ୟୁତ୍ ଷ୍ଟେଶନ କାର୍ଯ୍ୟାଳୟ ନିକଟରେ ନିଶା ସାମଗ୍ରୀ ବିକ୍ରି କରୁଥିବା ନେଇ ସୂଚନା ମିଳିଥିଲା। ମଧ୍ୟାହ୍ନ ପ୍ରାୟ ୧୨ଟାରେ ପୋଲିସ ସେଠାରେ ଚଢ଼ାଉ କରି ଏମାନଙ୍କୁ ଧରିଥିଲା। ଏ ନେଇ ଥାନାରେ ଏକ ମାମଲା (ନଂ.୨୫/୧୯)ରୁଜୁ ହୋଇଛି। ସୂଚନାଥାଉ କି, ୨୦୧୯ ଜୁଲାଇ ୨୯ରେ ଉକ୍ତ ବସ୍ତିରେ ବ୍ରାଉନସୁଗାର ବିକ୍ରି କରୁଥିବା ୬ନିଶା ବ୍ୟବସାୟୀଙ୍କ ଘର ପୋଲିସ ଭାଙ୍ଗିଥିଲା।

# ବାଙ୍କୀ କଲେଜ ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଘାଟିତ

**ବାଙ୍କୀ,୨୪।୧(ସ୍ୱ.ପ୍ର.)**

ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟ ଓ କନିଷ୍ଠ ମହାବିଦ୍ୟାଳୟର ୪୭ତମ ବାର୍ଷିକ କ୍ରୀଡ଼ା ଉତ୍ସବ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ମହାବିଦ୍ୟାଳୟ କ୍ରୀଡ଼ା ଅଧ୍ୟାପକ ରବିନାରାୟଣ ପ୍ରଧାନଙ୍କ ନେତୃତ୍ୱରେ କ୍ରୀଡାବିତ୍‌ମାନେ ମା'ଚର୍ଚ୍ଚିକାଙ୍କ ମନ୍ଦିରରୁ ଆଜ୍ଞାମାଳ ଓ ମଶାଲ ଶୋଭାଯାତ୍ରା ନେଇ କଲେଜ ଖେଳ ପଡିଆରେ ସ୍ଥାପନ କରିଥିଲେ। ଅଧ୍ୟକ୍ଷ ପ୍ରଫେସର ସଦାନନ୍ଦ ବାରିକ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। କ୍ରୀଡ଼ା କ୍ଲବ ଉପସଭାପତି ଅଧ୍ୟାପକ ଯୁଗଳ କିଶୋର ମଣ୍ଡଳ, ପ୍ରାଧ୍ୟାପକ ମନୋଜ ମହାପାତ୍ର, ଉପାଧ୍ୟକ୍ଷ ଡ. ଅରୁଣ ବେହେରା, ପ୍ରାଧ୍ୟାପକ ବସନ୍ତ ସାହୁ, ଭ୍ରମରବର ସାହୁ, ଅଧ୍ୟାପକ ଶୈଳେନ୍ଦ୍ର ନାରାୟଣ ଦେଓ, ବୃନ୍ଦାବନ ପ୍ରଧାନ, ଜିତେନ୍ଦ୍ର ଦେଓ, ନୀରଞ୍ଜନ ସାହୁ ପ୍ରମୁଖ ଯୋଗଦାନ କରି ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଯୁବ ରେଡକ୍ରସ ସଂସ୍ଥାର ସ୍ୱେଚ୍ଛାସେବୀ ଖେଳାଳିଙ୍କୁ ପ୍ରାଥମିକ ଚିକିତ୍ସାସେବା ଯୋଗାଇ ଦେଇଥିଲେ।



ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଘାଟନୀ ଉତ୍ସବରେ ଉପସ୍ଥିତ ଅତିଥି।

# ରଘୁନାଥପୁରରେ ଓଏସ୍‌ଏମ୍‌ସିଏଲ୍ ଏମ୍‌ଡି

**ରଘୁନାଥପୁର, ୨୪। ୧ (ଡି.ଏନ.ଏ.)**

ଓଡ଼ିଶା ଷ୍ଟେଟ ମେଡିସିନ୍ କର୍ପୋରେଶନ ଲିମିଟେଡର ମ୍ୟାନେଜିଂ ଡାଇରେକ୍ଟର ଯାମିନୀ ଷଡଙ୍ଗୀ ଶୁକ୍ରବାର ରଘୁନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ନିରାମୟ ମେଡିସିନ୍ ସମ୍ପର୍କରେ ଅନୁଧ୍ୟାନ କରିଥିଲେ। ଏଥିସହ ସରକାରଙ୍କ ୫-ଟି ଅନ୍ତର୍ଗତ ବିଭିନ୍ନ କାର୍ଯ୍ୟର ତଦାରଖ କରିଥିଲେ। ପୂର୍ବାହ୍ନ ୧୧ଟାରେ ଏମ୍‌ଡି ଷଡଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ପ୍ରଥମେ ନିରାମୟ ଔଷଧର ଠିକ୍ ବିତରଣ ଏବଂ ଷ୍ଟୋର ପଏଣ୍ଟ ବୁଲି ଦେଖିଥିଲେ। ଠିକ୍ ଭାବେ ରୋଗୀ ଔଷଧ ପାଉଛନ୍ତି କି ନାହିଁ ତାହା ମଧ୍ୟ ଅନୁଧ୍ୟାନ କରିଥିଲେ। ଉପସ୍ଥିତ ଲୋକ ନିରାମୟ ଔଷଧ କାଉଣ୍ଟରକୁ ୨୪ ଘଣ୍ଟିଆ ଖୋଲାଯିବା ପାଇ ଏମ୍‌ଡି ଷଡଙ୍ଗୀଙ୍କୁ ଅନୁରୋଧ କରିଥିଲେ। ପରେ ଷଡଙ୍ଗୀ ସ୍ତ୍ରୀ ଓ ପ୍ରସୂତି ବିଭାଗ ୱାର୍ଡ, ଆଉଟଡୋର, ଲାବରେଟୋରି ଯାଇ ସ୍ଥିତି ଅନୁଧ୍ୟାନ କରିଥିଲେ। ସିଡିଏମ୍‌ଓ ବିଜୟ ପଣ୍ଡା, ଏଡିପିଏଚଓ(ଲେପ୍ରସି) ବସନ୍ତ ବାରିକ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସୁପରିଣ୍ଟେଣ୍ଡେଣ୍ଟ ଡା. ସୁକାନ୍ତ କୁମାର ଦଳାଇ, ଏବଂ ବିପିଏମ୍ ରଞ୍ଜିତା ସିଂହ ପ୍ରମୁଖ ଉପସ୍ଥିତ ଥିଲେ।



ରଘୁନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର କର୍ମଚାରୀଙ୍କ ସହ ଓଏସ୍‌ଏମ୍‌ସିଏଲ୍ ଏମ୍‌ଡି ଯାମିନୀ ଷଡଙ୍ଗୀ ଆଲୋଚନା କରୁଛନ୍ତି।

# ଚୌଦ୍ୱାରରେ ଶ୍ରୀଜଗନ୍ନାଥ ମହୋତ୍ସବ

**ଚୌଦ୍ୱାର,୨୪।୧(ଡି.ଏନ୍.ଏ.)**

ସଦ୍‌ଗୁରୁ ବାବା ବୈକୁଣ୍ଠନାଥଙ୍କ ୧୦୮ତମ ଜୟନ୍ତୀ ଅବସରରେ ଶୁକ୍ରବାର ଶ୍ରୀ ଜଗନ୍ନାଥ ମହୋତ୍ସବ ଚୌଦ୍ୱାର ଓଟିଏମ୍ କେଲୋନୀସ୍ଥିତ ସତ୍ୟନାରାୟଣ ମନ୍ଦିର ପଡ଼ିଆରେ ଉଦ୍‌ଘାଟିତ ହୋଇଛି। ପୁରୀ ରାଧା ବଲ୍ଲଭ ମଠର ମହନ୍ତ ରାମକୃଷ୍ଣ ଦାସ ମହାରାଜ ଏହାକୁ ଉଦ୍‌ଘାଟନ କରିଥିଲେ। ପୁରୀ ଝାଞ୍ଜପିଟା ମଠ ମହନ୍ତ ସଚ୍ଚିଦାନନ୍ଦ ଦାସ, ନାଉଗାଁର ଶ୍ରୀଗୁରୁକୃପା ଆଶ୍ରମର ଅଧ୍ୟକ୍ଷ ପୂଜ୍ୟ ବାବା ଶ୍ରୀସତ୍ୟାନନ୍ଦ ଦାସ ମହାରାଜ, ଜଳୌକା ଆନନ୍ଦଧାମ ମହନ୍ତ ନିର୍ଭୟାନନ୍ଦ ଦାସ, ଜଗନ୍ନାଥ ସଂସ୍କୃତି ପରିଷଦ ସଭାପତି ଗୋପୀନାଥ ମହାନ୍ତି, ଜଗନ୍ନାଥଙ୍କ ଅଙ୍ଗଲାଗି ସେବକ ଜନାର୍ଦ୍ଦନ ପାଟଯୋଶୀ ମହାପାତ୍ର ପ୍ରମୁଖ ଅତିଥିଭାବେ ଯୋଗଦେଇ ଶ୍ରଜଗନ୍ନାଥ ସଂସ୍କୃତି, ମହାତ୍ମ୍ୟ ଓ ପରମ୍ପରା ସମ୍ପର୍କରେ ଆଲୋଚନା କରିଥିଲେ। ଏହା ପରେ ଅତିଥିମାନେ ମହୋତ୍ସବ ପଡ଼ିଆରେ ଆୟୋଜିତ ଜଗନ୍ନାଥଙ୍କ ୨୪ ବେଶ, ଛପନ ଭୋଗ ପ୍ରଦର୍ଶନୀ, ଜଗନ୍ନାଥ ପୁସ୍ତକ ପ୍ରଦର୍ଶନୀର ଉଦ୍‌ଘାଟନ କରିଥିଲେ। ମହୋତ୍ସବ କମିଟି ସଦସ୍ୟ ସୁରେନ୍ଦ୍ରନାଥ ସାମଲ ଅତିଥି ପରିଚୟ, ଜଗନ୍ନାଥ ଭକ୍ତ ସମାଜ ସଭାପତି କୃଷ୍ଣ ଚନ୍ଦ୍ର ମହାନ୍ତି ସ୍ୱାଗତ ଭାଷଣ ଦେଇଥିଲେ। ୬ଦିନ ଧରି ଚାଲିବାକୁ ଥିବା ଏହି ମହୋତ୍ସବରେ ବାବା ବୈକୁଣ୍ଠନାଥ ସତ୍ୟ ସେବା ମଣ୍ଡଳ , ଶ୍ରୀଜଗନ୍ନାଥ ଭକ୍ତସମାଜ, ଆଧ୍ୟାତ୍ମିକ ପରିଷଦ, ଦିବ୍ୟଜୀବନ ସଂଘ, ଚାରବାଟିଆ ଜଗନ୍ନାଥ ମହାପ୍ରଭୁ ଟ୍ରଷ୍ଟ, ଭୁବନେଶ୍ୱର ଜଗନ୍ନାଥ ସଂସ୍କୃତି ପରିଷଦ ଓ ଜଗନ୍ନାଥ ପାଞ୍ଚରାତ୍ର ସମିତି ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶୁକ୍ରବାର ପ୍ରଭାତରେ ୨୩୭ ମହିଳା ଓ ପୁରୁଷ କଳସ ଶୋଭାଯାତ୍ରାରେ ଚୌଦ୍ୱାର ଗ୍ରାମ ପରିକ୍ରମା କରି ବିରୂପା ନଦୀରୁ ଜଳ ଆଣି ମହୋତ୍ସବ ସ୍ଥଳରେ ସ୍ଥାପନ କରିଥିଲେ। ମହୋତ୍ସବ ସ୍ଥଳରେ ପ୍ରଶାସନ ପକ୍ଷରୁ ଅଗ୍ନି ସହାୟତା କେନ୍ଦ୍ର, ପୋଲିସ୍ ସହାୟତା କେନ୍ଦ୍ର, ପ୍ରାଥମିକ ଚିକିତ୍ସା କେନ୍ଦ୍ର, ଅଭ୍ୟର୍ଥନା ପ୍ରକୋଷ୍ଠ ସହ ସୂଚନା କେନ୍ଦ୍ର ଖୋଲାଯାଇଛି। ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳଙ୍କ ସମେତ ଶ୍ରୀଜଗନ୍ନାଥ ଭକ୍ତ ସମାଜର ସଭାପତି ସନ୍ତୋଷ ଧର, ସତ୍ୟସେବା ମଣ୍ଡଳର ସଭାପତି କୃଷ୍ଣଚନ୍ଦ୍ର ମହାନ୍ତି, ଆଧ୍ୟାତ୍ମିକ ପରିଷଦର ସଭାପତି ନରେନ୍ଦ୍ରନାଥ ସ୍ୱାଇଁ, ଦିବ୍ୟଜୀବନ ସଂଘର ସଭାପତି କେଦାରନାଥ ଷଡ଼ଙ୍ଗୀ, ପଞ୍ଚରାତ୍ର ସମିତି ସମ୍ପାଦକ ପ୍ରଭାତ ମଲ୍ଲିକ, ଜଗନ୍ନାଥ ସଂସ୍କୃତି ପରିଷଦର ସମ୍ପାଦକ ଦେବେନ୍ଦ୍ର ଦାସ, ଜଗନ୍ନାଥ ମହୋତ୍ସବ କମିଟିର ସମ୍ପାଦକ ଶରତ ଖୁଣ୍ଟିଆ, ଚାରବାଟିଆ ଶ୍ରୀଜଗନ୍ନାଥ ମହାପ୍ରଭୁ ଟ୍ରଷ୍ଟର ମ୍ୟାନେଜିଙ୍ଗ୍ ଟ୍ରଷ୍ଟି ଶୁଭେନ୍ଦୁ ସାମଲ, ସହସମ୍ପାଦକ ଅର୍ଜୁନ ପଣ୍ଡା, ରବୀନ୍ଦ୍ର ପ୍ରଧାନ, ଲକ୍ଷ୍ମୀଧର ଖୁଣ୍ଟିଆ ପ୍ରମୁଖ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ। ଉଦ୍‌ଯାନପନୀ ଉତ୍ସବରେ ଗଜପତି ମହାରାଜ ଅତିଥିଭାବେ ଯୋଗଦେବେବୋଲି ଆୟୋଜକଙ୍କ ସୁତ୍ରରୁ ଜଣାପଡିଛି।



ଉଦ୍‌ଘାଟନୀ ଅବସରରେ ଯୋଗଦେଇଥିବା ଅତିଥିବୃନ୍ଦ।

**ଶ୍ରୀଜଗନ୍ନାଥ ପାଞ୍ଚରାତ୍ର, ଛପନଭୋଗ ଓ ୨୪ବେଶ ପ୍ରଦର୍ଶନୀ**



ତୁମର କଷ୍ଟର କାରଣ ଯାହାକିଛି ହୋଇଥାଉ ନା କାହିଁକି, ତୁମେ ଅପରକୁ କୌଣସି ଆଘାତ ଦିଅ ନାହିଁ।
- ଗୌତମବୁଦ୍ଧ



## ଆଜି କ'ଣ କେଉଁଠି

ଖୋର୍ଦ୍ଧା

- ମା' ଅଁଳାଇ ଦେବୀଙ୍କ ମନ୍ଦିର ପ୍ରତିଷ୍ଠାର ପ୍ରଥମ ବାର୍ଷିକ ଉତ୍ସବ, ମନ୍ଦିର ପରିସର, ଉଇଲକିଶନ ନଗର, ସକାଳ ୭ଟା।

## ବାଇକ୍-ବାଛୁରୀ ଧକ୍କାରେ ଛାତ୍ର ମୃତ

**ଜଟଣୀ,୨୪।୧(ଡି.ଏନ.ଏ.):** ଜଟଣୀ-ଖୋର୍ଦ୍ଧା ମୁଖ୍ୟରାସ୍ତାର ପଦନପୁର ଗ୍ରାମ ଛକ କିଛି ଦୂରରେ ଦୁର୍ଘଟଣାରେ ଜଣେ ଛାତ୍ରଙ୍କ ମୃତ୍ୟୁ ଘଟିଛି। ମୃତ ଛାତ୍ରଙ୍କ ନାମ ସମ୍ବିତ କୁମାର ଦଳେଇ(୧୮)। ଜଟଣୀ ଖୁଦୁପୁର ଛକ ନିକଟରେ ତାଙ୍କର ଘର। ସେ ଖୋର୍ଦ୍ଧା ପି.ଏନ୍. କଲେଜରେ ଦ୍ୱିତୀୟ ବର୍ଷ କଳା ଛାତ୍ର। ବୁଲେଟ୍‌ରେ କଲେଜରୁ ଘରକୁ ଶୁକ୍ରବାର ମଧ୍ୟାହ୍ନରେ ଫେରୁଥିଲେ। ଉପରୋକ୍ତ ସ୍ଥାନରେ ଗୋଟିଏ ବାଛୁରୀ ତାଙ୍କ ବାଇକ୍ ଆଗକୁ ପଳାଇ ଆସିଥିଲା। ଫଳରେ ବାଇକ୍ ସହିତ ବାଛୁରୀର ଧକ୍କା ହୋଇଥିଲା। ଏଥିରେ ସମ୍ବିତ କିଛିଦୂର ଛିଟିକି ପଡ଼ିବା ସହ ମୁଣ୍ଡରେ ଶକ୍ତ ଆଘାତ ଲାଗିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଧକ୍କାରେ ବାଛୁରୀଟି ମଧ ମରି ଯାଇଥିଲା। ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଖୋର୍ଦ୍ଧା ଜିଲା ମୁଖ୍ୟ ଡାକ୍ତରଖାନାକୁ ପଠାଇଥିଲା।

## ବୋଲଗଡ଼ ଆଞ୍ଚଳିକ ବଣିକ ମହାସଂଘର ବାର୍ଷିକ ଉତ୍ସବ

**ବୋଲଗଡ,୨୪।୧(ଡି.ଏନ.ଏ.)**-ବୋଲଗଡ ବଣିକ ମହାସଂଘର ୮ମ ବାର୍ଷିକ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ବୋଲଗଡ ଉପକଣ୍ଠରେ ଥିବା ମା'ଭୁଇଁଆଣୀଙ୍କ ପୀଠରେ ଏହି ଉତ୍ସବ ଆୟୋଜିତ ହୋଇଥିଲା । ଏହି ଅବସରରେ ଆୟୋଜିତ ସାଧାରଣ ସଭାରେ ମହାସଂଘର ସଭାପତି ଦୁର୍ଗାଚରଣ ଦଳବେହେରା ପୌରୋହିତ୍ୟ କରିଥିଲେ । ସମ୍ପାଦକ ଅରୂପ କୁମାର ପରିଡା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ମୁଖ୍ୟଅତିଥି ଭାବେ ଡାକ୍ତର ଅରୁଣ କୁମାର ମହାପାତ୍ର ଯୋଗ ଦେଇଥିବା ବେଳେ ସମବାୟବିତ ଲଲାଟେନ୍ଦୁ କେଶରୀ ସିଂହ, ଡା. ରତିରଞ୍ଜନ ଷଣ୍ଢ ,ଡା. ସାଲିନ ମହାନ୍ତି ଅନ୍ୟତମ ଅତିଥି ଭାବେ ମଞ୍ଚାସୀନ ଥିଲେ। ଏହି ଆଞ୍ଚଳିକ ବଣିକ ମହାସଂଘର ରେଜିଷ୍ଟ୍ରେଶନ ସାର୍ଟିଫିକେଟକୁ ଅତିଥିମାନଙ୍କ ଦ୍ୱାରା ଉନ୍ମୋଚନ କରାଯାଇଥିଲା । ସକାଳ ସମୟରେ ସ୍ୱାସ୍ଥ୍ୟ କେନ୍ଦ୍ର ପରିସର ସଫେଇ କରାଯାଇଥିବା ବେଳେ ଅପରାହ୍ନରେ ମା'ଭୁଇଁଆଣୀଙ୍କ ପୀଠରେ ବୃକ୍ଷରୋପଣ କରାଯାଇଛି । ଅନୁଷ୍ଠିତ ସାଧାରଣ ସଭାରେ ବୋଲଗଡରେ ଥିବା ୬ଟି ଯାକ ବଜାର ବଣିକ ସଂଘ ପରିଚାଳନା କମିଟିର ସଭାପତି ସମ୍ପାଦକ ଏବଂ କର୍ମକର୍ତ୍ତାମାନେ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

## ଯାଁଳାରେ ଜାତୀୟ ଶିଶୁ କନ୍ୟା ଦିବସ ପାଳିତ

**ଯାଁଳା,୨୪।୧(ଡି.ଏନ.ଏ.):** ଜଟଣୀ ବ୍ଲକ ଯାଁଳା ଓ ମଦନପୁର ପଞ୍ଚାୟତର ସମସ୍ତ ଅଙ୍ଗନୱାଡି କେନ୍ଦ୍ରରେ ଶୁକ୍ରବାର ଜାତୀୟ ଶିଶୁ କନ୍ୟା ଦିବସ ପାଳିତ ହୋଇଛି। ସମାଜରେ ବାଳିକାମାନେ ସାମ୍ନା କରୁଥିବା ଅସମାନତା ବିରୋଧରେ ସଚେତନତା ସୃଷ୍ଟି କରାଯାଇଥିଲା। କେନ୍ଦ୍ରଗୁଡିକରେ ଶିଶୁକନ୍ୟାମାନେ ବିଭିନ୍ନ ବେଶଭୁଷାରେ ସଜ୍ଜିତ ହୋଇଥିଲେ। ଯାଁଳା ପଞ୍ଚାୟତର ସମସ୍ତ ଅଙ୍ଗନୱାଡି କେନ୍ଦ୍ରଗୁଡିକର କର୍ମୀମାନେ ସହାୟତା କରିଥିଲେ।

# ବୋମାମାଡ଼ ପ୍ରତିବାଦରେ ଜଟଣୀ ବଜାର ବନ୍ଦ

**ଜଟଣୀ,୨୪।୧(ଡି.ଏନ.ଏ.):**



ବୋମା ମାଡ ପ୍ରତିବାଦରେ ଜଟଣୀ ସହରରେ ବ୍ୟବସାୟୀମାନଙ୍କ ପକ୍ଷରୁ ବାହାରିଥିବା ଶୋଭାଯାତ୍ରା ।

- ମାଡ଼ମାରି ବ୍ୟବସାୟୀଙ୍କ ଘର ଉପରେ ବୋମା ଫିଙ୍ଗିବା ଘଟଣା
- ମାର୍କେଟ କମିଟି ସମ୍ପାଦକଙ୍କୁ ହତ୍ୟା ଧମକ
- ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ ଦାବି

ଅସାମାଜିକ ଯୁବକମାନଙ୍କ ଆତଙ୍କରାଜରେ ଜଟଣୀ ରାଜାବଜାର ବ୍ୟବସାୟୀମାନେ ଭୟଭୀତ ହୋଇପଡ଼ିଛନ୍ତି। ନିଜକୁ ଅସୁରକ୍ଷିତ ମଣୁଛନ୍ତି। ସର୍ବ ସମ୍ମୁଖରେ ଦୋକାନ ଭଙ୍ଗାରୁଜା କରିବା ସହ ଦୋକାନୀଙ୍କୁ ମାଡ଼ମାରି ସମ୍ପୃକ୍ତ ଅଞ୍ଚଳରେ ଗୁରୁବାର ସନ୍ଧ୍ୟାରେ ଯୁବକମାନେ ମାରଣାସ୍ତ୍ର ଧରି ଆତଙ୍କରାଜ କରିଥିଲେ। ଏ ନେଇ ପୋଲିସକୁ ଜଣାଇବାରୁ ରାତିରେ ଦୋକାନୀଙ୍କ ଘର ଉପରକୁ ଅସାମାଜିକ ଯୁବକମାନେ ବୋମାମାଡ଼ କରିଥିଲେ। ସେତିକିରେ ସେମାନଙ୍କ ଆତଙ୍କରାଜ ସରି ନ ଥିଲା। ଶୁକ୍ରବାର ରାଜାବଜାର ମାର୍କେଟ କମିଟି ସମ୍ପାଦକ ଓ କେତେଜଣ ଦୋକାନୀଙ୍କୁ ଆକ୍ରମଣକାରୀ ଗୋଷ୍ଠୀର ଜଣେ ସଦସ୍ୟ ଖୁଲମ୍‌ଖୁଲା ହତ୍ୟା ଧମକ ଦେଇଥିଲେ। ଏହାର ପ୍ରତିବାଦରେ ଦୋକାନ ବଜାର ବନ୍ଦ ରହିଥିଲା। ଅଭିଯୁକ୍ତମାନଙ୍କୁ ତୁରନ୍ତ ଗିରଫ ପାଇଁ ବ୍ୟବସାୟୀମାନେ ଥାନାରେ ବସି ରହିଥିଲେ।

ରାଜାବଜାର ମାର୍କେଟରେ ତାରେକେଶ୍ୱର ପ୍ରସାଦ ନାମକ ବ୍ୟବସାୟୀଙ୍କ ବିଦ୍ୟୁତ୍ ସରଞ୍ଜାମ ଦୋକାନ ରହିଛି। ଗୁରୁବାର ସନ୍ଧ୍ୟା ପ୍ରାୟ ସାଢ଼େ ୬ଟାରେ ବିଦ୍ୟୁତ୍ ବଲ୍‌ବ ଫେରାଇବା ବାହାନାରେ ଯୁବକମାନେ ଆସି ତାରେକେଶ୍ୱରଙ୍କୁ ପ୍ରଥମେ ଗାଳିଗୁଲଜ କରିଥିଲେ। ପ୍ରତିବାଦ କରିବାରୁ ମାଡ଼ ମାରିଥିଲେ। ଏହି ସମୟରେ ତାଙ୍କ ପୁଅ ଆସିଯିବାରୁ ସେ ମଧ ଏମାନଙ୍କ କବଳରୁ ବର୍ତ୍ତି ନ ଥିଲେ। ତାଙ୍କୁ ମଧ ତଳେ ପକାଇ ବାଡ଼େଇଥିଲେ। ଛୁରି ଓ ବନ୍ଧୁକ ବାହାର କରି ଭୟଭୀତ କରାଇଥିଲେ। କ୍ୟାଶ୍ ବାକ୍ସରୁ ୧୫ ହଜାର ଟଙ୍କା ଜବରଦସ୍ତ ନେଇଯାଇ ଦୋକାନ ଭଙ୍ଗାରୁଜା କରି ଘଟଣାସ୍ଥଳରୁ ପଳାଇଥିଲେ। ଅନ୍ୟ ଦୋକାନୀ ଓ ସେହିବାଟ ଦେଇ ଯାଉଥିବା ପଥଚାରୀମାନେ ଦେଖୁଥିଲେ ମଧ ଅସାମାଜିକ ଯୁବକମାନେ ଧରିଥିବା ମାରଣାସ୍ତ୍ର ଦେଖି ନିକଟକୁ ଯିବା ପାଇଁ ସାହସ ଜୁଟାଇ ପାରି ନ ଥିଲେ। ଏ ନେଇ ପ୍ରଥମେ ତାରେକେଶ୍ୱର ୧୦୦ ନମ୍ବରରେ ପୋଲିସକୁ ଜଣାଇଥିଲେ। ପରେ ଥାନାକୁ ଯାଇ ଅଭିଯୋଗ କରିଥିଲେ। ଥାନାକୁ ଯାଇଥିବା ସମୟରେ ଏହି ଯୁବକମାନେ ପୁଣି ଆସି ବନ୍ଦ ଥିବା ତାରେକେଶ୍ୱରଙ୍କ ଦୋକାନ ଶଟରକୁ ପଥର ମାଡ଼ କରିଥିଲେ। ଶାବଳ ପୂରାଇ ତାଡ଼ିବାକୁ ଉଦ୍ୟମ କରିଥିଲେ। ଏମାନଙ୍କ ଆତଙ୍କରାଜରେ ଭୟଭୀତ ହୋଇ ଜଣେ ଜୁଏଲେରୀ ଦୋକାନୀ ଦୋକାନ ବନ୍ଦ କରି ଯାଉଥିବା ସମୟରେ ତାଙ୍କୁ ମଧ ଯୁବକମାନେ ଗାଳିଗୁଲଜ କରି ଧକ୍କା ମାରିଥିଲେ। ଏହି ସମୟରେ ପୋଲିସ ପହଞ୍ଚି ଯିବାରୁ ଘଟଣାସ୍ଥଳ ଛାଡ଼ି ପଳାଇଥିଲେ। ପୋଲିସ ଚାଲିଯିବା ପରେ ରାତି ପ୍ରାୟ ସାଢ଼େ ୧୦ଟାରେ ରାଜାବଜାର ମାର୍କେଟରେ ଯୁବକମାନେ ପୁଣି ପହଞ୍ଚି ପାଟିତୁଣ୍ଡ କରିଥିଲେ। ଦୋକାନର କିଛି ଦୂରରେ ଥିବା ତାରେକେଶ୍ୱରଙ୍କ ଘର ଉପରକୁ ଦୁଇଟି ବୋମା ଫିଙ୍ଗିଥିଲେ। ଏଥିରେ ଛାତର ପାରାପିଟ୍ କ୍ଷତିଗ୍ରସ୍ତ ହୋଇଥିଲା। ଘଟଣାସ୍ଥଳରେ ପୋଲିସ ପହଞ୍ଚି ବିଭିନ୍ନ ସ୍ଥାନରେ ଚଢ଼ାଉ କରିଥିଲେ ମଧ ଏହି ଅସାମାଜିକ ଯୁବକମାନଙ୍କ ଟେର୍ ପାଇ ନ ଥିଲା। ତେବେ ସେମାନଙ୍କର କେତେଜଣ ସମ୍ପର୍କୀୟ ଓ ସାଙ୍ଗମାନଙ୍କୁ ଅଟକ ରଖି ପୋଲିସ ପଚରାଉଚୁରା କରୁଛି। ଯାହା ପ୍ରୋତ୍ସାହନରେ ଏହା ଘଟିଛି ବୋଲି ସନ୍ଦେହ କରାଯାଉଛି ଅଟକଙ୍କ ମଧ୍ୟରେ ଜଣେ ରହିଥିବା ଜଣାପଡିଛି। ଏପରି ଘଟଣାରେ ସମ୍ପୃକ୍ତ ଅପରାଧୀମାନଙ୍କୁ ତୁରନ୍ତ ଗିରଫ ଦାବିରେ ଶୁକ୍ରବାର ରାଜାବଜାର ମାର୍କେଟ୍‌ର ସମସ୍ତ ଦୋକାନ ବନ୍ଦ ରହିଥିଲା। ଦୋକାନ ବନ୍ଦ କରି ୩୦୦ରୁ ଅଧିକ ଦୋକାନୀ ଚାଲିକି ଜଟଣୀ ଥାନାକୁ ଯାଇ ଅପରାଧୀମାନଙ୍କୁ ଧରିବାକୁ ଦାବି କରିଥିଲେ। ଥାନାରେ ପହଞ୍ଚିବା ପୂର୍ବରୁ ଜନଗହଳିପୂର୍ଣ୍ଣ ରାସ୍ତାରେ ଏହି ମାର୍କେଟ କମିଟିର ସମ୍ପାଦକ ଶ୍ରୀକାନ୍ତ ପ୍ରଧାନ ଓ ଅନ୍ୟ କେତେଜଣ ଦୋକାନୀଙ୍କୁ ବୋମାମାଡ଼ କରିଥିବା ଯୁବକମାନଙ୍କର ଜଣେ ସାଥୀ ପହଞ୍ଚି ହତ୍ୟା ଧମକ ଦେଇଥିଲେ। ଏ ନେଇ ମାର୍କେଟ କମିଟି ପକ୍ଷରୁ ଥାନାରେ ପୃଥକ୍ ଏକ ଅଭିଯୋଗ କରାଯାଇଥିଲା। କମିଶନରେଟ୍ ପୋଲିସ ଏସିପି ପି.କେ. ରାଉତ ପହଞ୍ଚି ବ୍ୟବସାୟୀମାନଙ୍କ ସହ ଆଲୋଚନା କରିଥିଲେ। ଅଭିଯୁକ୍ତମାନଙ୍କୁ ଶୀଘ୍ର ଗିରଫ କରାଯିବା ନେଇ ପ୍ରତିଶ୍ରୁତି ଦେଇଥିଲେ।

# ବକ୍ସିଙ୍କ ଦେଶପ୍ରେମ ସମସ୍ତଙ୍କୁ ଅନୁପ୍ରାଣିତ କରିବ

**ଖୋର୍ଦ୍ଧା ଅଫିସ, ୨୪।୧:**

ଜିଲା ସଂସ୍କୃତି ଭବନ ପରିସରରେ ବକ୍ସି ଜଗବନ୍ଧୁଙ୍କ ଜିଲାସ୍ତରୀୟ ଶ୍ରାଦ୍ଧ ଦିବସ ଶୁକ୍ରବାର ପାଳିତ ହୋଇଯାଇଛି। ଜିଲାପାଳ ସିତାଂଶୁ କୁମାର ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଖୋର୍ଦ୍ଧା ବିଧାୟକ ଜ୍ୟୋତିରିନ୍ଦ୍ରନାଥ ମିତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଉଚ୍ଚଶିକ୍ଷା ବିଭାଗର ସ୍ୱତନ୍ତ୍ର ଅଧିକାରୀ ପ୍ରାଧାପକ ଡ. ହରିହର କାନୁନ୍‌ଗୋ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ବକ୍ତାମାନେ ବକ୍ସିଙ୍କ ବିପ୍ଳବୀ ଜୀବନ ସମ୍ପର୍କରେ ଆଲୋକପାତ କରି କହିଥିଲେ ଏଭଳି ଯୋଦ୍ଧା ପୁଣି ଥରେ ଜନ୍ମ ନେବା ଉଚିତ୍। ବକ୍ସି ପାଇକ ବିଦ୍ରୋର କର୍ଣ୍ଣଧାର ଥିଲେ। ସେ ପାଇକମାନଙ୍କୁ ସଙ୍ଗଠିତ କରି ବ୍ରିଟିଶ ଶାସନ ବିରୋଧରେ ବିଦ୍ରୋହ କରିଥିଲେ। ବକ୍ସିଙ୍କ ଦେଶପ୍ରେମ ସମସ୍ତଙ୍କୁ ଅନୁପ୍ରାଣିତ କରିବ। ଅନ୍ୟମାନଙ୍କ ମଧ୍ୟରେ ଐତିହାସିକ ସତ୍ୟବାଦୀ ବଳିଆରସିଂହ, ଶିକ୍ଷାବିତ୍ ଭୀମସେନ ପ୍ରଧାନ ପାଇକ ବିଦ୍ରୋହରେ ବକ୍ସି ଜଗବନ୍ଧୁଙ୍କ ଭୂମିକା କ'ଣ ଥିଲା ଟିପ୍ପଣୀ ରଖିଥିଲେ। ସ୍ତମ୍ଭକାର ଉମାଶଙ୍କର ପ୍ରସାଦଙ୍କ ଲିଖିତ 'ପାଇକ ବିଦ୍ରୋହର କର୍ଣ୍ଣଧାର ବକ୍ସି ଜଗବନ୍ଧୁ' ପୁସ୍ତକକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ମହାବିଦ୍ୟାଳୟ ଓ ଉଚ୍ଚବିଦ୍ୟାଳୟସ୍ତରୀୟ ଓଡ଼ିଆ ବକ୍ତୃତା ପ୍ରତିଯୋଗିତାର ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲା ସୂଚନା ଲୋକ ସମ୍ପର୍କ ଅଧିକାରୀ ମାନସ ରଞ୍ଜନ ବିଶ୍ୱାଳ ସ୍ୱାଗତ ଭାଷଣ ସହ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ।



ବକ୍ସି ଜଗବନ୍ଧୁଙ୍କ ଶ୍ରାଦ୍ଧ ଦିବସରରେ ଯୋଗ ଦେଇଥିବା ଅତିଥିମାନେ ।

# ଅସାଧାରଣ କାର୍ଯ୍ୟ କରିପାରିବେ ଦିବ୍ୟାଙ୍ଗ

**ଭୁବନେଶ୍ୱର,୨୪।୧(ବ୍ୟୁରୋ):**

ସମାଜରେ ଦିବ୍ୟାଙ୍ଗମାନଙ୍କ ଭୂମିକା ଅତୁଳନୀୟ। ସାଧାରଣ ମଣିଷଙ୍କ ଭଳି ସେମାନେ ମଧ ଅସାଧାରଣ କାର୍ଯ୍ୟ କରିବାର କ୍ଷମତା ରଖନ୍ତି। ସଙ୍ଗୀତ, ନୃତ୍ୟ କ୍ଷେତ୍ରରୁ ଆରମ୍ଭକରି ହସ୍ତଶିଳ୍ପ, ହସ୍ତତନ୍ତ ପର୍ଯ୍ୟନ୍ତ ସେମାନେ ସବୁକ୍ଷେତ୍ରରେ ପାରଦର୍ଶିତା ଲାଭ କରୁଛନ୍ତି। ଦିବ୍ୟାଙ୍ଗମାନଙ୍କୁ ପ୍ରୋତ୍ସାହନ ପ୍ରଦାନ କରିବା ମହାପୁଣ୍ୟ ବୋଲି ଶୁକ୍ରବାର 'ଦି ୱାର୍ଲଡ ଜିମ୍' ପକ୍ଷରୁ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଦିବ୍ୟଜ୍ୟୋତିରେ ଯୋଗଦେଇଥିବା ଅତିଥିମାନେ ମତପ୍ରକାଶ କରିଛନ୍ତି। ଘାଟିକିଆସ୍ଥିତ ବ୍ରିଜ୍‌ଧାମରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିଥିଭାବେ 'ମୋ ପରିବାର'ର ଅଧ୍ୟକ୍ଷ ତଥା ଅବସରପ୍ରାପ୍ତ ଆଇପିଏସ୍ ଅଫିସର ଅରୂପ ପଟ୍ଟନାୟକ, ଓଡ଼ିଶା ଖଦି ବୋର୍ଡର ସଭାପତି ସଂଗ୍ରାମ କେଶରୀ ପାଇକରାୟ, ଆଇନଜୀବୀ ସୀତାଂଶୁ ମୋହନ ଦ୍ୱିବେଦୀ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ୬୦ରୁ ଊର୍ଦ୍ଧ୍ୱ ଦିବ୍ୟାଙ୍ଗ ପ୍ରତିଯୋଗୀ କଳାକୌଶଳ ପ୍ରଦର୍ଶନ କରିଥିଲେ। ପରେ ସେମାନଙ୍କ ଦ୍ୱାରା ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। କାର୍ଯ୍ୟକ୍ରମରେ ବିଜେଡି ଜିଲା ସଭାପତି ଅମରେଶ ଜେନା, ପୂର୍ବତନ କର୍ପୋରେଟର ସମୀର ରଞ୍ଜନ ପ୍ରଧାନ, ହାଡ଼ିଆ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଦି ୱାର୍ଲଡ ଜିମ୍‌ର ମୁଖ୍ୟ ନୀଳକଣ୍ଠ ପ୍ରଧାନ, ବାପୁନ ବେହେରା, କାନ୍ତା ରେଡ୍ଡି ଓ ସୂର୍ଯ୍ୟକାନ୍ତ ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଶିଶୁକନ୍ୟାଙ୍କ ସୁରକ୍ଷା ଉପରେ ଗୁରୁତ୍ୱାରୋପ


ମହୋତ୍ସବରେ ଉପସ୍ଥିତ ଅତିଥିମାନେ ।

## ନବମ ବାର୍ଷିକ ପାଞ୍ଚଗଡ଼ ମହୋତ୍ସବ -୨୦୨୦ ଉଦ୍‌ଯାପିତ

**ବୋଲଗଡ,୨୪।୧(ଡି.ଏନ୍.ଏ.)**

ଶାନ୍ତି, ପ୍ରେମ ଓ ଭାଇଚାରା ଭାବର ମହକ ବାଣ୍ଟି ଶୁକ୍ରବାର ଉଦ୍‌ଯାପିତ ହୋଇଛି ବୋଲଗଡ ବ୍ଲକ ବଡକୁମାରୀସ୍ଥିତ ପାଞ୍ଚଗଡ ମହୋତ୍ସବ-୨୦୨୦। ନବମ ବାର୍ଷିକ ଏହି ମହୋତ୍ସବର ଶେଷ ସନ୍ଧ୍ୟାରେ ମୁକ୍ତାକାଶ ମଞ୍ଚରେ ସ୍ଥାନୀୟ ଓ ବାହାର ଅଞ୍ଚଳର କଳାକାରମାନଙ୍କ ଦ୍ୱାରା ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ ବେଶ୍ ଚିତ୍ତାକର୍ଷକ ଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମଗୁଡିକରେ ପାଲା , ମହିଳା ମାନଙ୍କ ଦ୍ୱାରା ପରିବେଷିତ ଭାଗବତ, ଡ୍ୟାନ୍ସ ଡ୍ୟାନ୍ସ, ଲୋକନୃତ୍ୟ ଆଦି ପରିବେଷଣ ହୋଇଥିଲା । ଅପରାହ୍ନରେ ପିଲାମାନଙ୍କ ପାଇଁ ଦ୍ୱିତୀକୃଷ୍ଣ ପଣ୍ଡା କୁଇଜ ପରିଚାଳନା କରିଥିଲେ । ମହୋତ୍ସବ ମଞ୍ଚରେ ଭାଗବତ ଚର୍ଚ୍ଚା ଓ ମ୍ୟାଜିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି ସନ୍ଧ୍ୟାର ଆୟୋଜିତ ସାଧାରଣ ସଭାରେ ମହୋତ୍ସବ କମିଟି ଅଧ୍ୟକ୍ଷ ଡ. ପ୍ରକାଶ କୁମାର ପ୍ରଧାନ ପୌରୋହିତ୍ୟ କରିଥିଲେ । ମୁଖ୍ୟଅତିଥି ଭାବେ କଂଗ୍ରେସ ନେତା ପ୍ରଦୀପ କୁମାର ସାହୁ ଓ ମୁଖ୍ୟବକ୍ତା ଭାବେ କଂଗ୍ରେସ ନେତା ପ୍ରଭାତ କୁମାର ପରିଡା ଯୋଗଦେଇଥିଲେ । ସମ୍ମାନିତ ଅତିଥି ଭାବେ ଶିକ୍ଷକ ବସନ୍ତ କୁମାର ଉତ୍ତରକବାଟ ଯୋଗଦେଇଥିଲେ। ଅତିଥିମାନେ କନ୍ୟାରତ୍ନଙ୍କ ଯତ୍ନ ନିଆଯିବା ସହ ଶିଶୁକନ୍ୟାଙ୍କ ସୁରକ୍ଷା ଦିଗରେ ଗୁରୁତ୍ୱାରୋପ କରିଥିଲେ । ଏହି ଅବସରରେ ପୂଜ୍ୟପୂଜା ସମ୍ବର୍ଦ୍ଧନାରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ପ୍ରତିଭାମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । ମହୋତ୍ସବ କମିଟି ସଭାପତି ବସନ୍ତ ନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ । ସମ୍ପାଦକ ସୁନନ୍ଦ ପ୍ରଧାନ ସ୍ୱାଗତ ଅଭିଭାଷଣ ଦେଇଥିଲା ବେଳେ ଚନ୍ଦ୍ରକାନ୍ତ ମହାପାତ୍ର ମଞ୍ଚ ପରିଚାଳନା କରିଥିଲେ । ସୀମାଞ୍ଚଳ ପଣ୍ଡା ଓ ଚନ୍ଦ୍ରକାନ୍ତ ମହାପାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମଗୁଡ଼ିକୁ ସଂଯୋଜନା କରିଥିଲେ । ଏହି ମହୋତ୍ସବ ଆୟୋଜକଙ୍କ ପକ୍ଷରୁ ବିଭିନ୍ନ ଦିବସରେ ସ୍ୱଚ୍ଛଭାରତ ଏବଂ ରକ୍ତଦାନ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି ।

## ୪୪ଗ୍ରାମ ବ୍ରାଉନସୁଗାର ଜବତ, ୩ ଗିରଫ

**କଟକ ରୋଡ,୨୪।୧(ଡି.ଏନ୍.ଏ.):** ଲକ୍ଷ୍ମୀସାଗର ପୋଲିସ ଓ କୁଇକ ଆକ୍ସନ ଟିମ ହଳଦୀପଡ଼ିଆ ବସ୍ତିରେ ଚଢ଼ାଉ କରି ଜଣେ ଯୁବତୀଙ୍କ ସମେତ ୩ଜଣ ବ୍ରାଉନସୁଗାର ବ୍ୟବସାୟୀଙ୍କୁ ଗିରଫ କରିଛି। ସେମାନେ ହେଲେ ଏହି ବସ୍ତିରେ ରହୁଥିବା ବିୟୁଟି ପୋଦ୍ଦାର, ଶଙ୍କର ଦାସ ଓ ଲକ୍ଷ୍ମୀସାଗର ହାଉସିଂ ବୋର୍ଡ ଫେଜ-୨ର ଲୋକମାନ ପରଭେଜ। ଏମାନଙ୍କ ଠାରୁ ୪୪ଗ୍ରାମ ବ୍ରାଉନସୁଗାର, ୨୬୦୦ ଟଙ୍କା ଓ ୨ଟି ବାଇକ୍ ଜବତ କରାଯାଇଛି। ଜବତ ବ୍ରାଉନସୁଗାର ମୂଲ୍ୟ ପ୍ରାୟ ସାଢେ ୪ଲକ୍ଷ ଟଙ୍କା ହେବ ବୋଲି ପୋଲିସ କହିଛି। ସୂଚନା ଅନୁଯାୟୀ, ଅଭିଯୁକ୍ତମାନେ ହଳଦୀପଡ଼ିଆରେ ଥିବା ବିଦ୍ୟୁତ୍ ଷ୍ଟେଶନ କାର୍ଯ୍ୟାଳୟ ନିକଟରେ ନିଶା ସାମଗ୍ରୀ ବିକ୍ରି କରୁଥିବା ନେଇ ସୂଚନା ମିଳିଥିଲା। ମଧ୍ୟାହ୍ନ ପ୍ରାୟ ୧୨ଟାରେ ପୋଲିସ ସେଠାରେ ଚଢ଼ାଉ କରି ଏମାନଙ୍କୁ ଧରିଥିଲା। ଏ ନେଇ ଥାନାରେ ଏକ ମାମଲା (ନଂ.୨୫/୧୯)ରୁଜୁ ହୋଇଛି। ସୂଚନାଥାଉ କି, ୨୦୧୯ ଜୁଲାଇ ୨୯ରେ ଉକ୍ତ ବସ୍ତିରେ ବ୍ରାଉନସୁଗାର ବିକ୍ରି କରୁଥିବା ୬ନିଶା ବ୍ୟବସାୟୀଙ୍କ ଘର ପୋଲିସ ଭାଙ୍ଗିଥିଲା।

# ଧାନ କିଣ, ନ ହେଲେ ଇଚ୍ଛାମୃତ୍ୟୁକୁ ଅନୁମତି ଦିଅ

**ଖୋର୍ଦ୍ଧା ଅଫିସ, ୨୪।୧:**


ଚାଷୀ ବ୍ରହ୍ମାନନ୍ଦ ଦାଶ ।

ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ ବାଘମାରୀ ଗାଁର ବ୍ରହ୍ମାନନ୍ଦ ଦାଶ ନାମକ ଜଣେ ଚାଷୀଙ୍କୁ ଋଣ ପରିଶୋଧ କରିବାର ଚିନ୍ତା ଘାରିଛି। ସରକାର ଯେଉଁ ଢ଼ାଞ୍ଚାରେ ଧାନ କିଣୁଛନ୍ତି ଚାଷୀ ସୁଧ ଗଣି ଗଣି ହତାଶ ହୋଇଯିବ। ପାଖରେ ଖାଇବାକୁ ଟଙ୍କା ନ ଥିବ। ଏଭଳିସ୍ଥଳେ ନିୟମ ପରିବର୍ତ୍ତନ କରି ତୁରନ୍ତ ଧାନ କିଣ, ନ ହେଲେ ଇଚ୍ଛାମୃତ୍ୟୁ ପାଇଁ ଅନୁମତି ଦେବାକୁ ବ୍ରହ୍ମାନନ୍ଦ ମୁଖ୍ୟମନ୍ତ୍ରୀଙ୍କୁ ଅନୁମତି ମାଗିଛନ୍ତି। ବ୍ରହ୍ମାନନ୍ଦ ବାଘମାରୀ ପ୍ରାଥମିକ କୃଷି ସମବାୟ ସମିତିରୁ ୯୫ ହଜାର ଟଙ୍କାର ଋଣ କରିଛନ୍ତି। ଋଣ ଟଙ୍କାରେ ଧାନ ଫସଲ କରିଛନ୍ତି। ଧାନକୁ ମଣ୍ଡିରେ ବିକ୍ରି କରିବାକୁ ଟୋକନ କରିଛନ୍ତି। ତେବେ ସରକାରଙ୍କ ନୀତି ନିୟମ ଅନୁସାରେ, ବ୍ରହ୍ମାନନ୍ଦଙ୍କର ନାଁ ଧାନ ବିକ୍ରି କରିବାକୁ ଆସିନି। ମୋ ନାଁ ବହୁ ପଛରେ ଆସିବ। ସେତେବେଳକୁ ଧାନ ବିକ୍ରି କରିବାକୁ ମୋ ପାଖରେ ସମୟ ନ ଥିବ। ଯେଉଁ ବିଲରେ କୀଟନାଶକ ପକାଇ ଧାନ ଫଳାଇଛି, ସେହି ଔଷଧ ଖାଇ ବାଘମାରୀ ପ୍ରାଥମିକ ସେବା କୃଷି ସମବାୟ ସମିତି ସମ୍ମୁଖରେ ଆତ୍ମହତ୍ୟା କରିବେ ବୋଲି ସେ ଚେତାବନୀ ଦେଇଛନ୍ତି।

# ପୂଜ୍ୟ ପୂଜାଙ୍କୁ ଅବହେଳା : ୪ ପାଇକଙ୍କୁ ମିଳିଲାନି ସମ୍ମାନ


୧୬ନଂ ଜାତୀୟ ରାଜପଥ କଡରେ ଥିବା ପଞ୍ଚ ପାଇକଙ୍କ ପ୍ରତିମୂର୍ତ୍ତି ।

**ଖୋର୍ଦ୍ଧା ଅଫିସ, ୨୪।୧:** ଖୋର୍ଦ୍ଧାରେ ପୂଜ୍ୟପୂଜାଙ୍କୁ ସମ୍ମାନ ମିଳୁନାହିଁ। ସରକାର ପାଇକ ବିଦ୍ରୋହର ୨୦୦ବର୍ଷ ପୂର୍ତ୍ତି ପାଇଁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କଲେ। ତେବେ ପୂଜ୍ୟପୂଜାଙ୍କୁ ଅଣଦେଖା କରିବା ଅନେକଙ୍କୁ ବିସ୍ମିତ କରିଛି। ରାଷ୍ଟ୍ରପତି ରାମନାଥ କୋବିନ୍ଦ ପାଇକ ସ୍ମୃତି ଉଦ୍ଦେଶ୍ୟରେ ବରୁଣେଇରେ ପାଇକ ସ୍ମାରକୀର ଭିତ୍ତିପ୍ରସ୍ତର ସ୍ଥାପନ କରିବା ଖୋର୍ଦ୍ଧାବାସୀଙ୍କ ପାଇଁ ଗର୍ବ ଓ ଗୌରବର ବିଷୟ। ଜୟୀ ରାଜଗୁରୁଙ୍କ ନିଧନ ପରେ ଖୋର୍ଦ୍ଧା ପାଇକ କୁଳର ମଉଡମଣି ବକ୍ସି ଜଗବନ୍ଧୁଙ୍କ ଦ୍ୱାରା ପରିଚାଳିତ ଖୋର୍ଦ୍ଧା ପାଇକ ବିଦ୍ରୋହ ଭାରତ ସ୍ୱାଧୀନତା ସଂଗ୍ରାମ ଇତିହାସରେ ଆଲୋକସ୍ତମ୍ଭ ରୂପେ ଠିଆ ହୋଇଛି। ବକ୍ସିଙ୍କ ସାଥୀରେ କାନ୍ଧ ମିଳାଇ ଯେଉଁ ପାଇକ ସଂଗ୍ରାମୀମାନେ ନିଜର ବଳିଦାନ ଦେଇଥିଲେ ସେମାନେ ଚିର ନମସ୍ୟ। ସେହି ପଞ୍ଚ ପାଇକଙ୍କ ପ୍ରତିମୂର୍ତ୍ତି ୧୬ ନଂ. ଜାତୀୟ ରାଜପଥର ପାର୍ଶ୍ୱରେ ପ୍ରତିଷ୍ଠା ହୋଇଛି। ତେବେ ଏହି ପଞ୍ଚ ପାଇକ ବିପ୍ଳବୀ ଜୟୀ ରାଜଗୁରୁ, ବକ୍ସି ଜଗବନ୍ଧୁ, ମାଧବ ଚନ୍ଦ୍ର ରାଉତରାୟ, ବିପ୍ଳବୀ ପିଣ୍ଡିକି ବାହୁବଳେନ୍ଦ୍ର, ବିପ୍ଳବୀ କୃତିବାସ ପାଟ୍ଟଶାଣୀଙ୍କ ପ୍ରତିମୂର୍ତ୍ତି ଉପେକ୍ଷିତ ଓ ଅବହେଳିତ ହୋଇ ଖରାକାକରରେ ପଡି ରହିଛନ୍ତି। ଏହି ପଞ୍ଚ ପାଇକଙ୍କ ପାଇଁ ସମସ୍ତେ କୁମ୍ଭୀର କାନ୍ଦଣା କାନ୍ଦୁଛନ୍ତି। କିନ୍ତୁ ପ୍ରଶାସନ କିରାଜନେତା ସେମାନଙ୍କୁ କେହିଧ୍ୟାନ ଦେଉନାହାନ୍ତି। ପୂର୍ବତନ ମୁଖ୍ୟମନ୍ତ୍ରୀ ହରେକୃଷ୍ଣ ମହତାବଙ୍କ ଯୋଗୁ ଭୁବନେଶ୍ୱରରେ ବିଜେବି କଲେଜ ଓ ବିଜେବିନଗର ସ୍ଥାପିତ ହୋଇଥିବା ବେଳେ ଖୋର୍ଦ୍ଧାରେ ବକ୍ସିଙ୍କ ନାମରେ ବକ୍ସି ଜଗବନ୍ଧୁ ବିଦ୍ୟାଧର ଉଚ୍ଚ ବିଦ୍ୟାଳୟ ନାମିତ ହୋଇଛି। ଯାହା ଗୌରବର ଅଧ୍ୟାୟ। ମାତ୍ର ପଞ୍ଚ ପାଇକଙ୍କ ମଧ୍ୟରୁ ଅନ୍ୟ ୪ଜଣଙ୍କର ସ୍ମୃତି କିଛି ନାହିଁ। ଏହି ପାଇକଙ୍କ ନାମରେ ରାସ୍ତା, ଅନୁଷ୍ଠାନର ନାଁ ନାହିଁ। ଭୁବନେଶ୍ୱର, ଖୋର୍ଦ୍ଧାରେ ଏମାନଙ୍କର ନାଁରେ ଅନୁଷ୍ଠାନ, ମାର୍ଗ ନାମିତ କରାଯିବାର ଆବଶ୍ୟକତା ଦେଖାଦେଇଛି। ଫଳରେ ଆମର ଆଗାମୀ ପିଢି ଏମାନଙ୍କ କାର୍ଯ୍ୟକଳାପ ଓ ବୀରତ୍ୱର ଗାଥା ସମ୍ପର୍କରେ ଜାଣି ପାରିବେ ନାହିଁ। ଏ ନେଇ ସ୍ତମ୍ଭକାର ଉମାପ୍ରସାଦ, ସାମାଜିକ କର୍ମୀ ରାମଶଙ୍କର, ଐତିହାସିକ ସତ୍ୟବାଦୀ ବଳିଆରସିଂ, ସମବାୟବିତ୍ ବିମଳ ଷଡ଼ଙ୍ଗୀ ପ୍ରମୁଖ ଟିପ୍ପଣୀ ଦେଇଛନ୍ତି। ବକ୍ସିଙ୍କ ଶ୍ରାଦ୍ଧ ଦିବସରେ ଅବହେଳିତ ୪ ପାଇକଙ୍କୁ ଉଚିତ ସ୍ଥାନ ଦିଆଯାଉ। ଏ ଦିଗରେ ପ୍ରଶାସନ ଓ ସରକାର ଚିନ୍ତା କରିବା ଦରକାର ବୋଲି ମତ ପ୍ରକାଶ ପାଇଛି।

# ଆୟ ପ୍ରମାଣପତ୍ର ପ୍ରଦାନରେ ବିଳମ୍ବ ଯୋଗୁ ଧାରଣା

**ଜଟଣୀ,୨୪।୧(ଡି.ଏନ.ଏ.)**

## କର୍କଟ ରୋଗରେ ମହିଳା ଆକ୍ରାନ୍ତ


ତହସିଲ ସମ୍ମୁଖରେ ଧାରଣାରତ ଲୋକମାନେ ।

ରୋଗରେ ଆକ୍ରାନ୍ତ ଜଣେ ମହିଳାଙ୍କ ପାଇଁ ଡାକ୍ତରଖାନାରେ ଆବଶ୍ୟକ ପଡୁଥିବା ଆୟ ପ୍ରମାଣପତ୍ର ପ୍ରଦାନରେ ବିଳମ୍ବ କରାଯାଇଛି। ଏହାର ପ୍ରତିବାଦରେ ବହୁ ଯୁବକ ଜଟଣୀ ତହସିଲ କାର୍ଯ୍ୟାଳୟରେ ଶୁକ୍ରବାର ଧାରଣା ଦେଇଥିଲେ। ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ଧାରଣା ଦେବା ପରେ କେହି ଅଧିକାରୀ ଘଟଣାସ୍ଥଳକୁ ଆସି ନ ଥିଲେ। ଫଳରେ ସେମାନେ ତହସିଲ କାର୍ଯ୍ୟାଳୟ ଗେଟ୍‌ରେ ତାଲା ପକାଇ ଦେଇଥିଲେ। ଜଟଣୀ ଅଞ୍ଚଳର ଜନୈକ ମହିଳା କର୍କଟ ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଛନ୍ତି। ଡାକ୍ତରଖାନାରେ ଇନକମ୍ ସାର୍ଟିଫିକେଟର ଆବଶ୍ୟକତା ପଡ଼ିବାରୁ ତାଙ୍କ ସ୍ୱାମୀ ମହମ୍ମଦ ଖଲିଦ୍ ଚଳିତ ମାସ ୧୧ ତାରିଖରେ ତହସିଲରେ ଆବେଦନ କରିଥିଲେ। ଚିକିତ୍ସା ପାଇଁ ଏହା ଦରକାର ଥିବାରୁ ମେଡିକାଲ ଗ୍ରାଉଣ୍ଡରେ ଶୀଘ୍ର ସାର୍ଟିଫିକେଟ୍ ପ୍ରଦାନ ପାଇଁ ମହିଳାଙ୍କ ସ୍ୱାମୀ ଓ ଅନ୍ୟମାନେ ତହସିଲକୁ ବାରମ୍ବାର ଦୌଡ଼ି ନିରାଶ ହୋଇଥିଲେ। ଏପରି କି ଆଇନଜୀବୀ ତଥା ସ୍ଥାନୀୟ ଅଞ୍ଚଳର ସାମାଜିକ କର୍ମୀ ଜୟପ୍ରକାଶ ତ୍ରିବେଦୀ ଜଟଣୀ ତହସିଲଦାର ଓ ଅତିରିକ୍ତ ତହସିଲଦାରଙ୍କୁ ଏ ନେଇ ଅନୁରୋଧ କରିଥିଲେ। ଶୀଘ୍ର ସାର୍ଟିଫିକେଟ୍ ମିଳିବା ତ ଦୂରର କଥା ଓଲଟା ତାଙ୍କୁ ଖରାପ ବ୍ୟବହାର ପ୍ରଦର୍ଶନ କରାଯାଇଥିବା ସେ ଅଭିଯୋଗ କରିଛନ୍ତି। ଏ ନେଇ ଛାତ୍ର ଶକ୍ତି ସଙ୍ଗଠନର ସଭାପତି ସାଇ ପ୍ରସାଦ ପଲେଇ ଓ ଅନ୍ୟ ସଦସ୍ୟମାନେ ମଧ ଚେଷ୍ଟା କରି ବିଫଳ ହୋଇଥିଲେ। ସବୁଆଡୁ ଚାପ ପଡ଼ିବା ସହ ଆନ୍ଦୋଳନର ଚେତାବନୀ ଦେବା ପରେ ଗୁରୁବାର ନେତାଜୀ ଜୟନ୍ତୀ ଛୁଟିଦିନରେ ଡାକି ଏହି ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା। ହେଲେ କେଉଁ ଉଦ୍ଦେଶ୍ୟରେ ସାର୍ଟିଫିକେଟ୍ ପ୍ରଦାନ କରାଯାଇଛି ତାହା ଉଲ୍ଲେଖ କରାଯାଇ ନ ଥିଲା। ଫଳରେ ମେଡିକାଲରେ ପୁଣି ସମସ୍ୟା ସୃଷ୍ଟି ହୋଇଥିଲା ବୋଲି ଧାରଣାର ନେତୃତ୍ୱ ନେଇଥିବା ସାଇ ପ୍ରସାଦ ଓ ଜୟ ପ୍ରସାଦ କହିଛନ୍ତି। ଦୀର୍ଘ ସମୟ ପରେ ଧାରଣାସ୍ଥଳରେ ତହସିଲଦାର ପହଞ୍ଚି ଥିଲେ। ବୁଝାଶୁଝା କରିବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଏ ନେଇ ତହସିଲଦାର ପ୍ରିୟାଂଶୁ ଚାନ୍ଦ କୁହନ୍ତି, ନୂଆ ସଫ୍ଟୱେର ପରିବର୍ତ୍ତନ ହେଉଥିବା ଯୋଗୁ ଏପରି ବିଳମ୍ବ ହୋଇଥିଲା। ଅନ୍ୟପକ୍ଷରେ ନୂଆ ଫର୍ମାଟରେ ସାର୍ଟିଫିକେଟରେ ଉଦ୍ଦେଶ୍ୟ ଉଲ୍ଲେଖ ବ୍ୟବସ୍ଥା ନାହିଁ। ଏଣୁ ତାହା ଉଲ୍ଲେଖ କରାଯାଇ ପାରିନାହିଁ ବୋଲି ସେ କହିଛନ୍ତି।



ପରିବର୍ତ୍ତନ ସହିତ ନିଜକୁ ଯିଏ ଖାପ ଖୁଆଇବାର କଳା ହାସଲ କରିପାରିନାହିଁ, ସେ ଅଶାନ୍ତି ଭିତରେ ବୁଡ଼ି ରହିବ। -ବାକନ୍



## ସଂକ୍ଷେପରେ

### ବେଆଇନ୍ ପଥର ଉତ୍ତୋଳନ ଓଏଚ୍ଆର୍‌ସିଙ୍କ ଦ୍ୱାରସ୍ଥ ହେଲେ ଅଞ୍ଚଳବାସୀ

ଭୁବନେଶ୍ୱର, ୨୪।୧(ବ୍ୟୁରୋ): ଯାଜପୁର ଜିଲା ଧର୍ମଶାଳା ବ୍ଲକ ଅନ୍ତର୍ଗତ ବିଛାଖଣ୍ଡି ପାହାଡ଼ରେ ବେଆଇନ୍ ଭାବେ ଖଣି ମାଫିଆମାନେ କଳାପଥର ଉତ୍ତୋଳନ କରି ଚୋରାଚାଲାଣ କରାଯାଉଛି। ଏହି ବେଆଇନ୍ ପଥର ଖନନକୁ ପ୍ରଶାସନ ଏବଂ କେତେଜଣ ଲୋକପ୍ରତିନିଧି ପ୍ରଶ୍ରୟ ଦେଉଥିବା ସ୍ଥାନୀୟ ଅଞ୍ଚଳବାସୀ ଶୁକ୍ରବାର ରାଜ୍ୟ ମାନବାଧିକାର କମିଶନ (ଓଏଚ୍ଆର୍‌ସି)ଙ୍କ ନିକଟରେ ଅଭିଯୋଗ କରିଛନ୍ତି। ସେମାନେ ଅଭିଯୋଗରେ ଦର୍ଶାଇଛନ୍ତି ଯେ, ଖଣିମାଫିଆମାନେ ପଥର ଉତ୍ତୋଳନ ସମୟରେ ବ୍ଲାଷ୍ଟିଂ କରୁଥିବାରୁ ଗ୍ରାମବାସୀଙ୍କ ବାସଗୃହ ଥରି ଭୁଶୁଡ଼ିବା ସହ ପିଇବା ପାଣି ଦୂଷିତ ଏବଂ ଜମିରେ ଧାନ ଫସଲ ନଷ୍ଟ ହେଉଛି। ୨୦୧୯ ନଭେମ୍ବର ୨୩ରେ ବେଆଇନ୍ ଖଣି ଖନନ ବିରୋଧରେ ତାଳଗଞ୍ଜ, ରକ୍ଷୀଦେଇପୁର, ଏଣ୍ଡୁଲବା ପଞ୍ଚାୟତର ଶତାଧିକ ଗ୍ରାମବାସୀ ଏକଜୁଟ ହୋଇ ଆନ୍ଦୋଳନ କରିବା ସହ ପଥର ବୋଝେଇ ଟ୍ରକ ଏବଂ ୱାଗନ ଡ୍ରିଲିଂ ମେଶିନ ଜବତ କରିଥିଲେ। ତୁରନ୍ତ ବେଆଇନ୍ ଖଣି ଖନନ ବନ୍ଦ ପାଇଁ ଦାବିପତ୍ର ଦେଇଥିଲେ। ଏହାପରେ ୨୦୧୯ ଡିସେମ୍ବର ୧୯ରେ ଗ୍ରାମବାସୀ ଏ ନେଇ ଜେନାପୁର ଥାନାରେ ଏତଲା ଦେଇଥିଲେ। ପୋଲିସ୍ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନ ଥିଲା। ଅନ୍ୟପକ୍ଷରେ ଖଣି ଉତ୍ତୋଳନରେ ଗ୍ରାମବାସୀ ବାଧା ଉପୁଜୁଥିବା ଅଭିଯୋଗ ଆଣି ଧର୍ମଶାଳା ତହସିଲଦାର ଜେନାପୁର ଥାନାରେ ଏତଲା ଦେଇଥିଲେ। ଏହାକୁ ଭିତ୍ତିକରି ପୋଲିସ୍ ଅଞ୍ଚଳ ପ୍ରଧାନଙ୍କୁ ଗିରଫ କରି ଜେଲ୍ ପଠାଇ ଦେଇଥିଲେ।

### ଚିଲିକାରୁ ବେଆଇନ ଘେରି ଉଚ୍ଛେଦ



ଟାଙ୍ଗୀ (ଖୋର୍ଦ୍ଧା),୨୪।୧(ଡି.ଏନ.ଏ.): ଟାଙ୍ଗୀ ତହସିଲ ଅନ୍ତର୍ଗତ ଭୂଷଣ୍ଡପୁର ନିକଟ ଚିଲିକାରୁ ବେଆଇନ ଘେରି ଉଚ୍ଛେଦ ଅଭିଯାନ ଜାରି ରହିଛି। ଉପଜିଲାପାଳ ଶାନ୍ତନୁ କୁମାର ମହାନ୍ତିଙ୍କ ନେତୃତ୍ୱରେ ଖୋର୍ଦ୍ଧା ତହସିଲଦାର ଓ କେତେଜଣ ରାଜସ୍ୱ ନିରୀକ୍ଷକଙ୍କ ସହ ପୋଲିସ ଫୋର୍ସ ଘଟଣାସ୍ଥଳରେ ଉପସ୍ଥିତ ରହି ଘେରି ଉଚ୍ଛେଦ କରୁଛନ୍ତି। ଗୁରୁବାର ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ ହୋଇ ଜଗନ୍ନାଥପୁର ମୌଜାର ୯୬୩, ୯୬୫ ଓ ୯୬୮ ପ୍ଲଟର ସମସ୍ତ ଘେରି ଭାଙ୍ଗି ଦିଆଯାଇଛି। ଜଗନ୍ନାଥପୁର ମୌଜାର ୯୭୦ ଓ ୯୭୨ ପ୍ଲଟର ଉଚ୍ଛେଦ କାର୍ଯ୍ୟ ଜାରି ରହିଛି।

# ଜମିରେ ଉଜୁଡ଼ିବ ପରିବା ଫସଲ

ବେଗୁନିଆ, ୨୪। ୧ (ଡି.ଏନ.ଏ.)



କୃଷି ବିଭାଗ ଅଧିକାରୀ ଚାଷୀ କରିଥିବା ଫସଲକୁ ବୁଲି ଦେଖୁଛନ୍ତି।

- ସ୍ଥାୟୀ ଜଳସେଚନ ବ୍ୟବସ୍ଥା କରାଯାଉନି
- ବହୁ ଉଠା ଜଳସେଚନ ପଏଣ୍ଟ ଅଚଳ
- ବେଗୁନିଆ ବ୍ଲକରେ ୩୩ ଜାଗାରେ ୧୭ ପ୍ରତିଶତ ଜଳସେଚନ

ସରକାରଙ୍କ ପକ୍ଷରୁ ଚାଷ ଓ ଚାଷୀମାନଙ୍କର ଉନ୍ନତି ପାଇଁ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରାଯାଉଛି। ହେଲେ ବାସ୍ତବ କ୍ଷେତ୍ରରେ ତାହା କେତେଦୂର ଚାଷୀଙ୍କ ହିତରେ ଲାଗୁଛି ତାହାର ତଦାରଖ କରାଯାଉନାହିଁ। ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ ଅଞ୍ଚଳରେ ପ୍ରାୟ ୮୦ ପ୍ରତିଶତ ଲୋକ ଚାଷ କାର୍ଯ୍ୟ କରି ପରିବାର ପ୍ରତିପୋଷଣ କରୁଛନ୍ତି। ଚାଷୀମାନେ ସର୍ବଦା ଖରିଫରେ ଧାନ, ରବି ଋତୁରେ ମୁଗ, ଚଣା ଆଦି ଫସଲ ଉତ୍ପାଦନ କରୁଥିଲେ। ହେଲେ ଜଳସେଚନର ସୁବନ୍ଦୋବସ୍ତ କରାଯାଇ ନ ଥିବାରୁ ଚାଷୀଙ୍କ ଚାଷ କାର୍ଯ୍ୟରେ ଉନ୍ନତି ହୋଇପାରୁନାହିଁ। ମାତ୍ର ଏବେ ଚାଷୀମାନେ ଅର୍ଥକରୀ ଫସଲ ଉତ୍ପାଦନ କରି ଟଙ୍କା ରୋଜଗାର କରିବାକୁ ଚେଷ୍ଟା ଚଳାଇଛନ୍ତି। ଚଳିତବର୍ଷରେ ଉଦ୍ୟାନ ଓ କୃଷି ବିଭାଗ ପକ୍ଷରୁ ବିଭିନ୍ନ ଗାଁରେ ଚାଷୀମାନଙ୍କୁ ଭଲିକି ଭଲି କିସମର ବିହନ କିଟ୍ ଯୋଗାଇ ଦିଆଯାଇଥିଲା। ସେମାନେ ପରିବା ଫସଲ କରିଛନ୍ତି। ହେଲେ ଚାଷ ଜମିକୁ ପାଣି ଯାଉ ନ ଥିବାରୁ ପରିବା ଫସଲ ଉଜୁଡି ଯିବା ଚିନ୍ତାରେ ଚାଷୀମାନେ ପଡିଛନ୍ତି।

ବ୍ଲକର ସିକୋ, ହଜ, ଶଗଡାଭଙ୍ଗା, ଦେଉଳି, ଗୋବିନ୍ଦପୁର, ସାରୁଅ, ଗଡମାଣିତୀର, ବୋତଲମା ପଞ୍ଚାୟତ ଅଞ୍ଚଳରେ ସର୍ବାଧିକ ପରିବା ଓ ତୈଳ ବୀଜ ଜାତୀୟ ଫସଲ ଚାଷ କରାଯାଇଛି। ଏଥିରେ ୨ଶହ ହେକ୍ଟର ଜମିରେ ସୂର୍ଯ୍ୟମୁଖୀ, ୫୦ହେକ୍ଟର ଜମିରେ ମକା, ୩ ଶହ ହେକ୍ଟର ଜମିରେ ପରିବା ଫସଲ ଓ ୨୦ ହେକ୍ଟର ଜମିରେ ଟିସୁ କଦଳୀ ଚାଷ କରାଯାଇଛି। ତେବେ ମାନପୁର, ସାରୁଅ, ଛିଆମ, ସିକୋ ଆଦି ଗାଁରେ କେତେଜଣ ଚାଷୀ ଚଳିତ ଋତୁରେ ହେକ୍ଟର ହେକ୍ଟର ପରିବା ଫସଲ କରିଛନ୍ତି। ଦୀର୍ଘଦିନ ହେଲା ବୋରୱେଲ ପଏଣ୍ଟଗୁଡିକ ଅଚଳ ହୋଇ ପଡିଥିବାରୁ ଜଳଯୋଗାଣ ହୋଇ ପାରୁନାହିଁ। ଫଳରେ ଫସଲ ଉଜୁଡି ଯିବ ବୋଲି ଚାଷୀମାନେ ଚିନ୍ତାରେ ପଡିଲେଣି। ବ୍ଲକ ଅଞ୍ଚଳରେ ଜଳସେଚନ ପାଇଁ ୧୨୦ ଆଡବନ୍ଧ, ୧୫୦ ଡଗ ୱେଲ, ୧୫୫ ଟି ବୋର ୱେଲର ବ୍ୟବସ୍ଥା କୃଷି ବିଭାଗ ପକ୍ଷରୁ କରାଯାଇଛି। ସେହିପରି ସିକୋ ଓ ହଜ ପଞ୍ଚାୟତରେ ମଲାଗୁଣି ନଦଲିଫ୍ଟ ଇରିଗେଶନ ମାଧ୍ୟମରେ ୧୦୦ ଏକର ଜମି ପାଇଁ ଜଳ ଯୋଗାଇ ଦିଆଯାଉଛି। ତାହା ସମୁଦ୍ରକୁ ଶଙ୍ଖେ ପରି ବୋଲି ଚାଷୀମାନେ କହିଛନ୍ତି। ସରକାରଙ୍କ ନିୟମାନୁସାରେ ବ୍ଲକ ଅଞ୍ଚଳରେ ୩୩ ପ୍ରତିଶତ ଚାଷ ଜମିକୁ ଜଳସେଚନ ବ୍ୟବସ୍ଥା ରହିବା କଥା। ହେଲେ ସରକାରୀ କର୍ମଚାରୀମାନେ କେବଳ କାଗଜକଲମରେ ୧୭ ପ୍ରତିଶତ ଜଳସେଚନ ବ୍ୟବସ୍ଥା କରାଯାଉଛି ବୋଲି ରାଜ୍ୟ ସରକାରଙ୍କୁ ଜଣାଇଛନ୍ତି। ବାସ୍ତବରେ ତାହା ୧୨ ପ୍ରତିଶତରୁ କମ୍ ହେବ ବୋଲି ଏକ ଅନୁସନ୍ଧାନରୁ ଜଣାପଡିଛି। ଅନେକ ସ୍ଥାନରେ ମଧ୍ୟ ଉଠା ଜଳସେଚନ ବିଭାଗ ପକ୍ଷରୁ ଖୋଲା ଯାଇଥିବା ବୋର ୱେଲ ପଏଣ୍ଟଗୁଡିକ ଅଚଳ ହୋଇପଡିଛି। ଆଉ କେତେକ ସ୍ଥାନରେ ପ୍ରକୃତ ଚାଷୀମାନଙ୍କ ପାଖରେ ବୋର ୱେଲ ପଏଣ୍ଟର ପାଣି ପହଞ୍ଚି ପାରିନାହିଁ। ରାଜ୍ୟ ସରକାରଙ୍କ ପକ୍ଷରୁ କୌଣସି ବୃହତ ଜଳସେଚନ ପ୍ରକଳ୍ପ ଏଯାଏ ନିର୍ମାଣ କରାଯାଇନାହିଁ ବୋଲି ଚାଷୀମାନେ କହିଛନ୍ତି। ଚାଷୀମାନେ ବିଭିନ୍ନ ସମୟରେ ମନ୍ତ୍ରୀ, ଜନପ୍ରତିନିଧି ଏବଂ କୃଷି ବୈଠକରେ ବାରମ୍ବାର ଅଭିଯୋଗ କରି ଆସୁଛନ୍ତି। ଜଳସେଚନର ବନ୍ଦୋବସ୍ତ କରାଯିବ ବୋଲି କେବଳ ପ୍ରତିଶ୍ରୁତି ମିଳୁଛି ହେଲେ ସମାଧାନ କ୍ଷେତ୍ରରେ କାହାର ଆନ୍ତରିକତା ଥିବା ଭଳି ମନେ ହେଉନାହିଁ। ଏ ସମ୍ପର୍କରେ ବ୍ଲକ କୃଷ ଅଧିକାରୀ ରତିକାନ୍ତ ପଟ୍ଟନାୟକଙ୍କୁ ପଚାରିବାରେ, ସ୍ଥାୟୀ ଜଳସେଚନ ବ୍ୟବସ୍ଥା ନିହାତି ଜରୁରୀ ବୋଲି ରାଜ୍ୟ ସରକାରଙ୍କ ପାଖକୁ ଚିଠି ମାଧ୍ୟମରେ ଜଣାଇ ଦିଆଯାଇଛି। ହେଲେ ସରକାରଙ୍କ ପକ୍ଷରୁ ଯାହା କିଛି ବନ୍ଦୋବସ୍ତ କରାଯିବ ବୋଲି ସେ କହିଛନ୍ତି।

# ଜାତୀୟ ଶିକ୍ଷାନୁଷ୍ଠାନ ଦାବି



ବକ୍ସି ଜଗବନ୍ଧୁଙ୍କ ଶ୍ରାଦ୍ଧ ଦିବସ ଅବସରରେ ଯୋଗ ଦେଇଥିବା ଅତିଥିମାନେ।

ଖୋର୍ଦ୍ଧା ଅଫିସ, ୨୪।୧

ଭାରତର ପ୍ରଥମ ସ୍ୱାଧୀନତା ସଂଗ୍ରାମର ମହାନାୟକ ବିପ୍ଳବୀ ବକ୍ସି ଜଗବନ୍ଧୁଙ୍କ ଶ୍ରାଦ୍ଧୋତ୍ସବ ପୁରାତନ ଛାତ୍ର ସଂସଦ ଆନୁକୂଲ୍ୟରେ ବିଜେବି ହାଇସ୍କୁଲ ପରିସରରେ ପାଳିତ ହୋଇଯାଇଛି। ଛାତ୍ର ସଂସଦର ସମ୍ପାଦକ ପ୍ରାଧ୍ୟାପକ ଗୋପାଳକୃଷ୍ଣ ଦାସଙ୍କ ପୌରୋହିତ୍ୟରେ ଆୟୋଜିତ ସ୍ମୃତି ସଭାରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ଏୟାର ମାର୍ଶାଲ ଜ୍ୟୋତି ନାରାୟଣ ବର୍ମନ, ମୁଖ୍ୟ ବକ୍ତା ପ୍ରାଣନାଥ ସ୍ୱୟଂ ଶାସିତ ମହାବିଦ୍ୟାଳୟର ଇତିହାସ ବିଭାଗ ମୁଖ୍ୟ ପ୍ରଫେସର ମନୋଜ କୁମାର ରାଉତ, ଅବସରପ୍ରାପ୍ତ ପ୍ରମୁଖ ବନ ସଂରକ୍ଷକ ସୌମ୍ୟରଞ୍ଜନ ଛୋଟରାୟ, ଆଇଏଫ୍ଏସ୍ ଓ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର ଡିନ୍ ପ୍ରଫେସର ଡ. ଦିଲୀପ କୁମାର ଦୋରା ଯୋଗ ଦେଇଥିଲେ। ସେମାନେ ବକ୍ସି ଜଗବନ୍ଧୁଙ୍କ ବଳିଷ୍ଠ ବ୍ୟକ୍ତିତ୍ୱ ଓ ସ୍ୱାଧୀନତା ସଂଗ୍ରାମକୁ ତାଙ୍କର ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସ୍ୱାଗତ ଭାଷଣରେ ଏହି ଶିକ୍ଷାନୁଷ୍ଠାନର ମହାନ ଐତିହ୍ୟର ଅବତାରଣା କରିଥିଲେ। ସ୍ୱାଧୀନତା ସଂଗ୍ରାମର ୩ ପର୍ଯ୍ୟାୟରେ ଅଂଶଗ୍ରହଣ କରିଥିବା ତଥା ଶହିଦ୍ ହୋଇଥିବା ଦୁଇ ଛାତ୍ରଙ୍କ ବିଦ୍ୟାଳୟ ବିଜେବି ହାଇସ୍କୁଲକୁ ଜାତୀୟ ଶିକ୍ଷାନୁଷ୍ଠାନରେ ପରିଣତ କରିବାକୁ ସଭାପତି ଦାସ କହିଥିଲେ। ଶିକ୍ଷାବିତ୍ ଭୀମସେନ ପ୍ରଧାନ, ଐତିହାସିକ ସତ୍ୟବାଦୀ ବଳିଆରସିଂହ, କୃଷ୍ଣଚନ୍ଦ୍ର ହରିଚନ୍ଦନ, ଉମାଶଙ୍କର ପ୍ରସାଦ, ରାମଶଙ୍କର ପ୍ରମୁଖ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ବିରଞ୍ଚି ନାରାୟଣ ସାହୁ ଧନ୍ୟବାଦ ଦେବା ସହ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରିୟରଞ୍ଜନ ପାଢଶାଣୀ ସଭା ପରିଚାଳନା କରିଥିଲେ।

# କନ୍ୟା ସନ୍ତାନ ଅଲୋଡ଼ା ନୁହେଁ

ଖୋର୍ଦ୍ଧା ଅଫିସ, ୨୩।୧



କନ୍ୟା ସନ୍ତାନଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ଖୋର୍ଦ୍ଧା ସହରର ହାବେଳି ପଡିଆରେ ଜାତୀୟ ଶିଶୁକନ୍ୟା ଦିବସ ଶୁକ୍ରବାର ପାଳିତ ହୋଇଯାଇଛି। ଜିଲାପାଳ ସିତାଂଶୁ କୁମାର ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଦିବସରେ ମୁଖ୍ୟ ଅତିଥି ରୂପେ ଖୋର୍ଦ୍ଧା ବିଧାୟକ ଜ୍ୟୋତିରିନ୍ଦ୍ରନାଥ ମିତ୍ର ଓ ଜିଲା ପରିଷଦ ସଭ୍ୟ ଗୀତାଞ୍ଜଳି ପାଟଶାଣୀ ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ। ମଞ୍ଚାସୀନ ଥିଲେ ଜିଲା ସୁରକ୍ଷା ୟୁନିଟ୍ ଅଧିକାରୀ ବାଣିଶ୍ରୀ ପଟ୍ଟନାୟକ। କନ୍ୟା ସନ୍ତାନ ଅମୂଲ୍ୟ ରତ୍ନ ଓ ଭ୍ରୂଣହତ୍ୟା ବନ୍ଦ କରିବା ଉପରେ ସଚେତନତା ରଥକୁ ଖୋର୍ଦ୍ଧା ବିଧାୟକ ମିତ୍ର ଶୁଭାରମ୍ଭ କରିଥିଲେ। ଅନ୍ୟପକ୍ଷେ ବିଭିନ୍ନ କ୍ଷେତ୍ରରେ ନିଜର ପାରଦର୍ଶିତା ଦେଖାଇଥିବା ୩୧ ସ୍ୱୟଂ ସହାୟିକା ଗୋଷ୍ଠୀ ସଦସ୍ୟା, ଆଶା, ଅଙ୍ଗନୱାଡି କର୍ମୀ, ଶିଶୁ ଯତ୍ନ ଅନୁଷ୍ଠାନର ପାଠ ପଢୁଥିବା ପିଲାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ସେହିପରି ଶ୍ରୀରାମପୁର ପ୍ରାଥମିକ ବିଦ୍ୟାଳୟରେ ଠଣାପଲ୍ଲୀ ମିଳିତ ଯୁବକ ସଂଘ

### ଜାତୀୟ ଶିଶୁକନ୍ୟା ଦିବସ

ପକ୍ଷରୁ ଅନୁରୂପ ଭାବେ ଜାତୀୟ ଶିଶୁ କନ୍ୟା ଦିବସ ପାଳିତ ହୋଇଯାଇଛି। ମୁଖ୍ୟବକ୍ତା ରୂପେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଯଶୋଦା ସାହୁ, ସମ୍ମାନିତ ଅତିଥି ସ୍ୱାସ୍ଥ୍ୟକର୍ମୀ ସୁବାସିନୀ ସାହୁ, ଅଙ୍ଗନୱାଡି କର୍ମୀ ମିନତି ବେହେରା, ପ୍ରତିମା ବେହେରା ପ୍ରମୁଖ ଯୋଗ ଦେଇ କନ୍ୟା ସନ୍ତାନର ଯତ୍ନ ନେବା ସହ ସ୍ନେହ କରିବାକୁ ପରାମର୍ଶ ଦେଇଥିଲେ। ସ୍ୱାସ୍ଥ୍ୟ ବିଭାଗ ପକ୍ଷର ଶିଶୁକନ୍ୟା ଦିବସ ଅବସରରେ ଶୋଭାଯାତ୍ରା ସହର ପରିକ୍ରମା କରି ସଚେତନତା ସୃଷ୍ଟି କରିଥିଲା। ଏହି ଶୋଭାଯାତ୍ରା ସିଡିଏମ୍ଓ ଅଫିସରୁ ବାହାରି ଖୋର୍ଦ୍ଧା ବାଳିକା ଉଚ୍ଚ ବିଦ୍ୟାଳୟ ନିକଟ ପର୍ଯ୍ୟନ୍ତ ଯାଇ ଶେଷ ହୋଇଥିଲା। ବିଭିନ୍ନ ଜିଲାରେ ଜାତୀୟ ଶିଶୁକନ୍ୟା ଦିବସ ଭଲଭାବେ ପାଳନ ହୋଇଥିବାବେଳେ ଖୋର୍ଦ୍ଧା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ମାତ୍ର ୪୦୦ ମିଟର ଶୋଭାଯାତ୍ରା କରାଯାଇ ଶେଷ ହୋଇଯାଇଛି।

# ବିଏମ୍‌ସି ଘେରିଲେ ଉଠାଦୋକାନୀ

ଭୁବନେଶ୍ୱର, ୨୪।୧ (ବ୍ୟୁରୋ)

ରାଜଧାନୀର ସମସ୍ତ ଉଠାଦୋକାନୀଙ୍କୁ ୧୦ ହଜାର ଟଙ୍କା ଲେଖାଏଁ ଫନୀ ସହାୟତା ଦେବା ଦାବିରେ ଉଠାଦୋକାନୀ ମହାସଂଘ ପକ୍ଷରୁ ବିଏମ୍‌ସି କାର୍ଯ୍ୟାଳୟ ଘେରାଉ କରାଯାଇଛି। ଶୁକ୍ରବାର ପୂର୍ବାହ୍ନରେ ଉଠାଦୋକାନୀ ବ୍ୟବସାୟୀ ସଂଘ ସଭାପତି ସୁର ଜେନାଙ୍କ ନେତୃତ୍ୱରେ ଶତାଧିକ ଉଠା ଦୋକାନୀ ଏନେଇ ଏକାଠି ହୋଇଥିଲେ। ସେହିଭଳି ଅଶୋକନଗରରେ ପ୍ରସ୍ତାବିତ ଶିଶୁ ଉଦ୍ୟାନ ସ୍ଥାନରେ ମାଇକ୍ରୋ କମ୍ପୋଷ୍ଟିଂ ସେଣ୍ଟର (ଏମ୍‌ସିସି) ନିର୍ମାଣ ବନ୍ଦ କରିବା ଦାବିରେ ଅଶୋକ ନଗର ବାସିନ୍ଦାମାନେ ମଧ୍ୟ ଘେରାଉରେ ସାମିଲ ହୋଇଥିଲେ। ସିପିଆଇ ରାଜ୍ୟ କାର୍ଯ୍ୟାଳୟ ଭଗବତୀ ଭବନଠାରୁ ଏକ ଶୋଭାଯାତ୍ରାରେ ବାହାରି ରାଜମହଲ ଓ କଳ୍ପନା ଛକ ଅତିକ୍ରମ ପୂର୍ବକ ବିଏମ୍‌ସି କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲା। ଏନେଇ ୫ ଜଣିଆ ଏକ ପ୍ରତିନିଧିମଣ୍ଡଳୀ ବିଏମ୍‌ସି କମିଶନର ପ୍ରେମ ଚନ୍ଦ୍ର ଚୌଧାରୀଙ୍କୁ ସାକ୍ଷାତ କରି ସ୍ମାରକପତ୍ର ପ୍ରଦାନ କରିଥିଲେ। କମିଶନର ସମସ୍ତ ଉଠାଦୋକାନୀଙ୍କୁ ଫନୀ ସହାୟତା ଦିଆଯିବ ଓ ଡମ୍ପିଂୟାର୍ଡ ସମ୍ପର୍କରେ ବିଚାର କରାଯିବ ବୋଲି କହିଥିଲେ।

# ଭାରତୀୟ ସ୍ୱାସ୍ଥ୍ୟ ଅର୍ଥନୀତି ସମ୍ମିଳନୀ



ଜଟଣୀ,୨୪।୧(ଡି.ଏନ.ଏ.)

ଜଟଣୀସ୍ଥିତ ନାଇଜର ପରିସରରେ ଚାଲିଥିବା ଭାରତୀୟ ସ୍ୱାସ୍ଥ୍ୟ ଅର୍ଥନୀତି ସମ୍ମିଳନୀ ଶୁକ୍ରବାର ଉଦ୍‌ଯାପିତ ହୋଇଛି। ନାଇଜର ରେଜିଷ୍ଟ୍ରାର ଡ. ଅଭୟ କୁମାର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ତ୍ରିଭେନ୍ଦ୍ରମ୍‌ସ୍ଥିତ ବିଆର୍ଏଫ୍‌ଟିର ପ୍ରାକ୍ତନ ନିର୍ଦ୍ଦେଶକ ପ୍ରଫେସର ଡି. ନାରାୟଣ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସେ କହିଥିଲେ, ସ୍ୱାସ୍ଥ୍ୟ ହିଁ ସମ୍ପଦ ଆଧାରରେ ଆୟୋଜିତ ସମ୍ମିଳନୀରେ ଆଲୋଚନାର ସୁଫଳତା ଆଗାମୀ ଦିନରେ ଜନସାଧାରଣଙ୍କ ସ୍ୱାସ୍ଥ୍ୟସେବାକୁ ନିଶ୍ଚୟ ପରିବର୍ଦ୍ଧିତ କରିବ। ସରକାର ଏଥିପ୍ରତି ଦୃଷ୍ଟି ଦେବେ ବୋଲି ସେ ଆଶା ପୋଷଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଲଣ୍ଡନ ସ୍କୁଲ ଅଫ୍ ହେଲ୍‌ଥ ଇକ୍ୟୁଟିର ପ୍ରଫେସର ମାଇକେଲ ମାର୍ମଟ ବକ୍ତବ୍ୟ ରଖି ସାମାଜିକ ନ୍ୟାୟ ଓ ସ୍ୱାସ୍ଥ୍ୟ ସମାନତା ପରସ୍ପର ପରିପୂରକ ବୋଲି କହିଥିଲେ। ସ୍ୱାଗତ ଭାଷଣ ଦେଇଥିଲେ ବିଭାଗର ମୁଖ୍ୟ ଡା. ପ୍ରଣୟ କୁମାର ସ୍ୱାଇଁ ଓ ଧନ୍ୟବାଦ ଦେଇଥିଲେ ଆୟୋଜକ ସଂସ୍ଥାର ସମ୍ପାଦକ ତଥା ଅର୍ଥନୀତି ପ୍ରଫେସର ଡ. ଅମରେନ୍ଦ୍ର ଦାସ। ଉତ୍ସବରେ ସର୍ବୋତ୍ତମ ଗବେଷଣାତ୍ମକ ନିବନ୍ଧ ପାଇଁ ଇଥିଓପିଆର ଡକ୍ଟର ଲେଲିସା ଫେକାଡୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ସ୍ତ୍ରୀଙ୍କୁ ପିଟି ହତ୍ୟା କଲେ ସ୍ୱାମୀ

ଟାଙ୍ଗୀ(ଖୋର୍ଦ୍ଧା),୨୪।୧(ଡି.ଏନ.ଏ.)



ପୋଲିସ ଗାଁରେ ପହଞ୍ଚି ତଦନ୍ତ କରୁଛନ୍ତି।

ଖୋର୍ଦ୍ଧା ଜିଲା ଟାଙ୍ଗୀ ଥାନା ଅନ୍ତର୍ଗତ ସୋରଣର ମାନସିଂହପୁର ଗ୍ରାମ ଗୋପବନ୍ଧୁ ସାହିରେ ଗୁରୁବାର ରାତିରେ ଏକ ଅଭାବନୀୟ ଘଟଣା ଘଟିଛି। ନିଶାଗ୍ରସ୍ତ ସ୍ୱାମୀ ପିଟି ପିଟି ତାଙ୍କ ସ୍ତ୍ରୀଙ୍କୁ ହତ୍ୟା କରିଛନ୍ତି। ଏ ନେଇ ମୃତା ମହିଳାଙ୍କ ବାପଘର ଲୋକେ ଅଭିଯୋଗ ପରେ ପୋଲିସ ୨୦/୨୦ରେ ହତ୍ୟା ମାମଲା ରୁଜୁ କରିଛି। ଅଭିଯୋଗ ଅନୁଯାୟୀ, ୧୫ ବର୍ଷ ପୂର୍ବେ ଗ୍ରାମର ବନମାଳୀ ବେହେରା ପୁରୀ ଜିଲା କଣାସ ବ୍ଲକ୍ ଗୋପୀନାଥପୁର ପଞ୍ଚାୟତ ଜାଗୁଳେଇପଦର ଗ୍ରାମର ଦୁର୍ଯ୍ୟୋଧନ ବେହେରାଙ୍କ ବଡଝିଅ ବୁଲିଙ୍କୁ ବିବାହ କରିଥିଲେ। ତାଙ୍କର ୯ବର୍ଷର ପୁଅ ଓ ୭ ବର୍ଷର ଝିଅ ରହିଛି। ବନମାଳୀ ଅଧିକାଂଶ ସମୟରେ ନିଶା ସେବନ କରି ଘରକୁ ଆସୁଥିଲେ। ଗୁରୁବାର ରାତିରେ ସେ ନିଶାସକ୍ତ ଅବସ୍ଥାରେ ଘରକୁ ଆସି କୌଣସି କାରଣରୁ ସ୍ତ୍ରୀଙ୍କୁ ପିଟି ପିଟି ଲହୁଲୁହାଣ କରି ଦେଇଥିଲେ। କିଛି ସମୟ ମଧ୍ୟରେ ବୁଲିଙ୍କର ମୃତ୍ୟୁ ଘଟିଥିଲା। ପରେ ହତ୍ୟାକାରୀ ସ୍ୱାମୀ ବନମାଳୀ ଘରେ ତାଲା ପକାଇ କୁଆଡେ ଫେରାର ହୋଇଯାଇଥିଲେ। ଖବର ପାଇ ବୁଲିଙ୍କ ବାପଘର ଲୋକେ ମାନସିଂହପୁରରେ ପହଞ୍ଚି ଘଟଣା ସମ୍ପର୍କରେ ଅବଗତ ହୋଇଥିଲେ। ପରେ ସେମାନେ ଏ ନେଇ ଟାଙ୍ଗୀ ଥାନାରେ ଅଭିଯୋଗ କରିଥିଲେ। ଟାଙ୍ଗୀ ଥାନାଧିକାରୀ ସରୋଜ କୁମାର ଉପାଧ୍ୟାୟ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଥିଲେ। ସାଇଣ୍ଟିଫିକ୍ ଟିମ୍ ସହ ପୋଲିସ ପହଞ୍ଚି ତଦନ୍ତ ଜାରିରଖିଛି। ମୃତଦେହ ବ୍ୟବଚ୍ଛେଦ ପାଇଁ ଖୋର୍ଦ୍ଧା ପଠାଯାଇଥିବା ବେଳେ ବନମାଳୀ ଫେରାର ଥିବା ଜଣାପଡିଛି।

# ବିଦ୍ୟାଳୟରେ ବାର୍ଷିକ ପୁରସ୍କାର ବିତରଣ ଉତ୍ସବ

ଟାଙ୍ଗୀ(ଖୋର୍ଦ୍ଧା), ୨୪।୧ (ଡି.ଏନ.ଏ.)



ବାର୍ଷିକ ଉତ୍ସବରେ ଯୋଗ ଦେଇଥିବା ଅତିଥିମାନେ।

ଟାଙ୍ଗୀ ବ୍ଲକ୍ ବାଲିପାଟପୁର ରିଫ୍ୟୁଜି ସରକାରୀ ଉଚ୍ଚବିଦ୍ୟାଳୟର ବାର୍ଷିକ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଓଷ୍ଟାର ପ୍ରାକ୍ତନ ଅଧ୍ୟକ୍ଷ ପଦ୍ମନାଭ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ଖୋର୍ଦ୍ଧା ବିଧାୟକ ଜ୍ୟୋତିରିନ୍ଦ୍ରନାଥ ମିତ୍ର ମୁଖ୍ୟଅତିଥି, ଗଣଶିକ୍ଷା ବିଭାଗର ପୂର୍ବତନ ନିର୍ଦ୍ଦେଶକ ଡ. ଶରତ କୁମାର ବିଶ୍ୱାଳ ମୁଖ୍ୟବକ୍ତା, ଓଷ୍ଟା ଖୋର୍ଦ୍ଧା ଜିଲାର ପୂର୍ବତନ ସମ୍ପାଦକ ସନ୍ତୋଷ ଚନ୍ଦ୍ର କର ପ୍ରମୁଖ ଅତିଥି ରୂପେ ଯୋଗଦେଇ ଆଜିର ଦିବସ କନ୍ୟା ଦିବସ ରୂପେ ପାଳିତ ହୋଇଥିବା ପରିପ୍ରେକ୍ଷୀରେ ମାତୃଶକ୍ତିର ସୁରକ୍ଷା ଓ ସମ୍ମାନ ଉପରେ ବକ୍ତବ୍ୟ ରଖିଥିଲେ। ମୁଖ୍ୟଅତିଥି ଗୁରୁତ୍ୱ ଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ପ୍ରଧାନ ଶିକ୍ଷକ ପ୍ରଶାନ୍ତ କୁମାର ପଟ୍ଟନାୟକ ବିଦ୍ୟାଳୟ ବାର୍ଷିକ ବିବରଣୀ ପାଠ କରିଥିଲେ।

# ଯାତ୍ରାରେ ନଗ୍ନତାର ସ୍ଥାନ ନାହିଁ: ବିଏମ୍‌ସି

ଭୁବନେଶ୍ୱର, ୨୪।୧ (ବ୍ୟୁରୋ)





ବୈଠକରେ ଉପସ୍ଥିତ ଥିବା ବିଏମସି ଅଧିକାରୀ ଓ ଅନ୍ୟମାନେ।

- ୧୬ ଦିନ ଯାଏ ବିଏମ୍‌ସି ଯୋଗାଇବ ସମସ୍ତ ସେବା
- ବିଗତ ବର୍ଷ ଅପେକ୍ଷା ଏଥର ଅଧିକ ଷ୍ଟଲ୍
- ଖଣ୍ଡଗିରି ଛକରୁ ଖାରବେଳ ପାର୍କ ଯାଏ ଆଲୋକୀକରଣ
- ଭିଡ଼ ନିୟନ୍ତ୍ରଣ କରିବ ପୋଲିସ, ସୁରକ୍ଷା ପାଇଁ ସିସିଟିଭି
- ପ୍ଲାଷ୍ଟିକ୍ ମୁକ୍ତ ସହ ସ୍ୱଚ୍ଛତା ଉପରେ ଗୁରୁତ୍ୱାରୋପ

ଅପେରା ପାର୍ଟିଗୁଡ଼ିକ ଯାତ୍ରାରେ ନଗ୍ନତା ପ୍ରଦର୍ଶନ କରିବେ ନାହିଁ। ଆସନ୍ତା ବର୍ଷଠାରୁ କେବଳ ମେଳା ସମୟରେ ହିଁ ଯାତ୍ରା ପ୍ରଦର୍ଶନ କରିବାକୁ ସୁଯୋଗ ଦିଆଯିବ। ଗୁରୁବାର ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପ୍ରଶାସକ ସଂଗ୍ରାମଜିତ୍ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଖଣ୍ଡଗିରି ଐତିହାସିକ ମାଘମେଳାର ପ୍ରସ୍ତୁତି ବୈଠକରେ ଏଭଳି ନିଷ୍ପତ୍ତି ନିଆଯାଇଛି। ଗତବର୍ଷ କିଛି ଅପେରା ଆଇଟମ୍ ଗୀତରେ ନଗ୍ନତା ପ୍ରଦର୍ଶନ ନେଇ ବିଭିନ୍ନ ମହଲରେ ଉଦ୍‌ବେଗ୍ ପ୍ରକାଶ ପାଇଥିଲା। ତେଣୁ ଚଳିତବର୍ଷ ଯାତ୍ରାରେ ନଗ୍ନତାକୁ ପ୍ରଶ୍ରୟ ଦିଆଯିବ ନାହିଁ ବୋଲି ବୈଠକରେ ସ୍ଥିର ହୋଇଛି।

ଫେବୃୟାରୀ ୧ରୁ ୧୦ ଯାଏ ମାଘମେଳା ଆରମ୍ଭ ହେବାକୁ ଥିବାବେଳେ ବହୁ ସଂଖ୍ୟାରେ ଲୋକଙ୍କ ସମାଗମ ହେବ। ଏହାକୁ କିପରି ନିୟନ୍ତ୍ରଣ କରାଯିବ ଓ କେଉଁ କେଉଁ ପ୍ରଶାସନିକ ସେବା ଯୋଗାଇ ଦିଆଯିବ ସେନେଇ ବୈଠକରେ ଆଲୋଚନା ହୋଇଥିଲା। ସବୁ ବିଭାଗ ସହ ସମନ୍ୱୟ ରକ୍ଷା କରି ବିଏମ୍‌ସି ଉପରେ ଥିବା ଦାୟିତ୍ୱକୁ ଠିକଭାବେ ତୁଲାଇବା ଲାଗି ୧୪ ବିଷୟବସ୍ତୁ ଉପରେ ବିଏମ୍‌ସି ପ୍ରଶାସକ ନାୟକ ବିଭିନ୍ନ ବିଭାଗୀୟ ଅଧିକାରୀ ଏବଂ ଅପେରା ପାର୍ଟି ଅର୍ଗାନାଇଜିଂ କମିଟି ସହ ଆଲୋଚନା କରିଥିଲେ।

ମେଳା ସମୟରେ ଖଣ୍ଡଗିରି ଛକରୁ ଖଣ୍ଡଗିରି-ଉଦୟଗିରି ପାହାଡ଼, ଜୟଦେବ ବାଟିକା ଓ ଖାରବେଳ ପାର୍କ ଅଞ୍ଚଳରେ ଆଲୋକୀକରଣ ସହ ସିସିଟିଭି ଲଗାଯାଇ ନଜର ରଖାଯିବ। ଅହେତୁକ ଭିଡ଼ ହେଉଥିବାରୁ ଏହି ସ୍ଥାନକୁ ଭିଡ଼ମୁକ୍ତ କରିବା, ଷ୍ଟଲ ପାଇଁ ଜମି ଆବଣ୍ଟନ, ପ୍ଲାଷ୍ଟିକ୍ ମୁକ୍ତ ମେଳା, ସ୍ୱଚ୍ଛତା ପ୍ରତି ନଜର, ନଳକୂପ ସଜାଡ଼ିବା ସହ ପାନୀୟ ଜଳର ବ୍ୟବସ୍ଥା, ଦେୟ ମୁକ୍ତ ଅସ୍ଥାୟୀ ଶୌଚାଳୟ, ଯାନବାହନ ପାର୍କିଂ, ଅସ୍ଥାୟୀ ବିଦ୍ୟୁତ୍‌ସେବା, ଅସ୍ଥାୟୀ ସ୍ୱାସ୍ଥ୍ୟ ଶିବିର ଆଦି ବ୍ୟବସ୍ଥା ଯୋଗାଇ ଦିଆଯିବ। ମେଳା ସମୟରେ ସାଧାରଣ ଲୋକମାନେ ଯେପରି କୌଣସି ଅସୁବିଧାର ସମ୍ମୁଖୀନ ନ ହୁଅନ୍ତି, ସେଥିପ୍ରତି ଧ୍ୟାନ ଦିଆଯିବ।

ମେଳା ଅବସରରେ ଆସନ୍ତା ୧ରୁ ୧୬ ଯାଏ ପ୍ରାୟ ୧୨ ଅପେରା ପାର୍ଟି ଯାତ୍ରା ପ୍ରଦର୍ଶନ କରିବେ। ଏଥିପାଇଁ ବିଏମ୍‌ସି ପକ୍ଷରୁ ୧୬ ଦିନ ପର୍ଯ୍ୟନ୍ତ ସମସ୍ତ ସେବା ଯୋଗାଇ ଦିଆଯିବ। ହେଲେ ଆସନ୍ତା ବର୍ଷଠାରୁ ଅପେରା ପାର୍ଟିଗୁଡ଼ିକ କେବଳ ମେଳାର ୧୦ ଦିନ ହିଁ ଯାତ୍ରା ପ୍ରଦର୍ଶନ କରିବେ ବୋଲି ନିଷ୍ପତ୍ତି ହୋଇଛି। ଅନ୍ୟପଟେ ମେଳା ସ୍ଥଳରେ ଜବରଦଖଲ ଉଚ୍ଛେଦ ନେଇ ବିଏମ୍‌ସି ଏବେ ଅଣ୍ଟା ଭିଡ଼ିଛି। ଜୋନାଲ୍ ଡେପୁଟି କମିଶନର ରବୀନ୍ଦ୍ର ନାରାୟଣ ଜେଠୀଙ୍କ ତତ୍ତ୍ୱାବଧାନରେ ଉଚ୍ଛେଦ କାର୍ଯ୍ୟ କରାଯିବ। ଉଚ୍ଛେଦ ପରେ ବ୍ୟବସାୟୀଙ୍କୁ ଷ୍ଟଲ୍ ପାଇଁ ସ୍ଥାନ ଦିଆଯିବ। ଚଳିତବର୍ଷ ଅଧିକ ଷ୍ଟଲ୍ ନିର୍ମାଣ କରାଯିବ ବୋଲି ବୈଠକରୁ ଜଣାପଡ଼ିଛି।

ଆଡିଶନାଲ କମିଶନର ସୁରଥ ଚନ୍ଦ୍ର ମଲ୍ଲିକ୍ ବୈଠକରେ ସ୍ୱାଗତ ଭାଷଣ ଦେଇଥିବାବେଳେ ସହର ମୁଖ୍ୟ ଯନ୍ତ୍ରୀ ଦେବସୁନ୍ଦର ମହାପାତ୍ର, ବିଏମ୍‌ସି ଡେପୁଟି କମିଶନର ଶ୍ରୀମନ୍ତ ମିଶ୍ର, ଜୋନାଲ୍ ଡେପୁଟି କମିଶନର ପ୍ରମୋଦ କୁମାର ପୃଷ୍ଟି, ଓ ରବୀନ୍ଦ୍ର ନାରାୟଣ ଜେଠୀ, ସହର ସ୍ୱାସ୍ଥ୍ୟ ଅଧିକାରୀ ବସନ୍ତ ମିଶ୍ରଙ୍କ ସହ ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।



ତୁମର କଷ୍ଟର କାରଣ ଯାହାକିଛି ହୋଇଥାଉ ନା କାହିଁକି,
ତୁମେ ଅପରକୁ କୌଣସି ଆଘାତ ଦିଅ ନାହିଁ।
- ଗୌତମବୁଦ୍ଧ



## ସଂକ୍ଷେପରେ

### କେନ୍ଦ୍ର ପର୍ଯ୍ୟଟନ ମନ୍ତ୍ରୀଙ୍କ ସୂର୍ଯ୍ୟମନ୍ଦିର ପରିଦର୍ଶନ

**କୋଣାର୍କ,୨୪ା୧(ଡି.ଏନ୍.ଏ.):** କେନ୍ଦ୍ର ପର୍ଯ୍ୟଟନ ମନ୍ତ୍ରୀ ପ୍ରହ୍ଲାଦ ସିଂ ପଟେଲ ଶୁକ୍ରବାର କୋଣାର୍କ ସୂର୍ଯ୍ୟମନ୍ଦିର ପରିଦର୍ଶନ କରିଛନ୍ତି। ସୂର୍ଯ୍ୟମନ୍ଦିର ସମ୍ମୁଖ ମୁଖ୍ୟ ଫାଟକ ନିକଟରେ ପହଞ୍ଚିବା ପରେ କୋଣାର୍କ ପର୍ଯ୍ୟଟନ ଅଧିକାରୀ ସରୋଜକାନ୍ତ ପ୍ରଧାନ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ସରକାରୀ ସ୍ୱୀକୃତିପ୍ରାପ୍ତ ଗାଇଡ୍ ଆଭାସଚନ୍ଦ୍ର ମହାନ୍ତି ମନ୍ତ୍ରୀ ପଟେଲଙ୍କୁ ସୂର୍ଯ୍ୟମନ୍ଦିରର କଳା ସଂସ୍କୃତି ଓ ଇତିହାସ ସମ୍ବନ୍ଧରେ ଅବଗତ କରାଇଥିଲେ। ବିଭିନ୍ନ ସ୍ଥାନରେ ଲାଗିଥିବା ସାଦା ପଥରକୁ ଦେଖି ଏଏସ୍ଆଇ ସୁପରିଣ୍ଟେଣ୍ଡେଣ୍ଟ ଅରୁଣ କୁମାର ମଲ୍ଲିକଙ୍କୁ କାରୁ କାର୍ଯ୍ୟ ପଥର ବଦଳରେ ସାଦା ପଥର ଲଗାଯିବାର କାରଣ ପଚାରି ବୁଝିଥିଲେ। ସୂର୍ଯ୍ୟମନ୍ଦିରର ଗର୍ଭଗୃହର ସ୍ଥିତି ଅନୁଧ୍ୟାନ କରିବା ସହ ପରିସରରେ ପଡିରହିଥିବା ପ୍ରାଚୀନ ଲୁହା ବିମ୍‌କୁ ସଂରକ୍ଷଣ କରିବା ପାଇଁ ସେ ନିର୍ଦ୍ଦେଶ ଦେଇଥିଲେ। ଏହା ପରେ ମନ୍ତ୍ରୀ ପଟେଲ ଇଣ୍ଡିଆନ ଅଏଲ ଫାଉଣ୍ଡେଶନ ପକ୍ଷରୁ ନିର୍ମିତ ବ୍ୟାଖାନ କେନ୍ଦ୍ର ପରିଦର୍ଶନ କରିଥିଲେ। ମନ୍ତ୍ରୀଙ୍କ ଗସ୍ତ ସମୟରେ ରାଜ୍ୟ ଭାଜପା ମହିଳା ମୋର୍ଚ୍ଚା ସଭାନେତ୍ରୀ ପ୍ରଭାତୀ ପରିଡା, ପୂର୍ବତନ ବିଧାୟକ ରବି ମଲ୍ଲିକ, କୋଣାର୍କ ମଣ୍ଡଳ ସଭାପତି ସୁକାନ୍ତ ନାୟକ ଓ ପୁରୀ ଜିଲା ଭାଜପା ଯୁବମୋର୍ଚ୍ଚା ଉପସଭାପତି ପ୍ରଦୀପ୍ତ କୁମାର ଛାଟୋଇ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଗସ୍ତ ସମୟରେ କୋଣାର୍କ ଥାନା ଅଧିକାରୀ ରଞ୍ଜନ ମଲ୍ଲିକଙ୍କ ନେତୃତ୍ୱରେ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଇଥିଲା।

### ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କ କ୍ରୀଡ଼ା ପ୍ରତିଯୋଗିତା

**ଡେଲାଙ୍ଗ,୨୪ା୧(ଡି.ଏନ୍.ଏ.):** ରାଧାକାନ୍ତ ବିଦ୍ୟାପୀଠ ପରିସରରେ ବ୍ଲକସ୍ତରୀୟ ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କ ମଧ୍ୟରେ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ୮୦ଜଣ ଦିବ୍ୟାଙ୍ଗ ଛାତ୍ରୀଛାତ୍ର ସଙ୍ଗୀତ, ରଙ୍ଗତୁଳୀ, ଆଳୁଚାମଚ ଦୌଡ, ହାଣ୍ଡିପିଟା, ମ୍ୟୁଜିଚେୟାର, ଜଲେପି ରେସ୍ ଓ କୁଇଜ୍ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଏବିଇଓ ଯୁଧିଷ୍ଠିର ପରିଡା, ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଶାନ୍ତ ବିଶ୍ୱାଳ, ବ୍ଲକ ସମ୍ବଳ ଶିକ୍ଷୟିତ୍ରୀ ବୈଦେହୀ ପାଣି, ତିଳୋତ୍ତମା ସୁନ୍ଦରାୟ, ସ୍ୱପ୍ନାରାଣୀ ପାଙ୍ଗଯୋଶୀ, କବିଚନ୍ଦ୍ର ପରିଡା, ରାସବିହାରୀ ପ୍ରଧାନ, ଶ୍ରୀଧର ପ୍ରଧାନ, ରତ୍ନାକାର ଦାସ ଉପସ୍ଥିତ ଥିଲେ। କ୍ରୀଡା, ବ୍ୟାୟାମ ଦ୍ୱାରା ଶରୀର ସୁସ୍ଥ ରହିବ ବୋଲି ଅତିଥି କହିଥିଲେ।

### ଆଜି ଜାତୀୟ ମତଦାତା ଦିବସ
#### ସିଂହଦ୍ୱାରରୁ ବାହାରିବ ସଚେତନତା ଶୋଭାଯାତ୍ରା

**ପୁରୀ ଅଫିସ,୨୪ା୧:** ପୁରୀ ଜିଲାସ୍ତରୀୟ ଜାତୀୟ ମତଦାତା ଦିବସ ଶନିବାର ପାଳନ କରାଯିବ। ଏହି ଉପଲକ୍ଷେ ସକାଳ ୮ଟାରୁ ଏକ ସଚେତନତା ଶୋଭାଯାତ୍ରା ସିଂହଦ୍ୱାରରୁ ବାହାରି ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟରେ ପହଞ୍ଚିବ। ଶୋଭାଯାତ୍ରାରେ ଉଚ୍ଚ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରୀଛାତ୍ର ଯୋଗଦେଇ ମତଦାନ ଓ ମତଦାତା ସମ୍ପର୍କରେ ସଚେତନ ବାର୍ତ୍ତା ବାଣ୍ଟିବେ। ପରେ ଆୟୁର୍ବେଦ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ସାଧାରଣ ସଭା ହେବ। ସୁଦୃଢ ଗଣତନ୍ତ୍ର ନିମନ୍ତେ ଭୋଟର ଭାଗୀଦାରିତା ବିଷୟବସ୍ତୁ ଉପରେ ଆଲୋଚନା କରାଯିବ। ମତଦାତା ଦିବସ ପାଳନ ଉପଲକ୍ଷେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ, ଶୋଭାଯାତ୍ରାର ଶୃଙ୍ଖଳିତ ଦଳଗୁଡ଼ିକୁ ପୁରସ୍କୃତ କରାଯିବା ସହ ପରିଚୟପତ୍ର ବଣ୍ଟାଯିବାର କାର୍ଯ୍ୟକ୍ରମ ରହିଛି ।

### ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଯାପିତ

**ସାକ୍ଷୀଗୋପାଳ,୨୪ା୧(ଡି.ଏନ.ଏ.):** ସାକ୍ଷୀଗୋପାଳ କଲେଜରେ ଚାଲିଥିବା ଆତ୍ମରକ୍ଷା ତାଲିମ ଶିବିର ଶୁକ୍ରବାର ଉଦ୍‌ଯାପିତ ହୋଇଛି। ମୁଖ୍ୟଅତିଥି ଭାବେ ପୁରୀ ଏସ୍‌ସିଏସ୍ କଲେଜର ଅଧକ୍ଷା ସୁଜାତା ମିଶ୍ର, ସମ୍ମାନିତ ଅତିଥି ଭାବେ ଉପାଧକ୍ଷ ଶଙ୍କର୍ଷଣ ଦାଶ ଯୋଗ ଦେଇଥିଲେ। ସାକ୍ଷୀଗୋପାଳ କଲେଜ ଅଧକ୍ଷ ନିହାର ରଞ୍ଜନ ଦାଶ ଉତ୍ସବରେ ସଭାପତିତ୍ୱ କରିଥିଲେ। ଅର୍ଥନୀତି ବିଭାଗ ମୁଖ୍ୟ ବୀଣାପାଣି ମିଶ୍ର ଓ ରାଜନୀତି ବିଜ୍ଞାନ ମୁଖ୍ୟ ରତିକାନ୍ତ ପରିଡା ଯୋଗଦେଇ ଶିବିରାର୍ଥୀମନଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରିଥିଲେ। ରମାବଲ୍ଲଭ ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା ଓ ରାଜକିଶୋର ପତି ଧନ୍ୟବାଦ ଦେଇଥିଲେ।

# ପ୍ରବେଶ ପଥରେ ଏଣିକି ଯାଞ୍ଚ ହେବ ସାମଗ୍ରୀ

**ଶ୍ରୀମନ୍ଦିରକୁ ଅଙ୍ଗାର ନିଆଯିବା ପ୍ରସଙ୍ଗ**

- ପରମ୍ପରା ଅନୁସାରେ ପ୍ରସ୍ତୁତ ହେବ ମହାପ୍ରସାଦ
- ଅନ୍ୟ ସାମଗ୍ରୀ ବ୍ୟବହାର କରୁଥିଲେ କାର୍ଯ୍ୟାନୁଷ୍ଠାନ

**ପୁରୀ ଅଫିସ,୨୪ା୧**

ଶ୍ରୀମନ୍ଦିର ରୋଷଘରକୁ ବାହାରୁ ଅଙ୍ଗାର ଯାଉଛି। ମହାପ୍ରସାଦ ପ୍ରସ୍ତୁତି କରାଯାଉଥିବା ଚାଉଳ ଓ ପନିପରିବାର ମାନ ଠିକ୍ ରହୁନି। ଏପରି କି ପାମୋଲିନ ତେଲ ମଧ୍ୟ ବ୍ୟବହାର କରାଯାଉଛି। ଏହିପରି ଅଭିଯୋଗ ଉଠିବା ପରେ ଭକ୍ତଙ୍କ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଅନ୍ୟପକ୍ଷରେ ଏହାକୁ ଗୁରୁତର ସହ ନେଇଛି ଶ୍ରୀମନ୍ଦିର ପ୍ରଶାସନ। ବାହାର ଅଙ୍ଗାରକୁ ସମ୍ପୂର୍ଣ୍ଣ ବନ୍ଦ କରାଯାଇଛି । ଚାରିଦ୍ୱାରରେ ସୁରକ୍ଷା କର୍ମୀଙ୍କୁ ସତର୍କ କରାଯାଇ ଏହାକୁ ବନ୍ଦ କରାଯାଇଛି। ଏବେଠାରୁ ବାହାରୁ ଆସୁଥିବା ପ୍ରତ୍ୟେକ ସାମଗ୍ରୀକୁ ପ୍ରବେଶ ପଥରେ ଯାଞ୍ଚ କରାଯିବ। ସେହିପରି ପରମ୍ପରା ଅନୁସାରେ ଯାହା ପ୍ରଚଳିତ ରହିଛି ସେଥିରେ ପ୍ରସ୍ତୁତ ହେବ ମହାପ୍ରସାଦ। ଯଦି ଅନ୍ୟ ସାମଗ୍ରୀ ବ୍ୟବହାର କରାଯାଉଥାଏ ତେବେ ତାହାର ଅନୁସନ୍ଧାନ କରାଯାଇ ବିହୀତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଶ୍ରୀମନ୍ଦିର ନୀତି ପ୍ରଶାସକ କହିଛନ୍ତି।

ଶ୍ରୀମନ୍ଦିର ଭିତରରେ ବାହାର ଅଙ୍ଗାର ନେବା ଓ ମହାପ୍ରସାଦ ପ୍ରସ୍ତୁତିରେ ପାମୋଲିନ ତେଲ ବ୍ୟବହାର ହେଉଥିବା ଅଭିଯୋଗ ଉଠିବା ପରେ ଶ୍ରଦ୍ଧାଳୁଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ତେବେ ସୁଆର ମହାସୁଆର ନିଯୋଗ ପକ୍ଷରୁ ଅଭିଯୋଗକୁ ଖଣ୍ଡନ କରାଯାଇଥିବା ବେଳେ ଶ୍ରୀମନ୍ଦିର ପ୍ରଶାସନ ଏହାକୁ ଗୁରୁତର ସହ ନେଇଛି। ମହାପ୍ରସାଦ ପାଇଁ ମନ୍ଦିରକୁ ଯାଉଥିବା ସାମଗ୍ରୀର ଠିକ୍ ଭାବେ କିପରି ଯାଞ୍ଚ ହେବ ସେ ବ୍ୟବସ୍ଥା କରାଯାଇଥିବା ନୀତି ପ୍ରଶାସକ ଜିତେନ୍ଦ୍ର କୁମାର ସାହୁ କହିଛନ୍ତି। ଚାରିଦ୍ୱାରରେ ସୁରକ୍ଷା କର୍ମୀଙ୍କୁ ସତର୍କ କରାଯାଇ ବାହାର ଅଙ୍ଗାରକୁ ବନ୍ଦ କରାଯାଇଛି। ସେହିପରି ପରମ୍ପରା ଅନୁସାରେ ଯାହା ପ୍ରଚଳିତ ରହିଛି ସେଥିରେ ମହାପ୍ରସାଦ ପ୍ରସ୍ତୁତ ହେବ ବୋଲି ସେ ସୂଚନା ଦେଇଛନ୍ତି। ଏ ସମ୍ପର୍କରେ ଶ୍ରୀମନ୍ଦିର ପରିଚାଳନା କମିଟି ରାମଚନ୍ଦ୍ର ଦାସ ମହାପାତ୍ର କହିଛନ୍ତି, ନିଶ୍ଚିତ ଭାବେ ଏହା ଏକ ଦୁଃଖଦାୟକ ବିଷୟ। ପ୍ରଭୁ ଜଗନ୍ନାଥ ହେଉଛନ୍ତି ରାଜାଧିରାଜ। ଶୁଦ୍ଧପୁତ ଭାବେ ମହାପ୍ରସାଦ ପ୍ରସ୍ତୁତ ହେବା ଦରକାର। ମହାପ୍ରସାଦ ପ୍ରସ୍ତୁତିରେ ସବୁଠୁ ଉତ୍କୃଷ୍ଟ ସାମଗ୍ରୀ ଯେପରି କି ଭଲ ଚାଉଳ, ପନିପରିବା ଏବଂ ଘିଅ ବ୍ୟବହାର କରାଯିବା ଉଚିତ। କିନ୍ତୁ ଯେଉଁ ସେବକ ନିମ୍ନମାନର ସାମଗ୍ରୀ ବ୍ୟବହାର କରୁଛନ୍ତି ତାଙ୍କୁ ମହାପ୍ରଭୁ ଜଗନ୍ନାଥ କେବେ ହେଲେ କ୍ଷମା ଦେବେ ନାହିଁ। ଏବେ ସମସ୍ତ ସାମଗ୍ରୀକୁ ଯାଞ୍ଚ ପାଇଁ ସୁପରଭାଇଜର ଏବଂ କମାଣ୍ଡରଙ୍କୁ ନିର୍ଦ୍ଦେଶ ଦିଆଯାଇଛି। କୌଣସି ମତେ ଯେପରି ବାହାରୁ ଅଙ୍ଗାର ଏବଂ ଖରାପ ସାମଗ୍ରୀ ଶ୍ରୀମନ୍ଦିର ଭିତରକୁ ନ ଯିବ ସେଥିପାଇଁ ନଜର ରଖାଯାଇଛି। ଯେଉଁମାନେ ଏହାକୁ ଅବମାନନା କରିବେ କମିଟି ପକ୍ଷରୁ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଦାସମହାପାତ୍ର କହିଛନ୍ତି।

ଅନ୍ୟପକ୍ଷରେ ନିଯୋଗ ସମ୍ପାଦକ କହିଛନ୍ତି, ବାସୁମତି ଚାଉଳରେ ମହାପ୍ରସାଦ ପ୍ରସ୍ତୁତି କରାଯାଉଛି। ପନିପରିବା ସମ୍ପର୍କରେ ଯାହା ଅଭିଯୋଗ କରାଯାଉଛି ତାହା ସମ୍ପୂର୍ଣ୍ଣ ମିଥ୍ୟା । ସେହିପରି ଅନେକ ସୁଆର ସେବକ ଏପରି ଅଭିଯୋଗକୁ ବି ଖଣ୍ଡନ କରିଛନ୍ତି। କେତେଜଣ ଡାଲ୍‌ଡା ଘିଅ ବ୍ୟବହାର କରୁଛନ୍ତି । କିନ୍ତୁ ଅନେକ ସୁଆର ସେବକ ବାସୁମତି ଚାଉଳ, ଶୁଦ୍ଧ ଘିଅ ଏବଂ ଭଲ ପନିପରିବାରେ ମହାପ୍ରସାଦ ପ୍ରସ୍ତୁତି କରୁଥିବା କହିଛନ୍ତି। ଯଦି ଏ ନେଇ କାହାର ସନ୍ଦେହ ଥାଏ ତେବେ ସେମାନେ ପରିବା କଟା ସମୟରେ ଏହାର ସତ୍ୟାସତ୍ୟ ପରଖି ପାରିବେ ବୋଲି କେତେଜଣ ସୁଆର ସେବକ ପ୍ରକାଶ କରିଛନ୍ତି।

ତେବେ ମହାପ୍ରଭୁଙ୍କ ମହାପ୍ରସାଦ ପ୍ରତି ଭକ୍ତମାନଙ୍କର ଶ୍ରଦ୍ଧା, ଅକୁଣ୍ଠ ବିଶ୍ୱାସ ଓ ଭକ୍ତିଭାବ ରହିଛି। ମହାପ୍ରସାଦ କଣିକାଏ ପାଇଲେ ଜୀବ ମୁକ୍ତି ଲାଭ କରେ ବୋଲି ଶାସ୍ତ୍ରରେ ଉଲ୍ଲେଖ ଅଛି। ସେଥିପାଇଁ ମହାପ୍ରଭୁଙ୍କ ନିକଟରେ ମହାପ୍ରସାଦ ଲାଗି ହେବା ପରେ ଭକ୍ତମାନେ ଏହାକୁ ପାଇବା ଲାଗି ଚାହିଁ ରହିଥାନ୍ତି । ମହାପ୍ରସାଦ ପ୍ରସ୍ତୁତିରେ କୌଣସି ପ୍ରକାର ଅଶୁଦ୍ଧତା ରହିବା ଉଚିତ ନୁହେଁ। ମହାପ୍ରସାଦକୁ ଅନ୍ନବ୍ରହ୍ମ ବୋଲି କୁହାଯାଇଥାଏ। ଏଭଳି ଭକ୍ତି, ବିଶ୍ୱାସ ଏବଂ ଭାବାବେଗ ସହ ଜଡ଼ିତ ମହାପ୍ରସାଦ ପ୍ରସ୍ତୁତିର ମାନକୁ ନେଇ ପ୍ରଶ୍ନ ଉଠାଇବା ଅନୁଚିତ। ସେହିପରି ଯେଉଁମାନେ ଏହି ମହାପ୍ରସାଦ ପ୍ରସ୍ତୁତ କରିବାର ସୁଯୋଗ ପାଇଛନ୍ତି, ସେମାନେ ବି ଏହାକୁ ଧ୍ୟାନରେ ରଖିବା ଦରକାର ବୋଲି ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ଡ. ନରେଶ ଚନ୍ଦ୍ର ଦାଶ କହିଛନ୍ତି।



ଟ୍ରକ୍ ଯୋଗେ ରଥ କାଠ ନିଆଯାଉଛି।

# ଦଶପଲ୍ଲାରୁ ପୁରୀ ଅଭିମୁଖେ ଗଲା ରଥକାଠ

**ଦଶପଲ୍ଲା,୨୪ା୧(ଡି.ଏନ.ଏ.)**

ବିଶ୍ୱ ପ୍ରସିଦ୍ଧ ପୁରୀ ରଥଯାତ୍ରାର ରଥ ନିର୍ମାଣ ନିମନ୍ତେ ଦଶପଲ୍ଲା ବନାଞ୍ଚଳରୁ ଶୁକ୍ରବାର ଦୁଇଟି ଟ୍ରକ୍‌ରେ ୫୩ ଖଣ୍ଡ କାଠ ପୁରୀ ଅଭିମୁଖେ ଯାତ୍ରା କରିଛି। କାଠଗୁଡ଼ିକ ମଧ୍ୟରେ ୨୦ ଫୁଟିଆ ଅସନ ୧୧ ଖଣ୍ଡ, ୧୨ ଫୁଟିଆ ଅସନ ୧୦ ଖଣ୍ଡ, ୨୦ ଫୁଟିଆ ଧଉରା ୮ ଖଣ୍ଡ, ୧୨ ଫୁଟିଆ ଧଉରା ୨୪ ଖଣ୍ଡ ଥିବା ଜଣାଯାଇଛି। ପୋଖରୀଗୋଚ୍ଛା ରିଜର୍ଭ ଫରେଷ୍ଟ କମ୍ପାଟମେଣ୍ଟ ୪ ଏବଂ ସାକେଣୀ ସେକସନର ପଙ୍କୁଆ ଅଞ୍ଚଳରୁ କାଠଗୁଡ଼ିକ ସଂଗ୍ରହ କରାଯାଇ ବେବିରି ଠାରେ ରଖାଯାଇଥିଲା। ସାକେଣୀ ବନପାଳ ମନୋଜ ପ୍ରଭାକର ସାହୁ, ପୋଖରୀଗୋଚ୍ଛା ବନପାଳ ରାକେଶ ସାହୁ, ଫରେଷ୍ଟ ଗାର୍ଡ ନାରାୟଣ ମହାରଣା ଓ ସଞ୍ଜୟ ବେହେରା ଏବଂ ଡେପୁଟି ରେଞ୍ଜର ନିଖିଳେଶ ମଲିକଙ୍କ ନେତୃତ୍ୱରେ କାଠଗୁଡ଼ିକ ସଂଗ୍ରହ କରାଯାଇଥିଲା। ବେବିରି ଗ୍ରାମଠାରେ ଗ୍ରାମବାସୀ ଓ ବନ କର୍ମଚାରୀଙ୍କ ଉପସ୍ଥିତିରେ ହୋମ କରାଯାଇ କାଠଖଣ୍ଡଗୁଡ଼ିକ ଗାଡ଼ିରେ ଲୋଡ୍ କରାଯାଇଥିଲା। ଏହାପରେ କାଠଗୁଡ଼ିକୁ ଦଶପଲ୍ଲା ମହାବୀର ମନ୍ଦିର ପର୍ଯ୍ୟନ୍ତ ଅଣାଯାଇ ସେଠାରେ ପୂଜାର୍ଚ୍ଚନା କରାଯାଇ ପୁରୀ ଅଭିମୁଖେ ଯାତ୍ରା କରିଥିଲା। ଚଳିତବର୍ଷ ରଥ ନିର୍ମାଣ ନିମନ୍ତେ ୬୭୨ ଖଣ୍ଡ କାଠ ଦଶପଲାରୁ ଯିବାର ଥିବା ବିଷୟ ବନ ବିଭାଗ ସୂତ୍ରରୁ ଜଣାଯାଇଛି। ଚଳିତ ମାସ ଜାନୁୟାରୀ ୮ ତାରିଖ ଗଣିଆ ବଡ଼ମୂଳଠାରେ ପୁରୀରୁ ଆଜ୍ଞାମାଳ ଆସିବା ପରେ ହୋମଯଜ୍ଞ ହୋଇଥିଲା। ଏହାପରେ ରଥ କାଠ କଟା ଆରମ୍ଭ ହୋଇଥିଲା।

# ଭୋର ୪ଟାରେ ବୁଡ଼ ପକାଇବେ ଶ୍ରଦ୍ଧାଳୁ

**ମାଘ ସପ୍ତମୀ ମେଳା ଦ୍ୱିତୀୟ ସମନ୍ୱୟ ବୈଠକ**

- ପ୍ରସ୍ତୁତି କାର୍ଯ୍ୟ ଶୀଘ୍ର ସାରିବାକୁ ଗୁରୁତ୍ୱ
- ପୁଷ୍କରଣୀ ଖନନ କାର୍ଯ୍ୟର ତଦାରଖ କଲେ ଜିଲାପାଳ

**କୋଣାର୍କ,୨୪ା୧(ଡି.ଏନ୍.ଏ.)**



ବୈଠକରେ ଜିଲାପାଳ ଏବଂ ଅନ୍ୟ ଅଧିକାରୀମାନେ।

ଚନ୍ଦ୍ରଭାଗାରେ ଆସନ୍ତା ୩୧ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ମାଘ ସପ୍ତମୀ ମେଳା ନିମନ୍ତେ ଦ୍ୱିତୀୟ ସମନ୍ୱୟ ବୈଠକ ଶୁକ୍ରବାର କୋଣାର୍କ ଯାତ୍ରୀନିବାସ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଭୋର୍ ୪ଟାରେ ଶ୍ରଦ୍ଧାଳୁମାନେ ବୁଡ଼ ପକାଇବେ ବୋଲି ଆଲୋଚନା ହୋଇଛି। ପୁରୀ ଜିଲାପାଳ ବଲୱନ୍ତ ସିଂଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ମାଧିପୁର ଗ୍ରାମର ତ୍ରୀବେଣୀଶ୍ୱର, ସନ୍ଥପୁର ଗ୍ରାମର ଐଶାନେଶ୍ୱର ଓ କୁରୁଜଙ୍ଗ ଗ୍ରାମର ଦକ୍ଷିଣେଶ୍ୱର ମହାଦେବଙ୍କ ମାହେନ୍ଦ୍ର ବେଳା ବୃତାନ୍ତ, ଆଲୋକମାଳା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ମାଧମରେ ଠାକୁରଙ୍କ ଚନ୍ଦ୍ରଭାଗା ତୀର୍ଥ ପୁଷ୍କରିଣୀ ସ୍ନାନମଣ୍ଡପକୁ ଯାତ୍ରା ସମ୍ପର୍କରେ ମଧ ଆଲୋଚନା କରାଯାଇଥିଲା ।

ବୈଠକରେ ପାର୍କିଂ ସ୍ଥଳୀର ସ୍ଥାନ ନିରୂପଣ, ମେଳାପଡିଆରେ ପାନୀୟଜଳ ଯୋଗାଣ, ସେସୁ ପକ୍ଷରୁ ବିଦ୍ୟୁତ୍ ବ୍ୟବସ୍ଥା, ପୂର୍ତ୍ତ ବିଭାଗ ପକ୍ଷରୁ ତୀର୍ଥ ପୁଷ୍କରଣୀ ଚତୁଃପାର୍ଶ୍ୱ ସହ ପାର୍କିଂ ସ୍ଥଳୀ ଓ ନବଗ୍ରହ ପୀଠରେ ବ୍ୟାରିକେଡ୍ ବ୍ୟବସ୍ଥା, ବନବିଭାଗ ପକ୍ଷରୁ ମେଳାପଡିଆରେ ଶ୍ରଦ୍ଧାଳୁମାନଙ୍କ ନିମନ୍ତେ ସୁଲଭ ମୂଲ୍ୟରେ ଜାଳେଣି କାଠ ଯୋଗାଣ, ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ପକ୍ଷରୁ ତୀର୍ଥ ପୁଷ୍କରିଣୀ ପାର୍ଶ୍ୱ ଓ ଲାଇଟ ହାଉସ, ହେଲିପ୍ୟାଡ୍‌ଠାରେ ଅସ୍ଥାୟୀ ପାଇଖାନା ନିର୍ମାଣ, ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୋଣାର୍କ ସମେତ ନିକଟସ୍ଥ ଡାକ୍ତରଖାନାଗୁଡ଼ିକରେ ଆବଶ୍ୟକ ଡାକ୍ତରଙ୍କୁ ନିଯୁକ୍ତି ଓ ଔଷଧ ମହଜୁଦ ସହ ଅସ୍ଥାୟୀ ଶିବିରରେ ସ୍ୱାସ୍ଥ୍ୟ ସେବା, ଏନ୍ଏଏସି ପକ୍ଷରୁ ମେଳାପଡିଆ ସଫେଇ ଓ ଆଲୋକ ବ୍ୟବସ୍ଥା, ଡ୍ରେନେଜ ବିଭାଗ ପକ୍ଷରୁ ତିର୍ଥ ପୁଷ୍କରଣୀ ଖନନ ସହ କୋଣାର୍କ ବସଷ୍ଟାଣ୍ଡ ଓ ବିଭିନ୍ନ ସ୍ଥାନରେ ପରିବହନ ବିଭାଗ ପକ୍ଷରୁ ବସ ଭଡା ସମ୍ପର୍କରେ ସୂଚନାଫଳକ ସହ ବିଭିନ୍ନ ବିଷୟର ଚୂଡ଼ାନ୍ତ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଏ ସମସ୍ତ କାର୍ଯ୍ୟ ଶୀଘ୍ର ସାରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ବୈଠକରେ ଏସ୍‌ପି ଡ. ଉମାଶଙ୍କର ଦାଶ, ଅତିରିକ୍ତ ଜିଲାପାଳ ବିନୟ କୁମାର ଦାଶ, ଉପଜିଲାପାଳ ଭବତାରଣ ସାହୁ, କୋଣାର୍କ ଏନ୍ଏଏସି ନିର୍ବାହୀ ଅଧିକାରୀ ଏମ. ଶ୍ରୀନିବାସ, ଗୋପ ତହସିଲଦାର ପୃଥ୍ୱୀରାଜ ମଣ୍ଡଳ, କାକଟପୁର ବିଡିଓ ସୁଧିର କୁମାର ନାୟକ, ଜିଲା ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗର ନିର୍ବାହୀ ଯନ୍ତ୍ରୀ ବସନ୍ତ ନାୟକ, ପୁରୀ ଜିଲା ସହକାରୀ ବନ ଅଧିକାରୀ ପ୍ରଶାନ୍ତ କୁମାର ସ୍ୱାଇଁ, ନିମାପଡ଼ା ଏସ୍‌ଡିପିଓ ପ୍ରଦୀପ କୁମାର ଦଳାଇ, ଗୁଇନ୍ଦା ଏସ୍‌ଡିପିଓ ଉମାକାନ୍ତ ମଲ୍ଲିକଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ। ଏହା ପରେ ଜିଲାପାଳ ବଲୱନ୍ତ ସିଂ ଚନ୍ଦ୍ରଭାଗା ତିର୍ଥ ପୁଷ୍କରଣୀ ଖନନ କାର୍ଯ୍ୟର ତଦାରଖ କରିଥିଲେ। ଅନୁରୂପ ଭାବେ ଅତିରିକ୍ତ ଜିଲାପାଳ ଓ ଉପଜିଲାପାଳ ଚନ୍ଦ୍ରଭାଗାଠାରେ ନିର୍ମାଣ ହେଉଥିବା ୧୦୦ଟି ଅସ୍ଥାୟୀ ପାଇଖାନା ନିର୍ମାଣ କାର୍ଯ୍ୟର ତଦାରଖ କରିବା ସହ ମେଳାପଡିଆ ଓ ବିଭିନ୍ନ ଜାଗା ବୁଲି କାର୍ଯ୍ୟ ଶୀଘ୍ର ସାରିବାକୁ ନିର୍ଦ୍ଦେଶ ଦେଇଥିଲେ।

# ପୁରୀର ନାମ ଜଗନ୍ନାଥ ଧାମ ରଖାଯାଉ

**ପୁରୀ ଅଫିସ,୨୪ା୧**

ପୁରୀର ନାମ ପରିବର୍ତ୍ତନ କରି ଜଗନ୍ନାଥ ଧାମ୍ ରଖାଯାଉ ବୋଲି ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି ପୁରୀର ପ୍ରମୋଦ କୁମାର ସିଂହ । ଏ ନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଶନିବାର ସେ ଜିଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଏଥିରେ ସେ ଦର୍ଶାଇଛନ୍ତି, ରାଜ୍ୟ ବାହାରର ଯେକୌଣସି ସ୍ଥାନରେ ପୁରୀର ପରିଚୟ ଖୋଜିଲେ ସର୍ବପ୍ରଥମେ ଜଗନ୍ନାଥ ଧାମ୍ ସଂଯୋଗ କରିବାକୁ ପଡ଼େ। ସାଧାରଣ ଭାବେ ଦେଶୀୟ ପର୍ଯ୍ୟଟକ ବା ତୀର୍ଥଯାତ୍ରୀ ପୁରୀକୁ ଜଗନ୍ନାଥ ଧାମ୍ ନାମରେ ଜାଣନ୍ତି। ଅନ୍ୟ ପ୍ରଦେଶରେ ବିଭିନ୍ନ ଦେବଦେବୀଙ୍କ ନାମାନୁସାରେ ସହର ରହିଥିବା ବେଳେ କୋଟି ଓଡ଼ିଆର ମଉଡ଼ମଣୀ, ବିଶ୍ୱବ୍ରହ୍ମାଣ୍ଡ ଠାକୁର ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ବିଜେନଗରୀ (ଜିଲା)ର ନାମ ପ୍ରଭୁଙ୍କ ନାମ ନେଇ ପରିଚିତ କରାଯାଉ । ଜଗତ୍‌ଜନନୀ ମା’ କାଳୀଙ୍କ ପରିଚୟରେ କଲିକତା, ବାବା ଭୋଲାଶଙ୍କର ବୈଦ୍ୟନାଥଙ୍କ ନାମାନୁଯାୟୀ ବୈଦ୍ୟନାଥ ଧାମ୍ ସହର ରହିଥିବାବେଳେ ପୁରୀର ନାମ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନାମାନୁସାରେ ଜଗନ୍ନାଥ ଧାମ୍ ନାମରେ ନାମିତ କରାଯାଉ । ଏଥିପାଇଁ ଜନମତ ନିଆଗଲେ ସମର୍ଥନ ମିଳିବ। ତେଣୁ ଏ ଦିଗରେ ପଦକ୍ଷେପ ନେବାକୁ ସିଂହ ଅନୁରୋଧ କରିଛନ୍ତି।

# ମହିଳାଙ୍କ ଗର୍ଭାଶୟରୁ ବାହାରିଲା ୮.୩ କେଜିର ଟ୍ୟୁମର

**ଭୁବନେଶ୍ୱର,୨୪ା୧(ବ୍ୟୁରୋ)**

ଜଣେ ୪୮ ବର୍ଷୀୟା ମହିଳାଙ୍କ ଗର୍ଭାଶୟରୁ ବାହାରିଛି ୮.୩ କେଜିର ଏକ ବଡ ଫାଇବ୍ରଏଡ୍ ଟ୍ୟୁମର। ଏକ ଜଟିଳ ଅସ୍ତ୍ରୋପଚାର ମାଧ୍ୟମରେ ନୂତନ ତଥା ଆଡ୍‌ଭାନ୍ସ ସର୍ଜିକାଲ ଟେକ୍ନୋଲୋଜିର ବ୍ୟବହାର କରି ଏହି ଟ୍ୟୁମରକୁ କଢ଼ାଯାଇଛି। ନିମାପଡ଼ାର ବଦାରୁନ୍ ବିବି କିଛିଦିନ ତଳେ ତଳପେଟରେ ଅତ୍ୟଧିକ ଯନ୍ତ୍ରଣା ଅନୁଭବ କରିବା ସହ ପରିସ୍ରା ସମୟରେ କଷ୍ଟ ଅନୁଭବ କରିବା ଓ ଅନିୟମିତ ରକ୍ତସ୍ରାବ ଭଳି ସମସ୍ୟା ଭୋଗୁଥିଲେ। ଏଥିସହ ତାଙ୍କ ତଳ ପେଟର ଆକାର ଗତ ୩ ମାସ ହେବ ଲଗାତର ବଢିବାରେ ଲାଗିଥିଲା। ଏଥିପାଇଁ ତାଙ୍କୁ ଭୁବନେଶ୍ୱର ବି.ଆର୍. ଲାଇଫ୍ କଳିଙ୍ଗ ହସ୍ପିଟାଲରେ ଭର୍ତ୍ତି କରାଯିବା ପରେ ସେଠାରେ ତାଙ୍କ ଗର୍ଭାଶୟ ଓ ପେଲ୍‌ଭିକ୍‌ର ଏମ୍ଆର୍‌ଆଇ ହୋଇଥିଲା। ଏହି ଏମ୍ଆର୍‌ଆଇରୁ ଡାକ୍ତର ତାଙ୍କ ତଳ ପେଟରେ ଏକ ବଡ ଟ୍ୟୁମର ରହିଥିବା ଜାଣିବାକୁ ପାଇଥିଲେ। ତେବେ ଟ୍ୟୁମର୍ ପାଇଁ ୟୁରେଟର୍ ଉପରେ ଚାପ ପଡ଼ିବା କାରଣରୁ ରୋଗୀଙ୍କର ବାଇଲାଟେରାଲ ହାଇଡ୍ରୋନେଫ୍ରୋସିସ୍ ବିକଶିତ ହୋଇଥିଲା। ଯାହାଫଳରେ ମୂତ୍ର କିଡ୍‌ନୀରୁ ବାହାରି ମୂତ୍ରାଶୟରେ ପହଞ୍ଚି ପାରୁନଥିଲା। ୨୭-୧୫-୭ ସେମିର ଏହି ଟ୍ୟୁମର ୟୁରେଟର୍ ଓ ଏକାଧିକ ରକ୍ତବାହିକାକୁ ଭିତରକୁ ଟାଣି ନେଇଥିଲା। ତେଣୁ ୟୁରୋଟରକୁ ଟ୍ୟୁମର୍‌ରୁ ଅଲଗା କରିବା ଖୁବ୍ ଜଟିଳ ଥିଲା ବୋଲି ଚିକିତ୍ସା କରିଥିବା ଡାକ୍ତର ତଥା ପ୍ରସୂତି ଓ ସ୍ତ୍ରୀରୋଗ ବିଶେଷଜ୍ଞ ଡ. ରଶ୍ମି ଈଶ୍ୱର ହେଗ୍‌ଡେ କହିଛନ୍ତି।

ୟୁଟେରାଇନ୍ ଫାଇବ୍ରଏଡ୍ ଏକ ଅଣ-କ୍ୟାନ୍‌ସରଯୁକ୍ତ ଟ୍ୟୁମର ହୋଇଥିବା ବେଳେ ଏହା ଗର୍ଭରେ ଥିବା ମାଂସପେଶୀର ଆବରଣରୁ ବଢିଥାଏ। ପ୍ରଜନନ ବର୍ଷର ନିକଟତର ସମୟରେ ଫାଇବ୍ରଏଡ୍ ହେବା ଏକ ସାଧାରଣ କଥା। ଏହା ୩୫ ବର୍ଷ ବୟସ ପର୍ଯ୍ୟନ୍ତ ପ୍ରାୟ ୩୦% ମହିଳାଙ୍କୁ ଓ ୫୦ ବର୍ଷ ବୟସ ପର୍ଯ୍ୟନ୍ତ ୨୦ରୁ ୫୦% ମହିଳାଙ୍କୁ ହୋଇଥାଏ। ଏହାର କାରଣ ଅସ୍ପଷ୍ଟ ରହିଥିଲେ ମଧ ଶରୀରରେ ଇଷ୍ଟ୍ରୋଜେନ୍‌ର ସ୍ତର ଅଧିକ ରହିଲେ ଫାଇବ୍ରଏଡ୍ ବିକଶିତ ହୋଇଥାଏ ବୋଲି ଡ. ହେଗ୍‌ଡେ କହିଛନ୍ତି। ବାରମ୍ବାର ପରିସ୍ରା ଲାଗିବା, ତଳି ପିଠିରେ ଯନ୍ତ୍ରଣା ହେବା, ମଳକଣ୍ଟକ, ଆନେମିଆ କାରଣରୁ ହେଉଥିବା ଯନ୍ତ୍ରଣାଦାୟକ ଗର୍ଭାଶୟ ରକ୍ତସ୍ରାବ ଫାଇବ୍ରଏଡ୍‌ର ଲକ୍ଷଣ ଏବଂ ଅଧିକ ବଡ ଫାଇବ୍ରଏଡ୍ ଥିଲେ ତଳି ପେଟରେ ଯନ୍ତ୍ରଣା ଅନୁଭବ ହୋଇଥାଏ ବୋଲି ସେ କହିଛନ୍ତି।

# ପର୍ଯ୍ୟଟନ କ୍ଷେତ୍ରରେ ଓଡ଼ିଶା ଦିପାଦ ଆଗକୁ ବଢ଼ିଛି

**ପୁରୀ ଅଫିସ,୨୪ା୧**

କେନ୍ଦ୍ର ପର୍ଯ୍ୟଟନ ମନ୍ତ୍ରୀ ପ୍ରହ୍ଲାଦ ସିଂ ପଟେଲ ଶୁକ୍ରବାର ଶ୍ରୀମନ୍ଦିର ଆସି ମହାପ୍ରଭୁଙ୍କୁ ଦର୍ଶନ କରିଛନ୍ତି। ସନ୍ଧ୍ୟାରେ କେନ୍ଦ୍ରମନ୍ତ୍ରୀ ପଟେଲ ଏଠାରେ ପହଞ୍ଚିବା ପରେ ଶ୍ରୀମନ୍ଦିର ପ୍ରଶାସନିକ ଅଧିକାରୀ ସ୍ୱାଗତ କରିଥିଲେ। ଏହାପରେ ସେ ମନ୍ଦିରକୁ ଯାଇ ଦର୍ଶନ କରିଥିଲେ। ସିଂହଦ୍ୱାରରେ ଗଣମାଧ୍ୟମକୁ ସୂଚନା ଦେଇ କେନ୍ଦ୍ରମନ୍ତ୍ରୀ ପଟେଲ କହିଥିଲେ, ପର୍ଯ୍ୟଟନ କ୍ଷେତ୍ରରେ ଓଡ଼ିଶା ଦୁଇପାଦ ଆଗକୁ ବଢ଼ିଛି । ଇକୋ ରିଟ୍ରିଟ୍ ମହୋତ୍ସବ ପର୍ଯ୍ୟଟନ ପାଇଁ ନିଶ୍ଚିତ ଏକ ଭଲ ପଦକ୍ଷେପ। ଏହାଦ୍ୱାରା ରାଜ୍ୟକୁ ଅଧିକ ମାତ୍ରାରେ ପର୍ଯ୍ୟଟକ ଆକୃଷ୍ଟ ହୋଇପାରିବେ। ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ପଟେଲ ଶ୍ରୀମନ୍ଦିର ସୌନ୍ଦର୍ଯ୍ୟକରଣକୁ ପ୍ରଶଂସା କରିବା ସହ ଲଙ୍ଗୁଳି ମଠ ଉଚ୍ଛେଦ ସ୍ଥଳ ବୁଲି ଦେଖିଲେ।

# ମହାପ୍ରଭୁଙ୍କୁ ଦର୍ଶନ କଲେ ଗୁଜରାଟ ପର୍ଯ୍ୟଟନ ମନ୍ତ୍ରୀ

**ପୁରୀ ଅଫିସ,୨୪ା୧**

ଇକୋ ରିଟ୍ରିଟ ମହୋତ୍ସବରେ ଅନୁଷ୍ଠିତ ଜାତୀୟ ପର୍ଯ୍ୟଟନ ସମ୍ମିଳନୀରେ ବିଭିନ୍ନ ରାଜ୍ୟର ପର୍ଯ୍ୟଟନ ମନ୍ତ୍ରୀ ଓ ସଚିବ ଯୋଗଦେଇଛନ୍ତି। ଏଥିରେ ଯୋଗଦେବାକୁ ଆସିଥିବା ଗୁଜରାଟର ପର୍ଯ୍ୟଟନ ମନ୍ତ୍ରୀ ଭସନଭାଇ ଅହିର ଶୁକ୍ରବାର ଶ୍ରୀକ୍ଷେତ୍ର ପରିଦର୍ଶନରେ ଆସି ମହାପ୍ରଭୁଙ୍କୁ ଦର୍ଶନ କରିଛନ୍ତି। ସକାଳେ ସମୟରେ ଅହିରଙ୍କ ସମେତ ଅନ୍ୟ ମନ୍ତ୍ରୀ ଏବଂ ସଚିବ ମହାପ୍ରଭୁଙ୍କୁ ଦର୍ଶନ ପାଇଁ ଆସିଥିଲେ। ସେମାନଙ୍କୁ ସ୍ୱାଗତ କରାଯାଇଥିଲା। ପରେ ସମସ୍ତେ ଶ୍ରୀମନ୍ଦିରକୁ ଯାଇ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରିଥିଲେ। ଦର୍ଶନ ପରେ ସିଂହଦ୍ୱାରଠାରେ ଗୁଜରାଟର ପର୍ଯ୍ୟଟନ ମନ୍ତ୍ରୀ ଅହିର ଗଣମାଧ୍ୟମକୁ କହିଥିଲେ ଯେ, ପୂର୍ବରୁ ସେ ଅନେକଥର ପୁରୀ ଆସିଛନ୍ତି। କିନ୍ତୁ ଏଥର ଶ୍ରୀମନ୍ଦିର ସମ୍ମୁଖରେ ଯେଉଁପରି ଭାବେ ସୌନ୍ଦର୍ଯ୍ୟକରଣ କରାଯାଇଛି ବାସ୍ତିବକ ବହୁତ ଖୁସି ଲାଗୁଛି। ଗୁରୁବାର ସୂର୍ଯ୍ୟ ମନ୍ଦିର ଦର୍ଶନ କରିଥିଲି। ଏବେ ମହାପ୍ରଭୁ ଜଗନ୍ନାଥଙ୍କ ଦର୍ଶନ କରିଛି। ଦେଶର ପ୍ରଗତି ପାଇଁ ମହାପ୍ରଭୁ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଆହୁରି ଶକ୍ତି ଦିଅନ୍ତୁ। ଭାରତ ଯେପରି ବିଶ୍ୱଗୁରୁ ହେବ ସେଥିପାଇଁ ଆଶୀର୍ବାଦ କରନ୍ତୁ ବୋଲି ଅହିର କହିଛନ୍ତି ।

# ସୁନନ୍ଦାଙ୍କୁ ମିଳୁ ମରଣୋତ୍ତର ପଦ୍ମଶ୍ରୀ

**ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ**

**ପୁରୀ ଅଫିସ, ୨୪ା୧**

ଭାରତ ବର୍ଷର ପ୍ରବାଦ କଣ୍ଠଶିଳ୍ପୀ, ଶାସ୍ତ୍ରୀୟ ସଙ୍ଗୀତର ଅନନ୍ୟ ପ୍ରତିଭା ସୁନନ୍ଦା ପଟ୍ଟନାୟକଙ୍କୁ ମିଳୁ ମରଣୋତ୍ତର ପଦ୍ମଶ୍ରୀ। ଏହି ଦାବି ସହିତ ଆହୁରି ତିନୋଟି ଦାବିରେ ଶୁକ୍ରବାର ପୁରୀ ସହରର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲା ପ୍ରଶାସନକୁ ଦାବିପତ୍ର ପ୍ରଦାନ କରାଯାଇଛି। ସୁନାବେଶ ଭଜନ ସମାରୋହ ଆହ୍ୱାନରେ ଅଭିନନ୍ଦନିକା, ଓଡ଼ିଶା ଯୁବ ଚେତନା ସଙ୍ଗଠନ, ଶ୍ରୀଜଗନ୍ନାଥ ଧର୍ମ ସଂସ୍କୃତି ସୁରକ୍ଷା ସଙ୍ଗଠନ, ସର୍ବୋଦୟ ସାହିତ୍ୟ ପରିଷଦ, ନିର୍ମାଲ୍ୟ ଓ ଭକ୍ତି ନିର୍ମାଲ୍ୟ ଅନୁଷ୍ଠାନ ପକ୍ଷରୁ ଦିଆଯାଇଥିବା ଏହି ଦାବିପତ୍ରରେ ଦର୍ଶାଯାଇଛି ଯେ, ସୁନନ୍ଦା ପଟ୍ଟନାୟକଙ୍କୁ ମରଣୋତ୍ତର ପଦ୍ମଶ୍ରୀ ପ୍ରଦାନ ପାଇଁ ରାଜ୍ୟ ସରକାର କେନ୍ଦ୍ର ସରକାରଙ୍କୁ ପ୍ରସ୍ତାବ ଦିଅନ୍ତୁ। ସୁନନ୍ଦାଙ୍କ ପୁରୀ ବାସଗୃହକୁ ସମ୍ପୂର୍ଣ୍ଣ ଭାବେ ଦଖଲମୁକ୍ତ କରାଯାଇ ସରକାର ତାହାକୁ ସଙ୍ଗୀତ ସ୍ମାରକୀ ଘୋଷଣା କରନ୍ତୁ। ସେଠାରେ ସଙ୍ଗୀତଘର, ଶିକ୍ଷା ଓ ରାଜ୍ୟ କଳାକାରଙ୍କ ପାଇଁ ରହଣିସ୍ଥଳ କରାଯାଉ ଓ ତାଙ୍କର ପ୍ରତିମୂର୍ତ୍ତି ରହୁ । ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ, ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ ଓ ଉତ୍କଳ ବିଶ୍ୱବିଦ୍ୟାଳୟରେ ତାଙ୍କ ନାମରେ ଚେୟାର ପ୍ରତିଷ୍ଠା କରାଯାଉ । ଭଞ୍ଜ କଳା ମଣ୍ଡପ ପରିସରରେ ସୁନନ୍ଦାଙ୍କ ପ୍ରତିମୂର୍ତ୍ତି ପ୍ରତିଷ୍ଠା ହେଉ ବୋଲି ଦାବି କରାଯାଇଛି। ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ବଦ୍ରି ମିଶ୍ର, ଶ୍ୟାମପ୍ରକାଶ ସେନାପତି, ମନୋଜ କୁମାର ଦାସମହାପାତ୍ର ପ୍ରମୁଖ ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁଙ୍କୁ ଭେଟି ଏହି ଦାବିପତ୍ର ପ୍ରଦାନ କରିଛନ୍ତି ।

# ପୂଜ୍ୟପୂଜା ପ୍ରତି ଅସମ୍ମାନ

**ଜୟୀ ରାଜଗୁରୁ, ଆଚାର୍ଯ୍ୟ ହରିହରଙ୍କ ପ୍ରତିମୂର୍ତ୍ତିକୁ ଅଣଦେଖା**

**ପୁରୀ ଅଫିସ,୨୪ା୧**

ପୁରୀ ସହରର ବିଭିନ୍ନ ସ୍ଥାନରେ ସ୍ଥାପିତ ପୂଜ୍ୟପୂଜାଙ୍କ ପ୍ରତିମୂର୍ତ୍ତି ପ୍ରତି ଅସମ୍ମାନ କରାଯାଉଛି। ବୁଦ୍ଧିଜୀବୀମାନେ ଏଭଳି ଅଭିଯୋଗ ଆଣିବା ସହ ପୂଜ୍ୟପୂଜାଙ୍କୁ ଉପଯୁକ୍ତ ସମ୍ମାନ ଦେବା ଦରକାର ବୋଲି କହିଛନ୍ତି। ସହରର ବିଭିନ୍ନ ସ୍ଥାନରେ ସ୍ୱାଧୀନତା ସଂଗ୍ରାମୀଙ୍କଠାରୁ ଆରମ୍ଭ କରି ବିଶିଷ୍ଟ ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରାଯାଇଛି। କେତେକ ଜାଗାରେ ସରକାରୀସ୍ତରରେ ମୂର୍ତ୍ତି ସ୍ଥାପନ ହୋଇଥିବା ବେଳେ ଅନେକ ଜାଗାରେ ବେସରକାରୀ ସଙ୍ଗଠନ ଏବଂ ବ୍ୟକ୍ତିବିଶେଷ ବି ପୂଜ୍ୟପୂଜାଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରାଇଛନ୍ତି। କିନ୍ତୁ ଏହାପରେ ସମସ୍ତେ ତାଙ୍କ କର୍ତ୍ତବ୍ୟ ଭୁଲି ଯାଇଛନ୍ତି। କେଉଁଠି ପ୍ରତିମୂର୍ତ୍ତି ଭାଙ୍ଗିଯାଇଛି ତ ଆଉ କେଉଁଠି ଖରାବର୍ଷା ଖାଇ ରଙ୍ଗ ଛାଡ଼ିଗଲାଣି। ଭାରତୀୟ ମୁକ୍ତି ସଂଗ୍ରାମର ପ୍ରଥମ ଶହୀଦ ଜୟୀ ରାଜଗୁରୁଙ୍କ ଫାଇବର ପ୍ରତିମୂର୍ତ୍ତି ଷ୍ଟେଶନ ବଜାରରେ ପ୍ରତିଷ୍ଠା ହୋଇଥିଲା। ଜୟୀ ରାଜଗୁରୁ ସ୍ମୃତି ପରିଷଦ ଆନୁକୂଲ୍ୟରେ ଜିଲା ପ୍ରଶାସନ ସହଯୋଗରେ ସ୍ଥାପନ ହୋଇଥିବା ଏହି ମୂର୍ତ୍ତି ଗତ ଫନୀରେ ଭାଙ୍ଗି ପଡ଼ିଥିଲା। ପରେ ଏହାକୁ ସଂସ୍କୃତି ଭବନକୁ ନିଆଯାଇଥିଲା। ସେବେଠାରୁ ଭଗ୍ନ ମୂର୍ତ୍ତି ଏକ କୋଣରେ ପଡ଼ିରହିଛି। ସେହିପରି ଆଚାର୍ଯ୍ୟ ହରିହର ଛକରେ



ଆଚାର୍ଯ୍ୟ ହରିହରଙ୍କ ପ୍ରତିମୂର୍ତ୍ତି କୋଣଠେସା ଭାବେ ରଖାଯାଇଛି। ପୂର୍ବରୁ ଛକ ଉପରେ ଆଚାର୍ଯ୍ୟଙ୍କ ପ୍ରତିମୂର୍ତ୍ତି ଥିବାବେଳେ ତାକୁ ସ୍ଥାନାନ୍ତର କରିଥିଲା ପ୍ରଶାସନ। ନିକଟସ୍ଥ ଏକ ଅନ୍ଧାରୁଆ ଜାଗାରେ ପ୍ରତିମୂର୍ତ୍ତି ସ୍ଥାପନ ହୋଇଥିବାବେଳେ ପୂର୍ବ ସ୍ଥାନରେ ଜଳଫୁଆରା କରାଯାଇଛି। ଟ୍ରାଫିକ ସମସ୍ୟା ଦୂର ପାଇଁ ଚୈତନ୍ୟ ଛକରୁ ଚୈତନ୍ୟଙ୍କ ପ୍ରତିମୂର୍ତ୍ତି ସ୍ଥାନାନ୍ତର ଲାଗି ନିଷ୍ପତ୍ତି ହୋଇଛି। କିନ୍ତୁ ପୁରୁଣା ଜାଗାରେ ନିକଟବର୍ତ୍ତୀ ମହୋଦଧି କୂଳରେ ପୁଣି ଏକ ନୂତନ ପ୍ରତିମୂର୍ତ୍ତି ତିଆରି କରାଯାଇଛି। କେଉଁ ମୂର୍ତ୍ତିକୁ ରଖି କାହାକୁ ହଟାଯିବ ସେ ନେଇ ମଧ ଆଲୋଚନା ହୋଇଛି ।

ଏ ସମ୍ପର୍କରେ ସଂସ୍କୃତି ସଙ୍ଗଠକ ଶ୍ୟାମପ୍ରକାଶ ସେନାପତି କହିଛନ୍ତି, ବରପୁତ୍ରମାନଙ୍କୁ କେବଳ ସ୍ଥାପନ କରିଦେଲେ ହେବ ନାହିଁ, ସବୁଦିନେ ସେମାନଙ୍କୁ ମନେ ପକାଇବା ଦରକାର। ସହରର ଅନେକ ସ୍ଥାନରେ ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତି ଅବହେଳିତ ଅବସ୍ଥାରେ ରହିଛି। ପୂଜ୍ୟପୂଜାଙ୍କୁ କିପରି ଉପଯୁକ୍ତ ସମ୍ମାନ ଦିଆଯାଇପାରିବ ସେ ଦିଗରେ ପ୍ରଶାସନ ଏବଂ ଜନସାଧାରଣ ଉଦ୍ୟମ କରିବା ଦରକାର। ଏ ନେଇ ଜିଲା ସଂସ୍କୃତି ଅଧିକାରୀ ଚୌଧୁରୀ ଅରବିନ୍ଦ ଦାସ କହିଛନ୍ତି, କେତେକ ବେସରକାରୀ ଅନୁଷ୍ଠାନ ଏବଂ ବ୍ୟକ୍ତିବିଶେଷ ପ୍ରତିମୂର୍ତ୍ତି ସ୍ଥାପନ କରିବା ପରେ ଏହାର ଯତ୍ନ ନେବାକୁ ଭୁଲିଯାଉଛନ୍ତି। ଏମିତି କି ସରକାରୀ ଅନୁମତି ନ ନେଇ ଯେ କୌଣସି ସ୍ଥାନରେ ପ୍ରତିମୂର୍ତ୍ତି ପ୍ରତିଷ୍ଠା କରୁଛନ୍ତି, ଯାହାକି ପର ମୁହୂର୍ତ୍ତରେ ସମସ୍ୟା ସୃଷ୍ଟି କରୁଛି। ସାଧାରଣତନ୍ତ୍ର ଦିବସ ପ୍ରସ୍ତୁତି ବୈଠକରେ ଏ ପ୍ରସଙ୍ଗରେ ଆଲୋଚନା ହୋଇଛି। କେଉଁ ପ୍ରତିମୂର୍ତ୍ତି ସଫା ଏବଂ ରଙ୍ଗ ଦିଆଯିବ ତାହା ତାଲିକା କରାଯାଇ ପୁରୀ ପୌରସଂସ୍ଥା ପକ୍ଷରୁ କାମ ଆରମ୍ଭ ହୋଇଛି। ପ୍ରଶାସନ ପକ୍ଷରୁ ପୂଜ୍ୟପୂଜାଙ୍କୁ ସମ୍ମାନ ଦିଆଯାଉଛି। ସେହିପରି ଷ୍ଟେଶନ ବଜାରରେ ଭାଙ୍ଗିପଡ଼ିଥିବା ଜୟୀ ରାଜଗୁରୁଙ୍କ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ସରକାରଙ୍କୁ ପ୍ରସ୍ତାବ ଦିଆଯାଇଛି। ଏଥିପାଇଁ ଥିବା କମିଟି ପାସ୍ କରିବା ପରେ ବିହୀତ ପଦକ୍ଷେପ ନିଆଯିବ। କୌଣସି ସ୍ଥାନରେ ପ୍ରତିମୂର୍ତ୍ତି ସ୍ଥାପନ ପୂର୍ବରୁ ସରକାରଙ୍କଠାରୁ ଅନୁମତି ନିଆଯିବା ଉଚିତ ବୋଲି ସଂସ୍କୃତି ଅଧିକାରୀ ପ୍ରକାଶ କରିଛନ୍ତି।



ପରିବର୍ତ୍ତନ ସହିତ ନିଜକୁ ଯିଏ ଖାପ ଖୁଆଇବାର କଳା ହାସଲ କରିପାରିନାହିଁ, ସେ ଅଶାନ୍ତି ଭିତରେ ବୁଡି ରହିବ।
-ବାକନ୍



## ଆଜି କ'ଣ କେଉଁଠି

**ସାକ୍ଷୀଗୋପାଳ**

- ମା' ସଙ୍କଟ ତାରିଣୀଙ୍କ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଯଜ୍ଞ, ବୀରରାମଚନ୍ଦ୍ରପୁର ୪ର୍ଥ ଖଣ୍ଡି, ସକାଳ ୯ଟା।
- ଠାକୁର ଅନୁକୂଳ ଚନ୍ଦ୍ରଙ୍କ ୯୮ତମ ସାକ୍ଷୀଗୋପାଳ ଆଗମନୀ ସ୍ମୃତି ମହୋତ୍ସବ, ସତ୍‌ସଙ୍ଗ ବିହାର, ପୂର୍ବାହ୍ନ ୧୦ଟା।

## ମହାପ୍ରଭୁଙ୍କୁ ଦର୍ଶନ କଲେ ସୁପ୍ରିମକୋର୍ଟ ବିଚାରପତି

ପୁରୀ ଅଫିସ,୨୪।୧: ସୁପ୍ରିମ୍‌କୋର୍ଟ ବିଚାରପତି ଜଷ୍ଟିସ ନାଥୁଲାପତି ଭେଙ୍କଟ ରମଣ ମହାପ୍ରଭୁଙ୍କୁ ଦର୍ଶନ କରିଛନ୍ତି। ଶୁକ୍ରବାର ରାତିରେ ଜଷ୍ଟିସ୍ ରମଣ ସିଂହଦ୍ୱାର ନିକଟରେ ପହଞ୍ଚିଥିଲେ। ତାଙ୍କୁ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. କ୍ରିଷନ କୁମାର, ଜିଲାପାଳ ବଲୱନ୍ତ ସିଂ, ଏସ୍‌ପି ଉମାଶଙ୍କର ଦାଶ ପ୍ରମୁଖ ସ୍ୱାଗତ କରିଥିଲେ । ଏହାପରେ ତାଙ୍କୁ ଶ୍ରୀମନ୍ଦିର ଭିତରକୁ ପାଛୋଟି ନେଇଥିଲେ । ଜଷ୍ଟିସ୍ ରମଣ ମହାପ୍ରଭୁଙ୍କୁ ଦର୍ଶନ କରିବା ସହ ଅନ୍ୟାନ୍ୟ ଦେବଦେବୀ ମନ୍ଦିରକୁ ଯାଇ ବୁଲି ଦେଖିଥିଲେ। ପ୍ରାୟ ଘଣ୍ଟାଏ ପର୍ଯ୍ୟନ୍ତ ଜଷ୍ଟିସ୍ ରମଣ ମନ୍ଦିରରେ ବିତାଇ ଫେରିଥିଲେ।

## ମହିଳାଙ୍କଠାରୁ ଝାମ୍ପି ନେଲେ ସୁନାଚେନ

ପୁରୀ ଅଫିସ,୨୪।୧ : ଟାଉନ ଥାନା ଅଧୀନ ଦୋଳମଣ୍ଡପ ସାହି ପ୍ରାଥମିକ ବିଦ୍ୟାଳୟ ନିକଟରେ ଶୁକ୍ରବାର ରାତି ୯ଟାରେ ଦୁଇଜଣ ଦୁର୍ବୃତ୍ତ ଏକ ବାଇକରେ ଆସି ଜଣେ ମହିଳାଙ୍କ ବେକରୁ ୧୦ଗ୍ରାମ ଭରି ସୁନାଚେନ ଝାମ୍ପି ନେଇଥିବା ଅଭିଯୋଗ ହୋଇଛି। ଅଭିଯୋଗ ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଅନୁସନ୍ଧାନ ଆରମ୍ଭ କରିଛି। ସୂଚନାଯୋଗ୍ୟ, ସ୍ଥାନୀୟ ଚିତ୍ରକର ସାହିର ଗୀତାଞ୍ଜଳି ମିଶ୍ର ଝିଅ ସହ ଦୋଳମଣ୍ଡପ ସାହି ଛକକୁ ଯାଇଥିଲେ। ସେଠାରୁ ହାବେଳି ଗଳି ଦେଇ ଚାଲି ଚାଲି ଘରକୁ ଯାଉଥିଲେ। ହଠାତ୍ ପଛପଟୁ ଦୁଇଜଣ ଯୁବକ ଏକ ନାଲି ରଙ୍ଗର ବାଇକ୍‌ରେ ଆସି ଗୀତାଞ୍ଜଳିଙ୍କ ବେକରୁ ସୁନା ଚେନ୍ ଝାମ୍ପି ବିଶ୍ୱମ୍ଭର ବିଦ୍ୟାପୀଠ ଦେଇ ଚାଲିଯାଇଥିଲେ।

## ସେମିଫାଇନାଲ୍‌ରେ ମଙ୍ଗଳା କ୍ଲବ

ବଲାଙ୍ଗୀ,୨୪।୧(ଡି.ଏନ୍.ଏ.): ବଲାଙ୍ଗୀ ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆରେ ଚାଲିଥିବା ରାଜ୍ୟ ସ୍ତରୀୟ ଲଙ୍କେଶ୍ୱରୀ ଫୁଟବଲ୍ ଟୁର୍ନାମେଣ୍ଟର ଗ୍ରୁପ୍-ବି'ର ପ୍ରଥମ କ୍ୱାର୍ଟର୍ ଫାଇନାଲ୍ ମ୍ୟାଚ୍ କଟକ ମଙ୍ଗଳା କ୍ଲବ ଏବଂ ଭୁବନେଶ୍ୱର କିଶୋର କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏହି ମ୍ୟାଚ୍‌ରେ ମଙ୍ଗଳା କ୍ଲବ ବିଜୟୀ ହୋଇ ସେମିଫାଇନାଲ୍‌ରେ ପ୍ରବେଶ କରିଛି। ଦିପ୍ତୀରଞ୍ଜନ ସ୍ୱାଇଁ, ଚନ୍ଦ୍ରକାନ୍ତ ବାରିକ ଖେଳ ପରିଚାଳନା କରିଥିବା ବେଳେ ସ୍ମୃତିପ୍ରଭା ରାୟ ମହାପାତ୍ର, ଚନ୍ଦ୍ରକାନ୍ତି ବରାଳ ଏବଂ କୁଅଁର ମୁର୍ମୁ ଅତିଥିଭାବେ ଯୋଗଦେଇଥିଲେ। ଶନିବାର ଏହି ଗ୍ରୁପ୍‌ର ଦ୍ୱିତୀୟ କ୍ୱାର୍ଟର୍ ଫାଇନାଲ୍ ମ୍ୟାଚ୍ ସମ୍ବଲପୁର ମହାବୀର ସ୍ପୋର୍ଟିଂ ଏବଂ ଢେଙ୍କାନାଳ ମା' ମଙ୍ଗଳା କ୍ଲବ ମଧ୍ୟରେ ଖେଳାଯିବ ବୋଲି ସଭାପତି ପ୍ରଭାତ ରାୟ କହିଛନ୍ତି।

## ମହାଯଜ୍ଞ ଉଦ୍‌ଯାପିତ

ବଲାଙ୍ଗୀ,୨୪।୧(ଡି.ଏନ୍.ଏ.): ବଲାଙ୍ଗୀ ଥାନା ଗଡ଼ପଦନପୁର ପଞ୍ଚାୟତ ଉଗ୍ରେଶ୍ୱର ଦେଉଳି ଗ୍ରାମ ଉଗ୍ରେଶ୍ୱର ଦେବଙ୍କ ମନ୍ଦିର ପରିସରରେ ୩ଦିନ ଧରି ଚାଲିଥିବା ମହାଯଜ୍ଞ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ଓଡ଼ିଶାର ସ୍ୱନାମଧନ୍ୟ କଣ୍ଠଶିଳ୍ପୀଙ୍କ ଦ୍ୱାରା ଭଜନ ପରିବେଷଣ କରାଯାଇଥିଲା। ଏହା ସହ ବିଭିନ୍ନ କ୍ଷେତ୍ରରେ କୃତୀତ୍ୱ ହାସଲ କରିଥିବା ବ୍ୟକ୍ତି ଏବଂ ଛାତ୍ରୀଛାତ୍ରଙ୍କୁ ଉଗ୍ରେଶ୍ୱର ଗୌରବ ଓ ମେଧା ସମ୍ମାନରେ ସମ୍ମାନିତ କରାଯାଇଥିଲା। ଉତ୍ସବରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଯୋଗଦେଇଥିବା ବେଳେ ପ୍ରାୟ ୧୦ ହଜାର ଭକ୍ତଙ୍କ ସମାଗମ ହୋଇଥିଲା।

## ନେତାଜୀ ଜୟନ୍ତୀ

ଡେଲାଙ୍ଗ,୨୪।୧(ଡି.ଏନ.ଏ): ଡେଲାଙ୍ଗ ବ୍ଲକର ବରକେରା ସରକାରୀ ବିଦ୍ୟାଳୟରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଓ ବୀରସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ପ୍ରଧାନ ଶିକ୍ଷକ ପ୍ରଦୀପ ସେଠୀ, ଶିକ୍ଷକ ମିଟୁକିଶୋର ପ୍ରଧାନ, ସୁଧୀର ଜେନା, ବିରଞ୍ଚିନାରାୟଣ ବରାଳ, ପର୍ଶୁରାମ ସାହୁ, ପୁରୁଷୋତ୍ତମ ନାୟକ, ଶିକ୍ଷୟିତ୍ରୀ ମଞ୍ଜୁଲତା ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ହୁମରସ୍ଥିତ ଗଡେଶ୍ୱର ଦେବ ନୋଡାଲ ଉ.ପ୍ରା ବିଦ୍ୟାଳୟ, ମହତାବ ହାଇସ୍କୁଲ, ରାଧାକାନ୍ତ ବିଦ୍ୟାପୀଠ, ଡେଲାଙ୍ଗ ଷ୍ଟେସନ ବଜାରସ୍ଥିତ ସରସ୍ୱତୀ ଶିଶୁ ମନ୍ଦିର, ଡେଲାଙ୍ଗ ହାଟ ବଜାର ସରସ୍ୱତୀ ଶିଶୁ ମନ୍ଦିର, କଲ୍ୟାଣପୁର ନୋଡାଲ ଉ.ପ୍ରା ବିଦ୍ୟାଳୟ, ମୁନିନ୍ଦା କେପିପି ହାଇସ୍କୁଲ, ଘୋରଡିଆ ଓ ମୋଟରି ଉଚ୍ଚ ବିଦ୍ୟାଳୟରେ ନେତାଜୀ ଜୟନ୍ତୀ ପାଳିତ ହୋଇଯାଇଛି।

# ବଦନାମ ହେଉଛି ଶ୍ରୀମନ୍ଦିର

ପୁରୀ ଅଫିସ, ୨୪।୧:

ଶ୍ରୀମନ୍ଦିରକୁ ଆସୁଥିବା ଭକ୍ତଙ୍କୁ କୌଣସି ପ୍ରକାର ଶୋଷଣ କିମ୍ବା ଜୁଲମ୍ କରାଯାଇପାରିବ ନାହିଁ। ଶ୍ରଦ୍ଧାଳୁମାନେ ଯେପରି ଶୃଙ୍ଖଳିତ ଭାବେ ଦର୍ଶନ କରି ଫେରିବେ ସେଥିଲାଗି ସମସ୍ତ ପ୍ରକାର ବ୍ୟବସ୍ଥା କରିବାକୁ ସୁପ୍ରିମ୍‌କୋର୍ଟ ରାଜ୍ୟ ସରକାର ଏବଂ ଶ୍ରୀମନ୍ଦିର ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି। ଶ୍ରୀମନ୍ଦିର ପ୍ରଶାସନ ଏହାକୁ ଗୁରୁତ୍ୱର ସହ ନେଇ ବିଭିନ୍ନ ପଦକ୍ଷେପ ଗ୍ରହଣ କରିବା ସହ କେତେକ କ୍ଷେତ୍ରରେ କଟକଣା ଲଗାଇଛି। ଏହାସତ୍ତ୍ୱେ ପ୍ରାୟ ପ୍ରତ୍ୟେକ ଦିନ ଭକ୍ତ ଶୋଷଣ ଏବଂ ଜୁଲମର ଶିକାର ହେଉଛନ୍ତି। କେତେକ ସେବାୟତ ଶ୍ରଦ୍ଧାଳୁଙ୍କୁ ଶୋଷଣ କରୁଥିବାବେଳେ ଅନେକ ଅଣସେବକ ବି ଏପରି ବେଆଇନ କାର୍ଯ୍ୟ କରୁଛନ୍ତି। ସେବକ, କର୍ମଚାରୀଙ୍କୁ ପରିଚୟପତ୍ର ବଣ୍ଟାଯାଉ ନ ଥିବାରୁ ଏହାର ସୁଯୋଗ ନେଉଛନ୍ତି କେତେଜଣ ଅଣସେବକ। ସେମାନେ ନିଜକୁ ସେବକ ବୋଲି ପରିଚୟ ଦେଉଛନ୍ତି। ଶ୍ରୀମନ୍ଦିର ଭିତରେ ବିଭିନ୍ନ ସ୍ଥାନ ବୁଲାଇ ଦର୍ଶନ କରାଇଦେବାକୁ କହି ଦର୍ଶନାର୍ଥୀଙ୍କୁ ଲୁଟୁଛନ୍ତି। ସିଂହଦ୍ୱାର ସମେତ ଅନ୍ୟ ତିନିଦ୍ୱାରରେ କେତେଜଣ ଅଣସେବକ ପ୍ରତ୍ୟେକ ଦିନ ଭକ୍ତଙ୍କୁ ଏଭଳି ଜୁଲମ୍ କରୁଥିବା ବାରମ୍ବାର ନଜରକୁ ଆସୁଛି। ସେମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବାରୁ ଏଭଳି ଘଟଣାର ପୁନରାବୃତ୍ତି ଘଟୁଛି। ଫଳରେ ମହାପ୍ରଭୁଙ୍କ ପ୍ରତି ସମର୍ପଣ ଭାବ ରଖି ନିଜ ଦୁଃଖ ଜଣାଇବାକୁ ଆସିଥିବା ଭକ୍ତମାନେ ତିକ୍ତ ଅନୁଭୂତି ସାଉଣ୍ଟି ଫେରୁଥିବାବେଳେ ଏଥିପାଇଁ ଶ୍ରୀମନ୍ଦିର ବଦନାମ୍ ହେଉଛି।

ଶ୍ରୀମନ୍ଦିରର ସେବକ ଓ କର୍ମଚାରୀଙ୍କ ପରିଚୟପତ୍ର ପ୍ରଦାନ ଲାଗି ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶ ଅଛି। ମନ୍ଦିରର ସୁରକ୍ଷା ଓ ଶୃଙ୍ଖଳା ପାଇଁ ଏହାର ଯଥେଷ୍ଟ ଆବଶ୍ୟକତା ବି ରହିଛି। କିନ୍ତୁ ଏହାକୁ କେହି ଗୁରୁତ୍ୱର ସହ ନେଉନାହାନ୍ତି। ପରିଚୟପତ୍ର କଡ଼ାକଡ଼ି ହୋଇ ନ ଥିବାରୁ ପରୋକ୍ଷରେ ଏହାଦ୍ୱାରା ଶୋଷଣର ଶିକାର ହେଉଛନ୍ତି ଭକ୍ତ। ଅନେକ ବ୍ୟକ୍ତି ଅଛନ୍ତି ଯେଉଁମାନେ ସେବକ ପରିଚୟ ଦେଇ ଦର୍ଶନ କରାଇଦେବାକୁ କହି ଶ୍ରଦ୍ଧାଳୁଙ୍କଠାରୁ ମୋଟା ଅଙ୍କର ଟଙ୍କା ନେଉଛନ୍ତି। ଯେଉଁମାନେ ସେମାନଙ୍କ କଥାରେ ରାଜି ହେଉନାହାନ୍ତି ସେମାନଙ୍କୁ ଗାଳିମନ୍ଦ କରୁଛନ୍ତି। ଏପରି କି ଜୋରଜବରଦସ୍ତ ଟଙ୍କା ଛଡ଼ାଇ ନେଉଛନ୍ତି। ଗୁରୁବାର ମଧ୍ୟାହ୍ନରେ ପଶ୍ଚିମବଙ୍ଗର ଗୌରାଙ୍ଗ ଘଡେଇଙ୍କ ପରିବାର ଏଭଳି ଜୁଲମର ଶିକାର ହୋଇଛନ୍ତି। ସିଂହଦ୍ୱାର ସମ୍ମୁଖରେ ସେମାନେ ପାଦ ଧୋଉଥିବାବେଳେ ସତ୍ୟ ନାରାୟଣ ଦାଶ ପହଞ୍ଚି ନିଜକୁ ସେବକ ବୋଲି ପରିଚୟ ଦେଇଥିଲେ। ସେମାନଙ୍କୁ ମନ୍ଦିର ବୁଲାଇ ଦେବେ ବୋଲି କହିଥିଲେ। ଏଥିରେ ଗୌରାଙ୍ଗ ଅମଙ୍ଗ ହେବାରୁ ସତ୍ୟନାରାୟଣ ସେମାନଙ୍କ ସହ ଯୁକ୍ତିତର୍କ କରିଥିଲେ। ଏପରି କି, ତାଙ୍କ ଟଙ୍କା ଛଡ଼ାଇ ନେଇଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ହାତାହାତି ପର୍ଯ୍ୟନ୍ତ କଥା ଯାଇଥିଲା। ଏଥିରେ ଗୌରାଙ୍ଗଙ୍କ ସ୍ତ୍ରୀ କାନ୍ଦି ପକାଇଥିଲେ। ପୋଲିସ ପହଞ୍ଚି ଘଟଣା ବିଷୟରେ ବୁଝାଶୁଝା କରିଥିଲା। ପରେ ଗୌରାଙ୍ଗଙ୍କ ଅଭିଯୋଗ ଭିତ୍ତିରେ ସତ୍ୟନାରାୟଣଙ୍କୁ ଗିରଫ କରାଯାଇଥିବା ଜଣାପଡ଼ିଛି। କେବଳ ଏହି ଗୋଟିଏ ଘଟଣା ନୁହେଁ, ପ୍ରତିଦିନ ଏମିତି ହେଉଛି। ଗତ ୯ ତାରିଖରେ ମନ୍ଦିର ଭିତରେ ଦିଲ୍ଲୀର ଏକ ପରିବାରକୁ ଦୁର୍ବ୍ୟବହାର ଓ ମାଡ଼ ମରାଯାଇଥିବା ନେଇ ଅଭିଯୋଗ ହୋଇଥିଲା। କେତେଜଣଙ୍କ ବ୍ୟକ୍ତିଗତ ସ୍ୱାର୍ଥ ପାଇଁ ଶ୍ରୀମନ୍ଦିର ବଦ୍‌ନାମ ହେବାରେ ଲାଗିଛି।

ଏ ସମ୍ପର୍କରେ ଏସ୍‌ପି ଉମାଶଙ୍କର ଦାଶ କହିଛନ୍ତି, ଏଥିଲାଗି ଫାଣ୍ଡିକୁ ଅଧିକ ସତର୍କ କରାଯାଇଛି। ଏଭଳି ଅଭିଯୋଗ ଆସିଲେ ତୁରନ୍ତ ଜଣାଇବାକୁ କୁହାଯାଇଛି। ମନ୍ଦିର ଭିତରେ ରହୁଥିବା ପୋଲିସଙ୍କୁ ବି ଏଥିପ୍ରତି ନଜର ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ସେବାୟତ ହୁଅନ୍ତୁ ବା ଅଣସେବାୟତ ଭକ୍ତଙ୍କ ସହିତ ଏପରି ବ୍ୟବହାର ଯେ କେହି କରିବେ ତାଙ୍କ ବିରୋଧରେ ନିଶ୍ଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସୁରକ୍ଷା ଏବଂ ଭିଡ଼ ନିୟନ୍ତ୍ରଣ ଦୃଷ୍ଟିରୁ ସେବକ ଓ କର୍ମଚାରୀଙ୍କ ପରିଚୟପତ୍ର ରହିବା କଥା ବୋଲି ଏସ୍‌ପି କହିଛନ୍ତି।



- ଦର୍ଶନ କରାଇବାକୁ କହି ଶୋଷଣ
- ସେବକଙ୍କୁ ବଣ୍ଟାଯାଉନି ପରିଚୟପତ୍ର
- ତିକ୍ତ ଅନୁଭୂତି ସାଉଣ୍ଟି ଫେରୁଛନ୍ତି ଭକ୍ତ

## ଅଭିରାମ ପରମହଂସଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ପାଳିତ

ବ୍ରହ୍ମଗିରି,୨୪।୧(ଡି.ଏନ.ଏ):

ଓଡ଼ିଶା ସାହିତ୍ୟ ଏକାଡେମୀ ଓ ବ୍ରହ୍ମଗିରି ଐତିହ୍ୟ ପରିଷଦର ମିଳିତ ଆନୁକୂଲ୍ୟରେ ଜଗଦ୍‌ଗୁରୁ ଠାକୁର ଶ୍ରୀ ଅଭିରାମ ପରମହଂସଙ୍କ ୧୧୭ତମ ରାଜ୍ୟସ୍ତରୀୟ ଜୟନ୍ତୀ ଶୁକ୍ରବାର ପାଳିତ ହୋଇଯାଇଛି। ବ୍ରହ୍ମଗିରି ବ୍ଲକ ଅନ୍ତର୍ଗତ ମାତଲାପୁରରେ ବ୍ରହ୍ମଗିରି ଐତିହ୍ୟ ପରିଷଦର ସ୍ଥାୟୀ ସଭାପତି କାଶୀନାଥ ନାୟକଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ଐତିହ୍ୟ ପରିଷଦ ସମ୍ପାଦକ ଦେବୀପ୍ରସାଦ ନନ୍ଦ ଯୋଗଦେଇ ଅଭିରାମ ସମାଜସଂସ୍କାରକ ଥିଲେ ବୋଲି କହିଥିଲେ। ଅନ୍ୟ ଅତିଥି ଭାବେ ଐତିହ୍ୟ ବିଶାରଦ ଡ. ସୁରେନ୍ଦ୍ର ମିଶ୍ର ଯୋଗଦେଇ ଅଭିରାମ କଳିଭାଗତ ରଚନା କରି ଦେଶ ସ୍ୱାଧୀନତା ପାଇଁ ଜାଗରଣ ସୃଷ୍ଟି କରିଥିଲେ ବୋଲି କହିଥିଲେ। ଏଥିସହ ଓଡିଆ ସାହିତ୍ୟ କ୍ଷେତ୍ରରେ ଅଭିରାମଙ୍କ ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ଅନ୍ୟାନ୍ୟ ଅତିଥିଭାବେ ସିଦ୍ଧେଶ୍ୱର ମହାପାତ୍ର, ନୀଳମଣି ସୁଆର, ଦାମୋଦର ପରିଡା ଉପସ୍ଥିତ ରହିଥିଲେ। ଏହି କାର୍ଯ୍ୟକ୍ରମକୁ ପ୍ରିୟପ୍ରସାଦ ମିଶ୍ର ପରିଚାଳନା କରିଥିଲେ।



ସୁପ୍ରିମ୍‌କୋର୍ଟ ବିଚାରପତି ଜଷ୍ଟିସ ନାଥୁଲାପତି ଭେଙ୍କଟ ରମଣ ସସ୍ତ୍ରୀକ ଶୁକ୍ରବାର ମହାପ୍ରଭୁଙ୍କୁ ଦର୍ଶନସାରି ଫେରୁଛନ୍ତି।

## ଶିକ୍ଷକ, କର୍ମଚାରୀ ସଂଘର ସାଧାରଣ ବୈଠକ

ପୁରୀ ଅଫିସ,୨୪।୧:

ପୁରୀ ଜିଲା ଅବସରପ୍ରାପ୍ତ ଶିକ୍ଷକ ଓ କର୍ମଚାରୀ ସଂଘର ଏକ ସାଧାରଣ ବୈଠକ ବେଲଦଳଠାରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ଲକ୍ଷ୍ମୀଧର ତ୍ରିପାଠୀଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ଅବସରପ୍ରାପ୍ତ ଶିକ୍ଷକ, କର୍ମଚାରୀଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଅବସରପ୍ରାପ୍ତ ପୌର କର୍ମଚାରୀଙ୍କ ସପ୍ତମ ବେତନ କମିଶନ ଅନୁସାରେ ପେନ୍‌ସନ ପ୍ରଦାନ ନେଇ ସରକାରୀ ନିର୍ଦ୍ଦେଶନାମାକୁ ସଂଘ ସ୍ୱାଗତ କରିଛି। ନିମାପଡ଼ାରୁ ଅବସରଗ୍ରହଣ କରିଥିବା ପୂର୍ବତନ ବିଇଓଙ୍କ ପେନସନ୍ ସଂକ୍ରାନ୍ତ କାଗଜପତ୍ର ଉଚ୍ଚ କର୍ତ୍ତୃପକ୍ଷଙ୍କୁ ପଠାଇବାରେ ସ୍ଥାନୀୟ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ କର୍ତ୍ତୃପକ୍ଷ ଅବହେଳା କରିବା ଓ ଅନ୍ୟ କେତେଜଣ ଅବସରପ୍ରାପ୍ତ କର୍ମଚାରୀଙ୍କ ପେନସନ କାଗଜପତ୍ର ନ ହେବା ନେଇ ବୈଠକରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ଏହି ସବୁ ସମସ୍ୟାର ସମାଧାନ ପାଇଁ ଜିଲାପାଳ ଏବଂ ଶିକ୍ଷା ବିଭାଗରେ ଅଭିଯୋଗ କରାଯିବ ବୋଲି ସମ୍ପାଦକ ବିଶ୍ୱନାଥ ବେହେରା କହିଛନ୍ତି। ଏହି ବୈଠକରେ ବ୍ରହ୍ମାନନ୍ଦ ଦାସ, ରମେଶ ଚନ୍ଦ୍ର ବଳିଆରସିଂ, ସନ୍ତୋଷ ମହାନ୍ତି, ସଦାନନ୍ଦ ସ୍ୱାଇଁ, ଲିଙ୍ଗରାଜ ଦାସ, କୈଳାସ ରାୟ, କାର୍ତ୍ତିକ ଦାସ, ଦାଶରଥି ମହାପାତ୍ର ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଆଶାଲତା ପ୍ରଧାନ, ବିଜୟ ଚରଣ ମହାନ୍ତି ଓ ଗଣେଶ୍ୱର ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## କିନ୍ନରଙ୍କ ଅଧିକାର ନେଇ ସଚେତନତା ଶୋଭାଯାତ୍ରା

- ସମାଜରେ ମର୍ଯ୍ୟାଦାର ସହ ବଞ୍ଚିବା ଅଧିକାର ରହିଛି

ପୁରୀ ଅଫିସ,୨୪।୧:

ପୁରୀ ଜିଲା ଆଇନସେବା ପ୍ରାଧିକରଣ ଆନୁକୂଲ୍ୟରେ କିନ୍ନରଙ୍କ ଅଧିକାରକୁ ନେଇ ଏକ ସଚେତନତା ଶୋଭାଯାତ୍ରା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି ଶୋଭାଯାତ୍ରା ସିଂହଦ୍ୱାରଠାରୁ ବାହାରି କୋର୍ଟ କାର୍ଯ୍ୟାଳୟ ନିକଟରେ ସମାପ୍ତ ହୋଇଥିଲା। ଏଥିରେ କିନ୍ନର ମହାସଂଘ ପୁରୀ ଜିଲାର ସମସ୍ତ କର୍ମକର୍ତ୍ତା, ପାରାଲିଗାଲ ସ୍ୱେଚ୍ଛାସେବୀ, ବିଚାର ବିଭାଗୀୟ ଅଧିକାରୀମାନେ ସାମିଲ ହୋଇଥିଲେ। ପ୍ରାଧିକରଣ କାର୍ଯ୍ୟାଳୟ ପରିସରରେ କିନ୍ନରଙ୍କ ଅଧିକାର ଉପରେ ଏକ ଆଲୋଚନାଚକ୍ର ହୋଇଥିଲା। ଜିଲା ଓ ଦୌରାଜଜ୍ ବିଦ୍ୟୁତ୍ କୁମାର ମିଶ୍ର ଯୋଗଦେଇ କହିଥିଲେ, ସମାଜରେ କିନ୍ନରଙ୍କ ସମାନ ଅଧିକାର ରହିଛି। ପ୍ୟାନେଲ ଆଇନଜୀବୀ ଶୁଭ୍ରାନ୍ତ ମିଶ୍ର ଓ ଶର୍ବାଣୀ ଦାଶ, ପ୍ରାଧିକରଣ ସଚିବ ଅମରେଶ ମହାପାତ୍ର ଉପସ୍ଥିତ ଥିଲେ। କିନ୍ନରମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଦେବକୀ କିନ୍ନର କହିଥିଲେ।

## 'ମଦ ବିକ୍ରି ବନ୍ଦ ଅଭିଯାନରେ ସାମିଲ୍ ହୁଅ'



କାର୍ଯ୍ୟକ୍ରମରେ ବିଧାୟକ ପ୍ରଦୀପ ମହାରଥୀ ଉଦ୍‌ବୋଧନ ଦେଉଛନ୍ତି।

ପିପିଲି,୨୪।୧(ଡି.ଏନ୍.ଏ.):

ପିପିଲି ଡେ଼ଲାଙ୍ଗ ନିର୍ବାଚନମଣ୍ଡଳୀରୁ ଆରମ୍ଭ ହେବ ଚୋରା ମଦ ବିକ୍ରି ବନ୍ଦ ଅଭିଯାନ। ଏଥିରେ ସମସ୍ତେ ମହିଳା ସହଯୋଗ କରିବା ସହ ସାମିଲ୍ ହେବାକୁ ବିଧାୟକ ପ୍ରଦୀପ ମହାରଥୀ ଆହ୍ୱାନ ଦେଇଛନ୍ତି। ମଙ୍ଗଳପୁର ଠାରେ ଓଡ଼ିଶା ଜୀବିକା ମିଶନ ପକ୍ଷରୁ ଶୁକ୍ରବାର ମଙ୍ଗଳପୁର ପଞ୍ଚାୟତ ସ୍ତରୀୟ ସଂଘ ବାର୍ଷିକୀ ଉତ୍ସବ ଏବଂ ଆଦର୍ଶ କଲ୍ୟାଣ ମଣ୍ଡପର ଉଦ୍‌ଘାଟନ ଅବସରରେ ମୁଖ୍ୟଅତିଥି ଭାବେ ବିଧାୟକ ମହାରଥୀ ଯୋଗଦେଇ ଏହା କହିଛନ୍ତି। ସେ ଆହୁରି କହିଥିଲେ ଯେ, ମହିଳାମାନଙ୍କୁ ମାଛ ଚାଷ ପାଇଁ ଋଣ ଯୋଗାଇ ଦେବା, ଫନୀ ବାତ୍ୟା ପରେ ବ୍ଲକକୁ ୧୯ ହଜାର ଘର ଆସିଥିବା ପ୍ରକାଶ କରିଥିଲେ। ସରପଞ୍ଚ ଅମୀୟ କୁମାର ପରିଡ଼ା ଏଥିରେ ଅଧ୍ୟକ୍ଷତା କରିଥିଲେ। ସମ୍ମାନିତ ଅତିଥିଭାବେ ଯୁଧିଷ୍ଠିର ସାଇଁ, କଳ୍ପନା ସାମନ୍ତରାୟ, ଧରଣୀ ସାହୁ, ପ୍ରଫୁଲ୍ଲ ସାଇଁ, ଗୀତାଞ୍ଜଳି ଦାସ ଓ କିଶୋର ଛୋଟରାୟ ପ୍ରମୁଖ ଯୋଗଦେଇଥିଲେ।

# କୋଣାର୍କ ମନ୍ଦିର କଥା ବୁଝିବ କେନ୍ଦ୍ର

ଭୁବନେଶ୍ୱର, ୨୪।୧(ବ୍ୟୁରୋ)

- ଏଏସ୍‌ଆଇ ସହ ଆଲୋଚନା କରାଯିବ: କେନ୍ଦ୍ର ପର୍ଯ୍ୟଟନ ମନ୍ତ୍ରୀ
- କେନ୍ଦ୍ର ସରକାର ଆଣିବେ ନୂତନ ପର୍ଯ୍ୟଟନ ନୀତି

ବିଶ୍ୱ ଐତିହ୍ୟସ୍ଥଳୀ କୋଣାର୍କ ସୂର୍ଯ୍ୟମନ୍ଦିରର ଟିକିନିଖି ଖବର ରଖିବେ କେନ୍ଦ୍ର ସରକାର। ମନ୍ଦିର ସଂରକ୍ଷଣଠାରୁ ଆରମ୍ଭକରି ପୁନରୁଦ୍ଧାର କାର୍ଯ୍ୟ ପର୍ଯ୍ୟନ୍ତ, ସବୁକିଛି କେନ୍ଦ୍ର ତତ୍ତ୍ୱାବଧାନରେ ହେବ। ଏ ନେଇ ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା(ଏଏସ୍‌ଆଇ) ସହ କେନ୍ଦ୍ର ସରକାର ଆଲୋଚନା କରିବେ ବୋଲି କେନ୍ଦ୍ର ପର୍ଯ୍ୟଟନ ମନ୍ତ୍ରୀ ପ୍ରହ୍ଲାଦ ସିଂ ପଟେଲ କହିଛନ୍ତି।

କୋଣାର୍କ ଇକୋ ରିଟ୍ରିଟ୍‌ରେ ଚାଲିଥିବା ଦୁଇଦିନିଆ ଜାତୀୟ ପର୍ଯ୍ୟଟନ ସମ୍ମିଳନୀରେ ଯୋଗଦେବାକୁ ଆସିଥିବା ଅବସରରେ ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚି କେନ୍ଦ୍ରମନ୍ତ୍ରୀ ପଟେଲ ଗଣମାଧ୍ୟମକୁ ସୂଚନା ଦେଇ ଏହା କହିଥିଲେ। ସେ ଆହୁରି କହିଛନ୍ତି, ବର୍ତ୍ତମାନ ସମୟରେ କୋଣାର୍କ ସୂର୍ଯ୍ୟମନ୍ଦିରରେ ଚାଲିଥିବା ମରାମତି ଓ ସଂରକ୍ଷଣ କାର୍ଯ୍ୟ ସମ୍ପର୍କରେ ସେ ଏଏସ୍‌ଆଇ କର୍ତ୍ତୃପକ୍ଷଙ୍କ ସହ ପୁଙ୍ଖାନୁପୁଙ୍ଖ ଆଲୋଚନା କରିବେ। ଏଏସ୍‌ଆଇ କୋଣାର୍କ ମନ୍ଦିରର କାରୁକାର୍ଯ୍ୟପୂର୍ଣ୍ଣ ପଥରକୁ କାଢି ସାଦା ପଥର ଖଞ୍ଜି ଦେଉଥିବା ବାରମ୍ବାର ଅଭିଯୋଗ ହୋଇଛି। ସେହିଭଳି ମନ୍ଦିରରୁ ବର୍ଷାଜଳ ନିଷ୍କାସନ ପାଇଁ ହୋଇଥିବା ଡ୍ରେନେଜ୍ ବ୍ୟବସ୍ଥା ମଧ୍ୟ ସନ୍ତୋଷଜନକ ନୁହେଁ ବୋଲି କୁହାଯାଇଛି। ସୂର୍ଯ୍ୟମନ୍ଦିରରେ ଲାଗିରହିଥିବା ଏହି ସମସ୍ୟାର ସମୀକ୍ଷା କରିବାର ସମୟ ଆସିଛି। ଏଥିସହ କେନ୍ଦ୍ର ସରକାର ଖୁବ୍‌ଶୀଘ୍ର ନୂତନ ପର୍ଯ୍ୟଟନ ନୀତି ଆଣିବାକୁ ଯାଉଥିବା କେନ୍ଦ୍ରମନ୍ତ୍ରୀ ସୂଚନା ଦେଇଥିଲେ। ଏହି ଗସ୍ତ ଅବସରରେ ପୁରୀରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ହେଉଥିବା ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ ସମ୍ପର୍କରେ ମଧ୍ୟ ସେ ସମୀକ୍ଷା କରିବେ ବୋଲି କହିଥିଲେ। ଶ୍ରୀଜଗନ୍ନାଥ ମନ୍ଦିର ଓ କୋଣାର୍କ ସୂର୍ଯ୍ୟ ମନ୍ଦିର ବ୍ୟତୀତ ଓଡ଼ିଶାରେ ଏକାଧିକ ଅନାଲୋଚିତ ଓ ଅଜଣା ପର୍ଯ୍ୟଟନସ୍ଥଳୀ ରହିଛି, ଯାହାକି ଦେଶ ବିଦେଶର ପର୍ଯ୍ୟଟକଙ୍କ ପାଇଁ ଏବେ ଆକର୍ଷଣର କେନ୍ଦ୍ରବିନ୍ଦୁ ସାଜିଛି। ବିଶେଷକରି ସୁଦୀର୍ଘ ବେଳାଭୂମି, ବିସ୍ତୃତ ଜଙ୍ଗଲ, ପାହାଡ଼, ଝରଣା ଭଳି ଏକାଧିକ ଉପାଦାନ ଓଡ଼ିଶାର ଉତ୍କୃଷ୍ଟ ପର୍ଯ୍ୟଟନ ସମ୍ଭଳକୁ ବର୍ଣ୍ଣନା କରୁଥିବା କେନ୍ଦ୍ରମନ୍ତ୍ରୀ ପ୍ରକାଶ କରିଥିଲେ।

## ସାମାଜିକ କର୍ମୀଙ୍କୁ ମେଡିକାଲ କର୍ମଚାରୀଙ୍କ ଆକ୍ରମଣ

ପୁରୀ ଅଫିସ,୨୪।୧:

ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟରେ ସାମାଜିକ କର୍ମୀ ବିଶ୍ୱଜିତ ମହାନ୍ତିଙ୍କୁ ଶୁକ୍ରବାର ଅପରାହ୍ନରେ ସିଡିଏମ୍‌ଓଙ୍କ କାର୍ଯ୍ୟାଳୟରେ କେତେଜଣ ମେଡିକାଲ କର୍ମଚାରୀ ଆକ୍ରମଣ କରିଥିବା ନେଇ କୁମ୍ଭାରପଡ଼ା ଥାନାରେ ଅଭିଯୋଗ କରିଛନ୍ତି। ଏ ନେଇ ସୋସିଆଲ ମିଡିଆରେ ଏକ ଭିଡିଓ ଭାଇରାଲ ହୋଇଛି। ଭିଡିଓରେ ବିଶ୍ୱଜିତଙ୍କୁ କେତେଜଣ କର୍ମଚାରୀ ଠେଲାପେଲା କରୁଥିବା ଦୃଶ୍ୟ ରହିଛି। ଅନ୍ୟପଟେ ତାଙ୍କୁ କେହି ଠେଲାପେଲା ଅଥବା ଆକ୍ରମଣ କରି ନ ଥିବା ମେଡିକାଲର ଜଣେ ଉଚ୍ଚପଦସ୍ଥ ଅଧିକାରୀ କହିଛନ୍ତି। ଏହି ଘଟଣା ସମ୍ପର୍କରେ ସାହିଭାଇ ଅନୁଷ୍ଠାନ ସମ୍ପାଦକ ଚନ୍ଦ୍ରଶେଖର ମିଶ୍ର, ଭାଜପା ଯୁବମୋର୍ଚ୍ଚା ସଭାପତି ଜୟନ୍ତ ଦାଶ, ଯୁବ କଂଗ୍ରେସ ନେତା ଆଲୋକ ଦାଶଙ୍କ ସମେତ ଶତାଧିକ କର୍ମୀ ଥାନାରେ ପହଞ୍ଚି ସିଟି ଡିଏସ୍‌ପି କ୍ଷୀରସାଗର ନାୟକ ଓ ଥାନା ଅଧିକାରୀ କୁଳମଣି ସେଠୀଙ୍କ ସହ ଆଲୋଚନା କରିଛନ୍ତି।

ଅଭିଯୋଗରେ ଦର୍ଶାଯାଇଛି ଯେ, ସାହିଭାଇ ଅନୁଷ୍ଠାନର ସଦସ୍ୟ ବିଶ୍ୱଜିତ ମେଡିକାଲର ବିଭିନ୍ନ ପ୍ରସଙ୍ଗକୁ ନେଇ ଆର୍‌ଟିଆଇରେ ତଥ୍ୟ ମାଗିଥିଲେ। ଏହାର ରିପୋର୍ଟ ଆଣିବା ଲାଗି ଶୁକ୍ରବାର ମେଡିକାଲକୁ ଯାଇଥିଲେ। ମେଡିକାଲର ସୂଚନା ଅଧିକାରୀ ତାଙ୍କୁ କିଛି ସମୟ ଅପେକ୍ଷା କରିବାକୁ କହିଥିଲେ। ତେବେ ବିଶ୍ୱଜିତ ବାହାରେ ବସି ମୋବାଇଲରେ କୌଣସି ଏକ ଭିଡିଓ ଦେଖୁଥିଲେ। ଏହି ସମୟରେ କେତେଜଣ ମେଡିକାଲ କର୍ମଚାରୀ ସେଠାରେ ପହଞ୍ଚି କାହିଁକି ଆମ ମେଡିକାଲ କାର୍ଯ୍ୟାଳୟରେ ବସି ଭିଡିଓ ଭାଇରାଲ କରୁଛନ୍ତି କହି ପାଟିତୁଣ୍ଡ କରିଥିଲେ। ପରେ ଯୁକ୍ତିତର୍କ ହୋଇ ପରସ୍ପର ମଧ୍ୟରେ ମୁହାଁମୁହିଁ ହୋଇଥିଲେ। କେତେଜଣ କର୍ମଚାରୀ ଉତ୍ତ୍ୟକ୍ତ ହୋଇ ବିଶ୍ୱଜିତଙ୍କୁ ଠେଲାପେଲା କରିବା ସହ ମାଡ଼ ମାରିଥିବା ନେଇ ସେ ଅଭିଯୋଗରେ ଦର୍ଶାଇଛନ୍ତି। କିନ୍ତୁ ଏହି ସମୟରେ କେହିଜଣେ ସେଠାରେ ମାରପିଟ୍ ସମୟର ଭିଡିଓ କରି ସୋସିଆଲ ମିଡିଆରେ ଭାଇରାଲ କରିଦେଇଥିଲେ। ଘଟଣାର ତଦନ୍ତ କରାଯିବ ବୋଲି ଥାନାଧିକାରୀ ସେଠୀ କହିଛନ୍ତି।

# କାର୍ଯ୍ୟକ୍ଷମ ହେବ ଅଚଳ ସିସିଟିଭି: ଏସ୍‌ପି

ପୁରୀ ଅଫିସ,୨୪।୧:

ଶ୍ରୀକ୍ଷେତ୍ରର ବିଭିନ୍ନ ସ୍ଥାନରେ ଲାଗିଥିବା ସିସିଟିଭିଗୁଡ଼ିକ ଫନୀ ବାତ୍ୟାରେ ଅଚଳ ହୋଇପଡ଼ିଥିଲା। ରଥଯାତ୍ରା ସମୟରେ ପୁରୀ ପୋଲିସ ପକ୍ଷରୁ ବଡଦାଣ୍ଡରେ ଲାଗିଥିବା ସିସିଟିଭିକୁ ମରାମତି କରାଯାଇଥିବାବେଳେ ଅନ୍ୟ ଅଞ୍ଚଳର ସିସିଟିଭିଗୁଡ଼ିକ ସେମିତି ଅଚଳ ଅବସ୍ଥାରେ



ରହିଛି। ଏଥିଯୋଗୁ ଅନେକ ସମୟରେ ଦୁର୍ବୃତ୍ତଙ୍କୁ ଚିହ୍ନଟ କରି ଧରିବା ପାଇଁ ପୋଲିସ ପକ୍ଷେ ସମସ୍ୟା ହେଉଛି। କିଛିଦିନ ତଳେ ପୋଲିସ ପରିଚୟ ଦେଇ ପୁରୁଣା ସଦର ଥାନା ଛକ, ଟାଉନହଲ ଛକ, ବଡଶଙ୍ଖ ପ୍ରଭୃତି ଅଞ୍ଚଳରୁ ଲୁଟ ହୋଇଥିଲା। ଅଚଳ ସିସିଟିଭି ଯୋଗୁ ପୋଲିସକୁ କୌଣସି ସୁରାକ ମିଳି ନ ଥିଲା। ଏଥିଯୋଗୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଏ ନେଇ ଏସ୍‌ପି ଉମାଶଙ୍କର ଦାଶ କହିଛନ୍ତି, ବାତ୍ୟାରେ ସିସିଟିଭି ଅଚଳ ହୋଇପଡ଼ିଥିଲା। ଖୁବଶୀଘ୍ର ସମସ୍ତ ଅଚଳ ସିସିଟିଭିକୁ କାର୍ଯ୍ୟକ୍ଷମ କରାଯିବ। ଆଉ କେତେକ ସ୍ଥାନରେ ମଧ୍ୟ ସିସିଟିଭି ଖଞ୍ଜାଯିବ।

### ଅନ୍‌ଲାଇନ ଠକେଇ ରୋକିବାକୁ ସଚେତନ କରାଯିବ

ଦିନକୁ ଦିନ ସାଇବର କ୍ରାଇମ ବଢିବାରେ ଲାଗିଛି। ଅନଲାଇନ ଠକେଇ, ବ୍ୟାଙ୍କ ଆକାଉଣ୍ଟ ଏବଂ ଏଟିଏମ୍‌ରୁ ଟଙ୍କା ଗାଏବ ଭଳି ଅଭିଯୋଗ ବୃଦ୍ଧି ପାଇଛି। ନିକଟରେ ଜଣେ ବ୍ୟକ୍ତିଙ୍କ ଆକାଉଣ୍ଟରୁ ଲକ୍ଷାଧିକ ଟଙ୍କା ଗାଏବ ହେବା ନେଇ ସହରରେ ଚହଳ ସୃଷ୍ଟି ହୋଇଥିଲା। ଏ ନେଇ ଏସ୍‌ପି କହିଛନ୍ତି, କୌଣସି ବ୍ୟକ୍ତି ଅନଲାଇନ ଠକେଇର ଶିକାର ହେଲେ ତୁରନ୍ତ ନିକଟସ୍ଥ ଥାନାରେ ଅଭିଯୋଗ କରି ପୋଲିସ ନଜରକୁ ଆଣିବା ଦରକାର। ଆକାଉଣ୍ଟ ଅଥବା ଏଟିଏମ୍‌ରୁ ଟଙ୍କା ଗାଏବ ଘଟଣା ସମ୍ପର୍କରେ ବ୍ୟାଙ୍କ ନଜରକୁ ଆଣନ୍ତୁ। ଏ ନେଇ ଗ୍ରାହକମାନଙ୍କୁ ସଚେତନ କରିବାକୁ ବିଭିନ୍ନ ବ୍ୟାଙ୍କର କର୍ତ୍ତୃପକ୍ଷଙ୍କୁ କୁହାଯିବ। ସେହିପରି ପୋଲିସ ପକ୍ଷରୁ ମଧ୍ୟ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯିବ।

### ଶ୍ରୀକ୍ଷେତ୍ର ହେବ ଅପରାଧ ଓ ନିଶାମୁକ୍ତ

ଟୁଇନ ସିଟିରେ ଧରପଗଡ଼ ପରେ ନିଶାବେପାରୀଙ୍କ ଦୃଷ୍ଟି ଏବେ ପୁରୀ ସହର ଉପରେ ପଡ଼ିଛି। ଗତ କିଛି ମାସ ହେଲା ଏଠାରେ ବ୍ରାଉନସୁଗାର କାରବାର ବୃଦ୍ଧି ପାଇଛି। ଏଥିଯୋଗୁ ଯୁବପିଢି ପ୍ରଭାବିତ ହୋଇ ପଥଭ୍ରଷ୍ଟ ହେଉଛନ୍ତି। ଏ ନେଇ ଏସ୍‌ପି ଦାଶ କହିଛନ୍ତି ଯେ, ନିଶା କାରବାର ଉପରେ ପୁରୀ ପୋଲିସର ତୀକ୍ଷ୍ଣ ନଜର ରହିଛି। ନିଶା କାରବାର ହେଉଥିବା ଅଞ୍ଚଳରେ ଧରପଗଡ଼ ଚାଲିଛି। ନିକଟରେ କୁମ୍ଭାରପଡ଼ା ଥାନା ପୋଲିସ ନରେନ୍ଦ୍ରକୋଣ ଅଞ୍ଚଳରୁ ବ୍ରାଉନସୁଗାର କାରବାର ଅଭିଯୋଗରେ ତିନିଜଣଙ୍କୁ ଗିରଫ କରିଥିଲା। ଶ୍ରୀକ୍ଷେତ୍ରକୁ ଅପରାଧ ଓ ନିଶା କାରବାରମୁକ୍ତ ଅଞ୍ଚଳ କରିବା ଲାଗି ପ୍ରୟାସ ଜାରି ରହିଛି। କୌଣସି ଅପରାଧମୂଳକ କାର୍ଯ୍ୟକୁ ପ୍ରଶ୍ରୟ ଦିଆଯିବ ନାହିଁ।

### ଭକ୍ତ, ପର୍ଯ୍ୟଟକଙ୍କ ସୁରକ୍ଷାକୁ ପ୍ରାଥମିକତା

ମହାପ୍ରଭୁଙ୍କ ଦର୍ଶନ ସହ ସ୍ୱର୍ଣ୍ଣାଭ ବେଳାଭୂମି ବୁଲିବା ପାଇଁ ଭକ୍ତ ଓ ପର୍ଯ୍ୟଟକମାନେ ଏଠାକୁ ଛୁଟିଆସନ୍ତି। ଅନେକ ସମୟରେ ଭକ୍ତ ଓ ପର୍ଯ୍ୟଟକ ଆକ୍ରମଣର ଶିକାର ହେଉଥିବା ନେଇ ଗଣମାଧ୍ୟମରେ ଖବର ପ୍ରକାଶ ପାଉଛି। ଏ ନେଇ ଏସ୍‌ପି ଦାଶ କହିଛନ୍ତି, ଶ୍ରୀକ୍ଷେତ୍ରର ସୌନ୍ଦର୍ଯ୍ୟକରଣ ଜାରି ରହିଥିବାରୁ ପର୍ଯ୍ୟଟକଙ୍କ ଭିଡ଼ ଜମୁଛି। ଏହାକୁ ଦୃଷ୍ଟିରେ ରଖି ଭକ୍ତ ଓ ପର୍ଯ୍ୟଟକଙ୍କ ସୁରକ୍ଷାକୁ ପ୍ରାଥମିକତା ଦିଆଯାଉଛି। ଏଥିଲାଗି ହେଲପ୍ ଲାଇନ ନମ୍ବର ଜାରି ହୋଇଛି। ସେହିପରି ବେଳାଭୂମିରେ ଟ୍ରାଫିକ ନିୟନ୍ତ୍ରଣ ଉପରେ ଗୁରୁତ୍ୱ ଦିଆଯାଇଛି।